କାମଶାସ୍ତ୍ର

ଦ୍ୱିତୀୟ ଖଣ୍ଡ

ଅନୁବାଦକ : ଶ୍ରୀନିବାସ ଉଦ୍‌ଗାତା

ନାଟ୍ୟଶାସ୍ତ୍ର

ମୂଳ ସଂସ୍କୃତ ଶ୍ଳୋକସହ ଓଡ଼ିଆ ଅନୁବାଦ

(ଦ୍ୱିତୀୟ ଖଣ୍ଡ : ଦ୍ୱାଦଶ ଅଧ୍ୟାୟ ଠାରୁ ଉନବିଂଶ ଅଧ୍ୟାୟ)

ରଚନା : ଭରତ ମୁନି

ଅନୁବାଦ : ଶ୍ରୀ ଶ୍ରୀନିବାସ ଉଦ୍‌ଗାତା

ଓଡ଼ିଶା ସାହିତ୍ୟ ଏକାଡେମୀ

ନାଟ୍ୟଶାସ୍ତ୍ର

ମୂଳ ସଂସ୍କୃତ ଶ୍ଳୋକସହ ଓଡ଼ିଆ ଅନୁବାଦ

(ଦ୍ୱିତୀୟ ଖଣ୍ଡ : ଦ୍ୱାଦଶ ଅଧ୍ୟାୟ ଠାରୁ ଊନବିଂଶ ଅଧ୍ୟାୟ)

ରଚନା ଭରତ ମୁନି

ଅନୁବାଦକ ଶ୍ରୀ ଶ୍ରୀନିବାସ ଉଦ୍‌ଗାତା

ପ୍ରକାଶକ ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର -୧୪

ପ୍ରକାଶ କାଳ ପ୍ରଥମ ମୁଦ୍ରଣ - ୨୦୦୩

ପ୍ରଚ୍ଛଦ ଶ୍ରୀ ଶ୍ରୀନିବାସ ଉଦ୍‌ଗାତା

ମୁଦ୍ରଣ ପ୍ରେସ୍ ସନସାଇନ
ଶହୀଦ ନଗର, ଭୁବନେଶ୍ୱର

ମୂଲ୍ୟ *ଟ. ୮୦.୦୦*

NATYASHASTRA

Oriya Translation with Sanskrit Text

(Second Volume : 12th to 19th Chapter)

Written by :
Bharat Muni

Translated by :
Sri Srinibas Udgata

Published by :
Orissa Sahitya Akademi
Sanskrit Bhavan, Bhubaneswar

Published Year :
First Edition 2003

Cover Design :
Sri Srinivas Udgata

Printed at :
Press Sunshine
Saheed Nagar , Bhubaneswar

Price : **Rs. 80/-**

ISBN:81-7586-064-7

ଅଗ୍ରଲେଖ

ଭାରତର ନାଟ୍ୟକଳା ବିଷୟରେ ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ ଲେଖିଯାଇଛନ୍ତି ଭରତ, ଧନଞ୍ଜୟ, ରାମଚନ୍ଦ୍ର, ଗୁଣଚନ୍ଦ୍ର, ସାରଦାତନୟ, ବୈଦ୍ୟନାଥ, ଭୂପାଳସିଂହ, ବିଶ୍ୱନାଥ, ସାଗରନନ୍ଦୀ ପ୍ରଭୃତି ମହାନ ସାରସ୍ୱତ ସାଧକଗଣ । ଏମାନଙ୍କ ମଧ୍ୟରେ ଭରତ ହେଉଛନ୍ତି ସର୍ବପ୍ରାଚୀନ ଲେଖକ ଏବଂ ତାଙ୍କର ଆବିର୍ଭାବ ସମୟ ଖ୍ରୀଷ୍ଟପୂର୍ବ ବୋଲି ଅନୁମିତ ହୁଏ । ସଂସ୍କୃତ ନାଟ୍ୟଶାସ୍ତ୍ରର ଲେଖକ ଭରତ ମୁନି ଭାବରେ ଆଖ୍ୟାତ ହୋଇଥାଆନ୍ତି । ଗବେଷକଗଣ ଭରତମୁନିଙ୍କ ସମୟକୁ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀଠାରୁ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ହେବ ବୋଲି କଳ୍ପନା କରିଛନ୍ତି ।

ଭରତଙ୍କ 'ନାଟ୍ୟଶାସ୍ତ୍ର' ବିଷୟରେ ଅନେକ ପାଣ୍ଡିତ୍ୟପୂର୍ଣ୍ଣ ବ୍ୟାଖ୍ୟା ପରିଦୃଷ୍ଟ ହୁଏ । ଏହି ବ୍ୟାଖ୍ୟାକାରମାନଙ୍କ ମଧ୍ୟରେ ଅଭିନବଗୁପ୍ତ, ସାରଙ୍ଗଦେବ, ମାତୃଗୁପ୍ତାଚାର୍ଯ୍ୟ, ଉଦ୍ଭଟ, ଲୋଲ୍ଲଟ, ଶାଂକୁକ, ଭଟ୍ଟନାୟକ, ହର୍ଷ, କୀର୍ତ୍ତିଧର, ନାନ୍ୟଦେବ ପ୍ରଭୃତି ବିଶେଷ ଉଲ୍ଲେଖଯୋଗ୍ୟ ।

ଅଭିନବଗୁପ୍ତ ଭରତଙ୍କ ରଚନାକୁ ସୂତ୍ରଗ୍ରନ୍ଥ ବୋଲି ଆଖ୍ୟାତ କରିଛନ୍ତି । ପ୍ରସିଦ୍ଧ ନାଟ୍ୟକାର ଭବଭୂତି, ଭରତଙ୍କ ରଚନାକୁ କହିଛନ୍ତି – "ତୌର୍ଯ୍ୟତ୍ରିକ - ସୂତ୍ରକାର" । ମହାକବି କାଳିଦାସ ମଧ୍ୟ ଭରତଙ୍କୁ ସ୍ମରଣ କରିଛନ୍ତି ତାଙ୍କର 'ବିକ୍ରମୋର୍ବଶୀୟ" ନାଟକରେ । କାଳିଦାସ ନାଟକ ରଚନା କାଳରେ ଭରତଙ୍କ ଲେଖାଦ୍ୱାରା ଅନୁପ୍ରାଣିତ ହୋଇଥିଲେ ବୋଲି ଆଲୋଚନା କରାଯାଇଥାଏ । କାଳିଦାସ 'ବିକ୍ରମୋର୍ବଶୀୟ" ନାଟକରେ ଲେଖିଥିଲେ – "ମୁନିନା ଭରତେନ ଯଃ ପ୍ରୟୋଗୋ ଭବତୀଷ୍ୱଷ୍ଟ ରସାଶ୍ରୟଃ ପ୍ରଯୁକ୍ତଃ" ।

ତେବେ ଭରତମୁନିଙ୍କର ସଠିକ୍ ସମୟ ସ୍ଥିର ହୋଇ ନଥିଲେ ହେଁ ତାଙ୍କ ରଚିତ ନାଟ୍ୟଶାସ୍ତ୍ର ଭାରତୀୟ ଲଳିତକଳାର ଏକ ବିଶ୍ୱକୋଷ ବୋଲି ସ୍ୱୀକାର କରାଯାଇଥାଏ । ଏଥିରେ ଅଳଙ୍କାରଶାସ୍ତ୍ର, ସଙ୍ଗୀତଶାସ୍ତ୍ର ଓ ଛନ୍ଦଶାସ୍ତ୍ର ବିଷୟରେ ବିଶଦ ଆଲୋଚନା ସ୍ଥାନିତ ହୋଇଛି । ଭରତମୁନିଙ୍କୁ ରସ ସଂପ୍ରଦାୟର ମୁଖ୍ୟ ଆଚାର୍ଯ୍ୟ ଭାବରେ ସମ୍ମାନିତ କରାଯାଇଥାଏ । ସାହିତ୍ୟଶାସ୍ତ୍ରର ସର୍ବଶ୍ରେଷ୍ଠ ତତ୍ତ୍ୱ 'ରସ' ବିଷୟରେ ନାଟ୍ୟଶାସ୍ତ୍ରରେ ଆଲୋଚନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ବିଷୟରେ ବିଶିଷ୍ଟ ଆଲୋଚକ Mr. P. V. Kane ନାଟ୍ୟଶାସ୍ତ୍ର ବିଷୟରେ ଆଲୋଚନା କରି ମନ୍ତବ୍ୟ ପ୍ରଦାନ କରିଛନ୍ତି ଏହିପରି – "For several reasons the Natyashastra must be regarded as the oldest work on the theory of sanskrit poetics. The work contains the first exposition of the Rasa Theory and also contains considerable information upon many topics pertaining to Alankarasutra."

(History of Sanskrit Poetics – 1971)

ଭରତମୁନି ସାହିତ୍ୟ ସଂସାରରେ ନାଟକର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଯାଇଅଛନ୍ତି । ନାଟ୍ୟକଳାର ଆଲୋଚନା କ୍ଷେତ୍ରକୁ ଭରତମୁନିଙ୍କର 'ନାଟ୍ୟଶାସ୍ତ୍ର' ଏକ ଅବିସ୍ମରଣୀୟ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ ।

ଓଡ଼ିଶା ସାହିତ୍ୟ ଏକାଡେମୀ ନାନା କାରଣରୁ ଭରତ ମୁନିଙ୍କର ସମ୍ପୂର୍ଣ୍ଣ ନାଟ୍ୟକଳାର ଓଡ଼ିଆ ରୂପାନ୍ତର ପ୍ରକାଶ କରି ପାରିନଥିଲେ । ଏହି ପ୍ରକାଶିତ ପୁସ୍ତକର ପ୍ରଥମ ଭାଗ ଅନେକ ଦିନରୁ ଶେଷ ହୋଇଯାଇଥିବାରୁ ସୁଧୀଜନମଣ୍ଡଳୀଙ୍କ ଦ୍ୱାରା ଏହା ଆଦର ଲାଭ କରିଥିଲା ବୋଲି ଜଣାଯାଇଛି । ସୁଖର କଥା ବିଳମ୍ବ ହେଉପଛକେ, ଏହି ପ୍ରସିଦ୍ଧଗ୍ରନ୍ଥର ଦ୍ୱିତୀୟ ଭାଗ ଏକାଡେମୀ ଆନୁକୂଲ୍ୟରେ ପ୍ରକାଶିତ ହେଲା ।

ଆଶା କରାଯାଏ, ଓଡ଼ିଆ ସାହିତ୍ୟରେ ଏହା ଏକ ଅଭାବ ପୂରଣ କରିବା ସହିତ ପାଠକୀୟ ମର୍ଯ୍ୟାଦା ଲାଭ କରିବ ।

ପଠାଣି ପଟ୍ଟନାୟକ
ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

◆

ନାଟ୍ୟଶାସ୍ତ୍ର (ଦ୍ୱିତୀୟ ଖଣ୍ଡ)

ସୂଚୀପତ୍ର

ବିଷୟ	ଶ୍ଳୋକ	ପୃଷ୍ଠା
ଦ୍ୱାଦଶ ଅଧ୍ୟାୟ		
(ଗତି ପ୍ରଚାର, ଶ୍ଳୋକ ୧ -୨୨୮)		
ଗତିପ୍ରଚାର	୧	୧
ଚରିତ୍ରମାନଙ୍କର ରଂଗମଞ୍ଚରେ ପ୍ରବେଶ	୨-୩	୧
ଶରୀର ଭଙ୍ଗିମା	୪-୭	୧-୨
ପାଦର ତାଳ ବିଧାନ	୮-୯	୨
ପାଦର କଳା ବିଧାନ	୧୦-୧୧	୨
ପାଦର ଲୟ ବିଧାନ	୧୨-୧୪	୩
ସ୍ୱାଭାବିକ ଗତି	୧୫-୨୨	୩-୪
ଉତ୍ତମ ପାତ୍ରଙ୍କର ଗତି	୨୩-୨୪	୪-୫
ପାତ୍ରାନୁସାରୀ ଗତି	୨୫-୨୯	୫
ବିଶେଷ ଅବସ୍ଥାରେ ପାତ୍ରଙ୍କ ଗତି	୩୦-୩୪	୫-୬
ଗତି ମାନଙ୍କର ଲୟ ବିଧାନ	୩୫-୪୦	୬-୭
ଶୃଙ୍ଗାର ରସରେ ପାତ୍ରର ଗତି	୪୧-୪୭	୭-୮
ରୌଦ୍ର ରସରେ ପାତ୍ରର ଗତି	୪୮-୫୪	୮-୯
ବିଭତ୍ସରସରେ ପାତ୍ରର ଗତି	୫୫-୫୬	୯
ବୀରରସରେ ପାତ୍ରର ଗତି	୫୭-୫୯	୧୦
ଅଦ୍ଭୁତ ତଥା ହାସ୍ୟରସରେ ପାତ୍ରର ଗତି	୫୯-୬୧	୧୦
କରୁଣ ରସରେ ପାତ୍ରର ଗତି	୬୧-୬୭	୧୧
ଶୀତାର୍ତ୍ତ ପାତ୍ରର ଗତି	୬୭-୭୦	୧୧-୧୨
ଭୟାନକ ରସରେ ପାତ୍ରର ଗତି	୭୦-୭୬	୧୨-୧୩
ବିଭିନ୍ନ ପାତ୍ରମାନଙ୍କର ଗତି	୭୬-୭୮	୧୩
ଯତି, ଶ୍ରମଣମାନଙ୍କର ଗତି	୭୯-୮୬	୧୩-୧୪
ଅନ୍ଧପାତ୍ରର ଗତି	୮୭	୧୪
ରଥାବରୋହୀ ପାତ୍ରର ଗତି	୮୮-୯୦	୧୫
ବିମାନବରୋହଣ ପାତ୍ରର ଗତି	୯୧-୯୨	୧୫
ଆକାଶ୍ଥ ପାତ୍ରର ଗତି	୯୩-୯୫	୧୫-୧୬
ଆକାଶବତରଣ ଗତି	୯୫	୧୬
ଉନ୍ନତ ପ୍ରଦେଶାରୋହଣ ଗତି	୯୬-୧୦୦	୧୬

ଅବତରଣ ଗତି	୧୦୧-୧୦୨	୧୭
ନୌକାଯାତ୍ରାରେ ପାତ୍ରର ଗତି	୧୦୫-୧୦୭	୧୮
ଅଶ୍ୱାଧିରୋହଣରେ ପାତ୍ରର ଗତି	୧୦୮	୧୮
ସର୍ପଗତି	୧୦୯	୧୮
ବିଟଗତି	୧୧୦-୧୧୧	୧୯
କଂଚୁକୀ ଗତି	୧୧୨-୧୧୪	୧୯
ଶାନ୍ତଗତି	୧୧୫-୧୧୭	୧୯-୨୦
ଦୂରାଗତ ପଥିକର ଗତି	୧୧୮	୨୦
ସ୍ଥଳଗତି	୧୧୯-୧୨୦	୨୦
ମତ୍ତ ଗତି	୧୨୧-୧୨୨	୨୦-୨୧
ଉଦ୍ଧତ ଗତି	୧୨୩-୧୩୦	୨୧-୨୨
ଛୋଟା, ପଙ୍ଗୁ, ବାମନ ପାତ୍ରର ଗତି	୧୩୧-୧୩୭	୨୨-୨୩
ବିଦୂଷକର ଗତି	୧୩୮-୧୪୬	୨୩-୨୪
ଦାସାଦିପାତ୍ରଙ୍କର ଗତି	୧୪୬-୧୪୭	୨୪
ଶକାର ଗତି	୧୪୮-୧୪୯	୨୪
ନୀଚପାତ୍ରର ଗତି	୧୫୦	୨୫
ମ୍ଲେଚ୍ଛ ଗତି	୧୫୧	୨୫
ପଶୁ ପକ୍ଷୀ ଗତି	୧୫୨-୧୫୯	୨୫-୨୬
ଗତି ସମୟରେ ସ୍ତ୍ରୀମାନଙ୍କର ଶାରୀରିକ ସ୍ଥିତି	୧୬୦	୨୬
ଆୟତସ୍ଥାନ ଲକ୍ଷର	୧୬୧-୧୬୫	୨୬-୨୭
ଅବହିତ୍ଥସ୍ଥାନ ଲକ୍ଷଣ	୧୬୬-୧୬୮	୨୭-୨୮
ଅଶ୍ୱକ୍ରାନ୍ତସ୍ଥାନ ଲକ୍ଷଣ	୧୬୮-୧୭୧	୨୮
ଯୁବତୀ ସ୍ତ୍ରୀର ଗତି	୧୭୨-୧୭୯	୨୮-୨୯
ପ୍ରୌଢ଼ାମାନଙ୍କର ଗତି	୧୮୦-୧୮୧	୨୯-୩୦
ଦାସୀମାନଙ୍କର ଗତି	୧୮୨-୧୮୩	୩୦
ନପୁଂସକଙ୍କ ଗତି	୧୮୪-୧୮୬	୩୦
ବାଳଗତି	୧୮୭	୩୧
ଭୂମିକା ପରିବର୍ତ୍ତନରେ ପାତ୍ରଙ୍କ ଗତି	୧୮୯-୧୯୨	୩୧
ନୀଚଜାତି ସ୍ତ୍ରୀମାନଙ୍କର ଗତି	୧୯୩	୩୨
ତପସ୍ୱିନୀ ମାନଙ୍କର ଗତି	୧୯୪	୩୨
ଆସନ ବିଧାନ	୧୯୬	୩୨
ଉପବେଶନ ବିଧି	୧୯୭-୨୦୫	୩୨-୩୪
ବିଭିନ୍ନ ପାତ୍ରଙ୍କ ନିମନ୍ତେ ନିର୍ଦ୍ଧାରିତ ଆସନ	୨୦୬-୨୨୦	୩୪-୩୬

ଶୟନାବସ୍ଥାରେ ଶରୀରର ସ୍ଥିତି	୨୨୧	୩୭
ଆକୁଞ୍ଚିତ	୨୨୨	୩୭
ସମ	୨୨୩	୩୭
ପ୍ରସାରିତ	୨୨୪	୩୭
ବିବର୍ତ୍ତିତ	୨୨୫	୩୭
ଉଦ୍‌ବାହିତ	୨୨୬	୩୮
ନତ	୨୨୭	୩୮

ତ୍ରୟୋଦଶ ଅଧ୍ୟାୟ

(କକ୍ଷ୍ୟା ପରିଧି ତଥା ଲୋକଧର୍ମୀ ନିରୂପଣ, ଶ୍ଳୋକ ୧ -୮୪)

ନାଟ୍ୟମଣ୍ଡପରେ ବାଦ୍ୟ ସ୍ଥାପନ	୨	୩୯
କକ୍ଷ୍ୟାଗତ ବିଭାଗ	୩	୩୯
ଉପଯୋଗିତା	୪-୭	୩୯-୪୦
ରଂଗମଞ୍ଚରେ ନିର୍ଦ୍ଧାରିତ ପ୍ରଦେଶ	୮-୧୦	୪୦
ପୂର୍ବଦିଶା	୧୧	୪୧
ପ୍ରବେଶ ପ୍ରସ୍ଥାନ	୧୨-୧୫	୪୧
ପାତ୍ରମାନଙ୍କର ବର୍ଗ ତଥା ସ୍ଥାନନିୟମ	୧୬	୪୨
ଦୂର, ମଧ୍ୟମ, ସନ୍ନିକଟ ପ୍ରଦେଶ ନିୟମ	୧୭	୪୨
ଦିବ୍ୟ ପାତ୍ରମାନଙ୍କର ଗତି	୧୮-୨୧	୪୨-୪୩
ଦୂରଦେଶ ଗମନ	୨୨	୪୩
ସଂପାଦ୍ୟ କାର୍ଯ୍ୟ	୨୩-୨୬	୪୩-୪୪
ଦିବ୍ୟପାତ୍ରମାନଙ୍କର କକ୍ଷ୍ୟା	୨୭-୩୧	୪୪
ଦେବଗଣଙ୍କ କାର୍ଯ୍ୟ	୩୨-୩୫	୪୫
ପ୍ରବୃତ୍ତି ଓ ବିଭେଦ	୩୬	୪୫-୪୬
ଦାକ୍ଷିଣାତ୍ୟା	୩୭	୪୬-୪୭
ଅବନ୍ତୀ	୩୮-୪୧	୪୭
ଓଡ୍ରମାଗଧୀ	୪୨-୪୬	୪୭
ପାଞ୍ଚାଳ	୪୭-୪୯	୪୮
ଦ୍ୱିବିଧ ନାଟ୍ୟ ପ୍ରୟୋଗ	୫୦-୫୭	୫୦
ଆବିଦ୍ଧ ନାଟ୍ୟ ପ୍ରୟୋଗ	୫୮-୬୧	୫୦-୫୧
ସୁକୁମାର ନାଟ୍ୟ ପ୍ରୟୋଗ	୬୨-୬୪	୫୧
ଦିଶା ବିଭାଗ	୬୫-୬୭	୫୧-୫୨
ଲୋକ ତଥା ନାଟ୍ୟଧର୍ମୀ ବିଭେଦ	୬୮	୫୨
ଲୋକଧର୍ମୀ ଲକ୍ଷଣ	୬୯-୭୦	୫୨
ନାଟ୍ୟଧର୍ମୀ ଲକ୍ଷଣ	୭୧-୮୫	୫୨-୫୫

ଚତୁର୍ଦ୍ଦଶ ଅଧ୍ୟାୟ

(ବାଚିକାଭିନୟ ତଥା ଛନ୍ଦ, ଶ୍ଳୋକ ୧ -୧୦୨)

ନାଟ୍ୟରେ ବାଣୀର ପ୍ରମୁଖତା	୧-୩	୫୬
ବାଚିକା ଅଭିନୟ - ସ୍ୱରୂପ	୪	୫୬
ପାଠ୍ୟ ପ୍ରଭେଦ	୫	୫୭
ସଂସ୍କୃତ ପାଠ୍ୟର ଆଧାର	୬-୭	୫୭
ପାଠ୍ୟବର୍ଗ ବିବରଣ	୮	୫୭
ବ୍ୟଞ୍ଜନ - ଉଚ୍ଚାରଣ ସ୍ଥାନ	୯-୧୮	୫୮-୫୯
ସ୍ୱରର ପରିମାଣ	୧୯-୨୦	୫୯
ଶବ୍ଦ ବିଭେଦ	୨୦-୨୧	୬୦
ନାମ ସଂଜ୍ଞା	୨୩	୬୦
ଅଖ୍ୟାତ	୨୬	୬୧
ଉପସର୍ଗ	୨୭	୬୧
ନିପାତ	୨୮	୬୧
ପ୍ରତ୍ୟୟ	୨୯	୬୨
ତଦ୍ଧିତ	୩୦	୬୨
ବିଭକ୍ତି	୩୧	୬୨
ସନ୍ଧି	୩୨-୩୩	୬୨
ସମାସର ସ୍ୱରୂପ	୩୪-୩୫	୬୩
ଶବ୍ଦ ଦ୍ୱୈବିଧ	୩୬	୬୩
ଚୂର୍ଣ୍ଣପଦ	୩୭	୬୩
ନିବଦ୍ଧ ପଦ	୩୮	୬୩
ଛନ୍ଦ	୩୯	୬୪
ଛନ୍ଦୋ ବିଭାଗ	୩୯	୬୪
ଛନ୍ଦ ବିଭେଦ	୪୦	୬୪
ଛନ୍ଦ ପ୍ରମାଣ	୪୩-୭୮	୬୪-୬୮
ଛନ୍ଦର ବିଭେଦକ ପଦ୍ଧତି	୭୯-୮୬	୬୮-୬୯
ଗଣ ସ୍ୱରୂପ	୮୭-୮୯	୬୯-୭୦
ସମ୍ପଦ	୯୦	୭୦
ବିରାମ ଲକ୍ଷଣ	୯୧	୭୧
ପାଦ ଲକ୍ଷଣ	୯୧	୭୧
ଛନ୍ଦର ଅଧିଦେବତା	୯୧-୯୨	୭୧

ଅକ୍ଷର ତଥା ବର୍ଣ୍ଣ	୯୩	୭୧
ସ୍ୱରତ୍ତି ବିଧି	୯୪	୭୧
ବୃତ୍ତର ତ୍ରିବିଧ ଭେଦ	୯୫	୭୨
ନିବୃତ୍ ତଥା ଭୁରୁକ୍	୯୮	୭୨
ସ୍ୱରାଟ ତଥା ବିରାଟ	୯୯	୭୨
ଗାୟତ୍ରୀ ଆଦି ବିବିଧ ଶ୍ରେଣୀ	୧୦୦-୧୦୨	୭୨-୭୩

ପଞ୍ଚଦଶ ଅଧ୍ୟାୟ

(ବୃତ୍ତ ବିଧାନ, ଶ୍ଲୋକ ୧ - ୧୨୮)

ତନୁମଧ୍ୟା ଲକ୍ଷଣ	୧-୩	୭୪
ମକର ଶୀର୍ଷା	୪-୫	୭୪
ମାଲତୀ	୬-୭	୭୪-୭୫
ମାଲିନୀ	୮-୧୦	୭୫
ଉଦ୍ଧତା	୧୧-୧୨	୭୫
ଭ୍ରମରମାଳା	୧୩-୧୫	୭୬
ସିଂହଲେଖା	୧୬-୧୭	୭୬
ମତ୍ତଚେଷ୍ଟିତ	୧୮	୭୬
ବିଦ୍ୟୁଲ୍ଲେଖା	୧୯-୨୦	୭୭
ଚିତ୍ତବିଳାସିତ	୨୦-୨୧	୭୭
ମଧୁକରୀ	୨୨-୨୩	୭୭
ଉତ୍ପଳାମାଳା	୨୪-୨୫	୭୮
ଶିଖିସାରଣୀ	୨୬-୨୭	୭୮
ଦୋଧକ	୨୮-୨୯	୭୯
ମୋଟକ	୩୦-୩୧	୭୯
ଇନ୍ଦ୍ରବଜ୍ରା	୩୨-୩୩	୭୯
ଉପେନ୍ଦ୍ରବଜ୍ରା	୩୪-୩୫	୮୦
ରଥୋଦ୍ଧତା	୩୬-୩୭	୮୦
ସ୍ୱାଗତା	୩୮-୩୯	୮୦-୮୧
ଶାଳିନୀ	୪୦-୪୧	୮୧
ତୋଟକ	୪୨-୪୩	୮୧
କୁମୁଦପ୍ରଭା	୪୪-୪୫	୮୨
ଚନ୍ଦ୍ରଲେଖା	୪୬-୪୭	୮୨
ପ୍ରମିତାକ୍ଷରା	୪୮-୪୯	୮୩
ବଂଶସ୍ଥ	୫୦-୫୧	୮୩
ହରିଣପ୍ଲୁତା	୫୨-୫୩	୮୩-୮୪

ଜାମବତୀ	୫୪-୫୫	୮୪
ଅପ୍ରମେୟା	୫୬-୫୭	୮୪-୮୫
ପଦ୍ମିନୀ	୫୮-୫୯	୮୫
ପୁଟବୃତ୍ତ	୬୦-୬୧	୮୫
ପ୍ରଭାବତୀ	୬୨-୬୩	୮୬
ପ୍ରହର୍ଷିଣୀ	୬୪-୬୫	୮୬
ମତ୍ତମୟୂର	୬୬-୬୭	୮୭
ବସନ୍ତତିଳକା	୬୮-୬୯	୮୭
ଅସମ୍ବାଧା	୭୦-୭୧	୮୭-୮୮
ଶରଭ	୭୨-୭୩	୮୮
ନାନ୍ଦୀମୁଖୀ	୭୪-୭୫	୮୮-୮୯
ଗଜବିଳସିତ	୭୬-୭୭	୮୯
ଲଳିତ	୭୮	୮୯
ପ୍ରବର ଲଳିତା	୭୯	୮୯
ଶିଖରିଣୀ	୮୦-୮୧	୯୦
ବୃଷଭ ଚେଷ୍ଟିତ	୮୨-୮୩	୯୦
ସ୍ରାଧରା	୮୫-୮୬	୯୧
ବଂଶପତ୍ର ପତିତ	୮୭-୮୮	୯୧
ବିଳମ୍ବିତ ଗତି	୮୯-୯୧	୯୨
ଚିତ୍ରଲେଖା	୯୨-୯୪	୯୩
ଶାର୍ଦ୍ଦୂଳ ବିକ୍ରୀଡ଼ିତ	୯୫-୯୭	୯୩
ସୁବଦନା	୯୮-୯୯	୯୩
ସ୍ରଗ୍ଧରା	୧୦୦-୧୦୨	୯୪
ମଦ୍ରକ	୧୦୩-୧୦୫	୯୪-୯୫
ଅଶ୍ୱଲଳିତା	୧୦୬-୧୦୮	୯୫
ମେଘମାଳା	୧୧୦-୧୧୧	୯୫-୯୬
କ୍ରୌଞ୍ଚପଦା	୧୧୨-୧୧୪	୯୬
ଭୁଜଙ୍ଗ ବିଜୃମ୍ଭିତ	୧୧୫-୧୧୭	୯୭
ଦଣ୍ଡକ ବିଜୃମ୍ଭିତ	୧୧୭କ	୯୭
ବିଷମ ତଥା ଅର୍ଦ୍ଧ ସମବୃତ୍ତ	୧୧୮-୧୧୯	୯୮
ପଥ୍ୟା ଆର୍ଯା	୧୨୩-୧୨୫	୯୯
ସର୍ବବିଷମ ପଥ୍ୟା	୧୨୬-୧୨୭	୧୦୦
ବିପରୀତ ପଥ୍ୟା	୧୨୮-୧୨୯	୧୦୦
ଚପଳା	୧୩୦-୧୩୧	୧୦୦

ବିପୁଳା	୧୩୨-୧୩୩	୧୦୧
ପଥ୍ୟାବକ୍ତ୍ର	୧୩୭-୧୩୮	୧୦୧
ବାନବାସିକା	୧୪୦-୧୪୧	୧୦୨
କେତୁମତୀ	୧୪୨-୧୪୩	୧୦୨
ଅପରବକ୍ତ୍ର	୧୪୪-୧୪୫	୧୦୩
ପୁଷ୍ପିତାଗ୍ରା	୧୪୬-୧୪୭	୧୦୩
ଉଦ୍‌ଗତା	୧୪୮-୧୪୯	୧୦୩-୧୦୪
ଲଳିତା	୧୫୦	୧୦୪
ଆର୍ଯ୍ୟାବୃତ୍ତ	୧୫୫	୧୦୫
ପଥ୍ୟା ଆର୍ଯ୍ୟା	୧୬୩	୧୦୬
ବିପୁଳା ଆର୍ଯ୍ୟା	୧୬୫	୧୦୭
ଚପଳା ଆର୍ଯ୍ୟା	୧୬୬	୧୦୭
ମୁଖ ଚପଳା ଆର୍ଯ୍ୟା	୧୬୯	୧୦୭
ଜଘନ ଚପଳା ଆର୍ଯ୍ୟା	୧୭୦	୧୦୮
ସର୍ବଚପଳା ଆର୍ଯ୍ୟା	୧୭୩	୧୦୮
ଆର୍ଯ୍ୟା ପ୍ରସ୍ତାରାଦି ବିବରଣ	୧୭୮	୧୦୯

ଷୋଡ଼ଶ ଅଧ୍ୟାୟ

(ବାଚିକାଭିନୟରେ କାବ୍ୟଦିଲକ୍ଷଣ, ଶ୍ଳୋକ ୧ - ୧୨୧)

ଲକ୍ଷଣ ଉଦ୍ଦେଶ କଥନ	୧-୫	୧୧୦
ଭୂଷଣ	୬	୧୧୦
ଅକ୍ଷର ସଂଘାତ	୭	୧୧୧
ଶୋଭା	୮	୧୧୧
ଉଦାହରଣ	୯	୧୧୧
ହେତୁ	୧୦	୧୧୧
ସଂଶୟ	୧୧	୧୧୧
ଦୃଷ୍ଟାନ୍ତ	୧୨	୧୧୨
ପ୍ରାପ୍ତି	୧୩	୧୧୨
ଅଭିପ୍ରାୟ	୧୪	୧୧୨
ନିଦର୍ଶନ	୧୫	୧୧୨
ନିରୁକ୍ତ	୧୬	୧୧୩
ସିଦ୍ଧି	୧୭	୧୧୩
ବିଶେଷଣ	୧୮	୧୧୩
ଗୁଣାତିପାତ	୧୯	୧୧୩
ଗୁଣାତିଶୟ	୨୦	୧୧୩

ତୁଲ୍ୟତର୍କ	୨୧	୧୧୪
ପଦୋଚ୍ଚୟ	୨୨	୧୧୪
ବିଷ୍ଟ (ଦୃଷ୍ଟି)	୨୩	୧୧୪
ଉପଦିଷ୍ଟ	୨୪	୧୧୪
ବିଗ୍ରର	୨୫	୧୧୫
ବିପର୍ଯ୍ୟୟ	୨୬	୧୧୫
ଭ୍ରଂଶ	୨୭	୧୧୫
ଅନୁନୟ	୨୮	୧୧୫
ମାଳା	୨୯	୧୧୫
ଦାକ୍ଷିଣ୍ୟ	୩୦	୧୧୬
ଗର୍ହଣ	୩୧	୧୧୬
ଅର୍ଥାପତ୍ତି	୩୨	୧୧୬
ପ୍ରସିଦ୍ଧି	୩୩	୧୧୬
ପୃଚ୍ଛା	୩୪	୧୧୬
ସାରୂପ	୩୫	୧୧୭
ମନୋରଥ	୩୬	୧୧୭
ଲେଶ	୩୭	୧୧୭
କ୍ଷୋଭ	୩୮	୧୧୭
ଗୁଣକୀର୍ତ୍ତନ	୩୯	୧୧୮
ଅନୁକ୍ତସିଦ୍ଧି	୪୦	୧୧୮
ପ୍ରୟୋକ୍ତି	୪୧	୧୧୮
ଅଳଙ୍କାର ଓ ତା'ର ଲକ୍ଷଣ	୪୩	୧୧୮
ଉପମା	୪୪-୪୮	୧୧୯
ପ୍ରଶଂସା	୫୦	୧୨୦
ନିନ୍ଦା	୫୧	୧୨୦
କଳ୍ପିତା	୫୨	୧୨୦
ସଦୃଶୀ	୫୩	୧୨୦
କିଞ୍ଚିତ୍‌ସଦୃଶୀ	୫୪	୧୨୦
ସୋଦାହରଣ ଦୀପକ ଲକ୍ଷଣ	୫୬	୧୨୧
ରୂପକ ଲକ୍ଷଣ	୫୮	୧୨୧
ଯମକ ଲକ୍ଷଣ	୬୦	୧୨୨
ଯମକର ଭେଦ	୬୦-୬୩	୧୨୨
ପାଦାନ୍ତ ଯମକ	୬୪-୬୫	୧୨୨-୧୨୩
କାଞ୍ଚୀ ଯମକ	୬୬-୬୭	୧୨୩

ସମୁଦ୍ଗ ଯମକ	୬୮-୬୯	୧୨୪
ବିକ୍ରାନ୍ତ ଯମକ	୭୦-୭୧	୧୨୪
ଚକ୍ରବାଳ ଯମକ	୭୨-୭୩	୧୨୪
ସଂଦଷ୍ଟ ଯମକ	୭୪-୭୫	୧୨୪-୧୨୫
ପାଦାଦି ଯମକ	୭୬-୭୭	୧୨୫-୧୨୬
ଆମ୍ରେଡିତ ଯମକ	୭୮-୭୯	୧୨୬
ଚର୍ତୁବ୍ୟସିତ ଯମକ	୮୦-୮୧	୧୨୬
ମାଳାଯମକ	୮୨-୮୩	୧୨୬
କାବ୍ୟଦୋଷ ଉଦ୍ଦେଶ୍ୟ କଥନ	୮୭	୧୨୮
ଗୂଢ଼ାର୍ଥ	୮୮	୧୨୮
ଅର୍ଥାନ୍ତର	୮୮	୧୨୮
ଅର୍ଥହୀନ	୮୯	୧୨୮
ଭିନ୍ନାର୍ଥ	୯୦	୧୨୮
ଏକାର୍ଥ	୯୧	୧୨୮
ଅଭିପ୍ଳୁତାର୍ଥ	୯୧	୧୨୯
ନାୟଦପେତ	୯୨	୧୨୯
ବିଷମ	୯୨	୧୨୯
ବିସନ୍ଧି	୯୩	୧୨୯
ଶବ୍ଦଚ୍ୟୁତ	୯୩	୧୨୯
କାବ୍ୟଗୁଣ	୯୫	୧୩୦
ଶ୍ଳେଷ	୯୬	୧୩୦
ପ୍ରସାଦନ	୯୭	୧୩୧
ସମତା	୯୮	୧୩୧
ସମାଧି	୯୯	୧୩୨
ମାଧୁର୍ଯ୍ୟ	୧୦୦	୧୩୨
ଓଜ	୧୦୧	୧୩୨
ସୌକୁମାର୍ଯ୍ୟ	୧୦୨	୧୩୩
ଅର୍ଥବ୍ୟକ୍ତି	୧୦୩	୧୩୩
ଉଦାତ୍ତ	୧୦୪	୧୩୩
କାନ୍ତି	୧୦୫	୧୩୪
ରସାନୁସାରୀ ଅଳଙ୍କାର ପ୍ରୟୋଗ	୧୦୬-୧୧୨	୧୩୪-୧୩୫
ଅକ୍ଷରମାନଙ୍କର ରସାନୁସାରୀ ଯୋଜନା	୧୧୩	୧୩୫
ପ୍ଳୁତବର୍ଣ୍ଣର ପ୍ରୟୋଗ	୧୧୫	୧୩୫

ସପ୍ତଦଶ ଅଧ୍ୟାୟ

(ଅନୁବନ୍ଧ, ଶ୍ଳୋକ ୧ - ୩୯)

ବିଭୂଷଣାଦି ଉଦ୍ଦେଶ୍ୟ କଥନ	୧-୪	୧୩୮
ବିଭୂଷଣ	୫	୧୩୯
ଅକ୍ଷର ସଂଘାତ	୬	୧୩୯
ଶୋଭା	୭	୧୩୯
ଅଭିମାନ	୮	୧୩୯
ଗୁଣକୀର୍ତ୍ତନ	୯	୧୩୯
ପ୍ରୋତ୍ସାହନ	୧୦	୧୩୯
ଉଦାହରଣ	୧୧	୧୪୦
ନିରୁକ୍ତ	୧୨	୧୪୦
ଗୁଣାନୁବାଦ	୧୩	୧୪୦
ଅତିଶୟ	୧୩	୧୪୦
ହେତୁ	୧୪	୧୪୦
ସାରୂପ	୧୫	୧୪୧
ମିଥ୍ୟାଧ୍ୟବସାୟ	୧୬	୧୪୧
ସିଦ୍ଧି	୧୭	୧୪୧
ପଦୋଚ୍ଚୟ	୧୮	୧୪୧
ଆକ୍ରନ୍ଦ	୧୯	୧୪୨
ମନୋରଥ	୨୦	୧୪୨
ଆଖ୍ୟାନ	୨୧	୧୪୨
ଯାଚ୍ଞା	୨୨	୧୪୨
ପ୍ରତିଷେଧ	୨୩	୧୪୨
ପୃଚ୍ଛା	୨୪	୧୪୩
ଦୃଷ୍ଟାନ୍ତ	୨୫	୧୪୩
ନିର୍ଭାସନ	୨୬	୧୪୩
ସଂଶୟ	୨୭	୧୪୩
ଆଶା	୨୮	୧୪୪
ପ୍ରିୟବଚନ	୨୯	୧୪୪
କପଟସଂଘାତ	୩୦	୧୪୪
କ୍ଷମା	୩୧	୧୪୪
ପ୍ରାପ୍ତି	୩୨	୧୪୫
ପଶ୍ଚାତାପ	୩୩	୧୪୫
ଅନୁବୃତ୍ତି	୩୪	୧୪୫

ଉପପତ୍ତି	୩୫	୧୪୫
ଯୁକ୍ତି	୩୬	୧୪୫
କାର୍ଯ୍ୟ	୩୭	୧୪୬
ଅନୁନୀତି	୩୮	୧୪୬
ପରିବେଦନ	୩୯	୧୪୬

ଅଷ୍ଟାଦଶ ଅଧ୍ୟାୟ

(ଭାଷାବିଧାନ, ଶ୍ଲୋକ ୧ - ୬୨)

ପ୍ରକୃତପାଠ ଲକ୍ଷଣ	୧-୨	୧୪୭
ସମାନ ଶବ୍ଦ	୩	୧୪୭
ବିଭ୍ରଷ୍ଟ	୪	୧୪୭
ଦେଶଜ	୫	୧୪୮
ସ୍ୱର ତଥା ଅସଂଯୁକ୍ତ ବ୍ୟଞ୍ଜନ	୬-୧୭	୧୪୮-୧୫୧
ସଂଯୁକ୍ତ ବ୍ୟଞ୍ଜନ	୧୮-୨୩	୧୫୧-୧୫୨
ଭାଷାର ପ୍ରକାରଭେଦ	୨୪	୧୫୨
ଅଦିଭାଷା	୨୫	୧୫୩
ଆର୍ଯ୍ୟଭାଷା	୨୬	୧୫୩
ଜାତିଭାଷା	୨୭	୧୫୩
ଜାତ୍ୟନ୍ତରୀ ଭାଷା	୨୮	୧୫୩
ପାଠ୍ୟର ପ୍ରକାରଭେଦ	୨୯	୧୫୩
ସଂସ୍କୃତ ପାଠ୍ୟର କ୍ଷେତ୍ର	୩୦	୧୫୪
ପ୍ରାକୃତ ପାଠ୍ୟର କ୍ଷେତ୍ର	୩୧	୧୫୪
ପ୍ରାକୃତ ପାଠ୍ୟ ବିଧିର ଅପବାଦ	୩୫	୧୫୫
ଭାଷାର ପ୍ରକାରଭେଦ	୪୬	୧୫୬
ମୁଖ୍ୟ ପ୍ରାକୃତଭାଷାର ବ୍ୟବହାର	୪୮	୧୫୮
ବିଭାଷାମାନଙ୍କର ଉପଯୋଗ	୫୧	୧୫୮
ବିଭିନ୍ନ ଦେଶ ଭାଷାର ଲକ୍ଷଣ	୫୫-୬୧	୧୫୯-୧୬୦

ଊନବିଂଶ ଅଧ୍ୟାୟ

(ସଂବୋଧନ ତଥା କାକୁ ସ୍ୱର, ଶ୍ଲୋକ ୧ - ୨୮)

ଶବ୍ଦାବଳୀ ପ୍ରୟୋଗର ବିଧାନ	୧-୨	୧୬୧
ଦେବତା, ଗୁରୁଜନ, ବିଦ୍ୱାନଙ୍କୁ ସଂବୋଧନ	୩-୪	୧୬୧
ବ୍ରାହ୍ମଣ, ରାଜା, ଗୁରୁଙ୍କୁ ସମ୍ବୋଧନ	୫	୧୬୧
ରାଜାଙ୍କୁ ସଂବୋଧନ	୬	୧୬୨
ମନ୍ତ୍ରୀଙ୍କୁ ସଂବୋଧନ	୭	୧୬୨

ସମବୟସ୍କଙ୍କୁ ସଂବୋଧନ	୮	୧୬୨
ସେବକଙ୍କ ସଂବୋଧନ	୯	୧୬୨
ସମଃବୟସ୍କଙ୍କ ପ୍ରତି ସଂବୋଧନ	୧୦	୧୬୨
ରଥୀପ୍ରତି ସଂବୋଧନ	୧୧	୧୬୩
ଅଧମପାତ୍ର ପ୍ରତି ସଂବୋଧନ	୧୨	୧୬୩
ମହାରାଣୀଙ୍କ ପ୍ରତି ସଂବୋଧନ	୨୩	୧୬୫
ରାଜକୁମାରୀଙ୍କୁ ସଂବୋଧନ	୨୫	୧୬୬
ପତ୍ନୀପ୍ରତି ସଂବୋଧନ	୨୬	୧୬୬
ଦାସୀପ୍ରତି ସଂବୋଧନ	୨୭	୧୬୬
ବେଶ୍ୟା ପ୍ରତି ସଂବୋଧନ	୨୮	୧୬୬
ପ୍ରଣୟାବସ୍ଥାରେ ପତ୍ନୀପ୍ରତି ସଂବୋଧନ	୨୯	୧୬୬
ନାଟକରେ ପାତ୍ରଙ୍କର ନାମ ଓ ବିଧି	୩୦	୧୬୬
ବ୍ରାହ୍ମଣ ଓ କ୍ଷତ୍ରିୟ ପାତ୍ରମାନଙ୍କର ନାମ	୩୧	୧୬୭
ବୈଶ୍ୟ ଓ ବୀରମାନଙ୍କର ନାମ	୩୨	୧୬୭
ରାଣୀ ମାନଙ୍କର ନାମ	୩୩	୧୬୭
ଦାସୀର ନାମ	୩୪	୧୬୭
ଉତ୍ତମ ପାତ୍ରମାନଙ୍କର ନାମ	୩୫	୧୬୭
ଅନ୍ୟପାତ୍ରମାନଙ୍କର ନାମ	୩୬-୩୮	୧୬୮
ପାଠ୍ୟର ଗୁଣ ଓ ସ୍ୱରୂପ	୩୮	୧୬୮
ସପ୍ତସ୍ୱର	୩୯	୧୬୮
ସ୍ୱରମାନଙ୍କର ସ୍ଥାନ ଓ ଉପଯୋଗ	୪୦-୪୩	୧୬୯
ଗୃଗିବର୍ଣ୍ଣ ଓ ସେମାନଙ୍କର ବ୍ୟବହାର	୪୪	୧୭୦
କାକୁସ୍ୱରର ପ୍ରକାର ଭେଦ	୪୫	୧୭୦
ଅଳଙ୍କାର ପ୍ରକାର ଭେଦ	୪୬	୧୭୧
ଅଳଙ୍କାରମାନଙ୍କର ବିନିଯୋଗ	୪୭	୧୭୨
ବିଭିନ୍ନ ରସରେ ନିୟତ କାକୁସ୍ୱର	୬୦-୬୧	୧୭୪
ଉଚ୍ଚାରଣର ଅଂଗ	୬୧ କ	୧୭୫
ବିରାମ ଓ ତା'ର ଲକ୍ଷଣ	୬୨	୧୭୬
ବିରାମ ମାନଙ୍କର ହସ୍ତ ସଞ୍ଚାଳନ ବିଧି	୬୪	୧୭୭
କୃଷ୍ୟାକ୍ଷରର ବ୍ୟବହାର	୭୦	୧୭୮
ପାଠ୍ୟଧର୍ମ	୮୦	୧୮୦

◆

ନାଟ୍ୟଶାସ୍ତ୍ର (ଦ୍ୱିତୀୟ ଖଣ୍ଡ)

ଦ୍ୱାଦଶୋଽଧ୍ୟାୟଃ

(ଗତି ପ୍ରସ୍ତର)

ଗତିପ୍ରଚାର :—

ଏବଂ ବ୍ୟାୟାମ ସଂଯୋଗେ କାର୍ଯ୍ୟଂ ମଣ୍ଡଳକଳ୍ପନମ୍ ।
ଅତଃ ପରଂ ପ୍ରବକ୍ଷ୍ୟାମି ଗତୀସ୍ତୁ ପ୍ରକୃତିସ୍ଥିତାଃ ।।୧।।

ପୂର୍ବ ଅଧ୍ୟାୟରେ ଚାରିମାନଙ୍କର ସଂଯୋଗରେ ହେଉଥିବା ମଣ୍ଡଳଗୁଡ଼ିକର କଳ୍ପନା/ରଚନା ବିଧି ବର୍ଣ୍ଣିତ ହୋଇଛି । ବର୍ତ୍ତମାନ ଏହି ଅଧ୍ୟାୟରେ ଅଭିନୟକାଳର ଚରିତ୍ରମାନଙ୍କ ଗତି ସଂପର୍କରେ ବର୍ଣ୍ଣନା କରାଯାଉଛି ।

ଚରିତ୍ରମାନଙ୍କର ରଙ୍ଗମଞ୍ଚରେ ପ୍ରବେଶ :—

ତତ୍ରୋପବହନଂ କୃତ୍ୱା ଭାଣ୍ଡବାଦ୍ୟପୁରସ୍କୃତମ୍ ।
ଯଥାମାର୍ଗରସୋପେତଂ ପ୍ରକୃତାନାଂ ପ୍ରବେଶନେ ।।୨।।

ଧ୍ରୁବାୟାଂ ସମ୍ପ୍ରବୃତ୍ତାୟାଂ ପଟେ ଚୈବାପକର୍ଷିତେ ।
କାର୍ଯ୍ୟଃ ପ୍ରବେଶଃ ପାତ୍ରାଣାଂ ନାନାର୍ଥରସସମ୍ଭବଃ ।।୩।।

ଯେତେବେଳେ ବିବିଧ ବାଦ୍ୟବାଦନ ସହିତ ମାର୍ଗ, କଳା ଏବଂ ରସାନୁକୂଳ ବିସ୍ତରରେ ଉପବହନ କ୍ରିୟା ଧ୍ରୁବାଗାନ ଆରମ୍ଭ ହୋଇଯାଇଥିବ ଏବଂ ଯବନିକା ଉଠେଇ ଦିଆ ସରିଥିବ ସେହି ସମୟରେ ଅନେକ ଅର୍ଥ ଏବଂ ରସ ଉତ୍ପନ୍ନକାରୀ ପାତ୍ରମାନେ ରଙ୍ଗମଞ୍ଚରେ ପ୍ରବେଶ କରିବେ । ସେ ସମୟରେ ଉତ୍ତମ ଏବଂ ମଧ୍ୟମ ପାତ୍ରଙ୍କର ଶରୀର-ଭଙ୍ଗିମା ନିମ୍ନ ପ୍ରକାର ହେବା ବିଧେୟ –

ସ୍ଥାନନ୍ତୁ ବୈଷ୍ଣବଂ କୃତ୍ୱା ହ୍ୟୁତ୍ତମେ ମଧ୍ୟମେ ତଥା ।
ସମୁନ୍ନତଂ ସମଞ୍ଚୈବ ଚତୁରସ୍ରମୁରସ୍ତଥା ।।୪।।

ବାହୁଶୀର୍ଷେ ପ୍ରସନ୍ନେ ଚ ନାତ୍ୟୁତ୍କ୍ଷିପ୍ତେ ଚ କାରୟେତ୍ ।
ଗ୍ରୀବାପ୍ରଦେଶଃ କର୍ତ୍ତବ୍ୟୋ ମୟୂରାଞ୍ଚିତମସ୍ତକଃ ।।୫।।

କର୍ଣ୍ଣାଦଷ୍ଟାଙ୍ଗୁଳସ୍ଥେ ଚ ବାହୁଶୀର୍ଷେ ପ୍ରୟୋଜୟେତ୍ ।
ଉରସଶ୍ଚାପି ଚିବୁକଂ ଚତୁରଙ୍ଗୁଳସଂସ୍ଥିତମ୍ ।।୬।।

ହସ୍ତୌ ତଥୈବ କର୍ତ୍ତବ୍ୟୌ କଟିନାଭିତଟସ୍ଥିତୌ ।
ଦକ୍ଷିଣୋ ନାଭି ସଂସ୍ଥସ୍ତୁ ବାମଃ କଟିତଟେ ସ୍ଥିତଃ ।।୭।।

ରଙ୍ଗମଞ୍ଚ ଉପରକୁ ପ୍ରବେଶ କରିବା ସମୟରେ ଉତ୍ତମ ତଥା ମଧ୍ୟମ ପାତ୍ର ବୈଷ୍ଣବ ସ୍ଥାନରେ ରହିଥାନ୍ତି । ସେତେବେଳେ ସେମାନଙ୍କର ଛାତି ସମ, ଉନ୍ନତ ଏବଂ ଚତୁରସ୍ର ହୋଇ ରହିଥାଏ । ବାହୁ ଏବଂ ମସ୍ତକ ଉନ୍ନତ, ଗଳା ମୟୂର ସମାନ ସୁନ୍ଦର ଏବଂ ପ୍ରସନ୍ନ, କାନ ଏବଂ ମସ୍ତକଠାରୁ ବାହୁ ଆଠ ଆଙ୍ଗୁଳି ଦୂର, ବକ୍ଷସ୍ଥଳରୁ ଚିବୁକ ଚାରି ଆଙ୍ଗୁଳ ଉଚ୍ଚରେ ଏବଂ ଦକ୍ଷିଣ ଓ ବାମ ହସ୍ତ କ୍ରମଶଃ ନାଭି ଏବଂ କଟି ଉପରେ ରହିଥିବା ଉଚିତ ।

ପାଦର ତାଳ, କଳା ତଥା ଲୟ ବିଧାନ :—

ପାଦୟୋରନ୍ତରଂ କାର୍ଯ୍ୟଂ ଦ୍ୱୌତାଳାବର୍ଦ୍ଧମେବ ଚ ।
ପାଦୋତ୍କ୍ଷେପସ୍ତୁ କର୍ତ୍ତବ୍ୟଃ ସ୍ୱପ୍ରମାଣ ବିନିର୍ମିତଃ ।।୮ ।।

ଉପରବର୍ଣ୍ଣିତ ସ୍ଥିତିରେ ଅଭିନେତା ତାଙ୍କର ପାଦ ଅଢ଼େଇ ତାଳ ଅନ୍ତରରେ ଉଠେଇବେ ଏବଂ ପାହାଣ୍ଡକୁ ହାତ ଅନୁଯାୟୀ ମାପି ଦୁଇ ତଥା ଏକ ତାଳ ଅନ୍ତରରେ ଭୂମି ଉପରେ ରଖିବେ ।

ଚତୁସ୍ତାଳୋ ଦ୍ୱିତାଳଶ୍ଚ ପ୍ୟକେତାଳସ୍ତଥୈବଚ ।
ଚତୁସ୍ତାଳସ୍ତୁ ଦେବାନାଂ ପାର୍ଥିବାନାଂ ତଥୈବ ଚ ।।୯ ।।

ଦେବତା ତଥା ରାଜା ଆଦି ଉତ୍ତମ ଚରିତ୍ରମାନେ ଚାରିତାଳରେ; ମଧ୍ୟମ ପାତ୍ରମାନେ ଦୁଇତାଳରେ ତଥା ସ୍ତ୍ରୀ ଏବଂ ନୀଚ ଚରିତ୍ରମାନେ ଗୋଟିଏ ତାଳର ଅନ୍ତରରେ ପାହୁଣ୍ଡ ପକେଇବା ଉଚିତ ।

ଦ୍ୱିତାଳଶ୍ଚୈବ ମଧ୍ୟାନାଂ ତାଳଃ ସ୍ତ୍ରୀନୀଚଲିଙ୍ଗିନାମ୍ ।
ଚତୁଷ୍କଳୋଽଥ ଦ୍ୱିକଳସ୍ତଥା ହ୍ୟେକକଳଃ ପୁନଃ ।।୧୦ ।।

ଚତୁଷ୍କଳୋ ହ୍ୟୁତ୍ତମାନାଂ ମଧ୍ୟାନାଂ ଦ୍ୱିକଳୋ ଭବେତ୍
ତଥା ଚୈକକଳଃ ପାଦୋ ନାଗ୍ୟନୀ ସମ୍ପ୍ରକୀର୍ତ୍ତିତଃ ।।୧୧ ।।

କଳା — ଏହି ପାହୁଣ୍ଡମାନଙ୍କର ଚରିତ୍ର ବିସ୍ତରରେ ଚାରିକଳା, ଦୁଇକଳା ତଥା ଏଇ କଳାର ସମୟ ରଖାଯାଏ । ଉତ୍ତମ ଚରିତ୍ରମାନଙ୍କର ଚାରିକଳା, ମଧ୍ୟମ ପାତ୍ରମାନଙ୍କର ଦୁଇକଳା, ଅଧମ ପାତ୍ରଙ୍କର ଏକ କଳାର ସମୟ ବୋଲି ବୁଝିବା ଉଚିତ ।

ସ୍ଥିତଂ ମଧ୍ୟଂ ଦ୍ରୁତଞ୍ଚୈବ ସମବେକ୍ଷ୍ୟ ଲୟଂ ବୁଧଃ ।
ଯଥାପ୍ରକୃତି ନାଟ୍ୟଜ୍ଞୋ ଗତିମେବଂ ପ୍ରୟୋଜୟେତ୍ ।।୧୨ ।।

ଲୟ — ସେମାନଙ୍କର ସ୍ଥିତି ଅନୁସାରେ ଚରିତ୍ରମାନଙ୍କର ଗତି ସ୍ଥିତି, ମଧ୍ୟ ତଥା ଦ୍ରୁତ ଲୟରେ ରଖିବା ଉଚିତ । ସମୀଚୀନତା ଅନୁସାରେ ନାଟ୍ୟାଚାର୍ଯ୍ୟ ସ୍ୱୟଂ ଏହି ବିବିଧ ଲୟମାନଙ୍କର ଯୋଜନା କରିବେ ।

ଧୈର୍ଯ୍ୟୋପପନ୍ନା ଗତିରୁତ୍ତମାନାଂ ମଧ୍ୟା ଗତିର୍ମଧ୍ୟମସମ୍ମତାନାମ୍ ।
ଦ୍ରୁତା ଗତିଶ୍ଚ ପ୍ରକୃତାଧମାନାଂ ଲୟତ୍ରୟଂ ସତ୍ତ୍ୱବଶେନ ଯୋଜ୍ୟମ୍ ।।୧୩।।

ଉତ୍ତମ ପାତ୍ରମାନଙ୍କର ଗତି ସ୍ଥିରକଳା ବା ସ୍ଥିତ ଲୟରେ, ମଧ୍ୟମ ପାତ୍ରଙ୍କର ଦ୍ୱିକଳା ଓ ମଧ୍ୟଲୟରେ ଏବଂ ଅଧମ ପାତ୍ରଙ୍କର ଏକକଳା ବା ଦ୍ରୁତ ଲୟରେ ସେମାନଙ୍କର ସାମର୍ଥ୍ୟ ଅନୁସାରେ ସଂଯୋଜିତ ହେବା ଉଚିତ ।

ଏଷ ଏବ ତୁ ବିଜ୍ଞେୟଃ କଳାତାଳଲୟେ ବିଧିଃ ।
ପୁନର୍ଗତି ପ୍ରଚାରସ୍ୟ ପ୍ରୟୋଗଂ ଶୃଣୁତାନଘାଃ ।।୧୪।।

ଏହିଭଳି ପାତ୍ରମାନଙ୍କର ଗତିରେ ହେଉଥିବା ତାଳ, ଲୟ ତଥା କଳାର ନିୟମ ସଂବନ୍ଧରେ କହିଲି । ହେ ନିଷ୍ପାପ ! ତୁମକୁ ଏବେ ବିଭିନ୍ନ ପାତ୍ରଙ୍କ ନିମନ୍ତେ ଉପଯୁକ୍ତ ଗତିମାନଙ୍କର ବିଶିଷ୍ଟ ଲକ୍ଷଣ ଆଦି ବିଷୟରେ କହୁଛି ଶୁଣ ।

ସ୍ୱାଭାବିକ ଗତି :—

ସ୍ୱଭାବେ ତୂତ୍ତମଗତୌ କାର୍ଯ୍ୟଂଜାନୁ କଟୀସମମ୍ ।
ଯୁଦ୍ଧଚାରୀ ପ୍ରୟୋଗେଷୁ ପୁନସ୍ତନସମଂ ନ୍ୟସେତ୍ ।।୧୫।।

ଉତ୍ତମ ପାତ୍ରର ସ୍ୱାଭାବିକ ଗତିରେ ଆଣ୍ଠୁକୁ ଅଣ୍ଟା ପର୍ଯ୍ୟନ୍ତ ଓ ଯୁଦ୍ଧରେ ପ୍ରଯୁକ୍ତ ଚାରୀ ବେଳେ ସ୍ତନ ପର୍ଯ୍ୟନ୍ତ ଉଠେଇ ନେଇ ନେଇଯିବା ବିଧେୟ ।

ପାର୍ଶ୍ୱକ୍ରାନ୍ତୈଃ ସଲଳିତୈଃପାଦୈର୍ବାଦ୍ୟାନୁବର୍ତ୍ତିରଥ ।
ରଙ୍ଗକୋଣୋନ୍ମୁଖଂ ଗଚ୍ଛେତ୍ ସମ୍ୟକ୍ ପଞ୍ଚପଦାନି ତୁ ।।୧୬।।

ବାମବେଧଂ ତତଃକୁର୍ଯ୍ୟାଦ୍‌ବିକ୍ଷେପଂ ଦକ୍ଷିଣେନ ଚ ।
ପରିବୃତ୍ୟ ଦ୍ୱିତୀୟନ୍ତୁ ଗଚ୍ଛେତ୍ କୋଣଂ ତତଃ ପରମ୍ ।।୧୭।।

ତତ୍ରାପି ବାମବେଧସ୍ତୁ ବିକ୍ଷେପୋ ଦକ୍ଷିଣେନ ଚ ।
ତତୋ ଭାଣ୍ଡୋନ୍ମୁଖୋ ଗଚ୍ଛେତ୍ତାନ୍ୟେବ ତୁ ପଦାନି ଚ ।।୧୮।।

ଏବଂ ଗତାଗତୈର୍ଗତ୍ୱା ପଦାନାମେକବିଂଶତିମ୍ ।
ବାମ ବେଧଂ ତତଃ କୁର୍ଯ୍ୟାଦ୍‌ବିକ୍ଷେପଂ ଦକ୍ଷିଣସ୍ୟ ଚ ।।୧୯।।

ସେ ପାର୍ଶ୍ୱକ୍ରାନ୍ତାଚାରୀରେ ବାଦ୍ୟବାଦନ ସହିତ ସୁନ୍ଦର ଭାବରେ ପାଦ ରଖି ରଙ୍ଗମଞ୍ଚର କୋଣ ଅଭିମୁଖରେ ପାଞ୍ଚ ପାହୁଣ୍ଡ ଯିବେ । ତାପରେ ସେ 'ସୂଚୀ' ଚାରୀକୁ ବାମ ପାଦ

ଆଗରେ ରଖି ପ୍ରଦର୍ଶିତ କରନ୍ତୁ ଏବଂ ଦକ୍ଷିଣ ପାଦକୁ ପଛକୁ କରି 'ବିକ୍ଷେପ' ପ୍ରଦର୍ଶନ କରନ୍ତୁ । ଏହାପରେ ବର୍ତ୍ତୁଳାକାରରେ ଘୂରି ଅପର କୋଣ ଆଡ଼କୁ ପାଞ୍ଚ ପାହୁଣ୍ଡ ବଢ଼ନ୍ତୁ ଏବଂ ବାମ ପାଦ ଆଗକୁ କରି 'ସୂଚୀ' ତଥା ଦକ୍ଷିଣ ପାଦ ପଛକୁ କରି 'ବିକ୍ଷେପ'ର ପ୍ରଦର୍ଶନ କରନ୍ତୁ । ତା ପରେ ବର୍ତ୍ତୁଳାକାରରେ ଘୂର୍ଣ୍ଣନ କରି ବାଦ୍ୟ ଦିଗକୁ ବଢ଼ି ସେହି ପରି ପାଞ୍ଚ ପାହୁଣ୍ଡ ଆଗେଇ ଯାଆନ୍ତୁ । ଏହିଭଳି ଆସିବା ଯିବାରେ ହୋଇଥିବା, ଏକୋଇଶ ପାହୁଣ୍ଡ ସଂଖ୍ୟା ପୂରା କରି ସେ ବାମ ପାଦରେ 'ସୂଚୀ' ଗ୍ରହଣ ତଥା ତା' ପଛକୁ ଦକ୍ଷିଣ ପାଦ ରଖି ପୁନଃ 'ବିକ୍ଷେପ'ର ପ୍ରଦର୍ଶନ କରିବେ ।

> ରଙ୍ଗେ ବିକୃଷ୍ଟେ ଭରତେନ କାର୍ଯ୍ୟୋ ଗତାଗତଃ ପାଦଗତି ପ୍ରଗ୍ରରଃ ।
> ତ୍ର୍ୟଶ୍ରସ୍ତ୍ରିକୋଣେ ଚତୁରସ୍ରରଙ୍ଗେ ଗତିପ୍ରଗ୍ରରଶ୍ଚତୁରସ୍ର ଏବ ।।୨୦।।

'ବିକୃଷ୍ଟ' ନାଟ୍ୟଗୃହରେ ଅଭିନେତା ଆପଣାର ପାଦ ଗତି ଯିବା – ଆସିବା କରିବା ଭଳି ଓ ବିସ୍ତାର୍ଣ୍ଣ, 'ତ୍ର୍ୟସ୍ର' ନାଟ୍ୟଗୃହରେ ତାହା ତ୍ରିକୋଣାଭିମୁଖୀ ଅର୍ଥାତ୍ ତେର୍ଚ୍ଛା ଏବଂ 'ଚତୁରସ୍ର' ନାଟ୍ୟଗୃହରେ ପାହୁଣ୍ଡର ଗତି ଗ୍ରହିପଟକୁ ହେବା କଥା ।

> ଯଃ ସମୈଃ ସହିତୋ ଗଚ୍ଛେଦତ୍ର କାର୍ଯ୍ୟୋ ଲୟାଶ୍ରୟଃ ।
> ଚତୁଷ୍କଳୋଽଥ ଦ୍ୱିକଳସ୍ତଥୈବୈକକଳଃ ପୁନଃ ।।୨୧।।

ଯେତେବେଳେ ଅଭିନେତା ସମଗତିରେ ଆପଣାର ସମସ୍ଥିତିରେ ଥିବା ପାତ୍ରଙ୍କ ସହିତ ଚାଲିଥିବେ ସେତେବେଳେ ତାର ଗତିର ଲୟ ତାର ପ୍ରକୃତି ଏବଂ ବିଧି ଅନୁସାରେ ଚାରି ଦୁଇ କିମ୍ବା ଏକ କଳାରେ ରଖାଯିବ ।

> ଅଥ ମଧ୍ୟମନୀଚୈସ୍ତୁ ଗଚ୍ଛେଦ୍ୟଃ ପରିବାରିତଃ ।
> ଚତୁଷ୍କଳମଥାର୍ଦ୍ଧଞ୍ଚ ତଥା ଚୈକକଳଂ ପୁନଃ ।।୨୨।।

ମାତ୍ର ଯଦି କେତେବେଳେ କେହି ନୀଚ କିଂବା ମଧ୍ୟମ ପାତ୍ରଙ୍କ ସହିତ ଚାଲୁଥିବ (ସେହି ବର୍ଗର ଗତି ସମୟରେ) ଲୟକୁ ଚାରି, ଦୁଇ ବା ଏକ କଳାରେ ସ୍ଥିତି ବା ଯୋଗ୍ୟତାନୁସାରେ ରଖାଯିବ ।

> ଦେବ-ଦାନବ-ଯକ୍ଷାଣାଂ ନୃପପନ୍ନଗରକ୍ଷସାମ୍ ।
> ଚତୁସ୍ତାଳ ପ୍ରମାଣେନ କର୍ତ୍ତବ୍ୟାଥ ଗତିର୍ବୁଧୈଃ ।।୨୩।।

ଦେବ, ଦାନବ, ଯକ୍ଷ, ନାଗ, ରାକ୍ଷସ ତଥା ରାଜା (ଉତ୍ତମ ପାତ୍ର)ଙ୍କର ଗତି ଚାରିତାଳ ପ୍ରମାଣରେ 'ପାହୁଣ୍ଡ' ପକେଇ ଯିବେ ।

> ଦିବୌକସାନ୍ତୁ ସର୍ବେଷାଂ ମଧ୍ୟମା ଗତିରିଷ୍ୟତେ ।
> ତତ୍ରାପି ସ୍ରେଷ୍ଠତା ଯେ ତୁ ତେଷାଂ ଦେବୈଃ ସମା ଗତିଃ ।।୨୪।।

ସ୍ୱର୍ଗର ସମସ୍ତ ଦେବତାଙ୍କର ମଧ୍ୟମା ଗତି । ମାତ୍ର ସେମାନଙ୍କ ମଧ୍ୟରେ ବି ଯେଉଁମାନେ ଉଦ୍ଧତ ପ୍ରକୃତିର ଚରିତ୍ର, ସେମାନଙ୍କର ଗତି ମଧ୍ୟ ଦେବତାମାନଙ୍କ ଭଳି ସମାନ ପ୍ରଭାବଶାଳୀ ହେବ ।

ପାତ୍ରାନୁସାରୀ ଗତି :–

ଋଷୟ ଉଚୁଃ –

ଯଦା ମନୁଷ୍ୟା ରାଜାନସ୍ତେଷାଂ ଦେବଗତିଃ କଥମ୍ ।
ଅତ୍ରୋଚ୍ୟତେ କଥଂ ନୈଷା ଗତା ରାଜ୍ଞାଂ ଭବିଷ୍ୟତି ।।୨୫।।

ଅଥ ଦିବ୍ୟାଃ ପ୍ରକୃତୟୋ ଦିବ୍ୟମାନୁଷ୍ୟ ଏବ ଚ ।
ମାନୁଷ୍ୟ ଇତି ବିଜ୍ଞେୟା ନାଟ୍ୟବୃତ୍ତି କ୍ରିୟାଂ ପ୍ରତି ।।୨୬।।

ଦେବାନାଂ ପ୍ରକୃତିର୍ଦିବ୍ୟା ରାଜ୍ଞାଂବୈ ଦିବ୍ୟମାନୁଷୀ ।
ଯାତ୍ୱାନ୍ୟା ଲୋକ ବିଦିତା ମାନୁଷୀ ସା ପ୍ରକୀର୍ତ୍ତିତା ।।୨୭।।

ଦେବାଂଶଜାସ୍ତୁ ରାଜାନୋବେଦାଧ୍ୟତ୍ମସୁ କୀର୍ତ୍ତିତାଃ ।
ଏବଂ ଦେବାନୁକରଣେ ଦୋଷୋ ହ୍ୟତ୍ର ନ ବିଦ୍ୟତେ ।।୨୮।।

ଋଷିମାନେ ଭରତମୁନିଙ୍କୁ ପଚ୍ଚରିଲେ ରାଜା ମନୁଷ୍ୟପାତ୍ର ରୂପରେ ରହିଥିଲେ ହେଁ ତାଙ୍କର ଗତି ଦିବ୍ୟ-ପାତ୍ର ଭଳି କାହିଁକି ହେବ ? ଉତ୍ତର-ରାଜାଙ୍କର ଦେବଗଣଙ୍କ ଭଳି ଗତି ହେଲେ ଅସୁବିଧା କଣ ? କାରଣ ରୂପକମାନଙ୍କରେ ଦିବ୍ୟମନୁଷ୍ୟ ଏବଂ ମନୁଷ୍ୟପାତ୍ର ଥାଆନ୍ତି । ସେଥିରେ ଦେବତାମାନଙ୍କର, ଦିବ୍ୟ ରାଜାଙ୍କର, ଦିବ୍ୟମନୁଷ୍ୟ ତଥା ଅନ୍ୟାନ୍ୟ ଲୋକ ସୁଲଭ ପ୍ରସିଦ୍ଧ ପାତ୍ରଙ୍କର ମାନୁଷୀ – ପ୍ରକୃତି ବୋଲି ଧରାଯାଇଛି । ବେଦ ତଥା ବେଦାନ୍ତ ଶାସ୍ତ୍ରରେ ରାଜାଙ୍କୁ ଦେବ ଅଂଶରେ ଜନ୍ମ ବୋଲି କୁହାଯାଇଛି; ତେଣୁ ରାଜାଙ୍କର ଗତି ଦିବ୍ୟପାତ୍ର ଭଳି ହେଲେ କୌଣସି ହାନି ହେଲା ବୋଲି ଭାବିବା ଉଚିତ ନୁହେଁ ।

ଅୟଂ ବିଧିସ୍ତୁ କର୍ତ୍ତବ୍ୟଃ ସ୍ୱଚ୍ଛନ୍ଦଗମନଂ ପ୍ରତି ।
ସଂଭ୍ରମୋତ୍ପାତରୋଷେଷୁ ପ୍ରମାଣଂ ନ ବିଧୀୟତେ ।।୨୯।।

ଏହି ବିଧାନ ସାଧାରଣ ଗତି ନିମନ୍ତେ ଆବେଗ, ଉତ୍ପାତ ତଥା କ୍ରୋଧର ଅବସ୍ଥାରେ ପାତ୍ରମାନଙ୍କର ଗତିର କୌଣସି ନିୟମ ରହେ ନାହିଁ ।

ବିଶେଷ ଅବସ୍ଥାମାନଙ୍କରେ ପାତ୍ରମାନଙ୍କର ଗତି :–

ସର୍ବାସାଂ ପ୍ରକୃତୀନାନ୍ତୁ ଅବସ୍ଥାନ୍ତରସଂଶ୍ରୟା ।
ଉତ୍ତମାଧମମଧ୍ୟାନାଂ ଗତିଃ କାର୍ଯ୍ୟା ପ୍ରଯୋକ୍ତୃଭିଃ ।।୩୦।।

ମାତ୍ର ନାଟ୍ୟ ବିଧାୟକମାନେ ସମସ୍ତ ପାତ୍ରଙ୍କୁ – ଉତ୍ତମ, ମଧ୍ୟମ ଓ ଅଧମ ବିଗ୍ଭରିଲେ ସେମାନଙ୍କର ଅବସ୍ଥାକୁ ଦେଖି ତଦନୁସାରେ 'ଗତି' ନିର୍ଣ୍ଣୟ କରନ୍ତୁ ।

ଚତୁରର୍ଦ୍ଧକଳଂ ବା ସ୍ୟାତ୍ତଦର୍ଦ୍ଧକଳମେବ ଚ ।
ଅବସ୍ଥାନ୍ତରମାସାଦ୍ୟ କୁର୍ଯ୍ୟାଦ୍‌ଗତିବିଚେଷ୍ଟିତମ୍ ।।୩୧ ।।

ବିଶେଷ ଅବସ୍ଥାରେ ଏହି ଉତ୍ତମାଦି ପାତ୍ରମାନଙ୍କର ଗତିର ସମୟ ଗ୍ଭରିକଳାର ଅଧା ଦୁଇ କଳା, ସେହି ଅର୍ଦ୍ଧଭାଗର ଅଧା ଏକ କଳା ରଖିବା ଉଚିତ ।

ଜ୍ୟେଷ୍ଠେ ଚତୁଷ୍କଳଂ ଯତ୍ର ମଧ୍ୟମେ ଦ୍ୱିକଳଂ ଭବେତ୍ ।
ଦ୍ୱିକଳା ଗ୍ଭେତ୍ତମେ ଯତ୍ର ମଧ୍ୟେ ଚୈକକଳା ଭବେତ୍ ।।୩୨ ।।

ଉତ୍ତମ ପାତ୍ରର ଗତି ଗ୍ଭରିକଳା ପ୍ରମାଣରେ ହେଲେ ମଧ୍ୟମ ପାତ୍ରର ଦୁଇକଳା ଏବଂ ଅଧମ ପାତ୍ରର ଏକ କଳା ହୋଇଥାଏ । ମାତ୍ର ଯେତେବେଳେ ଉତ୍ତମ ପାତ୍ରର ଦୁଇକଳା ହେବ ମଧ୍ୟମ ପାତ୍ରର ଏକ କଳା ରଖିବା ଉଚିତ ।

କଳୈକଂ ମଧ୍ୟମେ ଯତ୍ର ନୀଚେତ୍ୱର୍ଦ୍ଧକଳଂ ଭବେତ୍ ।
ଏବମର୍ଦ୍ଧାର୍ଦ୍ଧହାନିସ୍ତୁ କଳାନାଂ ସଂପ୍ରଯୋଜୟେତ୍ ।।୩୩ ।।

ଯେତେବେଳେ ମଧ୍ୟମ ପାତ୍ରର ଏକ କଳା ହେବ ସେତେବେଳେ ଅଧମ ପାତ୍ରର ଗତି ଅର୍ଦ୍ଧକଳା ରହିଥାଏ । ଏହିପରି ବିଶେଷ ଅବସ୍ଥାରେ କଳାର ଯୋଜନା ଅଧା-ଅଧା ହୋଇଥାଏ ।

ଉତ୍ତମାନାଂ ଗତିର୍ଯ୍ୟା ତୁ ନ ତାଂ ମଧ୍ୟେଷୁ ଯୋଜୟେତ୍ ।
ମଧ୍ୟମାନାଂ ଗତିର୍ଯ୍ୟା ତୁ ନ ତାଂ ନୀଚେଷୁ ଯୋଜୟେତ୍ ।।୩୪ ।।

ଉତ୍ତମ ପାତ୍ରର ଗତିର ମଧ୍ୟମ ପାତ୍ରରେ ତଥା ମଧ୍ୟମ ପାତ୍ରର ଗତି ଅଧମ ପାତ୍ରରେ ଯୋଜନା କରିବା ଉଚିତ ନୁହେଁ ।

ଗତିମାନଙ୍କର ଲୟ ବିଧାନ :–

ଜ୍ୱରାର୍ତ୍ତେ ଚ କ୍ଷୁଧାର୍ତ୍ତେ ଚ ତପଃ ଶ୍ରାନ୍ତେ ଭୟାନ୍ୱିତେ ।
ବିସ୍ମୟେ ଗ୍ଭବହିତ୍‌ଥ୍ୟେ ଚ ତଥୌତ୍ସୁକ୍ୟସମନ୍ୱିତେ ।।୩୫ ।।

ଶୃଙ୍ଗାରେ ଚୈବ ଶୋକେ ଚ ସ୍ୱଚ୍ଛନ୍ଦଗମନେ ତଥା ।
ଗତିଃ ସ୍ଥିତଲୟା କାର୍ଯ୍ୟାଧିକନାନ୍ତରପାତିତା ।।୩୬ ।।

ପୁନଶ୍ଚିନ୍ତାନ୍ୱିତେ ଚୈବ ଗତିଃ କାର୍ଯ୍ୟା ଚତୁଷ୍କଳା
ଅସ୍ୱସ୍ଥକାମିତେ ଚୈବ ଭୟେ ବିତ୍ରାସିତେ ତଥା ।। ୩୭ ।।

ଆବେଗେ ଚୈବ ହର୍ଷେ ଚ କାର୍ଯ୍ୟେ ଯଚ୍ଚ ତ୍ୱରାନ୍ୱିତମ୍
ଅନିଷ୍ଟ ଶ୍ରବଣେ ଚୈବ କ୍ଷେପେ ଚାଦ୍ଭୁତଦର୍ଶନେ ।।୩୮ ।।

ଅପି ଚାତ୍ୟୟିକେ କାର୍ଯ୍ୟେ ଦୁଃଖିତେ ଶତ୍ରୁମାର୍ଗଣେ ।
ଅପରାଧାନୁସରଣେ ଶ୍ୱାପଦାନୁଗତୌ ତଥା ।।୩୯ ।।

ଏତେଷ୍ୱେବଂ ଗତିଂ ପ୍ରାଜ୍ଞୋ ଦ୍ୱିକଳାଂ ସଂପ୍ରଯୋଜୟେତ୍ ।
ଗତିଃ ଶୃଙ୍ଗାରିଣୀ କାର୍ଯ୍ୟା ସ୍ୱସ୍ଥକାମିତସମ୍ଭବା ।।୪୦।।

(ଉତ୍ତମାନାଂ ମତିର୍ଯ୍ୟା ତୁ ନତାଂ ମଧ୍ୟେଷୁ ଯୋଜୟେତ୍)

ଜ୍ୱରଗ୍ରସ୍ତ, କ୍ଷୁଧାର୍ତ୍ତ, ଶ୍ରାନ୍ତ, ଭୟଭୀତ ବ୍ୟକ୍ତି ତଥା ବିସ୍ମୟ, ଅବହିତ୍ଥା, ଔତ୍ସୁକ୍ୟ, ଶୃଙ୍ଗାର ତଥା ଶୋକର ଅବସ୍ଥାରେ ସ୍ଥିତଲୟ (ବିଳମ୍ବିତ)ରେ ଗତି ହେବା କଥା । ଏଥିରେ ସାଧାରଣତଃ ଚାରିକଳାରୁ ଅଧିକ ସମୟ ଲାଗିବ କିଂବା ଅତିକମରେ ଚାରିକଳାର ସମୟ ଲାଗିବ । ମାତ୍ର ସୁଚିନ୍ତା ଯୁକ୍ତ ଦଶାରେ ଗତି ଚାରିକଳା ପ୍ରମାଣରେ ହିଁ ରହିବା ଉଚିତ ।

ଅସ୍ୱସ୍ଥ, କାମିତା, ଭୟ, ବ୍ୟଗ୍ରତା, ଆବେଗ, ହର୍ଷ, ଶୀଘ୍ରତାରେ କରୁଥିବା କାର୍ଯ୍ୟ, ଅନିଷ୍ଟ-ଶ୍ରବଣ, ନିନ୍ଦା, ଅଦ୍ଭୁତ ଦର୍ଶନ, ଆବଶ୍ୟକ କାର୍ଯ୍ୟ, ଦୁଃଖୀ, ଶତ୍ରୁର ଅନ୍ୱେଷଣ, ଅପରାଧୀର ଅନୁଧାବନ, ଶିକାର ପଛରେ ଗୋଡ଼େଇଥିବା ଅବସ୍ଥାରେ ଏଭଳି ପାତ୍ରମାନଙ୍କର ଗତି ବୁଦ୍ଧିମାନ ନିର୍ଦ୍ଦେଶକଙ୍କ ଦ୍ୱାରା ଦୁଇକଳାରେ ସଂଯୋଜିତ ଶୃଙ୍ଗାର ରସର ଦଶାରେ ପ୍ରକଟିତ ହେଉଥିବା ରୂପବନ୍ତ ବା ଅପ୍ରଚ୍ଛନ୍ନ କାମାସକ୍ତ ପାତ୍ର (ସ୍ୱସ୍ଥକାମିତ)ର ଗତି ଲଳିତ ହେବା ବିଧେୟ ।

ଶୃଙ୍ଗାର ରସରେ ପାତ୍ରର ଗତି :—

ଦୂତାଦର୍ଶିତମାର୍ଗସ୍ତୁ ପ୍ରବିଶେଦ୍ରଙ୍ଗମଣ୍ଡଳମ୍ ।
ସୂଚୟା ଚାପ୍ୟଭିନୟଂ କୁର୍ଯ୍ୟାଦର୍ଥସମାଶ୍ରୟମ୍ ।।୪୧ ।।

ହୃଦ୍ୟୈର୍ବସ୍ତ୍ରୈସ୍ତଥା ଗନ୍ଧୈର୍ଧୂପେଶ୍ଚୂର୍ଣ୍ଣୈଶ୍ଚ ଭୂଷିତଃ ।
ନାନାପୁଷ୍ପସୁଗନ୍ଧାଭିର୍ମାଳାଭିଃ ସମଳଂକୃତଃ ।।୪୨ ।।

ଗଚ୍ଛେତ୍ ସଲଳିତୈଃ ପାଦୈରତିକ୍ରାନ୍ତସ୍ଥିତୈସ୍ତଥା ।
ତଥା ସୌଷ୍ଠବସଂଯୁକ୍ତୈର୍ଲୟତାଳ ବଶାନୁଗୈଃ ।।୪୩ ।।

ପାଦୟୋରନୁଗୌ ଚାପି ହସ୍ତୌ କାର୍ଯ୍ୟୌ ପ୍ରଯୋକ୍ତୃଭିଃ
ଉତ୍କ୍ଷିପ୍ୟ ହସ୍ତଂ ପାର୍ଶ୍ୱେନ ପାଦୟୋଶ୍ଚ ବିପର୍ଯ୍ୟୟାତ୍ ।।୪୪ ।।

ଶୃଙ୍ଗାରୀ ପାତ୍ର ଦୂତୀଦ୍ୱାରା ଦର୍ଶିତ ମାର୍ଗରେ ରଙ୍ଗମଞ୍ଚକୁ ପ୍ରବେଶ କରିବ । ସେ ସୂଚନାଭିନୟ ଦ୍ୱାରା ତା'ର ଆନ୍ତରିକ ଭାବ ପ୍ରକାଶିତ କରିବ । ସେ ସୁନ୍ଦର ବସ୍ତ୍ରାଳଙ୍କାରରେ ସୁସଜ୍ଜିତ, ସୁଗନ୍ଧ, ଧୂପ ତଥା ଚୂର୍ଣ୍ଣ ଭୂଷିତ, ବିଭିନ୍ନ ମଧୁର ସୁଗନ୍ଧିତ ପୁଷ୍ପମାଳା ଧାରଣ କରି ସେ ଲଳିତ ଗତିରେ 'ଅତିକ୍ରାନ୍ତା' 'ଗ୍ୱରୀ' ଭଙ୍ଗୀରେ ତାଳ ଲୟ ଅନୁସାରେ ଗ୍ୱଲିଥିବ । ତାର ଅବୟବ ସବୁ ସୌଷ୍ଠବଯୁକ୍ତ ହୋଇଥିବ । ପାଦର ଗତି ହାତଦ୍ୱାରା ଅନୁସରଣ ହେଉଥିବା ବିଧେୟ । ସେ ହାତ ପଡ଼ିବା ବେଳେ ପାଦ ଉଠେଇବା ଏବଂ ହାତ ଉଠିଲା ବେଳେ ପାଦ ଭୂମିରେ ଥାପିବ ।

ପ୍ରଚ୍ଛନ୍ନକାମିତେ ଚୈବ ଗତିଂ ଭୂୟୋ ନିବୋଧତ ।
ବିସର୍ଜିତଜନଃ ସ୍ୱସ୍ତଥା ଦୂତୀସହାୟବାନ୍ ।।୪୫।।

ନିର୍ବାଣ ଦୀପୋ ନାତ୍ୟର୍ଥୈ ର୍ଭୂଷଣୈଶ୍ଚ ବିଭୂଷିତଃ
ବେଳାସଦୃଶବସ୍ତ୍ରୈଶ୍ଚ ସହ ଦୂତ୍ୟା ଶନୈସ୍ତଥା ।।୪୬।।

ବ୍ରଜେତ୍ ପ୍ରଚ୍ଛନ୍ନକାମସ୍ତୁ ପାଦୈର୍ନିଃଶବ୍ଦମନ୍ଦଗୈଃ
ଶବ୍ଦଶଙ୍କୟୋତ୍ସୁକଶ୍ଚ ସ୍ୟାଦବଲୋକନତତ୍ପରଃ ।।୪୭।।

ବର୍ତ୍ତମାନ ପ୍ରଚ୍ଛନ୍ନକାମୀ ପାତ୍ରର ଗତି ବର୍ଣ୍ଣନା କରୁଛି । ସେ ତାର ସେବକ ତଥା ସହାୟକମାନଙ୍କୁ ଫେରେଇ ଦେଇ ରାତ୍ରିକାଳରେ ଦୂତୀ ସଙ୍ଗରେ ଯିବ । ଶୂନ୍ୟ ମାର୍ଗ, ଦୀପ ଅଥବା ପ୍ରକାଶ ରହିତ ପଥ ଏଭଳି ସମୟ ହେବା ଉଚିତ । ସେ ଶରୀରକୁ ଅଧିକ ବସ୍ତ୍ର କିଂବା ଅଳଙ୍କାରଦ୍ୱାରା ସଜାଇବ ନାହିଁ । ସେ ସମୟାନୁସାରୀ ବସ୍ତ୍ର ଧାରଣ କରିବ ଏବଂ ଦୂତୀ ସହିତ କୌଣସି ପ୍ରକାର ପାଦ ଶବ୍ଦ ନକରି ଗ୍ୱଲିବ । କିଛି ଶବ୍ଦ ହେଲେ ଶଙ୍କା ତଥା କୌତୂହଳରେ ଦେଖି କମ୍ପିତ ଶରୀର ତଥା ଅନ୍ଧକାରରେ ଝୁଣ୍ଟି ଟଳମଳ ପାଦରେ ଗ୍ୱଲିବାର ପ୍ରଦର୍ଶନ କରିବ ।

ରୌଦ୍ରରସରେ ପାତ୍ରର ଗତି :—

ବେପମାନଶରୀରଶ୍ଚ ଶଂକିତଃ ପ୍ରସ୍‌ଖଳନ୍ ମୁହୁଃ
ରସେ ରୌଦ୍ରେତୁ ବକ୍ଷ୍ୟାମି ଦୈତ୍ୟରକ୍ଷୋଗଣାନ୍ ପ୍ରତି ।।୪୮।।

ଏକ ଏବ ରସସ୍ତେଷାଂ ଯସ୍ମୀ ରୌଦ୍ରୋ ଦ୍ୱିଜୋତ୍ତମାଃ
ନେପଥ୍ୟରୌଦ୍ରୋ ବିଜ୍ଞେୟସ୍ତ୍ୱଙ୍ଗରୌଦ୍ରସ୍ତଥୈବ ଚ ।।୪୯।।

ତଥା ସ୍ୱଭାବଜଶ୍ଚୈବ ତ୍ରିଧା ରୌଦ୍ରଃ ପ୍ରକଳ୍ପିତଃ
ରୁଧିରକ୍ଲିନ୍ନଦେହୋ ଯୋ ରୁଧିରାର୍ଦ୍ରମୁଖସ୍ତଥା ।।୫୦।।

ତଥା ପିଶିତହସ୍ତଶ୍ଚ ରୌଦ୍ର ନେପଥ୍ୟକସ୍ତୁ ସଃ
ବହୁବାହୁ ର୍ବହୁମୁଖୋ ନାନାପ୍ରହରଣାକୁଳଃ ।।୫୧।।

ସ୍ଥୂଳକାୟସ୍ତଥା ପ୍ରାଂଶୁରଙ୍ଗରୌଦ୍ରଃ ପ୍ରକୀର୍ତ୍ତିତଃ
ରକ୍ତାକ୍ଷଃ ପିଙ୍ଗକେଶଶ୍ଚ ଅସିତୋ ବିକୃତସ୍ୱରଃ ।।୫୨।।

ରୂକ୍ଷୋ ନିର୍ଭର୍ତ୍ସନପରୋ ରୌଦ୍ରେ ସୋଽଥ ସ୍ୱଭାବଜଃ ।
ଚତୂସ୍ତାଳାନ୍ତରୋତ୍କ୍ଷିପ୍ତୈଃ ପାଦୈସ୍ତ୍ୱରପାତିତୈଃ ।।୫୩।।

ଗତିରେବଂ ପ୍ରକର୍ତ୍ତବ୍ୟା ତେଷାଂ ଯେ ଚାପି ତଦ୍‌ବିଧା ।।୫୪।।

ବର୍ତ୍ତମାନ ମୁଁ ରୌଦ୍ରରସରେ ଦୈତ୍ୟ ଏବଂ ରାକ୍ଷସ ପାତ୍ରମାନଙ୍କର ଗତି ସଂବନ୍ଧରେ ବର୍ଣ୍ଣନା କରୁଛି । କାରଣ ଏହି ପାତ୍ରମାନଙ୍କ ମଧ୍ୟରେ ରୌଦ୍ରରସ ସ୍ଥାୟୀଭାବରେ ରହିଥାଏ । ରୌଦ୍ରରସ ତିନି ପ୍ରକାର ଯଥା :– ୧ – ନେପଥ୍ୟ ରୌଦ୍ର ୨ –ଅଙ୍ଗ ରୌଦ୍ର ତଥା ୩ – ସ୍ୱଭାବଜ ରୌଦ୍ର । ନେପଥ୍ୟ ରୌଦ୍ରର ସ୍ୱରୂପ ହେଲା ରକ୍ତରଂଜିତଶରୀର, ରକ୍ତମୁଖ ଏବଂ ହାତରେ ମାଂସ ଖଣ୍ଡ ଥିବା ଭଙ୍ଗୀ । ଅଙ୍ଗ ରୌଦ୍ରର ସ୍ୱରୂପ ହେଲା ଶରୀର ଅତ୍ୟନ୍ତ ଦୀର୍ଘ ହେବା । ସ୍ୱଭାବଜ ରୌଦ୍ର – ଶରୀର ଦୀର୍ଘ ଏବଂ ଉନ୍ନତ, ଅନେକ ମୁଖ ଓ ହାତ ଥିବା, ଅନେକ ଶସ୍ତ୍ର ଧାରଣ କରିଥିବା ଘଟଣା । ସ୍ୱଭାବଜ ରୌଦ୍ରର ପାତ୍ର ବିଶେଷଙ୍କର ସ୍ୱରୂପ – ରକ୍ତଚକ୍ଷୁ, ପୀତକେଶ, କଳାରଙ୍ଗ, କଠୋରସ୍ୱର, ରୁକ୍ଷସ୍ୱଭାବ ଏବଂ ଅନ୍ୟକୁ ଭର୍ତ୍ସନା କରିବାର ପ୍ରବୃତ୍ତି ଥିବା । ରୌଦ୍ର ରସରେ 'ଚଣ୍ଡଗତି' ରହିଥାଏ । ଏଥିରେ ପାଦକୁ ଚାରି ତାଳର ଅନ୍ତରରେ ଉଠେଇ ମଟିରେ ଭୂମିରେ ଆପିଦିଆଯାଉଥାଏ । ଏ ହେଲା ରୌଦ୍ରରସର ପାତ୍ରମାନଙ୍କର ଗତି । ଏମାନଙ୍କ ଭଳି ସ୍ୱଭାବର ଅନ୍ୟପାତ୍ରମାନଙ୍କର ମଧ୍ୟ ଏହିଭଳି ଗତି ରହିଥାଏ ।

ବୀଭତ୍ସ ରସରେ ପାତ୍ରର ଗତି :–

ଅହୃଦ୍ୟା ତୁ ମହୀ ଯତ୍ର ଶ୍ମଶାନରଣକଶ୍ମଳା
ଗତିଂ ତତ୍ର ପ୍ରଯୁଞ୍ଜୀତବୀଭତ୍ସାଭିନୟଂ ପ୍ରତି ।।୫୫।।

କ୍ୱଚିଦାସନ୍ନପତିତୈର୍ବିକୃଷ୍ଟପତିତୈଃ କ୍ୱଚିତ୍
ଏଳକାକ୍ରୀଡ଼ିତୈଃପାଦୈରୁପର୍ଯ୍ୟୁପରି ପାତିତୈଃ ।।୫୬।।

ବୀଭତ୍ସ ରସର ଗତିନିମନ୍ତେ ଏଭଳି ସ୍ଥାନରେ ଯୋଜନା ହେବା କଥା ଯାହା ଶ୍ମଶାନ ରଣଭୂମି ହୋଇଥିବା ହେତୁ ଭୀଷଣ ଓ ଘୃଣା ଉଦ୍ଦୀପକ ମନେ ହେଉଥିବ । ଏହି ରସରେ ପାତ୍ରର ଗତି ସଂକୁଚିତ ହୋଇଥାଏ । ଯେଉଁଥିରେ 'ଏଲକାକ୍ରୀଡ଼ିତା' ଚାରୀରେ ପାଦ କେତେବେଳେ ପାଖେପାଖେ ତ କେତେ ବେଳେ ଦୂରେ ଦୂରେ ତଥା କେତେବେଳେ ଗୋଟାଏ ପାଦ ଆର ପାଦ ଉପରେ ରଖି ଚାଲିଥାଏ । ହାତମାନଙ୍କର ଗତି ମଧ୍ୟ ପାଦର ଗତି ଅନୁସାରେ ହୋଇଥାଏ ।

ବୀରରସରେ ପାତ୍ରର ଗତି :—

ତେଷାମେବାନୁଗୈର୍ହ୍ୟୈର୍ବୀଭତ୍ସେ ଗତିରୁଚ୍ୟତେ
ଅଥ ବୀରେ ଚ କର୍ତ୍ତବ୍ୟା ପାଦବିକ୍ଷେପସଂଯୁତା ।।୫୭।।

ଦ୍ରୁତ ପ୍ରଗ୍ରାଧିଷ୍ଠାନା ନାନାଗ୍ରରୀସମାକୁଳା ।
ପାର୍ଶ୍ୱକ୍ରାନ୍ତୈର୍ଦ୍ରୁତାବିଦ୍ଧୈଃ ସୂଚୀବିଦ୍ଧୈସ୍ତଥୈବ ଚ ।।୫୮।।

ବୀରରସରେ ଉତ୍ତମପାଦ ବିକ୍ଷେପ କରିବା ବିଧେୟ । ତାହା ନାନାଗ୍ରରୀ ବିଶିଷ୍ଟ, ଗୌରବଗତି ସଂପନ୍ନ ଉତ୍ତମ ଓ ବୀର ପୁରୁଷଙ୍କ ସ୍ୱାଭାବିକ ଗତିଭାବେ ପ୍ରସିଦ୍ଧ । ଆବେଗ ଦଶାରେ ପାତ୍ର କଳା ଓ ତାଳ ଅନୁସାରେ ପାର୍ଶ୍ୱକ୍ରାନ୍ତା, ଦ୍ରୁତା ବିଦ୍ଧା ଓ ସୂଚୀବିଦ୍ଧା ହୋଇ ପାଦ ପକାଇବ ।

କଳାତାଳଗତୈଃ ପାଦୈରାବେଗେ ଯୋଜୟେଦ୍‌ଗତିମ୍
ଉତ୍ତମାନାମୟଂ ପ୍ରାୟଃ ପ୍ରୋକ୍ତୋ ଗତି ପରିକ୍ରମଃ ।।୫୯।।

ମୁଁ ଉତ୍ତମ ପାତ୍ରମାନଙ୍କର ସାମାନ୍ୟ ଗତି ସଂବନ୍ଧରେ କହିଲି । ବର୍ତ୍ତମାନ ମଧ୍ୟମ ଏବଂ ଅଧମ ପାତ୍ରଙ୍କର ଗତି ବର୍ଣ୍ଣନା କରୁଛି ।

ଅଦ୍ଭୁତ ତଥା ହାସ୍ୟରସରେ ପାତ୍ରର ଗତି :—

ମଧ୍ୟାନାମଧମାନାଂ ଚ ଗତିଂ ବକ୍ଷ୍ୟାମ୍ୟହଂ ପୁନଃ ।
ବିସ୍ମୟେ ଚୈବ ହର୍ଷେ ଚ ବିକ୍ଷିପ୍ତ ପଦବିକ୍ରମା ।।୬୦।।

ବିସ୍ମୟ ତଥା ହର୍ଷର ଅବସ୍ଥାରେ ପାଦର ଗତି ଟଳମଳ ତଥା ସବୁ ଦିଗକୁ ପଡୁଥିବା ଉଚିତ । ଏହି ଭଳି ହାସ୍ୟରସରେ ଏପରି ଅଥବା ଏତାଦୃଶ ଅନ୍ୟ ସମୀଚୀନ ଗତି ଯୋଜନା ହେବା ଉଚିତ । (ହାସ୍ୟ ରସର 'ବିକ୍ଷିପ୍ତାଗତି' ତଥା ଅଦ୍ଭୁତରସର 'ଆଶ୍ଚର୍ଯ୍ୟ' ଗତି) ।

କରୁଣ ରସରେ ପାତ୍ରର ଗତି :—

ଆସାଦ୍ୟ ତୁ ରସଂ ହାସ୍ୟମେତଚ୍ଚାନ୍ୟାଶ୍ଚ ଯୋଜୟେତ୍
ପୁନଶ୍ଚ କରୁଣେ କାର୍ଯ୍ୟା ଗତିଃ ସ୍ଥିରପଦୈରଥ ।।୬୧।।

ବାଷ୍ପାମ୍ବୁରୁଦ୍ଧନୟନଃ ସନ୍ନଗାତ୍ରସ୍ତଥୈବ ଚ ।
ଉତ୍କ୍ଷିପ୍ତପାତିତକରସ୍ତଥା ସସ୍ୱନରୋଦନଃ ।।୬୨।।

ଗଚ୍ଛେଦଥାଧ୍ୟର୍ଦ୍ଧିକୟା ପ୍ରତ୍ୟଗ୍ରାପ୍ରିୟ ସଂଶ୍ରୟେ ।
ଏଷା ସ୍ତ୍ରୀଣାଂ ପ୍ରୟୋକ୍ତବ୍ୟା ନୀଚସତ୍ତ୍ୱେ ତଥୈବ ଚ ।।୬୩।।

କରୁଣ ରସରେ ପାତ୍ରମାନଙ୍କର ପାଦଗତି ଧୀରହେବା ବିଧେୟ (ଏଣୁ କରୁଣରସର ଗତି 'ଶିଥିଳ ଗତି' ବୋଲାଇଥାଏ) । ଲୁହ ଛଳଛଳ ଆଖି, ଶରୀର ଅବସନ୍ନ, ହାତ ଉଠେଇ ପୁଣି ଢ଼ିଲା ଛାଡ଼ି ଦେବା ଏବଂ କ୍ରନ୍ଦନ କରିବା ଆଦିର ଅଭିନୟ ଏଥିରେ ହୋଇଥାଏ । ଏହି ଗତି ଅତ୍ୟନ୍ତ ଦୁଃଖଦ ଘଟଣା (ମରଣ ଆଦି) ସମୟରେ ରଖାଯାଏ ତଥା 'ଅଧ୍ୟର୍ଦ୍ଧିକା' ଧ୍ରୁବାରେ, ସ୍ଥିତ ଲୟରେ ଦେଢ଼ କଳା ଅନ୍ତରରେ କିଂବା ବିଳମ୍ବରେ ତଥା ସେଇଭଳି ମନ୍ଥର ଶିଥିଳ ଗତିରେ ପାଦ ପକେଇ ପ୍ରଦର୍ଶିତ କରାଯାଇଥାଏ । ଏହି ଗତି ସ୍ତ୍ରୀ ତଥା ନୀଚ ପାତ୍ରରେ ପ୍ରଯୁକ୍ତ କରିବା ବିଧେୟ ।

ଉତ୍ତମାନାନ୍ତୁ କର୍ତବ୍ୟା ସଧୈର୍ଯ୍ୟା ବାଷ୍ପସଙ୍ଗତା ।
ନିଃଶ୍ୱାସୈରାୟତୋତ୍କୃଷ୍ଟୈସ୍ତଥୈବୋର୍ଦ୍ଧ୍ୱନିରୀକ୍ଷିତୈଃ ।।୬୪।।

କରୁଣ ରସର ଦଶାରେ ଉତ୍ତମ ପାତ୍ରଙ୍କର ଗତି ଧୈର୍ଯ୍ୟଯୁକ୍ତ, ଅଶ୍ରୁପାତ ଏବଂ ଦୀର୍ଘ ନିଃଶ୍ୱାସ ତ୍ୟାଗ କରିବା ଏବଂ ଊର୍ଦ୍ଧ୍ୱକୁ ଅନେଇ ରହିବା ବିଧେୟ । ଏହି ପ୍ରକାର ଗତିରେ କଳା ତଥା କାଳଗତ କୌଣସି ସୀମା ଏବଂ ଶରୀର ସୌଷ୍ଠବ ଆଦିର ଯୋଜନା ନ କରିବା କଥା ।

ନ ତତ୍ର ସୌଷ୍ଠବଙ୍କାର୍ଯ୍ୟଂ ନ ପ୍ରମାଣନ୍ତଥାବିଧମ୍
ମଧ୍ୟାନାମପି ସତ୍ତ୍ୱସ୍ଥା ଗତିର୍ଯୋଜ୍ୟା ବିଧାନତଃ ।
ଉରଃପାତ ହତୋତ୍ସାହଃ-ଶୋକବ୍ୟାମୂଢ଼ଚେତନଃ ।।୬୫।।

ନାତ୍ୟୁତ୍କ୍ଷିପ୍ତୈଃ ପଦୈର୍ଗଚ୍ଛେଦିଷ୍ଟବନ୍ଧୁନିପାତନେ ।
ଗାଢ଼ପ୍ରହାରେ କାର୍ଯ୍ୟା ଚ ଶିଥିଳାଙ୍ଗଭୁଜାଶ୍ରୟା ।।୬୬।।

(ମଧ୍ୟମ ପାତ୍ରଙ୍କ ଗତି ମଧ୍ୟ ଏହି ବିଧାନ ଅନୁସାରେ ସତ୍ତ୍ୱ ବା ଶକ୍ତି ବିବେଚନାରେ ରଖାଯାଏ) ପ୍ରିୟଜନ ସଂବନ୍ଧି ବା ଇଷ୍ଟ ବନ୍ଧୁଙ୍କର ନିଧନ କାଳରେ ଛାତି ପିଟିବା, ଉତ୍ସାହହୀନ ହୋଇଯିବା ତଥା ଅତ୍ୟନ୍ତ ଶୋକ ହେତୁ ଚେତନାହୀନ ହେବା କୁହାଯାଇଛି । ଏଥିରେ ପ୍ରଦର୍ଶିତ ଗତିରେ ପାଦ ଅଧିକ ଉପରୁକ ଉଠିବା ଉଚିତ ନୁହେଁ । ଆଘାତ କିଂବା ଅତି ଆହତ ହୋଇଥିବା ଭୁଜ ଏବଂ ସ୍କନ୍ଧକୁ ଶିଥିଳ ତଥା ଶରରୀର ସବୁ ପଟକୁ ଘୂରିବା ଭଳି ରଖେ । ଏହି ଅବସ୍ଥାରେ ଗତି 'ଚୂର୍ଣ୍ଣପଦ' (ସାମାନ୍ୟ ଉଠେଇ ଭୂମି ଉପରେ ରଖିବା ବା ଠିକ ଭାବରେ ନ ରଖିବା) ସ୍ଥିତିରେ ରଖାଯାଏ ।

ଶୀତାର୍ତ୍ତ ପାତ୍ରର ଗତି :–

ବିଘୂର୍ଣ୍ଣିତଶରୀରା ଚ ଗତିଶ୍ଚୂର୍ଣ୍ଣପଦୈରଥ ।
ଶୀତେନ ଗ୍ରଭିଭୂତସ୍ୟ ବର୍ଷେଣାଭିଦ୍ରୁତସ୍ୟ ଚ ।।୬୭।।

ଗତିଃ ପ୍ରୟୋକ୍ତୃଭିଃ କାର୍ଯ୍ୟା ସ୍ତ୍ରୀନୀଚପ୍ରକୃତାବଥ ।
ପିଣ୍ଡୀକୃତ୍ୟ ତୁ ଗାତ୍ରାଣି ଚେଷ୍ଟାଂ-ଚୈବ ପ୍ରକମ୍ପନମ୍ ।।୬୮।।

କରୌ ବକ୍ଷସି ନିକ୍ଷିପ୍ୟ କୁବ୍‌ଜାଭୂତସ୍ତଥୈବ ଚ ।
ଦନ୍ତୋଷ୍ଠ ସ୍ଫୁରଣଂ-ଚୈବ ଚିବୁକସ୍ୟ ପ୍ରକମ୍ପନମ୍ ।।୬୯ ।।

ଶୀତ କିଂବା ବର୍ଷାରେ ଅଭିଭୂତ ସ୍ତ୍ରୀ ତଥା ଅଧମ ପାତ୍ରଙ୍କ ଗତିରେ ସମଗ୍ର ଶରୀରର ଅବୟବ ସଂକୁଚିତ ହୋଇ ଥରିବା, ଘୋଡ଼େଇବା ଅଭିପ୍ରାୟରେ ହାତ ଛାତି ଉପରେ ରଖିବା, ଶରୀର ନୁଆଁଇ ନେବା, ଦାନ୍ତ ଓ ଓଠ ବାଜିବା, ଚିବୁକ ଥରିବା, ଧୀରେ ଧୀରେ କାର୍ଯ୍ୟକରିବା ଆଦି ପ୍ରଦର୍ଶନ କରିବେ । ଏହି ଶୀତାଭିନୟ କାଳର ଗତି ଅତି ମନ୍ଦ (ସ୍ଥିତ ଲୟରେ) ହେବ ।

ଭୟାନକ ରସରେ ପାତ୍ରର ଗତି :–

କାର୍ଯ୍ୟଂ ଶନୈଶ୍ଚ କର୍ତ୍ତବ୍ୟଂ ଶୀତାଭିନୟନେ ଗତୌ ।
ତଥା ଭୟାନକେ ଚୈବ ଗତିଃ କାର୍ଯ୍ୟା ବିଚକ୍ଷଣୈଃ ।।୭୦।।

ସ୍ତ୍ରୀଣାଂ କାପୁରୁଷାଣାଞ୍ଚ ଯେ ଚାନ୍ୟେ ସତ୍ତ୍ୱବର୍ଜିତାଃ ।
ବିସ୍ଫାରିତେ ଚଳେ ନେତ୍ରେ ବିଧୂତଞ୍ଚ ଶିରସ୍ତଥା ।।୭୧ ।।

ଭୟସଂଯୁକ୍ତୟା ଦୃଷ୍ଟ୍ୟା ପାର୍ଶ୍ୱୟୋଶ୍ଚ ବିଲୋକିତୈଃ ।
ଦ୍ରୁତୈଶ୍ଚୂର୍ଣ୍ଣପଦୈଶ୍ଚୈବ ବଦ୍ଧ୍ୱା ହସ୍ତଂ କପୋତକମ୍ ।।୭୨ ।।

ପ୍ରବେପିତ-ଶରୀରଶ୍ଚ ଶୁଷ୍କୋଷ୍ଠଃ ସ୍ଖଳିତଂ ବ୍ରଜେତ୍ ।
ଏଷାନୁସରଣେ କାର୍ଯ୍ୟା ତର୍ଜ୍ଜନେ ତ୍ରାସନେ ତଥା ।।୭୩।।

ସତ୍ତ୍ୱଞ୍ଚ ବିକୃତଂ ଦୃଷ୍ଟ୍ୱା ଶ୍ରୁତ୍ୱା ଚ ବିକୃତଂରବମ୍ ।
ଏଷା ସ୍ତ୍ରୀଣାଂ ପ୍ରୟୋକ୍ତବ୍ୟା ନୃଣାମାକ୍ଷିପ୍ତବିକ୍ରମା ।।୭୪ ।।

କ୍ୱଚିଦାସନ୍ନ ପତିତୈର୍ବିକୃଷ୍ଟପତିତୈଃ କ୍ୱଚିତ୍ ।
ଏଳକାକ୍ରୀଡ଼ିତୈଃ ପାଦୈରୁପର୍ଯ୍ୟୁପରି ପାତିତୈଃ ।।୭୫ ।।

ଭୟାନକ ରସରେ ସ୍ତ୍ରୀ ପାତ୍ର ତଥା ଭୟାଳୁ ଏବଂ ଦୁର୍ବଳ ଅଧମ-ପାତ୍ରଙ୍କର ପ୍ରକୃତି ଅନୁସାରେ ସହଜଗତି ରହିବା ଉଚିତ । ଭୟାନକରସର ଅବସ୍ଥାରେ ସେମାନଙ୍କର ନେତ୍ର ଉନ୍ମୁକ୍ତ ତଥା ଚଂଚଳ କାତର, ମସ୍ତକ କମ୍ପିତ ମୁଦ୍ରାରେ ତଥା ଭୟଯୁକ୍ତ ଦୃଷ୍ଟିରେ କ୍ରମଶଃ ଉଭୟ ପାର୍ଶ୍ୱକୁ ଦେଖିବା ପ୍ରଦର୍ଶିତ ହେବ । ଏଥିରେ ଗତି ଦ୍ରୁତ ତଥା ଶିଥିଳ (ଚୂର୍ଣ୍ଣପଦ ଲକ୍ଷଣର) ହାତର ମୁଦ୍ରା 'କପୋତ', ଶରୀର କମ୍ପିତ ଓ ଓଠ ଶୁଖିଯାଉଥିବା ରଖିବା କଥା । ଏହି ଗତି ଶତ୍ରୁ ଗୋଡ଼ାଇବା ବେଳେ, ଡରେଇବା କିଂବା ଦୁଃଖ ଦେବା ସମୟରେ ପ୍ରଦର୍ଶିତ ହେବ । କୌଣସି ଭୟଂକର ପ୍ରାଣୀକୁ ଦେଖିବା ବା କୌଣସି ଭୟାନକ ଶବ୍ଦ ଶୁଣିବା

ବେଳେ ମଧ୍ୟ ଏହି ଗତିର ଯୋଜନା ହେବ । ଭୟାଳୁ ପୁରୁଷ - ସ୍ତ୍ରୀ ପାତ୍ରମାନଙ୍କ ପାଇଁ ମଧ୍ୟ ଏହି ଗତିର ସଂଯୋଜନା ହେବ । ମାତ୍ର ପୁରୁଷ ପାତ୍ରରେ କିଞ୍ଚିତ୍ ଧୈର୍ଯ୍ୟ ବା ପରାକ୍ରମ ପ୍ରଦର୍ଶନ (ଆକ୍ଷପ୍ତ ବିକ୍ରମା)ର ବୃତ୍ତି ସନ୍ନିଶ୍ରିତ ହୋଇ ସେହି ଗତି ରହିବ । ଭୟଭୀତ ପୁରୁଷର ଗତିରେ ଓ ମେଣ୍ଢା ଦଉଡ଼ି ('ଏଲକା କ୍ରୀଡ଼ିତ' ଗତିରେ) ପାଦ ଶୀଘ୍ରତା ସହ ଚଳେଇ ଉପରେ କିଂବା ସେଇଠି ରଖି କିଂବା ଗୋଟାଏ ପାଦରୁ ଆଉ ଏକ ପାଦକୁ ଦୂରେଇ ରଖି ଏବଂ ହାତକୁ ପାଦର ଗତି ଅନୁସାରେ ରଖିବ ।

ବିଭିନ୍ନ ପାତ୍ରମାନଙ୍କର ଗତି :— (ବଣିକ ଓ ମନ୍ତ୍ରୀଗଣ) —

ଏଷାମେବାନୁଗୈହସ୍ତୈର୍ଗତିଂ ଭୀତେଷୁ ଯୋଜୟେତ୍ ।
ବଣିଜାଂ ସଚିବାନାଞ୍ଚ ଗତିଃ କାର୍ଯ୍ୟା ସ୍ୱଭାବଗା ।।୭୬।।

ଅତିକ୍ରାନ୍ତୈଃ ପଦୈର୍ବିପ୍ରା ଦ୍ୱିତାଳାନ୍ତରଗାମିଭିଃ ।
ଆଦ୍ୟଂ ସ୍ୱରାଳମୁଦ୍ରାନଂ କୁର୍ଯ୍ୟାତ୍ ପାର୍ଶ୍ୱଂ ତଥାନ୍ତରେ ।
ନ ନିଷଣ୍ଣଂ ନ ଚ ସ୍ତବ୍ଧଂ ନ ସ୍ୱପି ପରିବାହିତମ୍ ।।୭୭।।

କୃତ୍ୱା ଗାତ୍ରଂ ତଥା ଗଚ୍ଛେରେ ନ ଚୈବ କ୍ରମେଣତୁ ।
କୃତ୍ୱା ନାଭିତଟେ ହସ୍ତମୁଦ୍ରାନଂ ଖଟକାମୁଖମ୍ ।।୭୮ ।।

ବଣିକ ଏବଂ ମନ୍ତ୍ରୀଗଣଙ୍କର ଗତି ସେମାନଙ୍କର ପ୍ରକୃତି ଅନୁକୂଳ (ଅର୍ଥାତ୍ ମଧ୍ୟଗତି) ହେବା ଉଚିତ୍ (ଏମାନେ ମଧ୍ୟମ ପାତ୍ର) ଏମାନେ 'ଅତିକ୍ରାନ୍ତ' ଚାରୀରେ ଦୁଇତାଳ ପ୍ରମାଣରେ ପାହୁଣ୍ଡ ପକେଇବା ବିଧେୟ । ଏମାନଙ୍କର ବାମ ହାତ ଖଟକାମୁଖ ମୁଦ୍ରାରେ ପାପୁଲି ଉଠାଇ ନାଭି ପାଖରେ ତଥା ଦକ୍ଷିଣ ହସ୍ତ ଆରୀନ ମୁଦ୍ରାରେ ବାହୁ ଉପରେ ରହେ । ଏମାନେ ଆପଣା ଶରୀରକୁ ସ୍ଥିତ, ସ୍ତବ୍ଧ ବା ଆନ୍ଦୋଳିତ କରି ରଖିବେ ନାହିଁ । ଏହି ଗତିରେ ହିଁ କ୍ରମଶଃ ଗତିଶୀଳ ହେବେ ।

ଯତି ଓ ଶ୍ରମଣମାନଙ୍କର ଗତି :—

ଯତିନାଂ ଶ୍ରମଣାନାଞ୍ଚ ଯେ ଚାନ୍ୟେ ତପସି ସ୍ଥିତାଃ ।
ତେଷାଂ କାର୍ଯ୍ୟା ଗତିର୍ଯ୍ୟୈ ତୁ ନୈଷ୍ଠିକଂ ବ୍ରତମାସ୍ଥିତାଃ ।।୭୯।।

ଅଲୋଳଚକ୍ଷୁଶ୍ଚ ଭବେଦ୍ୟୁଗମାତ୍ରନିରୀକ୍ଷଣଃ ।
ଉପସ୍ଥିତସ୍ମୃତିଶ୍ଚୈବ ଗାତ୍ରଂ ସର୍ବେ ବିଧାୟ ଚ ।।୮୦।।

ଅଚଞ୍ଚଳମନାଶ୍ଚୈବ ଯଥାବଲ୍ଲିଂଙ୍ଗମାଶ୍ରିତଃ ।
ବିନୀତବେଷଶ୍ଚ ଭବେତ୍ କାଷାୟବସନସ୍ତଥା ।।୮ ୧ ।।

ପ୍ରଥମଂ ସମପାଦେନ ସ୍ଥିତ୍ୱା ସାନେନ ବୈ ବୁଧଃ । ·
ହସ୍ତଞ୍ଚ ଚତୁରଂକୃତ୍ୱା ତଥା ଚୈକମ୍ପ୍ରସାରୟେତ୍ ।।୮ ୨ ।।

ପ୍ରସନ୍ନ ବଦନଂ କୃତ୍ୱା ପ୍ରୟୋଗସ୍ୟ ବଶାନୁଗମ୍ ।
ଅନିକ୍ଷଣ୍ଣେନ ଗାତ୍ରେଣ ଗତିଂ ଗଚ୍ଛେଦ୍‌ବ୍ୟତିକ୍ରମାତ୍ ।।୮୩।।

ଉତ୍ତମାନାଂ ଭବେଦେଷା ଲିଙ୍ଗିନାଂ ଯେ ମହାବ୍ରତାଃ ।
ଏଭିରେବ ବିପର୍ଯ୍ୟସ୍ତୈର୍ଗୁଣୈରନ୍ୟେଷୁ ଯୋଜୟେତ୍ ।।୮୪।।

ତଥା ବୃତାନୁଗାବସ୍ଥା ଅନ୍ୟେଷାଂ ଲିଙ୍ଗିନାମପି ।
ବିଭ୍ରାନ୍ତା ଗୃପ୍ତ୍ୟଦାତ୍ତା ବା ବିଭ୍ରାନ୍ତା ନଭୃତାପି ବା ।।୮୫।।

ଶକଟାସ୍ୟସ୍ଥିତୈଃ ପାଦୈରତିକ୍ରାନ୍ତୈସ୍ତଥୈବ ଚ
କାର୍ଯ୍ୟା ପାଶୁପତାନାଞ୍ଚ ଗତିରୁଦ୍ଧତଗାମିନୀ ।।୮୬।।

ଯତି, ଶ୍ରମଣ, ତପସ୍ୱୀ ତଥା ନୈଷ୍ଠିକ ବ୍ରହ୍ମଚାରୀଙ୍କ ଭଳି ପାତ୍ରମାନଙ୍କର ଗତିରେ ସ୍ୱତନ୍ତ୍ରତା ଥିବ ନେତ୍ରକୁ ସ୍ଥିର (ଆଲୋଳ ଚକ୍ଷୁ) ତଥା ଚାରିହାତ ଦୂରରେ ସମ୍ମୁଖସ୍ଥ ଭୂମି ଉପରେ ଦୃଷ୍ଟି ରଖି, ଆପଣାର ଚିତ୍ତକୁ ସ୍ଥିର ରଖିଥିବେ । ଆପଣା ସଂପ୍ରଦାୟର ଚିହ୍ନ ଧାରଣା କରିଥିବେ । ଏହାଙ୍କର ବେଶ ବିନୀତ ତଥା ଗୈରିକ କିଂବା ତାଙ୍କର ସଂପ୍ରଦାୟ ଅନୁସାରେ ଧଳା, ହଳଦିଆ, ଲାଲ ଆଦି ହୋଇଥିବା ବିଧେୟ ।

ସେ 'ସମପାଦ' ଚାରୀ ତଥା ସମପାଦ ସ୍ଥାନରେ ସ୍ଥିତ ହୋଇ ଉଭୟ ହାତକୁ 'ଚତୁର' ମୁଦ୍ରାରେ ରଖି ଗୋଟାଏକୁ ବଢ଼େଇ ରଖିବେ । ସେ ତାଙ୍କର, ମୁଖ ପ୍ରସନ୍ନ ତଥା ପ୍ରୟୋଗ ଅନୁସାରେ ରଖି ସ୍ୱାଭାବିକ ଗତିରେ 'ଅତିକ୍ରାନ୍ତ' ଚାରୀରେ ଚାଲିବେ ।

ଏହିଗତି ଉତ୍ତମ ଯତିମାନଙ୍କର ତଥା ମହାବ୍ରତଚାରୀ ବା ସେଇ ଶ୍ରେଣୀର ସାଧୁମାନଙ୍କର ଗତି । ଅନ୍ୟାନ୍ୟ ସାଧୁମାନେ, ଯେଉଁମାନେ ଏମାନଙ୍କଠାରୁ ଗୁଣରେ ହୀନ ବା ବିପରୀତ ଲକ୍ଷଣର, ଯେଉଁମାନେ ଉନ୍ମତ୍ତ, ଶାନ୍ତ ପ୍ରକୃତି (ଉଦାତ୍ତ) ବା ଦୟାଳୁ (ନିଭୃତ) ସ୍ୱଭାବର ହୋଇଥିବେ କିଂବା ପାଶୁପତ ସଂପ୍ରଦାୟର ଶୈବ ସନ୍ନ୍ୟାସୀ ହୋଇଥିବେ ସେମାନଙ୍କ ନିମନ୍ତେ 'ଶକଟାସ୍ୟା' ତଥା 'ଅତିକ୍ରାନ୍ତା' ଚାରୀରେ ଉଦ୍ଧତ ପଦପାତ ହେବା ବିଧେୟ ।

ଅନ୍ଧାରରେ ଥିବା ଅଥବା ଅନ୍ଧ ପାତ୍ରର ଗତି :–

ଅନ୍ଧକାରେଽଥ ଯାନେ ଚ ଗତିଃ କାର୍ଯ୍ୟା ପ୍ରୟୋକ୍ତୃଭିଃ ।
ଭୂମୌ ବିସର୍ପିତୈଃ ପାଦୈର୍ହସ୍ତୈର୍ମାର୍ଗପ୍ରଦର୍ଶିଭିଃ ।।୮୭।।

ଅନ୍ଧାରରେ ଅଥବା ଅନ୍ଧଗାତ୍ରର ଗତି ଭୂମିରେ ପାଦ ଘଷି ଘଷି ଏବଂ ହାତରେ ରାସ୍ତା ଅଣ୍ଡାଳି ହେବା ବିଧେୟ ।

ରାଥାବରୋହୀ ପାତ୍ରର ଗତି :—

ରଥସ୍ଥସ୍ୟାପି କର୍ତ୍ତବ୍ୟା ଗତିଶ୍ଚୂର୍ଣ୍ଣପଦୈରଥ
ସମପାଦଂ ତଥା ସ୍ଥାନଂକୃତ୍ୱା ରଥଗତିଂ ବ୍ରଜେତ୍ ।।୮୮।।

ଧନୁର୍ଗୃହୀତ୍ୱା ଚୈକେନ ତଥା ଚୈକେନ କୂବରମ୍ ।
ସୂତଶ୍ଚାସ୍ୟ ଭବେଦେବଂ ପ୍ରତୋଦପ୍ରଗ୍ରହାକୁଳଃ ।।୮୯।।

ବାହନାନି ବିଚିତ୍ରାଣି କର୍ତ୍ତବ୍ୟାନି ବିଭାଗଶଃ ।
ଦ୍ରୁତୈଶ୍ଚୂର୍ଣ୍ଣପଦୈଶ୍ଚୈବ ଗନ୍ତବ୍ୟଂ ରଙ୍ଗମଣ୍ଡଳେ ।।୯୦।।

ରଥ ଉପରେ ଆରୋହଣ କରିବା ପାତ୍ରର ଗତି ମନ୍ଦ ପଦପାତରେ (ଚୂର୍ଣ୍ଣପଦ) ପ୍ରଦର୍ଶିତ କରାଯାଏ । ସେ ସମପାଦସ୍ଥାନଦ୍ୱାରା (ଉଭୟ ପାଦକୁ ସମାନ ଭାବରେ ଭୂମି ଉପରେ ରଖି ରଖି) ରଥ ଗତିରେ ସୂଚନା ଦେଉ । ସେ ଗୋଟାଏ ହାତରେ ଧନୁ ଅନ୍ୟ ହାତରେ ରଥର ବାଡ଼ (କୂବର) ଧରି ରହୁ । ତାର ବାହକ ମଧ୍ୟ ଏକ ହସ୍ତରେ ଅଶ୍ୱରଜ୍ଜୁ ଏବଂ ଅନ୍ୟହସ୍ତରେ ଚାବୁକ (ପ୍ରତୋଦ) ଗ୍ରହଣ କରିଥିବ ଏବଂ ଏହାର ବାହନ (ଅଶ୍ୱ) ସ୍ଥିତି ଅନୁଯାୟୀ ଭିନ୍ନ ଭିନ୍ନ ସ୍ୱରୂପ ଓ ବର୍ଣ୍ଣରେ ପ୍ରଦର୍ଶିତ ହୁଅନ୍ତୁ ଏବଂ ସେ 'ଦ୍ରୁତ' ଗତିରେ ସମାନ୍ୟ ପାହୁଣ୍ଡ ପକେଇ ରଙ୍ଗମଞ୍ଚ ଉପରକୁ ଆସୁ ।

ବିମାନାବରୋହଣ ପାତ୍ରର ଗତି :—

ବିମାନସ୍ଥସ୍ୟ କର୍ତ୍ତବ୍ୟା ହ୍ୟେଷୈବ ସ୍ୟନ୍ଦନୀ ଗତିଃ ।
ଆରୋଢୁମୁଦ୍‌ବହେଦ୍‌ଗାତ୍ରଂ କିଞ୍ଚିତ୍‌ସ୍ୟାଦୂର୍ଦ୍ଧ୍ୱମୁଖସ୍ଥିତମ୍ ।।୯୧।।

ଅସ୍ୟୈବ ବୈପରୀତ୍ୟେନ କୁର୍ଯାଜ୍ଜାପ୍ୟବରୋହଣମ୍ ।
ଅଧୋଽବଲୋକନୈଶ୍ଚୈବ ମଣ୍ଡଳାବର୍ତ୍ତନେନ ଚ ।।୯୨।।

ରଥ ଉପରେ ଆରୋହଣ କରିବାର ଗତି ହିଁ ଅବତରଣ ସମୟରେ ରହିବ । ଯେଉଁଥିରେ କେବଳ ଶରୀରକୁ ଉପର ଭାଗରେ ରଖି ସ୍ଥିତ ରହିବେ । ଅବତରଣ (ଆକାଶରୁ ଓହ୍ଲେଇବା) ସମୟରେ ଅଧିରୋହଣର ବିରୁଦ୍ଧ କାର୍ଯ୍ୟର ପ୍ରଦର୍ଶନ କରିବେ । ଅର୍ଥାତ୍ ଶରୀରକୁ ନୁଆଇଁ ତଳକୁ ମୁହଁ କରି ରହିବେ ।

ଆକାଶୁ ପାତ୍ରର ଗତି :—

ଆକାଶଗମନେ ଚୈବ କର୍ତ୍ତବ୍ୟା ନାଟ୍ୟଯୋକ୍ତୃଭିଃ ।
ସ୍ଥାନେନ ସମପାଦେନ ତଥା ଚୂର୍ଣ୍ଣପଦୈରପି ।।୯୩।।

ବ୍ୟୋମ୍ନଶ୍ଚାବତରେଦ୍‌ଯସ୍ତୁ ତସ୍ୟୈତାଂ କାରୟେଦ୍‌ଗତିମ୍ ।
ଋଜ୍ୱାୟତୋନ୍ନତନତୈଃ କୁଟିଳାବର୍ତ୍ତିତୈରଥ ।।୯୪।।

ଆକାଶଗାମୀ ପାତ୍ରଙ୍କର ଗତି ଆକାଶର ଚାରୀମାନଙ୍କର ପ୍ରଭୃତ ପ୍ରଦର୍ଶନ (ମଣ୍ଡଳାବର୍ତ୍ତନ) ତଥା ଊର୍ଦ୍ଧ୍ୱମୁଖ ହୋଇ ଦେଖିବା ଦ୍ୱାରା ପ୍ରଦର୍ଶିତ ହୋଇଥାଏ । ଏହାଛଡ଼ା ଏହା ସମପାଦ ସ୍ଥାନରେ ସାଧାରଣ ପଦପାତରେ ଓ ମନ୍ଦ ପଦପାତରେ (ଚୂର୍ଣ୍ଣପାଦ) ହେଉ । ଆକାଶରୁ ଅବତରଣ କରୁଥିବା ପାତ୍ରଙ୍କର ମଧ୍ୟ ଏହିଭଳି ଗତି ହେବା ଉଚିତ । ଏଭଳି ଗତି, ସିଧା ଲମ୍ବ, ଉଚ୍ଚକୁ ବା ତଳକୁ କିଂବା ଅବ୍ୟବସ୍ଥିତ ହୋଇ ପୃଥିବୀ ଉପରକୁ ନିମ୍ନଦୃଷ୍ଟିରେ ରହିବା ଉଚିତ ।

ଭ୍ରଶ୍ୟତଶ୍ଚ ତଥାକାଶାଦପବିଦ୍ଧଭୁଜା ଗତିଃ ।
ବିକୀର୍ଣ୍ଣବସନା ଚୈବ ତଥା ଭୂଗତଲୋଚନା ।।୯୫।।

ଆକାଶାବତରଣ – ଆକାଶରୁ ଖସି ଆସୁଥିବା ପାତ୍ରର ଗତିରେ ବାହୁଦ୍ୱୟ (ଅପବିଦ୍ଧ ଭୁଜ) ଦୋଳାୟିତ, ବସ୍ତ୍ରାଞ୍ଚଳ ଇତସ୍ତତଃ ପ୍ରସାରିତ ଏବଂ ଭୂମିକୁ ନିମ୍ନଦୃଷ୍ଟି ହୋଇ ରହିବା ଉଚିତ ।

ଉନ୍ନତ ପ୍ରଦେଶାରୋହଣ ଗତି :–

ପ୍ରାସାଦଦ୍ରୁମ-ଶୈଳେଷୁ ନଦୀନିମ୍ନୋନ୍ନତେଷୁ ଚ ।
ଆରୋହଣାବତରଣଂ କାର୍ଯ୍ୟମର୍ଥବଶାତ୍ତଥା ।।୯୬।।

ପ୍ରାସାଦାରୋହଣଂ କାର୍ଯ୍ୟମତିକ୍ରାନ୍ତୈଃ ପଦୈରଥ ।
ଉଦ୍‌ବାହ୍ୟ ଗାତ୍ରଂ ପାଦଞ୍ଚ ନ୍ୟସେତ୍ସୋପାନପଙ୍‌କ୍ତିଷୁ ।।୯୭।।

ତଥାବତରଣଞ୍ଚୈବ ଗାତ୍ରମସ୍ୟୈବ କାରୟେତ୍
ଅଚିକ୍ରାନ୍ତେନ ପାଦେନ ଦ୍ୱିତୀୟେନାଞ୍ଚିତେନ ଚ ।।୯୮।।

ପାତ୍ରର ପ୍ରାସାଦ, ବୃକ୍ଷ ବା ପର୍ବତ କିଂବା କୌଣସି ଉଚ୍ଚସ୍ଥାନକୁ ଚଢ଼ିବା କିଂବା ସେଠାରୁ ଓହ୍ଲାଇବା ତଥା ନଦୀ, ଦୁର୍ଗ, ଉଚ୍ଚଭୂମିକୁ ଚଢ଼ିବା ଓହ୍ଲାଇବାର ଆବଶ୍ୟକତା ହେଲେ ଚଢ଼ିବା ସମୟରେ 'ଅତିକ୍ରାନ୍ତା' ଚାରୀର ପଦଚାଳନା କରି ଶରୀରକୁ ଉପରକୁ ଉଠେଇ ସୋପାନ ଚଢ଼ିବାର ଅଭିନୟ ହୁଏ । ସେହିଭଳି ଓହ୍ଲାଇବା ସମୟରେ ଶରୀରକୁ ନୁଆଁଇ ଗୋଟାଏ ପାଦ 'ଅତିକ୍ରାନ୍ତା' ଚାରୀ ଓ ଅନ୍ୟ ପଦଚାଳନାର 'ଅଂଚିତ'ରେ ଅଭିନୟ ହେବ ।

ପ୍ରାସାଦାରୋହଣଂ ଯତ୍ତୁ ତଦେବାଦ୍ରିଷୁ କାରୟେତ୍
କେବଳଂ ତଚ୍ଚ ନିକ୍ଷେପମଙ୍ଗ୍ରିଷ୍ଟଙ୍ଗଂ ଭବେଦଥ ।।୯୯।।

ଦ୍ରୁମେ ଚାରୋହଣଙ୍କାର୍ଯ୍ୟମତିକ୍ରାନ୍ତୋତ୍ଥିତୈଃ ପଦୈଃ ।
ସୂଚୀବିଦ୍ଧୈପରକ୍ରାନ୍ତୈଃ ପାର୍ଶ୍ୱକ୍ରାନ୍ତୈସ୍ତଥୈବ ଚ ।।୧୦୦।।

ପ୍ରାସାଦାରୋହଣରେ ଯେଉଁ 'ଗତି'ର ପ୍ରଦର୍ଶନ ହେବାକଥା କହିଲି ପର୍ବତାରୋହଣରେ ମଧ୍ୟ ସେହି ଗତି ରହିବ । କେବଳ ପର୍ବତାରୋହଣରେ ପାଦର ଆଙ୍ଗୁଠି ଭରାରେ ଶରୀର ରହିବା — (ପାଠାନ୍ତରରେ ମସ୍ତକକୁ ତଳକୁ ଉପରକୁ ଉଠେଇ ତଥା ହାତ ଭରା ଦେଇ ପାଦକୁ ସଂଭାଳି ରଖିବା —) ଉଚିତ । ବୃକ୍ଷାରୋହଣ ସମୟରେ 'ଅତିକ୍ରାନ୍ତା' ଗ୍ରୀରେ ପାଦ ଉଠେଇ ପୁଣି କ୍ରମଶଃ ସୂଚୀ, ଅପକ୍ରାନ୍ତା, ପାର୍ଶ୍ୱକାନ୍ତା ଗ୍ରୀର ପ୍ରଦର୍ଶନ ହେବା ବିଧେୟ ।

ଅବତରଣ ଗତି :—

ଏତଦେବାବତରଣଂ ସରିତ୍ସ୍ୱପି ନିଯୋଜୟେତ୍
ପ୍ରାସାଦେ ଯନ୍ମୟାପ୍ରୋକ୍ତଃ ପ୍ରତାରଃ କେବଲୋ ଭବେତ୍ ।।୧୦୧।।

ଜଳପ୍ରମାଣାପେକ୍ଷା ତୁ ଜଳମଧ୍ୟେ ଗତିର୍ଭବେତ୍ ।
ତୋୟେଽଳ୍ପେ ବସନୋତ୍କର୍ଷୈଃ ପ୍ରାଜ୍ୟେ ପାଣି ବିକର୍ଷଣୈଃ ।।୧୦୨।।

ଏଇ ଗତିରେ ଉପରୁ ତଳକୁ ଓହ୍ଲେଇବାର ଯୋଜନା ହେବ ତଥା ନଦୀ ପାର କରିବା ସମୟରେ ମଧ୍ୟ ଏହି ଗତି ରହିବ । ଯେଉଁ 'ଗତି' ପ୍ରାସାଦରୁ ଅବତରଣ ପ୍ରସଙ୍ଗରେ କୁହାଯାଇଛି ତାହା ନଦୀରେ ଅବତରଣ କାଳରେ ମଧ୍ୟ ପ୍ରଦର୍ଶିତ ହେବ । ନଦୀ ପାର କରିବାର ଅଭିନୟ ସମୟରେ ପାଣିର ଗଭୀରତା ଅନୁସାରେ ସନ୍ତରଣର ଗତି ରଖିବା ଉଚିତ । ଅଳ୍ପ ଜଳର କ୍ଷେତ୍ରରେ ପିନ୍ଧିଥିବା ବସ୍ତ୍ର ଉପରକୁ ଉଠେଇ ଏବଂ ଗଭୀର ଜଳରେ ଶରୀର ନୁଆଇଁ ହାତ ହଲେଇ ସନ୍ତରଣର କ୍ରିୟା ଅଭିବ୍ୟକ୍ତ ହେବା ବିଧେୟ ।

(ପହଁରିବାର ଅଭିନୟ ସମୟରେ ହାତକୁ 'ପତାକା' ଅଥବା 'ସର୍ପଶୀର୍ଷ' ମୁଦ୍ରାରେ ରଖିବା ଉଚିତ)

କିଞ୍ଚିନ୍ନତାଗ୍ରକାୟା ତୁ ପ୍ରତାରେ ଗତିରିଷ୍ୟତେ ।
ପ୍ରସାର୍ଯ୍ୟ ବାହୁମେକୈକଂ ମୁହୁର୍ବାରିବିକର୍ଷଣୈଃ ।।୧୦୩।।

ତିର୍ଯ୍ୟକ୍ପ୍ରସାରିତା ଚୈବ ହ୍ରିୟମାଣା ଚ ବାରିଣା
ଅଶେଷାଙ୍ଗାକୁଳାପୂରବନ୍ଧନା ଗତିରିଷ୍ୟତେ ।।୧୦୪।।

ଯଦି ନଦୀ ସ୍ରୋତକୁ ପାର କରିବାର ଅଭିନୟ ହେଉଥାଏ ତେବେ ଦୁଇହାତ ବିସ୍ତାର କରି ବାରମ୍ବାର ପାଣି କାଟିବା, ପାଣି ଉପରେ ଥାପୁଡ଼େଇବା, ତେରଛା ହୋଇ ହାତ ବିସ୍ତାର କରି ସଂପୂର୍ଣ୍ଣ ଶରୀରକୁ ପହଁରିବା ଭଳି କରି ସ୍ରୋତର ଅନୁକୂଳରେ ଭାସି ଯିବା ପରି ଏବଂ ସ୍ରୋତର ଅନୁକୂଳରେ ମୁହଁ କରିବାଆଦି ଅଭିନୟରେ ପ୍ରଦର୍ଶିତ ହେବା ବାଂଛନୀୟ ।

ନୌକା ଯାତ୍ରାରେ ପାତ୍ରର ଗତି :–

ନୌଯାନସ୍ୟାପି ପ୍ରଯୋକ୍ତବ୍ୟା ଦ୍ରୁତୈଶ୍ଚୂର୍ଣ୍ଣପଦୈର୍ଗତୈଃ
ଅନେନୈବ ବିଧାନେନ କର୍ତ୍ତବ୍ୟଂ ଗତିଚେଷ୍ଟିତମ୍ ।।୧୦୫।।

ସଂଜ୍ଞାମାତ୍ରେଣ କର୍ତ୍ତବ୍ୟାନ୍ୟେତାନି ବିଧିପୂର୍ବକମ୍ ।
କସ୍ମାନ୍ମୃତ ଇତି ପ୍ରୋକ୍ତେ କିଂ କର୍ତ୍ତବ୍ୟଂ ପ୍ରଯୋକ୍ତୃଭିଃ ।।୧୦୬।।

ଅଙ୍କୁଶଗ୍ରହଣାନ୍ନାଗଂ ଖଲୀନ ଗ୍ରହଣାଦ୍ଧୟମ୍ ।
ପ୍ରଗ୍ରହଗ୍ରହଣାଦ୍ୟାନମେବମେବାପରେଷ୍ୱପି ।।୧୦୭।।

ନୌକାରେ ଯାତ୍ରା କରୁଥିବା ଅଭିନେତାର ଗତି ଶୀଘ୍ର ଶୀଘ୍ର ପାହୁଣ୍ଡ ପକେଇ ଓ କେତେବେଳେ ମନ୍ଦଗତି ପ୍ରଦର୍ଶିତ ହେବ । ଏହି ଭଳି ବିଭିନ୍ନ ଗତି ଏବଂ ନିର୍ଦ୍ଦିଷ୍ଟ କ୍ରିୟାର ପ୍ରଦର୍ଶନ ହେବ । ଏହି ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ଲକ୍ଷଣ ଅନୁସାରେ ଇଂଗିତରେ ପ୍ରଦର୍ଶିତ କରିବା ଉଚିତ । କାରଣ ଏଠାରେ ବାସ୍ତବିକ ଘଟଣା ହୁଏ ନାହିଁ କାର୍ଯ୍ୟର ଅନୁକରଣ ମାତ୍ର ପ୍ରଦର୍ଶିତ ହେଉଥାଏ; ଯେଭଳି କେହି ଅଭିନେତାର ମୃତ୍ୟୁ ପ୍ରଦର୍ଶିତ ହେଲେ ଅଭିନେତା ମରିଯାଏ ନାହିଁ ମରିବା କ୍ରିୟାର ଅଭିନୟ ମାତ୍ର ହୋଇଥାଏ, ତାହା ସେହିଭଳି ସୂଚିତ ହୋଇଯାଏ । ଯେଭଳି ହାତରେ ଅଂକୁଶ ଥିଲେ ହାତୀର ଗୋଇଠି ମାଡ଼ର ପ୍ରଦର୍ଶନରେ, ଘୋଡ଼ାର ବାଗଡ଼ୋର ଆକର୍ଷଣରେ ରଥର ଅଭିବ୍ୟକ୍ତି ହୋଇଥାଏ । ଅତଏବ ନୌକା ଯାତ୍ରା ସେଭଳି ଅନୁକରଣାତ୍ମକ କ୍ରିୟାରେ ପ୍ରଦର୍ଶିତ ହେବା ଉଚିତ୍ ।

ଅଶ୍ୱାଧିରୋହଣରେ ପାତ୍ରର ଗତି :–

ଅଶ୍ୱଯାନେ ଗତିଃ କାର୍ଯ୍ୟା ବୈଶାଖସ୍ଥାନକେନ ତୁ
ତଥା ଚୂର୍ଣ୍ଣପଦୈଶ୍ଚିତ୍ରୈରୁପର୍ଯ୍ୟୁପରି–ପାତିତୈଃ ।।୧୦୮।।

ଅଶ୍ୱାରୋହଣ କରିଥିବା କିଂବା କରୁଥିବା ପାତ୍ରର ଗତି ବୈଶାଖସ୍ଥାନରେ ତଥା ଶୀଘ୍ର ଶୀଘ୍ର ପାହୁଣ୍ଡପକେଇ ପ୍ରଦର୍ଶିତ ହେବ ।

ସର୍ପଗତି :–

ପନ୍ନଗାନାଂ ଗତିଃ କାର୍ଯ୍ୟା ପାଦୈଃ ସ୍ୱସ୍ତିକସଂଯୁତୈଃ ।
ପାର୍ଶ୍ୱକ୍ରାନ୍ତଂ ପଦଂ କୃତ୍ୱା ସ୍ୱସ୍ତିକଂ ରେଚୟେଦିହ ।।୧୦୯।।

ସର୍ପର ଗତି 'ସ୍ୱସ୍ତିକ' ପଦଦ୍ୱାରା ପ୍ରଦର୍ଶିତ ହେବ, ଯେଉଁଥିରେ ପ୍ରଥମେ ''ପାର୍ଶ୍ୱକ୍ରାନ୍ତା' ଚାରୀ ପ୍ରଦର୍ଶିତ ହୋଇ ସ୍ୱସ୍ତିକ ପଦର ରେଚକ ଦ୍ୱାରା ନାଟ୍ୟଧର୍ମାନୁସାରେ ଅଭିନୀତ ହେବ ।

ବିଟଗତି :—

ବିଟସ୍ୟାପି ଚ କର୍ତ୍ତବ୍ୟା ଗତିର୍ଲଳିତବିଭ୍ରମା
ପାଦୈରାକୁଞ୍ଚିତୈଃ କିଞ୍ଚିତ୍ତାଳାଭ୍ୟନ୍ତର ପାତିତୈଃ ।।୧୧୦।।

ସ୍ୱସୌଷ୍ଠବସମାୟୁକ୍ତୌ ତଥା ହସ୍ତୌ ପଦାନୁଗୌ
ଖଟକାବର୍ଦ୍ଧମାନୌ ତୁ କୃତ୍ୱା ବିଟଗତିଂ ବ୍ରଜେତ୍ ।୧୧୧।।

ବିଟ ପାତ୍ରର ଗତି "ଲଳିତ ବିଳାସିତ" ହୋଇଥାଏ । ବିଟଗତିକୁ ଅଭିନେତା 'କୁଞ୍ଚିତ' ପାଦକୁ ଏକ ତାଳ ବ୍ୟବଧାନରେ ରଖି 'ଖଟକାବର୍ଦ୍ଧମାନକ' ହାତ ଏବଂ ସୌଷ୍ଠବଯୁକ୍ତ ଅଂଗଦ୍ୱାରା ପାଦଗତି ଅନୁସାରେ ହାତକୁ ଗତିଶୀଳ କରି ଅଭିନୟ କରିବେ ।

କଂଚୁକୀ ଗତି :—

କଂଚୁକୀୟସ୍ୟ କର୍ତ୍ତବ୍ୟା ବୟୋଃବସ୍ଥା ବିଶେଷତଃ
ଅବୃଦ୍ଧସ୍ୟ ପ୍ରୟୋଗଜ୍ଞୋ ଗତିମେବଂ ପ୍ରଯୋଜୟେତ୍ ।।୧୧୨।।

ଅର୍ଦ୍ଧତାଳୋତ୍ଥିତୈଃ ପାଦୈର୍ବିଷ୍କମ୍ଭୈର୍ଣଜୁଭିସ୍ତଥା
ସମୁଦ୍‌ବହନ୍ନିବାଙ୍ଗାନି ପଙ୍କଲଗ୍ନ ଇବ ବ୍ରଜେତ୍ ।।୧୧୩।।

ଅନ୍ତଃପୁର ରକ୍ଷକ କଞ୍ଚୁକୀର ଗତି ତା'ର ଅବସ୍ଥା ଏବଂ ସ୍ଥିତିର ଅନୁକୂଳ ରଖିବା ଉଚିତ । ଯଦି କଂଚୁକୀ ବୃଦ୍ଧ ନୁହେଁ ତେବେ ତା'ର ଗତି ଅର୍ଦ୍ଧତାଳରେ ଉଠୁଥିବା ସିଧା ପଦପାତରେ ସାଧାରଣ ଗତି ପ୍ରଦର୍ଶିତ ହେବ । ସେ ତା'ର ପଙ୍କରେ ଚାଲିବା ମନେ କରି ସେହି ଗତି ପ୍ରଦର୍ଶନ କରିବ ।

ଅଥ ବୃଦ୍ଧସ୍ୟ କର୍ତ୍ତବ୍ୟା ଗତିଃ କମ୍ପିତଦେହିକା
ବିଷ୍କାମ୍ଭେନକୃତପ୍ରାଣା ମନ୍ଦୋତ୍‌କ୍ଷିପ୍ତପଦକ୍ରମାତ୍ ।।୧୧୪।।

ଯଦି ସେ ବୃଦ୍ଧ ତା'ହେଲେ ଶରୀରକୁ କଂପିତ କରି ରହି ରହି ଧୀରେ ଧୀରେ ପାଦ ପକେଇ ଯିବ ।

କୃଶ ବ୍ୟାଧିଗ୍ରସ୍ତ ତଥା ଶାନ୍ତ ଗତି :—

କୃଶସ୍ୟାପି ହି କର୍ତ୍ତବ୍ୟା ଗତିର୍ମନ୍ଦପରିକ୍ରମା
ବ୍ୟାଧିଗ୍ରସ୍ତେ ଜ୍ୱାରାର୍ତ୍ତେ ଚ ତପଃଶ୍ରାନ୍ତେ କ୍ଷୁଧାନ୍ୱିତେ ।।୧୧୫।।

ବିଷ୍କମ୍ଭନକୃତ ପ୍ରାଣାଃ କୃଶଃ କ୍ଷାମୋଦରସ୍ତଥା ।
କ୍ଷାମସ୍ୱରକପୋଲଶ୍ଚ ଦୀନନେତ୍ରସ୍ତଥୈବ ଚ ।।୧୧୬।।

ଶନୈରୁତ୍‌କ୍ଷେପଣଞ୍ଚୈବ କର୍ତ୍ତବ୍ୟଂ ହସ୍ତପାଦୟୋଃ ।
କଂପନଞ୍ଚୈବ ଗାତ୍ରାଣାଂ କ୍ଳେଶନଞ୍ଚ ତଥୈବ ହି ।।୧୧୭।।

କୃଶ ପାତ୍ରର ଗତି ଧୀରେ ଧୀରେ ପାଦ ପକେଇ ପ୍ରଦର୍ଶିତ କରାଯାଏ । ରୁଗ୍ଣ, କ୍ଷୁଧାର୍ତ୍ତ, ତପଃକ୍ଲେଶିତ ତଥା କ୍ଷୁଧିତ ପାତ୍ରର ଗତିରେ ତାକୁ କୌଣସି ଲାଠି ଆଦି ଅବଲମ୍ବନରେ ଚାଲୁଥିବା, କୃଶକାୟ, ଖାଲି ପେଟ ଅଥବା ପେଟ ପଶି ଯାଉଥିବା, କ୍ଷୀଣ ସ୍ୱର, ପଶି ଯାଇଥିବା ଗାଲ ଓ ଲୁହ ଭରା ଆଖି ଆଦି ଅଭିବ୍ୟକ୍ତି ସହିତ ପ୍ରଦର୍ଶିତ ହେବ । ସେ ତାର ହାତଗୋଡ଼ ଧୀରେ ଧୀରେ ଉଠେଇ ଚାଲୁଥିବ । ତା'ର ଶରୀର କଂପିତ ଏବଂ ପ୍ରତି ପାହୁଣ୍ଡରେ ନିଃଶ୍ୱାସ ନେଉଥିବା ଭଳି ପ୍ରଦର୍ଶିତ ହେବ ।

ଦୂରାଗତ ପଥିକର ଗତି :—

ଦୂରାଧ୍ୱାନଂ ଗତସ୍ୟାପି ଗତିର୍ମନ୍ଦପରିକ୍ରମା ।
ବିକୂଣନଞ୍ଚ ଗାତ୍ରସ୍ୟ ଜାନୁନୋଶ୍ଚ ବିମର୍ଦ୍ଦନମ୍ ।।୧୧୮ ।।

ଯାତ୍ରାରେ ବାହାରିଥିବା କିଂବା ବହୁଦୂରରୁ ଯାତ୍ରାକରି ଆସିଥିବା ପଥିକର ଗତି ଧୀର ହେବ । ସେ ମନ୍ଦ ଗତିରେ ପାଦ ପକେଇ, ଶରୀର ନୁଆଇଁ ତଥା ଜଂଘ ଚିପୁଥିବା ପ୍ରଦର୍ଶିତ ହେବା ଉଚିତ୍ ।

ସ୍ଥୂଳ ଗତି :—

ସ୍ଥୂଳସ୍ୟାପି ହି କର୍ତ୍ତବ୍ୟା ଗତିର୍ଦେହାନୁକର୍ଷିଣୀ ।
ସମୁଦ୍‌ବହନଭୂୟିଷ୍ଠା ମନ୍ଦୋତ୍‌କ୍ଷିପ୍ତପଦକ୍ରମା ।।୧୧୯ ।।

ବିଷ୍କମ୍ଭଗାମୀ ଚ ଭବେନ୍ନିଃଶ୍ୱାସବହୁଳସ୍ତଥା ।
ଶ୍ରମସ୍ୱେଦାଭିଭୂତଶ୍ଚ ବ୍ରଜେତ୍ତୂର୍ଣ୍ଣପଦୈସ୍ତଥା ।।୧୨୦।।

ସ୍ଥୂଳ ଅର୍ଥାତ୍ ମୋଟା ଲୋକର ଗତି ମନ୍ଦ ଏବଂ ଅତ୍ୟନ୍ତ ଭାରି ପଦାର୍ଥ ଉଠେଇ ନିଜ ଦେହକୁ ଘୋଷାରି ଘୋଷାରି ଆଣିବାର ଚେଷ୍ଟା କରୁଥିବା ପୁରୁଷଟିଏ ଭଳି ପ୍ରଦର୍ଶିତ ହେବା ବାଞ୍ଛନୀୟ । ସେ ରହି ରହି ଚାଲିବା ସମୟରେ ଜୋର ଜୋର ନିଃଶ୍ୱାସ ନେଉଥିବା, ସାମାନ୍ୟ ପରିଶ୍ରମରେ ଝାଳ ସରସର ହେଉଥିବା ତଥା ସ୍ୱାଭାବିକ ଗତିରେ ଚାଲୁଥିବା ପ୍ରଦର୍ଶିତ ହେବ ।

ମତ୍ତ ଗତି :—

ମତ୍ତାନାନ୍ତୁ ଗତିଃ କାର୍ଯ୍ୟା ମଦେ ତରୁଣମଧ୍ୟମେ ।
ବାମଦକ୍ଷିଣପାଦାଭ୍ୟାଂ ଘୂର୍ଣ୍ଣମାନାଽପସର୍ପଣେ ।।୧୨୧ ।।

ମଦ୍ୟପାନ କରି ତରୁଣ ତଥା ମଧ୍ୟମ ଅବସ୍ଥାରେ ପାତ୍ର ବାମଦକ୍ଷିଣକୁ ଇତସ୍ତତଃ ପାଦପକେଇ ଘୂର୍ଣ୍ଣିତ ହୋଇ ବା ଟଳମଳ ପାଦରେ ଆଗକୁ ପଛକୁ ହେଉଥିବା ପ୍ରଦର୍ଶିତ ହେବ ।

ଅବିକୃଷ୍ଟେ ମଦେ ଚୈବ ହ୍ୟନବସ୍ଥିତପାଦିକା ।
ବିଘୂର୍ଣ୍ଣିତ ଶରୀରା ଚ କରୈଃ ପ୍ରସ୍ଖଳିତୈସ୍ତଥା ।।୧୨୨।।

ମଦ୍ୟପାନ କରିଥିବା ପାତ୍ରର ପାଦ ଭୂମି ଉପରେ ଅନିୟମିତ ଭାବରେ ପଡୁଥିବ । ଶରୀରକୁ ସବୁ ଦିଗକୁ ହଲେଇ ହଲେଇ ହାତକୁ ଏଣେ ତେଣେ ଘୂରେଇ ଗ୍ଧଲି ଥିବା ପ୍ରଦର୍ଶିତ ହେବ ।

ଉନ୍ମତ୍ତ ଗତି :—

ଉନ୍ମତ୍ତସ୍ୟାପି କର୍ତ୍ତବ୍ୟା ଗତିସ୍ତ୍ୱନିୟତକ୍ରମା
ବହୁଗ୍ୱରୀସମାଯୁକ୍ତା ଲୋକାନୁକରଣାଶ୍ରୟା ।।୧୨୩।।

ରୂକ୍ଷସ୍ଫୁଟିତକେଶଶ୍ଚ ରଜୋଧ୍ୱସ୍ତତନୁସ୍ତଥା ।
ଅନିମିତ୍ତପ୍ରକଥନୋ ବହୁଭାଷୀ ବିକାରବାନ୍ ।।୧୨୪।।

ଗାୟତ୍ୟକସ୍ମାଦ୍‌ହସତି ସଙ୍ଗେଷ୍ୱପି ନ ସଜ୍ଜତେ ।
ନୃତ୍ୟତ୍ୟପି ଚ ସଂହୃଷ୍ଟୋ ବାଦୟତ୍ୟପି ବା ପୁନଃ ।।୧୨୫।।

କଦାଚିଦ୍ଧାବତି ଜବାତ୍ କଦାଚିଦବତିଷ୍ଠତେ ।
କଦାଚିଦୁପବିଷ୍ଟସ୍ତୁ ଶୟାନଃ ସ୍ୟାତ୍ କଦାଚନ ।।୧୨୬।।

ନାନାଚୀରଧରଶ୍ଚୈବ ରଥ୍ୟାସ୍ୱନିୟତାଳୟଃ ।
ଉନ୍ମତ୍ତୋ ଭବତି ହ୍ୟେବଂ ତସ୍ୟୈତାଙ୍କାରୟେତ୍ ଗତିମ୍ ।।୧୨୭।।

ଛିନ୍ନାନୂପୁର ପାଦେନ ଦଣ୍ଡପାଦଂ ପ୍ରସାରୟେତ୍ ।
ବଦ୍ଧାସ୍ୱାରୀତଥା ଚୈବଂକୃତ୍ୱା ସ୍ୱସ୍ତିକମେବ ଚ ।।୧୨୮।।

ଅନେନ ଗ୍ୱରୀଯୋଗେନ ପରିଭ୍ରାମ୍ୟ ତୁ ମଣ୍ଡଳମ୍ ।
ବାହ୍ୟଭ୍ରମରକଞ୍ଚୈବ ରଙ୍ଗକୋଣେ ପ୍ରସାରୟେତ୍ ।।୧୨୯।।

ତ୍ରିକଂ ସୁବଳିତଂକୃତ୍ୱା ଲତାଖ୍ୟଂହସ୍ତମେବ ଚ
ବିପର୍ଯ୍ୟଗତୈର୍ହସ୍ତୈଃ ପଦ୍‌ଭ୍ୟାଂ ସହ ଗତିର୍ଭବେତ୍ ।।୧୩୦।।

ଉନ୍ମତ୍ତ (ପାଗଳ) ପାତ୍ରପାଦର ଅନିୟନ୍ତ୍ରିତ ଦଶାରେ ଲୋକକ୍ରିୟାର ଅନୁକରଣରେ ଅନେକ ଗ୍ୱରୀ ପ୍ରଦର୍ଶିତ କରିଥାଏ । ଏହି ପାତ୍ରର କେଶ ରୁକ୍ଷ ଓ ଅଯତ୍ନ ବର୍ଦ୍ଧିତ, ଶରୀର ଧୂଳି ଧୂସର ହୋଇଥାଏ । ଅକାରଣ କହୁଥାଏ, ଅପ୍ରାକୃତିକ ଢଙ୍ଗରେ ଚିତ୍କାର କରୁଥାଏ । କେତେବେଳେ ଗାଉଥାଏ ତ ଆଉ କେତେବେଳେ ହସୁଥାଏ । ତାକୁ କାହାରି ହେଲେ ସଂଗଭଲ ଲାଗେନାହିଁ (ପାଠାନ୍ତରରେ ସେ ବାରବାର କାନ୍ଦୁଥାଏ) । କେତେବେଳେ ପ୍ରସନ୍ନ ହୋଇ ନାଚେ ତ କେତେବେଳେ କିଛି ବଜେଇବା ଆରମ୍ଭ କରିଦିଏ । କେତେବେଳେ ଜୋରରେ ଦଉଡ଼େ ତ କେତେବେଳେ ରହିଯାଏ । କେତେବେଳେ ବସିରହେ, କେତେବେଳେ

ଶୋଇପଡ଼େ । ସେ ଅନେକ ବସ୍ତ୍ର ପିନ୍ଧିଥାଏ । ଏହା ଉନ୍ମତ୍ତ ପାତ୍ରର ସ୍ୱରୂପ । ଏହାର ଗତି ନିମ୍ନୋକ୍ତ ବିଧି ଅନୁସାରେ ରହିବା ଉଚିତ । ସେ ସର୍ବପ୍ରଥମେ 'ନୂପୁରପାଦ'ରେ ରହି ତାକୁ 'ଦଣ୍ଡପାଦ'କୁ ବିସ୍ତାର କରିବ । ତା'ପରେ 'ବଦ୍ଧା' ଚାରୀ ପ୍ରଦର୍ଶନ କରି ପାଦକୁ 'ସ୍ୱସ୍ତିକ' ସ୍ଥିତିରେ ରଖିବ । ଏପରି ଭାବରେ ଚାରିଦିଗକୁ ଘୂରି 'ମଣ୍ଡଳ' କରି ଅଭିନୟ କରିବ । ଅର୍ଥାତ୍ ପ୍ରାୟ ଚକ୍ରାକାରରେ ଥରେ ଘୂରି ଯିବ । ଏବଂ ତା'ପରେ ପିଠିକୁ ଚାରି ପଟକୁ ଘୂରେଇ ଲତା ହସ୍ତ'ର ଅବ୍ୟବସ୍ଥିତ ପାଦର ଗତି ଅନୁସାରେ ହାତ ହଲେଇ ହଲେଇ ପ୍ରଦର୍ଶନ କରିବ ।

ଛୋଟା, ପଙ୍ଗୁ ଏବଂ ବାମନ ପାତ୍ରର ଗତି :–

ତ୍ରିବିଧା ତୁ ଗତିଃ କାର୍ଯ୍ୟା ଖଞ୍ଜପଙ୍ଗୁକବାମନୈଃ
ବିକଳାଙ୍ଗପ୍ରୟୋଗେଣ କୁହକାଭିନୟଂ ପ୍ରତି ।।୧୩୧ ।।

ଏକଃଖଂଜଗତୌ ନିତ୍ୟଂ ସ୍ତବ୍ଧୋ ବୈ ଚରଣୋ ଭବେତ୍ ।
ତଥାଦ୍ୱିତୀୟଃ କାର୍ଯ୍ୟସ୍ତୁ ପାଦୋଽଗ୍ରତଳସଂଚରଃ ।।୧୩୨ ।।

ସ୍ତବ୍ଧେନୋଦ୍ୱାପନଂ କାର୍ଯ୍ୟମଙ୍ଗସ୍ୟ ଚରଣେନ ତୁ ।
ଗମନେନ ନିଷଣ୍ଣଃ ସ୍ୟାଦନ୍ୟେନ ଚରଣେନ ତୁ ।।୧୩୩ ।।

ଇତରେଣ ନିଷାଦେଚ କ୍ରମେଣାନେନ ବୈ ବ୍ରଜେତ୍ ।
ଏଷା ଖଞ୍ଜଗତିଃ କାର୍ଯ୍ୟା ତଳଶଲ୍ୟକ୍ଷତେଷୁ ଚ ।।୧୩୪ ।।

ଅବୟବମାନଙ୍କର ବିକଳାଙ୍ଗତା ଦ୍ୱାରା ହାସ୍ୟ ଉତ୍ପନ୍ନ କରିବା ଉଦ୍ଦେଶ୍ୟରେ ଛୋଟା, ପଙ୍ଗୁ, ବାମନ ପାତ୍ରର ଗତି ତିନି ପ୍ରକାର । – ଅବସ୍ଥା ଭେଦରେ । ପ୍ରଥମ ଅବସ୍ଥାରେ, ଛୋଟାର ଗତିରେ ଗୋଟିଏ ପାଦ ସ୍ତବ୍ଧ ହୋଇ ରହିଥାଏ । ଦ୍ୱିତୀୟ ସ୍ଥିତିରେ, ଅନ୍ୟ ପାଦକୁ 'ଅଗ୍ରତଳ ସଂଚର' କରି ତା'ରି ମାଧ୍ୟମରେ ପାହୁଣ୍ଡ ପଡ଼େ ଏବଂ ସ୍ଥିର ପାଦଟି ଉପରେ ଶରୀରର ଭାର ରହେ । ତୃତୀୟ ଅବସ୍ଥାରେ ଶରୀରକୁ ତା'ର ଅବଲମ୍ବନରେ ଆଗକୁ ବଢ଼େଇ ଅନ୍ୟ ପାଦରେ ଚଲା ଯାଏ ବା ବସାଯାଏ । ଛୋଟା ପାତ୍ରର ଚାଲିବା ବସିବାର ଏହି କ୍ରମ ପ୍ରଦର୍ଶିତ ହେବା ବାଞ୍ଛନୀୟ । କୌଣସି ପାତ୍ରର ପାଦରେ ଆଘାତ, କଣ୍ଟା ଆଦି ଫୁଟିଥିବା ସମୟରେ ମଧ୍ୟ ଗତି ଏଭଳି ପ୍ରଦର୍ଶିତ ହେବା ଉଚିତ ।

ପାଦେନାଗ୍ରତଳସ୍ଥେନ ଗତିଃ କାର୍ଯ୍ୟାଽସ୍ଥିତେନ ତୁ ।
ନିଷଣ୍ଣଦେହା ପଙ୍ଗୌସ୍ତୁ ନତଜଂଘା ତଥୈବ ଚ ।।୧୩୫ ।।

ସର୍ବସଂକୁଚିତାଙ୍ଗୀ ଚ ବାମନେ ଗତିରିଷ୍ୟତେ ।
ନ ତସ୍ୟ ବିକ୍ରମଃ କାର୍ଯ୍ୟୋ ବିକ୍ଷେପଶ୍ଚରଣସ୍ୟ ଚ ।।୧୩୬ ।।

ପଙ୍ଗୁପାତ୍ରର ଗତି 'ଅଗ୍ରତଳ ସଞ୍ଚର' ତଥା 'ଅଁଚିନ୍ତପାଦ' କରି ବସି ତଥା ଜଂଘ ବଙ୍କେଇ ଗ୍ଲି ପ୍ରଦର୍ଶନ କରାଯାଏ ।

ବାମନପାତ୍ରର ଗତିରେ ସବୁ ଅଂଗକୁ ସଂକୁଚିତ କରି ରଖାଯାଏ । ପାଦ ଚଂଚଳ ବଡ଼ ପାହୁଣ୍ଡ ପକେଇ ପାରେନାହିଁ । ଭୂମିରେ ପାଦ ଜୋର୍‌ରେ କଚଡ଼ା ଯାଏନାହିଁ । ଏ ପାତ୍ର ସାଧାରଣ ଗତିରେ ଡେଇଁ ଦର୍ଶକମାନଙ୍କୁ ହସେଇ ଥାଏ ।

ବିଦୂଷକର ଗତି :–

ସୋଦ୍ୱାହିତ ଚୂର୍ଣ୍ଣପଦେ ସା କାର୍ଯ୍ୟା କୁହକାମୃିବା ।
ବିଦୂଷକସ୍ୟାପି ଗତିର୍ହାସ୍ୟତ୍ରୟବିଭୂଷିତା ।।୧୩୭।।

ଅଙ୍ଗବାକ୍ୟ କୃତଂ ହାସ୍ୟଂ ହାସ୍ୟଂ ନେପଥ୍ୟଜଂ ସ୍ମୃତମ୍ ।
ଦନ୍ତୁରଃ ଖଳିତଃ କୁବ୍‌ଜଃ ଖଂଜଶ୍ଚ ବିକୃତାନନଃ ।।୧୩୮।।

ଯଦାଦୃଶଃ ପ୍ରବେଶଃ ସ୍ୟାଦଙ୍ଗହାସ୍ୟନ୍ତୁ ତଦ୍ଭବେତ୍ ।
ଯଦାତୁ ବକବଦ୍ ଗଚ୍ଛେଦୁଲ୍ଲୋକିତ ବିଲୋକିତୈଃ ।।୧୩୯।।

ଅତ୍ୟାୟତ ପଦତ୍ୱାଚ ଅଙ୍ଗହାସ୍ୟୋ ଭବେତ୍ତୁ ସଃ ।
ବାକ୍ୟହାସ୍ୟନ୍ତୁବିଜ୍ଞେୟମସମ୍ବନ୍ଧପ୍ରଭାଷଣୈଃ ।।୧୪୦।।

ଅନର୍ଥକୈବିକାରୈଶ୍ଚ ତଥା ଗ୍ରଶ୍ଲୀଳଭାଷଣୈଃ ।
ଚାରଚର୍ମମବାଭସ୍ମ ଗୈରିକାଦ୍ୟୈସ୍ତୁ ମଣ୍ଡିତଃ ।।୧୪୧।।

ଗତିପ୍ରଗ୍ରରଂ ବିଭଜ୍ଞେନାନାବସ୍ଥାନ୍ତରାତ୍ମକମ୍ ।
ତସ୍ମାତ୍ତୁ ପ୍ରକୃତିଂ ଜ୍ଞାତ୍ୱା ଭାବଂ କାର୍ଯଞ୍ଚ ତତ୍ତ୍ୱତଃ ।।୧୪୨।।

ଗତିପ୍ରଗ୍ରରଂ ବିଭଜ୍ଞେନାନାବସ୍ଥାନ୍ତରାତ୍ମକମ୍ ।
ସ୍ୱଭାବଜାୟାଂ ବିନ୍ୟସ୍ୟ କୁଟିଳଂ ବାମକେ କରେ ।।୧୪୩।।

ତଥା ଦକ୍ଷିଣହସ୍ତେ ଚ କୁର୍ଯାଚ୍ଚତୁରକଂ ପୁନଃ ।
ପାର୍ଶ୍ୱମେକଂ ଶିରଶ୍ଚୈବ ହସ୍ତୋଽଥ ଚରଣସ୍ତଥା ।।୧୪୪।।

ପର୍ଯ୍ୟାୟଶଃ ସନ୍ନମୟେଲ୍ଲୟତାଳଦଶାନୁଗଃ
ସ୍ୱଭାବଜା ତୁ ତସ୍ୟୈଷା ଗତିରନ୍ୟା ବିକାରଜା ।।୧୪୫।।

ଏହିଭଳି ବିଦୂଷକର ଗତି ମଧ୍ୟ, ହାସ୍ୟ ଉତ୍ପନ୍ନ କରିବାକୁ, ସାଧାରଣ ପ୍ରକାରେ ରହିବ, ଯେଉଁଥିରେ ହାସ୍ୟ ତିନି ପ୍ରକାର ହେବ । ଏ ହାସ୍ୟ ଅଙ୍ଗ ବିକାର ହେତୁ, ଉଚ୍ଚାରିତ ଶବ୍ଦ ହେତୁ ଏବଂ ବେଶ ଭୂଷଣ ହେତୁ ହୋଇଥାଏ ।

ଏହି ହାସ୍ୟରେ ବିଦୂଷକ ଯଦି ବିକୃତ ଏବଂ ଦାନ୍ତୁରା ହୋଇଥାଏ, ଚନ୍ଦାମୁଣ୍ଡିଆ ହୋଇଥାଏ, କୁଜା, ଛୋଟା ତଥା ଅସୁନ୍ଦର ହୋଇଥାଏ, ତେବେ ଏହି ଶରୀର ହେତୁ ଉତ୍ପନ୍ନ ହାସ୍ୟକୁ 'ଅଙ୍ଗଜହାସ୍ୟ' କୁହାଯାଏ । ଯଦି ସେ ତଳ ଉପରକୁ ହୋଇ ବାଆଁ ତାହାଣକୁ ଦେଖି ବଡ଼ ବଡ଼ ପାହୁଣ୍ଡ ପକେଇ ଗ୍ଲେ ତେବେ, ତାକୁ ମଧ୍ୟ ଅଙ୍ଗହାସ୍ୟ କୁହାଯିବ ।

ଅସମ୍ବନ୍ଧ ପ୍ରଳାପ, ଅଶ୍ଳୀଳ ଭାଷା ତଥା ନିରର୍ଥକ ଶବ୍ଦର ଅପ୍ରାକୃତିକ ଢଙ୍ଗରେ ଉଚ୍ଚାରଣ 'କାବ୍ୟହାସ୍ୟ' ବା ଶବ୍ଦଜ–ହାସ୍ୟ ହୁଏ ।

ଯଦି ଜୀର୍ଣ୍ଣବସ୍ତ୍ର, ଚମଡ଼ା, କାଳୀ, ଭସ୍ମ, ଗେରୁ ଆଦିରେ ରଙ୍ଗେଇ ହୋଇ ଆସେ ତେବେ ତାହା ନେପଥ୍ୟକ ହାସ୍ୟ ବୋଲାଏ ।

ଅତଏବ ପ୍ରସଙ୍ଗାନୁସାରେ ପାତ୍ରର ପ୍ରକୃତି ବିଗ୍ବରକରି ତଥା ଭାବ ଏବଂ କାର୍ଯ୍ୟକୁ ବୁଝି ଅନେକ ଅବସ୍ଥାଯୁକ୍ତ ଏକ ବା ଅନେକ ବିଦୂଷକଙ୍କର "ଗତି" ଆବଶ୍ୟକତାନୁସାରେ ପ୍ରଦର୍ଶନ ହେବା ଉଚିତ ।

ବିଦୂଷକର ଗତି ତା'ର ଭିନ୍ନ ଭିନ୍ନ ଅବସ୍ଥା ଅନୁଯାୟୀ ହେବା ଉଚିତ ଅଥବା ସେହିଭଳି ବିଭାଜିତ କରି ରଖିବା ଉଚିତ ।

ବିଦୂଷକ ତାର ସ୍ୱାଭାବିକ 'ଗତି'ରେ ବାଆଁ ହାତରେ 'କୁଟିଳକ' (କାଷ୍ଠଦଣ୍ଡ ଯାହା ତେଢ଼ା ହୋଇଥାଏ) ଧାରଣ ତଥା ଦକ୍ଷିଣ ହସ୍ତରେ 'ଚତୁର' ମୁଦ୍ରା ପ୍ରଦର୍ଶନ କରିଥାଏ । ଏହା ବ୍ୟତୀତ ସେ ତା'ର ଗୋଟାଏ ପଟ ମସ୍ତକ ଏବଂ ହସ୍ତ ପଦ, ଲୟ ଏବଂ ତାଳ ଅନୁସାରେ ବଙ୍କେଇ ବଙ୍କେଇ ଗ୍ବଲେ ।

ଏହି ସ୍ୱାଭାବିକ ଗତିଛଡ଼ା ତା'ର ଅନ୍ୟ ବିକାରଜ ଗତି ମଧ୍ୟ ଥାଏ । ଏହି 'ଗତି' 'ଅଲଭ୍ୟଭକ୍ଷ' – (ଯେଉଁ ଖାଦ୍ୟ ସେହି ପାତ୍ର ପାଇଁ ଅଲଭ୍ୟ ବା ଦୁର୍ଲଭ) ଅଥବା କୌଣସି ମୂଲ୍ୟବାନ ବସ୍ତୁ ହଠାତ୍ ମିଳିଲେ ପ୍ରଦର୍ଶନ କରାଯାଏ ।

ଦାସାଦିଙ୍କର ଗତି :–

ଅଲାଭଲାଭାଦ୍‌ଭୁକ୍ତସ୍ୟ ସ୍ତବ୍ଧା ତସ୍ୟ ଗତିର୍ଭବେତ୍ ।
କାର୍ଯ୍ୟା ଚୈବ ହି ନାଗ୍ବନାଂ ଚେଟାଦୀନାଂ ପରିକ୍ରମାତ୍ ।।୧୪୬।।

ଅଧମା ଇତି ଯେ ଖ୍ୟାତା ନାନାଶୀଳାଶ୍ଚ ତେ ପୁନଃ
ପାର୍ଶ୍ୱମେକଂ ଶିରଶ୍ଚୈବ କରଃ ସଚରଣସ୍ତଥା ।।୧୪୭।।

ନୀଚ ତଥା ଦାସ ଆଦି ବିଭିନ୍ନ ସ୍ୱାଭାବର ଅଧମ ପାତ୍ରଙ୍କର ଗତିର ପ୍ରଦର୍ଶନ କରିବା ବିଧେୟ । ସେବକଙ୍କର ଗ୍ବରିପଟକୁ ବୁଲି, ଦେହର ଗୋଟାଏ ପାଖ ମୁଣ୍ଡ, ହାତ କିଂବା ପାଦ ବଙ୍କେଇ ତା'ର ଆଖି' ଭିନ୍ନ ଭିନ୍ନ ବସ୍ତୁକୁ ଦେଖି ଦେଖି ଯାଉଥିବା ଭଳି ହେବାକଥା ।

ଶକାର ଗତି :–

ଗତୌ ନମେତ ଚେଟାନାଂ ଦୃଷ୍ଟିଶ୍ଚାର୍ଥବିଗ୍ବରିଣୀ
ଶକାରସ୍ୟାପି କର୍ତବ୍ୟା ଗତିଶ୍ଚଞ୍ଚଳଦେହିକା ।।୧୪୮।।

ବସ୍ତ୍ରାଭରଣ ସଂସ୍ପର୍ଶୈର୍ମୁହୁର୍ମୁହୁରବେକ୍ଷିତୈଃ ।
ଗାତ୍ରୈର୍ବିକାରବିକ୍ଷିପ୍ତୈଃଲମ୍ବବସ୍ତ୍ରସ୍ରଜା ତଥା ।। ୧୪୯ ।।

ଶକାରଗତି ଅହଂକାରପୂର୍ଣ୍ଣ ତଥା ସାଧାରଣ ଚାଲିବା ସମୟରେ ଆପଣାର ବସ୍ତ୍ର ତଥା ଅଳଂକାର ଛୁଇଁ ଅଥବା ବାରମ୍ବାର ବା କେତେକେତେବେଳେ ଛୁଇଁ ଚାଲୁଥାଏ । ସେ ଅସ୍ୱାଭାବିକ ଢଙ୍ଗରେ ଆପଣାର ଅଙ୍ଗଚାଳନା କରି ଏବଂ ମାଳାବସ୍ତ୍ରାଦି ଆହେତୁକ ଆନ୍ଦୋଳିତ କରି ଚାଲିଥାଏ ।

ନୀଚପାତ୍ରର ଗତି :—

ସଗର୍ବିତା ଚୂର୍ଣ୍ଣପଦା ଶକାରସ୍ୟ ଗତିର୍ଭବେତ୍ ।
ଜାତ୍ୟା ନୀଚେଷୁ ଯୋକ୍ତବ୍ୟା ବିଲୋକନପରା ଗତିଃ ।।୧୫୦।।

ନୀଚକୁଳ ଜାତଙ୍କର ଗତି ଚାରିପଟକୁ ଅନଉଥିବା ଏବଂ ଅନ୍ୟ ସହିତ ସ୍ପର୍ଶ ହୋଇ ନ ଯାଉ ବୋଲି ଆପଣାକୁ ସଂକୁଚିତ କରି ରଖିବା ଉଚିତ୍ ।

ମ୍ଳେଚ୍ଛ ଗତି :—

ଅସଂସ୍ପର୍ଶାଚ୍ଚ ଲୋକସ୍ୟ ସ୍ୱାଙ୍ଗାନି ବିନିଗୃହ୍ୟ ଚ
ମ୍ଳେଚ୍ଛାନାଂ ଜାତୟୋ ଯାସ୍ତୁ ପୁଳିନ୍ଦଶବରାଦୟଃ ।।୧୫୧ ।।

ମ୍ଳେଚ୍ଛ ତଥା ସେଭଳି ପୁଳିନ୍ଦ୍ରଶବର ଆଦି ଜାତିମାନଙ୍କର ଗତି ସେମାନଙ୍କର ଆଚାର, ଜାତି, ସ୍ୱଭାବ ତଥା ଦେଶ ଅନୁସାରେ ରହିବା ବିଧେୟ ।

ପଶୁ-ପକ୍ଷୀ ଗତି :—

ତେଷାଂ ଦେଶାନୁରୂପେଣ କାର୍ଯ୍ୟଂଗତିବିଚେଷ୍ଟିତମ୍ ।
ପକ୍ଷିଣାଂ ଶ୍ୱାପଦାନାଞ୍ଚ ପଶୂନାଞ୍ଚ ଦ୍ୱିଜୋତ୍ତମାଃ ।।୧୫୨ ।।

ପକ୍ଷୀ, ହିଂସ୍ର ପଶୁ ତଥା ଚତୁଷ୍ପଦ ପ୍ରାଣୀଙ୍କର ଗତି ସେମାନଙ୍କର ପ୍ରକୃତି ଓ ପ୍ରୟାସ ଅନୁସାରେ ପ୍ରଦର୍ଶିତ ହେବା ବାଞ୍ଛନୀୟ ।

ସ୍ୱସ୍ୱଜାତି ସମୁତ୍ଥେନ ସ୍ୱଭାବେନ ଗତିର୍ଭବେତ୍
ସିଂହର୍କ୍ଷବାନରାଣାଞ୍ଚ ଗତିଃ କାର୍ଯ୍ୟା ପ୍ରୟୋକ୍ତୃଭିଃ ।।୧୫୩।।

ସିଂହ, ଭାଲୁ ଓ ମାଙ୍କଡ଼ ଭଳି ପାତ୍ରଙ୍କର ଗତି - ଯେପରି ଭଗବାନ ବିଷ୍ଣୁଙ୍କର ନରସିଂହ ଅବତାରରେ ହୋଇଛି, ସେଭଳି ପ୍ରଦର୍ଶିତ ହେବା ଉଚିତ ।

ଯା କୃତା ନରସିଂହେନ ବିଷ୍ଣୁନା ପ୍ରଭବିଷ୍ଣୁନା ।
ଆଲୀଢଂ ସ୍ଥାନକଂକୃତ୍ୱା ଗାତ୍ରତସ୍ୟୈବ ଚାନୁଗମ୍ ।।୧୫୪।।

ଜାନୂପରି କରଂ ହ୍ୟେକମପରଂ ବକ୍ଷସି ସ୍ଥିତମ୍ ।
ଅବଲୋକ୍ୟ ଦିଶଃ ସର୍ବାଶ୍ଚିବୁକଂ ବାହୁମସ୍ତକେ ।।୧୫୫।।

ଏଥିରେ ଆଲୀଢ ସ୍ଥାନକୁ ପ୍ରଦର୍ଶିତ କରି ଶରୀରକୁ ସେହି ଗତି ଅନୁସାରେ ରଖାଯାଏ । ଗୋଟିଏ ହାତକୁ ଜାନୁ ଉପରେ ଏବଂ ଅନ୍ୟହାତକୁ ବକ୍ଷସ୍ଥଳରେ ରଖି ଗ୍ରୀବା ପଟକୁ ଥରେ ଚିବୁକକୁ କାନ୍ଧ ଉପରେ ରଖି କ୍ରୁର ଦୃଷ୍ଟିରେ ଗ୍ରହିଁ ପାଞ୍ଚତାଳର ଅନ୍ତରରେ ଗ୍ରଲିବା ବିଧେୟ ।

ଗନ୍ତବ୍ୟଂ ବିକ୍ରମୈର୍ବିପ୍ରାଃ ପଞ୍ଚତାଳାନ୍ତରୋତ୍ଥିତୈଃ ।
ନିଯୁଦ୍ଧସମୟେ ଚୈବ ରଙ୍ଗାବତରଣେ ତଥା ।।୧୫୬।।

ସିଂହ ଆଦି ପାତ୍ରଙ୍କର ଏହି ଗତି ସେମାନଙ୍କର ରଙ୍ଗମଞ୍ଚରେ ପ୍ରବେଶ କାଳରେ ଏବଂ ଯୁଦ୍ଧକାଳରେ ମଧ୍ୟ ପ୍ରଦର୍ଶିତ ହେବା ଉଚିତ ।

ସିଂହାଦୀନାଂ ପ୍ରଯୋକ୍ତବ୍ୟା ଗତିରେଷା ପ୍ରଯୋକ୍ତୃଭିଃ ।
ଶେଷାଣାମର୍ଥଯୋଗେନ ଗତିଂ ସ୍ଥାନଞ୍ଚ ଯୋଜୟେତ୍ ।।୧୫୭।।

ଅବଶିଷ୍ଟ ପ୍ରାଣୀମାନଙ୍କର ଗତି ତଥା ସ୍ଥାନର ଯୋଜନାମଞ୍ଚରେ ଅବତରିତ ହେବା ଏବଂ କୌଣସି ଭାର ପିଠିଉପରେ ବହନ କରିନେବା ଆଦିର ପ୍ରଦର୍ଶନ ଉପଯୁକ୍ତ ସ୍ୱରୂପ ଅନୁସାରେ କରାହେବ ।

ବାହନାର୍ଥପ୍ରଯୋଗେଷୁ ରଙ୍ଗାବତରଣେଷୁ ଚ ।
ଏବମେତାଃ ପ୍ରଯୋକ୍ତବ୍ୟା ନରାଣାଙ୍ଗତୟୋ ବୁଧୈଃ ।।୧୫୮ ।।

ନୋକ୍ତା ଯା ଯା ମୟାହ୍ୟତ୍ର ଗ୍ରାହ୍ୟାସ୍ତାସ୍ତାଶ୍ଚ ଲୋକତଃ ।
ଅତଃ ପରଂ ପ୍ରବକ୍ଷ୍ୟାମି ସ୍ତ୍ରୀଣାଂଗତି ବିଚେଷ୍ଟିତମ୍ ।।୧୫୯ ।।

ଏଭଳି ଭାବରେ ଚତୁର ପାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରାଣୀମାନଙ୍କର ଏହି ଗତି ଗୁଡ଼ିକ ଅଭିନୀତ ହେବ । ଯେଉଁ ପ୍ରାଣୀମାନଙ୍କର ଗତି ଏହି ପ୍ରସଙ୍ଗରେ କୁହାଯାଇ ନାହିଁ ତାକୁ ସ୍ୱୟଂ ବୁଦ୍ଧି ଦ୍ୱାରା ଲୋକ ବ୍ୟବହାରକୁ ଆଖି ଆଗରେ ରଖି ପ୍ରଦର୍ଶନ କରାଯିବା ବିଧେୟ । ତା' ପରେ ମୁଁ ସ୍ତ୍ରୀମାନଙ୍କ ଗତିର ବର୍ଣ୍ଣନା କରିବି ।

ଗତିସମୟରେ ସ୍ତ୍ରୀମାନଙ୍କର ଶାରୀରିକ ସ୍ଥିତି :—

ସ୍ତ୍ରୀଣାଂ ସ୍ଥାନାନି କାର୍ଯାଣି ଗତିଷ୍ୱାଭାଷଣେଷୁ ଚ ।
ଆୟତଞ୍ଚାବହିତ୍ଥଞ୍ଚ ଅଶ୍ୱକ୍ରାନ୍ତମଥାପି ଚ ।।୧୬୦।।

ସ୍ତ୍ରୀମାନଙ୍କର ଭାଷଣ ଏବଂ ଗତି ପାଇଁ ତିନୋଟି ସ୍ଥାନ ଅଛି ଯଥା :- ୧. ଆୟତ, ୨. ଅବହିତ୍ଥ ଏବଂ ୩. ଅଶ୍ୱକ୍ରାନ୍ତ ।

ଦକ୍ଷିଣସ୍ତୁ ସମଃ ପାଦସ୍ତ୍ୟଶ୍ରଃ ପକ୍ଷସ୍ଥିତୋଽପରଃ ।
ବାମଃ ସମୁନ୍ନତକଟିଶ୍ଚାୟତେ ସ୍ଥାନକେ ଭବେତ୍ ।।୧୬୧ ।।

ଆୟତା ସ୍ଥାନ :– ଡାହାଣ ପାଦ 'ସମ', ବାମପାଦ ବଂକିମ ଏବଂ ଏକ ତାଳର ଅନ୍ତରରେ ଗୋଟିଏ ବାହୁ ଉଠି ତଥା କଟି ବାମପଟେ ଉନ୍ନତ ହୋଇଥିବା ସ୍ଥିତିକୁ 'ଆୟତ' ସ୍ଥାନ କୁହାଯିବ ।

ଆବାହନେ ବିସର୍ଗେ ଚ ତଥା ନିର୍ବର୍ଣ୍ଣନେଷ୍ୱଚ ।
ଚିନ୍ତାୟାଂ ଚାବହିତ୍‌ଥେ ଚ ସ୍ଥାନମେତତ୍ପ୍ରୟୋଜୟେତ୍ ।।୧୬୨।।

ରଙ୍ଗାବତରଣାରମ୍ଭଃ ପୁଷ୍ପାଞ୍ଜଳିବିସର୍ଜନମ୍ ।
ମନ୍ମଥେର୍ଷ୍ୟୋଦ୍ଭବଂ କୋପଂ ତର୍ଜନ୍ୟଙ୍ଗୁଳିମୋଟନମ୍ ।।୧୬୩।।

ନିଷେଧଗର୍ବଗାମ୍ଭୀର୍ଯମୌନଂ ମାନାବଲମ୍ବନମ୍ ।
ସ୍ଥାନେଽସ୍ମିନ୍ ସଂବିଧାତବ୍ୟଂ ଦିଗନ୍ତରନିରୂପଣମ୍ ।।୧୬୪।।

ଏହି ସ୍ଥାନ (ଅବହିତ୍ଥ)ର ଯୋଜନା ନିମନ୍ତ୍ରଣ ଦେବାବେଳେ, ଡାକିବା ବେଳେ ଆବାହନ କଲା ବେଳେ ବିଦାୟ କିଂବା ତ୍ୟାଗ କଲାବେଳେ, ଧ୍ୟାନଦେଇ ଦେଖିବା, ଚିନ୍ତା କରିବା କିଂବା ଛଳ - କପଟାଚରଣ ସମୟରେ କରାଯିବ । ସେହିଭଳି ରଙ୍ଗମଞ୍ଚରେ ସର୍ବପ୍ରଥମେ ପ୍ରବେଶ ସମୟରେ, ରଙ୍ଗମଞ୍ଚରେ ପୁଷ୍ପାଞ୍ଜଳି ଦେଲାବେଳେ, ଈର୍ଷ୍ୟାଯୁକ୍ତ ପ୍ରଣୟରେ କ୍ରୋଧ ପ୍ରଦର୍ଶନ କରିବା ତର୍ଜନୀ ମୋଡ଼ିବା, ନିଷେଧ, ଗର୍ବ, ଗମ୍ଭୀରତା, ମୌନ ତଥା ମାନ ଧାରଣ କରିବା ଏବଂ ଦିଗ୍‌ବଳୟକୁ ଦେଖିବା କାଳରେ ମଧ୍ୟ ଏହି ସ୍ଥାନର ଯୋଜନା ହୋଇଥାଏ ।

ସମୋ ଯତ୍ର ସ୍ଥିତୋ ବାମସ୍ତ୍ର୍ୟଶ୍ରଃ ପକ୍ଷସ୍ଥିତୋଽପରଃ ।
ସମୁନ୍ନତକଟିର୍ବାମସ୍ତ୍ୱବହିତ୍ଥନ୍ତୁ ତଦ୍‌ଭବେତ୍ ।।୧୬୫।।

ଅବହିତ୍ଥ ସ୍ଥାନ :– ବାମପାଦ 'ସମ' ଦକ୍ଷିଣ ପାଦ ତିର୍ଯ୍ୟକ ତା'ଉପରେ ଏକ ବାହୁରଖି ତଥା ବାମଭାଗକୁ କଟି ଉନ୍ନତ ହୋଇଥିଲେ ତାକୁ 'ଅବହିତ୍ଥ' କୁହାଯାଏ ।

ସ୍ତ୍ରୀଣାମେତତ୍ସ୍ମୃତଂ ସ୍ଥାନଂ ସଂଳାପେ ତୁ ସ୍ୱଭାବଜେ ।
ନିଶ୍ଚୟେ ପରିତୋଷେ ଚ ବିତର୍କେ ଲଜ୍ଜିତେ ତଥା ।।୧୬୬।।

ବିଳାସ-ଲୀଳାବିବ୍‌ବୋକ-ଶୃଙ୍ଗାରାତ୍ମନିରୂପଣୈଃ ।
ସ୍ଥାନମେତଦ୍ ପ୍ରୟୋକ୍ତବ୍ୟଂ ଭର୍ତ୍ତୃମାର୍ଗାବଲୋକନେ ।।୧୬୭।।

ଏହି ସ୍ଥାନର ଯୋଜନା ସ୍ତ୍ରୀମାନଙ୍କର ସ୍ୱାଭାବିକ ସଂଭାଷଣ, ନିଶ୍ଚୟ, ଅତିହର୍ଷ, ବିତର୍କ, ଲଜ୍ଜାଯୁକ୍ତ ଅବସ୍ଥା, ବିଳାସ ଲୀଳା, ବିବ୍ବୋକ, ଶୃଙ୍ଗାର ତଥା ଏତାଦୃଶ ଅନ୍ୟାନ୍ୟ ରସର ପ୍ରଦର୍ଶନକାଳରେ ତଥା ପ୍ରେମିକ ଅଥବା ପତିର ପଥଚାହିଁ ରହିଥିବା ସମୟରେ ହୋଇଥାଏ ।

ପାଦଃ ସମସ୍ଥିତସ୍ତୈକ ଏକଶ୍ଚାଗ୍ରତଳାଞ୍ଚିତଃ ।
ସୂଚୀବିଦ୍ଧମବିଦ୍ଧଂ ବା ତଦଶ୍ୱକ୍ରାନ୍ତମୁଚ୍ୟତେ ।।୧୬୮ ।।

ଅଶ୍ୱକ୍ରାନ୍ତ ସ୍ଥାନ :– ଯଦି ଗୋଟାଏ ପାଦ ଉଠିଥିବ, ଅନ୍ୟ ପାଦ 'ଅଗ୍ରତଳ' ସଂଚର ସ୍ଥିତିରେ ସୂଚୀ କିଂବା ଅବିଦ୍ଧାଗ୍ରରୀରେ ଥିବ, ନଥିଲେ ମଧ୍ୟ ତାହା 'ଅଶ୍ୱକ୍ରାନ୍ତ' ସ୍ଥାନ ବୋଲାଇବ ।

ଶାଖାବଲମ୍ବନେ କାର୍ଯ୍ୟଂସ୍ତବକଗ୍ରହଣେ ତଥା ।
ବିଶ୍ରାମେଷ୍ୱଥ ନୀଚ୍ଚନାଂ ନାରୀଣାଞ୍ଚାର୍ଥଯୋଗତଃ ।।୧୬୯ ।।

ଯୋଜନା :– ଏହି ସ୍ଥାନଦ୍ୱାରା ବୃକ୍ଷଶାଖାକୁ ଧରିବା, ପୁଷ୍ପଗୁଚ୍ଛ ଗ୍ରହଣ କରିବା, ଅଧମ ପାତ୍ରର ବିଶ୍ରାମ ଭଙ୍ଗୀ ଏବଂ ସ୍ତ୍ରୀମାନଙ୍କର କୌଣସି ପ୍ରୟୋଜନକୁ ତା'ର ଅର୍ଥାନୁସାରେ ପ୍ରଦର୍ଶିତ ହୋଇଥାଏ ।

ସ୍ଥାନକନ୍ତାବଦେବ ସ୍ୟାଦ୍ୟାବଚ୍ଚେଷ୍ଟା ପ୍ରବର୍ତ୍ତତେ
ଭଗ୍ନଞ୍ଚ ସ୍ଥାନକଂ ନୃତ୍ତେ ଗ୍ଚରୀ ଚେତ୍ ସମୁପସ୍ଥିତା ।।୧୭୦।।

ଏବଂ ସ୍ଥାନବିଧିଃ କାର୍ଯ୍ୟଃ ସ୍ତ୍ରୀଣାଂନୃଣାମଥାପି ଚ ।
ପୁନଶ୍ଚାସାଂ ପ୍ରବକ୍ଷ୍ୟାମି ଗତିଂ ପ୍ରକୃତି ସଂସ୍ଥିତାମ୍ ।।୧୭୧ ।।

ଏହି ''ସ୍ଥାନ'' କୌଣସି ଚେଷ୍ଟା ଆରମ୍ଭର ପୂର୍ବପର୍ଯ୍ୟନ୍ତ ହିଁ କୌଣସି ଅଭିନେତ୍ରୀ ବା ନର୍ତ୍ତକୀଦ୍ୱାରା ପ୍ରଦର୍ଶିତ ହେବା ବିଧେୟ, ମାତ୍ର ଏହି ଭଳି 'ନୃତ୍ୟ'ରେ ଚ୍ଚରୀର ପ୍ରଦର୍ଶନ ଆରମ୍ଭ କରିବା ବେଳେ 'ସ୍ଥାନ' ସମାପ୍ତ କରିଦେବା ଉଚିତ । ଅର୍ଥାତ୍ 'ଚ୍ଚରୀ' ପୂର୍ବରୁ ହିଁ 'ସ୍ଥାନ'ର ପ୍ରଦର୍ଶନ ହେବ । ପୁରୁଷ ଏବଂ ସ୍ତ୍ରୀ ଦୁହିଁଙ୍କ ନିମନ୍ତେ 'ସ୍ଥାନ'ର ଏହି ଗୋଟିଏ ନିୟମ । ବର୍ତ୍ତମାନ ମୁଁ ସ୍ତ୍ରୀମାନଙ୍କର ସେହି ଗତିମାନଙ୍କ ବିଷୟରେ କହିବି ଯାହା ସେମାନଙ୍କର ସ୍ୱଭାବ ଅନୁସାରେ ହୋଇଥାଏ ।

ଯୁବତୀ ସ୍ତ୍ରୀ ଗତି :–

କୃତ୍ୱାବହିତ୍ଥଂସ୍ଥାନନ୍ତୁ ବାମଞ୍ଚାଧୋମୁଖଂ ଭୁଜମ୍ ।
ନାଭି ପ୍ରଦେଶେ ବିନ୍ୟସ୍ୟ ସବ୍ୟଞ୍ଚ ଖଟକାମୁଖମ୍ ।।୧୭୨ ।।

ତତଃ ସଲଳିତଂ ପାଦଂ ତାଳମାତ୍ର ସମୁତ୍ଥିତମ୍ ।
ଦକ୍ଷିଣଂ ବାମପାଦସ୍ୟ ବାହ୍ୟପାର୍ଶ୍ୱେ ବିନିକ୍ଷିପେତ୍ ।।୧୭୩।।

ତେନୈବ ସମକାଳଞ୍ଚ ଲତାଖ୍ୟଂ ବାମକଂ ଭୁଜମ୍ ।
ଦକ୍ଷିଣଂ ବିନମେତ୍ପାର୍ଶ୍ୱଂ ନ୍ୟସେନ୍ନାଭିତଟେ ତତଃ ।।୧୭୪ ।।

ନିତମ୍ବେ ଦକ୍ଷିଣଂକୃତ୍ୱା ହସ୍ତଞ୍ଚୋଦ୍ୱେଷ୍ଟ୍ୟ ବାମକମ୍
ତତୋ ବାମପଦଂ ଦଦ୍ୟାଲ୍ଲତାହସ୍ତଞ୍ଚ ଦକ୍ଷିଣମ୍ ।।୧୭୫ ।।

ଲୀଲାଯୋଦ୍ବାହିତେନାଥ ଶିରସାନୁଗତେନ ଚ
କିଞ୍ଚିନ୍ନତେନ ଗାତ୍ରେଣ ଗଚ୍ଛେଦ୍‌ପଞ୍ଚପଦୀଂ ତତଃ ।।୧୭୬।।

ଯୁବତୀ ସ୍ତ୍ରୀ ଗତିରେ କ୍ରମଶଃ ସ୍ଥାନ ଏବଂ କାର୍ଯ୍ୟକୁ ଏହିଭଳି ଭାବରେ ପ୍ରଦର୍ଶିତ କରାଯାଏ । ସର୍ବପ୍ରଥମେ 'ଅବହିତ୍ଥ' ସ୍ଥାନ ପ୍ରଦର୍ଶନ କରି ବାଆଁ ହାତକୁ ତଳମୁହାଁ କରି ରଖି ଦକ୍ଷିଣ ହାତ 'ଖଟକାମୁଖୀ' ମୁଦ୍ରାରେ ନାଭି ପ୍ରଦେଶରେ ରହିବ । ତା'ପରେ ଦକ୍ଷିଣ ପାଦକୁ ଏକତାଳ ପ୍ରମାଣରେ ଲଳିତ ସଂଚରରେ ଉଠେଇ ବାମ ପାଦ ପାଖରେ ରଖି ସେହି ସମୟରେ ବାମ ହାତକୁ 'ଲତା' ମୁଦ୍ରାରେ ନାଭି ଉପରେ ରଖି ଦକ୍ଷିଣ ପାର୍ଶ୍ୱକୁ ନଇଁ ଦକ୍ଷିଣହାତକୁ ନିତମ୍ବ ଉପରେ ଏବଂ ବାମ ହସ୍ତକୁ 'ଉଦ୍‌ବେଷ୍ଟିତ' ମୁଦ୍ରାରେ ରଖାଯାଏ । ତା'ପରେ ବାମ ପାଦ ଆଗକୁ ବଢ଼େଇ ଓ ଦକ୍ଷିଣ ହାତକୁ 'ଲତା' ମୁଦ୍ରାରେ ରଖି ଏପରି ଭାବରେ ସ୍ଥାନ ଏବଂ କ୍ରିୟାମାନଙ୍କର ପ୍ରଦର୍ଶନ ପରେ ପୁଣି ଶରୀରକୁ କିଞ୍ଚିତ ନୁଆଁଇ ତଥା ମସ୍ତକକୁ 'ଉଦ୍ୱାହିତ' ମୁଦ୍ରାରେ ରଖି ପାଞ୍ଚ ପାଦ ଆଗେଇବାକୁ ହୁଏ ।

ଯୋ ବିଧିଃ ପୁରୁଷାଣାନ୍ତୁ ରଙ୍ଗପୀଠପରିକ୍ରମେ ।
ସ ଏବ ପ୍ରମଦାନାଂ ବୈ କର୍ତ୍ତବ୍ୟୋ ନାଟ୍ୟଯୋକ୍ତୃଭିଃ ।।୧୭୭।।

ରଙ୍ଗମଞ୍ଚରେ ପୁରୁଷପାତ୍ରଙ୍କର ଚାଲିବାର ଯେଉଁ ବିଧି ତାହା ସ୍ତ୍ରୀମାନଙ୍କ ନିମନ୍ତେ ମଧ୍ୟ ପ୍ରଯୁଜ୍ୟ ବୋଲି ବୁଝିବା ବିଧେୟ ।

ଷଟ୍‌କଳନ୍ତୁ ନ କର୍ତ୍ତବ୍ୟଂ ତଥାଷ୍ଟକଳମେବ ଚ ।
ପାଦସ୍ୟ ପତନଂ ତଜ୍‌ଜ୍ଞୈଃ ଖେଦନଂ ତଦ୍‌ଭବେତ୍ ସ୍ତ୍ରିୟାଃ ।।୧୭୮।।

ସ୍ତ୍ରୀମାନଙ୍କର ଗତି (ପାହୁଣ୍ଡ) ଛଅ ବା ଆଠକଳା ପ୍ରମାଣରେ ରହିବା ଉଚିତ ନୁହେଁ । କାରଣ ସେହିଭଳି ପଦଚାଳନା ସ୍ତ୍ରୀମାନଙ୍କୁ ଥକେଇ ଦିଏ ତଥା ପ୍ରଦର୍ଶନ କାଳରେ ମଧ୍ୟ ଆୟାସ ସାପେକ୍ଷ ହୋଇଥାଏ ।

ସଯୌବନାନାଂ ନାରୀଣାମେବଂ କାର୍ଯ୍ୟା ଗତିର୍ବୁଧୈଃ
ସ୍ଥାନାଦ୍ୟା ଯା ସ୍ତ୍ରିୟସ୍ତାସାଂ ସଂପ୍ରବକ୍ଷ୍ୟାମ୍ୟହଂ ଗତିମ୍ ।।୧୭୯।।

ଯୁବତୀମାନଙ୍କର ଗତି ଏହିଭଳି ହେବା ଉଚିତ । ବର୍ତ୍ତମାନ ମୁଁ ମଧ୍ୟା ଅର୍ଥାତ୍ ପ୍ରୌଢ଼ାମାନଙ୍କର ଗତି ସଂବନ୍ଧରେ କହୁଛି ।

ପ୍ରୌଢ଼ାମାନଙ୍କର ଗତି :–

କୃତ୍ୱାବହିତ୍ଥଂ ସ୍ଥାନନ୍ତୁ ବାମଂ ନ୍ୟସ୍ୟ କଟୀତଟେ ।
ଆଦ୍ୟଞ୍ଚାରାଳମୁତ୍ତାନଂ କୁର୍ଯ୍ୟାନ୍ନାଭିସ୍ତନାନ୍ତରେ ।।୧୮୦।।

ନ ନିକୃଷ୍ଟଂ ନ ଚ ସ୍ତବ୍ଧଂ ନଚାପି ପରିବାହିତମ୍ ।
କୃତ୍ୱା ଗାତ୍ରଂ ତତୋ ଗଚ୍ଛେଚ୍ଚୈବେହ କ୍ରମେଣ ତୁ ।।୧୮୧।।

ସେ 'ଅବହିତ୍ଥ', ବାମ ହାତ କଟି ଉପରେ ତଥା ଦକ୍ଷିଣ ହାତ 'ଅରାଳ' ମୁଦ୍ରାରେ ଉପରକୁ ମୁହଁକରି ନାଭି ତଥା ସ୍ତନର ମଧ୍ୟରେ ରଖି ପ୍ରଦର୍ଶିତ କରିବା ପରେ ଶରୀରକୁ ସ୍ୱାଭାବିକ, ସ୍ଥିର ଏବଂ ଆନ୍ଦୋଳିତ ନ କରି ଚାଲିବେ ।

ଦାସୀ (ପ୍ରେଷ୍ୟା)ର ଗତି :–

ପ୍ରେଷ୍ୟାଣାମପି କର୍ତ୍ତବ୍ୟା ଗତିରୁଦ୍‌ଭ୍ରାନ୍ତଗାମିନୀ ।
କିଞ୍ଚିଦୁନ୍ନମିତୈର୍ଗାତ୍ରୈ ରାବିଦ୍ଧଭୁଜବିକ୍ରମା ।।୧୮୨।।

ସ୍ଥାନଂକୃତ୍ୱାବହିତ୍ଥଂଚ ବାମଂଚାଧୋମୁଖଂ ଭୁଜମ୍
ନାଭିପ୍ରଦେଶେ ବିନ୍ୟସ୍ୟ ସବ୍ୟଂଚ ଖଟକାମୁଖମ୍ ।।୧୮୩।।

ଦାସୀମାନଙ୍କର ଗତି ଭ୍ରାନ୍ତି ହେତୁ ଉପରକୁ ଦେଖିବା ଭଳି ରହିବା ବିଧେୟ । ସେମାନେ ଶରୀରକୁ କିଞ୍ଚିତ୍ ସିଧାରଖି ହାତ ହଲେଇ ଚାଲିବେ ('ଆବିଦ୍ଧ' ଭାବରେ) ସେମାନେ ଅବହିତ୍ଥ ସ୍ଥାନକୁ ବାଆଁ ହାତକୁ ତଳେ ଏବଂ ଦକ୍ଷିଣ ହାତକୁ 'ଖଟକାମୁଖ' ମୁଦ୍ରାରେ ରଖି ପ୍ରଦର୍ଶିତ କରିଚାଲିବେ ।

ନପୁଂସକ ଗତି :–

ଅର୍ଦ୍ଧନାରୀଗତିଃ କାର୍ଯ୍ୟା ସ୍ତ୍ରୀପୁଂସାଭ୍ୟାଂ ବିମିଶ୍ରିତା ।
ଉଦାତ୍ତ ଲଳିତୈର୍ଗାତ୍ରୈଃ ପାଦୈର୍ଲୀଳାସମନ୍ୱିତୈଃ ।।୧୮୪।।

ନପୁଂସକ ପାତ୍ରର ଗତିରେ ପୁରୁଷ ତଥା ସ୍ତ୍ରୀପାତ୍ରର ମିଶ୍ରିତ 'ଗତି' ରହିବା ବିଧେୟ । ସେ ଶରୀରକୁ ଉଦାତ୍ତ ତଥା ଲଳିତ ଆନ୍ଦୋଳିତ କରି ଲାଳିତ୍ୟପୂର୍ଣ୍ଣ ଗତିରେ ଚାଲିବେ ।

ଯା ପୂର୍ବମେବାଭିହିତା ହ୍ୟୁତ୍ତମାନାଙ୍ଗତିର୍ମୟା
ସ୍ତ୍ରୀଣାଂ କାପୁରୁଷାଣାଞ୍ଚ ତତୋଽର୍ଦ୍ଧାର୍ଦ୍ଧନ୍ତୁ ଯୋଜୟେତ୍ ।।୧୮୫।।

ପ୍ରଥମେ ମୁଁ ଉତ୍ତମ ପୁରୁଷ ତଥା ସ୍ତ୍ରୀପାତ୍ରଙ୍କର ଗତି ସଂବନ୍ଧରେ ଯେଉଁ ସମୟ କହିଲି ତାର ଅଧା ଦାସୀ ଆଦି ସ୍ତ୍ରୀମାନଙ୍କର ତଥା ତାର ଅଧା ନପୁଂସକପାତ୍ରଙ୍କର ଗତି ପାଇଁ ରହିବ ।

ମଧ୍ୟମୋତ୍ତମନୀଚାନାଂ ନୃଣାଂ ଯଦ୍‌ଗତିଚେଷ୍ଟିତମ୍ ।
ସ୍ତ୍ରୀଣାନ୍ତଦେବ କର୍ତ୍ତବ୍ୟଂ ଲଳିତୈଃ ପଦବିକ୍ରମୈଃ ।।୧୮୬।।

ଉତ୍ତମ, ମଧ୍ୟମ ତଥା ଅଧମ ପୁରୁଷପାତ୍ରଙ୍କର ଯେଉଁ 'ଗତି' ବିଷୟରେ କହିଲି ତାହା ସ୍ତ୍ରୀପାତ୍ରମାନଙ୍କର ମଧ୍ୟ ଗତି ହେବ । କେବଳ ସ୍ତ୍ରୀମାନଙ୍କର ଗତି 'ଲଳିତ ସଂଚର ପାଦ' ସ୍ଥିତିରେ ରଖା ଯାଇଥାଏ ।

ବାଳଗତି :—

ବାଳାନାମପି କର୍ତ୍ତବ୍ୟା ସ୍ୱଚ୍ଛନ୍ଦ ପଦବିକ୍ରମା
ନତସ୍ୟାଂ ସୌଷ୍ଠବଂ କାର୍ଯ୍ୟଂ ନ ପ୍ରମାଣଂପ୍ରଯୋକ୍ତୃଭି ।।୧୮୭।।

ବାଳକଙ୍କର ଗତି ସେମାନଙ୍କର ଇଚ୍ଛାନୁସାରେ ରଖାଯାଏ । ସେଥିରେ ନା ସୌଷ୍ଠବ ନା ସମୟ ପ୍ରମାଣ (ତାଳାନୁସାରିତା ଆଦି) ଥାଏ ।

ନପୁଂସକ ଅଥବା ସ୍ତ୍ରୀ-ପୁରୁଷ-ଲକ୍ଷଣଧାରୀ ପାତ୍ରର ଗତି :—

ତୃତୀୟା ପ୍ରକୃତିଃ କାର୍ଯ୍ୟା ନାମ୍ନାଚୈବ ନପୁଂସକା
ନରସ୍ୱଭାବମୁତ୍ସୃଜ୍ୟ ସ୍ତ୍ରୀଗତିଂ ତତ୍ର ଯୋଜୟେତ୍ ।।୧୮୮।।

ଯେମାନେ ନପୁଂସକ ପାତ୍ର ସେମାନଙ୍କ ଗତି ପୁରୁଷ ପାତ୍ରର ଭିନ୍ନ କରି 'ସ୍ତ୍ରୀ' ପାତ୍ରଗତି ସଂଯୋଜନା ହେବା ଉଚିତ ।

ଭୂମିକା ପରିବର୍ତ୍ତନରେ ପାତ୍ରଙ୍କର ଗତି :—

ବିପର୍ଯ୍ୟୟଃ ପ୍ରଯୋକ୍ତବ୍ୟଃ ପୁରୁଷସ୍ତ୍ରୀନପୁଂସକୈଃ
ସ୍ୱଭାବମାତ୍ମନସ୍ତ୍ୟକ୍ତ୍ୱା ତଦ୍‌ଭାବଗମନାଦିହ ।।୧୮୯।।

ପୁରୁଷ ସ୍ତ୍ରୀ କିଂବା ନପୁଂସକ, ସେମାନେ ଯଦି ନିଜର ସ୍ୱରୂପ ପରିବର୍ତ୍ତନ କରି ଥାଆନ୍ତି ତେବେ ଯେଉଁ ବେଶ ଧାରଣ କରିଥିବେ ସେତେବେଳେ ସେମାନେ ସେହି ଅନୁରୂପ 'ଗତି'ର ପ୍ରଦର୍ଶନ କରିବେ ।

ବ୍ୟାଜେନ କ୍ରୀଡ଼ୟା ବାପି ତଥା ଭୂୟଶ୍ଚ ବଞ୍ଚନାତ୍
ସ୍ତ୍ରୀ ପୁଂସଃ ପ୍ରକୃତିଂକୁର୍ଯ୍ୟାତ୍ ସ୍ତ୍ରୀଭାବଂ ପୁରୁଷୋଽପିଚ ।।୧୯୦।।

ଧୈର୍ଯ୍ୟୌଦାର୍ଯ୍ୟେଣ ସତ୍ତ୍ୱେନ ବୁଦ୍ଧ୍ୟା ତଦ୍‌ବଚ୍ଚ କର୍ମଣା
ସ୍ତ୍ରୀ ପୁମାଂସଂ ତ୍ୱଭିନୟେତ୍ ବେଶବାକ୍ୟବିଚେଷ୍ଟିତୈଃ ।।୧୯୧।।

ପୁରୁଷ ସ୍ତ୍ରୀର ବେଶ କିମ୍ବା ସ୍ତ୍ରୀ ପୁରୁଷ ବେଶ ଧାରଣ ବ୍ୟାଜ, କ୍ରୀଡ଼ା ତଥା ଠକିବା ପାଇଁ କରିବେ । ସ୍ତ୍ରୀ ପୁରୁଷର ଅଭିନୟ କରିବା ସମୟରେ ଧୈର୍ଯ୍ୟ, ଔଦାର୍ଯ୍ୟ, ସତ୍ତ୍ୱ, ବୁଦ୍ଧି ଏବଂ ଉପଯୁକ୍ତ ବେଶ-ଭୂଷା, ବଚନ ଏବଂ କାର୍ଯ୍ୟର ପ୍ରଦର୍ଶନ କରିବେ ।

ସ୍ତ୍ରୀ ବେଷଭାଷିତୈର୍ଯୁକ୍ତଃ ପ୍ରେକ୍ଷିତାପ୍ରେକ୍ଷିତୈସ୍ତଥା
ମୃଦୁସନ୍ନଗତିଶ୍ଚୈବ ପୁମାନ୍ ସ୍ତ୍ରୀ ଭାବମାଚରେତ୍ ।।୧୯୨।।

ସେହିଭଳି ପୁରୁଷ ସ୍ତ୍ରୀର ଅଭିନୟ କରୁଥିବା ସମୟରେ ସ୍ତ୍ରୀର ବେଶ ଓ ଭାଷଣ, ତଦନୁସାରେ କୌଣସି କୌଣସି ବସ୍ତୁକୁ ଦେଖିବା ଅଥବା ନଦେଖିବା ଆଦି କ୍ରିୟାଦ୍ୱାରା କୋମଳ ଏବଂ ମନ୍ଦଗତିର ପ୍ରଦର୍ଶନ କରିବେ ।

ନୀଚ ଜାତିର ସ୍ତ୍ରୀମାନଙ୍କର ଗତି :–

ଜାତିହୀନାଶ୍ଚ ଯା ନାର୍ଯଃ ପୁଲିନ୍ଦଶବରାଙ୍ଗନାଃ ।
ଯାସ୍ତାପି ତାସାଂ କର୍ତବ୍ୟା ଚଜ୍ଜାତି ସଦୃଶୀ ଗତିଃ ।।୧୯୩।।

ଯେଉଁମାନେ ନୀଚକୁଳରେ ଜାତ ପୁଲିନ୍ଦଶବର ଆଦି ଜାତିର ସ୍ତ୍ରୀ, ସେମାନେ ସେମାନଙ୍କର ଜାତି ଅନୁକୂଳ ସ୍ୱାଭାବିକ 'ଗତି' ରଖିବା ବିଧେୟ ।

ତପସ୍ୱିନୀଙ୍କର ଗତି :–

ବ୍ରତସ୍ଥାନାଂ ତପଃସ୍ଥାନାଂ ଲିଙ୍ଗସ୍ଥାନାଂ ତଥା ପୁନଃ ।
ଖସ୍ଥାନାଞ୍ଚୈବ ନାରୀଣାଂ ସମପାଦନ୍ତୁ ଯୋଜୟେତ୍ ।।୧୯୪।।

ଯେଉଁ ସ୍ତ୍ରୀମାନେ ବ୍ରତ, ତପ, ଦୀକ୍ଷା ଆଦି ହେତୁ ତପସ୍ୱିନୀ ତଥା ଆକାଶଗାମିନୀ ଦିବ୍ୟା, ସେମାନଙ୍କର ଗତି 'ସମପାଦ' ଚାରୀ ହୋଇଥାଏ ।

ଉଦ୍ଧତା ଯେଽଙ୍ଗହାରାଃ ସ୍ୟୁଶ୍ଚାର୍ଯୋମଣ୍ଡଳାନି ବା ।
ତାନି ନାଟ୍ୟପ୍ରୟୋଗଜ୍ଞୈର୍ନ କର୍ତବ୍ୟାନି ଚଯୋଷିତାମ୍ ।।୧୯୫।।

ଯେଉଁ ଅଙ୍ଗହାର, ଚାରୀ ଏବଂ ମଣ୍ଡଳ ଉଦ୍ଧତ ପ୍ରକାରର ତା'ର ଯୋଜନା ଚତୁର ନାଟ୍ୟନିର୍ଦ୍ଦେଶକ ସ୍ତ୍ରୀ ପାତ୍ରଙ୍କ ପାଇଁ କରିବେ ନାହିଁ ।

ସ୍ତ୍ରୀ ଏବଂ ପୁରୁଷପାତ୍ରଙ୍କର ଆସନ-ବିଧାନ :–

ଅଥାସନବିଧିଃକାର୍ଯ୍ୟଃ ସ୍ତ୍ରୀଣାଂ ନୃଣାମଥାପି ଚ ।
ନାନା ଭାବସମାଯୁକ୍ତସ୍ତଥୈବ ଶୟନାଶ୍ରୟଃ ।।୧୯୬।।

ପୁରୁଷ ଏବଂ ସ୍ତ୍ରୀମାନଙ୍କର ବସିବାର ବିଧି (ଆସନ ବିଧି) ଓ ଶୟନ ବିଧି ସେମାନଙ୍କର ବିଭିନ୍ନ ଭାବ ଏବଂ ପ୍ରସଙ୍ଗାନୁସାରେ ହେବା କଥା ଏବଂ ସେମାନଙ୍କର ଶୟନବିଧି ମଧ୍ୟ ସେଇଭଳି ହୋଇଥାଏ ।

ସ୍ୱସ୍ଥ ଅବସ୍ଥାରେ ଉପବେଶନ-ବିଧି :–

ବିଷ୍କମ୍ଭିତାଞ୍ଚିତୌ ପାଦୌ ତ୍ରିକଂ କିଞ୍ଚିତ୍ ସମୁନ୍ନତମ୍ ।
ହସ୍ତୌ କଟ୍ୟୁରୁବିନ୍ୟସ୍ତୌ ସ୍ୱସ୍ଥେ ସ୍ୟାଦୁପବେଶନେ ।।୧୯୭।।

ସ୍ୱସ୍ଥ ଦଶାର ବିଶ୍ରାମ କରିବା ଅବସ୍ଥାରେ ବସିବା ବେଳେ ଉଭୟ ଗୋଡ଼ ସଂଯତ ଓ ସୁନ୍ଦର କରି ରଖିବେ । ପିଠି ସିଧା, ହାତ କଟି ଉପରେ ଓ ପାପୁଲି ଜଂଘ ଉପରେ ରହିବା ବିଧେୟ ।

ବିସ୍ମୟ ଅବସ୍ଥାରେ ଉପବେଶନ ବିଧି :—

ପାଦଃ ପ୍ରସାରିତଃ କିଞ୍ଚିଦେକଶ୍ଚୈବାସନାଶ୍ରୟଃ
ଶିରଃ ପାର୍ଶ୍ୱନତଞ୍ଚୈବ ସଚିନ୍ତ ଉପବେଶନେ ।।୧୯୮।।

ଯଦି କୌଣସି ପୁରୁଷ ବିସ୍ମୟମଗ୍ନ ଅବସ୍ଥାରେ ଥିବେ ତେବେ ତାଙ୍କୁ ସୁସ୍ଥ ଦଶାର ସ୍ଥିତିରେ ଆପଣାର ଗୋଟାଏ ପାଦ ବିସ୍ତାରକରି ଅନ୍ୟପାଦକୁ କୌଣସି ଆସନଉପରେ ରଖି ଗୋଟାଏ ପଟକୁ ମୁଣ୍ଡନୁଆଁଇ ରହିବା କଥା ।

ଶୋକାବସ୍ଥାରେ ଉପବେଶନ ବିଧି :—

ଚିବୁକୋପାଶ୍ରିତୌ ହସ୍ତୌ ବାହୁଶୀର୍ଷାନତଂ ଶିରଃ
ସଂପ୍ରଣଷ୍ଟେନ୍ଦ୍ରିୟମନା ଭବେଚ୍ଛୋକୋପବେଶନେ ।।୧୯୯।।

ଯଦି ପୁରୁଷ ଗଭୀର ଶୋକରେ ଥାଏ ତେବେ ସୁସ୍ଥ ଅବସ୍ଥାରେ ହାତ ଦୁଇଟିରେ ଚିବୁକ ଏବଂ ମସ୍ତକ ଉଭୟ ଭୁଜ ମଧ୍ୟରେ ଆଶ୍ରିତ ହୋଇ ରହିବ । ତାହାର ମନ ଓ ଇନ୍ଦ୍ରିୟ ଆପଣାର ସ୍ୱାଭାବିକ ଦଶାରେ ନଥିବାଭଳି ରହିବେ ।

ମୂର୍ଚ୍ଛା ଆଦିରେ ଉପବେଶନ :—

ପ୍ରସାର୍ଯ୍ୟ ବାହୂ ଶିଥିଲୌ ତଥା ଶ୍ରୟାଶ୍ରୟାଶ୍ରିତଃ ।
ମୂର୍ଚ୍ଛାମଦଶ୍ରମଗ୍ଲାନି ବିଷାଦେଷୂପବେଶୟେତ୍ ।।୨୦୦।।

ଯଦି ପୁରୁଷ ମୂର୍ଚ୍ଛା, ମଦ, ଶ୍ରମ ଗ୍ଲାନି ତଥା ବିଷାଦର ଦଶାରେ ଥାଏ ତାହେଲେ ଉଭୟ ବାହୁ ବିସ୍ତାର କରି ଢିଲା ଛାଡ଼ି ଦେବ ଏବଂ କୌଣସି ବସ୍ତୁର ଅବଲମ୍ବନରେ ବସିବେ ।

ଲଜ୍ଜା-ରୋଗ-ନିଦ୍ରାଦିରେ ଉପବେଶନ :—

ସର୍ବପିଣ୍ଡୀକୃତାଙ୍ଗସ୍ତୁ ସଂଯୁକ୍ତୈଃ ପାଦଜାନୁଭିଃ ।
ବ୍ୟାଧିବ୍ରୀଡ଼ିତନିଦ୍ରାସୁ ଧ୍ୟାନେ ଚୋପବିଶେନ୍ନରଃ ।।୨୦୧।।

ଯଦି କୌଣସି ପୁରୁଷପାତ୍ର ବ୍ୟାଧି, ଲଜ୍ଜା, ନିଦ୍ରା ତଥା ଧ୍ୟାନରେ ଥାଏ ତେବେ ସେ ତାର ପାଦ ଓ ଆଣ୍ଠୁମୁଣ୍ଡିରେ ଶରୀର ସଂକୁଚିତ କରି ରହିବା ବିଧେୟ ।

ଧାର୍ମିକ-ବିଧି ସଂପାଦନ କାଳରେ ଉପବେଶନ :—

ତଥା ଚୈତ୍କଟିକଂ ସ୍ଥାନଂ ସ୍ରିକ୍ପାର୍ଷ୍ଣୀନାଂ ସମାଗମଃ
ପିତ୍ର୍ୟେ ନିବାପେ ଜପ୍ୟେ ଚ ସଂଧ୍ୟାସ୍ୱାଚମନେଽପି ଚ ।।୨୦୨।।

ପିତୃତର୍ପଣ କରୁଥିବା ସମୟରେ, ମନ୍ତ୍ରଜପ କାଳରେ, ସଂଧ୍ୟା କରିବା ଏବଂ ଆଚମନ କରିବା ସମୟରେ ପିଠି ସଳଖି ତଥା ଉଭୟ ଗୋଇଠିକୁ ପିଗ୍ର (ଷ୍ଫିଚ)ରେ ମିଳେଇ ବସିବା ଉଚିତ ।

ପ୍ରିୟା ପ୍ରସାଦନ କାଳରେ ଉପବେଶନ :—

ବିଷ୍କମ୍ଭିତଂପୁନଶ୍ଚୈବ ଜାନୁ ଭୂମୌ ନିପାତୟେତ୍
ପ୍ରିୟାପ୍ରସାଦନେ କାର୍ଯଂ ହୋମାଦି କରଣେଷୁ ଚ
ମହୀଗତାଭ୍ୟାଂ ଜାନୁଭ୍ୟାମଧୋମୁଖମବସ୍ଥିତମ୍ ।।୨୦୩।।

ରୁଷ୍ଟ ବସିଥିବା ପ୍ରିୟତମାର ମାନଭଂଜନ ତଥା ହୋମାଦି ଧାର୍ମିକ ବିଧି ସଂପନ୍ନ କରିବା ସମୟରେ ମାଟି ଉପରେ ଜଂଘମାଡ଼ି ତଳ ମୁହାଁ ହୋଇ ବସିବ ।

ଦେବ ବନ୍ଦନା ଆଦି ସମୟରେ ଉପବେଶନ :—

ଦେବାଭିଗମନେ କାର୍ଯ୍ୟେ ରୁଷିତାନାଂ ପ୍ରସାଦନେ।
ଶୋକେ ଚ୍ଚକ୍ରନ୍ଦନେ ତୀବ୍ରେ ମୃତାନାଞ୍ଚୈବ ଦର୍ଶନେ ।।୨୦୪।।

ତ୍ରାସନେ ଚ କୁସତ୍ତ୍ୱାନାଂ ନୀଚ୍ଚନାଞ୍ଚୈବ ଯାଚନେ ।
ହୋମଯଜ୍ଞକ୍ରିୟାୟାଞ୍ଚ ପ୍ରେଷ୍ୟାଣାଞ୍ଚୈବ କାରୟେତ୍ ।।୨୦୫।।

ଦେବ ବନ୍ଦନା, କ୍ରୋଧିତ ହୋଇଥିବା ସ୍ୱାମୀକୁ ପ୍ରସନ୍ନ କରିବା ସମୟରେ, ତୀବ୍ର ଶୋକରେ କ୍ରନ୍ଦନ କରିବା ବେଳେ, ମୃତ ବ୍ୟକ୍ତିକୁ ଦେଖିବା ବେଳେ, ହଇରାଣ କରୁଥିବା ପଶୁକୁ ଡରେଇବା ବେଳେ, ନୀଚ ପୁରୁଷ ଅଥବା ସେବକଠାରୁ ଯାଚନା କଲାବେଳେ ତଥା ହୋମ କିଂବା ଯଜ୍ଞ କର୍ମରେ ଦର୍ଶନ କରିବାକୁ ଉପସ୍ଥିତ ହେବା ବେଳେ ପୂର୍ବବତ୍ ମୁହଁ ତଳକୁ କରି ଜାନୁ ମଡ଼ାଇ ବସିବାକୁ ହେବ । ମୁନିମାନଙ୍କର ଦୈନିକ ଆଚରଣ ତଥା ନିୟମ ଆଦି ସମୟରେ ମଧ୍ୟ ସେହି ବିଧି ରହିବ ।

ବିଭିନ୍ନ ପାତ୍ରଙ୍କ ନିମନ୍ତେ ନିର୍ଦ୍ଧାରିତ ଆସନ :—

ମୁନୀନାଂ ନିୟମେଷ୍ୱେବଂ ଭବେଦାସନଜୋ ବିଧି ।
ତଥାସନବିଧିଃ କାର୍ଯୋ ବିବିଧୋ ନାଟକାଶ୍ରୟଃ ।।୨୦୬।।

ସ୍ତ୍ରୀଣାଞ୍ଚ ପୁରୁଷାଣାଞ୍ଚ ବାହ୍ୟଶ୍ଚାଭ୍ୟନ୍ତରସ୍ତଥା ।
ଆଭ୍ୟନ୍ତରସ୍ତୁ ନୃପତେର୍ବାହ୍ୟୋ ବାହ୍ୟଗତସ୍ୟ ଚ ।।୨୦୭।।

ନାଟକରେ ସ୍ତ୍ରୀ ତଥା ପୁରୁଷ ପାତ୍ରଙ୍କର ନିମନ୍ତେ ନିର୍ଦ୍ଧାରିତ ଆସନ ବିଧାନ ଶୁଣନ୍ତୁ । ତାହା ଦୁଇ ପ୍ରକାର ଯଥା :— ୧. ଆଭ୍ୟନ୍ତର (ସ୍ୱତନ୍ତ୍ର ଆସନ) ତଥା ୨· ବାହ୍ୟ· ସାଧାରଣ

ଲୋକଙ୍କ ନିମନ୍ତେ, ଆସନ ବିଧାନ । ଏହି ଉଭୟ ଆସନରେ ଆଭ୍ୟନ୍ତର ଆସନ ରାଜାଙ୍କ ପାଇଁ ତଥା ବାହ୍ୟ ଆସନ ସାଧାରଣ ଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ ।

ପୁରୁଷ ପାତ୍ରଙ୍କ ନିମନ୍ତେ ନିର୍ଦ୍ଧାରିତ ଆସନ :—

ଦେବାନାଂ ନୃପତୀନାଞ୍ଚ ଦଦ୍ୟାଦ୍ ସିଂହାସନଂ ଦ୍ୱିଜାଃ
ପୁରୋଧସାମମାତ୍ୟାନାଂ ଭବେଦ୍‌ବେତ୍ରାସନନ୍ତଥା ।।୨୦୮ ।।

ମୁଣ୍ଡାସନନ୍ତୁ ଦାତବ୍ୟଂ ସେନାନୀଯୁବରାଜୟୋଃ ।
କାଷ୍ଠାସନ ବ୍ରାହ୍ମଣାନାଂ କୁମାରାଣାଂ କୁଥାସନମ୍ ।।୨୦୯ ।।

ହେ ମୁନିଗଣ, ନାଟ୍ୟ ପ୍ରଦର୍ଶନରେ ଦେବତା ତଥା ରାଜାଙ୍କ ନିମନ୍ତେ ସିଂହାସନ, ପୁରୋହିତ ତଥା ଅମାତ୍ୟଙ୍କ ନିମନ୍ତେ ବେତ୍ରାସନ, ସେନାପତି ତଥା ଯୁବରାଜଙ୍କ ନିମନ୍ତେ ମୁଣ୍ଡାସନ, (କଳାଗ୍ରନ୍ଥରୀରେ ଚିତ୍ର କରାଯାଇଥିବା) ବ୍ରାହ୍ମଣମାନଙ୍କ ନିମନ୍ତେ କାଷ୍ଠାସନ, ରାଜକୁମାରମାନଙ୍କ ନିମନ୍ତେ ଗାଲିଚ୍ଚ ଭଳି ଆସନର ବ୍ୟବସ୍ଥା ହେବା ଉଚିତ । ରାଜସଭାରେ ଏହି ଆସନ ଯଥାଯୋଗ୍ୟ ବ୍ୟକ୍ତିମାନଙ୍କୁ ଦେବାର ନିୟମ ରହିବା ଉଚିତ ।

ସ୍ତ୍ରୀ ପାତ୍ରଙ୍କ ନିମନ୍ତେ ଆସନ :—

ଏବଂ ରାଜସଭାଂ ପ୍ରାପ୍ୟକାର୍ଯ୍ୟସ୍ତ୍ୱାସନଜୋ ବିଧିଃ ।
ସ୍ତ୍ରୀଣାଶ୍ଚୈବାସନବିଧିଂ ସମ୍ପ୍ରବକ୍ଷ୍ୟାମ୍ୟହମ୍ମୁନଃ ।।୨୧୦।।

ସିଂହାସନନ୍ତୁରାଜ୍ଞୀନାଂ ଦେବୀନାଂ ମୁଣ୍ଡମାସନମ୍ ।
ପୁରୋଧୋଽମାତ୍ୟ ପତ୍ନୀନାଂ ଦଦ୍ୟାଦ୍ ବେତ୍ରାସନଂତଥା ।।୨୧୧ ।।

ଭୋଗିନୀନାଂ ତଥାଚୈବ ବସ୍ତ୍ରଂ ଚର୍ମ କୁଥାପି ବା ।
ବ୍ରାହ୍ମଣୀତାପସୀନାଂ ପଟ୍ଟାସନମଥାପି ଚ ।।୨୧୨ ।।

ବୈଶ୍ୟାନାମପି କର୍ତ୍ତବ୍ୟମାସନଂ ହି ମସୂରକମ୍ ।
ଶେଷାଣାଂ ପ୍ରମଦାନାଞ୍ଚ ଭବେଦ୍ ଭୂମ୍ୟାସନଂ ଦ୍ୱିଜାଃ ।।୨୧୩ ।।

ଏବମାଭ୍ୟନ୍ତରୋ ଜ୍ଞେୟୋ ବାହ୍ୟଶ୍ଚାସନଜୋ ବିଧିଃ ।
ତଥା ସ୍ୱଗୃହବାର୍ତ୍ତାସୁ ଛନ୍ଦେନାସନମିଷ୍ୟତେ ।।୨୧୪ ।।

ବର୍ତ୍ତମାନ ମୁଁ ସ୍ତ୍ରୀ ପାତ୍ରଙ୍କ ନିମନ୍ତେ ଦିଆଯିବା ଆସନର ନିୟମ ସଂବନ୍ଧରେ କହୁଛି । ପାଟରାଣୀଙ୍କୁ ସିଂହାସନ, ରାଣୀମାନଙ୍କୁ ମୁଣ୍ଡାସନ, ପୁରୋହିତ ଏବଂ ମନ୍ତ୍ରୀମାନଙ୍କର ପତ୍ନୀଙ୍କୁ ବେତ୍ରାସନ, ଭୋଗିନୀ ଅର୍ଥାତ୍ ରାଜାଙ୍କର ବିବାହିତା କିଂବା ରକ୍ଷିତା ନିମନ୍ତେ ଗାଲିଚ୍ଚ, ଚର୍ମ କିଂବା ବସ୍ତ୍ର ନିର୍ମିତ ଆସନ, ବ୍ରାହ୍ମଣୀ ତଥା ତାପସୀଙ୍କ ନିମନ୍ତେ କାଠପିଢ଼ା, ବୈଶ୍ୟ ଏବଂ

ଶ୍ରେଷ୍ଠୀମାନଙ୍କର ପତ୍ନୀଙ୍କ ନିମନ୍ତେ ତକିଆଥିବା ଆସନ ଦିଆଯାଏ । ଅବଶିଷ୍ଟ ସ୍ତ୍ରୀ ପାତ୍ରଙ୍କ ନିମନ୍ତେ ଭୂମିରେ ବସିବା ବିଧି । ଆସନର ଏହି ନିୟମ ଆଭ୍ୟନ୍ତର ଏବଂ ବାହ୍ୟ ପାଇଁ ନିର୍ଦ୍ଧାରିତ । ଆପଣା ଗୃହରେ ଥିବା କାଳରେ ସାଧାରଣତଃ ସ୍ୱତନ୍ତ୍ରତା ପୂର୍ବକ କୌଣସି ବି ଆସନ ସେଚ୍ଛାରେ ଗ୍ରହଣ କରି ପାରିବେ ।

ମୁନି ତଥା ସନ୍ୟାସୀଙ୍କ ନିମନ୍ତେ ଆସନ :–

ନିୟମସ୍ଥ ମୁନୀନାଞ୍ଚ ଭବେଦାସନକୋ ବିଧିଃ ।
ଲିଙ୍ଗିନାମାସନବିଧିଃ କାର୍ଯ୍ୟୋ ବ୍ରତସମାଶ୍ରୟଃ ।।୨୧୫।।

ମୁନିମାନଙ୍କର ଆପାଣାର ନିୟମାନୁକୂଳ ଆସନ ତଥା ବିଭିନ୍ନ ମତାବଲମ୍ବୀ ସନ୍ୟାସୀ ପାତ୍ରଙ୍କର ସେମାନଙ୍କର ବ୍ରତାନୁସାରେ ଆସନ ରହିବ ।

ବୃସୀମୁଣ୍ଡାସନପ୍ରାଯଂ ବେତ୍ରାସନମଥାପି ବା
ହୋମେ ଯଜ୍ଞକ୍ରିୟାୟାଞ୍ଚ ପିତ୍ର୍ୟର୍ଥେ ଚ ପ୍ରଯୋଜୟେତ୍ ।।୨୧୬।।

ହୋମ ଯଜ୍ଞ ପିତୃତର୍ପଣ କରିବା ସମୟରେ ବୃସୀ, ମୁଣ୍ଡାସନ କିଂବା ବେତ୍ରାସନରେ ବସିବା ଉଚିତ୍ ।

ଆସନର ସାଧାରଣ ବିଧାନ :–

ସାନାୟା ଯେ ଚ ପୁରୁଷାଃ କୁଳବିଦ୍ୟାସମନ୍ୱିତାଃ ।
ତେଷାମାସନସତ୍କାରଃ କର୍ତବ୍ୟ ଇହ ପାର୍ଥିବୈଃ ।।୨୧୭।।

ସମେ ସମାସନଂ ଦଦ୍ୟାନ୍ମଧ୍ୟମେ ମଧ୍ୟମାସନମ୍ ।
ଅତିରିକ୍ତେଽତିରିକ୍ତଞ୍ଚ ହୀନେ ଭୂମ୍ୟାସନଂ ଭବେତ୍ ।।୨୧୮।।

ଉପାଧ୍ୟାୟସ୍ୟ ନୃପତେର୍ଗୁରୁଣାଂସ୍ୱଗ୍ରତୋ ବୁଧୈଃ ।
ଭୂମ୍ୟାସନଂତଥା କାର୍ଯ୍ୟମଥବା କାଷ୍ଠମାସନମ୍ ।।୨୧୯।।

ନୌ-ନାଗରଥଯାନେଷୁ ଭୂମିକାଷ୍ଠାସନେଷୁ ଚ ।
ସହାସନଂ ନ ଦୁଷ୍ୟେତ ଗୁରୁପାଧ୍ୟାୟପାର୍ଥିବୈଃ ।।୨୨୦।।

ଯେଉଁମାନେ ସ୍ଥାନୀୟ ମାନ୍ୟଗଣ୍ୟ ବୟସରେ ବଡ଼, କୁଳୀନ ତଥା ବିଦ୍ୱାନ ପୁରୁଷ ତାଙ୍କୁ ରାଜା ଉଚିତ ଆସନ ଦେଇ ସତ୍କାର କରିବା ଉଚିତ ।

ଏମାନଙ୍କ ମଧ୍ୟରେ ସମସ୍କନ୍ଧ ବ୍ୟକ୍ତିଙ୍କ ସମାନ, ମଧ୍ୟମ ପାତ୍ରଙ୍କ ମଧ୍ୟମ, ଅତିରିକ୍ତ ପାତ୍ରଙ୍କ ଅତିରିକ୍ତ ଆସନ ତଥା ହୀନ ପାତ୍ରଙ୍କର ଭୂମିରେ ଆସନ ହେବା ଉଚିତ ।

ବୁଦ୍ଧିମାନ ପୁରୁଷ ନିଜର ଉପାଧ୍ୟାୟ, ରାଜା ତଥା ଗୁରୁଜନଙ୍କର ସମ୍ମୁଖରେ ଭୂମି ଉପରେ କିଂବା କାଷ୍ଠାସନରେ ବସିବେ । ମାତ୍ର ନୌକା, ହାତୀ, ରଥ ଆଦି ଯାନରେ ଗୁରୁ ଉପାଧ୍ୟାୟ, ରାଜାଙ୍କ ସହିତ ସମାନ ଆସନରେ ବସିଲେ ହେଁ ଆସନ ଦୋଷ ରହେନାହିଁ ।

ଶୟନାବସ୍ଥାରେ ଶରୀରର ସ୍ଥିତି :–

ଆକୁଞ୍ଚିତଂ ସମଶ୍ଚୈବ ପ୍ରସାରିତବିବର୍ତ୍ତିନେ ।
ଉଦ୍‌ବାହିତଂ ନତଶ୍ଚୈବଂ ଶୟନେ କର୍ମ କାର୍ତ୍ୟତେ ।।୨୨୧।।

ଶୟନାବସ୍ଥାରେ ହେଉଥିବା ଛଅଗୋଟି ସ୍ଥିତି ଯଥା – ୧. ଆକୁଞ୍ଚିତ ୨. ସମ ୩. ପ୍ରସାରିତ ୪. ବିବର୍ତ୍ତିତ ୫. ଉଦ୍‌ବାହିତ ତଥା ୬. ନତ

ଆକୁଞ୍ଚିତ :–

ସର୍ବୈରାକୁଞ୍ଚିତୈରଙ୍ଗୈଃ ଶଯ୍ୟାବିନ୍ୟେ ତୁ ଜାନୁନୀ
ସ୍ଥାନମାକୁଞ୍ଚିତଂ ନାମ ଶୀତାର୍ତ୍ତାନାଂ ପ୍ରଯୋଜୟେତ୍ ।।୨୨୨।।

ଦୁଇ ଆଣ୍ଠୁକୁ ବିଛଣା ଉପରେ ରଖି ସାରା ଶରୀର ନୁଆଇଁ ସଂକୁଚିତ କରି ଶୀତାର୍ତ୍ତରେ ଶୋଇବାକୁ 'ଆକୁଞ୍ଚିତ' ସ୍ଥିତି କୁହାଯାଏ ।

ସମ :–

ଉତ୍ତାନିତମୁଖଶ୍ଚୈବ ପ୍ରତ୍ୟଙ୍ଗ୍‌ମୁକ୍ତକରସ୍ତଥା
ସମଂ ନାମ ପ୍ରସୁପ୍ତସ୍ୟ ସ୍ଥାନକଂ ସଂବିଧୀୟତେ ।।୨୨୩।।

ମୁହଁ ଉପରକୁ କରି, ହାତ ଖୋଲି ଏବଂ ତଳପଟକୁ ପ୍ରସାରିତ ହୋଇ ଶୋଇବାକୁ 'ସମ' ସ୍ଥିତି କୁହାଯାଏ ।

ପ୍ରସାରିତ :–

ଏକଂ ଭୁଜମୁପାଧାୟ ସମ୍ପ୍ରସାରିତଜାନୁକମ୍
ସ୍ଥାନଂ ପ୍ରସାରିତଂ ନାମ ସୁଖସୁପ୍ତସ୍ୟ କାରୟେତ୍ ।।୨୨୪।।

ଗୋଟିଏ ବାହୁ ମୁଣ୍ଡତଳେ ରଖି ଜଂଘକୁ ସଂପ୍ରସାରିତକରି ଶୋଇବାକୁ 'ପ୍ରସାରିତ' ସ୍ଥିତି କୁହାଯାଏ । ସୁଖନିଦ୍ରାର ଏହି ହେଉଛି ପ୍ରକୃଷ୍ଟ ମୁଦ୍ରା ।

ବିବର୍ତ୍ତିତ :–

ଅଧୋମୁଖସ୍ଥିତଶ୍ଚୈବ ବିବର୍ତ୍ତିତମିତି ସ୍ମୃତମ୍
ଶସ୍ତ୍ରକ୍ଷତ ମୃତୋତ୍‌କ୍ଷିପ୍ତ ମତ୍ତୋନ୍ମତ୍ତେଷୁ କାରୟେତ ।।୨୨୫।।

ତଳକୁ ମୁହଁ ପୋତି ଶୋଇବା 'ବିବର୍ତ୍ତିତ' ବୋଲାଏ । ଶସ୍ତ୍ରାଘାତ ହୋଇଥିଲେ, ମୃତ୍ୟୁ ଉପରୁ କିଂବା କୌଣସି ଉଚ୍ଚସ୍ଥାନରୁ ପଡ଼ିଯାଇଥିଲେ, କୌଣସି ନିଶା ସେବନ ଫଳରେ ଉତ୍‌କ୍ଷିପ୍ତ ଅଥବା ପାଗଳ ଅବସ୍ଥାରେ ଏହି ସ୍ଥିତି ପ୍ରଦର୍ଶିତ ହୋଇଥାଏ ।

ଉଦ୍‌ବାହିତ :–

ଅଂସୋପରି ଶିରଃ କୃତ୍ୱା କୂର୍ପରକ୍ଷୋଭମେବ ଚ
ଉଦ୍‌ବାହିତନ୍ତୁ ବିଜ୍ଞେୟଂ ଲୀଳାୟାଂ ବଚନେ ପ୍ରଭୋଃ ।।୨୨୬।।

ଆପଣା ସ୍ୱାମୀ ସହିତ ସଂଭାଷଣକାଳରେ ଓ ବସିବା କିଂବା ପ୍ରବେଶ କରିବା ସମୟରେ ଯଦି ମସ୍ତକକୁ କାନ୍ଧ ଉପରେ କିଂବା କଚଟି ଦାବି ଶୟନ କରାଯାଏ ତେବେ ତାହାକୁ ଉଦ୍‌ବାହିତସ୍ଥିତି ବୋଲାଯାଏ ।

ନତ :–

ଈଷଦ୍‌ପ୍ରସାରିତେ ଜଂଘେ ଯତ୍ର ସ୍ରସ୍ତୌ କରାବୁଭୌ
ଆଳସ୍ୟଶ୍ରମଖେଦେଷୁ ନତଂ ସ୍ଥାନଂ ବିଧୀୟତେ ।।୨୨୭।।

ଆଳସ୍ୟ, ଶ୍ରମକ୍ଳାନ୍ତି ଆଦି ଭାବର ପ୍ରଦର୍ଶନ ନିମିତ୍ତ ଯଦି ଜଂଘ କିଞ୍ଚିତ ସଂପ୍ରସାରିତ ହୋଇଥାଏ ତଥା ଉଭୟ ହାତ ଢିଲା ରଖି ଶୟନ କରାଯାଇଥାଏ ତେବେ ସେହି ସ୍ଥିତିକୁ 'ନତ' ବୋଲି କୁହାଯାଏ ।

ଗତି ପ୍ରଚାରସ୍ତୁ ମୟୋଦିତୋଽୟଂ ନୋକ୍ତଶ୍ଚ ଯଃ ସୋଽର୍ଥବଶେନ ସାଧ୍ୟଃ
ଅତଃ ପରଂ ରଙ୍ଗପରିକ୍ରମସ୍ୟ ବକ୍ଷ୍ୟାମି କକ୍ଷ୍ୟାନ୍ତର ସଂବିଧାନମ୍ ।।୨୨୮।।

ହେ ମୁନିଗଣ, ଏଭଳି ଭାବରେ ମୁଁ ଆପଣମାନଙ୍କୁ 'ଗତି ପ୍ରଚାରର' ସ୍ୱରୂପ ଏବଂ ଲକ୍ଷଣ ପ୍ରସଙ୍ଗ କ୍ରମରେ କହିଲି । ଏଥିରେ ଯେଉଁ କଥା ସବୁ କୁହାଯାଇ ପାରିନାହିଁ ସେସବୁକୁ ଆପଣମାନେ ଲୋକ ବ୍ୟବହାରରେ ପ୍ରଯୁକ୍ତ ଅର୍ଥରେ ସାଧନ କରିବେ । ବର୍ତ୍ତମାନ ମୁଁ ଆପଣମାନଙ୍କୁ ରଙ୍ଗମଞ୍ଚ ଉପରେ ସ୍ଥିର ହେଉଥିବା 'କକ୍ଷ୍ୟା' ଏବଂ ତହିଁରେ ସଂଚାର କରିବାର ବିଧି ସଂବନ୍ଧରେ କହିବି ।

ଭରତମୁନି କୃତ ନାଟ୍ୟଶାସ୍ତ୍ରର ଗତିପ୍ରଚାରୋ ନାମ ଦ୍ୱାଦଶୋଽଧ୍ୟାୟଃ ।
ଭରତମୁନି ପ୍ରଣୀତ ନାଟ୍ୟଶାସ୍ତ୍ରର 'ଗତିପ୍ରଚାର' ନାମକ ଦ୍ୱାଦଶ ଅଧ୍ୟାୟ ସଂପୂର୍ଣ୍ଣ ହେଲା ।

◆

ତ୍ରୟୋଦଶଅଧ୍ୟାୟ

(କକ୍ଷ୍ୟାପରିଧି ତଥା ଲୋକଧର୍ମୀ ନିରୂପଣ)

ଯେ ତୁ ପୂର୍ବଂ ମୟା ପ୍ରୋକ୍ତାସ୍ତ୍ରୟୋ ବୈ ନାଟ୍ୟ ମଣ୍ଡପାଃ ।
ତେଷାଂବିଭାଗଂ ବିଜ୍ଞାୟ ତତଃ କକ୍ଷ୍ୟାଂ ପ୍ରୟୋଜୟେତ୍ ।।୧ ।।

ପୂର୍ବରୁବର୍ଣ୍ଣିତ ହୋଇସାରିଥିବା ନାଟ୍ୟଗୃହର ତିନୋଟି ପ୍ରକାରକୁ ବୁଝି ଓ ସେମାନଙ୍କର ପ୍ରଭେଦ ଜାଣି ଜାଣି ରଙ୍ଗମଞ୍ଚର କକ୍ଷ ବିଭାଗ ସ୍ଥିର କରିବ ।

ବାଦ୍ୟର ସ୍ଥାପନା :—

ଯେ ନେପଥ୍ୟଗୃହଦ୍ୱାରେ ମୟା ପୂର୍ବଂ ପ୍ରକୀର୍ତ୍ତିତେ ।
ତୟୋର୍ଭାଣ୍ଡସ୍ୟ ବିନ୍ୟାସୋ ମଧ୍ୟେ କାର୍ଯଃ ପ୍ରୟୋକ୍ତୃଭିଃ ।।୨ ।।

ନେପଥ୍ୟ ଗୃହର ଯେଉଁ ଦୁଇଟି ଦ୍ୱାର ସଂବନ୍ଧରେ କୁହାଯାଇଛି ସେହିଦ୍ୱାର ମଝିରେ ବାଦ୍ୟ ଓ ବାଦକମାନଙ୍କୁ ବସେଇବାକୁ ହୁଏ ।

କକ୍ଷ୍ୟାଗତ ବିଭାଗ :—

କକ୍ଷ୍ୟାବିଭାଗୋ ନିର୍ଦ୍ଦେଶ୍ୟୋ ରଙ୍ଗପୀଠ ପରିକ୍ରମାତ୍ ।
ପରିକ୍ରମେଣ ରଙ୍ଗସ୍ୟ ହ୍ୟନ୍ୟା କକ୍ଷ୍ୟା ଭବେଦିହ ।।୩ ।।

ରଙ୍ଗମଞ୍ଚର ପରିଧି ଭାଗକୁ ଗଲେ ତାର ବିଭାଗ ଜଣା ପଡ଼ିଯାଏ । ଯଦି କୌଣସି ପାତ୍ରର ଆପଣାର କକ୍ଷ୍ୟ ପରିଧି ପରିବର୍ତ୍ତନ କରିବାଥାଏ ତେବେ ତାର ପରିକ୍ରମଣ କିଂବା ଅନ୍ୟ କକ୍ଷକୁ ଯିବା ଦ୍ୱାରା ପ୍ରଦର୍ଶିତ ହେବ ।

କକ୍ଷବିଭାଗର ଉପଯୋଗିତା :—

କକ୍ଷ୍ୟାବିଭାଗେ ଜ୍ଞେୟାନି ଗୃହାଣି ନଗରାଣି ଚ ।
ଉଦ୍ୟାନାରାମସରିତସ୍ତ୍ୱାଶ୍ରମା ଅଟବୀ ତଥା ।।୪ ।।

ପୃଥିବୀ ସାଗର ଶ୍ଚୈବ ତ୍ରୈଲୋକ୍ୟଂ ସଚରାଚରମ୍ ।
ବର୍ଷାଣି ସପ୍ତ ଦ୍ୱୀପାଶ୍ଚ ପର୍ବତା ବିବିଧାସ୍ତଥା ।।୫ ।।

ଆଲୋକ ଶ୍ଚୈବଲୋକଶ୍ଚ ରସାତଳମଥାପିଚ
ଦୈତ୍ୟନାଗାଳୟାଶ୍ଚୈବ ଗୃହାଣି ଭବନାନି ଚ ।।୬ ।।

ଏହି କକ୍ଷ ବିଭାଗର ପରିଧିରେ, ଯେଉଁ ପାତ୍ରକୁ କୌଣସି ବିଭାଗ ବିଶେଷରେ ଥିବା ହେତୁ ଜାଣି ହେଉଥାଏ ଅଥବା ଯଦି କୌଣସି ଦୃଶ୍ୟବିଶେଷ ପ୍ରଦର୍ଶିତ କରିବାର ଉଦ୍ଦେଶ୍ୟ ଥାଏ, ସେଥିରେ ଗୃହ, ନଗର, ସ୍ୱାଭାବିକ ତଥା କୃତିମ ଉଦ୍ୟାନ ଆଦିରେ ଯୁକ୍ତ ପ୍ରଦେଶ, ଗ୍ରାମ ଏବଂ ନଗର, ନଦୀ, ଆଶ୍ରମ, ବନ, ପୃଥିବୀ, ସମୁଦ୍ର ଜଡ଼ ଚେତନ ପଦାର୍ଥ ସମନ୍ୱିତ ତ୍ରୈଲୋକ୍ୟ, ପୃଥିବୀର କୌଣସି ବର୍ଷ, ଦ୍ୱୀପ, ବିବିଧ ପର୍ବତ, ଲୋକାଲୋକ ପର୍ବତ, ପାତାଳ, ଦୈତ୍ୟ ତଥା ସର୍ପମାନଙ୍କର ନିବାସ ସ୍ଥାନ, ଆରାମ ଗୃହ ଏବଂ ନଗର ଆଦି ଆସିବେ ।

ନଗରେ ବା ବନେ ବାପି ବର୍ଷେ ବା "ପର୍ବତେଽପି ବା"
ଯତ୍ରବାର୍ତ୍ତା ପ୍ରବର୍ତ୍ତେତ ତତ୍ର କକ୍ଷ୍ୟାଂ ପ୍ରଯୋଜୟେତ୍ ।।୭।।

ଏ ପରିଧିଗୁଡ଼ିକ ନାଟକର କଥାବସ୍ତୁ ଅନୁସାରେ ମଞ୍ଚ ଉପରେ ସ୍ଥାପିତ ହେବେ, ଯେଉଁଠି କଥାବସ୍ତୁର ନଗର, ବର୍ଷ, ବନ, ପର୍ବତାଦିର ଦୃଶ୍ୟ ଆବଶ୍ୟକ ସେଠାରେ ସେଇଭଳି ପ୍ରଯୋଜିତ ହେବା ବିଧେୟ ।

ରଙ୍ଗମଞ୍ଚ ଉପରେ ସଂବନ୍ଧିତ ପ୍ରଦେଶର ସୂଚନା :—

ବାହ୍ୟଂ ବା ମଧ୍ୟମଂ ବାପି ତଥୈବାଭ୍ୟନ୍ତରଂ ପୁନଃ ।
ଦୂରଂ ବା ସନ୍ନିକୃଷ୍ଟଂ ବା ଦେଶନ୍ତୁ ପରିକଳ୍ପୟେତ୍ ।।୮।।

ରଙ୍ଗମଞ୍ଚ ଉପରେ ଏହି କକ୍ଷ ବିଭାଗରେ ଭିତର, ବାହାର, ମଧ୍ୟ, ଦୂର, ସମୀପ ପ୍ରଦେଶର କଥାବସ୍ତୁ ଅନୁସାରେ ପାରସ୍ପରିକ ସଂବନ୍ଧ ରହିବ ।

ପୂର୍ବ ପ୍ରବିଷ୍ଟା ଯେ ରଙ୍ଗଂ ଜ୍ଞେୟାସ୍ତେଽଭ୍ୟନ୍ତରା ବୁଧୈଃ ।
ପଶ୍ଚାତ୍ ପ୍ରବିଷ୍ଟା ବିଜ୍ଞେୟଃ କକ୍ଷ୍ୟାଭାଗେ ତୁ ବାହ୍ୟତଃ ।।୯।।

ଏହି କକ୍ଷ ବିଭାଗର ପ୍ରଥା ଅନୁସାରେ, ରଙ୍ଗମଞ୍ଚରେ ପ୍ରଥମେ ପ୍ରବେଶ କରି ସାରିଥିବା ପାତ୍ର ଅଭ୍ୟନ୍ତର ପାତ୍ର ଏବଂ ପରେ ପ୍ରବେଶ କରିବା ପାତ୍ର ବାହ୍ୟ ପାତ୍ର ବୋଲାନ୍ତି ।

ତେଷାନ୍ତୁ ଦର୍ଶନେଚ୍ଛୁର୍ଯଃ ପ୍ରବିଶେଦ୍ରଙ୍ଗମଣ୍ଡଳମ୍
ଦକ୍ଷିଣାଭିମୁଖଃ ସୋଽଥ କୁର୍ଯ୍ୟାଦାତ୍ମନିବେଦନମ୍ ।।୧୦।।

ଯେଉଁ ପାତ୍ରମାନେ ଏହି ପାତ୍ରମାନଙ୍କୁ ଭେଟିବାକୁ କିଂବା ଦେଖିବାକୁ ଆସିବେ ସେମାନେ ସେମାନଙ୍କ କଥା ଦକ୍ଷିଣ ପଟକୁ ମୁହଁ କରି କହିବେ ।

ରଙ୍ଗମଞ୍ଚର ପୂର୍ବଦିଗ :—

ଯତୋମୁଖଂ ଭବେଦ୍‌ଭାଣ୍ଡଦ୍ୱାରଂ ନେପଥ୍ୟକସ୍ୟ ଚ ।
ସା ମନ୍ତବ୍ୟା ତୁ ଦିକ୍‌ପୂର୍ବା ନାଟ୍ୟଯୋଗେନ ନିତ୍ୟଶଃ ।।୧୧।।

ଯେଉଁ ପଟକୁ ଭାଣ୍ଡବାଦ୍ୟ ତଥା ନେପଥ୍ୟଦ୍ୱାରର ମୁହଁ ରହିବ, ନାଟକ ପ୍ରଦର୍ଶନର ନିୟମ ଅନୁସାରେ ତାହା ପୂର୍ବଦିଗ ବୋଲି ବୁଝିବାକୁ ହେବ ।

ରଙ୍ଗମଞ୍ଚକୁ ପ୍ରବେଶ ନିର୍ଗମ ବିଧାନ :—

ନିଷ୍କ୍ରାମେଦ୍ୟଶ୍ଚ ତସ୍ମାଦ୍ଧି ସ ତେନୈବ ତଥା ବ୍ରଜେତ୍ ।
ଯତସ୍ତସ୍ୟ କୃତଂ ତେନ ପୁରୁଷେଣ ନିବେଦନମ୍ ।।୧୨।।

ଯେଉଁ ବ୍ୟକ୍ତି ଯେଉଁ ସ୍ଥାନରୁ ବି ନିଷ୍କ୍ରମଣ କରୁ ବା ଯେ ରଙ୍ଗମଞ୍ଚରେ ଆପଣା କାର୍ଯ୍ୟ ପୂରାକରି ସାରିଛି ସେ ଯେଉଁ ପଥଦେଇ ପ୍ରବେଶ କରିଥିଲା ସେହି ପଥ ଦେଇ ଚାଲିଯିବ ।

ନିଷ୍କ୍ରାନ୍ତୋଽର୍ଥବଶାଚ୍ଚାପି ପ୍ରବିଶେଦ୍ୟଦି ତଦ୍‌ଗୃହମ୍ ।
ଯତଃ ପ୍ରାପ୍ତଃ ସ ପୁରୁଷସ୍ତେନ ମାର୍ଗେଣ ନିଷ୍କ୍ରମେତ୍ ।।୧୩।।

କୌଣସି କାର୍ଯ୍ୟବଶତଃ ବାହାରକୁ ଚାଲିଗଲେ ଯଦି ସେହିପାତ୍ରର ପୁଣି ଫେରିବାକୁ ଥାଏ ତାହେଲେ ସେ ଯେଉଁ ମାର୍ଗଦେଇ ବାହାରି ଯାଇଥିଲା ସେହି ମାର୍ଗରେ ହିଁ ପ୍ରବେଶ କରିବ ।

ଅଥବାର୍ଥବଶାଚ୍ଚାପି ତେନୈବ ସହ ଗଚ୍ଛତି ।
ତଥୈବ ପ୍ରବିଶେଦ୍ରଙ୍ଗମେକାକୀ ସହିତୋଽପି ବା ।।୧୪।।

ତୟୋଶ୍ଚାପି ପ୍ରବିଶତୋଃ କକ୍ଷ୍ୟାମନ୍ୟାଂ ବିନିର୍ଦ୍ଦିଶେତ୍ ।
ପରିକ୍ରମେଣ ରଙ୍ଗସ୍ୟ ତ୍ୱନ୍ୟା କକ୍ଷ୍ୟା ବିଧୀୟତେ ।।୧୫।।

କୌଣସି କାର୍ଯ୍ୟ ହେତୁ ଯଦି ସେ ସେହି ପାତ୍ରସହିତ ଗୃହାଦିରେ ପୁନଃପ୍ରବେଶ କରେ ତେବେ ସେହି ପାତ୍ରସହିତ ଅଥବା ଏକାକୀ, ଯେପରି ଆବଶ୍ୟକ, ସେ ସେଭଳି ପ୍ରବେଶ କରିବ । ଏପରି ଭାବରେ ଉଭୟ ପାତ୍ରଙ୍କର ପ୍ରବେଶସମୟରେ ଅନ୍ୟକକ୍ଷର ସୂଚନା ଦିଆଯାଇଥାଏ । ଆବଶ୍ୟକ ଅନୁସାରେ ରଙ୍ଗମଞ୍ଚ ଉପରେ ଏକ ବା ଅନେକ ବାର ପରିକ୍ରମା କଲେ ଅନ୍ୟ କକ୍ଷର ସୂଚନା ମିଳିଯାଏ ।

ସାମୂହିକ-ପ୍ରବେଶ କାଳରେ ପାତ୍ରମାନଙ୍କର ବର୍ଗ ତଥା ଯାନନିୟମ :—

ସମୈଶ୍ଚ ସହିତୋ ଗଚ୍ଛେନ୍ନୀଚୈଶ୍ଚ ପରିବାରିତଃ ।
ଅଥ ପ୍ରେଷଣିକାଶ୍ଚାପି ନିର୍ଦ୍ଦେଶ୍ୟା ହ୍ୟଗ୍ରତୋ ଗତୌ ।।୧୬।।

ଯଦି ସମାନ ସ୍ଥିତିର ପାତ୍ର ହୋଇଥିବେ ତେବେ ଏକା ସଙ୍ଗରେ ଏବଂ ଅଧମ ପାତ୍ର ହୋଇଥିଲେ ସେମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ପ୍ରବେଶ କରିବେ । ଏଥିରେ ପ୍ରତିହାରୀର ରାଜା ଆଦିଙ୍କର ପ୍ରବେଶ କାଳରେ, ଆଗେ ଆଗେ ପ୍ରବେଶ କରିବା ପ୍ରଦର୍ଶିତ ହେବ ।

ଦୂର, ମଧ୍ୟମ ଏବଂ ସନ୍ନିକଟ ଭୂମିର ସୂଚନା :—

ସୈବ ଭୂମିସ୍ତୁ ବହୁଭିର୍ବିକୃଷ୍ଟା ସ୍ୟାତ୍ ପରିକ୍ରମୈଃ ।
ମଧ୍ୟା ବା ସନ୍ନିକୃଷ୍ଟା ବା ତେଷାମେବ ବିକଳ୍ପୟେତ୍ ।।୧୭।।

ନାଟ୍ୟ ମଞ୍ଚର ଏହି ଭୂମିରେ ପାତ୍ର ଅଧିକ ବୁଲିଲେ ଦୂର ପ୍ରଦେଶକୁ ତଥା କମ୍ ବୁଲିଲେ ମଧ୍ୟମତର ବ୍ୟବଧାନ ବା ସମୀପତର ପ୍ରଦେଶ ପ୍ରଦର୍ଶିତ ହୋଇଥାଏ ।

ଦିବ୍ୟ-ପାତ୍ରମାନଙ୍କର ପ୍ରକଟ ତଥା ପ୍ରଚ୍ଛନ୍ନ ଗତି :—

ନଗରେ ବା ବନେ ବାପି ପର୍ବତେ ସାଗରେଽପି ବା ।
ଦିବ୍ୟାନାଂ ଗମନଂ କାର୍ଯ୍ୟଂ ବର୍ଷେ ଦ୍ୱୀପେଽପି ବା ପୁନଃ ।।୧୮।।

ଆକାଶେନ ବିମାନେନ ମାୟୟାପ୍ୟଥବା ପୁନଃ ।
ବିବିଧାଭିଃ କ୍ରିୟାଭିର୍ବା ନାନାର୍ଥାଭିଃ ପ୍ରୟୋଗତଃ ।।୧୯।।

ନାଟକେ ଛନ୍ନବେଷାଣାଂ ଦିବ୍ୟାନାଂ ଭୂମିସଂଚରଃ ।
ମାନୁଷୈଃ କାରଣାଦେଷାଂ ଯଥା ଭବତି ଦର୍ଶନମ୍ ।।୨୦।।

(କଥା ବସ୍ତୁର ଭିନ୍ନ ଭିନ୍ନ ଅପେକ୍ଷା ଅନୁସାରେ) ଦିବ୍ୟ ପାତ୍ରମାନଙ୍କର ନଗର, ବନ, ପର୍ବତ, ସାଗର, କୌଣସି ଦେଶ କିଂବା ଦ୍ୱୀପ ଆଦିରେ ଆକାଶ, ବାୟୁଯାନ, ମାୟାଦି ଦ୍ୱାରା କିଂବା ଅନ୍ୟ କୌଣସି ଦିବ୍ୟପାତ୍ରର ଆପଣା ସ୍ୱରୂପ ପ୍ରଚ୍ଛନ୍ନ କରି ରଖିଥିବା ସମୟରେ ପୃଥିବୀ ଉପରେ ବୁଲିବା ମଧ୍ୟ ପ୍ରଦର୍ଶିତ ହୋଇ ପାରିବ କାରଣ ସେଠାରେ ସେମାନେ ମନୁଷ୍ୟ ଶରୀର ଧାରଣ କରିଥିବା ହେତୁ ହିଁ ଦେଖା ଦେଇଥାନ୍ତି ।

(ଭାରତେଷ୍ୱଥ ହୈମେ ବା ହରିବର୍ଷେ ଇଳାବୃତେ ।
ରମ୍ୟେ କିମ୍ପୁରୁଷେ ବାପି କୁରୁଷୂତ୍ତରକେଷୁ ବା)

ଦିବ୍ୟାନାଂ ଛନ୍ଦଗମନଂ ସର୍ବବର୍ଷେଷୁ କୀର୍ତିତମ୍ ।
ଭାରତେ ମାନୁଷାଣାନ୍ତୁ ଗମନଂ ସଂବିଧୀୟତେ ।।୨୧।।

ଦିବ୍ୟ ତଥାଦିବ୍ୟାଦିବ୍ୟ ପାତ୍ର ଜମ୍ବୁଦ୍ୱୀପ ଆଦି ସମସ୍ତ 'ବର୍ଷ'ମାନଙ୍କରେ (ଭାରତବର୍ଷ, ହିମାଚଳ, ହରିବର୍ଷ, ଇଳାବର୍ତ ଖଣ୍ଡ, କିନ୍ନର ଦେଶ ଉତ୍ତର କୁରୁ ଆଦି ପ୍ରଦେଶ) ଆପଣା ଇଚ୍ଛାନୁସାରେ ଆତଯାତ କରି ପାରିବେ । ମାତ୍ର ମାନବପାତ୍ର କେବଳ ମାତ୍ର ଭାରତ ବର୍ଷରେ ଭ୍ରମଣ କରୁଥିବେ ।

ଦୂରଦେଶର ଯାତ୍ରାରେ ପ୍ରସ୍ଥାନ :—

ବିକୃଷ୍ଟଂ ଯତ୍ତୁ ଗଚ୍ଛେଦ୍ଧି ଦେଶଂ କାର୍ଯବଶାନ୍ତରଃ
ଅଙ୍କଚ୍ଛେଦେ ତମନ୍ୟସ୍ମିନ୍ନିର୍ଦିଶେଦ୍ଧି ପ୍ରବେଶକେ ।।୨୨।।

ଯଦି କୌଣସି କାରଣବଶତଃ କୌଣସି ପାତ୍ରର ଦୂର ଦେଶକୁ ଗମନ ପ୍ରଦର୍ଶିତକରିବା ଆବଶ୍ୟକ ହୁଏ ତେବେ ସେ କ୍ଷେତ୍ରରେ ନାଟକର ଅଁକ ସମାପ୍ତି ଘଟେଇ ପରବର୍ତ୍ତୀ ଅଁକର ପ୍ରାରମ୍ଭରେ ପ୍ରବେଶକ ଦ୍ୱାରା ଏ କଥାର ପ୍ରଦର୍ଶନ ହେବ ।

ଗୋଟିଏ ଅଂକରେ ସଂପାଦ୍ୟକାର୍ଯ୍ୟର ସମୟ ନିର୍ଦ୍ଧାରଣ :—

ଅହ୍ନଃ ପ୍ରମାଣଂ ଗତ୍ୱା ତୁ କାର୍ଯ୍ୟଲାଭଂ ବିନିର୍ଦିଶେତ୍
ତଥା ଲାଭେ ତୁ କାର୍ଯ୍ୟସ୍ୟ ଅଙ୍କଚ୍ଛେଦୋ ବିଧୀୟତେ ।।୨୩।।

ଯଦି କୌଣସି କାର୍ଯ୍ୟରେ ଗୋଟାଏ ଦିନର ଘଟଣା ଗ୍ରଥିଥାଏ ତେବେ ତାର ଦୂରତ୍ୱ ପ୍ରଦର୍ଶିତ କରିବା ବିଧେୟ ମାତ୍ର ସେହି କାର୍ଯ୍ୟର ଏକଦିନ ସମାପ୍ତି ପରେ କାର୍ଯଲାଭ ହେଲା ବୋଲି ନିର୍ଦ୍ଦେଶ କରିବ । ପରିଣାମ ପୂର୍ଣ୍ଣ ହୋଇଲଥିବା ଅବସ୍ଥାରେ ଅଁକର ପରିସମାପ୍ତି ଘଟେଇବା ବିଧେୟ ।

କ୍ଷଣୋ ମୁହୂର୍ତ୍ତୋ ଯାମୋ ବା ଦିବସୋ ବାପିନାଟକେ
ଏକାଙ୍କେ ସଂବିଧାତବ୍ୟୋ ବୀଜସ୍ୟାର୍ଥବଶାନୁଗଃ ।।୨୪।।

ଯେ କୌଣସି ନାଟକରେ ରହୁଥିବା ଘଟଣା ବୀଜାର୍ଥର ଅନୁସରଣ କରି କ୍ଷଣ, ମୁହୂର୍ତ୍ତ, ଯାମ ତଥା ଦିନରେ ବିଭକ୍ତ କରି ଗୋଟାଏ ମାତ୍ର ଅଁକରେ ସଂଘଟିତ ହୋଇଥିବାର ସୂଚନା ଦେବା ଉଚିତ ।

ଅଂକଚ୍ଛେଦେ ତୁ ନିବୃତ୍ତଂ ମାସଂ ବା ବର୍ଷମେବ ବା ।
ନୋର୍ଦ୍ଧ୍ୱଂବର୍ଷାତ୍ ପ୍ରକର୍ତ୍ତବ୍ୟଂ କାର୍ଯ୍ୟମଂକସମାଶ୍ରୟମ୍ ।।୨୫।।

ଗୋଟିଏ ଅଙ୍କରେ ମାସ କିଂବା ବର୍ଷର ସୂଚନା ଦିଆଯାଇପାରିବ ମାତ୍ର ଅଙ୍କରେ ଘଟିତ ହେଉଥିବା କାର୍ଯ୍ୟ କାଳ ଏକ ବର୍ଷରୁ ଅଧିକ ହେବା ଉଚିତ ନୁହେଁ ।

ଏବନ୍ତୁ ଭାରତେ ବର୍ଷେ କକ୍ଷ୍ୟାଃ କାର୍ଯ୍ୟାଃ ପ୍ରୟୋଗତଃ ।
ମାନୁଷାଣାଂ ଗତିର୍ଯ୍ୟା ତୁ ଦ୍ରୁବ୍ୟାନାନ୍ତୁ ନିବୋଧତ ।।୨୬।।

ଏହିଭଳି ଭାବରେ ରଙ୍ଗମଞ୍ଚ ଉପରେ କକ୍ଷର ବିଭାଗ ପ୍ରୟୋଗ ଅନୁସାରେ ମନୁଷ୍ୟ ପାତ୍ରଙ୍କର କ୍ଷମତା ଅନୁଯାୟୀ ଭାରତବର୍ଷରେ ହିଁ ପ୍ରଦର୍ଶିତ କରିବା ବିଧେୟ । ମୁଁ ବର୍ତ୍ତମାନ ଦେବ ଏବଂ ଗନ୍ଧର୍ବ ପାତ୍ରମାନଙ୍କର ଚାଲିବା ଏବଂ ସ୍ଥିତ ହେବାର ବିଧି ବର୍ଣ୍ଣନା କରୁଛି ।

ହିମବତପୃଷ୍ଠସଂସ୍ଥେ ତୁ କୈଳାସେ ପର୍ବତୋତ୍ତମେ ।
ଯକ୍ଷାଶ୍ଚ ଗୁହ୍ୟକାଶ୍ଚୈବ ଧନଦାନୁଚରାଶ୍ଚ ଯେ ।।୨୭।।

ରକ୍ଷୋଭୂତ ପିଶାଚାଶ୍ଚ ସର୍ବେ ହୈମବତାଃ ସ୍ମୃତାଃ ।
ହେମକୂଟେ ଚ ଗନ୍ଧର୍ବା ବିଜ୍ଞେୟାଃ ସାପ୍ସରୋଗଣାଃ ।।୨୮।।

ସର୍ବେ ନାଗାଶ୍ଚ ନିଷଧେ ଶେଷବାସୁକିତକ୍ଷକାଃ ।
ମହାମେରୌ ତ୍ରୟସ୍ତ୍ରିଂଶତ୍ ଜ୍ଞେୟା ଦେବଗଣା ବୁଧୈଃ ।।୨୯।।

ନୀଳେ ତୁ ବୈଦୁର୍ଯ୍ୟମୟେ ସିଦ୍ଧା ବ୍ରହ୍ମର୍ଷୟସ୍ତଥା ।
ଦୈତ୍ୟାନାଂ ଦାନବାନାଂଚ ଶ୍ୱେତପର୍ବତ ଉଚ୍ୟତେ ।।୩୦।।

ପିତରଶ୍ଚାପି ବିଜ୍ଞେୟାଃ ଶୃଙ୍ଗବନ୍ତଂ ସମାଶ୍ରିତାଃ ।
ଇତ୍ୟେତେ ପର୍ବତାଃ ଶ୍ରେଷ୍ଠା ଦିବ୍ୟାବାସା ଭବନ୍ତି ହି ।।୩୧।।

ଯେତେକ ଯକ୍ଷ, ଗୁହ୍ୟକ, କୁବେରଙ୍କର ସେବକ, ରାକ୍ଷସ, ଭୂତ ତଥା ପିଶାଚଙ୍କ ଭଳି ପାତ୍ରମାନେ ହିମାଳୟ ବା କୈଳାସ ପର୍ବତ ଉପରେ ନିବାସ କରୁଥିବା ହେତୁ ସମସ୍ତେ 'ହୈବମତ' ବୋଲାଇବେ । ଅତଏବ ହିମାଳୟ ପର୍ବତରେ ଏମାନଙ୍କର ନିବାସ, ଗତି ଆଦି ପ୍ରଦର୍ଶିତ ହେବ । ଗନ୍ଧର୍ବ ତଥା ଅପସରାମାନେ ହେମକୂଟ ପର୍ବତରେ ନିବାସ କରନ୍ତି । ଶେଷ, ବାସୁକୀ ତକ୍ଷକ ଆଦି ସମସ୍ତ ନାଗଙ୍କର ନିବାସ 'ନିଷଧ' । ତେତିଶ କୋଟି ଦେବତାଙ୍କର ନିବାସ ସୁମେରୁ ପର୍ବତରେ ତଥା ସିଦ୍ଧ ଏବଂ ବ୍ରହ୍ମର୍ଷିମାନେ ବୈଦୂର୍ଯ୍ୟମଣିମୟ ନୀଳ ପର୍ବତ ଉପରେ ନିବାସ କରନ୍ତି । ଦୈତ୍ୟ ଏବଂ ଦାନବଙ୍କର ନିବାସ ଶ୍ୱେତପର୍ବତ ଏବଂ ପିତରଙ୍କର ଆବାସ ଶୃଙ୍ଗ ପର୍ବତରେ ବୋଲି କୁହାଯାଇଛି । ଏଇମାନେ ହିଁ ସେହି ସବୁ ଶ୍ରେଷ୍ଠ ପର୍ବତ ଯାହା ଉପରେ ଦେବତା ତଥା ଯକ୍ଷ ଆଦି ଦିବ୍ୟପାତ୍ରଙ୍କର ଆବାସ ରହିଥାଏ । ଅତଏବ ନାଟକର କଥାବସ୍ତୁର ପ୍ରସଙ୍ଗ ଅନୁସାରେ ମଞ୍ଚଉପରେ ଏମାନଙ୍କର ସଂବନ୍ଧିତ କଥା ପ୍ରଦର୍ଶିତ କରିବା ସମୟରେ କକ୍ଷ୍ୟମାନଙ୍କର ବିଭାଗ କଲାବେଳେ ଏଇ ପର୍ବତମାନେ ଜମ୍ବୁଦ୍ୱୀପରେ ଅଛନ୍ତି ବୋଲି ଗ୍ରହଣକରିବାକୁ ହେବ ।

ଦେବଗଣଙ୍କର କାର୍ଯ୍ୟ :–

ତେଷାଂ କକ୍ଷ୍ୟାବିଭାଗଶ୍ଚ ଜମ୍ବୁଦ୍ୱୀପେ ଭବେଦୟମ୍ ।
ତେଷାଂ ନ ଚେଷ୍ଟିତଂ କାର୍ଯ୍ୟଂସ୍ୱୈଃ ସ୍ୱୈଃ କର୍ମପରାକ୍ରମୈଃ ।୩୨ ।।

ପରିଚ୍ଛେଦବିଶେଷସ୍ତୁ ତେଷାଂ ମାନୁଷଲୋକବତ୍ ।
ସର୍ବେ ଭାବାସ୍ତୁ ଦେବାନାଂ କାର୍ଯ୍ୟା ମାନୁଷସଂଶ୍ରୟାଃ ।୩୩ ।।

ତେଷାଂ ତ୍ୱନିମିଷତ୍ୱଂ ଯତ୍ତନ୍ନ କାର୍ଯ୍ୟଂ ପ୍ରୟୋକ୍ତୃଭିଃ ।
ଇହଭାବା ରସାଶ୍ଚୈବ ଦୃଷ୍ଟ୍ୟାମେବ ପ୍ରତିଷ୍ଠିତାଃ ।୩୪ ।।

ଦୃଷ୍ଟ୍ୟା ହି ସୂଚିତୋ ଭାବଃ ପଶ୍ଚାଦଙ୍ଗୈର୍ବିଭାବ୍ୟତେ ।
ଏବଂ କକ୍ଷ୍ୟାବିଭାଗସ୍ତୁ ମୟା ପ୍ରୋକ୍ତୋ ଦ୍ୱିଜୋତ୍ତମାଃ ।୩୫ ।।

ଏଇ ପାତ୍ରମାନଙ୍କର କାର୍ଯ୍ୟ ଏବଂ ପ୍ରଚେଷ୍ଟା ଆପଣାର ଶକ୍ତି ତଥା ପ୍ରକୃତି ଅନୁସାରେ ରଖାଯିବ, ଦେବତାମାନଙ୍କର ପ୍ରକୃତି ଅନୁସାରେ ନୁହେଁ, ମାତ୍ର ସେମାନଙ୍କର ଆଗ୍ରହ ଏବଂ ସ୍ୱରୂପ ମନୁଷ୍ୟ ଭଳି ହିଁ ରହିବ । ଦିବ୍ୟପାତ୍ରମାନଙ୍କର ସମସ୍ତ ଚେଷ୍ଟା ଏବଂ ପ୍ରତ୍ୟେକ ଭାବ ମାନବୀୟ ହେବା ଉଚିତ । ଦିବ୍ୟପାତ୍ରଙ୍କର ପକ୍ଷ୍ମପାତ ହୁଏନାହିଁ । କିନ୍ତୁ ଅଭିନେତା ସେପରି କରିବେ ନାହିଁ । କାରଣ ନାଟ୍ୟ ପ୍ରଦର୍ଶନରେ ପ୍ରତ୍ୟେକ ଭାବ ଦୃଷ୍ଟିଉପରେ ଆଧାରିତ ହୋଇ ରହିଥାଏ । ଭାବ ସର୍ବପ୍ରଥମେ ଦୃଷ୍ଟିରେ ଅଭିବ୍ୟକ୍ତି ଲାଭ କରି ପୁନଃ ଅଙ୍ଗାବୟବ ଦ୍ୱାରା ଅଭିନୀତ ହୋଇଥାଏ । ହେ ମୁନିଗଣ, ଏପରି ଭାବରେ ମଞ୍ଚ ଉପରେ ହେଉଥିବା କକ୍ଷ ବିଭାଗର ମୁଁ ନିରୂପଣ କରିଛି । ବର୍ତ୍ତମାନ ମୁଁ ପ୍ରବୃତ୍ତିର ସ୍ୱରୂପ ସଂବନ୍ଧରେ କହୁଛି ।

ପ୍ରବୃତ୍ତି ଏବଂ ତାର ପ୍ରକାର :–

ପୁନଶ୍ଚୈବ ପ୍ରବକ୍ଷ୍ୟାମି ପ୍ରବୃତ୍ତୀନାନ୍ତୁ ଲକ୍ଷଣମ୍ ।
ଚତୁର୍ବିଧା ପ୍ରବୃତ୍ତିଶ୍ଚ ପ୍ରୋକ୍ତା ନାଟ୍ୟପ୍ରୟୋକ୍ତୃଭିଃ ।
ଆବନ୍ତୀ ଦାକ୍ଷିଣାତ୍ୟା ଚ ପାଞ୍ଚାଳୀ ଚୌଡ୍ରମାଗଧୀ ।୩୬ ।।

ନାଟ୍ୟ ପ୍ରୟୋକ୍ତାମାନଙ୍କର କଥାନୁସାରେ ପ୍ରବୃତ୍ତି ଚାରି ପ୍ରକାର । ଯଥା :– ୧ – ଆବନ୍ତୀ, ୨ – ଦାକ୍ଷିଣାତ୍ୟା, ୩ – ପାଞ୍ଚାଳୀ ଏବଂ ୪ – ଉଡ୍ରମାଗଧୀ ।

ଗଦ୍ୟଭାଗ :–

ଅତ୍ରାହ – ପ୍ରବୃତ୍ତିରିତି କସ୍ମାତ୍ ? ଉଚ୍ୟତେ – ପୃଥିବ୍ୟାଂ ନାନାଦେଶ-ବେଷଭାଷାଚାରା ବାର୍ତ୍ତାଃ ଖ୍ୟାପୟତୀତି ପ୍ରବୃତ୍ତିଃ ପ୍ରବୃତ୍ତିଶ୍ଚ ନିବେଦନେ ।

ଅତ୍ରାହ - ଯଥା ପୃଥିବ୍ୟାଂ ନାନାଦେଶାଃ ସନ୍ତି କଥମାସାଂ ଚତୁର୍ବିଧତ୍ୱମୁପପନ୍ନଂ, ସମାନଲକ୍ଷଣଶ୍ଚାସାଂ ପ୍ରୟୋଗଃ ?

ଉଚ୍ୟତେ – ତତ୍ତୁ ସତ୍ୟମ୍, ଆସାଂ ସମାନଲକ୍ଷଣ ପ୍ରୟୋଗଃ,
କିନ୍ତୁ ନାନାଦେଶବେଷଭାଷାଗ୍ଚାରୋ ଲୋକ ଇତି କୃତ୍ୱା ଲୋକାନୁମତେନ
ବୃତ୍ତିସଂଶ୍ରିତସ୍ୟ ନାଟ୍ୟସ୍ୟ ମୟା ଚତୁର୍ବିଧତ୍ୱମଭିହିତମ୍ -
ଭାରତ୍ୟାରଭଟୀ ସାତ୍ୱତୀ କୈଶିକୀ ଚେତି ।

ବୃତ୍ତି ସଂଶ୍ରିତୈଶ୍ଚ ପ୍ରୟୋଗୈରଭିହିତା ଦେଶାଃ ଯତଃ
ପ୍ରବୃତ୍ତିଚତୁଷ୍ଟୟ - ମଭିନିର୍ବୃତ୍ତଂ ପ୍ରୟୋଗଶ୍ଚୋତ୍ପାଦିତଃ ।

ପ୍ରଶ୍ନ – ଏହାକୁ ପ୍ରବୃତ୍ତି କାହିଁକି କୁହାଗଲା ? ଉତ୍ତର – ବିଶ୍ୱର ବିଭିନ୍ନ ପ୍ରଦେଶର ସ୍ଥାନୀୟ ବେଶ, ଆଗ୍ଚାର, ଭାଷା ତଥା କାର୍ଯ୍ୟ ବ୍ୟବହାରକୁ ସୂଚିତ କରୁଥିବା କାରଣରୁ ଏମାନଙ୍କୁ 'ପ୍ରବୃତ୍ତି' କୁହାଯାଏ । 'ପ୍ରବୃତ୍ତି'ର ଅର୍ଥ ନିବେଦନ କରିବା, ସୂଚିତ କିଂବା ଅବଗତ କରାଇବା । ଏହି ବିଶ୍ୱରେ ଅନେକ ଦେଶ ଅଛି ।

ତେଣୁ ପ୍ରବୃତ୍ତିର ଭେଦ କେବଳ ଗ୍ଚାରି ପ୍ରକାର ବୋଲି କହିବା କିପରି ଉଚିତ ହେବ ? ଯଦିଓ ଏମାନଙ୍କର ପ୍ରୟୋଗ ତଥା ଲକ୍ଷଣ ନାଟ୍ୟ ପ୍ରୟୋଗରେ ସମାନ ରୂପରେ ପରିଲକ୍ଷିତ ହୋଇଥାଏ ।

ଉତ୍ତର – ଏହା ଠିକ କଥା ଯେ ଏମାନଙ୍କର କିଛି ସମାନ ଲକ୍ଷଣ ଦୃଷ୍ଟି ଗୋଚର ହୋଇଥାଏ । ମାତ୍ର ମନୁଷ୍ୟମାନଙ୍କର ଦେଶ, ବେଶ, ଭାଷା ତଥା ରୁଚିଗତ ଆଗ୍ଚାର ବ୍ୟବହାର ବିଭିନ୍ନ ହୋଇଥିବା କାରଣରୁ ଏବଂ ବିଭିନ୍ନ ଦେଶୀୟ ପ୍ରଜାଙ୍କର ରୁଚି (ପରମ୍ପରା) ଅନୁସାରେ ଭାରତୀ, ସାତ୍ୱତୀ, କୈଶିକୀ ତଥା ଆରଭଟୀ ନାମକ ଗ୍ଚାରୋଟି ବୃତ୍ତିର ଆଧାରରେ ନାଟ୍ୟ ପ୍ରୟୋଗ ନିମନ୍ତେ ଏହି ପ୍ରବୃତ୍ତିକୁ ମଧ୍ୟ ଗ୍ଚାରି ପ୍ରକାର ବୋଲି କୁହାଯାଇଛି । କାରଣ ଏହା ବିଭିନ୍ନ ଅଞ୍ଚଳ ବୃତ୍ତିମାନଙ୍କର ପ୍ରୟୋଗ ତଥା ପ୍ରଦର୍ଶନ ସହିତ ସଂବନ୍ଧ । ଅତଏବ ସେହି ଆଧାରରେ ପ୍ରବୃତ୍ତିର ମଧ୍ୟ ଗ୍ଚାରୋଟି ଭେଦ ହୋଇଛି ଯେଉଁଥିରେ ସମସ୍ତ ନାଟ୍ୟ ପ୍ରଦର୍ଶନ ସମାହିତ ହୋଇ ପାରିବ ।

ଦାକ୍ଷିଣାତ୍ୟା ପ୍ରବୃତ୍ତି :–

ତତ୍ର ଦାକ୍ଷିଣାତ୍ୟାସ୍ତାବଦ୍‌ବହୁନୃତ୍ୟଗୀତବାଦ୍ୟାଃ
କୈଶିକୀପ୍ରାୟାଃ ଚତୁର- ମଧୁରଲଳିତାଙ୍ଗାଭିନୟାଶ୍ଚ ତଦ୍ୟଥା –

ଏମାନଙ୍କ ମଧ୍ୟରେ ଦାକ୍ଷିଣାତ୍ୟ ଅଞ୍ଚଳର ପ୍ରଜା ଅନେକ ନୃତ୍ୟ, ଗୀତ ବାଦ୍ୟଯୁକ୍ତ ତଥା କୈଶିକୀ ବୃତ୍ତି ସଂପନ୍ନ ଲଳିତ ଅଙ୍ଗରେ ବିବିଧ ରୂପରେ ପ୍ରଦର୍ଶିତ ଅଭିନୟ ଦେଖିବାରେ ରୁଚି ରଖିଥାନ୍ତି । ଏମାନେ ଦକ୍ଷିଣ ପ୍ରଦେଶର ।

ମହେନ୍ଦ୍ରୋ ମଳୟଃ ସହ୍ୟୋ ମେକଳଃ ପାଳମଞ୍ଜରଃ ।
ଏତେଷୁ ସଂଶ୍ରିତା ଦେଶାସ୍ତେ ଜ୍ଞେୟା ଦକ୍ଷିଣାପଥାଃ ।୩୭ ।।

ମହେନ୍ଦ୍ର ମଳୟ, ସହ୍ୟ, ମେକଳ ତଥା କାଳମଞ୍ଜର ପର୍ବତଯୁକ୍ତ ଦକ୍ଷିଣ ପ୍ରଦେଶ 'ଦକ୍ଷିଣାପଥ' ବୋଲାଏ ।

କୋସଲାସ୍ତୋସଲାଶ୍ଚୈବ କଳିଙ୍ଗା ଯବନାଃ ଖସାଃ ।
ଦ୍ରାବିଡାନ୍ଧ୍ର ମହାରାଷ୍ଟ୍ରା ବୈଷ୍ଣା ବୈ ବାନବାସଜାଃ ।।୩୮ ।।

ଦକ୍ଷିଣସ୍ୟ ସମୁଦ୍ରସ୍ୟ ତଥା ବିନ୍ଧ୍ୟସ୍ୟ ଚାନ୍ତରେ ।
ଯେ ଦେଶାସ୍ତେଷୁ ଯୁଞ୍ଜୀତ ଦାକ୍ଷିଣାତ୍ୟାଂ ତୁ ନିତ୍ୟଶଃ ।।୩୯ ।।

କୋଶଳ, ତୋଷଳ, କଳିଙ୍ଗ, ଯବନ, ଖସ, ଦ୍ରାବିଡ଼, ଆନ୍ଧ୍ର, ମହାରାଷ୍ଟ୍ର, ବେଷ୍ଣ, ବାନବାସିକ ଆଦି ବିନ୍ଧ୍ୟାଚଳ ଏବଂ ଦକ୍ଷିଣ ସମୁଦ୍ରର ମଧ୍ୟଭାଗରେ ଯେଉଁ ପ୍ରଦେଶ ରହିଛି ତା' ପାଇଁ ଦାକ୍ଷିଣାତ୍ୟା ପ୍ରବୃତିର ଯୋଜନା ରଖାଯିବ । କାରଣ ତାହା ତାଙ୍କର ରୁଚିର ଅନୁକୂଳ ।

ଅବନ୍ତୀ ପ୍ରବୃତ୍ତି :–

ଅବନ୍ତିକା ବୈଦିଶିକାଃ ସୌରାଷ୍ଟ୍ରା ମାଳାବାସ୍ତଥା ।
ସୈନ୍ଧବାସ୍ତ୍ୱଥ ସୌବୀରା ଆନର୍ତାଃ ସାର୍ବୁଦେୟକାଃ ।।୪୦ ।।

ଦାଶାର୍ଣ୍ଣାସ୍ତ୍ରୈପୁରାଶ୍ଚୈବ ତଥା ବୈ ମାର୍ତ୍ତିକାବତାଃ ।
କୁର୍ବନ୍ତ୍ୟାବନ୍ତିକାମେତେ ପ୍ରବୃତ୍ତିଂ ନିତ୍ୟମେବ ତୁ ।।୪୧ ।।

ଅବନ୍ତୀ, ବିଦିଶା, ସୌରାଷ୍ଟ୍ର, ମାଳବ, ସିନ୍ଧୁ, ସୌବୀର, ଆନର୍ତି ଆର୍ବୁଦେୟ, ଦାଶାର୍ଣ୍ଣ, ତ୍ରିପୁର ତଥା ମୃତିକାବତ ପ୍ରଦେଶମାନଙ୍କରେ ଆବନ୍ତୀ ପ୍ରବୃତ୍ତି ଗ୍ରହଣ କରିବାର ରୁଚି ରହିଥାଏ ।

ସାତ୍ୱତୀଂ କୈଶିକୀଞ୍ଚୈବ ବୃତ୍ତିମେଷାଂ ସମାଶ୍ରିତାଃ ।
ଭବେତ୍ ପ୍ରୟୋଗୋ ନାନ୍ୟତ୍ର ସ ତୁ କାର୍ଯ୍ୟଃ ପ୍ରୟୋକ୍ତୃଭିଃ ।।୪୨ ।।

ଏହି ପ୍ରଦେଶମାନଙ୍କରେ ସାତ୍ୱତୀ ତଥା କୈଶିକୀ ବୃତ୍ତିରେ ସଂଶ୍ଳିଷ୍ଟ ନାଟ୍ୟ ପ୍ରଦର୍ଶନ କରିବା ବିଧେୟ ।

ଅଙ୍ଗା ବଙ୍ଗାଃ କଳିଙ୍ଗାଶ୍ଚ ବତ୍ସାଶ୍ଚୈବୋଡ୍ରମାଗଧାଃ ।
ପୌଣ୍ଡ୍ରନେପାଳକାଶ୍ଚୈବ ଅନ୍ତର୍ଗିରବହିର୍ଗିରାଃ ।।୪୩ ।।

ତଥା ପ୍ଲବଙ୍ଗମା ଜ୍ଞେୟା ମଲଦା ମଲ୍ଲବର୍ତିକାଃ ।
ବ୍ରହ୍ମୋତ୍ତର ପ୍ରଭୃତୟୋ ଭାର୍ଗବା ମାର୍ଗବାସ୍ତଥା ।।୪୪ ।।

ପ୍ରାଗଜ୍ୟୋତିଷାଃ ପୁଳିନ୍ଦାଶ୍ଚ ବୈଦେହାସ୍ତାମ୍ରଲିପ୍ତକାଃ ।
ପ୍ରାଙ୍ଗାଃପ୍ରାବୃତୟଶ୍ଚୈବ ଯୁଞ୍ଜନ୍ତୀହୌଡ୍ରମାଗଧାମ୍ ।।୪୫ ।।

ପୂର୍ବୀୟ ପ୍ରଦେଶମାନଙ୍କର ଯଥା :– ଅଙ୍ଗ, ବଙ୍ଗ, କଳିଙ୍ଗ, ବତ୍ସ, ଓଡ୍ର, ମଗଧ, ପୁଣ୍ଡ୍ର, ନେପାଳ, ଅନ୍ତର୍ଗିରି, ବହିର୍ଗିରି, ପ୍ଲବଙ୍ଗମ, ମଳଦା, ମଲ୍ଲ ବର୍ତକ, ବ୍ରହ୍ମୋତ୍ତର, ଭାର୍ଗବ, ମାର୍ଗବ, ପ୍ରାଗ୍‌ଜ୍ୟୋତିଷ, ପୁଲିନ୍ଦ, ବିଦେହ ତଥା ତାମ୍ରଲିପ୍ତ ଆଦି ପ୍ରଦେଶରେ ଓଡ୍ର ମାଗଧୀ ପ୍ରବୃତ୍ତିକୁ ପସନ୍ଦ କରନ୍ତି ।

ଅନ୍ୟେଽପି ଦେଶାଃ ପ୍ରାଚ୍ୟା ଯେ ପୁରାଣେ ସମ୍ପ୍ରକୀର୍ତ୍ତିତାଃ ।
ତେଷୁ ପ୍ରଯୁଜ୍ୟତେ ହ୍ୟେଷା ପ୍ରବୃତ୍ତି ଶ୍ଚୋଡ୍ରମାଗଧୀ ।।୪୬।।

ଏହି ପ୍ରକାରରେ ପୁରାଣ ଆଦିରେ ଯାହାକୁ ପୂର୍ବୀୟ ଦେଶ ବୋଲି କୁହାଯାଇଛି ସେହି ପ୍ରଦେଶମାନଙ୍କରେ ମଧ୍ୟ ଓଡ୍ରମାଗଦୀ ପ୍ରବୃତ୍ତିର ବ୍ୟବହାର ହୋଇଥାଏ । (ଏହି ପ୍ରବୃତ୍ତିରେ ଭାରତୀ ତଥା କୌଶିକୀ ବୃତ୍ତି ପ୍ରଧାନ)

ପାଞ୍ଚାଳ ମଧ୍ୟମା ପ୍ରବୃତ୍ତି :–

ପାଞ୍ଚାଳାଃ ଶୌରସେନାଶ୍ଚ କାଶ୍ମୀରା ହାସ୍ତିନାପୁରାଃ ।
ବାହ୍ଲୀକାଃ ଶାକଳାଶ୍ଚୈବ ମଦ୍ରକୌଶୀନରାସ୍ତଥା ।।୪୭।।

ହିମବତ୍ସଂଶ୍ରିତା ଯେ ତୁ ଗଙ୍ଗାୟାଶ୍ଚୋତ୍ତରାଂ ଦିଶମ୍ ।
ଯେ ଶ୍ରିତା ବୈ ଜନପଦାସ୍ତେଷୁ ପାଞ୍ଚାଳମଧ୍ୟମା ।।୪୮।।

ପାଞ୍ଚାଳ, ଶୌରସେନ, କାଶ୍ମୀର, ହସ୍ତିନାପୁରବାସୀ, ବାହ୍ଲୀକ, ଶାକଳ, ମଦ୍ର ଉଶୀନର, ତଥା ଗଙ୍ଗାର ଉତ୍ତର ତଟରେ ଅଥବା ହିମାଚଳ ଉପରେ ସ୍ଥିତ ଯେଉଁ ପ୍ରଦେଶ ରହିଛି ସେସବୁ ପାଞ୍ଚାଳ ମଧ୍ୟମା ପ୍ରବୃତ୍ତି ଗ୍ରହଣ କରନ୍ତି ।

ପାଞ୍ଚାଳମଧ୍ୟମାୟାନ୍ତୁ ସାତ୍ୱତ୍ୟାରଭଟୀ ସ୍ମୃତା ।
ପ୍ରୟୋଗସ୍ତ୍ୱଳ୍ପଗୀତାର୍ଥ ଆବିଦ୍ଧଗତିବିକ୍ରମଃ ।।୪୯।।

ପାଞ୍ଚାଳ ମଧ୍ୟମା ପ୍ରବୃତ୍ତିରେ ସାତ୍ୱତୀ ତଥା ଆରଭଟୀ ବୃତ୍ତିର ପ୍ରାଧାନ୍ୟ ଥାଏ । ଏହାର ବ୍ୟବହାରରେ ଗୀତର ନ୍ୟୂନତା ତଥା ଅସାମାନ୍ୟ ଗତି ଏବଂ ପଦଗ୍ଚାଳନାର ଆଧିକ୍ୟ ରଖାଯାଏ ।

ପ୍ରବୃତ୍ତି ଆବେକ୍ଷଣର ଦୁଇଟି କ୍ରିୟା :–

ଦ୍ୱିଧା କ୍ରିୟା ଭବତ୍ୟାସାଂ ରଙ୍ଗପୀଠପରିକ୍ରମେ ।
ପ୍ରଦକ୍ଷିଣପ୍ରବେଶା ଚ ତଥା ଚୈବାପ୍ରଦକ୍ଷିଣା ।।୫୦।।

ରଙ୍ଗମଞ୍ଚକୁ ପ୍ରବେଶକରିବା ସମୟରେ ଯେଉଁ ଦୁଇପ୍ରକାରର କ୍ରିୟା ଏହି ପ୍ରବୃତ୍ତିମାନଙ୍କଦ୍ୱାରା ପ୍ରଦର୍ଶିତ ହୋଇଥାଏ ତାହା ହେଲା ଗୋଟିଏ ଦକ୍ଷିଣ ଏବଂ ଅନ୍ୟଟି ବାମପଟୁ ପ୍ରବେଶ କରି ହୋଇଥାଏ ।

ଆବନ୍ତୀ ଦାକ୍ଷିଣାତ୍ୟା ଚ ପ୍ରଦକ୍ଷିଣପରିକ୍ରମେ
ଅପସବ୍ୟପ୍ରବେଶା ତୁ ପାଞ୍ଚାଳୀ ଗ୍ରେଡ୍ରମାଗଧୀ ।।୫୧ ।।

ଆବନ୍ତ୍ୟାଂ ଦାକ୍ଷିଣାତ୍ୟାୟାଂ ପାର୍ଶ୍ୱଦ୍ୱାରମଥୋତ୍ତରମ୍ ।
ପାଞ୍ଚାଲ୍ୟା ମୋଡ୍ର ମାଗଧ୍ୟାଂ ଯୋଜ୍ୟଂ ଦ୍ୱାରଂ ତୁ ଦକ୍ଷିଣମ୍ ।।୫୨।।

ଆବନ୍ତୀ ତଥା ଦାକ୍ଷିଣାତ୍ୟା ପ୍ରବୃତ୍ତିରେ ଉତ୍ତର ଦିଗର ପାର୍ଶ୍ୱଦ୍ୱାର ଦେଇ ତଥା ପାଞ୍ଚାଳୀ ଓ ଉଡ୍ରମାଗଧୀରେ ଦକ୍ଷିଣ ଦିଗସ୍ଥ ଦ୍ୱାରରୁ ପ୍ରବେଶ ଯୋଜନା ହେବା ବିଧେୟ ।

ଏକୀଭୂତାଃ ପୁନଶ୍ଚୈତାଃ ପ୍ରଯୋକ୍ତବ୍ୟାଃ ପ୍ରଯୋକ୍ତୃଭିଃ ।
ପର୍ଷଦଂ ଦେଶକାଲୌ ଗ୍ୱପ୍ୟର୍ଥଯୁକ୍ତିମବେକ୍ଷ୍ୟ ଚ ।।୫୩ ।।

ମାତ୍ର କୌଣସି ବିଶେଷ ସଭା, ସ୍ଥାନ, ତଥା ପ୍ରୟୋଜନ କିଂବା କୌଣସି ଅର୍ଥବିଶେଷର ଅଭିବ୍ୟକ୍ତିକୁ ଦୃଷ୍ଟିରେ ରଖି ଏହି ପ୍ରବୃତ୍ତିମାନଙ୍କୁ ସମ୍ମିଳିତ (ଏକତ୍ରିତ ବା ସମାନ) ମଧ୍ୟ କରାଯାଇପାରେ ।

ଯେଷୁ ଦେଶେଷୁ ଯା କାର୍ଯ୍ୟା ପ୍ରବୃତ୍ତିଃ ପରିକୀର୍ତ୍ତିତା
ତତ୍ପ୍ରବୃତ୍ତିକାନି ରୂପାଣି ତେଷୁ ତଜ୍ଜ୍ଞଃ ପ୍ରଯୋଜୟେତ୍ ।।୫୪ ।।

ଚତୁର ନାଟ୍ୟ ପ୍ରଯୋକ୍ତା ଏହି ପ୍ରବୃତ୍ତିମାନଙ୍କ ମଧ୍ୟରୁ ଯେଉଁ ଦେଶରେ ଯାହା ବ୍ୟବହାର ହେଉଥାଏ, ସେହିଠାରେ ନାଟ୍ୟ ପ୍ରଦର୍ଶନ କଲାବେଳେ ସେହିଭଳି କରିଥାନ୍ତି ।

ଏକୀଭୂତାଃ ପୁନସ୍ତ୍ୱେତାଃ ନାଟକାଦୌ ଭବନ୍ତି ହି ।
ଅବେକ୍ଷ୍ୟ ବୃତ୍ତିବାହୁଲ୍ୟଂ ତେଷ୍ଟ୍ କର୍ମ ସମାଚରେତ୍ ।।୫୫ ।।

ଏହି ସବୁ ପ୍ରବୃତ୍ତି ନାଟ୍ୟ ରଚନାରେ ସମ୍ମିଳିତ ରୂପରେ ରଖିବା ବେଳେ ସଂକ୍ଷିପ୍ତ ଭାବରେ ରଖାଯାଏ ତଥା ପ୍ରବୃତ୍ତିର ଅଧିକତା ବିଗ୍ୱରରେ ପ୍ରଯୋକ୍ତାମାନେ ତହିଁର ଆବଶ୍ୟକ କିଂବା ମହତ୍ତ୍ୱପୂର୍ଣ୍ଣ କିଛି କାର୍ଯ୍ୟର ପ୍ରୟୋଗ ବା ପ୍ରଦର୍ଶନ କରିବା ଉଚିତ । ବହୁ ପ୍ରବୃତ୍ତି ଏକତ୍ର ଥିଲେ ତହିଁରୁ ଗୋଟିକର କିଂବା ଅନ୍ୟମାନଙ୍କର ବାହୁଲ୍ୟ ଥାଏ । ସେଭଳି କ୍ଷେତ୍ରରେ ପ୍ରଧାନ ପ୍ରବୃତ୍ତି ତ ରହିବ ଅନ୍ୟ ପ୍ରବୃତ୍ତି ମଧ୍ୟ ଆଂଶିକ ଭାବରେ ରଖାଯିବ ।

ସାର୍ଥେ ବାହୁଲ୍ୟମେକସ୍ୟ ଶେଷାଣାମଥ ବୁଦ୍ଧିମାନ୍
ଯେଷାମନ୍ୟସ୍ୟ ବାହୁଲ୍ୟଂ ପ୍ରବୃତ୍ତିଂ ପୂରୟେତ୍ତଥା ।୫୬।।

ଯେଉଁଥିରେ ସମସ୍ତଙ୍କର ସାମୂହିକ ବା ମିଶ୍ରରୂପ ଥିବ ସେଠାରେ କୌଣସି ଗୋଟିକର ଏବଂ ଯେଉଁଠାରେ ସେଭଳି ହୋଇନଥିବ ସେଠାରେ ଆଉ ଗୋଟିଏର ଏହିଭଳି କୌଣସି ଏକ ପ୍ରବୃତ୍ତିର ଅଧିକତା ନଥିବା କ୍ଷେତ୍ରରେ ତା'ର ପୂର୍ତ୍ତି ହୋଇଥିବା ଆବଶ୍ୟକ ।

ନାଟ୍ୟରଚନାର ଦୁଇଟି ସମାନପ୍ରୟୋଗ :—

ପ୍ରୟୋଗୋ ଦ୍ୱିବିଧଶ୍ଚୈବ ବିଜ୍ଞେୟୋ ନାଟକାଶ୍ରୟଃ ।
ସୁକୁମାରସ୍ତଥାବିଦ୍ଧୋ ନାଟ୍ୟଯୁକ୍ତିସମାଶ୍ରୟଃ ।।୫୭।।

ନାଟ୍ୟର ବ୍ୟବହାର ଅର୍ଥାତ୍ ନିୟମ ଅନୁସାରେ ନାଟ୍ୟ ପ୍ରୟୋଗର ସାଧାରଣତଃ ଦୁଇପ୍ରକାର ରୂପ ସ୍ୱୀକୃତ-ସୁକୁମାର ତଥା ଆବିଦ୍ଧ ।

ଆବିଦ୍ଧ ନାଟ୍ୟ-ପ୍ରୟୋଗ :—

ଯତ୍ତ୍ୱାବିଦ୍ଧାଙ୍ଗହାରନ୍ତୁ ଛେଦ୍ୟଭେଦ୍ୟାହବାତ୍ମକମ୍
ମାୟେନ୍ଦ୍ରଜାଲ ବହୁଲଂ ପୁସ୍ତନେପଥ୍ୟସଂଯୁତମ୍ ।।୫୮।।

ପୁରୁଷୈର୍ବହୁଭିର୍ଯୁକ୍ତମଳ୍ପସ୍ତ୍ରୀକଂ ତଥୈବ ଚ
ସାତ୍ତ୍ୱତ୍ୟାରଭଟୀପ୍ରାୟଂ ନାଟ୍ୟମାବିଦ୍ଧମେବ ତତ୍ ।।୫୯।।

ଅବିଦ୍ଧ ନାଟ୍ୟ-ପ୍ରୟୋଗରେ ଅଙ୍ଗହାର ସହିତ ଛେଦନ, ଭେଦନାତ୍ମକ ଯୁଦ୍ଧର ପ୍ରଦର୍ଶନ ରହିଥାଏ । ସେଥିରେ ମାୟା ଏବଂ ଇନ୍ଦ୍ରଜାଲ ଆଦି ଶକ୍ତିମାନଙ୍କର ଉପଯୋଗ କଥା କୁହାଯାଏ ତଥା ନେପଥ୍ୟରେ ବହୁଳ ଭାବରେ ପିତୁଳା ସଂଯୁକ୍ତ କରାଯାଏ । ଏଥିରେ ପୁରୁଷପାତ୍ର ଅଧିକ ଏବଂ ସ୍ତ୍ରୀ ପାତ୍ର କମ ରହନ୍ତି । ଏଥିରେ ସାତ୍ୱତୀ ଓ ଆରଭଟୀ ବୃତ୍ତିର ପ୍ରଦର୍ଶନ ଅଧିକ ଥାଏ ।

ଡିମଃ ସମବକାରଶ୍ଚ ବ୍ୟାୟୋଗେହାମୃଗୌ ତଥା ।
ଏତାନ୍ୟାବିଦ୍ଧସଂଜ୍ଞାନି ବିଜ୍ଞେୟାନି ପ୍ରୟୋକ୍ତୃଭିଃ ।।୬୦।।

ରୂପକମାନଙ୍କରେ ଡିମ, ସମବକାର, ବ୍ୟାୟୋଗ ତଥା ଇହାମୃଗକୁ ନାଟ୍ୟକୁଶଳ ମହାନୁଭବମାନେ ଆବିଦ୍ଧ ନାଟ୍ୟପ୍ରୟୋଗ ବୋଲି କହନ୍ତି ।

ଏଷାଂ ପ୍ରୟୋଗଃ କର୍ତ୍ତବ୍ୟୋ ଦେବଦାନବରାକ୍ଷସୈଃ ।
ଉଦ୍ଧତା ଯେ ଚ ପୁରୁଷାଃ ଶୌର୍ଯ୍ୟବୀର୍ଯ୍ୟବଳାନ୍ୱିତାଃ ।।୬୧।।

ଆବିଦ୍ଧ ନାଟ୍ୟ-ପ୍ରକାରର ପ୍ରୟୋଗ ଦେବ, ଦାନବ ରାକ୍ଷସ, ତଥା ଶୌର୍ଯ୍ୟବୀର୍ଯ୍ୟ ଏବଂ ଶକ୍ତିସଂପନ୍ନ ଉଦ୍ଧତ ପୁରୁଷମାନଙ୍କଦ୍ୱାରା ହେବା ଉଚିତ ।

ସୁକୁମାର ନାଟ୍ୟ-ପ୍ରୟୋଗ :—

ନାଟକଂ ସ ପ୍ରକରଣଂ ଭାଣୋ ବୀଥ୍ୟଙ୍କ ଏବ ଚ ।
ସୁକୁମାର ପ୍ରୟୋଗାଣି ମାନୁଷେଷ୍ୱାଶ୍ରିତାନି ତୁ ।।୬୨।।

ନାଟକ, ପ୍ରକରଣ, ବୀଥୀ ତଥା ଅଙ୍କକୁ ସୁକୁମାର ନାଟ୍ୟ ପ୍ରୟୋଗ ବୋଲି କୁହାଯାଇଛି ତଥା ଏମାନଙ୍କର ଅଭିନୟ କେବଳ ମନୁଷ୍ୟମାନଙ୍କ ଦ୍ୱାରା ହୋଇଥାଏ ।

ଅଥ ବାହ୍ୟ ପ୍ରୟୋଗେ ତୁ ପ୍ରେକ୍ଷାଗୃହବିବର୍ଜିତେ ।
ବିଦିକ୍ଷ୍ୱପି ଭବେଦ୍ରଙ୍ଗଃ କଦାଚିଦ୍‌ଭର୍ତ୍ତୁରାଜ୍ଞୟା ।।୬୩।।

ଯଦି କୌଣସି ନାଟ୍ୟପ୍ରଦର୍ଶନ ଖୋଲା ସ୍ଥାନରେ ହେଉଥାଏ ଯେଉଁଠାରେ ପ୍ରେକ୍ଷାଗୃହ ନଥିବ ତେବେ ସେ ସ୍ଥାନର ସ୍ୱାମୀଙ୍କର ଅନୁମତି ନେଇ ଯେ କୌଣସି ଦିଗ ଅଥବା କୋଣକୁ ପ୍ରେକ୍ଷାଗୃହର ମୁହଁ ରଖାଯାଇପାରିବ ।

ପୃଷ୍ଠେ କୃତ୍ୱା କୁତପଂ ନାଟ୍ୟଂ ଯୁଙ୍‌କ୍ତେ ଯତୋ ମୁଖଂ ଭରତଃ ।
ସା ପୂର୍ବାମନ୍ତବ୍ୟା ପ୍ରୟୋଗକାଳେନ ନାଟ୍ୟଜ୍ଞୈଃ ।।୬୪।।

ଅଭିନେତା ବାଦ୍ୟଗୁଡ଼ିକ ପଟକୁ ପିଠିକରି କେବେହେଲେ ଅଭିନୟ କରେନାହିଁ । ଅତଏବ ବାଦ୍ୟାଭିମୁଖୀ ନଟର ମୁଖପଟକୁ ହିଁ ପୂର୍ବଦିଗ ବୋଲି ଧରି ନିଆଯାଏ ।

ଦ୍ୱାରାଣି ଷଟ୍‌ଚୈବ ଭବନ୍ତି ଯତ୍ର ରଙ୍ଗସ୍ୟ ଦିଗ୍‌ଭାଗବିନିଶ୍ଚିତାନି ।
ନାଟ୍ୟପ୍ରୟୋଗେନ ଖଳୁ ପ୍ରବେଶେ ପ୍ରାଚ୍ୟାଂ ପ୍ରତୀଚ୍ୟାଞ୍ଚ ଦିଶି ପ୍ରବେଶଃ ।।୬୫।।

ବିଧାନମୁତ୍‌କ୍ରମ୍ୟ ଯଥାତ୍ର ରଙ୍ଗେ ବିନା ପ୍ରମାଣାଦ୍ୱିଦିଶଃ ପ୍ରୟୋଗେ ।
ଦ୍ୱାରନ୍ତୁ ଯସ୍ମାନ୍ମୃଦଙ୍ଗଭାଣ୍ଡଂ ପ୍ରାଚୀଂ ଦିଶଂ ତାଂ ମନସାଧ୍ୟବସ୍ୟେତ୍ ।।୬୬।।

ବୟୋଽନୁରୂପଃ ପ୍ରଥମଂ ତୁ ବେଷୋ ବେଷାନୁରୂପଶ୍ଚ ଗତିପ୍ରଚାରଃ ।
ଗତିପ୍ରଚାରାନୁଗତଞ୍ଚ ପାଠ୍ୟଂ ପାଠ୍ୟାନୁରୂପୋଽଭିନୟଶ୍ଚ କାର୍ଯ୍ୟଃ ।।।୬୭।।

ପ୍ରେକ୍ଷାଗୃହର ଦିଶା ଏବଂ ତାର ବିଭାଗ ଅନୁସାରେ ଛଅ ଗୋଟି ଦ୍ୱାର ବୋଲି କୁହାଯାଇଛି । ମାତ୍ର ନାଟ୍ୟପ୍ରଦର୍ଶନ କାଳରେ ପାତ୍ରମାନଙ୍କର ପ୍ରବେଶ କେବଳ ମାତ୍ର ପୂର୍ବ ଅଥବା ପଶ୍ଚିମ ଦ୍ୱାରରେ ହିଁ ହେବା ଉଚିତ । ଐଶାନ୍ୟ ଆଦି ଦିଗକୁ ମଧ୍ୟ ବିନା ବିଧାନରେ ରଙ୍ଗମଞ୍ଚର ମୁହଁ କରାଯାଇପାରିବ । ସେଭଳି ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ରର ଯେଉଁପଟକୁ ମୁହଁ ହେବ ସେହି ଦ୍ୱାରକୁ ମଧ୍ୟ ପୂର୍ବ ବୋଲି ସ୍ୱୀକାର କରିବାକୁ ହେବ । ନାଟ୍ୟପ୍ରଦର୍ଶନରେ

ସ୍ୱାଭାବିକତା ପ୍ରଦର୍ଶନ ପାଇଁ ବୟସ ଅନୁରୂପ ବେଶ, ବେଶର ଅନୁରୂପ ଗତି ଆଦି କ୍ରିୟା ଗତି ପ୍ରସ୍ୱରର ଅନୁକୂଳ ସଂବାଦ ତଥା ସଂବାଦର ଅନୁକୂଳ ହିଁ ଅଭିନୟର ସଂଯୋଜନ ରହିବା ଉଚିତ ।

ଲୋକ ତଥା ନାଟ୍ୟ-ଧର୍ମୀ :—

ଧର୍ମୀ ଯା ଦ୍ୱିବିଧା ପ୍ରୋକ୍ତା ମୟା ପୂର୍ବଂ ଦ୍ୱିଜୋତ୍ତମାଃ ।
ଲୌକିକୀ ନାଟ୍ୟଧର୍ମୀଚ ତୟୋର୍ବକ୍ଷ୍ୟାମି ଲକ୍ଷଣମ୍ ।।୬୮।।

ମୁଁ ପ୍ରଥମେ ଯେଉଁ ଲୋକଧର୍ମୀ ଓ ନାଟ୍ୟଧର୍ମୀ କଥା କହିଥିଲି, ବର୍ତ୍ତମାନ ତାର ଲକ୍ଷଣ ସଂବନ୍ଧରେ କହୁଛି ।

ଲୋକଧର୍ମୀ :—

ସ୍ୱଭାବଭାବୋପଗତଂ ଶୁଦ୍ଧନ୍ତୁ ବିକୃତଂ ତଥା ।
ଲୋକ ବାର୍ତ୍ତାକ୍ରିୟୋପେତମଙ୍ଗଲୀଳାବିବର୍ଜିତମ୍ ।।୬୯।।

ସ୍ୱଭାବାଭିନୟୋପେତଂ ନାନାସ୍ତ୍ରୀପୁରୁଷାଶ୍ରୟମ୍ ।
ଯଦୀଦୃଶଂ ଭବେନ୍ନାଟ୍ୟଂ ଲୋକଧର୍ମୀ ତୁ ସା ସ୍ମୃତା ।।୭୦।।

ଯଦି କୌଣସି ରୂପକ ଲୋକ ସ୍ୱଭାବ ଅନୁସାରେ ଭାବ ପ୍ରଦର୍ଶିତ କରୁଥିବା ଶାଳୀନ ତଥା କୃତ୍ରିମ ଦେଖାଣିଆ ହୋଇନଥିବ ଯାହା କଥାବସ୍ତୁରେ ସାଧାରଣ ପ୍ରଜାଜନଙ୍କର ଆସ୍ୱର ତଥା କ୍ରିୟା ପ୍ରଦର୍ଶନୀକାରୀ ତଥା ଆଂଗିକ ପ୍ରଦର୍ଶନ, ଯେଉଁଥିରେ ଲୀଳା ତଥା ବର୍ତ୍ତନାଦିର ଅଭିନୟ ରହିତ ସରଳ ଏବଂ ସହଜ ଭାବ ପ୍ରଦର୍ଶନ କରୁଥିବ, ଯେଉଁଥିରେ ବିଭିନ୍ନ ପୁରୁଷ ଏବଂ ସ୍ତ୍ରୀ ପାତ୍ର ଥିବେ ତାକୁ 'ଲୋକଧର୍ମୀ' ନାଟକ ବୋଲି ବୁଝିବାକୁ ହେବ । (ସ୍ୱାଭାବିକ ଭାବଯୁକ୍ତ, ଶୁଦ୍ଧ ଅବିକୃତ ଲୌକିକ ବ୍ୟବହାର ତଥା କାର୍ଯ୍ୟବିଶିଷ୍ଟ ଅଙ୍ଗଲୀଳା ରହି ସ୍ୱାଭାବିକ ଅଭିନୟଯୁକ୍ତ ତଥା ନାନା ପୁରୁଷ - ସ୍ତ୍ରୀ ସମନ୍ୱିତ ନାଟ୍ୟ ଲୋକଧର୍ମୀ ଅଟେ) ।

ନାଟ୍ୟଧର୍ମୀ :—

ଅତିବାକ୍ୟକ୍ରିୟୋପେତ ମତି ସତ୍ତ୍ୱାଦିଭାବକମ୍ ।
ଲୀଳାଙ୍ଗହାରାଭିନୟଂ ନାଟ୍ୟଲକ୍ଷଣ ଲକ୍ଷିତମ୍ ।। ୭୧ ।।

ସ୍ୱରାଳଂକାରସଂଯୁକ୍ତମସ୍ୱସ୍ଥପୁରୁଷାଶ୍ରୟମ୍ ।
ଯଦୀଦୃଶଂ ଭବେନ୍ନାଟ୍ୟଂ ନାଟ୍ୟଧର୍ମୀ ତୁ ସା ସ୍ମୃତା ।। ୭୨ ।।

ଯଦି କୌଣସି ନାଟକରେ ବାକ୍ୟାବଳୀ, କ୍ରିୟା, ପ୍ରାଣୀବର୍ଗ (ପୁରୁଷ ଅଥବା ଦିବ୍ୟ ପାତ୍ର) ଏବଂ ଭାବ ଅସାମାନ୍ୟ ହୋଇଥାଏ, ଯେଉଁଥିରେ ଲୀଳା ମନୋହର କ୍ରିୟା-ଯୁକ୍ତ

ଅଙ୍ଗହାର ଏବଂ ଲକ୍ଷଣ ସଂପନ୍ନ ନୃତ୍ୟର ପ୍ରଦର୍ଶନ ହେଉଥିବ, ସ୍ୱର ତଥା ଅଳଂକାରର ସୁବ୍ୟବସ୍ଥିତ ଯୋଜନା ଥିବ ଯେଉଁଥିରେ ଅସ୍ୱାଭାବିକ ପୁରୁଷଙ୍କର ଭାବ ଓ ଚରିତ୍ରକୁଶଳତା ପୂର୍ବକ ରହିଥିବ ତାହା 'ନାଟ୍ୟଧର୍ମୀ' ବୋଲି ଅଭିହିତ ହେବ । (ଇତିହାସାଦି ବାକ୍ୟ ଅନୁସରଣ ନକରି ନିଜ କଳ୍ପନାରେ ରୂପାୟିତ, ସ୍ୱାଭାବିକ ଚିତ୍ତବୃତ୍ତି ତ୍ୟାଗକରି କବି କଳ୍ପିତ ଚିତ୍ତବୃତ୍ତି ଦ୍ୱାରା ସଂଘଟିତ ଲୀଳାପ୍ରଧାନ ଅଙ୍ଗସ୍ଥଳନା ଦ୍ୱାରା ଅଭିନୀତ ନାଟ୍ୟ ଲକ୍ଷଣ ଲକ୍ଷିତ, ସ୍ୱର ତଥା ଅଳଂକାର ଯୋଜନା ଦ୍ୱାରା ପରିପୁଷ୍ଟ ଆତ୍ମଶକ୍ତିହୀନ ପୁରୁଷଙ୍କଦ୍ୱାରା ଆଶ୍ରିତ ନାଟ୍ୟ ନାଟ୍ୟଧର୍ମୀ ଅଟେ) ।

ଲୋକେ ଯଦଭିଯୋଜ୍ୟଞ୍ଚ ପଦମତ୍ରୋପଯୁଜ୍ୟତେ ।
ମୂର୍ତ୍ତିମତ୍ସାଭିଳାଷଞ୍ଚ ନାଟ୍ୟଧର୍ମୀ ତୁ ସା ସ୍ମୃତା ।।୭୩।।

ଯେଉଁଥିରେ ଲୋକ ପ୍ରସିଦ୍ଧ ବସ୍ତୁର ମୂର୍ତ୍ତିରୂପରେ ସେହିଭଳି କୁଶଳତାରେ ସଂବାଦ ସହିତ ପ୍ରୟୋଗ କରାଯିବ ତାକୁ ମଧ୍ୟ ନାଟ୍ୟଧର୍ମୀ ବୋଲି ବୁଝିବାକୁ ହେବ ।

ଆସନ୍ନୋକ୍ତଞ୍ଚ ଯଦ୍ ବାକ୍ୟଂ ନ ଶୃଣ୍ୱନ୍ତି ପରସ୍ପରମ୍ ।
ଅନୁକ୍ତଂ ଶ୍ରୂୟତେ ଯଚ୍ଚ ନାଟ୍ୟଧର୍ମୀ ତୁ ସା ସ୍ମୃତା ।।୭୪।।

ପ୍ରଦର୍ଶନ ସମୟରେ ଯେଉଁଠାରେ ସମୀପତର କଥା ମଧ୍ୟ ଶୁଣାଯାଏ ନାହିଁ ଏବଂ ଅନୁକ୍ତ କଥା ଶୁଣି ମଧ୍ୟ ପ୍ରତ୍ୟୁତ୍ତର ଦିଆଯାଉଥାଏ ତାକୁ ମଧ୍ୟ ନାଟ୍ୟଧର୍ମୀ ବୋଲି ବୁଝିବାକୁ ହେବ ।

ଶୈଳଯାନବିମାନାନି ଚର୍ମବର୍ମାୟୁଧଧ୍ୱଜାଃ ।
ମୂର୍ତ୍ତିମନ୍ତଃ ପ୍ରଯୁଜ୍ୟନ୍ତେ ନାଟ୍ୟଧର୍ମୀ ତୁ ସା ସ୍ମୃତା ।।୭୫।।

ଯେଉଁଥିରେ ପର୍ବତ, ବାହନ, ବିମାନ, ତଥା ଢାଲ କବଚ ଶସ୍ତ୍ର ତଥା ଧ୍ୱଜ ଆଦିର ମୂର୍ତ୍ତରୂପର ପ୍ରୟୋଗ କରାହୋଇଥିବ ତାକୁ ମଧ୍ୟ ନାଟ୍ୟଧର୍ମୀ ବୁଝିବାକୁ ହେବ ।

ଯ ଏକାଂ ଭୂମିକାଂ କୃତ୍ୱା କୁର୍ବୀତୈକାନ୍ତରେଽପରାମ୍ ।
କୌଶଲ୍ୟାଦେକକତ୍ୱାଦ୍ ବା ନାଟ୍ୟଧର୍ମୀତି ସା ସ୍ମୃତା ।।୭୬।।

ଯେଉଁଥିରେ ଅଭିନେତା ଗୋଟିଏ ଭୂମିକା ନିର୍ବାହ କରିସାରିବା ପରେ ପୁନଃ ଅନ୍ୟ ଭୂମିକା ଧାରଣ କରିଥାଏ ତଥା ଆପଣାର କୁଶଳତାରେ ଉଭୟ ଭୂମିକାର ସଫଳତାପୂର୍ବକ ନିର୍ବାହ କରିଥାଏ ତାକୁ ମଧ୍ୟ ନାଟ୍ୟଧର୍ମୀ ବୋଲି ବୁଝିବାକୁ ହେବ ।

ଯା ଗମ୍ୟା ପ୍ରମଦା ଭୂତ୍ୱା ଗମ୍ୟା ଭୂମିଷୁ ଯୁଜ୍ୟତେ ।
ଗମ୍ୟା ଭୂମିଷ୍ୱଗମ୍ୟା ବା ନାଟ୍ୟଧର୍ମୀ ତୁ ସା ସ୍ମୃତା ।।୭୭।।

ଯେଉଁ ସ୍ତ୍ରୀ ପ୍ରଥମରେ ଅଗମ୍ୟସ୍ତ୍ରୀ (ପୂଜ୍ୟା ବା ବୃଦ୍ଧା)ର ଭୂମିକା ଧାରଣ କରିବା ପରେ ଗମ୍ୟା (ନାୟିକା ବା ପ୍ରେୟସୀ)ର ଭୂମିକା ମଧ୍ୟ କରେ ତାହା ହେଲେ ତାହା ମଧ୍ୟ 'ନାଟ୍ୟଧର୍ମୀ' ବୋଲାଏ ।

ଲଳିତୈରଙ୍ଗବିନ୍ୟାସୈସ୍ତଥୋତ୍କ୍ଷିପ୍ତପଦକ୍ରମୈଃ ।
ନୃତ୍ୟତେ ଗମ୍ୟତେ ଗ୍ୟପି ନାଟ୍ୟଧର୍ମୀ ତୁ ସା ସ୍ମୃତା । ୭୮ ।।

କୌଣସି ନାଟକରେ ଗତି ଲଳିତ ଅଙ୍ଗର ନୃତ୍ୟ କରାଯାଏ ଏବଂ ଉତ୍କ୍ଷିପ୍ତ ଆନ୍ଦୋଳନ ସହିତ ପଦପାତ ପ୍ରଦର୍ଶିତ କରାହୋଇ ସାମାନ୍ୟ ଗତି ହୋଇଥିଲେ ହେଁ ସୁନ୍ଦରତାର କାରଣରୁ ନୃତ୍ୟ ଗତି ଭଳି ଅସମାନ୍ୟ ମନେ ହେଉଥିଲେ ତାକୁ ମଧ୍ୟ ନାଟ୍ୟଧର୍ମୀ ବୋଲଯାଏ ।

ଯୋଽୟଂ ସ୍ୱଭାବୋ ଲୋକସ୍ୟ ସୁଖଦୁଃଖକ୍ରିୟାତ୍ମକଃ
ସୋଽଙ୍ଗାଭିନୟସଂଯୁକ୍ତୋ ନାଟ୍ୟଧର୍ମୀ ପ୍ରକୀର୍ତ୍ତିତା ।।୭୯ ।।

ଯେତେବେଳେ ପ୍ରତ୍ୟହ ଘଟୁଥିବା ସ୍ୱାଭାବିକ ସୁଖଦୁଃଖର କ୍ରିୟା ଅଙ୍ଗାଦି ଅଭିନୟଦ୍ୱାରା ଯୁକ୍ତ ହୋଇ ଅବିକଳ ସେହିଭଳି ପ୍ରଦର୍ଶିତ ହେଉଥାଏ ସେତେବେଳେ ତାକୁ ମଧ୍ୟ 'ନାଟ୍ୟଧର୍ମୀ' ବୋଲି ବୁଝିବାକୁ ହେବ ।

ଯଶ୍ଚେତିହାସବେଦାର୍ଥୋ ବ୍ରହ୍ମଣା ସମୁଦାହୃତଃ ।
ଦିବ୍ୟମାନୁଷରତ୍ୟର୍ଥଂ ନାଟ୍ୟଧର୍ମୀ ତୁ ସା ସ୍ମୃତା ।। ୮୦ ।।

ବ୍ରହ୍ମାଙ୍କଦ୍ୱାରା ଅଭିହିତ ଇତିହାସ ତଥା ବେଦର ଅର୍ଥନିଦର୍ଶକ ଭାବରେ ଯେଉଁ ନାଟ୍ୟବେଦର ସର୍ଜନା ହେଲା, ଯାହା ଦେବତା ଏବଂ ମନୁଷ୍ୟମାନଙ୍କର ମନୋରଂଜନ ଉପକରଣ ସେହି ନାଟ୍ୟଶାସ୍ତ୍ରକୁ ନାଟ୍ୟଧର୍ମୀ ବୋଲି ବୁଝିବା ଉଚିତ ।

ଯଶ୍ଚ କକ୍ଷ୍ୟାବିଭାଗୋଽୟଂ ନାନାବିଧିସମାଶ୍ରିତଃ ।
ରଙ୍ଗପୀଠଗତଃ ପ୍ରୋକ୍ତୋ ନାଟ୍ୟଧର୍ମୀ ତୁ ସା ଭବେତ୍ ।। ୮୧ ।।

ବର୍ତ୍ତମାନ ଯେଉଁ ସବୁ କଥା ରଙ୍ଗମଞ୍ଚ ଓ ତାର କକ୍ଷ୍ୟ ବିଭାଗ ପ୍ରସଙ୍ଗରେ କୁହାଗଲା ତାକୁ ମଧ୍ୟ ନାଟ୍ୟଧର୍ମୀ ପ୍ରକାରର ଉଦାହରଣ ବୋଲି ମନେ କରିବା କଥା ।

ନାଟ୍ୟଧର୍ମୀପ୍ରବୃତ୍ତଂ ହି ସଦା ନାଟ୍ୟଂ ପ୍ରଯୋଜୟେତ୍ ।
ନ ହ୍ୟଙ୍ଗାଭିନୟାତ୍ କିଞ୍ଚିଦୃତେ ରାଗଃ ପ୍ରବର୍ତ୍ତତେ ।। ୮୨ ।।

ସର୍ବଦା 'ନାଟ୍ୟଧର୍ମୀ' ଦ୍ୱାରା ସଂପନ୍ନ ହେଉଥିବା 'ନାଟ୍ୟ ପ୍ରୟୋଗ' ପ୍ରଦର୍ଶନ କରିବା ବିଧେୟ । ଅଙ୍ଗାଭିନୟ ଭିନ୍ନ ଅନ୍ୟକୌଣସି ରାଗ ପ୍ରବର୍ତ୍ତିତ ହୋଇପାରେ ।

ସର୍ବସ୍ୟ ସହଜୋ ଭାବଃ ସର୍ବୋହ୍ୟଭିନୟୋଽର୍ଥତଃ ।
ଅଂଙ୍ଗାଲଂକାରଚେଷ୍ଟା ତୁ ନାଟ୍ୟଧର୍ମୀ ପ୍ରକୀର୍ତ୍ତିତା ।। ୮୩ ।।

ମନୁଷ୍ୟମାନଙ୍କ ମଧ୍ୟରେ ବିଦ୍ୟମାନ ସବୁ ସହଜ ଭାବ ଯେତେବେଳେ ଅଂଙ୍ଗୀକ ଅଭିନୟ, ଅଳଂକାର ତଥା କ୍ରିୟାଦି ସହିତ ଆବଶ୍ୟକତାନୁସାରେ ପ୍ରଦର୍ଶିତ କରାଯାଏ ସେତେବେଳେ ସମସ୍ତେ ଅନ୍ତତୋଗତ୍ୱା ନାଟ୍ୟଧର୍ମୀ ବୋଲି ଅଭିହିତ ହୋଇଥାନ୍ତି ।

ଏବଂ କକ୍ଷ୍ୟାବିଭାଗସ୍ତୁ ଧର୍ମୀଯୁକ୍ତୟ ଏବ ଚ ।
ବିଜ୍ଞେୟା ନାଟ୍ୟ ତତ୍ତ୍ୱଜ୍ଞୈଃ ପ୍ରୟୋକ୍ତୃବ୍ୟାଶ୍ଚ ତତ୍ତ୍ୱତଃ ।। ୮୪ ।।

ଏପରିଭାବରେ କକ୍ଷ୍ୟାବିଭାଗ, ଧର୍ମୀ ଓ ପ୍ରବୃତ୍ତିର ବିଷୟରେ ଯାହା କହିଲି ତାକୁ ନାଟ୍ୟ ପ୍ରଯୋକ୍ତା ଠିକ ଭାବରେ ବୁଝିବେ ଏବଂ ତାକୁ ପୁଣି ପ୍ରୟାସ ପୂର୍ବକ ଯଥାର୍ଥ ଭାବରେ ପ୍ରଦର୍ଶିତ କରିବେ ।

ଉକ୍ତୋ ମୟେହାଭିନୟୋ ଯଥାବଚ୍ଛାଖାକୃତୋ ଯସ୍ତୁ କୃତୋଽଙ୍ଗହାରୈଃ ।
ପୁନଶ୍ଚ ବ୍ୟାଖ୍ୟାଭିନୟଂ ଯଥାବଦ୍ ବକ୍ଷ୍ୟେ ସ୍ୱରବ୍ୟଞ୍ଜନବର୍ଣ୍ଣଯୁକ୍ତମ୍ ।। ୮୫ ।।

ଇତି ଭାରତୀୟେ ନାଟ୍ୟଶାସ୍ତ୍ରେ କକ୍ଷ୍ୟା-ପ୍ରବୃତ୍ତି-ଧର୍ମୀ - ବ୍ୟଞ୍ଜକୋ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ।।

ଏହିପରି ଭାବରେ ମୁଁ ଶାଖା ତଥା ଅଙ୍ଗୁର ନିର୍ମିତ ହେଉଥିବା ଅଭିନୟର ବିଧିବତ୍ ବର୍ଣ୍ଣନା କରିଛି । ଅର୍ଥାତ୍ ସମସ୍ତ ଅଙ୍ଗିକାଭିନୟ ସଂବନ୍ଧରେ କହିଛି । ବର୍ତ୍ତମାନ ମୁଁ ସ୍ୱର ତଥା ବ୍ୟଂଜନଦ୍ୱାରା ନିର୍ମିତ ବାକ୍ୟାଭିନୟ (ବାଚିକାଭିନୟ) ବିଷୟରେ କହିବି ।

ଭରତମୁନିକୃତ ନାଟ୍ୟଶାସ୍ତ୍ର କକ୍ଷ୍ୟା-ପ୍ରବୃତ୍ତି-ଧର୍ମୀ ନିରୂପଣକାରୀ ତ୍ରୟୋଦଶ ଅଧ୍ୟାୟ ସଂପୂର୍ଣ୍ଣ ହେଲା ।

◆

ଚତୁର୍ଦ୍ଦଶୋଽଧ୍ୟାୟଃ

(ବାଚିକାଭିନୟ ତଥା ଛନ୍ଦୋଭିନୟ)

ଯୋ ବାଗଭିନୟଃ ପୂର୍ବଂ ମୟା ପ୍ରୋକ୍ତୋ ଦ୍ୱିଜୋତ୍ତମାଃ ।
ଲକ୍ଷଣଂତସ୍ୟ ବକ୍ଷ୍ୟାମି ସ୍ୱରବ୍ୟଞ୍ଜନସମ୍ଭବମ୍ ॥୧॥

ହେ ମୁନିଗଣ, ଅଭିନୟର ନିରୂପଣ ପ୍ରସଙ୍ଗରେ ମୁଁ ଯେଉଁ ବାଚିକ ଅଭିନୟ କଥା କହିଥିଲି ବର୍ତ୍ତମାନ ତାହାର ସ୍ୱର ଏବଂ ବ୍ୟଜଂନଦ୍ୱାରା ସଂଭୂତ ଲକ୍ଷଣମାନଙ୍କ ସଂବନ୍ଧରେ କହୁଛି ।

ନାଟ୍ୟ—ରଚନାରେ ସଂଲାପର ମହତ୍ତ୍ୱ :—

ବାଚି ଯନ୍ତସ୍ତୁ କର୍ତବ୍ୟୋ ନାଟ୍ୟସ୍ୟୈଷା ତନୁଃ ସ୍ମୃତା ।
ଅଙ୍ଗନୈପଥ୍ୟସତ୍ତ୍ୱାନି ବାକ୍ୟାର୍ଥଂ ବ୍ୟଂଜୟନ୍ତି ହି ।।୨।।

କବିଦ୍ୱାରା କାବ୍ୟରଚନା ତଥା ଅଭିନେତାଦ୍ୱାରା ପ୍ରୟୋଗକାଳରେ ଶବ୍ଦଗୁଡ଼ିକ ପାଇଁ ବିଶେଷ ଯତ୍ନରହିବା ଆବଶ୍ୟକ । କାରଣ ତାହାହିଁ ନାଟ୍ୟ ପ୍ରଦର୍ଶନର କଳେବର । କାରଣ ଅଙ୍ଗ, ନେପଥ୍ୟ, ରଚନା, ତଥା ସତ୍ତ୍ୱାଭିନୟ କାବ୍ୟର ଅର୍ଥକୁ ଅଭିବ୍ୟକ୍ତି ପ୍ରଦାନ କରିଥାଏ । ଏହାର ଆଶୟ ହେଉଛି – ବାଚିକ ଅଭିନୟର ଏମାନେ ସମସ୍ତେ ସହାୟକ । ଯଦି ବାଚିକ ଅଭିନୟ ଶିଥିଳହେବ ତେବେ ଅନ୍ୟାନ୍ୟ ଅଭିନୟ ପ୍ରୟୋଗ କଦାପି ସୁରୁଚିପୂର୍ଣ୍ଣ ହୋଇପାରିବ ନାହିଁ ।

ବାଙ୍ମୟାନୀହ ଶାସ୍ତ୍ରାଣି ବାଙ୍ନିଷ୍ଠାନି ତଥୈବ ଚ ।
ତସ୍ମାଦ୍‌ବାଚଃ ପରଂ ନାସ୍ତି ବାଗ୍‌ହି ସର୍ବସ୍ୟ କାରଣମ୍ ।।୩।।

ଏହି ଜଗତର ସମସ୍ତ ଶାସ୍ତ୍ର ତଥା ବାଙ୍ମୟ ଶବ୍ଦାତ୍ମକ ତଥା ଶବ୍ଦନିଷ୍ଠ ଅର୍ଥାତ୍ ଶବ୍ଦାଶ୍ରିତ ମଧ୍ୟ । ଏଣୁ ବାଣୀର ଉର୍ଦ୍ଧ୍ୱରେ ଆଉ କିଛି ନାହିଁ ଏବଂ ସମସ୍ତ ଭାବ ବସ୍ତୁର କାରଣ ଶବ୍ଦ ଅଟେ ।

ବାଚିକାଭିନୟ ବିଭାଗ :—

ନାମାଖ୍ୟାତନିପାତୋପସର୍ଗତଦ୍ଧିତସମାସନିର୍ବର୍ତ୍ୟଃ ।
ସନ୍ଧିବିଭକ୍ତିନିଯୁକ୍ତୋ ବିଜ୍ଞେୟୋ ବାଚିକାଭିନୟଃ ।।୪।।

ଏହି ବାଚିକାଭିନୟର ନାମ ସଂଜ୍ଞା ଆଖ୍ୟାତ ଅର୍ଥାତ୍ କ୍ରିୟା ନିପାତ, ଉପସର୍ଗ, ତଦ୍ଧିତ, ସମାସ, ସନ୍ଧି, ତଥା ବିଭକ୍ତି ସହିତ ସଂବନ୍ଧ ହୋଇଥାଏ ।

ପାଠ୍ୟର ଦୁଇଟି ଭେଦ :–

ଦ୍ୱିବିଧଂ ହି ସ୍ମୃତଂ ପାଠ୍ୟଂ ସଂସ୍କୃତଂ ପ୍ରାକୃତଂ ତଥା ।
ତୟୋର୍ବିଭାଗଂ ବକ୍ଷ୍ୟାମି ଯଥାବଦନୁପୂର୍ବଶଃ ।।୫।।

ନାଟ୍ୟର ପାଠ୍ୟ ଦୁଇ ପ୍ରକାର ଯଥା :– ସଂସ୍କୃତ ତଥା ପ୍ରାକୃତ । ଏବଂ ମୁଁ କ୍ରମଶଃ ସେମାନଙ୍କର ବିଭାଗୀକରଣ କରି ସ୍ୱରୂପର ବ୍ୟାଖ୍ୟା କରୁଛି ।

ପାଠ୍ୟର ବିଭିନ୍ନ ଆଧାର :–

ବ୍ୟଞ୍ଜନାନି ସ୍ୱରାଶ୍ଚୈବ ସନ୍ଧୟୋଽଥ ବିଭକ୍ତୟଃ ।
ନାମାଖ୍ୟାତୋପସର୍ଗାଶ୍ଚ ନିପାତାସ୍ତଦ୍ଧିତାସ୍ତଥା ।।୬।।

ଏତୈରଙ୍ଗୈଃ ସମାସୈଶ୍ଚ ନାନାଧାତୁ ସମାଶ୍ରୟମ୍
ବିଜ୍ଞେୟଂ ସଂସ୍କୃତଂ ପାଠ୍ୟଂ ପ୍ରୟୋଗଂ ଚ ନିବୋଧତ ।।୭।।

ସଂସ୍କୃତ-ପାଠ୍ୟ ବ୍ୟଞ୍ଜନ, ସ୍ୱର, ସନ୍ଧି, ବିଭକ୍ତି, ନାମ ଅର୍ଥାତ୍ ସଂଜ୍ଞା, ଆଖ୍ୟାତ ଅର୍ଥାତ୍ କ୍ରିୟା, ଉପସର୍ଗ, ନିପାତ, ତଦ୍ଧିତ, ସମାସ ତଥା ନାମ ଧାତୁଦ୍ୱାରା ସମାଶ୍ରିତ ହୋଇଥାଏ । ବର୍ତ୍ତମାନ ମୁଁ ସେମାନଙ୍କର ସଲକ୍ଷଣ ପ୍ରୟୋଗ ସଂବନ୍ଧରେ କହିବି ।

ପାଠ୍ୟ-ବର୍ଣ୍ଣ ନିରୂପଣ :–

ଅକାରାଦ୍ୟାଃ ସ୍ୱରା ଜ୍ଞେୟା ଔକାରାନ୍ତାଶ୍ଚତୁର୍ଦଶ ।
ହକାରାନ୍ତାନି କାଦାନି ବ୍ୟଞ୍ଜନାନି ବିଦୁର୍ବୁଧାଃ ।।୮।।

'ଅ' କାରରୁ ଆରମ୍ଭ ହୋଇ 'ଔ' କାରରେ ପୂର୍ଣ୍ଣ ହେଉଥିବା ଚଉଦଟି ବର୍ଣ୍ଣ ସ୍ୱରବର୍ଣ୍ଣ ଏବଂ 'କ' ରୁ ଆରମ୍ଭ ହୋଇ 'ହ'ରେ ସମାପ୍ତ ହେଉଥିବା ତେତିଶଟି ବର୍ଣ୍ଣ ବ୍ୟଞ୍ଜନ ବର୍ଣ୍ଣ ବୋଲାଏ ।

ଅତ୍ର ସ୍ୱରାଶ୍ଚତୁର୍ଦଶ କାଦୀନି ବ୍ୟଞ୍ଜନାନି ଯଥା :– ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ, ୡ, ଏ, ଐ, ଓ, ଔ, ସ୍ୱରା ଜ୍ଞେୟା । ବ୍ୟଞ୍ଜନାନି ଯଥା :– କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ର, ଲ, ବ, ଶ, ଷ, ହାଃ ଇତି ବ୍ୟଞ୍ଜନବର୍ଗଃ ।

ଗଦ୍ୟଭାଗ – 'ଅ'ରୁ ଆରମ୍ଭ ହେଉଥିବା ସ୍ୱର ଚଉଦ ଯଥା - ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ, ୡ, ଏ, ଐ, ଓ, ଔ, ତଥା କ ଠାରୁ ଆରମ୍ଭ ହେଉଥିବା ତେତିଶଟି ବ୍ୟଞ୍ଜନ ବର୍ଣ୍ଣ ସମୂହ କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ର, ଲ, ବ, ଶ, ଷ, ସ, ହ ଅଟନ୍ତି ।

ଚତୁର୍ଦ୍ଦଶ ଅଧ୍ୟାୟ

ବ୍ୟଞ୍ଜନ ତଥା ସେମାନଙ୍କର ଉଚ୍ଚାରଣ ସ୍ଥାନ :—

ବର୍ଗେ ବର୍ଗେ ସମାଖ୍ୟାତୌ ଦ୍ୱୌ ବର୍ଣ୍ଣୌ ପ୍ରାଗବସ୍ଥିତୌ ।
ଅଘୋଷା ଇତି ଯେତ୍ତ୍ୱନ୍ୟେ ସଘୋଷାଃ ପରିକୀର୍ତ୍ତିତାଃ ।।୯।।

ପ୍ରତ୍ୟେକ ବର୍ଗର ଆରମ୍ଭରେ ଦୁଇ ବ୍ୟଞ୍ଜନ ବର୍ଣ୍ଣ ଯଥା :— କ, ଖ, ଚ, ଛ ଇତ୍ୟାଦି ତଥା ଶ, ଷ, ସ ଅଘୋଷ ଏତଦ୍‌ବ୍ୟତୀତ ଅନ୍ୟ ବର୍ଣ୍ଣ ସଘୋଷ ବୋଲାନ୍ତି ।

ଅଷ୍ଟୌ ସ୍ଥାନାନି ବର୍ଣ୍ଣାନା ମୁରଃ କଣ୍ଠଃ ଶିରସ୍ତଥା ।
ଜିହ୍ୱାମୂଳଂ ଚ ଦନ୍ତାଶ୍ଚ ନାସିକୋଷ୍ଠୌ ଚ ତାଲୁ ଚ ।।୯କ।।

ଦ୍ୱୌ ଦ୍ୱୌ ବର୍ଣ୍ଣୌ ତୁ ବର୍ଗାଦ୍ୟୌ ଶଷସାଶ୍ଚ ତ୍ରୟୋଽପରେ ।
ଅଘୋଷା ଘୋଷବନ୍ତସ୍ତ ଚତୋଽନ୍ୟେ ପରିକୀର୍ତ୍ତିତାଃ ।।୯ଖ।।

ଏତେ ଘୋଷାଘୋଷାଃ କଣ୍ଠୌଷ୍ଠ୍ୟା ଦନ୍ତ୍ୟଜିହ୍ୱ୍ୟାନୁନାସିକ୍ୟାଃ ।
ଉଷ୍ମାଣସ୍ତାଳବ୍ୟା ବିସର୍ଜନୀୟାଶ୍ଚ ବୋଦ୍ଧବ୍ୟାଃ ।।୧୦।।

ଏହି ଘୋଷ ତଥା ଅଘୋଷବର୍ଣ୍ଣ କଣ୍ଠ୍ୟ, ଓଷ୍ଠ୍ୟ, ଦନ୍ତ୍ୟ, ଜିହ୍ୱ୍ୟା, ଅନୁନାସିକ୍ୟ, ଉଷ୍ମାଣ, ତାଳବ୍ୟ ତଥା ବିସର୍ଜନୀୟ ଭେଦରେ ଆଠଗୋଟି ସ୍ଥାନରୁ ଉଚ୍ଚାରିତ ହୋଇଥାନ୍ତି ।

ଗଘଙଜଝଞ, ଡଢଣଦଧନ ବଭମଯରଳବା ମତାଘୋଷାଃ ।
କଖ ଚଛ ଟଠ ତଥ ପଫ ଶଷସା ଇତି ବର୍ଗେଷ୍ୱଘୋଷାଃ ସ୍ୟୁଃ ।।୧୧।।

ଏହି ବ୍ୟଞ୍ଜନ ସମୂହରେ ଗଘଙ ଜଝଞ ଡଢଣ ଦଧନ ବଭମ ତଥା ଯରଳବ ଘୋଷ ତଥା କଖ ଚଛ ଟଠ ତଥ ଏବଂ ପଫ ଶଷସ ଆଘୋଷ ଅଟନ୍ତି ।

କଖଗଘଙାଃ କଣ୍ଠସ୍ଥାସ୍ତାଲୁସ୍ଥାନସ୍ତୁ ଚଛଜଝଞାଃ
ଟଠଡଢଣା ମୂର୍ଦ୍ଧନ୍ୟାଃ ତଥଦଧନାଶ୍ଚୈବ ଦନ୍ତଜାଃ ।।୧୨।।

କଖଗଘଙ ତଥା ତଥଦଧନକୁ ଦନ୍ତ୍ୟ ବର୍ଣ୍ଣ ବୋଲି ବୁଝିବା ଉଚିତ । ଅର୍ଥାତ୍ ଏହି ବର୍ଣ୍ଣମାନଙ୍କର ଉଚ୍ଚାରଣ କ୍ଷେତ୍ର ସୂଚନା କ୍ରମେ କଣ୍ଠ, ତାଲୁ ମୂର୍ଦ୍ଧା ଏବଂ ଦାନ୍ତ ଅଟେ ।

ପଫବଭମାସ୍ତ୍ୱୋଷ୍ଠ୍ୟାଃ ସ୍ୟୁର୍ଦ୍ଦନ୍ତ୍ୟା ଌ ଲସା ଅହୌଚ କଣ୍ଠ୍ୟୌ ।
ତାଳବ୍ୟା ଇଚୁଯଶାଃ ସ୍ୟୁଃ ଋଟଷା ମୂର୍ଦ୍ଧ୍ନି ସ୍ଥିତା ଜ୍ଞେୟାଃ ।।୧୩।।

ପଫବଭମକୁ ଓଷ୍ଠ୍ୟ, ଲ ଣ ତଥା ସକୁ ଦନ୍ତ୍ୟ, ଅହକୁ କଣ୍ଠ୍ୟ ଇଚ (ଚବର୍ଗ) ଯଶକୁ ତାଳବ୍ୟ ତଥା ର, ର ଏବଂ ଷକୁ ମୂର୍ଦ୍ଧନ୍ୟ ଣଣ କୁ ଦନ୍ତ୍ୟ ଓଔକୁ କଣ୍ଠୌଷ୍ଠ୍ୟ, ତଥା ଏଐକୁ କଣ୍ଠ୍ୟ ତାଳବ୍ୟ ବୋଲି ଜାଣ ।

ଣଣ ଦନ୍ତୌ ଓଔ କଣ୍ଠ୍ୟୋଷ୍ଠ୍ୟୌ ଏଐକାରୌଚ କଣ୍ଠତାଳବ୍ୟୌ ।
କଣ୍ଠ୍ୟୋ ବିସର୍ଜନୀୟୋ ଜିହ୍ୱାମୂଳମୁଦ୍ଭବଃକଖୟୋଃ ।।୧୪।।

ପଫୟୋରୋଷ୍ଠସ୍ଥାନଂ ଭବେଦୁକାରଃ ସ୍ୱରୋ ବିବୃତଃ ।।
ସ୍ପୃଷ୍ଟାଃ କାଦ୍ୟା ମାନ୍ତାଃ ଶଷସହକାରାସ୍ତଥା ବିବୃତାଃ ।।୧୫।।

ଅନ୍ତଃସ୍ଥାଃ ସଂବୃତଙ୍ଖ ଙଞଣନମା ନାସିକୋଦ୍ଭବା ଜ୍ଞେୟାଃ ।
ଉଷ୍ମାଣଶ୍ଚ ଶଷସହା ଯବରଳ ବର୍ଣ୍ଣାସ୍ତଥୈବ ସ୍ଥିତସ୍ଥା ।।୧୬।।

ଜିହ୍ୱାମୂଳୀୟଃ କଃ ପ ଉପଧ୍ମାନୀୟ ସଜ୍ଞୟା ଜ୍ଞେୟାଃ ।
କଚଟତପାଃ ସ୍ୱରିତାଃ ସ୍ୟୁଃ ଖଛଠଥଫାଃ ସ୍ୟୁସ୍ତଥା କଣ୍ଠ୍ୟାଃ ।।୧୭।।

କଣ୍ଠୋରସ୍ୟାନ୍ ବିଦ୍ୟାତ୍ ଜଗଡଡଦବାନ୍ ପାଠ୍ୟସଂପ୍ରୟୋଗେ ତୁ ।
ବେଦ୍ୟୋ ବିସର୍ଜନୀୟୋ ଜିହ୍ୱାସ୍ଥାନେସ୍ଥିତୋ ବର୍ଣ୍ଣଃ ।।୧୮।।

ବିସର୍ଗର କଣ୍ଠ ତଥା କଖ ର ଜିହ୍ୱାମୂଳ ପଫ ତଥା ଉ ର ଓଷ୍ଠ ତଥା ସ୍ୱରର ବିବୃତ ଉଚ୍ଚାରଣ ସ୍ଥାନ ଅଟେ । ସ୍ୱର ବର୍ଣ୍ଣ ଗୁଡ଼ିକ ବିବୃତ ଏବଂ କ ଠାରୁ ମ ପର୍ଯ୍ୟନ୍ତ ସ୍ପୃଷ୍ଟ ତଥା ଶଷସହ ବିବୃତ ବୋଲାନ୍ତି । ଅନ୍ତସ୍ଥର ସଂବୃତ ଙ, ଞ ଣନମରେ ଉଚ୍ଚାରଣ ସ୍ଥାନ ନାସିକା । ଶଷସହ ଉଷ୍ମ, ଯରଲବ ଅନ୍ତଃସ୍ଥକ ଜିହ୍ୱାମୂଳୀୟ ତଥାପ ଉପଧ୍ମାନୀୟ ଅଟେ । କଚଟତପ ସ୍ୱରିତ, ଖ ଛ ଠ ଥ ଫ କଣ୍ଠ୍ୟ ଗଜଡଦବ (ଘଝଢଧଭ) କଣ୍ଠ ତଥା ଉର ସ୍ଥଳ ରୁ ଉଚ୍ଚାରିତ ହୋଇଥାଏ ବୋଲି ବୁଝିବା ବିଧେୟ ।

ଏତେ ବ୍ୟଞ୍ଜନବର୍ଣ୍ଣାଃ ସମାସତଃ ସଂଜ୍ଞୟା କଥିତାଃ ।
ଶବ୍ଦ ପ୍ରୟୋଗବିଷୟେ ସ୍ୱରାଂସ୍ତୁ ଭୂୟଃ ପ୍ରବକ୍ଷ୍ୟାମି ।।୧୯।।

ଏପରି ଭାବରେ ସଂକ୍ଷେପରେ ମୁଁ ବ୍ୟଞ୍ଜନବର୍ଗର ବର୍ଣ୍ଣନା କଲି । ବର୍ତ୍ତମାନ ମୁଁ ଶବ୍ଦ ପ୍ରୟୋଗ ବିଷୟରେ ସ୍ୱରମାନଙ୍କର କାର୍ଯ୍ୟ ସଂବନ୍ଧରେ କହୁଛି ।

ସ୍ୱର ଏବଂ ସେମାନଙ୍କର ପରିମାଣ :—

ଯ ଇମେ ସ୍ୱରାଶ୍ଚତୁର୍ଦଶ ନିର୍ଦ୍ଦିଷ୍ଟାସ୍ତତ୍ର ବୈ ଦଶ ସମାନାଃ ।
ପୂର୍ବୋ ହ୍ରସ୍ୱସ୍ତେଷାଂ ପରଶ୍ଚ ଦୀର୍ଘୋ ବିଧାତବ୍ୟଃ ।।୨୦।।

ମୁଁ ପୂର୍ବରୁ ଯେଉଁ ଚଉଦଟି ସ୍ୱର ସଂବନ୍ଧରେ କହିଛି ସେମାନଙ୍କ ମଧ୍ୟରେ ଏକରୁ ଦଶ ପର୍ଯ୍ୟନ୍ତ ସ୍ୱର ସମାନ ବୋଲାନ୍ତି । ଏହି ସମାନ ସ୍ୱରମାନଙ୍କ ମଧ୍ୟରେ କ୍ରମଶଃ ପ୍ରଥମଟି ହ୍ରସ୍ୱ ଏବଂ ଦ୍ୱିତୀୟଟି ଦୀର୍ଘ ।

ଶବ୍ଦମାନଙ୍କର ବିଭେଦ :—

ଇତ୍ଥଂ ବ୍ୟଞ୍ଜନଯୋଗୈଃ ସ୍ୱରୈଶ୍ଚ ସାଖ୍ୟାତ ନାମପଦବିହିତୈଃ ।
କାବ୍ୟନିବନ୍ଧାଶ୍ଚ ସ୍ୱର୍ଧାତୁ ନିପାତୋପସର୍ଗୈସ୍ତ ।।୨୦କ।।

ଏଭିଃ ବ୍ୟଞ୍ଜନବର୍ଣ୍ଣୈ ର୍ନାମାଖ୍ୟାତୋପସର୍ଗନିପାତୈଃ ।
ତଦ୍ଧିତସନ୍ଧିବିଭକ୍ତିଭିରଧିଷ୍ଠିତଃ ଶବ୍ଦ ଇତ୍ୟୁକ୍ତଃ ।।୨୧।।

ଏପରି ଭାବରେ ଏହି ସ୍ୱର ତଥା ବ୍ୟଞ୍ଜନର ଯୋଗ ତଥା ଆଖ୍ୟାତ କ୍ରିୟା, (ଧାତୁ) ନାମ (ସଂଜ୍ଞା), ଉପସର୍ଗ, ନିପାତ, ତଦ୍ଧିତ, ସନ୍ଧି ତଥା ବିଭକ୍ତି - ଅଧିଷ୍ଠିତ ହୋଇ ଶବ୍ଦ ହୋଇଥାଏ ।

ପୂର୍ବାଚାର୍ଯ୍ୟୈରୁକ୍ତଂ ଶବ୍ଦାନାଂ ଲକ୍ଷଣନ୍ତୁ ସମାସ ଯୋଗେନ
ବିସ୍ତରଶଃ ପୁନରେବ ପ୍ରକରଣ ବଶାତ୍ ସମ୍ପ୍ରବକ୍ଷ୍ୟାମି ।।୨୨।।

ପ୍ରାଚୀନ ଆଚାର୍ଯ୍ୟମାନେ ସଂକ୍ଷେପରେ ଶବ୍ଦର ଲକ୍ଷଣ ନିରୂପଣ କରିଛନ୍ତି । ମୁଁ ସେହି ସବୁକୁ ପ୍ରକରଣ ଅନୁଯାୟୀ ବିସ୍ତୃତଭାବେ କହିବି ।

ନାମ — ସଂଜ୍ଞା :—

ସ୍ୱାଦ୍ୟଧିକାରଗୁଣୈରର୍ଥବିଶେଷୈର୍ବିଭୂଷିତନ୍ୟାସମ୍ ।
ପ୍ରାତିପଦିକାର୍ଥଲିଙ୍ଗୈର୍ଯୁକ୍ତଂ ପଞ୍ଚବିଧମିଦଂ ଜ୍ଞେୟମ୍ ।।୨୩।।

ସଂଜ୍ଞା (ନାମ) – ସୁ ଆଦି ବିଭକ୍ତି ପ୍ରତ୍ୟୟ ତଥା ସେମାନଙ୍କ ଦ୍ୱାରା ପ୍ରକାଶିତ ହେଉଥିବା ବିଶେଷ ଅର୍ଥଯୁକ୍ତ ହୋଇଥାଏ । ଏହା ପାଞ୍ଚପ୍ରକାର ତଥା ଏହା ପ୍ରତିପାଦିକାର୍ଥ ତଥା ଲିଙ୍ଗଯୁକ୍ତ ହୋଇଥାଏ ।

ତତ୍ପ୍ରାହୁଃ ସପ୍ତବିଧଂ ଷଟ୍କାରକସଂଯୁତଂ ପ୍ରଥିତସାଧ୍ୟମ୍ ।
ନିର୍ଦ୍ଦେଶସଂପ୍ରଦାନାପାଦାନ ପ୍ରଭୃତି ସଂଜ୍ଞାଭିଃ ।।୨୪।।

ଏହି ନାମ ସାତଗୋଟି ଶ୍ରେଣୀରେ (ବିଭକ୍ତି) ତଥା ଛଅଗୋଟି କାରକ ଯୁକ୍ତ ହୋଇଥାଏ । କେତେବେଳେ ସିଦ୍ଧ ବାଚ୍ୟାର୍ଥରେ କେତେବେଳେ ସାଧ୍ୟଭୂତ ବାଚ୍ୟାର୍ଥରେ ହୋଇଥାଏ । ଆଉ ପ୍ରତ୍ୟୟଦ୍ୱାରା ଯୁକ୍ତ ହୋଇ ନିର୍ଦ୍ଦେଶ, ସମ୍ପ୍ରଦାନ, ଅପାଦାନ, ପ୍ରଭୃତି ସଂଜ୍ଞା ସୂଚିତ କରେ ।

ନାମାଖ୍ୟାତାର୍ଥ ବିଷୟଂ ବିଶେଷଂ ଦ୍ୟୋତୟନ୍ତିତେ !
ପୃଥକ ତତ୍ରୋପସର୍ଗେଭ୍ୟୋ ନିପାତା ନିୟମେଽତ୍ୟୁତେ ।।୨୪କ।।

ଶବ୍ଦ ଓ ଧାତୁର ଅର୍ଥକୁ ବିଶେଷ ଭାବରେ ଦ୍ୟୋତିତ କରି ଥାଆନ୍ତି, କିନ୍ତୁ ସେମାନେ ଉପସର୍ଗମାନଙ୍କପରି ମିଶି ନ ଯାଇ ସ୍ୱତନ୍ତ୍ର ଭାବେ ରହନ୍ତି । ଏମାନଙ୍କୁ ନିପାତ ବା ଅବ୍ୟୟ ବୋଲି କୁହାଯାଏ । ଏମାନେ ଧାତୁ ବା ଶବ୍ଦର କୌଣସି ନିୟମରେ ଚଳନ୍ତି ନାହିଁ, ମାତ୍ର ଏମାନେ କେବଳ କ୍ଳୀବଲିଙ୍ଗ ହୋଇଥାଆନ୍ତି ।

ସଂପ୍ରତ୍ୟତୀତକାଳକ୍ରିୟାଦିସଂଯୋଜିତଂ ପ୍ରଥିତସାଧ୍ୟମ୍ ।
ବଚନଂ ନାଗତଯୁକ୍ତଂ ସୁମସଦୃଶସଂଯୋଜନବିଭକ୍ତମ୍ ।।୨୫।।

ଯେଉଁ କ୍ରିୟାମାନେ ବର୍ତ୍ତମାନ ଏବଂ ଭୂତକାଳ ତଥା ସେଭଳି କୌଣସି ସମୟରେ ହେଉଥିବା କାର୍ଯ୍ୟ ଅଭିବ୍ୟକ୍ତ କରୁଥିବା ଅର୍ଥରେ ସଂବନ୍ଧିତ ଶବ୍ଦ ସୃଷ୍ଟି କରନ୍ତି, ତାହା 'ପ୍ରଥିତ' ତଥା ଯେଉଁମାନେ କେବେକେବେ ବ୍ୟବସ୍ଥିତ ରସରେ ନିର୍ମିତ ବିଭେଦ ସଂପନ୍ନ ଶବ୍ଦ ସୃଷ୍ଟି କରନ୍ତି ସେମାନେ 'ସାଧ୍ୟ' ବୋଲି କଥିତ ହୋଇଥାନ୍ତି ।

ଅଖ୍ୟାତ (କ୍ରିୟା) :—

ପଞ୍ଚଶତଧାତୁଯୁକ୍ତଂ ପଞ୍ଚଗୁଣଂ ପଞ୍ଚବିଧମିଦଂ ବାପି ।
ଅଖ୍ୟାତଂ ପାଠ୍ୟକୃତଂ ଜ୍ଞେୟଂ ନାନାର୍ଥାଶ୍ରୟବିଶେଷମ୍ ।।୨୬।।

ପାଞ୍ଚଶତଧାତୁର ପଚିଶ ବର୍ଗରେ ବିଭକ୍ତ ହେଉଥିବା କ୍ରିୟାର ସମୂହ 'ଆଖ୍ୟାତ' ବୋଲାଏ । ଏହା ପାଠ୍ୟ ଅଥବା ସଂଳାପରେ ସଂଜ୍ଞା ମାନଙ୍କର ଆଶ୍ରିତ ଅର୍ଥରେ ସଂଯୁକ୍ତ ହୋଇଥାନ୍ତି । ଆହୁରି ମଧ୍ୟ ନାମ ସହ ବଚନ ପୁରୁଷ ବିଭକ୍ତ ହେଲେ ଆଖ୍ୟାତ ବୋଲାଏ ।

ଉପସର୍ଗ :—

ପ୍ରତିପଦିକାର୍ଥଯୁକ୍ତା ଧାତ୍ୱର୍ଥାନୁପସୃଜନ୍ତି ଯେ ସ୍ୱାର୍ଥେ ।
ଉପସର୍ଗା ହ୍ୟଦିଷ୍ଟାସ୍ତସ୍ମାତ୍ ସଂସ୍କାରଶାସ୍ତ୍ରେଽସ୍ମିନ୍ ।।୨୭।।

ଯାହା ଆପଣା ଅର୍ଥଦ୍ୱାରା ପ୍ରତିପାଦିତ ଅର୍ଥ ସଂପନ୍ନ ମୂଳ ଅର୍ଥକୁ ବିଶିଷ୍ଟାର୍ଥ ସପନ୍ନ କରିଦିଏ ତାକୁ ବ୍ୟାକରଣ ଶାସ୍ତ୍ରରେ 'ଉପସର୍ଗ' ବୋଲାଯାଏ ।

ନିପାତ :—

ପ୍ରତିପାଦିକାର୍ଥଯୋଗାଦ୍ଧାତୁଚ୍ଛନ୍ଦୋନିରୁକ୍ତଯୁକ୍ତ୍ୟା ଚ ।
ଯସ୍ମାନ୍ନିପତନ୍ତି ପଦେ ତସ୍ମାତ୍ ପ୍ରୋକ୍ତା ନିପାତାସ୍ତୁ ।।୨୮ ।।

କାରଣ ପ୍ରତିପାଦିକାର୍ଥ ସହିତ ଧାତୁ, ଛନ୍ଦ, ନିର୍ବାଚନ ତଥା ଯୁକ୍ତିଦ୍ୱାରା ତାର ମୂଳାର୍ଥକୁ ବିସ୍ତାରିତ କରିବା ପାଇଁ ସଂଯୁକ୍ତ ହୋଇ ଆସେ । ଅତଏବ ପଦର ସମୀପକୁ ଆସୁଥିବା ହେତୁ ତାକୁ 'ନିପାତ' କୁହାଯାଏ ।

ଚତୁର୍ଦଶ ଅଧ୍ୟାୟ

ପ୍ରତ୍ୟୟ :—

ପ୍ରତ୍ୟୟବିଭାଗଜନିତାଃପ୍ରକର୍ଷସଂଯୋଗସତ୍ତ୍ୱବଚନୈଶ୍ଚ ।
ଯସ୍ମାତ୍ ପ୍ରତୀୟତେଽର୍ଥାନ୍ ପ୍ରତ୍ୟୟ ଉକ୍ତସ୍ତତସ୍ମାତ୍ ।।୨୯।।

ଯେଉଁ ପ୍ରକର୍ଷ ସଂଯୋଗ ତଥା ଭାବ (ସତ୍ତ୍ୱ) ଦ୍ୱାରା ଶବ୍ଦର ଆଂଶିକ ଅର୍ଥର ପୂର୍ତ୍ତିକରେ ତାକୁ ସେହି ବିଶ୍ୱରକୁ (ବିଶ୍ୱାସ) ବିକଶିତ କରୁଥିବା କାରଣରୁ 'ପ୍ରତ୍ୟୟ' କୁହାଯାଏ ।

ତଦ୍ଧିତ :—

ଲୋକେପ୍ରକୃତିପ୍ରତ୍ୟୟବିଭାଗସଂଯୋଗସତ୍ତ୍ୱବଚନେଷୁ
ତାଂସ୍ତାନ ପୂର୍ଯତେଽର୍ଥାଂ ସ୍ତେଷୁ ଯତସ୍ତଦ୍ଧିତସ୍ତସ୍ମାତ୍ ।୩୦।।

ଏହା ଶବ୍ଦର ଅର୍ଥକୁ - ଲୋପ, ପ୍ରକୃତି ତଥା ପ୍ରତ୍ୟୟ ବିଭାଗ କିମ୍ବା ସଂଯୋଗ ଦ୍ୱାରା ବିକଶିତ କିମ୍ବା ପୂର୍ଣ୍ଣ କରିଥାଏ । ତଥା ତାର ଅନ୍ତଃସ୍ଥିତି ଭାବାଭିପ୍ରାୟକୁ ଅଭିବ୍ୟକ୍ତ କରିଥାଏ ବୋଲି ତାକୁ 'ଦଦ୍ଧିତ' କୁହାଯାଏ ।

ବିଭକ୍ତି :—

ଏକସ୍ୟ ବହୂନାଂ ବା ଧାତୋର୍ଲିଙ୍ଗସ୍ୟ ବା ପଦାନାଂ ବା ।
ଯସ୍ମାଦ୍ୱିଭଜନ୍ତ୍ୟର୍ଥାନ୍ ବିଭକ୍ତୟଃ କୀର୍ତିତାସ୍ତସ୍ମାତ୍ ।୩୧ ।।

ଏକ ବା ଅନେକ ଶବ୍ଦର ଅର୍ଥର ମୂଳଧାତୁ ଅଥବା ଲିଙ୍ଗ ଅନୁସାରେ ବିଭାଗ ବା ବିଭେଦ କରିବା ହେତୁ ଏହା 'ବିଭକ୍ତି' ବୋଲାଏ ।

ସନ୍ଧି :—

ବର୍ଣ୍ଣପଦକ୍ରମସିଦ୍ଧଃ ପଦୈକଯୋଗାଚ୍ଚ ବର୍ଣ୍ଣଯୋଗାଚ୍ଚ ।
ସନ୍ଧୀୟତେ ତୁ ଯସ୍ମାତସ୍ମାଦୁପଦିଶ୍ୟତେ ସନ୍ଧିଃ ।୩୨ ।।

ଯେତେବେଳେ ପୃଥକ୍ ଭୂତ ପଦ, ବର୍ଣ୍ଣ ବା ସ୍ୱର କିମ୍ବା ବ୍ୟଞ୍ଜନ ପରସ୍ପର ଶବ୍ଦ ବା ଶବ୍ଦମାନଙ୍କର ସମୀପକୁ ଆସି ମିଶିଯାଆନ୍ତି ସେତେବେଳେ ଏହି ସନ୍ଧାନ ବା ମିଳନକୁ 'ସନ୍ଧି' ବୋଲି କୁହାଯାଏ ।

ବିଶିଷ୍ଟାସ୍ତୁ ସ୍ୱରା ଽତ୍ର ବ୍ୟଞ୍ଜନଂ ବାପି ଯୋଗତଃ ।
ସନ୍ଧିୟତେ ପଦେ ଯସ୍ମାତସ୍ମାତ୍ ସନ୍ଧିଃ ପ୍ରକୀର୍ତିତଃ ।୩୩।।

ଅଥବା ଦୁଇଟି ବିଶିଷ୍ଟ ସ୍ୱର କିମ୍ବା ବ୍ୟଞ୍ଜନ ଯଦି ପରସ୍ପର ମିଳିତ ହୁଅନ୍ତି; ତାକୁ ସନ୍ଧି ବୋଲି କୁହାଯାଏ ।

ସମାସ :—

ଲୁପ୍ତବିଭକ୍ତିର୍ନାମ୍ନାମେକାର୍ଥସଂହରସ୍ତ୍ରମାସୋଽପି ।
ତତ୍‌ପୁରୁଷାଦିସଞ୍ଜ୍ଞୈର୍ନିର୍ଦ୍ଦିଷ୍ଟଃ ଷଡ୍‌ବିଧୋ ବିପ୍ରାଃ ।୩୪ ।।

ନାମର ବିଭକ୍ତିକୁ ଲୋପକରି ଏକାର୍ଥକ ପଦକୁ ଯାହା ସଂକ୍ଷେପ କରି ପ୍ରସ୍ତୁତ କରୁଥାଏ ତାହା ତତ୍‌ପୁରୁଷ ଆଦି ଛ ପ୍ରକାର 'ସମାସ' ବୋଲାଏ ।

ଏଭିଃ ଶବ୍ଦବିଧାନୈର୍ବିସ୍ତାରବ୍ୟଞ୍ଜନାର୍ଥସଂଯୁକ୍ତୈଃ
ପଦବନ୍ଧାଃ କର୍ତ୍ତବ୍ୟା ନିବନ୍ଧବନ୍ଧାସ୍ତୁ ଚୂର୍ଣ୍ଣା ବା ।୩୫ ।।

ଏହିପରି ଭାବରେ ଶବ୍ଦଶାସ୍ତ୍ରର ନିୟମକୁ ଦୃଷ୍ଟିରେ ରଖି ଶବ୍ଦମାନଙ୍କର ବିସ୍ତାର ଓ ଅଭିବ୍ୟକ୍ତିଯୁକ୍ତ ଶବ୍ଦ ରଚନା କରିବା ଉଚିତ ଯାହା ଗଦ୍ୟ ନିବନ୍ଧ ବା ପଦ୍ୟାତ୍ମକ ହେବ ଅଥବା ଚୂର୍ଣ୍ଣକ ହେବ ।

ଶବ୍ଦ-ବୈବିଧ୍ୟ :—

ବିଭକ୍ତ୍ୟନ୍ତଂ ପଦଂ ଜ୍ଞେୟଂ ନିବନ୍ଧଂ ଚୂର୍ଣ୍ଣମେବ ଚ ।
ତତ୍ର ଚୂର୍ଣ୍ଣପଦସ୍ୟେହ ସଂନିବୋଧତ ଲକ୍ଷଣମ୍ ।୩୬ ।।

ବିଭକ୍ତି ଯେଉଁ ଶବ୍ଦର ଶେଷରେ ସଂଯୁକ୍ତ କରାଯାଏ ତାକୁ 'ପଦ' ବୋଲି ବୁଝିବାକୁ ହେବ । ଏହା ଦୁଇ ପ୍ରକାର — ନିବନ୍ଧ ଏବଂ ଚୂର୍ଣ୍ଣପଦ । ବର୍ତ୍ତମାନ ମୁଁ ଚୂର୍ଣ୍ଣପଦର ଲକ୍ଷଣ ସଂବନ୍ଧରେ କହୁଛି ଯାହାର ଉପଯୋଗ ଗଦ୍ୟ - ଲିଖନ ସମୟର ହୋଇଥାଏ ।

ଚୂର୍ଣ୍ଣପଦ :—

ଅନିବଦ୍ଧପଦଂ ଛନ୍ଦସ୍ତଥା ଚାନିୟତାକ୍ଷରମ୍ ।
ଅର୍ଥାପେକ୍ଷ୍ୟକ୍ଷରସ୍ୟୂତଂ ଜ୍ଞେୟଂ ଚୂର୍ଣ୍ଣପଦଂ ବୁଧୈଃ ।୩୭ ।।

ଯେଉଁଥିରେ କୌଣସି ନିଶ୍ଚିତ ପ୍ରକାରର ପଦ ସଂଯୋଜନା ହେବନାହିଁ, ଯେଉଁଥିରେ ଅକ୍ଷର ସଂଖ୍ୟା ନିୟତ ହୋଇନଥିବ ତଥା ଯାହା ଆପଣାର ନିର୍ଦ୍ଦିଷ୍ଟାର୍ଥକୁ ପ୍ରକାଶିତ କରିବା ନିମନ୍ତେ ଅନେକବର୍ଣ୍ଣ ଅଥବା ପଦର ସ୍ୱତନ୍ତ୍ରତାପୂର୍ବକ ସମାବେଶ କରିପାରୁଥିବ, ତାକୁ 'ଚୂର୍ଣ୍ଣପଦ' ଶବ୍ଦ କୁହାଯିବ ।

ନିବନ୍ଧ ପଦ

ନିବଦ୍ଧାକ୍ଷରସଂଯୁକ୍ତଂ ଯତିଚ୍ଛେଦସମନ୍ୱିତମ୍ ।
ନିବଦ୍ଧଂତୁ ପଦଂ ଜ୍ଞେୟଂ ପ୍ରମାଣନିୟତାତ୍ମକଂ ।୩୮ ।।

ଯେଉଁଥିରେ ପଦ ତଥା ଅକ୍ଷରର ନିଶ୍ଚିତ କ୍ରମ ଅନୁସାରେ ଗଠନ ହୋଇଥାଏ, ଯତି ବିଚ୍ଛେଦ ସମନ୍ୱିତ ହୋଇଥାଏ ତଥା ଯହିଁରେ ଅକ୍ଷର ସଂଖ୍ୟାର ଛନ୍ଦ ନିଶ୍ଚିତ ପ୍ରମାଣ (ଲକ୍ଷଣ) ଥିବ ତାକୁ 'ନିବନ୍ଧ' (ପଦ୍ୟୋପଯୋଗୀ) ଶବ୍ଦ ବୋଲି ବୁଝିବାକୁ ହେବ ।

ଛନ୍ଦ :–

ଏବଂ ନାନାର୍ଥସଂଯୁକ୍ତୈଃ ପାଦୈର୍ବର୍ଣ୍ଣବିଭୂଷିତୈଃ ।
ଚତୁର୍ଭିସ୍ତୁ ଭବେଦ୍ୟୁକ୍ତଂ ଛନ୍ଦୋବୃତ୍ତାଭିଧାନବତ୍ ।।୩୯ ।।

ଏହି ପ୍ରକାର ଛନ୍ଦର ଗଠନଦ୍ୱାରା ଯେଉଁ ପଦ୍ୟ ରଚନା ହୋଇଥାଏ ସେଥିରେ ଚ୍ଚାରୋଟି ପାଦଥାଏ; ସେଥିରେ ଅନେକ ଅର୍ଥର ଅଭିବ୍ୟଂଜନା ଥାଏ ତଥା ବର୍ଣ୍ଣମାନଙ୍କର ଗୁରୁ ଲଘୁ ସ୍ୱରୂପଦ୍ୱାରା ତାହା ସ୍ପଷ୍ଟ ହୋଇଥାଏ ।ଏଭଳି ରଚନା ଛନ୍ଦ ଅଥବା ବୃତ୍ତନାମରେ ଅଭିହିତ ହୋଇଥାଏ ।

ଛନ୍ଦ (ବୃତ୍ତ)ର ଭେଦ :–

ଷଡ୍‌ବିଂଶତିଃ ସ୍ମୃତାନ୍ୟେଭିଃ ପାଦୈଶ୍ଚନ୍ଦାଂସି ସଂଖ୍ୟୟା ।
ସମମର୍ଦ୍ଧସମଞ୍ଚୈବ ତଥା ବିଷମମେବ ଚ ।।୪୦।।

ଛନ୍ଦରେ ଏକରୁ ଛବିଶ ସଂଖ୍ୟା ପର୍ଯ୍ୟନ୍ତ ଅକ୍ଷରରେ ହେଉଥିବା ପଦର କାରଣରୁ ଛବିଶଟି ଭେଦ ଅଛି ।ଏମାନଙ୍କର ତିନୋଟି ପ୍ରକାର ଆହୁରି ବି ରହିଛି ଯଥା :– ସମ, ଅର୍ଦ୍ଧସମ ତଥା ବିଷମ ବୃତ୍ତ ।

ଛନ୍ଦୋ ଜ୍ଞେୟଂ ସମାସେନ ତ୍ରିବିଧଂ ବୃତ୍ତମିଷ୍ୟତେ ।
ନାନାବୃତ୍ତବିନିଷ୍ପନ୍ନା ଶବ୍ଦସ୍ୟୈଷା ତନୁଃ ସ୍ମୃତା ।।୪୧ ।।

ଛନ୍ଦୋହୀନୋ ନ ଶବ୍ଦୋଽସ୍ତି ନ ଛନ୍ଦଃ ଶବ୍ଦବର୍ଜିତମ୍
ଏବଂ ତୂଭୟସଂଯୋଗୋ ନାଟ୍ୟସ୍ୟୋଦ୍ୟୋତକଃ ସ୍ମୃତଃ ।।୪୨ ।।

ବିଭିନ୍ନ ଅକ୍ଷରଦ୍ୱାରା ବିଭିନ୍ନ ସ୍ୱରୂପ ଧାରଣ କରୁଥିବା ଏହି ଛନ୍ଦ ଶବ୍ଦମାନଙ୍କର ଏକ ଶୃଂଖଳା କାରଣ ଛନ୍ଦହୀନ କୌଣସି ଶବ୍ଦ ତଥା ଶବ୍ଦହୀନ କୌଣସି ଛନ୍ଦ ସଂଭବ ନୁହେଁ ।ଏ ଉଭୟ ପରସ୍ପର ମିଳିତ ହୋଇ ନାଟ୍ୟ ପ୍ରୟୋଗକୁ ଉତ୍କର୍ଷ ପ୍ରଦାନ କରିଥାନ୍ତି ।

ଛନ୍ଦର ବର୍ଣ୍ଣ ଅନୁଯାୟୀ ପାଦର ଭିନ୍ନତା :–

ଏକାକ୍ଷରଂ ଭବେଦୁକ୍ତ ମତ୍ୟୁକ୍ତଂଦ୍ୱ୍ୟକ୍ଷରଂ ଭବେତ୍ ।
ମଧ୍ୟଂ ତ୍ର୍ୟକ୍ଷରମିତ୍ୟାହୁଃ ପ୍ରତିଷ୍ଠା ଚତୁରକ୍ଷରା ।।୪୩।।

ସୁପ୍ରତିଷ୍ଠା ଭବେତ୍ ପଞ୍ଚ ଷଡ୍ ଗାୟତ୍ରୀ ଭବେଦିହ ।
ସପ୍ତାକ୍ଷରା ଭବେଦୁଷ୍ଣିଗଷ୍ଟୌ ଶ୍ୱନୁଷ୍ଟୁବିଷ୍ୟତେ ।।୪୪।।

ନବାକ୍ଷରା ତୁ ବୃହତୀ ପଂକ୍ତିଶ୍ଚୈବ ଦଶାକ୍ଷରା ।
ଏକାଦଶାକ୍ଷରା ତ୍ରିଷ୍ଟୁବ୍‌ଜଗତୀ ଦ୍ୱାଦଶାକ୍ଷରା ।।୪୫।।

ତ୍ରୟୋଦଶାତିଜଗତୀ ଶକ୍ୱରୀ ତୁ ଚତୁର୍ଦ୍ଦଶ ।
ଦଶପଞ୍ଚାତିଶକ୍ୱରୀ ହ୍ୟଷ୍ଟିଃ ସ୍ୟାଦ୍ ଷୋଡ଼ଶାକ୍ଷରା ।।୪୬।।

ତଥା ସପ୍ତଦଶାତ୍ୟଷ୍ଟିଃ ଧୃତିରାରଷ୍ଟାଦଶାକ୍ଷରା ।
ଏକୋନବିଂଶାତିଧୃତିଃ କୃତିର୍ବିଂଶତିରେବ ଚ ।।୪୭।।

ପ୍ରକୃତିଶ୍ଚୈକବିଂଶତ୍ୟା ଦ୍ୱାବିଂଶତ୍ୟାକୃତିସ୍ତଥା ।
ବିକୃତିଃ ସ୍ୟାତ୍‌ତ୍ରୟୋବିଂଶା ଚତୁର୍ବିଂଶାପି ସଂକୃତିଃ ।।୪୮।।

ଅକ୍ଷର ଗଣନା ଅନୁସାରେ ହେଉଥିବା ଛନ୍ଦମାନଙ୍କର ଭେଦରେ ଗୋଟାଏ ଅକ୍ଷର ବିଶିଷ୍ଟ୍ୟ ପାଦକୁ 'ଉକ୍ତା', ଦୁଇ ଅକ୍ଷର ବିଶିଷ୍ଟ ପାଦକୁ 'ଅତ୍ୟୁକ୍ତା' ତିନୋଟି ଅକ୍ଷରରେ 'ମଧ୍ୟା', ଚ୍ୱରୋଟିରେ 'ପ୍ରତିଷ୍ଠା' ପାଞ୍ଚରେ 'ସୁପ୍ରତିଷ୍ଠା', ଛରେ 'ଗାୟତ୍ରୀ', ସାତ ଅକ୍ଷରରେ 'ଉଷ୍ଣିକ୍' ଆଠରେ 'ଅନୁଷ୍ଟୁପ୍', ନ'ରେ 'ବୃହତୀ', ଦଶରେ 'ପଙ୍କ୍ତି' ଏଗାର ଅକ୍ଷରରେ 'ତ୍ରିଷ୍ଟୁପ୍' ବାରରେ 'ଜଗତୀ', ତେରରେ 'ଅତି ଜଗତୀ', ଚଉଦ ଅକ୍ଷରରେ 'ଶକ୍ୱରୀ' ପନ୍ଦରରେ 'ଅତି ଶକ୍ୱରୀ', ଷୋହଳରେ 'ଅଷ୍ଟି', ସତରରେ 'ଅତ୍ୟଷ୍ଟି', ଅଠରରେ 'ଧୃତି', ଉଣେଇଶି ଅକ୍ଷର ବିଶିଷ୍ଟ ପାଦକୁ 'ଅତିଧୃତି', କୋଡ଼ିଏ ଅକ୍ଷରକୁ 'କୃତି' ଏକୋଇଶ ଅକ୍ଷରକୁ 'ପ୍ରକୃତି' ବାଇଶ ଅକ୍ଷରକୁ 'ଆକୃତି' ତେଇଶ ଅକ୍ଷରକୁ 'ବିକୃତି', ଚବିଶ ଅକ୍ଷରକୁ 'ସଂସ୍କୃତି', ପଚିଶ ଅକ୍ଷରରେ 'ଅତିକୃତି' ତଥା ଛବିଶ ଅକ୍ଷର ବିଶିଷ୍ଟ ପାଦରେ 'ଉତ୍କୃତି' ବୃତ୍ତ ହୋଇଥାଏ ।

ପଞ୍ଚବିଂଶତ୍ୟତିକୃତିଃ ଷଡ୍‌ବିଂଶତ୍ୟକ୍ଷରୋତ୍ କୃତିଃ ।
ଅତୋଽଧିକାକ୍ଷରଂ ଛନ୍ଦୋ ମାଲାବୃତ୍ତମିତି ସ୍ମୃତମ୍ ।।୪୯।।

ଛନ୍ଦସାନ୍ତୁ ତଥାହ୍ୟେତେ ଭେଦାଃ ପ୍ରସ୍ତାରଯୋଗତଃ ।
ଅସଂଖ୍ୟେୟପ୍ରମାଣାନି ବୃତ୍ତାନ୍ୟାହୁରତୋ ବୁଧାଃ ।।୫୦।।

ଗାୟତ୍ର୍ୟାପ୍ରଭୃତିଦ୍ୱେଷାଂ ପ୍ରମାଣଂ ସଂପ୍ରବକ୍ଷ୍ୟତେ
ପ୍ରୟୋଗଜାନି ସର୍ବାଣି ପ୍ରାୟଶୋ ନ ଭବନ୍ତି ହି ।।୫୧।।

ଏହାଠାରୁ ଅଧିକ ଅକ୍ଷର ବିଶିଷ୍ଟ ପାଦରେ ଛନ୍ଦ 'ମାଲାବୃତ୍ତ' ବୋଲାଇଥାଏ । ଛନ୍ଦର ଯୋଗଦ୍ୱାରା ଅନେକ ଭେଦ ହୋଇଥାଏ, ଯାହା ବୁଧଜନେ କହନ୍ତି । ମାତ୍ର ସେମାନଙ୍କର ସଂଖ୍ୟା ଗଣନାତୀତ । ଗାୟତ୍ରୀ ତଥା ଅନ୍ୟ କେତୋଟି ଛନ୍ଦମାନଙ୍କର ପ୍ରସ୍ତାରଗତ (ଯୋଗ)

ସଂଖ୍ୟା ବା ପ୍ରମାଣ ସଂବନ୍ଧରେ ଏଠାରେ କହୁଛି, କାରଣ ଛନ୍ଦର ଏହି ସମସ୍ତ ଭେଦର ଉପଯୋଗ ହୁଏ ନାହିଁ ।

ବୃତ୍ତାନି ଚ ଚତୁଃଷଷ୍ଟି ଗାୟତ୍ର୍ୟାଂ କୀର୍ତ୍ତିତାନି ତୁ ।
ଶତଂ ବିଂଶତିରଷ୍ଟୌ ଚ ବୃତ୍ତାନ୍ୟୁଷ୍ଣି ହ୍ୟଥୋଚ୍ୟତେ ।।୫୨।।

ଷଟ୍‌ପଞ୍ଚାଶଚ୍ଛତେ ଦ୍ୱେ ଚ ବୃତ୍ତାନାମପ୍ୟନୁଷ୍ଟୁଭି ।
ଶତାନି ପଞ୍ଚ ବୃତ୍ତାନାଂ ବୃହତ୍ୟାଂ ଦ୍ୱାଦଶୈବ ତୁ ।।୫୩।।

ପଂକ୍ତ୍ୟାଂ ସହସ୍ରଂ ବୃତ୍ତାନାଂ ଚତୁର୍ବିଂଶତିରେବ ତୁ ।
ତ୍ରିଷ୍ଟୁଭେ ଦ୍ୱେ ସହସ୍ରେ ଚ ଚତ୍ୱାରିଂଶତ୍ତଥାଷ୍ଟ ଚ ।।୫୪।।

ସହସ୍ରାଣ୍ୟଥ ଚତ୍ୱାରି ନବତିଶ୍ଚ ଷଡୁତ୍ତରା ।
ଜଗତ୍ୟାଂ ସମବର୍ଣ୍ଣାନାଂ ବୃତ୍ତାନାମିହ ସର୍ବଶଃ ।।୫୫।।

ଶତମଷ୍ଟୌ ସହସ୍ରାଣି ଦ୍ୟଧିକା ନବତିଃ ପୁନଃ ।
ଜଗତ୍ୟାମତିପୂର୍ବାୟାଂ ବୃତ୍ତନାଂ ସର୍ବଶୋ ଭବେତ୍ ।।୫୬।।

ଶତାନି ତ୍ରୀଣ୍ୟଶୀତିଶ୍ଚ ସହସ୍ରାଣ୍ୟପି ଷୋଡ଼ଶ ।
ବୃତ୍ତାନି ଚୈବ ଚତ୍ୱାରି ଶକ୍ୱର୍ଯାଃ ପରିସଂଖ୍ୟାୟା ।।୫୭।।

ଦ୍ୱାତ୍ରିଂଶତ୍ତୁ ସହସ୍ରାଣି ସପ୍ତ ଚୈବ ଶତାନି ଚ ।
ଅଷ୍ଟୌ ଷଷ୍ଟିଶ୍ଚ ବୃତ୍ତାନି ହ୍ୟାଶ୍ରୟନ୍ତ୍ୟତିଶକ୍ୱରୀମ୍ ।।୫୮।।

ପଞ୍ଚଷଷ୍ଟି ସହସ୍ରାଣି ସହସ୍ରାର୍ଦ୍ଧଂ ତୁ ସଂଖ୍ୟୟା ।
ଷଡ୍‌ବିଂଶଚ୍ଚୈବ ବୃତ୍ତାନି ତଥାଷ୍ଟ୍ୟାଂ ଗଦିତାନି ତୁ ।।୫୯।।

ଏକତ୍ରିଂଶତ୍ସହସ୍ରାଣି ବୃତ୍ତାନାଞ୍ଚ ଦ୍ୱିସପ୍ତତିଃ ।
ତଥା ଶତସହସ୍ରଞ୍ଚ ଛନ୍ଦସ୍ୟତ୍ୟଷ୍ଟିସଂଜ୍ଞିତେ ।୬୦।।

ଧୃତ୍ୟାମପି ହି ପିଣ୍ଡେନ ବୃତ୍ତାନ୍ୟାକଳ୍ପିତାନି ତୁ ।
ଚତ୍ୱାରିଂଶଃ ଶତସହସ୍ରେ ଦ୍ୱେ ଶତମେକଂ ତଥୈବ ଚ ।।୬୧।।

ଦ୍ୱିଷଷ୍ଟିଶ୍ଚ ସହସ୍ରାଣି ଚତ୍ୱାରିଂଶଚ୍ଚ ଯୋଗତଃ ।
ଚତ୍ୱାରି ଚୈବ ବୃତ୍ତାନି ସମସଂଖ୍ୟାଶ୍ରୟାଣି ତୁ ।।୬୨।।

ଅତିଧୃତ୍ୟାଂ ସହସ୍ରାଣି ଚତୁର୍ବିଂଶତିରେବ ଚ ।
ତଥା ଶତସହସ୍ରାଣି ପଞ୍ଚବୃତ୍ତଶତଦ୍ୱୟମ୍ ।।୬୩।।

ଅଷ୍ଟାଶୀତିଶ୍ଚ ବୃତ୍ତାନି ବୃତ୍ତଜ୍ଞୈଃ କଥିତାନି ତୁ ।
କୃତୌ ଶତସହସ୍ରାଣି ଦଶ ପ୍ରୋକ୍ତାନି ସଂଖ୍ୟୟା ।।୬୪।।

ଚତ୍ୱାରିଂଶତ୍ତଥାଷ୍ଟୌ ଚ ସହସ୍ରାଣି ଶତାନି ଚ ।
ପଞ୍ଚଷଟ୍‌ସପ୍ତତିଶ୍ଚୈବ ବୃତ୍ତାନାଂ ପରିମାଣତଃ ।।୬୫।।

ତଥା ଶତସହସ୍ରାଣାଂ ପ୍ରକୃତୌ ବିଂଶତିର୍ଭବେତ୍ ।
ସପ୍ତ ବୈ ଗଦିତାନ୍ୟତ୍ର ନବତିଶ୍ଚୈବ ସଂଖ୍ୟଯା ।।୬୬।।

ସହସ୍ରାଣି ଶତଞ୍ଚୈକଂ ଦ୍ୱିପଞ୍ଚାଶତ୍ତଥୈବ ଚ ।
ବୃତ୍ତାନି ପରିମାଣେନ ବୃତ୍ତଜ୍ଞୈ ର୍ଗଦିତାନି ତୁ ।।୬୭।।

ଚତ୍ୱାରିଂଶତ୍ତଥୈକଞ୍ଚ ସହସ୍ରାଣାଂ ଶତାନି ତୁ ।
ତଥା ଚେହ ସହସ୍ରାଣି ନବତିଶ୍ଚତୁରୁତ୍ତରା ।।୬୮।।

ଶତତ୍ରୟଂ ସମାଖ୍ୟାତଂ ହ୍ୟାକୃତ୍ୟାଞ୍ଚତୁରୁତ୍ତରମ୍ ।
ଜ୍ଞେୟା ଶତସହସ୍ରାଣାମଶୀତିସ୍ତ୍ୱଧିକା ବୁଧୈଃ ।।୬୯।।

ଅଷ୍ଟାଶୀତିସହସ୍ରାଣି ବୃତ୍ତାନାଂ ଷଟ୍‌ଶତାନି ଚ ।
ଅଷ୍ଟୌ ଚୈବ ତୁ ବୃତ୍ତାନି ବିକୃତ୍ୟାଂ ଗଦିତାନି ତୁ ।।୭୦।।

ତଥା ଶତସହସ୍ରାଣି ସପ୍ତଷଷ୍ଟିଶ୍ଚ ସପ୍ତତିଃ ।
ସପ୍ତ ଚୈବ ସହସ୍ରାଣି ଷୋଡ଼ଶ ଦ୍ୱେ ଶତେ ତଥା ।।୭୧।।

କୋଟିଶ୍ଚୈବେହ ବୃତ୍ତାନି ସଙ୍କୃତୌ କଥିତାନି ବୈ ।
ତଥା ଶତସହସ୍ରାଣି ପଞ୍ଚତ୍ରିଂଶଚ୍ଚ ସଂଖ୍ୟଯା ।।୭୨।।

ତିସ୍ରଃ କୋଟ୍ୟଃ ସହସ୍ରାଣି ଚତୁଷ୍ପଞ୍ଚାଶଦେବ ଚ ।
ଶତାନି ଚତ୍ୱାରି ତଥା ଦ୍ୱାତ୍ରିଂଶଦ୍ ପ୍ରବିଭାଗତଃ ।।୭୩।।

ବୃତ୍ତାନ୍ୟଭିକୃତୌ ଚୈବ ଛନ୍ଦୋଜ୍ଞୈଃ କଥିତାନି ବୈ
ଷଟ୍‌କୋଟ୍ୟସ୍ତୁ ସହସ୍ରାଣାଂ ଶତାନି ହ୍ୟେକସପ୍ତତିଃ ।।୭୪।।

ଅଷ୍ଟୌ ଚୈବ ସହସ୍ରାଣି ଶତାନ୍ୟଷ୍ଟୌ ତଥୈବ ଚ
ଚତୁଷ୍ଷଷ୍ଟିସ୍ତୁ ବୃତ୍ତାନି ହ୍ୟୁତ୍‌କୃତାବପି ସଂଖ୍ୟଯା ।।୭୫।।

ଉକ୍ତ୍ୟାଦ୍ୟୁତ୍‌କୃତିଜାତାନି ବୃତ୍ତସଂଖ୍ୟାବିଚକ୍ଷଣୈଃ
ଏତେନ ଚ ବିକଳ୍ପେନ ବୃତ୍ତାନ୍ୟେତାନି ନିର୍ଦ୍ଦିଶେତ୍ ।।୭୬।।

ସର୍ବେଷାଂ ଛନ୍ଦସାମେବଂ ବୃତ୍ତାନି କଥିତାନି ବୈ
ତିସ୍ରଃକୋଟ୍ୟୋ ଦଶ ତଥା ସହସ୍ରାଣାଂ ଶତାନି ତୁ ।।୭୭।।

ଚତ୍ୱାରିଂଶତ୍ତଥା ଦ୍ୱେ ଚ ସହସ୍ରାଣି ଦଶୈବ ତୁ
ସପ୍ତଭିଃ ସହିତାନ୍ୟେବ ସପ୍ତଚୈବ ଶତାନି ଚ ।।୭୮।।

ଏହି ଭେଦ ମାନଙ୍କରେ ଗାୟତ୍ରୀ ଛନ୍ଦରେ ବୃତ୍ତର ପ୍ରମାଣ (ସଂଖ୍ୟା) ୬୪, ଉଷ୍ଣିକ ଛନ୍ଦର ବୃତ୍ତ ସଂଖ୍ୟା ୧୨୮, ଅନୁଷ୍ଟୁପ୍‌ର ୨୫୬, ବୃହତୀର ୫୧୨, ପଙ୍କ୍ତିର ୧୦୨୪, ତ୍ରିଷ୍ଟୁପ୍‌ର ୨୦୪୮, ଜଗତୀର ୪୦୯୬, ଅତିଜଗତୀର ୮୧୯୨, ଶକ୍ବରୀର ୧୬୩୮୪, ଅତିଶକ୍ବରୀର ୩୨୭୬୮, ଅଷ୍ଟିର ୬୫୫୩୬, ଅତ୍ୟଷ୍ଟିର ୧୩୧୦୭୨, ଧୃତିର ୨୬୨୧୪୪, ଅତିଧୃତିର ୫୨୪୨୮୮, କୃତିର ୧୦୪୮୫୭୬, ପ୍ରକୃତିର ୨୦୯୭୧୫୨, ଆକୃତିର ୪୧୯୪୩୦୪, ବିକୃତିର ୮୩୮୮୬୦୮, ସଂକୃତିର ୧୬୭୭୭୨୧୬, ଅତିକୃତି (ଅଭିକୃତି)ର ୩୩୫୫୪୪୩୨ ତଥା ଉତ୍‌କୃତିର ସଂଖ୍ୟା ୬୭୧୦୮୮୬୪ ।ଏପରି କ୍ରମଶଃ ଉତ୍‌କୃତି ଆଦି ଛନ୍ଦର ପ୍ରସ୍ତାରଗତ ସଂଖ୍ୟା କୁହାଗଲା, ଏ ସମସ୍ତଙ୍କର ଏପରି ଭାବରେ ଯୋଜନା ହେବା ଉଚିତ । ଏହି ସମସ୍ତ ଛନ୍ଦର ସଂପୂର୍ଣ୍ଣ ପ୍ରମାଣ-ସଂଖ୍ୟାର ଯୋଗ ୧୩୪୨୧୭୭୨୬ ହେବ ।

ଛନ୍ଦ ବିଭେଦକ ଅନ୍ୟ ପଦ୍ଧତି :—

ଷଡ୍‌ବିଂଶତିରିହାନ୍ୟାନି ବ୍ୟାଖ୍ୟାତାନି ସମାସତଃ ।
ସମାନି ଗଣନାଯୁକ୍ତିମାଶ୍ରିତ୍ୟ କଥିତାନି ବୈ ।।୭୯।।

ସର୍ବେଷାଂ ଛନ୍ଦସାମେବଂ ତ୍ରିକୈର୍ବୃତ୍ତଂ ପ୍ରଯୋଜୟେତ୍
ଏକଂ ବା ବିଂଶତିଂ ବାପି ସହସ୍ରଂ କୋଟିରେବ ବା ।।୮୦।।

ଜ୍ଞେୟା ହ୍ୟଷ୍ଟୌ ତ୍ରିକାସ୍ତତ୍ର ସଂଜ୍ଞାଭିଃ ଯାନମକ୍ଷରମ୍
ତ୍ରୀଣ୍ୟକ୍ଷରାଣି ବିଜ୍ଞେୟସ୍ତ୍ରିକୋଽଂଶଃ ପରିକଳ୍ପିତଃ ।।୮୧।।

ବର୍ତ୍ତମାନ ମୁଁ ଗଣନା ପ୍ରମାଣ ଅନୁସାରେ ୨୬ ଅକ୍ଷର ପର୍ଯ୍ୟନ୍ତ ଛନ୍ଦମାନଙ୍କର ଭେଦ ବିଷୟରେ କହିଲି ।ଏହି ଛନ୍ଦ ବା ବୃତ୍ତମାନଙ୍କର ଗଠନ ତ୍ରିକ (ଗଣ) ମାନଙ୍କଦ୍ୱାରା ହୋଇଥାଏ । ସେହି ବର୍ଣ୍ଣବୃତ୍ତ ଗୋଟାଏ, କୋଡ଼ିଏ, ସହସ୍ର ଅଥବା କୋଟି ବିଭେଦର ଧାରଣ କରିଥାଆନ୍ତି ନା କାହିଁକି ସାଧାରଣତଃ ଏହି ବୃତ୍ତ କିମ୍ବା ବୃତ୍ତମାନଙ୍କର ସ୍ୱରୂପଗଠନରେ ଏଠାରେ 'ଗଣ'ର ନିୟମ ବିଧାନ ରହିଥାଏ ତଥା ଏହାଦ୍ୱାରା ସବୁ କାର୍ଯ୍ୟ ହୁଏ ।

ଏହି 'ଗଣ' ଆଠ ଯାହା ତିନୋଟି ଲେଖାଏଁ ଅକ୍ଷରରେ ନିର୍ମିତ ଏମାନଙ୍କର ଆପଣା ଆପଣା ସ୍ୱରୂପ ଅନୁସାରେ ଭିନ୍ନ ଭିନ୍ନ ନାମ । ଗୁରୁ ତଥା ଲଘୁ ବର୍ଣ୍ଣର ତିନୋଟି ଅକ୍ଷର 'ଗଣ' ହୋଇଥାଏ ଏବଂ ପ୍ରତ୍ୟେକ ଛନ୍ଦର ଆକାର ଗଠନ ହୋଇଥାଏ । ଏହାକୁ 'ତ୍ରିକ' ମଧ୍ୟ କୁହାଯାଏ ।

ଗୁରୁଲଘ୍ୱକ୍ଷରକୃତଃ ସର୍ବବୃତ୍ତେଷୁ ନିତ୍ୟଶଃ ।
ଗୁରୁପୂର୍ବୋ ଭକାରଃ ସ୍ୟାନ୍ମକାରସ୍ତୁ ଗୁରୁତ୍ରୟମ୍ ।।୮୨।।

ଜକାରୋ ଗୁରୁମଧ୍ୟସ୍ତୁ ସକାରୋଽନ୍ତଗୁରୁସ୍ତଥା
ଲଘୁମଧ୍ୟସ୍ତୁ ରେଫଃ ସ୍ୟାତ୍ତକାରୋଽନ୍ତଲଘୁସ୍ତଥା ।।୮୩।।

ଏହି ତ୍ରିକରେ ଆଦି ବର୍ଣ୍ଣ ଗୁରୁହେଲେ ଭଗଣ (SII) (ଗୁରୁବର୍ଣ୍ଣର ସାଂକେତିକ ଚିହ୍ନ S ଏବଂ ଲଘୁବର୍ଣ୍ଣର I) ତିନୋଟି ଯାକ ବର୍ଣ୍ଣ ଗୁରୁ ହେଲେ ମଗଣ (SSS), ଗୁରୁ ମଧ୍ୟରେ ଥିଲେ ଜଗଣ (ISI) ଶେଷରେ ଗୁରୁଥିଲେ ସଗର (IIS) ମଧ୍ୟରେ ଲଘୁଥିଲେ ରଗଣ (SIS) ଶେଷରେ ଲଘୁଥିଲେ ତଗଣ (SSI) ଆରମ୍ଭରେ ଲଘୁଥିଲେ ଯଗଣ (ISS) ତିନିହେଁ ଲଘୁ ହେଲେ ନଗଣ (III) ବୋଲାଇଥାନ୍ତି ।

ଲଘୁପୂର୍ବୋ ଯକାରସ୍ତୁ ନକାରସ୍ତୁ ଲଘୁତ୍ରୟମ ।
ଏତେ ହ୍ୟଷ୍ଟୌତ୍ରିକା ନାମ୍ନା ବିଜ୍ଞେୟା ବ୍ରହ୍ମସମ୍ଭବାଃ ।।୮୪।।

ଲାଘବାର୍ଥଂପୁନରମୀ ଛନ୍ଦୋମାନମବେକ୍ଷ୍ୟ ଚ ।
ଏଭ୍ୟୋ ବିନିର୍ଗତାଶ୍ଚାନ୍ୟା ଜାତୟୋଽଥ ସମାଦୟଃ ।।୮୫।।

ଅସ୍ୱରାଃ ସସ୍ୱରାଶ୍ଚାପି ପ୍ରୋଚ୍ୟନ୍ତେ ବୃତ୍ତଲକ୍ଷଣୈଃ ।
ଗୁର୍ବେକଂ ଗଇତିଜ୍ଞେୟଂ ତଥା ଲଘୁ ଲିତିସ୍ମୃତମ୍ ।।୮୬।।

ଏହି ଆଠୋଟି ତ୍ରିକ ବା ଗଣ ବ୍ରହ୍ମାଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି ।ଏହିଗଣ ଛନ୍ଦଶାସ୍ତ୍ର ଅନୁସାରେ ଲାଘବ ତଥା ଛନ୍ଦର ପ୍ରମାଣ ସୂଚିତ କରିବା ନିମନ୍ତେ ନିର୍ମିତ ହୋଇଛନ୍ତି । ଏମାନଙ୍କଠାରୁ ସାମାଦି ବୃତ୍ତ-ସମ, ଅର୍ଦ୍ଧସମ, ବିଷମ ଏବଂ ଜାତି (ଆର୍ଯ୍ୟାଦି ମାତ୍ରା ଗଣନାର ଲକ୍ଷଣ)ର ଉତ୍ପତ୍ତି ହୋଇଛି ।ଏହା ଛନ୍ଦର ଲକ୍ଷଣବେତ୍ତାମାନଙ୍କ ଦ୍ୱାରା ସସ୍ୱର ତଥା ଅସ୍ୱର ରୂପରେ ମଧ୍ୟ ପ୍ରଯୁକ୍ତ ହୋଇଥାନ୍ତି ।ଏଠାରେ ଏକ ଦୀର୍ଘବର୍ଣ୍ଣକୁ 'ଗ' ତଥା ଏକ ଲଘୁବର୍ଣ୍ଣକୁ 'ଲ'ର ସଂକେତଦ୍ୱାରା ମଧ୍ୟ ବୁଝାଯାଏ ।

ନିୟତଃ ପଦବିଚ୍ଛେଦୋଯତିରିତ୍ୟଭିସଂଜ୍ଞିତା ।
ଗୁରୁଦୀର୍ଘ ପ୍ଲୁତଶ୍ଚୈବ ସଂଯୋଗପରମେବ ଚ ।।୮୭।।

ସାନୁସ୍ୱାରବିସର୍ଗଞ୍ଚ ତଥାନ୍ତ୍ୟଞ୍ଚ ଲଘୁ କ୍ୱଚିତ୍
ଗାୟତ୍ୟାଂ ତ୍ରୌତ୍ରିକୌ ଜ୍ଞେୟୌ ଉଷ୍ଣିକ୍ ଚୈବାଧିକାକ୍ଷରା ।
ଅନୁଷ୍ଟବ୍ ଦ୍ୱ୍ୟଧିକାଚୈବ ବୃହତ୍ୟାଂଚ ତ୍ରିକାସ୍ତ୍ରୟଃ ।।୮୮।।

(ଏକାକ୍ଷରାଧିକା ପଙ୍କ୍ତି ସ୍ତ୍ରିଷ୍ଟୁପଚ ଦ୍ୱ୍ୟଧିକାକ୍ଷରା ।
ଚତୁସ୍ତ୍ରିକା ତୁ ଜଗତୀ ସୈକା ର୍ତିଜଗତୀ ପୁନଃ ।।

ଶକ୍ବରୀ ଦ୍ୱ୍ୟଧିକା ପଞ୍ଚତ୍ରିକା ଜ୍ଞେୟାତିଶକ୍ବରୀ ।
ଏକାଧିକାକ୍ଷରାଷ୍ଟିଶ୍ଚ ଦ୍ୱ୍ୟଧିକାତ୍ୟଷ୍ଟିରୁଚ୍ୟତେ ।

ଷଟ୍ତ୍ରିକା ତୁଧୃତିଃ ପ୍ରୋକ୍ତା ସୈକା ତ୍ୱତିଧୃତିସ୍ତଥା ।
କୃତିଶ୍ଚ ଦ୍ୱ୍ୟଧିକା ପ୍ରୋକ୍ତା ପ୍ରକୃତ୍ୟାଂ ସପ୍ତବୈ ତ୍ରିକାଃ ।।

ଆକୃତିସ୍ତ୍ୱଧିକୈକେନ ଦ୍ୱ୍ୟଧିକା ବିକୃତି ସ୍ତଥା ।
ଅଷ୍ଟତ୍ରିକା ସଂକୃତୌ ସ୍ୟାତ୍ ସୈକା ତ୍ୱଭିକୃତିଃପୁନଃ ।
ଉତ୍କୃତିର୍ଦ୍ୱ୍ୟଧିକାଚୈବ ବିଜ୍ଞେୟା ଗଣ ମାନତଃ ।।

ଗୁର୍ବେଙ୍କ ଗଇତି ପ୍ରୋକ୍ତଂ ଗୁରୁଣୀ ଗାର୍ବିତି ସ୍ମୃତୌ ।
ଲଘ୍ୱେଙ୍କ ଲଇତି ଜ୍ଞେୟଂ ଲଘୁନୀ ଲାବିତି ସ୍ମୃତୌ ।।)

ସମ୍ପଦ୍ବିରାମପାଦଶ୍ଚ ଦେବତାସ୍ଥାନମକ୍ଷରମ୍ ।
ବର୍ଣ୍ଣଃ ସ୍ୱରା ବିଧିର୍ବୃତ୍ତମିତି ଛନ୍ଦୋଗତୋ ବିଧିଃ ।।୮୯।।

ଛନ୍ଦରେ ଦୁଇଟି ଶବ୍ଦ ଅଥବା ପଦର ନିଶ୍ଚିତ ସ୍ଥାନରେ ପୃଥକ୍ ପୃଥକ୍ ଅର୍ଥାତ୍ ବିଛିନ୍ନ ହୋଇ ରହିବାକୁ 'ଯତି' ବା ବିରାମ କୁହାଯାଏ । ଦୀର୍ଘ, ପ୍ଲୁତ ଅନୁସ୍ୱାର ତଥା ବିସର୍ଗ ଯୁକ୍ତ ହୋଇଥିଲେ ତଥା ସଂଯୁକ୍ତାକ୍ଷର ପୂର୍ବର ବର୍ଣ୍ଣ ଗୁରୁ ହୋଇଥାଏ ତଥା କେତେବେଳେ ପାଦାନ୍ତରେ ବର୍ଣ୍ଣ ଗୁରୁ ହୋଇଥାଏ ତ କେତେବେଳେ ଲଘୁ ହୁଏ ।

(୪୩ ନଂ ଶ୍ଳୋକରୁ ୪୮ ନଂବର ପର୍ଯ୍ୟନ୍ତ ଛନ୍ଦମାନଙ୍କର ଅକ୍ଷର ସଂଖ୍ୟା କୁହାଯାଇଥିଲେ ମଧ୍ୟ ସେମାନଙ୍କୁ ତ୍ରିକ ଅର୍ଥାତ୍ ତିନି ତିନି ଗଣରେ ପକାଇ କୁହାଯାଉଅଛି । ଯଥା :- (ତ୍ରିକ = ତିନିଅକ୍ଷର ବିଶିଷ୍ଟ ଗଣ) ଗାୟତ୍ରୀରେ ଦୁଇଟି ତ୍ରିକ । ଉଷ୍ଣିକ୍‌ରେ ତ୍ରିକ ଦୁଇ ଓ ଏକ ଅକ୍ଷର =୭, ଅନୁଷ୍ଟୁପତ୍ରିକ ଦୁଇ ଅଧିକ ଅକ୍ଷର ଦୁଇ = ୮ । ଏହିପରି ୮ଟି ତ୍ରିକରେ ସଂକୃତି ଏକଅଧିକ ଅକ୍ଷରରେ (୨୫) ଅଭିକୃତି ଓ ଦୁଇ ଅଧିକ ଅକ୍ଷରରେ (୨) ଉତ୍କୃତି ହୁଏ । ଗୋଟିଏ ଗୁରୁବର୍ଣ୍ଣକୁ ଗ ଦୁଇଟିକୁ ଗୌ, ଗୋଟିଏ ଲଘୁକୁ ଲ ଓ ଦୁଇଟି ଲଘୁକୁ ଲୌ କୁହାଯାଏ ।)

ଛନ୍ଦୋବିଧାନରେ ସମ୍ପଦ, ବିରାମ, ପାଦ, ଦେବତା, ସ୍ଥାନ, ଅକ୍ଷର, ବର୍ଣ୍ଣ, ସ୍ୱର, ବିଧି ତଥା ବୃତ୍ତ ଅଛି ।

ସମ୍ପଦ :—

ନୈବାତିରିକ୍ତଂ ହୀନଂ ବା ଯତ୍ର ସମ୍ପଦ୍ୟତେଽକ୍ଷରମ୍ ।
ବିଧାନେ ଛନ୍ଦସାମେଷା ସମ୍ପଦିତ୍ୟଭିସଂଜ୍ଞିତା ।।୯୦।।

ଯେଉଁ ଛନ୍ଦରେ ବର୍ଣ୍ଣମାନଙ୍କର ସଂଖ୍ୟା ନା ଅଧିକ ନା କମ୍ ଥିବ ସେହି ନିୟମ ଅନୁସାରେ ପୂର୍ଣ୍ଣଛନ୍ଦକୁ 'ସମ୍ପଦ' ବୋଲି ଜାଣିବା ।

ବିରାମ ଓ ପାଦ :—

ଯତ୍ରାର୍ଥସ୍ୟ ସମାପ୍ତିଃ ସ୍ୟାତ୍ ସ ବିରାମ ଇତି ସ୍ମୃତଃ ।
ପାଦଶ୍ଚ ପଦ୍ୟତେର୍ଧାତୋଶ୍ଚତୁର୍ଭାଗଃ ପ୍ରକୀର୍ତ୍ତିତଃ ।।୯୧।।

ଛନ୍ଦରେ ଉଦ୍ଦିଷ୍ଟ ଅର୍ଥର ସମାପ୍ତି 'ବିରାମ' ବୋଲାଏ ।

'ପାଦ' ଶବ୍ଦ ପଦ ଧାତୁରୁ ନିଷ୍ପନ୍ନ ହୋଇଛି । ଛନ୍ଦର ଏକ ଚତୁର୍ଥ ଭାଗକୁ 'ପାଦ' କୁହାଯାଏ ।

ଛନ୍ଦର ଅଧିଦେବତା :—

ଅଗ୍ନ୍ୟାଦି ଦୈବତଂ ପ୍ରୋକ୍ତଂ-ସ୍ଥାନଂ ଦ୍ୱିବିଧମୁଚ୍ୟତେ ।
ଶରୀରାଶ୍ରୟସଂଭୂତଂ ଦିଗାଶ୍ରୟମଥାପି ବା ।।୯୨।।

ଅଗ୍ନି ଆଦି ଏହି ଛନ୍ଦମାନଙ୍କର ଅଧିକାରୀ ଦେବତା ଅଟନ୍ତି ।

ସ୍ଥାନ :—

ହ୍ରସ୍ୱଂଦୀର୍ଘଂ ପ୍ଲୁତଶ୍ଚୈବ ତ୍ରିବିଧଂ ଗ୍ୱକ୍ଷରଂ ସ୍ମୃତମ୍ ।
ଶ୍ୱେତାଦୟସ୍ତଥା ବର୍ଣ୍ଣା ବିଜ୍ଞେୟାଃ ଛନ୍ଦସାମିହ ।।୯୩।।

ଶରୀର ତଥା ଦିଶାଶ୍ରିତ ହୋଇ 'ସ୍ଥାନ' ଦୁଇ ପ୍ରକାର ହୋଇଥାଏ ।

ଯଥା :—

ଅକ୍ଷର – ହ୍ରସ୍ୱ, ଦୀର୍ଘ ଏବଂ ପ୍ଲୁତ ଏଭଳି ଅକ୍ଷର ତିନି ପ୍ରକାର ।
ବର୍ଣ୍ଣ – ଛନ୍ଦମାନଙ୍କର ଶ୍ୱେତ ଆଦି ବର୍ଣ୍ଣ ବୋଲି ଜାଣିବାକୁ ହେବ ।

ସ୍ୱର :—

ତାରଶ୍ଚୈବ ହି ମନ୍ଦଶ୍ଚ ମଧ୍ୟମଶ୍ଚ ତ୍ରିଧା ସ୍ୱରଃ ।
ଧ୍ରୁବାବିଧାନେ ଚୈବାସ୍ୟ ସମ୍ପ୍ରବକ୍ଷାମି ଲକ୍ଷଣମ୍ ।।୯୪।।

ତାର, ମନ୍ଦ୍ର ଏବଂ ମଧ୍ୟ – ସ୍ୱରର ଏହି ତିନୋଟି ଭେଦ । ସ୍ୱରମାନଙ୍କର ବିଶେଷ ବର୍ଣ୍ଣନା 'ଧ୍ରୁବା – ବିଧାନ'ରେ (ନାଟ୍ୟଶାସ୍ତ୍ର ଅ.୩୨) କରାଯିବ ।

ବିଧି :–

ବିଧିର୍ଗଣକୃତଶ୍ଚୈବ ତଥା ଗୃର୍ଥକୃତୋଽପି ଚ ।
ବୃତ୍ତମର୍ଦ୍ଧସମଶ୍ଚୈବ ସମଂ ବିଷମମେବ ଚ ।।୯୫।।

ଗଣ ତଥା ଅର୍ଥର ଅନୁସାରେ କରାଯାଇଥିବା କାର୍ଯ୍ୟ 'ବିଧି' ବା ନିୟମ ବୋଲାଇ ଥାଏ ।

ବୃତ୍ତର ତିନୋଟି ପ୍ରକାର :–

ଛନ୍ଦସୋ ଯସ୍ୟ ପାଦେ ସ୍ୟାଦ୍ଧୀନଂ ବାଧିକମେବ ବା ।
ଅକ୍ଷରଂ ତନ୍ନିବୃତ୍ ପ୍ରୋକ୍ତଂ ଭୁରୁକ୍ ଚେତି ଦ୍ୱିଜାତିଭିଃ ।।୯୬।।

ଅକ୍ଷରାଭ୍ୟାଂ ଯଦା ଦ୍ୱଭ୍ୟାମଧିକଂ ହୀନମେବ ବା
ତଚ୍ଛନ୍ଦୋ ନାମତୋ ଜ୍ଞେୟଂ ସ୍ୱରାଡଥ ବିରାଡ଼ପି ।।୯୭।।

ବାର୍ଣ୍ଣିକ ଛନ୍ଦ ତିନିପ୍ରକାର - ସମ, ଅର୍ଦ୍ଧସମ ତଥା ବିଷମ ।

ଯେଉଁ ଛନ୍ଦର ପାଦରେ ଅକ୍ଷର କମ୍ କିମ୍ବା ବେଶୀ ହୋଇଯାଏ ତାକୁ କ୍ରମଶଃ 'ନିବୃତ୍' 'ଓ ଭୁରୁକ' କୁହାଯାଏ । ସେହିଭଳି ଛନ୍ଦର ପାଦରେ ଦୁଇଟି ଅକ୍ଷର କମ୍ ବା ବେଶି ହେଲେ ତାକୁ 'ସ୍ୱରାଟ' ବା ବିରାଟ କୁହାଯାଏ ।

ସର୍ବେଷାମେବ ବୃତ୍ତାନାଂ ତଜ୍ଜ୍ଞୈର୍ଜ୍ଞେୟା ଗଣାସ୍ତ୍ରିକାଃ ।
ଦିବ୍ୟୋ ଦିବ୍ୟେତରଶ୍ଚୈବ ଦିବ୍ୟମାନୁଷ ଏବ ଚ ।।୯୮।।

ସମସ୍ତ ବର୍ଣ୍ଣ ବୃତ୍ତର ତିନୋଟି ଶ୍ରେଣୀ । ଯଥା :– ଦିବ୍ୟ, ଦିବ୍ୟେତର ତଥା ଦିବ୍ୟମାନୁଷ ।

ଗାୟତ୍ର୍ୟୁଷ୍ଣିଗନୁଷ୍ଟୁପ୍ ଚ ବୃହତୀ, ପଂକ୍ତିରେବ ଚ ।
ତ୍ରିଷ୍ଟୁପ୍ ଚ ଜଗତୀ ଚୈବ ଦିବ୍ୟୋଽୟଂ ପ୍ରଥମୋ ଗଣଃ ।।୯୯।।

ଗାୟତ୍ରୀ, ଉଷ୍ଣିକ୍, ଅନୁଷ୍ଟପ୍, ବୃହତୀ, ପଂକ୍ତି, ତ୍ରିଷ୍ଟୁପ୍, ତଥା ଜଗତୀ ଦିବ୍ୟଶ୍ରେଣୀର ଅନ୍ତର୍ଗତ ।

ତଥାତିଜଗତୀ ଚୈବ ଶକ୍ୱରୀ ହ୍ୟତିଶକ୍ୱରୀ ।
ଅଷ୍ଟିରତ୍ୟଷ୍ଟିରପି ଚ ଧୃତିଶ୍ଚାତିଧୃତିର୍ଗଣଃ ।।୧୦୦।

ଅତି ଜଗତୀ, ଶକ୍ୱରୀ, ଅତଶକ୍ୱରୀ, ଅଷ୍ଟି ଅତ୍ୟଷ୍ଟି, ଧୃତି ତଥା ଅତିଧୃତି ଦ୍ୱିତୀୟ ଶ୍ରେଣୀ (ଦିବ୍ୟେତର) ରେ ସମାବିଷ୍ଟ ହୋଇଥାନ୍ତି ।

କୃତିଶ୍ଚ ପ୍ରକୃତିଶ୍ଚୈବ ହ୍ୟାକୃତିର୍ବିକୃତିସ୍ତଥା ।
ସଂକୃତ୍ୟଭିକୃତାଚୈବ ହ୍ୟୁତ୍‌କୃତିର୍ଦିବ୍ୟମାନୁଷଃ ।।୧୦୧ ।।

କୃତି, ପ୍ରକୃତି, ଆକୃତି, ବିକୃତି, ସଂକୃତି, ଅଭିକୃତି ତଥା ଉତ୍‌କୃତି – ଦିବ୍ୟମାନୁଷ ଶ୍ରେଣୀୟ ।

ଇତି ଛନ୍ଦାସି ଯାନୀହ ମୟୋକ୍ତାନି ଦ୍ୱିଜୋତ୍ତମାଃ ।
ବୃତ୍ତାନ୍ୟେତେଷୁ ନାଟ୍ୟେଽସ୍ମିନ୍ ପ୍ରୟୋଜ୍ୟାନି ନିବୋଧତ ।।୧୦୨ ।।

ଇତି ଭାରତୀୟେ ନାଟ୍ୟ ଶାସ୍ତ୍ରେ ବାଚିକାଭିନୟେ । ଛନ୍ଦୋବିଧାନଂ ନାମ ପଞ୍ଚଦଶୋଽଧ୍ୟାୟଃ ।

ହେ ବ୍ରାହ୍ମଣମାନେ, ମୁଁ ଏଠାରେ ଛନ୍ଦବିଧାନ ବିଷୟରେ କହିଲି । ନାଟକରେ ସେମାନଙ୍କର ବ୍ୟବହାରାର୍ଥ ଲକ୍ଷଣ ସଂବନ୍ଧରେ ପରବର୍ତ୍ତୀ ଅଧ୍ୟାୟରେ କହିବି ।ଆପଣମାନେ ଧ୍ୟାନଦେଇ ଶୁଣନ୍ତୁ ।

ଭରତମୁନି କୃତ ନାଟ୍ୟଶାସ୍ତ୍ରର ବାଚିକାଭିନୟ – 'ଛନ୍ଦୋବିଧାନ' ନାମକ ଚତୁର୍ଦ୍ଦଶ ଅଧ୍ୟାୟ ସଂପୂର୍ଣ୍ଣ ହେଲା ।

◆

ପଞ୍ଚଦଶଃଅଧ୍ୟାୟଃ

(ବୃତ୍ତବିଧାନ)

ଛନ୍ଦାଂସ୍ୟେବଂ ହି ଯାନୀହ ମୟୋକ୍ତାନି ଦ୍ୱିଜୋତ୍ତମାଃ ।
ବୃତ୍ତାନି ତେଷୁ ନାଟ୍ୟେଽସ୍ମିନ୍ ପ୍ରଯୋଜ୍ୟାନି ନିବୋଧତ ।।୧ ।।

ହେ ମୁନିଗଣ, ପୂର୍ବରୁ ଯେଉଁ ଛନ୍ଦମାନଙ୍କ ସଂବନ୍ଧରେ ମୁଁ କହିଛି ବର୍ତ୍ତମାନ ସେମାନଙ୍କର ନାଟ୍ୟ ପ୍ରୟୋଗର ବ୍ୟବହାରର୍ଥ ଲକ୍ଷଣ କହୁଛି, ଶୁଣିବା ହୁଅନ୍ତୁ ।

ଆଦ୍ୟେ ପୁନରନ୍ତ୍ୟେ ଦ୍ୱେ ଦ୍ୱେ ଗୁରୁଣୀ ଚେତ୍ ।
ସା ସ୍ୟାତ୍ତନୁମଧ୍ୟା ଗାୟତ୍ରସମୁତ୍ଥା ।।୨ ।।

ତନୁମଧ୍ୟା :– ଏହା ଗାୟତ୍ରୀ ଛନ୍ଦ ବର୍ଗର । ଏହାର ପ୍ରତ୍ୟେକ ପାଦରେ ପ୍ରଥମ ଦୁଇଟି ବର୍ଣ୍ଣ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ।

ଯଥା :–

ସଂତ୍ୟକ୍ତ ବିଭୂଷା ଭ୍ରଷ୍ଟାଞ୍ଜନନେତ୍ରା ।
ହସ୍ତାର୍ପିତଗଣ୍ଡା କିଂ ତ୍ୱଂ ତନୁମଧ୍ୟା ।।୩ ।।

ହେ କୃଶୋଦରି, ତୁମେ ତମର ଗହଣା କାହିଁକି ଖୋଲି ଦେଇଛ । ତୁମର ଆଖି କଜଳ ବିହୀନ କାହିଁକି ହୋଇଛି ଏବଂ ତୁମେ କାହିଁକି ଗାଲରେ ହାତ ଦେଇଛ ?

ଲଘୁଗଣ ଆଦୌ ଭବତି ଚତୁଷ୍କଃ ।
ଗୁରୁଯୁଗମନ୍ତ୍ୟେ ମକରଶୀର୍ଷା ।।୪ ।।

ମକରଶୀର୍ଷା :– ଯଦି ଆରମ୍ଭ ଚାରୋଟି ବର୍ଣ୍ଣ ଲଘୁ ଏବଂ ଅନ୍ତିମ ଦୁଇଟି ବର୍ଣ୍ଣ ଗୁରୁ ହୋଇଥିବେ (ଗାୟତ୍ରୀ ଛନ୍ଦର ପର୍ଯ୍ୟାୟରେ) ତେବେ ତାହା 'ମକରଶୀର୍ଷା' ହୋଇଥାଏ ।

ଯଥା :–

ସ୍ୱୟମୁପଯାନ୍ତଂ ଭଜସି ନ କାନ୍ତଂ ।
ଭୟକରି କିଂ ତ୍ୱଂ ମକରକଶୀର୍ଷା ।।୫ ।।

ହେ ଭୟକରି, ତୁମେ ଆସୁଥିବା ଆପଣା କାନ୍ତର ଅଭିନନ୍ଦନ ସ୍ୱୟଂ କାହିଁକି କରୁନାହଁ ? କଣ ତୁମର ମସ୍ତିଷ୍କ ମଗର ଭଳି (ଜଡ଼) ଅଟେ ।

ଦ୍ୱିତୀୟଂ ପଞ୍ଚମଂଚୈବ ଲଘୁଯତ୍ର ପ୍ରତିଷ୍ଠିତମ୍ ।
ଶେଷାଣିଚ ଗୁରୂଣିସ୍ୟୁ ର୍ମାଳତୀନାମ ସା ଯଥା ।।୬ ।।

ମାଳତୀଃ— (ଯଦି ଛଅ ଅକ୍ଷର ବିଶିଷ୍ଟ ପାଦରେ ଦ୍ୱିତୀୟ ବର୍ଣ୍ଣଟି ଲଘୁ ଏବଂ ଅବଶିଷ୍ଟ ବର୍ଣ୍ଣ ଗୁରୁ ହୋଇଥାନ୍ତି ତେବେ ସେହି ପ୍ରସିଦ୍ଧ ବୃତ୍ତର ନାମ 'ମାଳତୀ' ହେବ ।

ଶୋଭତେ ବଦ୍ଧୟା ଷଟ୍‌ପଦାବିଦ୍ଧୟା ।
ମାଳତୀମାଳୟା ମାନିନୀ ଲୀଳୟା ।।୭।।

ଏହି ମାନିନୀ ନାୟିକା ମାଳତୀମାଳା ଧାରଣ କରିଥିବା ହେତୁ ଅତ୍ୟନ୍ତ ସୁନ୍ଦର ଦେଖାଯାଉଛି । ତା ଉପରେ ଭ୍ରମର ଉଡ଼ିବୁଲୁଛନ୍ତି ।

ଷଡ଼କ୍ଷରକୃତେ ପାଦେ ଲଘୁ ଯତ୍ର ଦ୍ୱିତୀୟକମ୍ ।
ଶେଷାଣି ତୁ ଗୁରୂଣି ସ୍ୟୁର୍ମାଳିନୀ ସା ମତା ଯଥା ।।୮।।

ମାଳିନୀ :— ଯଦି ଛଅ ଅକ୍ଷର ବିଶିଷ୍ଟ ପାଦରେ ଦ୍ୱିତୀୟ ବର୍ଣ୍ଣ ଲଘୁ ତଥା ଅବଶିଷ୍ଟ ବର୍ଣ୍ଣ ଲଘୁ ହୋଇଥିବେ ତେବେ ତାହା 'ମାଳିନୀ' ବୃତ୍ତ ହୋଇଥାଏ ।

ଯଥା :—

ସ୍ନାନଗନ୍ଧାଧିକ୍ୟୈର୍ବସ୍ତ୍ରଭୂଷାଯୋଗୈଃ ।
ବ୍ୟକ୍ତମେବାସୌ ତ୍ୱଂ ମାଳିନୀ ପ୍ରଖ୍ୟାତା ।।୯।।

ସ୍ନାନକରି, ମାଳା ଧାରଣ କରି, ବସ୍ତ୍ର ଅଳଙ୍କାରାଦି ଧାରଣ କରି ତୁମେ ତ ପ୍ରକୃତରେ ମାଳିନୀ ମନେହେଉଛ ।

ଦ୍ୱିତୀୟଞ୍ଚ ଚତୁର୍ଥଞ୍ଚ ପଞ୍ଚମଞ୍ଚ ଯଦା ଲଘୁ ।
ଯସ୍ୟାଃ ସପ୍ତାକ୍ଷରେ ପାଦେ ଜ୍ଞେୟା ସା ଉଦ୍ଧତା ଯଥା ।।୧୦।।

ଉଦ୍ଧତା :— ସାତ ଅକ୍ଷର ବିଶିଷ୍ଟ ପାଦର ଛନ୍ଦରେ ଦ୍ୱିତୀୟ, ଚତୁର୍ଥ ଓ ପଞ୍ଚମ ବର୍ଣ୍ଣ ଲଘୁ ହେଲେ ତାହାକୁ 'ଉଦ୍ଧତା' ବୃତ୍ତ କୁହାଯାଏ ।

ଯଥା :—

ଦନ୍ତଘାତକୃତାଙ୍କଂ ବ୍ୟାକୁଳାଳକଶୋଭମ୍ ।
ଶଂସତୀବ ତବାସ୍ୟଂ ନିର୍ଦ୍ଦୟଂ ରତଯୁଦ୍ଧମ ।।୧୧।।

ତୁମର ମୁଖ ମଣ୍ଡଳରେ ବିମଣ୍ଡିତ ପ୍ରିୟତମର ଦନ୍ତାଘାତର ଚିହ୍ନ ଏବଂ ବ୍ୟାକୁଳିତ କେଶରାଶି ତୁମର ନିର୍ଦ୍ଦୟରତି ସମରକୁ ସ୍ୱତଃ ପ୍ରକଟିତ କରୁଛି ।

ଆଦୌ ଦ୍ୱେ ନିଧନେ ଚୈବ ଗୁରୂଣୀ ଯତ୍ର ବୈ ସଦା ।
ପାଦେ ସପ୍ତାକ୍ଷରେ ଜ୍ଞେୟା ନାମ୍ନା ଭ୍ରମରମାଳିକା ।।୧୨।।

ଭ୍ରମରମାଳା :— ସାତ ଅକ୍ଷର ଥିବା ପାଦ ବିଶିଷ୍ଟ ଛନ୍ଦରେ ପ୍ରଥମ ଦୁଇଟି ଏବଂ ଅନ୍ତିମ ଦୁଇଟି ବର୍ଣ୍ଣ ଗୁରୁ ହୋଇଥିଲେ ଏବଂ ଅବଶିଷ୍ଟ ଲଘୁ ହେଲେ ତାହା 'ଭ୍ରମରମାଳା' ବୃତ୍ତ ହୁଏ ।

ଯଥା :-

ନାନାକୁସୁମଚିତ୍ରେ ପ୍ରାପ୍ତେ ସୁରଭିମାସେ ।
ଏଷା ଭ୍ରମତି ମତ୍ତା କାନ୍ତେ ଭ୍ରମରମାଳା ।।୧୩।।

ପ୍ରିୟେ, ଏହି ଚୈତ୍ରମାସରେ ବିଭିନ୍ନ ପୁଷ୍ପର ଉଦ୍‌ଗମ ହେତୁ ସୁରଭିତ ମନେ ହେଉଛି ତେଣୁ ଭ୍ରମରାବଳୀ ମଦମତ୍ତ ହୋଇ ଉଡ଼ି ବୁଲୁଛନ୍ତି ।

ଆଦ୍ୟଂ ତୃତୀୟମନ୍ତ୍ୟଞ୍ଚ ପଞ୍ଚମଂ ସପ୍ତମଂତଥା ।
ଗୁରୂଣ୍ୟଷ୍ଟାକ୍ଷରେ ପାଦେ ସିଂହଲେଖେତି ସା ଯଥା ।।୧୪।।

ସିଂହଲେଖା :— ଯଦି ଆଠ ଅକ୍ଷର ବିଶିଷ୍ଟ ପାଦରେ ପ୍ରଥମ, ତୃତୀୟ, ପଞ୍ଚମ, ସପ୍ତମ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୁଏ ତାହେଲେ ତାହା 'ସିଂହଲେଖା' ବୃତ୍ତ ହୋଇଥାଏ ।

ଯଥା :-

ଯତ୍ତ୍ୱୟା ହ୍ୟନେକଭାବୈଶ୍ଚେଷ୍ଟିତଂ ରହଃ ସୁଗାତ୍ରି ।
ତନ୍ମନୋ ମମ ପ୍ରବିଷ୍ଟଂ ବୃତ୍ତମତ୍ର ସିଂହଲେଖମ୍ ।।୧୫।।

ହେ ଶୋଭନେ, ତୁମେ ଏକାନ୍ତରେ ଯେଉଁ ଅନେକ ଭାବାଶ୍ରିତ ଚେଷ୍ଟା କଲ ତାହା ଆଜି ମୋ ମନକୁ ସିଂହନଖ ସଦୃଶ ରାମ୍ପୁଡ଼ୁଛି ।

ଚତୁର୍ଥଞ୍ଚ ଦ୍ୱିତୀୟଞ୍ଚ ଷଷ୍ଠମଷ୍ଟମମେବ ଚ ।
ଗୁରୂଣ୍ୟଷ୍ଟାକ୍ଷରେ ପାଦେ ଯତ୍ର ତନ୍ମତ୍ତଚେଷ୍ଟିତମ୍ ।।୧୬।।

ମତ୍ତଚେଷ୍ଟିତ :— ଯଦି ଆଠ ଅକ୍ଷର ବିଶିଷ୍ଟ ପାଦରେ ପ୍ରଥମ, ତୃତୀୟ, ପଞ୍ଚମ, ସପ୍ତମ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୁଏ ତାହେଲେ ତାହା 'ମତ୍ତଚେଷ୍ଟିତ' ବୃତ୍ତ ହୋଇଥାଏ ।

ଯଥା-

ଚଲାବଘୂର୍ଣ୍ଣିତେକ୍ଷଣଂ ବିଳମ୍ବିତାକୁଳାଳକମ୍ ।
ଅସଂସ୍ଥିତୈ ପଦୈଃ ପ୍ରିୟା କରୋତି ମତ୍ତଚେଷ୍ଟିତମ୍ ।।୧୭।।

ପ୍ରିୟତମା, ବାରଂବାର ଆପଣାର ନେତ୍ର ଚଂଚଳ ଓ ଆଘୂର୍ଣ୍ଣିତ କରି କେଶ ବିସ୍ତାର ପୂର୍ବକ ଟଳମଳ ପାଦରେ ଗ୍ଭଲି ନିଶାସକ୍ତ ଭଳି ଅଭିନୟ କରୁଛି ।

ଅଷ୍ଟାକ୍ଷରକୃତେ ପାଦେ ସର୍ବାଣ୍ୟେବ ଭବନ୍ତି ହି ।
ଗୁରୂଣି ଯସ୍ମିନ୍ ସା ନାମ୍ନା ବିଦ୍ୟୁନ୍ମାଳେତି ସଂଜ୍ଞିତା ।।୧୮।।

ବିଦ୍ୟୁଲ୍ଲେଖା :— ଯଦି ଆଠ ଅକ୍ଷର ବିଶିଷ୍ଟ ପାଦରେ ସମସ୍ତ ବର୍ଣ୍ଣ ଗୁରୁ ହୋଇଥିବେ ତାହେଲେ ତାହା 'ବିଦ୍ୟୁଲ୍ଲେଖା' ବୃତ୍ତ ହେବ ।

ଯଥା :—

ସାମ୍ଭୋଭାରୈରାନଦଦ୍ଭିଃ ଶ୍ୟାମାମ୍ଭୋଦୈର୍ବ୍ୟାପ୍ତେ ବ୍ୟୋମ୍ନି ।
ଆଦିତ୍ୟାଂଶୁସ୍ପର୍ଦ୍ଧିନ୍ୟେଷା ଦିକ୍ଷୁ ଭ୍ରାନ୍ତା ବିଦ୍ୟୁନ୍ମାଳା ।।୧୯।।

ଆକାଶ ଗରଜୁଥିବା କଳା ମେଘରେ ଭରି ରହିଛି ଏବଂ ସୂର୍ଯ୍ୟକିରଣ ସହିତ ସ୍ପର୍ଦ୍ଧା କରିବାକୁ ବିଜୁଳୀ ମଧ୍ୟ ଅନେକ ଦିଗରୁ ଧାଇଁ ଆସୁଛି ।

ପଞ୍ଚମଂ ସପ୍ତମଞ୍ଚାନ୍ତ୍ୟଂ ଗୁରୁ ପାଦେଽଷ୍ଟକେ ତଥା ।
ଛନ୍ଦୋଜ୍ଞୈର୍ଜ୍ଞେୟମେତତ୍ତୁ ବୃତ୍ତଂ ଚିତ୍ର ବିଳାସିତମ୍ ।।୨୦।।

ଚିତ୍ରବିଳାସିତ :— ଯଦି ଆଠ ଅକ୍ଷର ବିଶିଷ୍ଟ ପାଦରେ ପଞ୍ଚମ, ସପ୍ତମ ଏବଂ ଅଷ୍ଟମ ବର୍ଣ୍ଣ ଗୁରୁ ହୁଏ ତାହେଲେ ତାହା 'ଚିତ୍ରବିଳାସିତ' ବୃତ୍ତ ହେବ ।

ଯଥା :—

ସ୍ମିତବଶବିପ୍ରକାଶୈର୍ଦଶନପଦୈରମୀଭିଃ ।
ବରତନୁ ପୂର୍ଣ୍ଣଚନ୍ଦ୍ରଂ ତବ ମୁଖମାବୃଣୋତି ।।୨୧।।

ହେ ବରତନୁ, ସ୍ମିତହାସ୍ୟ କାଳରେ ପ୍ରକାଶିତ ହେଉଥିବା ଦନ୍ତପଂକ୍ତିର ଆଭା ହେତୁ ତୁମର ମୁଖ ପୂର୍ଣ୍ଣଚନ୍ଦ୍ରକୁ ଆବୃତ କରୁଛି ।

ନବାକ୍ଷରକୃତେ ପାଦେ ତ୍ରାଣିସ୍ୟୁର୍ନୈଧନାନି ଚ ।
ଗୁରୂଣି ଯସ୍ୟାଃ ସା ନାମ୍ନା ଜ୍ଞେୟା ମଧୁକରୀ ଯଥା ।।୨୨।।

ମଧୁକରୀ :— ଯଦି ନଅ ଅକ୍ଷରର ପାଦରେ ଅନ୍ତିମ ତିନୋଟି ବର୍ଣ୍ଣ ଗୁରୁ ହେବ ତେବେ ତାହା 'ମଧୁକରୀ' ବୃତ୍ତ ହେବ ।

ଯଥା :—

କୁସୁମିତମଭିପଶ୍ୟନ୍ତୀ ବିବିଧତରୁଗଣୈଶ୍ଛନ୍ନମ୍ ।
ବନମତିଶୟଗନ୍ଧାଢ୍ୟଂ ଭ୍ରମତି ମଧୁକରୀ ହୃଷ୍ଟା ।।୨୩।।

ଭ୍ରମରୀ ବିଭିନ୍ନ ବୃକ୍ଷର ପରିପୂର୍ଣ୍ଣ ତଥା ଅନେକ ପୁଷ୍ପର ସୁଗନ୍ଧରେ ବ୍ୟାପ୍ତ ଏହି ବନକୁ ଦେଖି ଆନନ୍ଦରେ ନାଚୁଛି ।

ଦଶାକ୍ଷରକୃତେ ପାଦେ ତ୍ରାଣ୍ୟାଦୌ ତ୍ରାଣି ନୈଧନେ ।
ଯସ୍ୟା ଗୁରୂଣି ସା ଜ୍ଞେୟା ପଙ୍କ୍ତିଂରୂପୃଳମାଳିକା ।।୨୪।।

ଉତ୍ପଳମାଳା :– ଯଦି ଦଶ ଅକ୍ଷର ପାଦରେ ପ୍ରଥମ ତଥା ଅନ୍ତିମ ତିନି ବର୍ଣ୍ଣ ଗୁରୁ ହୋଇଥିବେ ତେବେ ତାହା 'ଉତ୍ପଳମାଳା' ବୃତ୍ତ ହେବ । (ପାଠାନ୍ତର 'କୁମଳୟମାଳିକା') ।

ଯଥା :–

ଅସ୍ମିଂସ୍ତେ ଶିରସି ତଦା କାନ୍ତେ ବୈଦୂର୍ଯ୍ୟସ୍ଫଟିକସୁବର୍ଣ୍ଣାଢ୍ୟେ ।
ଶୋଭା ସ୍ୱାଂ ନ ବହତି ତାଂ ବଦ୍ଧା ସୁଶ୍ଳିଷ୍ଟା କୁବଳୟମାଳେୟମ୍ ।।୨୫।।

ପ୍ରିୟେ, ଏହି କୁବଳୟମାଳା ଯେତେବେଳେ ତମର କେଶରେ ବୈଦୂର୍ଯ୍ୟ, ସ୍ଫଟିକ ତଥା ସ୍ୱର୍ଣ୍ଣାଳଂକାର ସହିତ ଖଂଜି ହୋଇରହିଥିଲେ, ସେତେବେଳେ ତା'ର ସ୍ୱାଭାବିକ ଶୋଭା ଆଚ୍ଛାଦିତ ହୋଇଯାଇଥିଲା ।

ଦ୍ୱିତୀୟଞ୍ଚ ଚତୁର୍ଥଞ୍ଚ ଷଷ୍ଠମଷ୍ଟମମେବ ଚ ।
ହ୍ରସ୍ୱଂ ଦଶାକ୍ଷରେ ପାଦେ ଯତ୍ର ସା ଶିଖିସାରିଣୀ ।।୨୬।।

ମୟୂର (ଶିଖି) ସାରଣୀ :– ଯଦି ଦଶ ଅକ୍ଷରର ପାଦରେ ଦ୍ୱିତୀୟ, ଚତୁର୍ଥ, ଷଷ୍ଠ ଏବଂ ଅଷ୍ଟମ ବର୍ଣ୍ଣ ଲଘୁ ହୋଇଥିବ ତେବେ ତାହା 'ମୟୂରସାରଣୀ' ବୃତ୍ତ ହେବ ।

ଯଥା :–

ନୈବ ତେଽସ୍ତି ସଙ୍ଗମୋ ମନୁଷ୍ୟୈର୍ନାପି କାମଭୋଗଚିହ୍ନମନ୍ୟତ୍ ।
ଗର୍ଭିଣୀବ ଦୃଶ୍ୟସେଽନାର୍ଯ୍ୟେ କିଂ ମୟୂରସାରଣୀ ତ୍ୱମେବମ୍ ।।୨୭।।

ଅନାର୍ଯେ, ତୋର ମନୁଷ୍ୟ ସହିତ ମିଳାମିଶା ନାହିଁ ବା ତୁ କୌଣସି କାମ ଉପଭୋଗର ଚିହ୍ନ ଧାରଣ କରିଛୁ ତଥାପି ତୁ ଗର୍ଭିଣୀ ଭଳି ଦେଖାଯାଉଛୁ ଏବଂ ମୟୂର ଭଳି ଆଚରଣ କରୁଛୁ ।

ଆଦ୍ୟଂ ଚତୁର୍ଥମନ୍ତ୍ୟଞ୍ଚ ସପ୍ତମଂ ଦଶମଂ ତଥା ।
ଗୁରୂଣି ତ୍ରୈଷ୍ଟୁଭେ ପାଦେ ଯତ୍ର ସ୍ୟାଦ୍ଦୋଧକନ୍ତୁ ତତ୍ ।।୨୮।।

ଦୋଧକ :– ଯଦି ଏଗାର ଅକ୍ଷର ବିଶିଷ୍ଟ ପାଦରେ ପ୍ରଥମ, ଚତୁର୍ଥ, ସପ୍ତମ, ଦଶମ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥିବ ତାହେଲେ ତାହା 'ଦୋଧକ' ବୃତ୍ତ ହେବ ।

ଯଥା :–

ପ୍ରସ୍ଖଳିତାଗ୍ରପଦପ୍ରବିଘ୍ରଂ ମତ୍ତବିଘୂର୍ଣ୍ଣିତଗାତ୍ରବିଳାସମ୍ ।
ପଶ୍ୟ ବିଳାସିନି ! କୁଞ୍ଜରମେତଂ ଦୋଧକବୃତ୍ତମୟଂ ପ୍ରକରୋତି ।।୨୯।।

ଆରେ ବିଳାସିନୀ, ଟିକିଏ ଏ ହାତୀକୁ ତ ଦେଖ, ଯେ ତାର ଆଗ ଗୋଡ଼ମାନଙ୍କୁ ଟଳମଳ କରି ରଖି ତଥା ଶରୀରର କ୍ରିୟାକୁ ମଦ୍ୟପ ଭଳି କରି ଛୋଟ ବାଛୁରୀ ଭଳି ହେଉଅଛି ।

ଆଦୌ ଦ୍ୱୌ ପଞ୍ଚମଞ୍ଚୈବାପ୍ୟଷ୍ଟମଂ ନୈଧନଂ ତଥା ।
ଗୁରୂଣ୍ୟେକାଦଶେ ପାଦେ ଯତ୍ର ତନ୍ମୋଟକଂ ଯଥା ।।୩୦।।

ମୋଟକ :— ଯଦି ଏଗାର ଅକ୍ଷରର ପାଦରେ ପ୍ରଥମ ଦୁଇଟି, ପଞ୍ଚମ, ଅଷ୍ଟମ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥିବେ ତେବେ ତାହା 'ମୋଟକ' ବୃତ୍ତ ହେବ ।

ଯଥା :—

ଏଷୋଽମ୍ବୁଦନିସ୍ୱନତୁଲ୍ୟରବଃ କ୍ଷୀବଃ ସ୍ଖଳମାନବିଳମ୍ୱଗତିଃ ।
ଶ୍ରୁତ୍ୱାଘନଗର୍ଜିତ ମଦ୍ରିତଟେ ବୃକ୍ଷାନ୍ ପ୍ରତିମୋଟୟତି ଦ୍ୱିରଦଃ ।।୩୧।।

ପର୍ବତ ପ୍ରଦେଶରେ ମେଘର ଗର୍ଜନ ଶୁଣି ଏହି ହାତୀ ସେହିଭଳି ଫୂର୍ତ୍ତିରେ ଢଳିଢଳି ମନ୍ଥର ଗତିରେ ଚାଲିଛି ଏବଂ ବୃକ୍ଷମାନଙ୍କୁ ମୋଡ଼ି ଦେଉଛି ।

ନବମଂ ସପ୍ତମଂ ଷଷ୍ଠଂ ତୃତୀୟଞ୍ଚ ଭବେଲ୍ଲଘୁ ।
ଏକାଦଶାକ୍ଷରେ ପାଦେ ଇନ୍ଦ୍ରବଜ୍ରେତି ସା ଯଥା ।।୩୨।।

ଇନ୍ଦ୍ରବଜ୍ରା :— ଯଦି ଏଗାର ଅକ୍ଷର ବିଶିଷ୍ଟ ପାଦରେ ତୃତୀୟ, ଷଷ୍ଠ, ସପ୍ତମ, ତଥା ନବମ ଅକ୍ଷର ଲଘୁ ହେବ । ତେବେ ତାହା 'ଇନ୍ଦ୍ରବଜ୍ରା' ବୃତ୍ତ ହେବ ।

ଯଥା :—

ତ୍ୱଂ ଦୁର୍ନିରୀକ୍ଷ୍ୟା ଦୁରତିପ୍ରସାଦା ଦୁଃଖୈକସାଧ୍ୟା କଠିନୈକଭାବା ।
ସର୍ବାସ୍ୱବସ୍ଥାସୁ ଚ କାମତନ୍ତ୍ରେ ଯୋଗ୍ୟାସି କିଂ ବା ବହୁନେନ୍ଦ୍ରବଜ୍ରା ।।୩୩।।

ତୁ ଦେଖିବାକୁ କୁତ୍ସିତ, ବହୁ ଚେଷ୍ଟାରେ ପ୍ରସନ୍ନ ହେଉଥିବା, କଷ୍ଟରେ ଅନୁକୂଳତାକୁ ଗ୍ରହଣ କରୁଥିବା, କଠୋର ଭାବରେ ବ୍ୟାପ୍ତ ତଥା ଅନୁରାଗର ସମସ୍ତ ଅବସ୍ଥା ଓ ଭାବନାର ଅଙ୍ଗ; ଅଳ୍ପକରେ ମାତ୍ର ଏହାହିଁ କୁହାଯାଇପାରିବ ଯେ ତୁ ସମସ୍ତ କାମତନ୍ତ୍ରର କଥାରେ ଅଯୋଗ୍ୟ ଏବଂ ଇନ୍ଦ୍ରଙ୍କର ବଜ୍ରଭଳି କଠୋର ଅଟୁ ।

ଏଭିରେବ ତୁ ସଂଯୁକ୍ତା ଲଘୁଭିସ୍ତୈଷ୍ଟୁଭୀ ଯଦା ।
ଉପେନ୍ଦ୍ରବଜ୍ରା ବିଜ୍ଞେୟା ଲଘ୍ୱାଦାବିହ କେବଲମ୍ ।।୩୪ ।।

ଉପେନ୍ଦ୍ରବଜ୍ରା :– ଏଗାରଟି ଅକ୍ଷରିଆ (ତ୍ରିଷ୍ଟୁପ ଜାତିର) ପାଦରେ ଯଦି ପ୍ରଥମ, ତୃତୀୟ, ଷଷ୍ଠ, ସପ୍ତମ ତଥା ନବମ ଅକ୍ଷର ଲଘୁ ହୋଇଥାଏ ତେବେ ତାହା 'ଉପେନ୍ଦ୍ରବଜ୍ରା' ।

ଯଥା :–

ପ୍ରିୟେ ଶ୍ରିୟା ବର୍ଣ୍ଣବିଶେଷଣେନ ସ୍ମିତେନ କାନ୍ତ୍ୟା ସୁକୁମାରଭାବାତ୍ ।
ଅମୀ ଗୁଣା ରୂପଗୁଣାନୁରୂପା ଭବନ୍ତି ତେ କିଂ ତ୍ୱମୁପେନ୍ଦ୍ରବଜ୍ରା ।।୩୫ ।।

ପ୍ରିୟେ, ତୁମେ ତୁମର ଶାରୀରିକ ଶୋଭା, ବେଶର ବିଶିଷ୍ଟ ରଙ୍ଗ ସ୍ମିତ, କାନ୍ତି ତଥା ଶରୀରର ସୁକୁମାରତା ଯୁକ୍ତ ହୋଇଛି । ତୁମର ଏହି ଗୁଣ, ତୁମର ସ୍ୱରୂପ (ରୂପ) ତଥା ଗୁଣର ଅନୁରୂପ ଅଟେ । ତୁମେ ଇନ୍ଦ୍ରଙ୍କର ଅନ୍ୟତମ ଧନୁ ତ ନୁହଁ ?

ଆଦ୍ୟଂ ତୃତୀୟମନ୍ତ୍ୟଞ୍ଚ ସପ୍ତମଂ ନବମଂ ତଥା ।
ଗୁରୂଣ୍ୟେକାଦଶେ ପାଦେ ଯତ୍ର ସା ତୁ ରଥୋଦ୍ଧତା ।।୩୬ ।।

ରଥୋଦ୍ଧତା :– ଯଦି ଏଗାର ଅକ୍ଷରିଆ ପାଦରେ ପ୍ରଥମ, ତୃତୀୟ, ନବମ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'ରଥୋଦ୍ଧତା' ବୃତ୍ତ ।

ଯଥା :–

କିଂ ତ୍ୱୟା ସୁଭଟ ଦୂରବର୍ଜିତଂ ନାତ୍ମନୋନ ସୁହୃଦାଂ ପ୍ରିୟଂ କୃତମ୍ ।
ଯତ୍ ପଳାୟନପରାୟଣସ୍ୟ ତେ ଯାତି ଧୂଳିରଧୁନା ରଥୋଦ୍ଧତା ।।୩୭ ।।

ହେ ବୀର, ତୁମେ ପୂର୍ଣ୍ଣରୂପରେ ଯୁଦ୍ଧ ଭୂମିକୁ ଛାଡ଼ି ଦେଇଛ, ଏହିପରି ଭାବରେ ନା ତୁମେ ଆପଣାର ନା ମିତ୍ରମାନଙ୍କର ହିତ ସାଧନ କରିଛ । କାରଣ ଯୁଦ୍ଧ ଭୂମିରୁ ପଳାୟନ କରୁଥିବା ତୁମର ମାର୍ଗରେ ରଥରୁ ଉଡୁଥିବା ଧୂଳି ଏପର୍ଯ୍ୟନ୍ତ ଉଡୁଛି ।

ଆଦ୍ୟଂ ତୃତୀୟମନ୍ତ୍ୟଞ୍ଚ ସପ୍ତମଂ ଦଶମଂ ଗୁରୁ ।
ଯସ୍ୟାସ୍ତୁ ତ୍ରୈଷ୍ଟୁଭେ ପାଦେ ବିଜ୍ଞେୟା ସ୍ୱାଗତା ହି ସା ।।୩୮ ।।

ସ୍ୱାଗତା :– ଯଦି ଏଗାର ଅକ୍ଷରିଆ ପାଦରେ ପ୍ରଥମ, ତୃତୀୟ, ସପ୍ତମ ତଥା ଦଶମ ଅକ୍ଷର ଗୁରୁ ହୋଇଥାଏ ତେବେ ତାହା 'ସ୍ୱାଗତା' ବୃତ୍ତ ହେବ ।

ଯଥା :-

ଅଦ୍ୟ ମେ ସଫଳମାୟତନେତ୍ରେ ଜୀବିତଂ ମଦନସଂଶ୍ରୟଭାବମ୍ ।
ଆଗତାସି ଭବନଂ ମମ ଯସ୍ମାତ୍ ସ୍ୱାଗତଂ ତବ ବରୋରୁ ନିଷୀଦ ।।୩୯ ।।

ହେ ବିଶାଳାକ୍ଷି, ଆଜି ମୋର ଜୀବନ ଏବଂ ପ୍ରେମ ସଫଳ । କାରଣ ଆପଣ ମୋର ଗୃହକୁ ଆସିଛନ୍ତି, ହେ ସୁନ୍ଦରି, (ବରୋରୁ) ଆପଣଙ୍କୁ ସ୍ୱାଗତ, ଆପଣ ବିରାଜିତ ହୁଅନ୍ତୁ ।

ଷଷ୍ଠ ନବମଶ୍ଚୈବ ଲଘୁନା ତ୍ରୈଷ୍ଟୁଭେ ଯଦି ।
ଗୁରୂଣ୍ୟନ୍ୟାନି ପାଦେ ତୁ ସା ଜ୍ଞେୟା ଶାଳିନୀ ଯଥା ।।୪୦।।

ଶାଳିନୀ :— ଯଦି ଏଗାର ଅକ୍ଷରିଆ ପାଦରେ ଷଷ୍ଠ ଏବଂ ନବମ ଅକ୍ଷର ଲଘୁ ଏବଂ ଆଉ ସବୁ ଗୁରୁ ହୋଇଥାନ୍ତି ତେବେ ତାହା 'ଶାଳିନୀ' ବୃତ୍ତ ହୋଇଥାଏ।

ଯଥା :-

ଦୁଃଶୀଳଂ ବା ନିର୍ଗୁଣଂ ବାପରଂ ବା ଲୋକେ ଧୈର୍ଯ୍ୟାଦପ୍ରିୟଂ ନ ବ୍ରବୀଷି ।
ତସ୍ମାଜ୍ଜାନ୍ତଂ ସାଧୁହେତୋଃ ସୁବୃତ୍ତଂ ମାଧୁର୍ଯ୍ୟାତ୍ ସ୍ୟାତ୍ ସର୍ବଥା ଶାଳିନୀ ତ୍ୱମ୍ ।।୪୧ ।।

ତୁମେ ଏତେ ଧୈର୍ଯ୍ୟଶାଳିନୀ ଯେ ତୁମେ କେବେ ହେଲେ କୌଣସି ଚରିତ୍ରହୀନ ବ୍ୟକ୍ତିକୁ ସେ ଯେତେ ଗୁଣହୀନ କିମ୍ବା ଶତ୍ରୁମଧ୍ୟ ହୋଇ ଥାଉ ନା କାହିଁକି, କୁଶବ୍ଦ କହି ନାହଁ । ହେ ସ୍ୱାଧ୍ୱୀ, ଏହି କାରଣରୁ ତୁମର ସଭ୍ୟ ବ୍ୟବହାର ଚତୁର୍ଦ୍ଦିଗ ବ୍ୟାପ୍ତ ହୋଇଛି ଏବଂ ତୁମେ ମଧୁରତାରେ ସର୍ବଥା ଶୋଭିତ ଗୃହିଣୀ ହୋଇ ରହିଛ ।

ତୃତୀୟଶ୍ଚୈବ ଷଷ୍ଠ ନବମଂ ଦ୍ୱାଦଶଂ ତଥା ।
ଗୁରୂଣି ଜାଗତେ ପାଦେ ଯତ୍ର ତତ୍ତୋଟକଂ ଭବେତ୍ ।।୪୨ ।।

ତୋଟକ :— ଯଦି ବାର ଅକ୍ଷର ବିଶିଷ୍ଟ ପାଦରେ ତୃତୀୟ, ଷଷ୍ଠ, ନବମ ତଥା ଦ୍ୱାଦଶ ଅକ୍ଷର ଗୁରୁ ହୋଇଥାଏ ତେବେ ତାହା 'ତୋଟକ' ବୃତ୍ତ ହେବ ।

ଯଥା :-

କିମିଦଂ କପଟାଶ୍ରୟଦୁର୍ବିଷହଂ ବହୁଶାଠ୍ୟମଥୋକ୍ତ୍ୱଣରୂକ୍ଷକଥମ୍
ସ୍ୱଜନପ୍ରିୟସଜ୍ଜନଭେଦକରଂ ନନୁ ତୋଟକବୃତ୍ତମିଦଂ କୁରୁଷେ ।।୪୩।।

ତମେ ଏହି ଯେଉଁ ଛଳନା ପରିପୂର୍ଣ୍ଣ ଅସହନୀୟ, ଅତିଶୟ କପଟ, ଉଦ୍‌ବେଗଜନକ ଏବଂ କର୍କଶ ବଚନ ଦ୍ୱାରା ସଦାଗ୍ରହୀ ଆତ୍ମୀୟ ବ୍ୟକ୍ତି ମଧ୍ୟରେ ଭେଦ ଉତ୍ପନ୍ନ କରୁଛ ତାହା ଯଥାର୍ଥରେ କୌଣସି ବେଧକ (କାଟବାବାଲା - ତୋଟକ)ର ଆଚରଣ ।

ଆଦ୍ୟଂ ତୃତୀୟମନ୍ତ୍ୟଞ୍ଚ ପଞ୍ଚମଂ ଷଷ୍ଠମେବ ଚ ।
ଚଥୋପାନ୍ତ୍ୟଂ ଜଗତ୍ୟାଂଚ ଗୁରୁ ଚେତ୍ କୁମୁଦପ୍ରଭା ।।୪୪।।

କୁମୁଦପ୍ରଭା (କୁମୁଦନିଭା) :–

ଯଦି ଦ୍ୱାଦଶ ଅକ୍ଷର ବିଶିଷ୍ଟ ପାଦରେ ପ୍ରଥମ, ତୃତୀୟ, ପଞ୍ଚମ, ଷଷ୍ଠ, ସପ୍ତମ, ନବମ, ଏକାଦଶ ତଥା ଦ୍ୱାଦଶ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'କୁମୁଦପ୍ରଭା' ବୃତ୍ତହେବ ।

ଯଥା :–

କୁମୁଦନିଭା ତ୍ୱଂ କାମବାଣବିଦ୍ଧା କିମସି ନତଭ୍ରୂଃ ଶୀତବାତଦଗ୍ଧା ।
ମୃଦୁନଳିନୀବାପାଣ୍ଡୁବକ୍ତ୍ରଶୋଭା କଥମପି ଜାତା ହ୍ୟଗ୍ରତଃ ସଖୀନାମ୍ ।।୪୫।।

ହେ ନତଭ୍ରୂ ସୁନ୍ଦରି, ତୁମେ କୁମୁଦ ପୁଷ୍ପଭଳି କୋମଳ ହୋଇ ମଧ୍ୟ କାମ ବାଣରେ କେଉଁ ପରି ବିଦ୍ଧ ହୋଇଗଲ ଏବଂ ଆଜି ଆପଣାର ସଖୀମେଳକୁ ଶୀତଦଗ୍ଧ ନଳିନୀ ପରି ମଳିନ ମୁଖ ହୋଇ କିପରି ଆସୁଛ ?

ଦ୍ୱାଦଶାକ୍ଷରକେ ପାଦେ ସପ୍ତମଂ ଦଶମଂ ଲଘୁ ।
ଆଦୌ ପଞ୍ଚାକ୍ଷରଚ୍ଛେଦଶ୍ଚନ୍ଦ୍ରଲେଖା ତୁ ସା ଯଥା ।।୪୬।।

ଚନ୍ଦ୍ରଲେଖା :– ଯଦି ବାର ଅକ୍ଷରଥିବା ପାଦରେ ସପ୍ତମ ତଥା ଦଶମ ବର୍ଣ୍ଣ ଲଘୁ ହୋଇଥାଏ, ଅବଶିଷ୍ଟ ଗୁରୁ ହୋଇ ପଞ୍ଚମ ଅକ୍ଷରରେ ଯତି ପାତ ହେଉଥିବ ତେବେ ତାହା 'ଚନ୍ଦ୍ରଲେଖା' ବୃତ୍ତ ହେବ ।

ଯଥା :–

ବକ୍ତ୍ରଂ ସୌମ୍ୟତେ ପଦ୍ମପତ୍ରାୟତାକ୍ଷଂ କାମସ୍ୟାବାସଂ ସୁଭ୍ରୁବୋଶ୍ଚାତିଶୋଭା ।
କାମସ୍ୟାପାଦଂ କାମମାହର୍ତୁକାମଂ କାନ୍ତେ କାନ୍ତ୍ୟା ତ୍ୱଂ ଚନ୍ଦ୍ରଲେଖେବ ଭାସି ।।୪୭।।

ପ୍ରିୟେ, ତୁମର ସୌମ୍ୟଆନନ, ଯହିଁରେ ପଦ୍ମପାଖୁଡ଼ା ପରି ବିଶାଳ ନେତ୍ର ତଥା ଭ୍ରୂଲତାର ଆଭା କାମର ବିଶ୍ରାମସ୍ଥଳୀ ଅଟେ ଆଜି ତାହା କାମର ମଧ୍ୟ ପ୍ରଣୟ ବୃତ୍ତିକୁ

ହରଣ କରିନେବାକୁ ଉଦ୍ୟତ ହେଉଛି ଏବଂ ସେହି କାରଣରୁ ତୁମେ ତୁମର ଦେହ ଦୀପ୍ତିରେ ଚନ୍ଦ୍ରଲେଖା ଭଳି ଶୋଭିତ ହେଉଛି ।

ତୃତୀୟମନ୍ତ୍ୟଂ ନବମଂ ପଞ୍ଚମଞ୍ଚ ଯଦା ଗୁରୁ
ଦ୍ୱାଦଶାକ୍ଷରକେ ପାଦେ ଯତ୍ର ସା ପ୍ରମିତାକ୍ଷରା ।୪୮ ।।

ପ୍ରମିତାକ୍ଷରା :–

ବାର ଅକ୍ଷରଥିବା ପାଦରେ ଯଦି ତୃତୀୟ, ପଞ୍ଚମ, ନବମ ତଥା ଅନ୍ତିମ ଅକ୍ଷର ଗୁରୁହେବ ତେବେ ତାହା 'ପ୍ରମିତାକ୍ଷରା' ବୃତ୍ତ ହେବ ।

ଯଥା :–

ସ୍ମିତ ଭାଷିଣୀ ହ୍ୟଚପଳା ପରୁଷା ନିଭୃତାପବାଦବିମୁଖୀ ସତତମ୍ ।
ଅପି କସ୍ୟଚିଦ୍ୟୁବତିରଣ୍ଡି ସୁଖା ପ୍ରମିତାକ୍ଷରା ସ ହି ପୁମାନ୍ ଜୟତି ।୪୯ ।।

କାହାର ଯୁବତୀ ଭାର୍ଯ୍ୟା ଯଦି ସ୍ମିତଭାଷିଣୀ ହୋଇଥାଏ, ଅଚଞ୍ଚଳା ତଥା ମୃଦୁ ହୃଦୟା ହୋଇଥାଏ, ଏକାନ୍ତରେ ମଧ୍ୟ କଠୋର କିମ୍ବା ନିନ୍ଦାବ୍ୟଞ୍ଜକ ଶବ୍ଦ ଠାରୁ ଦୂରେଇ ରହିଥାଏ ତେବ ହେ ମିତ୍ର ସେହି ପୁରୁଷ ଭାଗ୍ୟଶାଳୀ ଓ ବିଜୟୀ ।

ଦ୍ୱିତୀୟମନ୍ତ୍ୟଂ ଦଶମଂ ଚତୁର୍ଥେ ପଞ୍ଚମାଷ୍ଟମେ ।
ଗୁରୂଣି ଦ୍ୱାଦଶେ ପାଦେ ବଂଶସ୍ଥା ଜଗତୀ ତୁ ସା ।।୫୦ ।।

ବଂଶସ୍ଥ :–

ଯଦି ଦ୍ୱାଦଶାକ୍ଷର ବିଶିଷ୍ଟ ପାଦରେ ଦ୍ୱିତୀୟ, ଚତୁର୍ଥ, ପଞ୍ଚମ, ଅଷ୍ଟମ, ଦଶମ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'ବଂଶସ୍ଥ' ବୃତ୍ତ ହୁଏ ।

ଯଥା :–

ନ ମେ ପ୍ରିୟା ତ୍ୱଂ ବହୁମାନବର୍ଜିତଂ ପ୍ରିୟଂ ପ୍ରିୟେ ତେ ପରୁଷାତିଭାଷଣୀ ।
ତଥା ଚ ପଶ୍ୟାମ୍ୟହମଦ୍ୟ ବିଗ୍ରହଂ ଧ୍ରୁବଂ ହି ବଂଶସ୍ଥଗତିଂ କରିଷ୍ୟାଚି ।।୫୧ ।।

ତୁମେ ଏବେ ମୋର ଅତି ପ୍ରିୟ ନୁହଁ । ତୁମର କଠୋର ବଚନ ମୋତେ ଅପ୍ରସନ୍ନ କରି ଦେଇଛି । ଆଉ ମଧ୍ୟ ମୁଁ ଦେଖୁଛି ଯେ ତୁମର ସ୍ୱାଭାବିକ କିମ୍ବା ବଂଶାନୁକୂଳ ବୃତ୍ତି ନିଶ୍ଚୟ ଆଜି ଯୁଦ୍ଧ ଲଗାଇ ଦେବ ।

ଚତୁର୍ଥମତ୍ୟଂ ଦଶମଂ ସପ୍ତମଞ୍ଚ ଯଦା ଗୁରୁ
ଭବେନ୍ତି ଜାଗତେ ପାଦେ ତଦା ସ୍ୟାଦ୍ଧରିଣପ୍ଲୁତା ।।୫୨।।

ହରିଣପ୍ଲୁତା :–

ଯଦି ଦ୍ୱାଦଶାକ୍ଷର ବିଶିଷ୍ଟ ପାଦରେ ଚତୁର୍ଥ, ଦଶମ ତଥା ଅନ୍ତିମ ଅକ୍ଷର ଗୁରୁ ହେବେ ତେବେ ତାହା 'ହରିଣପ୍ଲୁତା' ବୃତ୍ତହେବ ।

ଯଥା :–

ପରୁଷବାକ୍ୟକଶାଭିହତା ତ୍ୱୟା ଭୟବିଲୋକନପାର୍ଶ୍ୱନିରୀକ୍ଷଣା ।
ବରତନୁଃ ପ୍ରତତପ୍ଲୁତସର୍ପଣୈ ରନୁକରୋତି ଗତୈର୍ହରିଣପ୍ଲୁତମ୍ ।।୫୩।।

ସେହି ସୁନ୍ଦରି, ପୁରୁଷର କଠୋର ବଚନରୂପା କଶାରେ ଆହତ ହୋଇ ଭୟରେ ଉଭୟ ପାର୍ଶ୍ୱକୁ ଦେଖିବ ତଥା ବାରଂବାର ଡେଇଁଲା ପରି ଗ୍ଲାଲିରେ ଯାଉଥିବା କାରଣରୁ ତୁମେ ହରିଣୀର ଗତିକୁ ଅନୁକରଣ କରୁଅଛ ।

ସପ୍ତମଂ ନବମଂ ଗୃତ୍ୟମୁପାନ୍ତ୍ୟଞ୍ଚ ଯଦା ଗୁରୁ
ଦ୍ୱାଦଶାକ୍ଷାରକେ ପାଦେ କାମଦତ୍ତେତି ସା ଯଥା ।।୫୪।।

କାମଦତ୍ତା :–

ଯଦି ବାର ଅକ୍ଷରଥା ପାଦରେ ସପ୍ତମ, ନବମ, ଏକାଦଶ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'କାମଦତ୍ତା' ବୃତ୍ତ ହୁଏ ।

ଯଥା :–

କରଜପଦବିଭୂଷିତା ଯଥା ତ୍ୱଂ ସୁଦତି ଦଶନବିକ୍ଷତାଧରା ଚ ।
ଗତିରପି ଚରଣାବଲଗ୍ନମନ୍ଦା ତ୍ୱମସି ମୃଗନିଭାକ୍ଷି କାମଦତ୍ତା ।।୫୫।।

ସୁନ୍ଦରି, ତୁମେ ଯେଉଁ ପରି ଭାବରେ ନକ୍ଷ ବିକ୍ଷତରେ ଅଳଂକୃତ ହୋଇଛ ତଥା ତୁମର ଅଧରଦନ୍ତ କ୍ଷତଯୁକ୍ତ ଏବଂ ଗତି ଯେଭଳି ଭାବରେ ମନ୍ଦ ଓ ଟଳମଳ, ତାହା ଦେଖି ମନେ ହେଉଛି ତୁମେ କାମ ନିମନ୍ତେ ହିଁ ପ୍ରଦତ୍ତା ହୋଇଛ ।

ଆଦ୍ୟଂ ଚତୁର୍ଥ ଦଶମଂ ସପ୍ତମଞ୍ଚ ଯଦା ଲ ଘୁ
ପାଦେ ତୁ ଜାଗତେ ଯସ୍ୟା ଅପ୍ରମେୟା ତୁ ସା ଯଥା ।।୫୬।।

ଅପ୍ରମେୟା :–

ଯଦି ବାର ଅକ୍ଷରିଆ ପାଦରେ ପ୍ରଥମ ଚତୁର୍ଥ, ସପ୍ତମ ତଥା ଦଶମ ବର୍ଣ୍ଣ ଲଘୁ ହୋଇଥାଏ, ତେବେ ତାହା 'ଅପ୍ରମେୟା' ବୃତ୍ତହେବ ।

ଯଥା :–

ନ ତେ କାଚିଦନ୍ୟା ସମା ଦୃଶ୍ୟତେ ସ୍ତ୍ରୀ ନୃଲୋକେ ବିଶିଷ୍ଟା ଗୁଣୈରଦ୍ୱିତୀୟୈଃ ।
ତ୍ରିଲୋକ୍ୟାଂ ଗୁଣଗ୍ର୍ୟାନ୍ ସମାହୃତ୍ୟ ସର୍ବାନ୍ ଜଗତ୍ୟପ୍ରମେୟାସି ଦୃଷ୍ଟା ବିଧାତ୍ରା ।।୫୭ ।।

ଏହି ମର୍ତ୍ତ୍ୟ ଲୋକରେ ତୁମଭଳି ଦ୍ୱିତୀୟ ସ୍ତ୍ରୀ ଦେଖାଯାଉନାହିଁ । ଆପଣାର ଅସାମାନ୍ୟ ଗୁଣରେ ତୁମେ ଅପ୍ରତିମ ଅଟ ଅତଏବ ବିଧାତା ତ୍ରିଲୋକର ସବୁ ଶ୍ରେଷ୍ଠ ଗୁଣ ଏକତ୍ରିତ କରି ତମକୁ ସର୍ଜନା କରିଛି ଭଳି ମନେହେଉଛି ।

ଦ୍ୱିତୀୟଂ ପଞ୍ଚମଞ୍ଚୈବ ହ୍ୟଷ୍ଟମୈକାଦଶେ ତଥା
ପାଦେ ଯତ୍ର ଲଘୁନି ସ୍ୟୁଃ ପଦ୍ମିନୀ ନାମ ସା ଯଥା ।।୫୮ ।।

ପଦ୍ମିନୀ :—

ଯଦି ବାର ଅକ୍ଷରଥିବା ପାଦରେ ଦ୍ୱିତୀୟ ପଞ୍ଚମ, ଅଷ୍ଟମ ତଥା ଏକାଦଶ ବର୍ଣ୍ଣ ଲଘୁ ହୋଇଥାଏ ତେବେ ତାହା 'ପଦ୍ମିନୀ' ବୃତ୍ତ ।

ଯଥା :–

ଦେହତୋୟାଶୟା ବକ୍ତ୍ରପଦ୍ମୋଜ୍ଜ୍ୱଳା ନେତ୍ରଭୃଙ୍ଗାକୁଳା ଦନ୍ତହଂସସ୍ମିତା ।
କେଶପାଶଚ୍ଛଦା ଚକ୍ରବାକସ୍ତନା ପଦ୍ମିନୀବ ପ୍ରିୟେ ଭାସି ମେ ସର୍ବଦା ।।୫୯ ।।

ହେ ପ୍ରିୟେ, ତମେ ମୋତେ ସବୁବେଳେ ପଦ୍ମ - ସରୋବରଭଳି ଦିଶି ଥାଅ । କାରଣ ତମର ଶରୀର ଜଳାଶୟ, ତୁମର ମୁଖ କମଳ, ତୁମର ନେତ୍ର ବ୍ୟାକୁଳ ଭ୍ରମର, ତୁମର ସମସ୍ତ ଦନ୍ତପଂକ୍ତି ହଂସ, ତୁମର କେଶ କମଳ ପତ୍ର ତଥା ତୁମର ଉରୋଜ ଚକ୍ରବାକ ।

ଆଦୌ ଷଡ୍‌ଦଶମଞ୍ଚୈବ ପାଦେ ଯତ୍ର ଲଘୁନ୍ୟଥ ।
ଶେଷାଣି ତୁ ଗୁରୁଣି ସ୍ୟୁର୍ଜାଗତେ ପୁଟସଞ୍ଜ୍ଞିତା ।।୬୦।।

ପୁଟବୃତ୍ତ :—

ଯଦି ବାର ଅକ୍ଷର ବିଶିଷ୍ଟ ପାଦରେ ପ୍ରଥମ ଛଅଗୋଟି ତଥା ଦଶମ ଅକ୍ଷର ଲଘୁ ତଥା ଅବଶିଷ୍ଟ ଗୁରୁ ହେବେ ତେବେ ତାହା 'ପୁଟବୃତ୍ତ' ହେବ ।

ଯଥା :–

ଉପବନସଲିଲାନାଂ ବାଳପଦ୍ମୈ – ର୍ଭ୍ରମରପରଭୃତାନାଂ କଣ୍ଠନାଦୈଃ ।
ମଦନମଦବିଲାସୈଃ କାମିନୀନାଂ କଥୟତି ପୁଟବୃତ୍ତଂ ପୁଷ୍ପମାସଃ ।।୬୧ ।।

କମଳ କୋରକର ସରୋବର ରୂପୀ ବନରେ ରହି ଭ୍ରମରମାନଙ୍କର ଗୁଂଜରଣ, କୋକିଳର କୁହୁ ଏବଂ ମଦବତ୍ତ କାମିନୀମାନଙ୍କର ଲୀଳାପୂର୍ଣ୍ଣ ବିଳାସଦ୍ୱାରା ଏହି ଚୈତ୍ର ମାସ ଯୁଗଳ ଭାବ (ପୁଟବୃତ୍ତ)ର କଥା କହୁଛି ।

ଦ୍ୱିତୀୟାନ୍ତ୍ୟେ ଚତୁର୍ଥଞ୍ଚ ନବମୈକାଦଶେ ଗୁରୁ ।
ବିଚ୍ଛେଦୋଽତିଜଗତ୍ୟାନ୍ତୁ ଚତୁର୍ଭିଃ ସା ପ୍ରଭାବତୀ ।।୬୨।।

ପ୍ରଭାବତୀ :–

ଯଦି ବାର ଅକ୍ଷରିଆ ପାଦରେ ଦ୍ୱିତୀୟ ଚତୁର୍ଥ, ନବମ, ଏକାଦଶ ଏବଂ ଅନ୍ତିମ ବର୍ଣ୍ଣ ଗୁରୁ ହୁଏ ତେବେ ତାହା 'ପ୍ରଭାବତୀ' ବୃତ୍ତ ହୁଏ ।

ଯଥା :–

କଥଂ ତ୍ୱିଦଂ କମଳବିଶାଳଲୋଚନେ ଗୃହଂ ଘନୈଃପିହିତ କରେ ଦିବାକରେ ।
ଅଚିନ୍ତୟନ୍ତ୍ୟଭିନବବର୍ଷବିଦ୍ୟୁତ – ସ୍ତ୍ୱମାଗତା ସୁତନୁ ଯଥା ପ୍ରଭାବତୀ ।।୬୩।।

ସୁନ୍ଦରି, ତୁମେ କମଳ ସଦୃଶ ବିଶାଳ ନେତ୍ରୀ । ତୁମେ ଚନ୍ଦ୍ରମାର ମେଘ ଆଢୁଆଳରେ ଲୁଚି ଯିବା ପରେ ଅନ୍ଧକାରାଚ୍ଛନ୍ନ ଏ ରାତିରେ ଆରମ୍ଭ ହେଉଥିବା ଅଭିନବ ବର୍ଷା ଏବଂ ବିଜୁଳୀର ଚିନ୍ତା ନ କରି ପ୍ରଭାବତୀ (ସୂର୍ଯ୍ୟପତ୍ନୀ) ସଦୃଶ ମୋ ଘରକୁ କିପରି ଚାଲି ଆସିଲ ?

ତ୍ରୀଣ୍ୟାଦାବଷ୍ଟମଞ୍ଚୈବ ଦଶମଂ ନୈଧନଦ୍ୱୟମ ।
ଗୁରୂଣ୍ୟତିଜଗତ୍ୟାଂ ତୁ ତ୍ରିଭିଶ୍ଛେଦୈଃ ପ୍ରହର୍ଷିଣୀ ।।୬୪।।

ପ୍ରହର୍ଷିଣୀ :–

ଯଦି ତେର ଅକ୍ଷରଥିବା ପାଦରେ ପ୍ରଥମ ତିନି, ଅଷ୍ଟମ, ଦଶମ, ଦ୍ୱାଦଶ ଓ ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'ପ୍ରହର୍ଷିଣୀ' ହୋଇଥାଏ । ଏହାର ତିନୋଟି ସ୍ଥାନରେ ଯତି ଥାଏ ।

ଯଥା :–

ଭାବସ୍ନିଗ୍ଧୈର୍ମଧୁରକଥୈଃ ସୁଭାଷିତୈସ୍ତ୍ୱଂ ସାଟୋପସ୍ଖଲିତବିଳମ୍ବିତୈର୍ଗତୈଶ୍ଚ ।
ଶୋଭାଢ୍ୟୈର୍ହରସି ମନାଂସି କାମୁକାନାଂ ସୁବ୍ୟକ୍ତଂ ହ୍ୟତି ଜଗତି ପ୍ରହର୍ଷିଣୀ ଚ ।।୬୫।।

ହେ ସୁନ୍ଦରି, ତୁମେ ପ୍ରେମ ଭାବପୂର୍ଣ୍ଣ ତଥା ମଧୁର ଶବ୍ଦର ସୁଭାଷିତ ଦ୍ୱାରା ଏବଂ ମନ୍ଦ ମନ୍ଦ ତରଙ୍ଗାୟିତ ପଦ ସଂଚାଳନରେ କାମୀଜନଙ୍କର ଚିତ୍ତହରଣ କରିଥାଅ । ଏଥିରୁ ସ୍ପଷ୍ଟ ପ୍ରକାଶିତ ହୁଏ ଯେ, ତୁମେ ସଂସାରରେ ପରମ ଆହ୍ଲାଦଦାୟିନୀ (ପ୍ରହର୍ଷିଣୀ) ଅଟ ।

ଷଷ୍ଠଞ୍ଚ ସପ୍ତମଞ୍ଚୈବ ଦଶମୈକାଦଶେ ଲଘୁ ।
ତ୍ରୟୋଦଶାକ୍ଷରେ ପାଦେ ଜ୍ଞେୟଂ ମତ୍ତମୟୂରକମ୍ ।।୬୬।।

ମତ୍ତମୟୂର :—

ଯଦି ତେର ଅକ୍ଷର ବିଶିଷ୍ଟ ପାଦରେ ଷଷ୍ଠ, ସପ୍ତମ, ଦଶମ ତଥା ଏକାଦଶ ଅକ୍ଷର ଲଘୁ ହୋଇଥାଏ ତେବେ ତାହା 'ମତ୍ତମୟୂର' ନାମକ ବୃତ୍ତ ହୁଏ ।

ଯଥା :—

ବିଦ୍ୟୁନ୍ନଦ୍ଧାଃ ସେନ୍ଦ୍ରଧନୂରଞ୍ଜିତଦେହା ବାତୋଦ୍ଧୂତାଃ ଶ୍ୱେତବଲାକାକୃତଶୋଭାଃ ।
ଏତେ ମେଘା ଗର୍ଜିତନାଦୋଜ୍ଜ୍ୱଳଚିହ୍ନାଃ ପ୍ରାବୃଟ୍‌କାଳଂ ମତ୍ତମୟୂରଂ କଥୟନ୍ତି ।।୬୭।।

ଏହି ମେଘଗଣ ବିଜୁଳୀଯୁକ୍ତ, ଇନ୍ଦ୍ରଧନୁ ରଞ୍ଜିତଗାତ୍ର, ବାୟୁ ସଞ୍ଚାଳିତ, ଶୁଭ୍ର ବକପଂକ୍ତି ସୁଶୋଭିତ ଏବଂ ଗର୍ଜନ ଧ୍ୱନି ରୂପକ ଉଜ୍ଜ୍ୱଳ ଚିହ୍ନଯୁକ୍ତ ହୋଇ ମତ୍ତମୟୂମାନଙ୍କୁ ବର୍ଷାକାଳର ସୂଚନା ଦେଉଛନ୍ତି ।

ଆଦୌ ଦ୍ୱୌଚ ଚତୁର୍ଥଂଶ୍ଚାପ୍ୟଷ୍ଟମୈକାଦଶେ ଗୁରୁ ।
ଅନ୍ତ୍ୟୋପାନ୍ତ୍ୟେ ଚ ଶକ୍ୱର୍ଯ୍ୟା ବସନ୍ତ ତିଳକା ଯଥା ।।୬୮।।

ବସନ୍ତ ତିଳକା :—

ଯଦି ଚଉଦ ଅକ୍ଷରଥିବା ପାଦରେ ପ୍ରଥମ ଦୁଇଟି, ଚତୁର୍ଥ, ଅଷ୍ଟମ, ଏକାଦଶ, ତ୍ରୟୋଦଶ ଓ ଅନ୍ତିମ ଅକ୍ଷର ଗୁରୁ ହୋଇଥାଏ, ତେବେ ତାହା 'ବସନ୍ତ ତିଳକା' ବୃତ୍ତ ହୁଏ ।

ଯଥା :—

ଚିତ୍ରୈର୍ବସନ୍ତକୁସୁମୈଃ କୃତକେଶହସ୍ତା ସ୍ରଗ୍‌ଦାମମାଲ୍ୟରଚନାସୁବିଭୂଷିତାଙ୍ଗୀ ।
ନାନାବତଂସକବିଭୂଷିତକର୍ଣ୍ଣପାଶା ସାକ୍ଷାଦ୍‌ବସନ୍ତତିଳକେବ ବିଭାତି ନାରୀ ।୬୯।।

ଏହି ସୁନ୍ଦର ବେଶ ଧାରିଣୀ କାମିନୀ ଯେ ଆପଣାର କେଶ ଜୁଡ଼ାକୁ ବିଭିନ୍ନ ବାସନ୍ତୀ ପୁଷ୍ପରେ, ଆପଣା ଶରୀରକୁ ପୁଷ୍ପମାଳାରେ ସଜେଇଛି । କାନରେ ସରୁପୁଂନାଗ ପୁଷ୍ପ ସଜେଇଛି ସେ ଏପରିଭାବରେ ବସନ୍ତ ଋତୁରେ ଲଲାଟରେ ଲାଗିଥିବା ତିଳକଭଳି ଶୋଭିତ ହେଉଛି ।

ପଞ୍ଚାଦୌ ଶକ୍ୱରୀପାଦେ ଗୁରୂଣି ତ୍ରୀଣି ନୈଧନେ ।
ପଞ୍ଚାକ୍ଷରାଦୌ ଚ ଯତିରସମ୍ବାଧା ତୁ ସା ଯଥା ।।୭୦।।

ଅସମ୍ବାଧା :–

ଯଦି ଚଉଦ ଅକ୍ଷରିଆ ପାଦରେ ଆରମ୍ଭର ପାଞ୍ଚ ଏବଂ ଅନ୍ତିମ ତିନୋଟି ଅକ୍ଷର ଗୁରୁହେବେ ଏବଂ ପଞ୍ଚମ ଅକ୍ଷରରେ 'ଯତି' ହେଉଥାଏ ତାହେଲେ ତାହା 'ଅସମ୍ବାଧା' ନାମକ ବୃତ୍ତ ହୁଏ ।

ଯଥା :–

ମାନୀ ଲୋକଜ୍ଞଃ ଶ୍ରୁତବଲକୁଲଶୀଲାଢ୍ୟୋ ଯସ୍ମିନ୍ ସମ୍ମାନଂ ନ ସଦୃଶମନୁପଶ୍ୟେଦ୍ଧି ।
ଗଚ୍ଛେତଂ ତ୍ୟକ୍ତ୍ୱାତଂ ଦ୍ରୁତଗତିରପରଂ ଦେଶଂ କୀର୍ଣ୍ଣା ନାନାର୍ଥୈରବନିରିୟମସମ୍ବାଧା ।।୭୧।।

ସେହି ଆତ୍ମ ସମ୍ମାନବନ୍ତ ପୁରୁଷ ଯେ ସଂସାରକୁ ଜାଣିଥିବ ଓ ବିଦ୍ୱାନ, ବଳବାନ, କୁଳବାନ ତଥା ଚରିତ୍ରବାନ ହୋଇଥିବ ତାକୁ ଯେଉଁଠାରେ ଉଚିତ ସମ୍ମାନ ପ୍ରାପ୍ତ ହେଉନାହିଁ, ସେଠାରେ ରହିବା ଉଚିତ ନୁହେଁ । ସେ ସେଠାରୁ ତୁରନ୍ତ ଅନ୍ୟ କ୍ଷେତ୍ର ନିମନ୍ତେ ପ୍ରସ୍ଥାନ କରୁ କାରଣ ଅନେକ ଅର୍ଥରେ ପରିପୂର୍ଣ୍ଣ ପୃଥିବୀ ତାକୁ କେଉଁଠି ହେଲେ ବାଧା ଦେବନାହିଁ ।

ଚତ୍ୱାର୍ଯ୍ୟାଦୌ ଗୁରୂଣି ସ୍ୟୁର୍ଦଶମୈକାଦଶେ ତଥା ।
ଅନ୍ତ୍ୟୋପାନ୍ତ୍ୟେ ଚ ଶକ୍ୱର୍ଯ୍ୟାଃ ପାଦେ ତୁ ଶରଭା ଯଥା ।।୭୨।।

ଶରଭା :–

ଯଦି ଚଉଦ ଅକ୍ଷର ଥିବା ପାଦରେ ଆଦି ଚାରିଗୋଟି ଦଶମ, ଏକାଦଶ, ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ବର୍ଣ୍ଣ ଗୁରୁ ହୁଏ ତେବେ ତାହା 'ଶରଭା' ବୃତ୍ତ ।

ଯଥା :–

ଏଷା କାନ୍ତା ବ୍ରଜତି ଲଳିତଂ ବେପମାନା ଗୁଳ୍ମୈଶ୍ଚୁନ୍ନଂ ବନମଭିନବୈଃ ସମ୍ବଦ୍ଧମ୍ ।
ହାହା କଷ୍ଟଂ କିମିଦମିତି ନୋ ବେଦ୍ମି ମୂଢ଼େ ବାନ୍ତଂ କାନ୍ତେ ଶରଭଲଲିତ ତ୍ୱଂ କରୋଷି ।।୭୩।।

ଏ ଲଳନା ଲଳିତ ଗତିରେ ଝୁଲି ଝୁଲି ସେହି ଦିଗକୁ ଯାଉଛି ଯାହା ବିଶାଳ ପର୍ବତ ଓ ଲତା ଗୁଳ୍ମରେ ଆବେଷ୍ଟିତ । ହାୟ ମୁଁ ଏତିକି ମଧ୍ୟ ବୁଝିପାରିଲି ନାହିଁ ଯେ ତୁମେ କ୍ରୋଧ ବଶତଃ ହସ୍ତୀ ଶାବକ ଭଳି ଲୀଳା କରୁଛ ।

ଆଦୌ ଷଟ୍‌ଦଶମଞ୍ଚୈବ ଲଘୁ ଚୈବ ତ୍ରୟୋଦଶମ୍ ।
ଯତ୍ରାତିଶାକ୍ୱରେ ପାଦେ ଜ୍ଞେୟା ନାନ୍ଦୀମୁଖୀ ତୁ ସା ।।୭୪।।

ନାନ୍ଦୀମୁଖୀ :–

ଯଦି ପନ୍ଦର ଅକ୍ଷରର ପାଦରେ ପ୍ରଥମ ଛ, ଦଶମ, ତଥା ତ୍ରୟୋଦଶ ଅକ୍ଷର ଲଘୁ ହେବ ତେବେ ତାହା 'ନାନ୍ଦୀମୁଖୀ' ବୃତ୍ତ ହେବ ।

ଯଥା :–

ନ ଖଲୁ ତବ କଦାଚିଦ୍ କ୍ରୋଧତାମ୍ରାୟତାକ୍ଷଂ ଭ୍ରୁକୁଟିବଲିତରଙ୍ଗଂ ଦୃଷ୍ଟପୂର୍ବଂ ମୟାସ୍ୟମ୍ ।
କିମିହ ବହୁଭିରୁକ୍ତୈର୍ଯା ମମେଚ୍ଛା ହୃଦିସ୍ଥା ତ୍ୱମସି ମଧୁରବାକ୍ୟା ଦେବି ନାନ୍ଦୀମୁଖୀବ ।୭୫।।

ହେ ଦେବୀ, ମୁଁ ତୁମର କ୍ରୋଧରେ ଅରକ୍ତ ନେତ୍ର, ମୁଖ, ବକ୍ର ଭ୍ରୂକୁଟି ଦେଖିନଥିଲି । ମୁଁ ଏବେ ଆଉ କଣ କହିବି । କେବେଳ ଏତିକି ଯେ ତୁମେ ମୋ ପାଇଁ ସେହି ମୋର ହୃଦୟରେ ବିରାଜିତ ହୋଇଥିବା ମଧୁର-ଭାଷିଣୀ ନାନ୍ଦୀମୁଖୀ ଭଳି । (ନନ୍ଦୀ-ନିଶାଣ । ନିଶାଣ ଭଳି ତୁରନ୍ତ ବାଜୁଥିବା - ଅର୍ଥାତ୍ ମଙ୍ଗଳକାରିଣୀ) ।

ଆଦ୍ୟଂ ଚତୁର୍ଥଂ ଷଷ୍ଠଞ୍ଚ ନୈଧନଞ୍ଚ ଯଦା ଗୁରୁ ।
ଷୋଡ଼ଶାକ୍ଷରକେ ପାଦେ ଗଜଂ ବିଳସିତଂ ତୁ ତତ୍ ।୭୬।।

ଗଜବିଳସିତ :–

ଯଦି ଷୋହଳ ଅକ୍ଷରଥିବା ପାଦରେ ପ୍ରଥମ, ଚତୁର୍ଥ, ଷଷ୍ଠ ତଥା ଅନ୍ତିମ ଅକ୍ଷରଗୁରୁ ହୋଇଥିବ ତେବେ ତାହା 'ଗଜବିଳସିତ' ନାମକ ବୃତ୍ତ ହେବ ।

ଯଥା :–

ତୋୟଧରୈଃ ସୁଧୀର ଘନପଟୁପଟହରବୈଃ ସର୍ଜକଦମ୍ବନୀପକୁଟଜକୁସୁମସୁରଭିଃ ।
ଜନ୍ଦଳସେନ୍ଦ୍ରଗୋପକରଚିତମବନିତଳଂ ବୀକ୍ଷ୍ୟ କରୋତ୍ୟସୌ ବୃଷଭଗଜବିଳସିତମ୍ ।୭୭।

ମେଘର ଗମ୍ଭୀର ଧ୍ୱନି, ପଟୁତାରେ ବାଦିତ ମୃଦଙ୍ଗଭଳି ମନେ ହେଉଥିବା, ସର୍ଜ୍ଜ, କଦମ୍ବ, ନୀପ, କୁଟଜ ପୁଷ୍ପ ଗନ୍ଧରେ ସୁଗନ୍ଧିତ ପୃଥ୍ୱୀକୁ କନ୍ଦଳୀ ଓ ଇନ୍ଦ୍ରଗୋପ ଯୁକ୍ତ ହୋଇଥିବା ଦେଖି ଏହି ବ୍ୟକ୍ତି କ୍ରୀଡ଼ା କରୁଥିବା ବୃଷଭ ଓ ହସ୍ତୀ ସଦୃଶ କ୍ରିୟା କରୁଛି ।

ଆଦ୍ୟାତ୍ ପରାଣି ବୈ ପଞ୍ଚ ଦ୍ୱାଦଶଂ ସତ୍ରୟୋଦଶମ୍ ।
ଅନ୍ତ୍ୟୋପାନ୍ତ୍ୟେ ଚ ଦୀର୍ଘାଣି ଲଳିତ ପ୍ରବରଂ ହିତ ତତ୍ ।।୭୮ ।।

ପ୍ରବର ଲଳିତା :–

ଯଦି ଷୋହଳ ଅକ୍ଷରିଆ ପାଦରେ ଆରମ୍ଭର ଦୁଇଠାରୁ ପାଞ୍ଚ ଯାଏଁ, ଦ୍ୱାଦଶ, ତ୍ରୟୋଦଶ, ପଞ୍ଚଦଶ ଓ ଷୋଡଶ ଅକ୍ଷର ଗୁରୁହୋଇଥିବେ ତେବେ ତାହା 'ପ୍ରବରଲଳିତା' ବୃତ୍ତ ହେବ ।

ଯଥା :–

ନଖାଭାଢ଼ଂ ଗାତ୍ରଂ ଦଶନଖଚିତଶୋଷ୍ଠଗଣ୍ଡଂ ଶିରଃ ପୁଷ୍ପୋଦ୍ଭିଶ୍ରଂ ପ୍ରବିଲୁଲିତକେଶାଳକାନ୍ତମ୍ ।
ଗତିଃ ଖିନ୍ନା ଚେୟଂ ବଦନମପି ସଂଭ୍ରାନ୍ତନେତ୍ରଂ ଅହୋ ଶ୍ଳାଘ୍ୟଂ ବୃତ୍ତଂ ପ୍ରବରଲଳିତଂ କାମତନ୍ତ୍ରମ୍ ।।୭୯।।

ଏହି ସୁନ୍ଦରୀର ଶରୀର ନଖ-ବିକ୍ଷତ । ଏହାର ଓଠ ଓ କପାଳରେ ଦନ୍ତ କ୍ଷତ ବିଦ୍ୟମାନ, ମସ୍ତକରେ ପୁଷ୍ପ ସହିତ କେଶ ଇତସ୍ତତଃ ବିଛୁରିତ, କ୍ଳାନ୍ତିହେତୁ ଗତି ମନ୍ଦ, ନେତ୍ର ଭୟାକୁଳ ସଂଭ୍ରମିତ । ଆହା ପ୍ରେମର କିପରି ମହାନ ମହିମା ଯେ ଏହି ପ୍ରଶଂସନୀୟ ରୂପରେ ସେ ତାର ବିଶିଷ୍ଟ ସ୍ଥାନ ରଖିଛି ?

ଆଦ୍ୟାତ୍ ପରାଣି ପଞ୍ଚାଥ ଦ୍ୱାଦଶଂ ସତ୍ରୟୋଦଶମ୍ ।
ଅନ୍ତ୍ୟଂ ସପ୍ତଦଶେ ପାଦେ ଶିଖରିଣ୍ୟାଂ ଗୁରୂଣି ଚ ।।୮୦।।

ଶିଖରିଣୀ :—

ଯଦି ସତର ଅକ୍ଷରିଆ ପାଦରେ ଦ୍ୱିତୀୟ, ତୃତୀୟ, ପଞ୍ଚମ, ଦ୍ୱାଦଶ, ତ୍ରୟୋଦଶ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'ଶିଖରିଣୀ' ବୃତ୍ତ ହେବ ।

ଯଥା :—

ମହାନଦ୍ୟାଭୋଗଂ ପୁଲିନମିବ ତେ ଭାତି ଜଘନଂ
ତଥାସ୍ୟଂ ନେତ୍ରାଭ୍ୟାଂ ଭ୍ରମରସହିତଂ ପଙ୍କଜମିବ ।
ତନୁସ୍ପର୍ଶଚ୍ଛାୟଂ ସୁତନୁ ସୁକୁମାରୋ ନ ପରୁଷଃ
ସ୍ତନାଭ୍ୟାଂ ତୁଙ୍ଗାଭ୍ୟାଂ ଶିଖରିଣି-ନିଭା ଭାସି ବନିତେ ।।୮୧।।

ହେ ସୁନ୍ଦରି ତୁମର ଜଘନ ମହାନଦୀ ପୁଲିନ ସଦୃଶ (ଦୀର୍ଘ ତଥା ଶୁଭ୍ର) । ନେତ୍ର ସହିତ ତୁମର ମୁଖ ଭ୍ରମର ଯୁକ୍ତ କମଳ ସଦୃଶ । ତୁମର ଶରୀରର ସ୍ପର୍ଶ କୋମଳ, କଠୋର ନୁହେଁ । ପ୍ରିୟେ, ତୁମେ ତୁମର ଉନ୍ନତ ଉରୋଜ ହେତୁ ଏକ ପାହାଡ଼ର ଝରଣା ଭଳି (ଶିଖରିଣୀ) ଶୋଭିତ ହେଉଛ ।

ଯତ୍ର ପଞ୍ଚ ଲଘୂନ୍ୟାଦୌ ତ୍ରୟୋଦଶଚତୁର୍ଦଶେ
ଷୋଡ଼ଶୈକାଦଶେ ଚୈବ ତତ୍ ସ୍ୟାଦ୍ ବୃଷଭଚେଷ୍ଟିତମ୍ ।।୮୨।।

ବୃଷଭ ଚେଷ୍ଟିତ :—

ଯଦି ସତର ଅକ୍ଷରିଆ ପାଦରେ ଆଦ୍ୟର ପାଞ୍ଚ, ଏକାଦଶ, ତ୍ରୟୋଦଶ, ଚତୁର୍ଦ୍ଦଶ ତଥା ସପ୍ତଦଶ ଅକ୍ଷର ଲଘୁ ହୋଇଥାଏ । ତାହାହେଲେ ତାହା 'ବୃଷଭଚେଷ୍ଟିତ' ବୃତ୍ତ ହେବ ।

ଯଥା :—

ଜଳଧରରବଂ ଶ୍ରୁତ୍ୱା ଶ୍ରୁତ୍ୱା ମଦୋଚ୍ଛ୍ରୟଦର୍ପିତୋ
ବିଲିଖତି ମହୀଂ ଶୃଙ୍ଗାକ୍ଷେପୈର୍ବୃଷଃ ପ୍ରତିନର୍ଦ୍ଦ୍ୟ ଚ ।
ସ୍ୱଯୁବତିବୃତୋ ଗୋଷ୍ଠାଦ୍ ଗୋଷ୍ଠଂ ପ୍ରଯାତି ଚ ନିର୍ଭୟୋ
ବୃଷଭଲଳିତଂ ଚିତ୍ରଂ ବୃତ୍ତଂ କରୋତି ଚ ଶାଦ୍ୱଲେ ।।୮୩।।

ଏହି ବୃଷଭ ମେଘର ଗର୍ଜନ ଶୁଣି ଏବଂ ଅହଂକାର ପୂର୍ଣ୍ଣହୋଇ ମଦମତ୍ତ ହୋଇ ଯାଇଛି ଏବଂ ଆପଣା ଶିଙ୍ଗରେ ମାଟି ଖୋଳି ଗର୍ଜନର ଉତ୍ତରରେ ଗର୍ଜନ କରୁଛି । ଆପଣାର ଅନୁଗାମିନୀ ସ୍ୱଜାତୀୟା ଗାଈମାନଙ୍କ ସହିତ ଗୋଟିଏ ଗୋଷ୍ଠରୁ ଅନ୍ୟଗୋଷ୍ଠକୁ ନିର୍ଭୟରେ ବିଚରଣ କରୁଛି ତଥା ଶ୍ୟାମଳ ଘାସ ଉପରେ ଆଶ୍ଚର୍ଯ୍ୟ କ୍ରୀଡ଼ା ସବୁ କରୁଛି ।

ଚତ୍ୱାର୍ଯାଦୌଚ ଦଶମଂ ଗୁରୁ ଯତ୍ର ତ୍ରୟୋଦଶମ୍
ଚତୁର୍ଦଶଂ ତଥାନ୍ତ୍ୟେ ଦ୍ୱେ ଚୈକାଦଶମଥାପି ଚ ।।୮୪।।

ଯଦା ସପ୍ତଦଶେ ପାଦେ ଶେଷାଣି ଚ ଲଘୂନ୍ୟଥ ।
ଭବନ୍ତି ଯସ୍ମିନ ସା ଜ୍ଞେୟା ଶ୍ରୀଧରା ନାମତୋ ଯଥା ।।୮୫।।

ଶ୍ରୀଧରା :–

ଯଦି ସତର ଅକ୍ଷରିଆ ପାଦରେ ଚାରି, ଦଶ, ଏଗାର, ତେର, ଚଉଦ ତଥା ଶେଷ ଅକ୍ଷର ଗୁରୁ ହେବ ତେବେ ତାହା 'ଶ୍ରୀଧରା' ନାମକ ବୃତ୍ତ ହେବ ।

ଯଥା :–

ସ୍ନାନୈଶ୍ଚୂର୍ଣ୍ଣୈଃ ସୁଖସୁରଭିଭିର୍ଗନ୍ଧବାସୈଶ୍ଚ ଧୂପୈଃ
ପୁଷ୍ପୈଶ୍ଚାନ୍ୟୈଃଶିରସି ରଚିତୈର୍ବସ୍ତ୍ରଯୋଗୈଶ୍ଚ ତୈସ୍ତୈଃ ।
ନାନାରତ୍ନୈଃ କନକଖଚିତୈରଙ୍ଗସଂଭୋଗସଂସ୍ଥୈ –
ର୍ବ୍ୟକ୍ତଂ କାନ୍ତେ କମଳନିଳୟା ଶ୍ରୀଧରାବାତିଭାସି ।।୮୬।।

ହେ ପ୍ରିୟେ, ତୁମେ ତୁମର ସ୍ନାନ, ଚୂର୍ଣ୍ଣ, ଲେପନ ଓ ଆନନ୍ଦଦାୟୀ ସୁଗନ୍ଧଦ୍ୱାରା, କେଶର ସିତ ପୁଷ୍ପ ଏବଂ ବିଭିନ୍ନ ଧୂପ ଗନ୍ଧ ଶରୀରରେ ଧାରଣ କରି ତଥା ଅନେକ ରତ୍ନଜଡ଼ିତ ସୁବର୍ଣ୍ଣ ଅଳଙ୍କାର ହେତୁ ବାସ୍ତବରେ କମଳରେ ନିବାସ କରୁଥିବା ସୁନ୍ଦରତାର ଦେବୀ ଶ୍ରୀ ଭଳି ମନେହେଉଛ ।

ଆଦ୍ୟଂ ଚତୁର୍ଥଂଷଷ୍ଠଞ୍ଚ ଦଶମଂ ନୈଧନଂ ଗୁରୁ ।
ତଦ୍‌ବଂଶପତ୍ରପତିତଂ ଦଶଭିଃ ସପ୍ତଭିର୍ଯତିଃ ।।୮୭।।

ବଂଶପତ୍ରପତିତ :–

ଯଦି ପ୍ରଥମ, ଚତୁର୍ଥ, ଷଷ୍ଠ, ଦଶମ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ, ତଥା ଦଶମ ଓ ସାତ ଅକ୍ଷରଠାରେ ଯତି ରହୁଥାଏ ତାହେଲେ ତାକୁ 'ବଂଶପତ୍ରପତିତ' ବୃତ୍ତ କୁହାଯାଏ ।

ଯଥା :–

ଏଷ ଗଜୋଽଦ୍ରିମସ୍ତକତଟେ କଳଭପରିବୃତଃ କ୍ରୀଡ଼ତି ବୃକ୍ଷଗୁଳ୍ମଗହନେ କୁସୁମଭରନତେ ।
ମେଘରବଂ ନିଶମ୍ୟ ମୁଦିତଃ ପବନଜବସମଃ ସୁନ୍ଦରି ବଂଶପତ୍ରପତିତଂ ପୁନରପି ରୁରୁତେ ।।୮୮।।

ହେ ସୁନ୍ଦରି, ଏହି ହାତୀ କେତୋଟି ଛୋଟ ଛୋଟ ହସ୍ତୀ ଶାବକପରିବୃତ ହୋଇ ବୃକ୍ଷ-ଲତା ଭରା ଏବଂ ପୁଷ୍ପଭାରାନତ ପର୍ବତ ଶିଖର ଉପରେ କ୍ରୀଡ଼ା କରୁଛି । ବର୍ତ୍ତମାନ ଏହି ମେଘ ଗର୍ଜନ ଶୁଣି ହର୍ଷ ବିଭୋର ହୋଇ ବାୟୁ ବେଗରେ ବାଉଁଶ ଗଛରୁ ପତ୍ର ପକେଇଗ୍ଲିଛ ।

ଦ୍ୱିତୀୟମଟ୍ୟଂ ଷଷ୍ଠଂ ଗ୍ରପ୍ୟଷ୍ଟମଂ ଦ୍ୱାଦଶଂ ତଥା ।
ଚତୁର୍ଦଶଂ ପଞ୍ଚଦଶଂ ପାଦେ ସପ୍ତଦଶାକ୍ଷରେ ।।୮୯ ।।

ଭବନ୍ତି ଯତ୍ର ଦୀର୍ଘାଣୀ ଶେଷାଣି ଚ ଲଘୂନ୍ୟଥ ।
ବିଳମ୍ବିତଗତିଃ ସା ତୁ ବିଜ୍ଞେୟନାମତୋ ଯଥା ।।୯୦।।

ବିଳମ୍ବିତଗତି :—

ଯଦି ସତର ଅକ୍ଷରଥିବା ପାଦରେ ଦୁଇ, ଛଅ, ଆଠ, ବାର, ଚଉଦ, ପନ୍ଦର ଅକ୍ଷର ଗୁରୁ ହେବ ତେବେ ତାହା 'ବିଳମ୍ବିତଗତି' ବୃତ୍ତ ହେବ ।

ଯଥା :—

ବିଘୂର୍ଣ୍ଣିତବିଲୋଚନା ପୃଥୁବିକୀର୍ଣ୍ଣହାରା ପୁନଃ
ପ୍ରଲମ୍ବରଶନା ଚଳଦ୍‌ସ୍ଖଳିତପାଦମନ୍ଦକ୍ରମା ।
ନ ମେ ପ୍ରିୟମିଦଂ ଜନସ୍ୟ ବହୁମାନରାଗେଣ ଯ —
ନ୍ମଦେନ ବିବଶା ବିଳମ୍ବିତଗତିଃକୃତା ତ୍ୱଂ ପ୍ରିୟେ ।।୯୧ ।।

ପ୍ରିୟେ, ତମର ନେତ୍ର (ପ୍ରେମସକ୍ତି ହେତୁ) ଚଞ୍ଚଳ । ସୁବର୍ଣ୍ଣ ହାର ଯଥା ସ୍ଥାନରୁ ଖସି ଯାଇଛି । ତୁମର କର କଂକଣ ଶିଥିଳ ହୋଇ ଝୁଲି ପଡ଼ିଛି । ତୁମର ଧୀରେ ଧୀରେ ସ୍ଖଳିତ ପଦ ଟଳମଳ ହେଉଛି । ମୁଁ ତୁମର ଏଇ ମନ୍ଦ ଗତିକୁ ଭାରି ପସନ୍ଦ କରେ । ଯାହା ମଦମତ୍ତ ହୋଇ ପ୍ରେମାଦର କରିବାକୁ ତୁମେ ସ୍ୱୀକାର କରିଛ ।

ପଞ୍ଚାଦୌ ପଞ୍ଚଦଶକଂ ଦ୍ୱାଦଶୈକାଦଶେ ଗୁରୁ ।
ଚତୁର୍ଦଶଂ ତଥାନ୍ତ୍ୟେ ଦ୍ୱେ ଚିତ୍ରଲେଖା ଧୃତୌ ସ୍ମୃତା ।।୯୨ ।।

ଚିତ୍ରଲେଖା :—

ଯଦି ଅଠର ଅକ୍ଷର ଥିବା ପାଦରେ ଆରମ୍ଭର ପାଞ୍ଚ, ଏଗାର, ବାର, ଚଉଦ, ପନ୍ଦର, ସତର ସଂଖ୍ୟକ ତଥା ଅନ୍ତିମ ବର୍ଣ୍ଣ ଗୁରୁହୁଏ ତାହେଲେ ତାହା 'ଚିତ୍ରଲେଖା' ବୃତ୍ତ ହେବ ।

ଯଥା :—

ନାନାରତ୍ନାଢ୍ୟୈ ର୍ବହୁଭିରଧିକଂ ଭୂଷଣୈରଙ୍ଗସଂଘୈ
ନାନାଗନ୍ଧାଢ୍ୟୈର୍ମଦନଜନନୈରଙ୍ଗରାଗୈଶ୍ଚ ହୃଦ୍ୟୈଃ ।
କେଶୈଃ ସ୍ନାନାଢ୍ୟୈଃ କୁସୁମଭରିତୈର୍ବସ୍ତ୍ରରାଗୈଶ୍ଚ ତୈସ୍ତୈଃ
କାନ୍ତେ ସଂକ୍ଷେପାତ୍ କିମିହ ବହୁନା ଚିତ୍ରଲେଖେବ ଭାସି ।।୯୩।।

ପ୍ରିୟେ, ଅନେକ ରତ୍ନ ଜଡ଼ିତ ଆଭୂଷଣ ଯାହା ତୁମେ ତମର ଶରୀରରେ ଧାରଣ କରିଛ । ଅନେକ ସୁବାସପୂର୍ଣ୍ଣ ମତ୍ତକାରୀ ଅଙ୍ଗରାଗ ତଥା ସ୍ନାନପରେ ପୁଷ୍ପଶୋଭିତ ତୁମର କେଶ ତଥା ବିବିଧ ରଙ୍ଗର ସୁନ୍ଦର ବସ୍ତ୍ରରେ ତୁମେ ଯେଉଁ ସୁଶୋଭିତା ହୋଇଛ, ଅଧିକ କଣ କହିବି, ମନେ ହେଉଛି ତମେ ଯେଉଁପରି ଚିତ୍ରଆଲିଖିବତା ଭଳି ଦେଖାଯାଉଛି ।

ଅତ୍ୟଂ ସପ୍ତଦଶଞ୍ଚୈବ ଷୋଡ଼ଶଂ ସ ଚତୁର୍ଦଶମ୍
ତ୍ରୟୋଦଶଂ ଦ୍ୱାଦଶଂଚ ଷଷ୍ଠମଷ୍ଟମମେବ ଚ ।।୯୪।।

ତ୍ରୀଣ୍ୟାଦୌ ଚ ଗୁରୂଣି ସ୍ୟୁର୍ଯସ୍ମିସ୍ତ୍ରେକୋନବିଂଶକେ
ପାଦେ ଲଘୂନି ଶେଷାଣି ଶାର୍ଦ୍ଦୂଳକ୍ରୀଡ଼ିତନ୍ତୁ ତତ୍ ।।୯୫।।

ଶାର୍ଦ୍ଦୂଳବିକ୍ରୀଡ଼ିତ :—

ଯଦି ଉଣେଇଶ ଅକ୍ଷରଥିବା ପାଦରେ ପ୍ରଥମ ତିନି, ଷଷ୍ଠ, ଅଷ୍ଟମ, ଦ୍ୱାଦଶ, ତ୍ରୟୋଦଶ, ଚତୁର୍ଦଶ, ଷୋଡ଼ଶ, ସପ୍ତଦଶ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦ ହେବ ।

ଯଥା :—

ନାନାଶସ୍ତ୍ରଶତାଘ୍ନିତୋମରହତାଃ ପ୍ରଭ୍ରଷ୍ଟସର୍ବାୟୁଧାଃ
ନିର୍ଭିନ୍ନୋଦରପାଦବାହୁବଦନା ନିର୍ଦ୍ଧାଶିତାଃ ଶତ୍ରବଃ ।
ଧୈର୍ଯୋତ୍ସାହ ପରାକ୍ରମ ପ୍ରଭୃତିଭିସ୍ତୈସ୍ତୈର୍ବିଚିତ୍ରୈ ର୍ଗୁଣୈ—
ର୍ବୃତ୍ତଂ ତେ ରିପୁଘାତି ଭାତି ସମରେ ଶାର୍ଦ୍ଦୂଳବିକ୍ରୀଡ଼ିତମ ।।୯୬।।

ତୁମର ଶତ୍ରୁଗଣଙ୍କ ମଧ୍ୟରୁ ଅନେକ ଶସ୍ତ୍ର, ତୋପ, ତୋମର ଆଦିରେ ଆହତ ହୋଇ ଆପଣା ଆପଣାର ସମସ୍ତ ଶସ୍ତ୍ର ଛାଡ଼ି ସମାପ୍ତ ହୋଇ ପଡ଼ନ୍ତି ଏବଂ ଏମାନଙ୍କ ମଧ୍ୟରୁ କେତେକ ଶତ୍ରୁଙ୍କର ଉଦର ପାଦ, ବାହୁ ତଥା ମସ୍ତକ ଫାଟି ସେମାନେ ମଧ୍ୟ ନଷ୍ଟ ହୋଇ ଯାଇଛନ୍ତି । ସେମାନେ ସେମାନଙ୍କର ଶସ୍ତ୍ର ଫିଙ୍ଗି ଦେଇଛନ୍ତି । ଏପରି ଭାବରେ ହେ ରାଜନ୍, ଧୈର୍ଯ୍ୟ, ପରାକ୍ରମ, ଉତ୍ସାହ ଆଦି ତୁମର ଆଶ୍ଚର୍ଯ୍ୟକାରୀ ଗୁଣ ହେତୁ ଯୁଦ୍ଧରେ ଶତ୍ରୁକୁ ବିନାଶ କରୁଥିବା ଆପଣଙ୍କର ଏହି କାର୍ଯ୍ୟ ବ୍ୟାଘ୍ର କ୍ରୀଡ଼ା ଭଳି ଶୋଭିତ ହେଉଛି ।

ଚତ୍ୱାର୍ୟାଦୌ ଚ ଷଷ୍ଠଞ୍ଚ ସପ୍ତମଂ ସଚତୁର୍ଦଶମ୍ ।
ତଥା ପଞ୍ଚଦଶଞ୍ଚୈବ ଷୋଡ଼ଶଂ ନୈଧନଂ ତଥା ।।୯୭।।

ଏତାନି ଚ ଗୁରୂଣି ସ୍ୟୁଃ ଶେଷାଣି ତୁ ଲଘୂନ୍ୟଥ ।
ପାଦେ ଯତ୍ରକୃତୌ ଜ୍ଞେୟା ନାମ୍ନା ସୁବଦନା ତୁ ସା ।।୯୮।।

ସୁବଦନା :—

ଯଦି କୋଡ଼ିଏ ଅକ୍ଷରଥିବା ପାଦରେ ପ୍ରଥମ ଚାରୋଟି ଷଷ୍ଠ, ସପ୍ତମ, ଚତୁର୍ଦ୍ଦଶ, ପଞ୍ଚଦଶ, ଷୋଡ଼ଶ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'ସୁବଦନା' ବୃତ୍ତ ହେବ ।

ଯଥା :-

ନେତ୍ରେ ଲୀଳାଲସାନ୍ତେ କମଳଦଳନିଭେ ଭ୍ରୂଶ୍ଚ ବିନତେ
ଗଣ୍ଡୋଷ୍ଠଂ ପାନମଧ୍ୟଂ ସମସହିତଘନାଃ ସ୍ନିଗ୍ଧାଶ୍ଚ ଦଶନାଃ ।
କର୍ଣ୍ଣାବଂସପ୍ରଲମ୍ବୌ ଚିବୁକମପି ନତଂ ଘୋଣା ସୁରୁଚିରା
ବ୍ୟକ୍ତଂ ତ୍ୱଂ ମର୍ତ୍ତ୍ୟଲୋକେ ବରତନୁ ବିହିତାସ୍ୟେକା ସୁବଦନା ।।୯୯।।

ହେ ସୁନ୍ଦରି, ତୁମର ନେତ୍ର କମଳ ଦଳ ପରି । ଯାହା ସହିତ ଭ୍ରୂଲତା ଧନୁ ଭଳି ଶୋଭା ପାଉଛି । ଆଖିର ପ୍ରାନ୍ତଭାଗ ଲୀଳାପୂର୍ଣ୍ଣ ଏବଂ ଅଳସ ଦେଖାଯାଉଛି । ତୁମର ଓଷ୍ଠ ଓ କପୋଳର ମଧ୍ୟ ଭାଗ ପରିପୂର୍ଣ୍ଣ । ଦନ୍ତ ପଂକ୍ତି ଘନ ଏବଂ ଉଜ୍ଜ୍ୱଳ । କାନ ଏବଂ କାନ୍ଧ ଆନତ, ଚିବୁକ ନମ୍ର, ନାସିକା ଅତ୍ୟନ୍ତ ମନୋହର ମନେ ହେଉଛି । ହେ ସୁଗାତ୍ରି, ଏହି ମନୁଷ୍ୟଲୋକରେ ତୁମେ ଏଭଳି ଏକ ସୁନ୍ଦରୀ ଯାହାର ଏତେ ଶୋଭନ ରୂପରେ ସର୍ଜନା ହୋଇଛି ।

ଚତ୍ୱାର୍ଯ୍ୟାଦୌ ତଥା ଷଷ୍ଠଂ ସପ୍ତମଞ୍ଚ ଚତୁର୍ଦ୍ଦଶମ୍
ଅଷ୍ଟାଦଶଂ ସପ୍ତଦଶଂ ତଥା ପଞ୍ଚଦଶଂ ପୁନଃ ।୧୦୦।।

ଅନ୍ତ୍ୟୋପାନ୍ତ୍ୟେ ଗୁରୂଣ୍ୟତ୍ର ଲଘୂନ୍ୟନ୍ୟାନି ସର୍ବଦା
ଏକବିଂଶତିକେ ପାଦେ ସ୍ରଗ୍ଧରା ନାମ ସା ଯଥା ।।୧୦୧।।

ସ୍ରଗ୍ଧରା :—

ଯଦି ଏକୋଇଶ ଅକ୍ଷରିଆ ପାଦରେ ଆଦ୍ୟ ଚାରି, ଷଷ୍ଠ, ସପ୍ତମ, ଚତୁର୍ଦ୍ଦଶ, ପଞ୍ଚଦଶ, ସପ୍ତଦଶ, ଅଷ୍ଟାଦଶ, ବିଂଶ ଏବଂ ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'ସ୍ରଗ୍ଧରା' ବୃତ୍ତ ହେବ ।

ଯଥା :-

ଚୂତାଶୋକାରବିନ୍ଦୈଃ କୁରବକତିଳକୈଃ କର୍ଣ୍ଣିକାରୈଃଶିରୀଷୈଃ
ପୁନ୍ନାଗୈଃ ପାରିଜାତୈର୍ବକୁଳକୁବଳୟୈଃ କିଂଶୁକୈଃ ସାତିମୁକ୍ତୈଃ
ଏତୈର୍ନାନାପ୍ରକାରୈଃ କୁସୁମସୁରଭିଭିର୍ବିପ୍ରକାର୍ଣ୍ଣୈଶ୍ଚ ତୈସ୍ତୈ –
ର୍ବାସନ୍ତୈଃ ପୁଷ୍ପବୃନ୍ଦୈରବର ବସୁଧୟା ସ୍ରଗ୍ଧରେବାଦ୍ୟ ଭାତି ।।୧୦୨।।

ହେ ରାଜନ୍ ଆମ୍ର, ଅଶୋକ, ଅରବିନ୍ଦ, କୁରୁବକ, ତିଳକ, କନିଅର, ଶିରୀଷ, ପୁନ୍ନାଗ, ପାରିଜାତ, ବକୁଳ, କୁବଳୟ, କିଂଶୁକ ଏବଂ ଅତିମୁକ୍ତ ପ୍ରଭୃତି ପୁଷ୍ପର ସୁଗନ୍ଧରେ ସୁଗନ୍ଧିତା ଏହି ସୁନ୍ଦରୀ ବସନ୍ତ ପୁଷ୍ପରମ୍ୟା ପୃଥିବୀକୁ ମଧ୍ୟ ନ୍ୟୂନ କରି ଶୋଭାପାଉଛି ।

ଚତୁର୍ଥମାଦ୍ୟଂ ଷଷ୍ଠଞ୍ଚ ଦଶମଂ ଦ୍ୱାଦଶନ୍ତଥା ।
ଷୋଡ଼ଶାଷ୍ଟାଦଶେ ଚୈବ ନୈଧନଞ୍ଚ ଗୁରୁଣ୍ୟଥ ।।୧୦୩।।

ଦ୍ୱାବିଂଶତ୍ୟକ୍ଷରେ ପାଦେ ଶେଷାଣି ଚ ଲଘୂନ୍ୟଥ ।
ଭବନ୍ତି ଯତ୍ର ତଦ୍‌ଜ୍ଞେୟଂ ମଦ୍ରକଂ ନାମତୋ ଯଥା ।।୧୦୪।।

ମଦ୍ରକ :—

ଯଦି ବାଇଶ ଅକ୍ଷରିଆ ପାଦରେ ପ୍ରଥମ, ଚତୁର୍ଥ, ଷଷ୍ଠ, ଦଶମ, ଦ୍ୱାଦଶ, ଷୋଡ଼ଶ, ଅଷ୍ଟାଦଶ ତଥା ଅନ୍ତିମ ବର୍ଣ୍ଣ ଗୁରୁ ଏବଂ ବାକି ଲଘୁ ହୋଇଥିବେ ତେବେ ତାହା 'ମଦ୍ରକ' ବୃତ୍ତ ବୋଲାଇବ ।

ଯଥା :—

ଉତ୍‌ପ୍ଲୁତମେକହସ୍ତଚରଣଂ ଦ୍ୱିତୀୟ କରରେଚିତଂ ସୁବିନତଂ
ବଂଶମୃଦଙ୍ଗବାଦ୍ୟମଧୁରଂ ବିଚିତ୍ର କରଣାନୁଗଂ ବହୁବିଧମ୍ ।
ମଦ୍ରକମୋଚଦଦ୍ୟ ସୁଭଗେ ବିଦଗ୍ଧଗତିଚେଷ୍ଟିତୈଃ ସୁଲଳିତୈ
ର୍ନୃତ୍ୟସି ବିଭ୍ରମାକୁଳପଦଂ ବିବିଧରସଭାବିତଂ ଶଶିମୁଖି ।।୧୦୫।।

ହେ ସୁନ୍ଦରି, ତୁମେ ଆଜି ବଂଶୀ ମୃଦଙ୍ଗର ମଧୁର ବାଦନ ସହିତ ମଦ୍ରକ ନୃତ୍ୟ କରୁଛ । ଏହି ନୃତ୍ୟରେ ତୁମେ ଗୋଟିଏ ପାଦ ଏବଂ ହାତ ଉପରକୁ ଉଠେଇ ଏବଂ ଅନ୍ୟକୁ ନୁଆଁଇ ନେଇଛ । ତମର ପାଦ ରେଚିତ ସ୍ଥିତିରେ ବିଶ୍ରାମ ରହିତ ହେଉଛନ୍ତି । ତୁମେ ଭିନ୍ନ ଭିନ୍ନ କରଣରକୁ ପ୍ରସନ୍ନ ଲଳିତ ତଥା ଉତ୍ସାହପୂର୍ଣ୍ଣ ଗତିରେ ବିଭିନ୍ନ ରସମୟୀ ଭାବନାକୁ ଆପଣାର ବିଳାସପୂର୍ଣ୍ଣ ପଦପାତଦ୍ୱାରା ପ୍ରକାଶିତ କରିସାରିଛି ।

ଅନ୍ତ୍ୟମେକୋନବିଂଶଞ୍ଚ ସପ୍ତମଂ ସତ୍ରୟୋଦଶମ୍ ।
ଏକାଦଶଂ ସପ୍ତଦଶଂ ପଞ୍ଚମଞ୍ଚ ଗୁରୂଣ୍ୟଥ ।।୧୦୬।।

ଶେଷାଣି ଚ ଲଘୂନି ସ୍ୟୁର୍ବିକୃତ୍ୟାଶ୍ୱରଣେ ବୁଧୈଃ ।
ବୃତ୍ତଂ ତଦଶ୍ୱଲଳିତଂ ବିଜ୍ଞେୟଂ ନାମତୋ ଯଥା ।।୧୦୭।।

ଅଶ୍ୱଲଳିତା :—

ଯଦି ତେଇଶ ଅକ୍ଷରଥିବା ପାଦରେ ପଞ୍ଚମ, ସପ୍ତମ, ଏକାଦଶ, ତ୍ରୟୋଦଶ, ସପ୍ତଦଶ, ଉନବିଂଶ ଏବଂ ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'ଅଶ୍ୱଲଳିତା' ବୃତ୍ତ ହେବ ।

ଯଥା :—

ବିବିଧତୁରଙ୍ଗନାଗରଥଯୋଧସଙ୍କୁଳମଳଂ ବଳଂ ସମୁଦିତଂ
ଶରଶତଶକ୍ତିକୁନ୍ତପରିଘାସିଯଷ୍ଟିବିତତଂ ବହୁପ୍ରହରଣମ୍ ।
ରିପୁଶତମୁକ୍ତଶସ୍ତ୍ରରବଭୀତଶଂକିତଭଟଂ ଭୟାକୁଳଦିଶଂ
କୃତମଭିବୀକ୍ଷ୍ୟ ସଂଯୁଗମୁଖେ ସମର୍ପିତଗୁଣଂ ତ୍ୱୟାଶ୍ୱଲଳିତମ୍ ।।୧୦୮ ।।

ଅନେକ ଅଶ୍ୱ, ହସ୍ତୀ, ରଥ ତଥା ପଦାତିକରେ ପରିପୂର୍ଣ୍ଣ, ଅଗଣିତ ବାଣ, ଶକ୍ତି, ଭାଲା, ପରିଘ, ଖଡ୍ଗରେ ସୁସଜ୍ଜିତ ସେନାକୁ ଦେଖି, ଯେତେବେଳେ ଶତ୍ରୁପକ୍ଷଦ୍ୱାରା ସନ୍ଧାନିତ ଶସ୍ତ୍ରାଦିର ଭୟଙ୍କର ଝଣତ୍‌କାରରେ ଆପଣଙ୍କର ପଦାତିକମାନଙ୍କ ମଧ୍ୟରୁ କେତେକ ଭୟ ଶଂକିତ ହେଉଥିଲେ ଏବଂ ଭୟ ମଧ୍ୟ ବ୍ୟାପ୍ତିଲାଭ କରିବାକୁ ଲାଗିଲା ସେତେବେଳେ ଆପଣ ଆପଣଙ୍କର ଅଶ୍ୱକୁ ଯୁଦ୍ଧରେ ଆଗୁଆ କରି ଯେଉଁ ଅଶ୍ୱଲଳିତ କ୍ରୀଡ଼ାମାତ୍ର ପ୍ରଦର୍ଶନ କଲେ ପ୍ରଜାଜନଙ୍କଦ୍ୱାରା ଆଜି ମଧ୍ୟ ଆପଣଙ୍କର ଗୁଣ ଲୋକପ୍ରିୟ ହୋଇ ରହିଛି ।

ଷଡ଼ାଦାବଷ୍ଟମଞ୍ଚୈବ ହ୍ୟେକାଦଶଚତୁର୍ଦ୍ଦଶେ
ବିଂଶଂ ସପ୍ତଦଶଞ୍ଚୈବ ତ୍ରୟୋବିଂଶଂ ତଥୈବ ଚ ।।୧୦୯।।

ଏତାନି ଚ ଲଘୂନି ସ୍ୟୁଃ ଶେଷାଣ୍ୟଥ ଗୁରୂଣି ଚ
ଚତୁର୍ବିଂଶତିକେ ପାଦେ ମେଘମାଳେତି ସା ଯଥା ।।୧୧୦।।

ମେଘମାଳା :–

ଯଦି ଚବିଶ ଅକ୍ଷରଥିବା ପାଦରେ ଆଦ୍ୟ ଛଅ ଗୋଟିଏ ବର୍ଣ୍ଣ, ଅଷ୍ଟମ, ଏକାଦଶ, ଚତୁର୍ଦ୍ଦଶ, ସପ୍ତଦଶ, ବିଂଶ ଏବଂ ତୟୋବିଂଶ ଅକ୍ଷର ଲଘୁ ହେବ ତଥା ଶେଷ ବର୍ଣ୍ଣ ଗୁରୁ ହେବ ତାହା ହେଲେ ତାହା 'ମେଘମାଳା' ବୃତ୍ତ ହେବ ।

ଯଥା :–

ପବନବଳସମାହୃତା ତୀବ୍ରଗମ୍ଭୀରନାଦା ବଳାକାବଳୀମେଖଳା
କ୍ଷିତିଧରସଦୃଶୋଚ୍ଚରୂପା ମହାନୀଳ ଧୂମାଞ୍ଜନାଭାମ୍ବୁଗର୍ଭୋଦ୍ଭବା ।
ସୁରପତିଧନୁରୁଜ୍ଜ୍ୱଳାବଦ୍ଧକକ୍ଷ୍ୟାତଡ଼ିଦ୍ ଦ୍ୟୋତସନ୍ନଦ୍ଧପଟ୍ଟୋଜ୍ଜ୍ୱଳା ।।
ଗଗନତଳବିସାରିଣୀ ପ୍ରାବୃଷେଣ୍ୟ ଦୃଢ଼ଂ ମେଘମାଳାଧିକଂ ଶୋଭତେ ।।୧୧୧।।

ଆକାଶରେ ବ୍ୟାପ୍ତ ହେଉଥିବା ବର୍ଷାର ଏହି ମେଘ ପଙ୍କ୍ତି, ଯାହା ପବନ ହାନ୍ଦୋଳାରେ ଆଗକୁ ବଢ଼ିଲା ଭଳି ଦେଖାଯାଉଛି ଏବଂ ସେହି କାରଣରୁ ତୀବ୍ର ଏବଂ ଗମ୍ଭୀର ଧ୍ୱନି କରୁଛି, ତାହା ହଂସ ପଙ୍କ୍ତିର ମେଖଳା ଧାରଣା କରିଛି । ପର୍ବତ ପରି ତାର ଅତ୍ୟନ୍ତ ବିଶାଳ ସ୍ୱରୂପ । ତାହା ଅତ୍ୟନ୍ତ ନୀଳାଭ ଜଳ ଆପଣା ମଧ୍ୟରେ ଧାରଣ କରିଛି ଯାହା ଧୂମ ଓ କଜ୍ଜ୍ୱଳ ଭଳି ଦେଖାଯାଉଛି । ତାହା ଇନ୍ଦ୍ରଧନୁର ଉଜ୍ଜ୍ୱଳ ଏବଂ ଚକ୍‌ଚକ୍ କମର ପଟି ଭିଡ଼ିଛି ତଥା ବିଦ୍ୟୁତର ଦୀପ୍ତି କବଚ ଭଳି ଭାସ୍ୱଦ୍‌ଭ୍ରାମୟ ଏହି ମେଘମାଳା ବର୍ତ୍ତମାନ ଗଗନରେ ଅତ୍ୟନ୍ତ ଶୋଭନୀୟ ମନେହେଉଛି ।

ଆଦ୍ୟ ଞ୍ଚୈବ ଚତୁର୍ଥଞ୍ଚ ପଞ୍ଚମଂ ଷଷ୍ଠମେବ ଚ
ନବମଂ ଦଶମଂଞ୍ଚୈବ ନୈଧନଞ୍ଚ ଭବେଦ୍‌ଗୁରୁ ।।୧୧୨।।

ପଞ୍ଚବିଂଶତିକେ ପାଦେ ଶୋଷାଣି ଚ ଲଘୂନ୍ୟଥ ।
ବୃତ୍ତଜ୍ଞୈଃ ସା ତୁ ବିଜ୍ଞେୟା କ୍ରୌଞ୍ଚପାଦୀତି ନାମତଃ ।।୧୧୩।।

କ୍ରୌଞ୍ଚପଦୀ :–

ଯଦି ପଚିଶ ଅକ୍ଷରିଆ ପାଦରେ ପ୍ରଥମ, ଚତୁର୍ଥ, ପଞ୍ଚମ, ଷଷ୍ଠ, ନବମ, ଦଶମ ତଥା ଅନ୍ତିମ ଅକ୍ଷର ଗୁରୁ ଏବଂ ବାକି ଲଘୁ ହୋଇଥିବେ ତେବେ ତାହା କ୍ରୌଞ୍ଚପଦୀ ନାମକ ବୃତ୍ତ ହେବ ।

ଯଥା :–

ଯଃ କିଳ ଦାକ୍ଷ୍ୟଂ ବିଦ୍ରୁତସୋମଂ କ୍ରତୁବରମତମସମପଗତକଳଶଂ
ପାତିତଯୂପଂ କ୍ଷିପ୍ତଚଷାଳଂ ବିଚୟନମସମିଧମପଶୁକଚରୁକମ୍ ।
କାର୍ମୁକମୁକ୍ତେନାଶୁ ଚକାର ବ୍ୟପଗତ ସୁରଗଣପିତୃଗଣମିଷୁଣା
ନିତ୍ୟମସୌ ତେ ଦୈତ୍ୟଗଣାରିଃ ପ୍ରହନ୍ତୁ ମଖମିବ ରିପୁଗଣମଖିଳମ୍ ।।୧୧୪।।

ଯେଉଁ ଭଗବାନ ଶିବ ତାଙ୍କର ବାଣରେ ସୋମପାତ୍ରକୁ ଗଡେ଼ଇ ଦେଲେ, କଳଶ ଭାଙ୍ଗିଦେଲେ, ପାନପାତ୍ର ଫିଙ୍ଗି ଦେଲେ, ଯୂପକୁ ଓପାଡ଼ି ପକାଇ ଦେଲେ, ଚଷାଳକୁ (ବଳିଖୁଣ୍ଟି ଉପରେ ଥିବା ଲୁହା ଶାଙ୍କୁଳି)କୁ ଫିଙ୍ଗିଦେଲେ, ଜଳୁଥିବା ସମିଧାକୁ ଇତସ୍ତତଃ ବିକ୍ଷିପ୍ତ କରିଦେଲେ, ଦେବତା ଏବଂ ପିତୃଙ୍କୁ ଘଉଡେ଼ଇ ଦେଲେ ଯଜ୍ଞୀୟ ପଶୁଙ୍କୁ ଦୂରକରି ଯଜ୍ଞ ଚରୁକୁ ଫିଙ୍ଗିଦେଲେ ଏବଂ ଏପରି ଭାବରେ ଦକ୍ଷଙ୍କର ମହାଯଜ୍ଞ ବିଧ୍ୱଂସ କଲେ ସେହି ଭଗବାନ ଯଜ୍ଞଭଳି ତୁମର ଶତ୍ରୁଙ୍କର ବିନାଶ କରନ୍ତୁ ।

ଅଷ୍ଟାବାଦୌ ଗୁରୂଣି ସ୍ୟୁସ୍ତଥା ଚୈକୋନବିଂଶକମ୍ ।
ଏକବିଂଶଞ୍ଚ ବିଜ୍ଞେୟଂ ଚତୁର୍ବିଂଶଂ ସନୈଧନମ୍ ।।୧୧୫।।

ଏତାନି ଗୁରୁସଂଖ୍ୟାନି ଶେଷାଣି ଚ ଲଘୂନ୍ୟଥ ।
ଷଡ୍‌ବିଂଶତ୍ୟକ୍ଷରେ ପାଦେ ତଦ୍ଭୁଜଙ୍ଗବିଜୃମ୍ଭିତମ୍ ।।୧୧୬।।

ଭୁଜଙ୍ଗବିଜୃମ୍ଭିତ :—

ଯଦି ଛବିଶ ଅକ୍ଷରଥିବା ପାଦରେ ପ୍ରଥମ ଆଠଗୋଟି, ଉନବିଂଶତମ, ଏକବିଂଶ, ଚତୁବିଂଶ ତଥା ଅନ୍ତିମ ବର୍ଣ୍ଣ ଗୁରୁ ହୋଇଥାଏ ତେବେ ତାହା 'ଭୁଜଙ୍ଗବିଜୃମ୍ଭିତ' ବୃତ୍ତ ହେବ ।

ଯଥା :—

ରୂପୋପେତାଂ ଦେବୈଃ ସୃଷ୍ଟାଂ ସମଦଗଜବିଲସିତଗତିଂ ନିରୀକ୍ଷ୍ୟ ତିଲୋତ୍ତମାଂ
ପ୍ରାଦକ୍ଷିଣ୍ୟାତ୍‌ପ୍ରାପ୍ତାଂ ଦ୍ରଷ୍ଟୁଂ ବହୁବଦନମଚଳନୟନଂ ଶିରଃ କୃତବାନ୍ ହରିଃ ।
ଦୀର୍ଘଂନିଶ୍ୱସ୍ୟାନ୍ତର୍ଗୂଢ଼ଂ ସ୍ତନବଦନଜଘନରୁଚିରାଂ ନିରୀକ୍ଷ୍ୟ ତଥା ପୁନଃ ।
ପୃଷ୍ଠେ ନ୍ୟସ୍ତଂ ଦେବେନ୍ଦ୍ରେଣ ପ୍ରବରମଣିକନକବଲୟଂ ଭୁଜଙ୍ଗବିଜୃମ୍ଭିତମ୍ ।।୧୧୭।।

ପ୍ରଦକ୍ଷିଣ କରିବାକୁ ଆସିଥିବା ଦେବଗଣଙ୍କ ଦ୍ୱାରା ସର୍ଜିତା ମତ୍ତଗଜଗାମିନୀ ପରମାସୁନ୍ଦରୀ ତିଳୋତ୍ତମାକୁ ଦେଖି ଭଗବାନ ଶଙ୍କର ଆପଣାର ସମସ୍ତ ନେତ୍ର ସେହି ଦିଗକୁ କଲେ ଏବଂ ମସ୍ତକ ସରକରି ନେଲେ । ଭଗବାନ ଶିବ ଆନ୍ତଃକରଣରେ ଅତ୍ୟନ୍ତ ଗୁଢ଼ ଭାବରେ ଦୀର୍ଘ ନିଃଶ୍ୱାସ ନେଲେ ତାକୁ ପୁଣି ଦେଖିଲେ ଯାହାର ଉରଜ, ମୁଖ ତଥା ଜଘନ ଭାଗର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ଥିଲା ତାପରେ ତାକୁ ଆଶୀର୍ବାଦ ଦେବାକୁ ସେ ତାର ପିଠିରେ ତାଙ୍କର ଶ୍ରେଷ୍ଠମଣି କନକବଳୟ ତଥା ସର୍ପ ଅଧିଷ୍ଠିତ ହାତ ରଖିଦେଲେ ।

ଦଣ୍ଡକଂ ନାମ ବିଜ୍ଞେୟମୁକ୍ତେରଧିକାକ୍ଷରମ୍ ।
ବୃତ୍ତସ୍ୟାଂ ମାଳାଦିକଂ ତତ୍‌ଜ୍ଞୌ ଗ୍ରଦୌ କାଗୁହାସ୍ତିକାଃ ।।୧୧୭କ।।

ଉତ୍କୃତିର ପାଦରୁ ଅଧିକ ଅକ୍ଷରର ପାଦ ଥିଲେ ତାକୁ 'ଦଣ୍ଡକ' ବୋଲି ବୁଝିବା ବିଧେୟ । ତାର ମାଳା ଆଦି ଛନ୍ଦ ପ୍ରଭେଦ ହୋଇଥାଏ । ଆଦିରେ ଦୁଇଟି 'ନ' ଅର୍ଥାତ୍ ଛ'ଟି ଲଘୁ ଅକ୍ଷର ରହିବ । ଏହା ବ୍ରହ୍ମା (କ) ଶିବ (ଅ) କାର୍ତ୍ତିକେୟ (ଗୁହ) ପ୍ରଭୃତି ତିନିଜଣ କହିଛନ୍ତି ।

ଯଥା :—

ମୁଦିତଜନପଦାକୁଳା ସ୍ଫୀତସସ୍ୟାକରା ଭୂତଧାତ୍ରୀ ଭବନ୍ତଂ ସମଭ୍ୟର୍ଚ୍ଚତି
ଦ୍ୱିରଦକରବିଲୁପ୍ତହିନ୍ତାଲତାଳାବନାସ୍ତାଂ ନମସ୍ୟନ୍ତି ବିନ୍ଧ୍ୟାଦୟଃ ପର୍ବତାଃ ।
ସ୍ଫୁଟିତକଳଶଶୁକ୍ତିନିର୍ଗୀର୍ଣ୍ଣମୁକ୍ତା – ଫଲୈରୂର୍ମିହସ୍ତୈର୍ନମସ୍ୟନ୍ତି ବଃ ସାଗରାଃ
ମୁଦିତଜଳଚରାକୁଳାଃ ସମ୍ପ୍ରକାର୍ଣ୍ଣାମଲାଃ କୀର୍ତ୍ତୟନ୍ତୀବ କୀର୍ତ୍ତିଂ ମହାନିମ୍ନଗାଃ ।।

ପ୍ରସନ୍ନ ଜନପଦରେ ବ୍ୟାପ୍ତ, ସମୃଦ୍ଧ ଧାନ୍ୟାଗାର ଏଇ ପୃଥ୍ୱୀ ଆପଣଙ୍କର ଅର୍ଚ୍ଚନା କରୁଛି । ମଦମତ୍ତ ହସ୍ତୀ ଶୁଣ୍ଡରେ ବିଧ୍ୱସ୍ତ ତାଳବନ ସମୂହ ଧାରଣ କରିଥିବା ବିନ୍ଧ୍ୟା ଆଦି ପର୍ବତ ମଧ୍ୟ ଆପଣଙ୍କର ପ୍ରତି ଆନତ । ବିଦୀର୍ଣ୍ଣ ହେଉଥିବା ଶୁକ୍ତିମାନଙ୍କର କଳଶରୁ ବାହାରିଥିବା ମୁକ୍ତାର ତରଙ୍ଗ କରରେ ସାଗର ମଧ୍ୟ ଆପଣଙ୍କ ପ୍ରତି ପ୍ରଣତ ତଥା ମହାନଦୀ ମାନେ ମଧ୍ୟ ସାନନ୍ଦ-ଜଳଚରମାନଙ୍କ ଦ୍ୱାରା ପରିବ୍ୟାପ୍ତ ହୋଇ ନିର୍ମଳତାକୁ ବିସ୍ତାର୍ଣ୍ଣ କରି ସତେଯେପରି ଆପଣଙ୍କର ଶୁଭ୍ର କୀର୍ତ୍ତିର ଆଖ୍ୟାନ ଗାନ କରୁଛନ୍ତି)

ବିଷମ ତଥା ଅର୍ଦ୍ଧସମବୃତ୍ତ :—

ଏତାନି ସମବୃତ୍ତାନି ମୟୋକ୍ତାନି ଦ୍ୱିଜୋତ୍ତମାଃ ।
ବିଷମାର୍ଦ୍ଧସମାନାନ୍ତୁ ପୁନର୍ବକ୍ଷ୍ୟାମି ଲକ୍ଷଣମ୍ ।।୧୧୮ ।।

ହେ ମୁନିଗଣ, ମୁଁ ବର୍ତ୍ତମାନ ସମବୃତ୍ତ ସଂବନ୍ଧରେ କହିଛି ।ଏହାପରେ ଅର୍ଦ୍ଧସମବୃତ୍ତ ଏବଂ ବିଷମବୃତ୍ତର ଲକ୍ଷଣ କହିବି ।

ଯତ୍ର ପାଦାସ୍ତୁ ବିଷମା ନାନାବୃତ୍ତସମୁଦ୍ଭବାଃ ।
ପ୍ରଥିତାଃ ପାଦଯୋଗେନ ତଦ୍‌ବୃତ୍ତଂ ବିଷମଂ ସ୍ମୃତମ୍ ।।୧୧୯ ।।

ଯେଉଁଥିରେ ଅନେକ ବୃତ୍ତର ଅସମାନ ପଦ ଥିବ ତଥା ସେମାନଙ୍କୁ ନେଇ ପୂର୍ଣ୍ଣଛନ୍ଦର ସର୍ଜନା ହୋଇଥିବ, ତାହା 'ବିଷମବୃତ୍ତ' ହେବ ।

ଦ୍ୱୌ ସମୌ ଦ୍ୱୌଚ ବିଷମୌ ବୃତ୍ତେଽର୍ଦ୍ଧବିଷମେ ତଥା
ସର୍ବପାଦେଷ୍ୱ ବିଷମୈର୍ବୃତ୍ତଂ ବିଷମମୁଚ୍ୟତେ ।।୧୨୦।।

ଯେଉଁ ଛନ୍ଦରେ ଦୁଇପାଦ, ପ୍ରଥମ ଓ ତୃତୀୟ - ସମ ଏବଂ ଦୁଇପାଦ (ଦ୍ୱିତୀୟ ଓ ଚତୁର୍ଥ) ବିଷମ ହୋଇଥିବ ତାକୁ 'ଅର୍ଦ୍ଧବିଷମ' (ଅର୍ଦ୍ଧସମବୃତ୍ତ) ତଥା ଦୁଇ ପାଦ ଅସମାନ (ବିଷମ) ଥିଲେ ବିଷମ ବୃତ୍ତ ହେବ ।ଏହିପରି ସଂପୂର୍ଣ୍ଣ ଚ୍ୱରୋଟି ପାଦ ବିଷମ ଥିଲେ ତାହା ମଧ୍ୟ 'ବିଷମବୃତ୍ତ' ହେବ ।

ହ୍ରସ୍ୱାଦ୍ୟମଥ ଦୀର୍ଘାଦ୍ୟଂ ଦୀର୍ଘଂ ହ୍ରସ୍ୱମଥାପି ବା ।
ଯୁଗ୍ମୌଜବିଷମୈଃ ପାଦୈର୍ବୃତ୍ତମର୍ଧସମଂ ଭବେତ୍ ।।୧୨୧ ।।

ଯଦି କୌଣସି ବୃତ୍ତର ସମ ତଥା ବିଷମ ପାଦ ହ୍ରସ୍ୱ ଓ ଆଦିରେ ଦୀର୍ଘ ବା ହ୍ରସ୍ୱ ସ୍ୱରୂପ ହୋଇଥାଏ ତେବେ ତାକୁ ବିଷମବୃତ୍ତ ବୋଲି ବୁଝିବା ବିଧେୟ ।

ପାଦେ ସିଦ୍ଧେ ସମଂ ସିଦ୍ଧଂ ବିଷମଂ ସାର୍ବପାଦିକମ୍ ।
ଦ୍ୱୟୋରର୍ଦ୍ଧସମଂ ବିଦ୍ୟାଦେଷ ଛେଦସ୍ତୁ ପାଦଶଃ ।।୧୨୨।।

ପାଦ ଅନୁସାରେ ଲକ୍ଷଣ କଲେ ସବୁ ସମାନ ପାଦ ଥିଲେ ସମବୃତ୍ତ, ଦୁଇପାଦ ସମାନ ଥିଲେ ଅର୍ଦ୍ଧସମବୃତ୍ତ ଏବଂ ସମସ୍ତ ପାଦ ଅସମାନ ଥିଲେ ବିଷମ ପାଦ ହେବ ।

ଛେଦତସ୍ତୁ ମୟା ପ୍ରୋକ୍ତଂ ସମବୃତ୍ତବିକଳ୍ପନମ୍ ।
ତ୍ରିକୈର୍ବିଷମବୃତ୍ତାନାଂ ସଂପ୍ରବକ୍ଷ୍ୟାମି ଲକ୍ଷଣମ୍ ।।୧୨୩।।

ମୁଁ ପାଦମାନଙ୍କର ବିଭାଜନଦ୍ୱାରା ବୃତ୍ତର ଲକ୍ଷଣ ସମ୍ବନ୍ଧରେ କହିଲି । ବର୍ତ୍ତମାନ ମୁଁ ଅର୍ଦ୍ଧସମ ବୃତ୍ତରେ 'ଗଣ' ଦ୍ୱାରା ସ୍ପଷ୍ଟ ସ୍ୱରୂପ ମଧ୍ୟ କହୁଛି ।

ପଥ୍ୟା : –

ସୌ ଗୌ ତୁ ପ୍ରଥମେ ପାଦେ ସ୍ରୌ ଲ୍ଗୌ ଶ୍ଚପି ଦ୍ୱିତୀୟକେ ।
ଯୁଗ୍ମେଽର୍ଧବିଷମେ ପାଦେ ଜ୍ଞେୟା ପଥ୍ୟା ତୁ ସା ତ୍ରିକୈଃ ।।୧୨୪।।

ଯଦି (ଅନୁଷ୍ଟୁପ୍) ପ୍ରଥମ ପାଦରେ ସଗଣ, ସଗଣ ଓ ଗଗଣ, ଗଗଣ ଦ୍ୱିତୀୟ ପାଦରେ ସଗଣ, ରଗଣ ଲଘୁ ତଥା ଗୁରୁ ହୋଇଥିବ ତଥା ଏହା ଅବଶିଷ୍ଟ ସମ ତଥା ବିଷମ ପାଦରେ ଥିବ ତେବେ 'ତ୍ରିକ' ମାନଙ୍କଦ୍ୱାରା ଜାଣି ହେଉଥିବା ବୃତ୍ତଭାବରେ ଏହା ପଥ୍ୟା ହେବ ।

ଯଥା :–

ପ୍ରିୟ-ଦୈବତମିତ୍ରାସି, ପ୍ରିୟ ସମ୍ବନ୍ଧି - ବାନ୍ଧବା
ପ୍ରିୟଦାନରତା ପଥ୍ୟା ଦୟିତେ ତ୍ୱଂ ପ୍ରିୟାସି ମେ ।।୧୨୫।।

ତୁମେ ଦେବତା ତଥା ମିତ୍ରଙ୍କର ଆଦର କରିଥାଅ, ସମ୍ବନ୍ଧୀ ତଥା ବାନ୍ଧବମାନଙ୍କ ପ୍ରତି ତମର ସ୍ନେହଭାବ ରହିଛି, ତୁମେ ସର୍ବଦା ପ୍ରେମ ପୂର୍ବକ ଇଷ୍ଟବସ୍ତୁକୁ ପ୍ରସ୍ତୁତ କରିଥାଅ ତଥା ତୁମେ ହିତବୁଦ୍ଧି ସଂପନ୍ନ ତେଣୁ ପ୍ରିୟେ ତୁମେ ମୋର ଅତ୍ୟନ୍ତ ପ୍ରିୟ ।

ସର୍ବବିଷମପଥ୍ୟା :–

ମ୍ରୌ ଗୌ ତୁ ପ୍ରଥମେ ପାଦେ ଯ୍ସୌଲ୍ଗୌ ଚ ଦ୍ୱିତୀୟକେ
ପାଦେ ଭୌଲ୍ଗୌ ତୃତୀୟେ ଚ ଚତୁର୍ଥେ ତୁ ତସୌ ଲଗୌ ।।୧୨୬।।

ଯଦି (ଅନୁଷ୍ଟୁପ୍ ଜାତୀୟ ବୃତ୍ତରେ) ପ୍ରଥମ ପାଦରେ ମ, ର, ଗ, ଗ, ଦ୍ୱିତୀୟ ପାଦରେ ଯ, ସ, ଲ, ଗ ତୃତୀୟ ପାଦରେ ରଗଣ, ଭଗଣ, ଲଘୁ ତଥା ଗୁରୁ ହୋଇଥିବେ ଏବଂ ଚତୁର୍ଥ ପାଦରେ ଜଗଣ, ସଗଣ ଲଘୁ ଓ ଗୁରୁ ତେବେ ତାହା ସର୍ବବିଷମା ପଥ୍ୟା ବୃତ୍ତ ହେବ ।

ଯଥା :–

ନୈବାଗ୍ରରୋ ନ ତେ ମିତ୍ରଂ ନ ସମ୍ବନ୍ଧିଗୁଣପ୍ରିୟା
ସର୍ବଥା ସର୍ବବିଷମା ପଥ୍ୟା ନ ଭବସି ପ୍ରିୟେ ।।୧୨୭।।

ପ୍ରିୟେ, ତୁମର ବ୍ୟବହାର ଭଲ ନୁହେଁ । ତୁମର କୌଣସି ମିତ୍ର ନାହାନ୍ତି । ସଂବନ୍ଧୀଜନଙ୍କ ଗୁଣ ତୁମର ପ୍ରିୟ ନୁହେଁ । ପ୍ରତ୍ୟେକ କଥାରେ ତୁମେ ଅତ୍ୟନ୍ତ ବିରୋଧୀ (ବିଷମା) । ଏହି କାରଣରୁ ତୁମେ ସମସ୍ତଙ୍କର ଅସହମତ ହୋଇରହିଛ ।

ବିପରୀତପଥ୍ୟା :–

ଅଯୁଜୋର୍ଲକ୍ଷଣଂ ହ୍ୟେତଦ୍ବିପରୀତନ୍ତୁ ଯତ୍ର ଚ
ପଥ୍ୟା ହି ବିପରୀତା ସା ବିଜ୍ଞେୟା ନାମତୋ ଯଥା ।।୧୨୮।।

ଯେଉଁଥିରୁ ପ୍ରଥମ ତଥା ତୃତୀୟ ପାଦରେ ଉପରୋକ୍ତ ପଥ୍ୟାର ଲକ୍ଷଣ ବିପରୀତ ହୋଇଯିବ, ତାକୁ 'ବିପରୀତପଥ୍ୟା' ମନେକରିବ ।

ଯଥା :–

କୃତେନ ରମଣସ୍ୟ କିଂ ସଖି ରୋଷେଣ ଚେଽପ୍ୟର୍ଥମ୍
ବାପରୀତା ନ ପଥ୍ୟାସି, ତ୍ୱଂ ଜଡ଼େ କେନ ମୋହିତା ।।୧୨୯।।

ତୁମେ ତମର ପ୍ରିୟ ପ୍ରତି ରୋଷ ବ୍ୟକ୍ତ କରି କଣ କରିପାରିଲ ? ମନେ ହେଉଛି ତୁମେ ମୂର୍ଖ । କେତେକଙ୍କ ଦ୍ୱାରା ପ୍ରରୋଚିତ ହୋଇ ଅବ୍ୟବସ୍ଥିତ ମତି ହୋଇଛ । ଅତଏବ ତୁମେ ବର୍ତ୍ତମାନ ଅତି ବିପରୀତ ବା ଅସହମତ ଭଳି ହେଉଛ ଯାହା ଉଚିତ ନୁହେଁ ।

(ଅନୁଷ୍ଟୁପ୍) ଚପଳା :–

ଚତୁର୍ଥାଦକ୍ଷରାଦ୍ୟତ୍ର ତ୍ରିଲଘୁ ସ୍ୟାଦଯୁକ୍ତତଃ ।
ଅନୁଷ୍ଟୁପ୍‌ଚପଳା ସା ତୁ ବିଜ୍ଞେୟା ନାମତୋ ଯଥା ।।୧୩୦।।

ଯଦି ଅନୁଷ୍ଟୁପ୍ ବୃତ୍ତରେ ଚତୁର୍ଥ ଅକ୍ଷର ପରେ ପଞ୍ଚମ, ଷଷ୍ଠ ତଥା ସପ୍ତମ ଅକ୍ଷର ଲଘୁ ହୋଇଥାଏ ତେବେ ତାହା ଅନୁଷ୍ଟୁପ୍ ଚପଳା ନାମରେ ଅଭିହିତ ହୋଇଥାଏ ।

ଉଦାହରଣ :–

ନ ଖଲ୍ୱସ୍ୟାଃ ପ୍ରିୟତମଃ ଶ୍ରୋତବ୍ୟଂ ବ୍ୟାହୃତଂ ସଖ୍ୟା
ନାରଦସ୍ୟ ପ୍ରତିକୃତିଃ କଥ୍ୟତେ ଚପଳା ହ୍ୟୟମ୍ ।।୧୩୧।।

ଏହା ସେହି କନ୍ୟାର ପ୍ରିୟତମ ନୁହେଁ । ଏକଥା ମୁଁ ସଖୀର ଉଚ୍ଚୈସ୍ୱରରେ କଥା ହେବା ହେତୁ ଜାଣିଗଲି । ଏହି ଚଂଚଳା ସ୍ତ୍ରୀ ବାସ୍ତବରେ ନାରଦଙ୍କର ଦ୍ୱିତୀୟ ରୂପ (କଳହ ପ୍ରିୟା) ।

ବିପୁଳା :–

ବିପୁଳା ତୁ ଯୁଜି ଜ୍ଞେୟା ଲଘୁତ୍ୱାତ୍ ସପ୍ତମସ୍ୟ ତୁ
ସର୍ବତ୍ର ସପ୍ତମସ୍ୟୈବ କେଷାଞ୍ଚିଦ୍ବିପୁଳା ଯଥା ।।୧୩୨।।

ଯଦି ଅନୁଷ୍ଟୁପ୍ ବୃତ୍ତର ଦ୍ୱିତୀୟ ତଥା ଚତୁର୍ଥ ପାଦରେ ସପ୍ତମ ଅକ୍ଷର ଲଘୁ ହେବ ତେବେ ତାହା 'ବିପୁଳା' ହେବ । କେତେକ ବିଦ୍ୱାନଙ୍କର ମତରେ ସବୁ ପାଦର ସପ୍ତମବର୍ଣ୍ଣ ଲଘୁ ହୋଇଥିଲେ ତାହା 'ବିପୁଳା' ହେବ ।

ଯଥା :–

ସଂକ୍ଷିପ୍ତା ବଜ୍ରବନ୍ମଧ୍ୟେ ହେମକୁମ୍ଭ- ନିଭସ୍ତନୀ ।
ବିପୁଳାସି ପ୍ରିୟେ ଶ୍ରୋଣ୍ୟାଂ, ଶରଚ୍ଚନ୍ଦ୍ର ନିଭାନନେ ।।୧୩୩।।

ପ୍ରିୟେ, ତୁମର ମଧ୍ୟଭାଗ ବଜ୍ରଭଳି ପାତଳ, ଉରୋଜ ସୁବର୍ଣ୍ଣ - କଳସ ଭଳି, ନିତମ୍ବ ଗୁରୁ ଏବଂ ମୁଖ ଶରଚ୍ଚନ୍ଦ୍ର ସଦୃଶ ସୁନ୍ଦର ।

ଅଥବା

ଗଙ୍ଗେବ ମେଘୋପଗମେ ଆପ୍ଲାବିତ - ବସୁନ୍ଧରା ।
କୂଳବୃକ୍ଷାନାରୁଜନ୍ତୀ ସ୍ରବନ୍ତୀ ବିପୁଳାଚଳାତ୍ ।।୧୩୪।।

ତୁମେ ବର୍ଷା କାଳରେ ଗଙ୍ଗାଭଳି ପୃଥିବୀକୁ ପ୍ଲାବିତ କରିଥାଅ, ତଟର ବୃକ୍ଷମାନଙ୍କୁ ଉପୁଡ଼େଇ ଥାଅ ଏବଂ ଉଚ୍ଚ ପର୍ବତ ଶିଖରରୁ ସ୍ରବିତ ହୋଇଥାଅ ।

ଏବଂ ବିବିଧଯୋଗାସ୍ତୁ ପଥ୍ୟାପାଦା ଭବନ୍ତି ହି ।
ଯୁଗ୍ମୌଜବିଷମୈଃ ପାଦୈଃ ଶେଷୈରନ୍ୟୈସ୍ତ୍ରିକୈରଥ ।।୧୩୫।।

ଏଭଳି ଭାବରେ ପଥ୍ୟାର ପାଦଗୁଡ଼ିକର ଅନେକ ସ୍ୱରୂପ, ଯାହା ତା'ର ସମ, ବିଷବ ପାଦ ତଥା ଅବଶିଷ୍ଟ ତ୍ରିକମାନଙ୍କ ଦ୍ୱାରା ନିର୍ମିତ ହୋଇଥାଏ ।

ସଗୁର୍ବିନ୍ତଃ ସର୍ବଲଘୁସ୍ତ୍ରିକୋ ନିତ୍ୟଂ ହି ନେଷ୍ୟତେ ।
ପ୍ରଥମାଦକ୍ଷରାଦ୍ୟତ୍ର ଚତୁର୍ଥାତ୍ ପ୍ରାଗ୍ଲଘୁଃ ସ୍ମୃତଃ ।।୧୩୬।।

ଏହି ବୃତ୍ତରେ କୌଣସି ତ୍ରିକର ଅନ୍ତିମ ବର୍ଣ୍ଣ ଗୁରୁ ବର୍ଣ୍ଣ (ଯଥା ମ, ଯ, ର, ସ) ବା ଲଘୁ ବର୍ଣ୍ଣ ରଖିବା (ନ) କିମ୍ବା ରହିବା ଇଷ୍ଟ ନୁହେଁ । ଏଥିରେ କେବଳ ପ୍ରଥମ ଅକ୍ଷର ପରେ ଏବଂ ଚତୁର୍ଥ ଅକ୍ଷରପୂର୍ବରୁ ଗୋଟିଏ ଲଘୁ ବର୍ଣ୍ଣ ହେବା ହିଁ ବାଞ୍ଛିତ ଅଟେ ।

ପଥ୍ୟାବକ୍ତ୍ର :–

ପଥ୍ୟାପଦଂ ସମାସାଦ୍ୟ ତ୍ରୀଣ୍ୟନ୍ତେ ତୁ ଗୁରୁଣ୍ୟଥ
ଭବନ୍ତି ପାଦେ ସତତଂ ବୁଧୈସ୍ତଦ୍ୱକ୍ତ୍ରମୁଚ୍ୟତେ ।।୧୩୭।।

ଯଦି ପଥ୍ୟାର ପାଦରେ ଅନ୍ତିମ ତିନି ଅକ୍ଷର ଗୁରୁ ହୋଇଥିବେ ତେବେ ତାକୁ 'ପଥ୍ୟାବକ୍ତ୍ର' (ଅନୁଷ୍ଟୁପ୍) ବୋଲି ଜାଣିବାକୁ ହେବ ।

ଯଥା :–

ଦନ୍ତକ୍ଷତାଧରଂ ସୁଭ୍ରୁ, ଜାଗରଗ୍ଲାନନେତ୍ରାନ୍ତମ୍ ।
ରତି-ସମ୍ଭୋଗଖିନ୍ନଂ ତେ ଦର୍ଶନୀୟତର୍ମଂ ବକ୍ତ୍ରମ୍ ।।୧୩୮।।

ହେ ସୁନ୍ଦରି, ତୁମର ଅଧର ଦନ୍ତକ୍ଷତ ଯୁକ୍ତ, ଜାଗରଣ ହେତୁ ନେତ୍ରପ୍ରାନ୍ତ ଅଳସାୟିତ, ରତି-ସମ୍ଭୋଗ ହେତୁ କ୍ଳାନ୍ତ ତୁମର ମୁଖ ଅଧିକ ସୁନ୍ଦର ମନେହେଉଛି ।

ଇତ୍ୟେଷା ସର୍ବବିଷମା ନାମତୋଽନୁଷ୍ଟୁବୁଚ୍ୟତେ ।
ତଦ୍ବିଦାଂ ମତବୈଷମ୍ୟଂ ତ୍ରିକାଦକ୍ଷରତସ୍ତଥା ।।୧୩୯।।

ଏହି ସମସ୍ତ ବିଷମ ବୃତ୍ତମାନଙ୍କ ଅନୁଷ୍ଟପ ବୋଲି କୁହାଯାଏ । ଏଥିରେ ତ୍ରିକ ବା ଅକ୍ଷରରେ ଆଗ୍ଚର୍ଯ୍ୟମାନଙ୍କର ମତୈକ୍ୟ ନାହିଁ ।

ବାନବାସିକା :—

ପାଦେ ଷୋଡ଼ଶମାତ୍ରାସୁ ଗାଥାଂଶକ - ବିକଳ୍ପିତାଃ ।
ଚତୁର୍ଭିରଂଶକୈର୍ଜ୍ଞେୟା ବୃତ୍ତଜ୍ଞୈର୍ବାନବାସିକା ।।୧୪୦।।

ଯଦି ଷୋହଳ ମାତ୍ରାରେ ହେଉଥିବା ପାଦର ଗାଥା ଛନ୍ଦର, ଯାହା ଚାରି ଭାଗରେ ବିଭକ୍ତ ହୋଇଥାଏ, ତ୍ରିକମାନଙ୍କର ଦ୍ୱାରା କିମ୍ବା ତ୍ରିକମାନଙ୍କ ଭାଗଦ୍ୱାରା ନିରୂପଣ କରାଗଲେ ତାକୁ 'ବାନବାସିକା' ବୃତ୍ତ କୁହାଯାଏ (ପିଙ୍ଗଳାଚାର୍ଯ୍ୟ ଏହାକୁ ମାତ୍ରାସମ କହିଛନ୍ତି ଯା'ର ପ୍ରଭେଦ ବନବାସିକା ବୃତ୍ତ ହୋଇଥାଏ) ।

ଯଥା :—

ଅସଂସ୍ଥିତପଦା ସୁବିହ୍ୱଳାଙ୍ଗୀ ମଦସ୍ଖଳିତଚେଷ୍ଟିତୈର୍ମନୋଜ୍ଞା ।
କ୍ୱ ଯାସ୍ୟସି ବରୋରୁ ସୁରତୋନେ ବିଷମା କିଂ ବାନବାସିକା ତ୍ୱମ୍ ।।୧୪୧।।

ହେ ସୁନ୍ଦରି, ତମର ପାଦ ଟଳମଳ, ଶରୀର ଆବେଗପୂର୍ଣ୍ଣ ଏବଂ ମଧୁପାନ ହେତୁ ତୁମର କ୍ରିୟା ଅତିମଧୁର । ଏହି ପ୍ରଣୟାନନ୍ଦର ଅବସରରେ ତୁମେ ପଛଘୁଞ୍ଚା ଦେଇ କୁଆଡ଼େ ଯାଉଛ ? ତୁମେ ବିଷମ ଭାବନାବତୀ (ବିରାଗଯୁକ୍ତା) ବନବାସିନୀ ତ ନୁହଁ ?

କେତୁମତୀ :—

ସ୍ଜୌ ସ୍ଗୌ ଚ ପ୍ରଥମେ ପାଦେ ତଥା ଚୈବ ତୃତୀୟକେ ।
କେତୁମତ୍ୟାଂ ଗଣାଃ ପ୍ରୋକ୍ତା ଭ୍ରୌ ନଗୌ ସଦା ବୁଧୈଃ ।।୧୪୨।।

ଯଦି ପ୍ରଥମ ତୃତୀୟ ପାଦରେ ସଗଣ, ଜଗଣ, ସଗଣ ତଥା ଗୁରୁ ଏବଂ ଦ୍ୱିତୀୟ ଏବଂ ଚତୁର୍ଥପାଦରେ ଭଗଣ, ରଗଣ, ନଗଣ ତଥା ଗୁରୁ ଥାଏ ତେବେ ତାହା 'କେତୁମତୀ' ବୃତ୍ତ ହେବ ।

ଯଥା :—

ସ୍ଫୁରିତାଧରଂ ଚକିତନେତ୍ରଂ ରକ୍ତକପୋଳମମ୍ବୁଜଦଳାକ୍ଷମ୍ ।
କିମିଦଂ ରୁଷାପହୃତ-ଶୋଭଂ କେତୁମତୀସମଂ ବଦ ମୁଖଂ ତେ ।।୧୪୩।।

ତୁମର ଓଠ ସ୍ଫୁରିତ ହେଉଅଛି, କମଳ-ଦଳ ପରି ନେତ୍ର ଚଞ୍ଚଳ ହୋଇ ଉଠିଛି ଏବଂ କପୋଳ ଆରକ୍ତ । କହତ ଭଲା କ୍ରୋଧର କାରଣରୁ ଲାଲ ହୋଇ ଏହି ମୁଖ ଆପଣାର ସୌନ୍ଦର୍ଯ୍ୟକୁ କାହିଁକି ନଷ୍ଟ କରୁଛି । ତାହା କେତୁମତୀ (ଅଗ୍ନିଶିଖା) ଭଳି ଦେଖାଯାଉଛି ।

ଅପରବକ୍ତ୍ର : –

ବକ୍ତ୍ରସ୍ୟାପରପୂର୍ବସ୍ୟ ସ୍ୱପୌ ନୌ ରୋ ଲଗୌ ତ୍ରିକାଃ ।
ନ ଜୌ ଜରୌ ଦ୍ୱିତୀୟେ ଚ ଶେଷାଗ୍ରଂ ପୁନରେବ ତୁ ।।୧୪୪।।

ଯଦି ପ୍ରଥମ ଏବଂ ତୃତୀୟ ପାଦରେ ନଗଣ, ନଗଣ, ରଗଣ, ଲଘୁ ତଥା ଗୁରୁ ଏବଂ ଦ୍ୱିତୀୟ ତଥା ଚତୁର୍ଥ ପାଦରେ ନଗଣ, ଜଗଣ ତଥା ରଗଣ ଥିବ ତାହେଲେ ତାହା 'ଅପରବକ୍ତ୍ର' ବୃତ୍ତ ହେବ ।

ଦ୍ୱିତୀୟ ଏବଂ ଚତୁର୍ଥ ପାଦରେ ନଗଣ –

ଯଥା –

ସୁତନୁ ଜଳପରୀତଲୋଚନଂ ଜଳଦନିରୁଦ୍ଧମିବେନ୍ଦୁମଣ୍ଡଳମ୍
କିମିଦମପର-ବକ୍ତ୍ରମେବ ତେ ଶଶିବଦନେଽଦ୍ୟ ମୁଖଂ ପରାଙ୍ମୁଖମ୍ ।।୧୪୫।।

ଚନ୍ଦ୍ରମୁଖୀ, ତୁମର ଆଖିରେ ଲୁହ ଭରି ରହିଛି କାହିଁକି ? ତୁମର ମୁଖମଣ୍ଡଳ ଏପରି ମନେ ହେଉଛି ଯେପରି ମେଘାବୃତ ଚନ୍ଦ୍ରମା ଏବଂ ତମର ଏହି ଆଡ଼ ମୁହଁ ତ ଆଉ କିଛି ଭଳି ଦେଖାଯାଉଛି । ଏସବୁ କ'ଣ ?

ପୁଷ୍ପିତାଗ୍ରା :–

ନୌ ଯୌ ତୁ ପ୍ରଥମେ ପାଦେ ନ୍ଜୌ ଜ୍ରୌ ଗଶ୍ଚ ତଥାପରେ ।
ଯତ୍ର ତତ୍ ପୁଷ୍ପିତାଗ୍ରା ସ୍ୟାଦ୍ୟାଦି ଶେଷନ୍ତୁ ପୂର୍ବବତ୍ ।।୧୪୬।।

ଯଦି ପ୍ରଥମ ତଥା ତୃତୀୟ ପାଦରେ ନଗଣ, ନଗଣ, ରଗଣ, ତଥା ଯଗଣ ଏବଂ ଦ୍ୱିତୀୟ ତଥା ଚତୁର୍ଥ ପାଦରେ ନଗଣ, ଜଗଣ, ଜଗଣ, ରଗଣ ତଥା ଗୁରୁ ଥିବ ତେବେ ତାହା 'ପୁଷ୍ପିତାଗ୍ରା' ବୃତ୍ତ ହେବ ।

ଯଥା :–

ପବନରୟ ବିଧୂତଗ୍ରୁରୁଶାଖଂ ପ୍ରବୁଦିତକୋକିଳକଣ୍ଠନାଦରମ୍ୟମ୍ ।
ମଧୁକର ପରିଗୀୟମାନ - ଶବ୍ଦଂ ବରତନୁ ପଶ୍ୟ ବନଂ ସୁପୁଷ୍ପିତଗ୍ରମ୍ ।।୧୪୭।।

ସୁନ୍ଦରି, ପୁଷ୍ପାଳଂକୃତ ଏହି ବନକୁ ଦେଖିପାଅ । ପବନ ବେଗରେ ଶାଖା ଆନ୍ଦୋଳିତ କୋକିଳ ଆନନ୍ଦରେ ଆଳାପ କରୁଛି ଏବଂ ଭ୍ରମରମାନେ ଗୁଂଜରଣ କରୁଛନ୍ତି ।

ଉଦ୍‌ଗତା :—

ସ୍ଜୌ ସ୍ଲୌ ସ୍ୱଜଗୌ ଯଥା ଭ୍ନୌ ଭଗ୍ନ ଜ୍ଲୌ ଗଶ୍ଚ ତଥା ପୁନଃ ।
ସଜୌ ସଜୌ ଗଶ୍ଚ ତ୍ରିକା ହ୍ୟେତେ ଉଦ୍‌ଗତାୟାଃ ପ୍ରକୀର୍ତ୍ତିତାଃ ।।୧୪୮।।

ଯାହାର ପ୍ରଥମ ପାଦରେ ସଗଣ, ଜଗଣ, ସଗଣ, ତଥା ଲଘୁ ଥିବ, ଦ୍ୱିତୀୟ ପାଦରେ ନଗଣ, ସଗଣ, ଜଗଣ ତଥା ଗୁରୁ ତୃତୀୟ ପାଦରେ ଭଗଣ, ଜଗଣ, ଲଘୁ ତଥା ଗୁରୁ ଏବଂ ଚତୁର୍ଥ ପାଦରେ ସଗଣ, ଜଗଣ, ସଗଣ ତଥା ଗୁରୁ ଥିବ ତେବେ ତାହା 'ଉଦ୍‌ଗତା' ବୃତ୍ତ ହେବ ।

ଯଥା :–

ତବ ରୋମରାଜିରତିଭାତି ସୁତନୁ ମଦନସ୍ୟ ମଞ୍ଜରୀ ।
ନାଭିକମଳବିବରୋତ୍ପତିତା ଭ୍ରମରାବଲୀବ କୁସୁମାସ୍ତ୍ରମୁଦ୍ଗତା ।।୧୪୯।।

ସୁନ୍ଦରି, ନାଭି କମଳ ମଧ୍ୟରୁ ଉପରକୁ ଉଠି ଆସୁଥିବା ରୋମାବଳୀ ମନେ ହେଉଛି ଯେପରି କନ୍ଦର୍ପଙ୍କର କୁସୁମ ମଞ୍ଜରୀ ଉପରେ ବସିଥିବା ପୁଷ୍ପରୁ ପୁଷ୍ପକୁ ଉଡ଼ି ଯାଉଥିବା ଭ୍ରମର ପଂକ୍ତି । ତାହା ଅତ୍ୟନ୍ତ ଶୋଭାୟମାନ ।

ଲଳିତା :–

ସ୍ଜୌ, ସ୍ନୌ ଚ ତତୋ ନ୍ନୌ ଗୌ ନୌ ସୌ ଚେତି ତୃତୀୟକେ ।
ସ୍ଜୌ ସ୍ଜୌ ଗଶ୍ଚ ଚତୁର୍ଥେ ତୁ ଲଳିତାୟା ଗଣାଃ ସ୍ମୃତାଃ ।।୧୫୦।।

ଯାହାର ପ୍ରଥମ ପାଦରେ ସଗଣ, ଜଗଣ, ସଗଣ ତଥା ଲଘୁ ଦ୍ୱିତୀୟ ପାଦରେ ନଗଣ, ସଗଣ, ଜଗଣ ଏବଂ ଗୁରୁ (ଅର୍ଥାତ୍ ପ୍ରଥମ ଦୁଇଟି ପାଦ ଉଦ୍‌ଗତା ଭଳି) ତୃତୀୟ ପାଦରେ ଦୁଇଟି ନଗଣ ଏବଂ ଦୁଇଟି ସଗଣ ତଥା ଚତୁର୍ଥ ପାଦରେ ସଗଣ, ଜଗଣ, ସଗଣ, ଜଗଣ ଏବଂ ଗୋଟାଏ ଗୁରୁହେଲେ ତାହା 'ଲଳିତା' ନାମକ ବୃତ୍ତ ହେବ ।

ଯଥା :–

ଲଳିତା - କୁଳଭ୍ରମିତ-ସ୍ରଗୁରୁବସନକରଗୁରୁପଲ୍ଲବା ।
ପ୍ରବିକସିତ-କମଳକାନ୍ତିମୁଖୀ ପ୍ରବିଭାସି ଦେବି ସୁରତଶ୍ରମାତୁରା ।।୧୫୧।।

ସୁନ୍ଦରି, ତୁମେ ରତିକ୍ଳାନ୍ତା, ତୁମର ମୁଖ ବିକଶିତ କମଳ ସଦୃଶ ଶୋଭାୟମାନ । ସୁକୁମାର ଗତିରେ ସ୍ଖଳୁଥିବା ହେତୁ ତୁମର ବସ୍ତ୍ର ଏବଂ କର ମଧ୍ୟ ଦୋଳାୟମାନ ହୋଇ ଅତି ସୁନ୍ଦର ମନେ ହେଉଛି ।

ଏବମେତାନି ବୃତ୍ତାନି ସମାନି ବିଷମାଣି ଚ ।
ନାଟକାଦ୍ୟେଷୁ କାବ୍ୟେଷୁ ପ୍ରୟୋକ୍ତବ୍ୟାନି ସୂରିଭିଃ ।।୧୫୨।।

ଏହିପରି ସମ ତଥା ବିଷମ ବୃତ୍ତ କୁ ସୁଧୀବର୍ଗ ନାଟକ ଓ କାବ୍ୟମାନଙ୍କରେ ପ୍ରୟୋଗ କରନ୍ତୁ ।

ସନ୍ତ୍ୟନ୍ୟାନ୍ୟପି ବୃତ୍ତାନି ଯାନ୍ୟୁକ୍ତାନୀହ ପିଣ୍ଡଶଃ ।
ନ ଚ ତାନି ପ୍ରୟୋଜ୍ୟାନି ହତଶୋଭାନି ତାନି ହି ।।୧୫୩।।

ଏମାନଙ୍କବ୍ୟତୀତ ଅନେକ ପ୍ରକାରର ଅନ୍ୟ ମାତ୍ରିକ ବୃତ୍ତ ମଧ୍ୟ ଅଛି । ଯାହା ସାମୂହିକ ରୂପରେ କୁହାଯାଇଛି । ମାତ୍ର ସେମାନଙ୍କର ଅପ୍ରଚଳିତ ରୂପ ହୋଇଥିଲେ, ପ୍ରୟୋଗ କରିବା ଉଚିତ ନୁହେଁ । କାରଣ ସେମାନେ କୌଣସି ପ୍ରକାରେ ରଚନା ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧ କରନ୍ତିନାହିଁ ।

ଯାନ୍ୟତ୍ର ପ୍ରତିଷିଦ୍ଧାନି ଗୀତକେ ତାନି ଯୋଜୟେତ୍ ।
ଧ୍ରୁବାଯୋଗେ ତୁ ବକ୍ଷ୍ୟାମି ତେଷାମେବ ବିକଳ୍ପନମ୍ ।।୧୫୪।।

-ଯେଉଁ ମାତ୍ରିକ ବୃତ୍ତମାନଙ୍କୁ ଏଠାରେ ଛାଡ଼ି ଦିଆଯାଇଛି ସେମାନଙ୍କ ଯୋଜନା ଗୀତରେ କରାଯାଉ ।ଏମାନଙ୍କର ବର୍ଣ୍ଣନା ଧ୍ରୁବାମାନଙ୍କର ବର୍ଣ୍ଣନା ଅବସରରେ କରାଯିବ ।

ଆର୍ଯ୍ୟାବୃତ୍ତ :—

ବୃତ୍ତଲକ୍ଷଣମେବନ୍ତୁ ସମାସେନ ମୟୋଦିତମ୍ ।
ଅତ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ହ୍ୟାର୍ଯ୍ୟାଣାମପି ଲକ୍ଷଣମ୍ ।।୧୫୫।।

ଏଠାରେ ମୁଁ ସଂକ୍ଷେପରେ ବୃତ୍ତମାନଙ୍କର ଲକ୍ଷଣ ସଂବନ୍ଧରେ କହିଛି ।ବର୍ତ୍ତମାନ ମୁଁ ଆର୍ଯ୍ୟାର ଲକ୍ଷଣ କହୁଛି ।

ପଥ୍ୟା ଚ ବିପୁଳା ଚୈବ ଚପଳା ମୁଖଚୋଽପରା ।
ଜଘନେ ଚପଳା ଚୈବ ଆର୍ଯ୍ୟାଃ ପଞ୍ଚ ପ୍ରକୀର୍ତ୍ତିତା ।।୧୫୬।।

ଯଥା :–

ଆର୍ଯ୍ୟା ପାଞ୍ଚ ପ୍ରକାର ୧ – ପଥ୍ୟା, ୨ – ବିପୁଳା, ୩ – ଚପଳା, ୪ – ମୁଖଚପଳା ଏବଂ ୫ – ଜଘନ ଚପଳା ।

ଆସାନ୍ତୁ ସମ୍ପ୍ରବକ୍ଷ୍ୟାମି ଯତିମାତ୍ରାବିକଳ୍ପନମ୍ ।
ଲକ୍ଷଣଂ ନିୟମଞ୍ଚୈବ ବିକଳ୍ପଗୁଣସଂଶ୍ରୟମ୍ ।।୧୫୭।।

ବର୍ତ୍ତମାନ ମୁଁ ଏହି ଆର୍ଯ୍ୟାମାନଙ୍କର ଲକ୍ଷଣ ଏବଂ ତହିଁରେ ହେଉଥିବା ଯତି ଓ ମାତ୍ରା, ସେମାନଙ୍କର ଭେଦ ତଥା ବିକଳ୍ପ (ଗୁରୁ ଲଘୁ ବିକଳ୍ପ)ର ନିୟମ ଆଦି ସଂବନ୍ଧରେ କହିବି ।

ଯତିଶ୍ଚୈଦସ୍ତୁ ବିଜ୍ଞେୟଶ୍ଚତୁର୍ମାତ୍ରୋ ଗଣଃ ସ୍ମୃତଃ ।
ଦ୍ୱିତୀୟାନ୍ତ୍ୟୌ ଯୁଜୌ ପାଦାବଯୁଜୌ ତ୍ୱପରୌ ସ୍ମୃତୌ ।।୧୫୮।।

ଯତି ପଦ ବିଭାଗକୁ କୁହାଯାଏ ଏବଂ ଆର୍ଯ୍ୟା ଆଦି ମାତ୍ରିକ ବୃତ୍ତରେ ଗଣ ଚାରିମାତ୍ରାର । ଦ୍ୱିତୀୟ ତଥା ଚତୁର୍ଥପାଦ ସମ (ଯୁଗ୍) ତଥା ପ୍ରଥମ ଏବଂ ତୃତୀୟ ପାଦ ଅସମ (ଅଯୁଗ୍) ।

ଗୁରୁମଧ୍ୟବିହୀନସ୍ତୁ ଚତୁର୍ଗଣସମନ୍ୱିତଃ ।
ଅଯୁଗ୍‌ଗଣୋ ବିଧାତବ୍ୟୋ ଯୁଗ୍‌ଗଣସ୍ତୁ ଯଥେପ୍ସିତଃ ।।୧୫୯।।

ଆର୍ଯ୍ୟାରେ ମଧ୍ୟ-ଗୁରୁ-ଗଣ ଅର୍ଥାତ୍ ଜଗଣକୁ ଛାଡ଼ି ବାକି ସବୁ ଚାରିମାତ୍ରାର ଅଯୁଗ୍ ଗଣ କାବ୍ୟ ରଚନାରେ ରଖାଯାଇ ପାରିବ ।ମାତ୍ର ଯୁଗ୍‌ଗଣରେ ସେଭଳି କୌଣସି ପ୍ରତିବନ୍ଧ ନାହିଁ ।

ଷଷ୍ଠୋଙ୍କେ ଦ୍ୱିବିକଳ୍ପସ୍ତୁ ନୈଧନୋ ହ୍ୟେକସଂଶ୍ରିତଃ ।
ପଶ୍ଚାଦର୍ଦ୍ଧେ ତୁ ଷଷ୍ଠଃ ସ୍ୟାଦ୍ଦେକମାତ୍ରସ୍ତୁ କେବଳଃ ।।୧୬୦।।

ଷୋଙ୍କେ ଗଣର ଦୁଇଟି ସ୍ୱରୂପ ଏବଂ ଅଷ୍ଟମଗଣ କେବଳ ଗୋଟାଏ ବର୍ଣ୍ଣର । ଉତ୍ତରାର୍ଦ୍ଧରେ ଷଷ୍ଠଗଣ କେବଳ ଏକମାତ୍ରାରେ ହିଁ ନିର୍ମିତ ହୋଇଥାଏ ।

ଦ୍ୱିବିକଳ୍ପସ୍ତୁ ଷଷ୍ଠୋ ଯୋ ଗୁରୁମଧ୍ୟୋ ଭବେତ୍ତୁ ସଃ ।
ତଥା ସର୍ବଲଘୁଶ୍ଚୈବ ଯତିଃସଂଖ୍ୟାସମାଶ୍ରିତା ।।୧୬୧।।

ଛ ଗଣର ଦୁଇଟି ବୈକଳ୍ପିକ ସ୍ୱରୂପରେ ଗୋଟିଏ 'ଜ', ଯେଉଁଥିରେ ଗୁରୁ ମଧ୍ୟରେ ରହିଥାଏ ଏବଂ ଦ୍ୱିତୀୟଟି ସମସ୍ତ ଲଘୁବର୍ଣ୍ଣର ହୋଇଥାଏ । ଏମାନେ ଯତି ଉପରେ ଆଶ୍ରିତ ହୋଇ ରହିଥାନ୍ତି ।

ଦ୍ୱିତୀୟାଦିଲଘୁର୍ଜ୍ଞେୟଃ ସପ୍ତମେ ପଞ୍ଚମେ ଯତିଃ ।
ପ୍ରଥମାଦିରଥାନ୍ତ୍ୟେ ଚ ପଞ୍ଚମେ ବା ବିଧୀୟତେ ।।୧୬୨।।

ଯେତେବେଳେ ଅନ୍ୟାନ୍ୟ ଗଣମାନେ ଲଘୁ ହୋଇଥିବେ ତଥା ପଞ୍ଚମ ଗଣର ପରେ ଥିବେ, ଯେତେବେଳେ ତାହା ପୂର୍ଣ୍ଣ ହୁଏ ବା ଷଷ୍ଠ ଗଣର ପ୍ରଥମର ଅକ୍ଷରରୁ ପଞ୍ଚମ ଗଣ ପରେ ପୂର୍ଣ୍ଣ ହେଉଥାଏ ତେବ ଯତି ହୋଇଥାଏ ।

(ଗୁରୁ ମଧ୍ୟବିହୀନସ୍ତୁ ଚତୁର୍ଗୁଣସମନ୍ୱିତଃ
ଅଯୁଗ୍ମଣୋ ବିଧାତବ୍ୟଃ ଯୁଗ୍ମଣସ୍ତୁ ସ ଏବ ଚ ।।)

ପ୍ରକ୍ଷିପ୍ତ :–

ମଧ୍ୟଗୁରୁ ଅର୍ଥାତ୍ ଜଗଣକୁ ଛାଡ଼ି ଗ୍ୱରିଗଣରେ ଯୁକ୍ତ ବିଷମ ଗଣ ତଥା ବାକି ସେହି ଭଳି ସମଗଣର ପାଦ ରଖାଯାଏ ।

ପଥ୍ୟା ଆର୍ଯ୍ୟା :–

ଗଣେଷୁ ତ୍ରିଷୁ ପାଦସ୍ୟ ଯସ୍ୟାଃ ପଥ୍ୟା ତୁ ସା ଭବେତ୍ ।
ଅତଶ୍ଚ ବିପୁଳାନ୍ୟା ତୁ ବିଜ୍ଞେୟାଽତିଲକ୍ଷଣା ।।୧୬୩।।

ଯେଉଁଥିରେ ତିନି ଗଣ ପରେ ଯତି ଥିବ ଅର୍ଥାତ୍ ଯେଉଁଥିରେ ତିନିଗଣ ବା ବାରମାତ୍ରାର ପାଦଥିବ ସେଥିରେ ପଥ୍ୟା ଆର୍ଯ୍ୟା ମାତ୍ର ବିପୁଳା ଆର୍ଯା ଏହାଠାରୁ ଭିନ୍ନ କାରଣ ସେଥିରେ କୌଣସି ପ୍ରକାରର ଯତି ରହେ ନାହିଁ ।

ପଥ୍ୟା ଆର୍ଯ୍ୟା –

ଯଥା –

ରକ୍ତମୃଦୁପଦ୍ମନେତ୍ରା ସିତଦୀର୍ଘବହୁଳମୃଦୁକେଶୀ ।
କସ୍ୟ ତୁ ପୃଥୁମୃଦୁଜଘନା ତନୁବାହ୍ୱଂ ସୋଦରୀ ପଥ୍ୟା ।।୧୬୪।।

ଯାର ରକ୍ତବର୍ଣ୍ଣ କୋମଳ ଭଳି ନେତ୍ର । ଯା'ର କଳା ଲମ୍ବ କୋମଳ ଏବଂ କୁଞ୍ଚିତ କେଶ; ସ୍ଥୂଳ ଏବଂ କୋମଳ ଜଘନ, ପାତଳ ବାହୁ, କାନ୍ଧ ଏବଂ ଉଦର ଥିବ ସେଭଳି ସ୍ତ୍ରୀ କାହାର ଇଷ୍ଟ ହେବନାହିଁ ।

ବିପୁଳା ଆର୍ଯ୍ୟା :—

ଯଥା –

ବିପୁଳଜଘନବଦନସ୍ତନନୟନୈସ୍ତାମ୍ରାଧରୋଷ୍ଠ କରଚରଣୈଃ ।
ଆୟତନାସାଗଣ୍ଡୈର୍ଲଲାଟକର୍ଣ୍ଣୈଃ ଶୁଭା କନ୍ୟା ।।୧୬୫।।

ସେହି କନ୍ୟା ଶୁଭଲକ୍ଷଣ ଯୁକ୍ତା ଯା'ର ନିତମ୍ବ, ମୁହଁ, ବକ୍ଷୋଜ, ତଥା ନେତ୍ର ବଡ଼ । ହାତ ପାପୁଲି ଓ ତଳିପା ରକ୍ତ ବର୍ଣ୍ଣ । ନାକ କପୋଳ ଲଲାଟ ତଥା କାନ ଉଚ୍ଚ ।

ଚପଳା ଆର୍ଯ୍ୟା :—

ଦ୍ୱିତୀୟଶ୍ଚ ଚତୁର୍ଥଶ୍ଚ ଗୁରୁ ମଧ୍ୟୋଗତୋ ଭବେତ୍ ।
ଉଭୟୋରର୍ଧୟୋର୍ଯତ୍ର ବିଜ୍ଞେୟା ଚପଳା ଯଥା ।।୧୬୬।।

ଚପଳାରେ ଦ୍ୱିତୀୟ ତଥା ଚତୁର୍ଥଗଣ ଗୁରୁ ମଧ୍ୟରେ ଥିବେ ଯାହା ଦୁହିଁଙ୍କର ଅର୍ଦ୍ଧଭାଗରେ ରହିଥିବ ।

ଯଥା :–

ଉଦ୍‌ଭଟଗାମିନୀ ପରୁଷଭାଷିଣୀ କାମଚିହ୍ନକୃତବେଷା ।
ଢାନାତି ମାଂସ-ଯୁକ୍ତା ସୁରା-ପ୍ରିୟା ସର୍ବତଶ୍ଚପଳା ।।୧୬୭।।

ସେହି ସ୍ତ୍ରୀ ଯେ ପତିର ପ୍ରତିକୂଳ ଉଦ୍ଧତ ଆଚରଣ କରେ ଏବଂ କଠୋର ବଚନ କହିଥାଏ, ତାର ବେଶରେ କାମାତୁରତାର ଚିହ୍ନ ଦେଖାଯାଏ, ଯାହାର ଦେହ ଅଧିକ ମାଂସ ଯୁକ୍ତ, ଯାର ସୁରାପାନର ଅଭ୍ୟାସ ଥିବ, ସେହି ସ୍ତ୍ରୀ ଚଞ୍ଚଳସ୍ୱଭାବର ସୁଲଜ୍ୟା ଅଟେ ।

ମୁଖ ଚପଳା ତଥା ଜଘନ ଚପଳା ଆର୍ଯ୍ୟା :—

ପୂର୍ବାର୍ଦ୍ଧେ ଲକ୍ଷଣଂ ହ୍ୟେତଦସ୍ୟାଃ ସ ଚ ମୁଖେନ ତୁ ।
ପଶ୍ଚିମାର୍ଦ୍ଧେ ତୁ ଚପଳା ଯସ୍ୟାଃ ସା ଜଘନେନ ତୁ ।।୧୬୮।।

ଚପଳତାର ଲକ୍ଷଣ ଯେତେବେଳେ ପୂର୍ବାର୍ଦ୍ଧରେ ଉପଲବ୍ଧ ହେବ ତେବେ ତାହା ମୁଖଚପଳା ଏବଂ ଉତ୍ତରାର୍ଦ୍ଧରେ ଥିଲେ ତାହା ଜଘନ ଚପଳା ହେବ ।

ମୁଖଚପଳା :—

ଯଥା :–

ଅର୍ଯ୍ୟାମୁଖେ ତୁ ଚପଳା ତଥାପି ଗ୍ରର୍ଯ୍ୟା ନ ମେ ଯଚଃ ସା କିମ୍ ।
ଦକ୍ଷା ଗୃହକୃତ୍ୟେଷୁ ତଥା ଦୁଃଖେ ଭବତି ଦୁଃଖାର୍ତ୍ତ ।।୧୬୯।।

ମୋର ସ୍ତ୍ରୀ ବାଗ୍ମଳ ମାତ୍ର ତାର ବ୍ୟବହାର ମନ୍ଦ ନୁହେଁ ସେ ଗୃହକାର୍ଯ୍ୟରେ ଦକ୍ଷ ଏବଂ ମୁଁ ଦୁଃଖୀ ହେଲେ ସେ ଦୁଃଖ ପାଏ ।

ଜଘନ ଚପଳା :–

ଯଥା :–

ବରମୃଗନୟନେ ଚପଳାସି ବରୋରୁ ଶଶାଂକଦର୍ପଣନିଭାସ୍ୟେ ।
କାମସ୍ୟ ସାରଭୂତେ ନ ପୂର୍ବମଦଗୁରୁଜଘନେନ ।।୧୬୦।।

ସୁନ୍ଦରି, ତୁମର ଚଞ୍ଚଳ ନେତ୍ର ଶ୍ରେଷ୍ଠ ହରିଣର ନେତ୍ରଭଳି, ତୁମର ମୁଖ ଦର୍ପଣ ଚନ୍ଦ୍ରମା ଭଳି । ତୁମର ଜଘନ କାମର ସାର ଏବଂ ପୂର୍ଣ୍ଣତଃ ମାଦକ । ମାତ୍ର ତୁମେ ଚପଳା ହୋଇଥିବା ହେତୁ ବିଶ୍ୱାସଯୋଗ୍ୟା ନୁହେଁ ।

ଉଭୟୋରର୍ଦ୍ଧୟୋରେତଲ୍ଲକ୍ଷଣଂ ଦୃଶ୍ୟତେ ଯଦି ।
ବୃଉଜ୍ଞୈଃ ସା ତୁ ବିଜ୍ଞେୟା ସର୍ବତଶ୍ଚପଲା ତୁ ସା ।। ୧୬୧ ।।

ଯଦି ପୂର୍ବାର୍ଦ୍ଧ ଓ ଉତରାର୍ଦ୍ଧରେ ଚପଳାର ଲକ୍ଷଣ ସମାନ ଭାବରେ ଉପଲବ୍ଧ ହେଉଥିବ ତେବେ ତାହା ସର୍ବଚପଳା ଆର୍ଯ୍ୟା ହେବ ।

କାର୍ଯ୍ୟୌ ଦ୍ୱାଦଶମାତ୍ରୌ ଚ ପାଦାବାଦ୍ୟୌ ତୃତୀୟକୌ ।
ଅଷ୍ଟାଦଶ ଦ୍ୱିତୀୟଞ୍ଚ ତଥା ପଞ୍ଚଦଶୋତ୍ତମା ।।୧୬୨ ।।

ଏହି ବୃତ୍ତରେ ପ୍ରଥମ ତଥା ତୃତୀୟ ପାଦରେ ବାର ମାତ୍ରା ତଥା ଦ୍ୱିତୀୟରେ ଅଠର ଏବଂ ଅନ୍ତିମ ପାଦରେ ପନ୍ଦର ରହିବା ବିଧେୟ ।

ଚତୁଃ ପଞ୍ଚ ପ୍ରକାରାଣାଂ ଚତୁଷ୍କାଣାଂ ବିଶେଷତଃ
ପ୍ରସ୍ତାରଯୋଗମାସାଦ୍ୟ ବାହୁଲ୍ୟଂ ସମ୍ପ୍ରଦର୍ଶୟେତ୍ ।।୧୬୩ ।।

ବିଷମ ସ୍ଥାନ କିମ୍ବା ପାଦରେ ସ୍ଥିତ ହେଉଥିବା ଚାରି ପ୍ରକାରର ଗଣ ରଖାଯାଏ । ସମପାଦ ବା ସମସ୍ଥାନରେ ପାଞ୍ଚ ପ୍ରକାର ଗଣ ବା ପଞ୍ଚମ ଗଣ ରହେ । ଏଥିରେ ପରସ୍ପର ସଂକୀର୍ଣ୍ଣତାଦ୍ୱାରା ହେଉଥିବା ଯେଉଁ ବୈଶିଷ୍ଟ୍ୟ ଅଛି ତାକୁ ପ୍ରସ୍ତାରଗତ ବିସ୍ତାରରେ ପ୍ରଦର୍ଶିତ କରାଯାଏ ।

ପଞ୍ଚ ପଞ୍ଚାଶଦନ୍ତ୍ୟା ତୁ ତ୍ରିଂଶଦାଦ୍ୟା ତଥୈବ ଚ ।
ଆର୍ଯ୍ୟା ତ୍ୱକ୍ଷରପିଣ୍ଡେନ ବିଜ୍ଞେୟାଽତ୍ର ପ୍ରୟୋକ୍ତୃଭିଃ ।।୧୬୪ ।।

ଅନ୍ତ୍ୟା ଅର୍ଥାତ୍ ଅନ୍ତିମ ସର୍ବଲଘୁ ପାଞ୍ଚଗଣରେ ରଖାଯାଏ ଏପରି ଭାବରେ ତାର ପ୍ରଭେଦ ପ୍ରସ୍ତାର ଗତ ବିସ୍ତାରରେ ପଞ୍ଚାବନ ହେବ । ପ୍ରଥମାର୍ଦ୍ଧରେ ପ୍ରଥମ ପାଦର ଆଦ୍ୟଗଣର

ତିରିଶ ଗୋଟି ପ୍ରସ୍ତାରଗତ ଭେଦ ହେବ । ଅନ୍ୟଟିର ଛବିଶ ପ୍ରସ୍ତାର-ଗତ ଭେଦ ହେବ । ଏପରି ଭାବରେ ପ୍ରଯୋକ୍ତାମାନେ ଆର୍ଯ୍ୟାର ଅକ୍ଷର ସମୁଦାୟକୁ ବୁଝନ୍ତୁ ।

ତ୍ରିଂଶତସ୍ତ୍ୱଥ ବର୍ଣ୍ଣେଭ୍ୟୋ ଲଘୁବର୍ଣ୍ଣତ୍ରୟଂ ଭବେତ୍ ।
ଶେଷାଣି ଗୁରୁସଂଜ୍ଞାନି ଏବଂ ସର୍ବତ୍ର ନିର୍ଦ୍ଦିଶେତ୍ ।।୧୭୫।।

ଏବଂ ଏହି ତିରିଶ ଗୋଟି ବର୍ଣ୍ଣଗତ ପ୍ରସ୍ତାର ଭେଦର ପ୍ରକାରରେ ଦ୍ୱିତୀୟ ଏବଂ ଷଷ୍ଠ ସ୍ଥାନ ସହିତ ଅନ୍ତିମ ସ୍ଥାନରେ ସ୍ଥିତ ହୋଇ ରହିଲେ ତିନୋଟି ଲଘୁବର୍ଣ୍ଣର ସୃଷ୍ଟି ହୋଇଥାଏ । ଏହାସବୁ ସ୍ଥାନରେ ବୁଝିବାକୁ ହେବ ।

ସର୍ବେଷାମେବ ବୃର୍ତ୍ତାଣାମକ୍ଷରାଣାଂ ଯଥାକ୍ରମମ୍ ।
ସର୍ବେଷାଂ ଜାତିବୃତ୍ତାନାଂ ପୂର୍ବମୁତ୍ତରସଂଖ୍ୟୟା ।
ବିକଳ୍ପଗଣନାଂ କୃତ୍ୱା ସଂଖ୍ୟାଂ ପିଣ୍ଡେନ ଦର୍ଶୟେତ୍ ।।୧୭୬।।

ସମସ୍ତ ଜାତି ବୃତ୍ତରେ ବିକଳ୍ପ ଗତ ସଂଖ୍ୟାର ପୂର୍ବ ବିଭେଦକୁ ଉତ୍ତର ସଂଖ୍ୟା ସହିତ ଗୁଣନ କରି ସେଥିରେ ଯେଉଁ ସବୁଦାୟ ସଂଖ୍ୟା ହେବ ସେହି ତାର ପ୍ରସ୍ତାର ଭେଦ ହେବ ଯାହା ଅଧିକ ସଂଖ୍ୟାରେ ଦର୍ଶିତ ହେବା ବିଧେୟ ।

ଆର୍ଯ୍ୟାଗୀତିରଥାର୍ଦ୍ଧେ ଚ କେବଳଶ୍ଚାଷ୍ଟଭିର୍ଗଣୈଃ ।
ଉତରାର୍ଦ୍ଧେ ତୁ ଷଷ୍ଠସ୍ତୁ ନ ଲଘୁର୍ଗଣ ଇଷ୍ୟତେ ।।୧୭୭।।

ଆର୍ଯ୍ୟା ଗତିର ଅର୍ଦ୍ଧଭାଗରେ ଆଠଗୋଟି ଗଣ ରହେ ଏବଂ ଆଯ୍ୟାଗୀତିର ପ୍ରଥମାର୍ଦ୍ଧ ଭଳି ଉତ୍ତରାର୍ଦ୍ଧରେ ମଧ୍ୟ ଗଣର ଦୁଇଗୋଟି ଭେଦକୁ ସ୍ୱୀକାର କରାଯାଇଚି, ଯେଉଁଥିରେ ଲଘୁଗଣ ନଥିବେ ।

ବୃତ୍ତୈରେବନ୍ତୁ ବିବିଧୈର୍ନାନାଛନ୍ଦସମୁଦ୍ଭବୈଃ ।
କାବ୍ୟବନ୍ଧାସ୍ତୁ କର୍ତବ୍ୟାଃ ଷଟ୍‌ତ୍ରିଂଶଲ୍ଲକ୍ଷଣାନ୍ୱିତା : ।।୧୭୮।।

ଇତି ଭାରତୀୟ ନାଟ୍ୟଶାସ୍ତ୍ରେ ଛନ୍ଦୋବିଚିତିର୍ନାମ ପଞ୍ଚଦଶଅଧ୍ୟାୟଃ ।

ଏହି ଛନ୍ଦମାନଙ୍କର ନିୟମକୁ ଜାଣି ବିବିଧ ଛନ୍ଦରେ ନାଟକ କାବ୍ୟ ଆଦିର କବିଗଣ ଛତିଶ ଲକ୍ଷଣ ସହ ସର୍ଜନା କରନ୍ତୁ ।

ଭରତମୁନି କୃତ ନାଟ୍ୟଶାସ୍ତ୍ରର 'ଛନ୍ଦୋବିଚିତି' ନାମକ ପଞ୍ଚଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।।

◆

ଷୋଡ଼ଶୋଽଧ୍ୟାୟଃ

(ବାଚିକାଭିନୟରେ କାବ୍ୟାଦିଲକ୍ଷଣ)

ନାଟ୍ୟ ରଚନାର ଛତିଶ ଲକ୍ଷଣ :–

ଭୂଷଣାକ୍ଷରସଂଘାତୌ ଶୋଭୋଦାହରଣେ ତଥା ।
ହେତୁସଂଶୟଦୃଷ୍ଟାନ୍ତାଃ ପ୍ରାପ୍ତ୍ୟଭିପ୍ରାୟ ଏବ ଚ ।।୦୧।।

ନିଦର୍ଶନଂ ନିରୁକ୍ତଞ୍ଚ ସିଦ୍ଧିଶ୍ଚାଥ ବିଶେଷଣମ୍ ।
ଗୁଣାତିପାତାତିଶୟୌ ତୁଲ୍ୟତର୍କଃ ପଦୋଚ୍ଚୟଃ ।।୦୨।।

ଦିଷ୍ଟଞ୍ଚୈବୋପଦିଷ୍ଟଞ୍ଚ ବିଗ୍ରରସ୍ତଦ୍ ବିପର୍ଯ୍ୟୟଃ ।
ଭ୍ରଂଶଶ୍ଚାନୁନୟୋ ମାଳା ଦାକ୍ଷିଣ୍ୟଂ ଗର୍ହଣଂ ତଥା ।।୦୩।।

ଅର୍ଥାପତ୍ତିଃ ପ୍ରସିଦ୍ଧିଶ୍ଚ ପୃଚ୍ଛା ସାରୂପ୍ୟମେବ ଚ ।
ମନୋରଥଶ୍ଚଲେଶଶ୍ଚ ସଂକ୍ଷୋଭୋ ଗୁଣକୀର୍ତ୍ତନମ୍ ।।୦୪।।

ଜ୍ଞେୟା ହ୍ୟଭ୍ୟନୁକ୍ତସିଦ୍ଧିଶ୍ଚ ପ୍ରିୟଂ ବଚନମେବ ଚ ।
ଷଟ୍‌ତ୍ରିଂଶଲ୍ଲକ୍ଷଣାନ୍ୟେବଂ କାବ୍ୟବନ୍ଧେଷୁ ନିର୍ଦ୍ଦିଶେତ୍ ।।୦୫।।

ଦୃଶ୍ୟ କାବ୍ୟରେ ଛତିଶ ଲକ୍ଷଣ ସମାୟୋଜିତ ହୋଇଥାଏ । ଲକ୍ଷଣ ଗୁଡ଼ିକ ହେଲେ ୧. ଭୂଷଣ, ୨, ଅକ୍ଷର-ସଂଘାତ, ୩. ଶୋଭା ୪. ଉଦାହରଣ , ୫. ହେତୁ, ୬. ସଂଶୟ, ୭. ଦୃଷ୍ଟାନ୍ତ, ୮. ପ୍ରାପ୍ତି, ୯. ଅଭିପ୍ରାୟ, ୧୦. ନିଦର୍ଶନ, ୧୧. ନିରୁକ୍ତ, ୧୨. ସିଦ୍ଧି, ୧୩ ବିଶେଷଣ, ୧୪. ଗୁଣାତିପାତ, ୧୫. ଗୁଣାତିଶୟ, ୧୬. ତୁଲ୍ୟତର୍କ, ୧୭. ପଦୋଚ୍ଚୟ, ୧୮. ଦିଷ୍ଟ, ୧୯. ଉପଦିଷ୍ଟ, ୨୦. ବିଗ୍ରର, ୨୧. ବିପର୍ଯ୍ୟୟ, ୨୨. ଭ୍ରଂଶ, ୨୩. ଅନୁନୟ, ୨୪. ମାଳା, ୨୫. ଦାକ୍ଷିଣ୍ୟ, ୨୬. ଗର୍ହଣ, ୨୭. ଅର୍ଥାପତ୍ତି, ୨୮. ପ୍ରସିଦ୍ଧି, ୨୯. ପୃଚ୍ଛା, ୩୦. ସାରୂପ୍ୟ, ୩୧. ମନୋରଥ, ୩୨. ଲେଶ, ୩୩. ସଂକ୍ଷେପ, (ସଂକ୍ଷୋଭ), ୩୪. ଗୁଣକୀର୍ତ୍ତନ, ୩୫. ଅନୁସକ୍ତସିଦ୍ଧି ଏବଂ ୩୬. ପ୍ରିୟବଚନ (ପ୍ରିୟୋକ୍ତି) ।

୧. ଭୂଷଣ :–

ଅଳଂକାରୈର୍ଗୁଣୈଶ୍ଚୈବ ବହୁଭିଃ ସମଳଙ୍କୃତମ୍ ।
ଭୂଷଣୈରିବ ଚିତ୍ରାର୍ଥୈସ୍ତଦ୍‌ଭୂଷଣମିତି ସ୍ମୃତମ୍ ।।୦୬।।

ଯେଉଁ କାବ୍ୟରଚନା ଅନେକ ଅଳଂକାର ତଥା ଗୁଣଦ୍ୱାରା ବିବିଧଆଭୂଷଣରେ ସଜ୍ଜିତ ଶରୀର ଭଳି ସୁଶୋଭିତ ହେଉଥାଏ ସେହି ବିଭିନ୍ନ ଅର୍ଥର ଗୁଣସୂଚକ ଲକ୍ଷଣକୁ 'ଭୂଷଣ' ବୋଲି ଜାଣିବ ।

୨. ଅକ୍ଷରସଂଘାତ :–

ଯତ୍ରାଳ୍ପୈରକ୍ଷରୈଃ ଶ୍ଳିଷ୍ଟୈର୍ବିଚିତ୍ରମୁପବର୍ଣ୍ୟତେ ।
ତମପ୍ୟକ୍ଷରସଂଘାତଂ ବିଦ୍ୟାଲ୍ଲକ୍ଷଣ ସଂଜ୍ଞିତମ୍ ।।୦୭।।

ଯେଉଁଠାରେ ଅଳ୍ପ କେତୋଟି ଶ୍ଳିଷ୍ଟ ଅକ୍ଷରରେ ବିଚିତ୍ର ଅର୍ଥର ଅଭିବ୍ୟକ୍ତି ହୋଇଥାଏ ତାକୁ 'ଅକ୍ଷର ସଂଘାତ' ନାମକ ଲକ୍ଷଣ ବୋଲି ଜାଣିବା ।

୩. ଶୋଭା :–

ସିଦ୍ଧୈରର୍ଥୈଃ ସମଂ କୃତ୍ୱା ହ୍ୟସିଦ୍ଧୋଽର୍ଥଃ ପ୍ରଯୁଜ୍ୟତେ
ଯତ୍ର ଶ୍ଳିଷ୍ଟବିଚିତ୍ରାର୍ଥଃ ସା ଶୋଭେତ୍ୟଭିଧୀୟତେ ।।୦୮।।

ଯଦି ନବୀନ ତଥା ମନୋହାରୀ ଅର୍ଥର ଅସିଦ୍ଧ ବା ଅଜ୍ଞାତ ବିଷୟକୁ ସିଦ୍ଧି କିମ୍ବା ଜ୍ଞାନ ରୂପରେ ଉଦ୍ଧୃତ କରି ଶ୍ଳେଷଦ୍ୱାରା ଅଭିବ୍ୟକ୍ତ ହେଉଥାଏ, ତେବେ ତାହା 'ଶୋଭା' ନାମକ ଲକ୍ଷଣ ବୁଝାଏ ।

୪. ଉଦାହରଣ –

ଯତ୍ର ତୁଲ୍ୟାର୍ଥଯୁକ୍ତେନ ବାକ୍ୟେନାଭିପ୍ରଦର୍ଶନାତ୍
ସାଧ୍ୟତେ ନିପୁଣୈରର୍ଥସ୍ତଦୁଦାହରଣଂ ସ୍ମୃତମ୍ ।।୦୯।।

ଯେତେବେଳେ ସମାନାର୍ଥକ ବାକ୍ୟଦ୍ୱାରା କୌଣସି ଅର୍ଥ ପ୍ରକାଶ କରି ନିପୁଣ ବ୍ୟକ୍ତି ଆପଣାର ପ୍ରୟୋଜନ ସାଧନ କରିଥାଏ ତେବେ ତାକୁ 'ଉଦାହରଣ' ନାମକ ଲକ୍ଷଣ ବୋଲି ବୁଝିବାକୁ ହେବ ।

୫. ହେତୁ :–

ଯତ୍ପ୍ରୟୋଜନସାମର୍ଥ୍ୟାଦ୍‌ବାକ୍ୟମିଷ୍ଟାର୍ଥସାଧନମ୍ ।
ସମାସୋକ୍ତଂ ମନୋଗ୍ରାହି ସ ହେତୁରିତି ସଂଜ୍ଞିତଃ ।।୧୦।।

ଯଦି ସଂକ୍ଷିପ୍ତ ଏବଂ ହୃଦୟଗ୍ରାହୀ ବାକ୍ୟାବଳୀଦ୍ୱାରା ସେମାନଙ୍କର ଦକ୍ଷତା ପୂର୍ବକ ପ୍ରୟୋଗ ହୋଇଥିବା ହେତୁ ଇଚ୍ଛିତ ବସ୍ତୁ ମିଳିଯାଏ ତେବେ ତାକୁ 'ହେତୁ' ନାମକ ଲକ୍ଷଣ ବୋଲି କୁହାଯିବ ।

୬. ସଂଶୟ :–

ଅପରିଜ୍ଞାତତତ୍ତ୍ୱାର୍ଥଂବାକ୍ୟଂ ଯତ୍ର ସମାପ୍ୟତେ ।
ଅନେକତ୍ୱାଦ୍‌ବିଗ୍ରହାଣାଂ ସ ସଂଶୟ ଇତି ସ୍ମୃତଃ ।।୧୧।।

ଯେତେବେଳେ ବିସ୍ତରର ଅଧିକତା ହେତୁ ସଂପୂର୍ଣ୍ଣ ଆଶୟର ବୋଧ ନକରାଇ ବାକ୍ୟ ସମାପ୍ତ ହୋଇଥାଏ ତାହା 'ସଂଶୟ' ଲକ୍ଷଣ ବୋଲି କୁହାଯାଏ ।

୭. ଦୃଷ୍ଟାନ୍ତ :–

ସର୍ବଲୋକମନୋଗ୍ରାହୀ ଯସ୍ତୁ ପକ୍ଷାର୍ଥସାଧକଃ ।
ହେତୋର୍ନିଦର୍ଶନକୃତଃ ସ ଦୃଷ୍ଟାନ୍ତ ଇତି ସ୍ମୃତଃ ।।୧୨।।

ହେତୁ ଏବଂ ଉଦାହରଣ ଦେଇ କୌଣସି ବିଷୟ କିମ୍ବା ବସ୍ତୁର ମନୋରଂଜନ ରୀତିରେ ପକ୍ଷ ସମର୍ଥନ କରାଯାଇଥିଲେ ସେହି ରଚନାବଳୀକୁ 'ଦୃଷ୍ଟାନ୍ତ' ବୋଲି ବୁଝିବା ଉଚିତ ।

୮. ପ୍ରାପ୍ତି :–

ଦୃଷ୍ଟୈବାବୟବାନ୍ କାଂଶ୍ଚିଦ୍‌ଭାବୋ ଯତ୍ରାନୁମୀୟତେ ।
ପ୍ରାପ୍ତିଂତମଭିଜାନୀୟାଲ୍ଲକ୍ଷଣଂ ନାଟକାଶ୍ରୟମ୍ ।।୧୩।।

ସବୁକିଛି ସୂଚନାଦ୍ୱାରା ହେଉ କିମ୍ବା କ୍ରିୟା ଦେଖି ହେଉ, ଯଦି କୌଣସି ଭାବର ଅନୁମାନ କରିହୁଏ ତାକୁ ଶ୍ରେଷ୍ଠ ନାଟକମାନଙ୍କରେ ପ୍ରାପ୍ତ ହେଉଥିବା 'ପ୍ରାପ୍ତି' ନାମକ ଲକ୍ଷଣ ବୋଲି ବୁଝିବା ଉଚିତ ।

୯. ଅଭିପ୍ରାୟ :–

ଅଭୂତପୂର୍ବୋ ଯୋ ହ୍ୟର୍ଥଃ ସାଦୃଶ୍ୟାତ୍ ପରିକଳ୍ପିତଃ ।
ଲୋକସ୍ୟ ହୃଦୟଗ୍ରାହୀ ସୋଽଭିପ୍ରାୟ ଇତି ସ୍ମୃତଃ ।।୧୪।।

ଯେଉଁ ବିସ୍ତର ମନୋଗ୍ରାହୀ ସ୍ୱରୂପର ତଥା ଯାହାର କେହି ହେଲେ କୌଣସି କଳ୍ପନା କରିନାହିଁ - ଯେତେବେଳେ ଦୁଇଟି ବିଷୟର ସମାନତାର ଆଧାରରେ ତାକୁ ପ୍ରସ୍ତୁତ ଅଥବା ନିର୍ମାଣ କରାଯାଏ, ତାକୁ 'ଅଭିପ୍ରାୟ' ଲକ୍ଷଣ ବୋଲି ବୁଝିବା ଉଚିତ ।

୧୦. ନିଦର୍ଶନ – (ବା ବିପରୀତ ଦୃଷ୍ଟି) :–

ଯତ୍ରାର୍ଥାନାଂ ପ୍ରସିଦ୍ଧାନାଂ କ୍ରିୟତେ ପରିକୀର୍ତନମ୍
ପରାପେକ୍ଷାବ୍ୟୁଦାସାର୍ଥଂ ତନ୍ନିଦର୍ଶନମୁଚ୍ୟତେ ।।୧୫।।

ଯେଉଁଥିରେ ପରର ମତ ଖଣ୍ଡନ ପାଇଁ କିଛି ପ୍ରସିଦ୍ଧ କଥାର ପ୍ରୟୋଗ ସମର୍ଥନ ସ୍ୱରୂପ କରାଯାଏ ତାକୁ 'ନିଦର୍ଶନ' ଲକ୍ଷଣ ବୋଲି ବୁଝିବା ଉଚିତ ।

୧୧. ନିରୁକ୍ତ :—

ନିରବଦ୍ୟସ୍ୟ ବାକ୍ୟସ୍ୟ ପୂର୍ବୋକ୍ତାର୍ଥପ୍ରସିଦ୍ଧୟେ ।
ଯଦୁଚ୍ୟତେ ତୁ ବଚନଂ ନିରୁକ୍ତଂ ତଦୁଦାହୃତମ୍ ।।୧୬।।

ପୂର୍ବର ଅଦୃଷ୍ଟ (ନିରବଦ୍ୟ) କଥାକୁ ପୁଷ୍ଟ କରିବାକୁ ତା'ର ସମର୍ଥନ ହେତୁ ପ୍ରଯୁକ୍ତ ବାକ୍ୟାବଳୀକୁ 'ନିରୁକ୍ତ' ବୋଲି ବୁଝିବା ଉଚିତ ।

୧୨. ସିଦ୍ଧି :—

ବହୂନାନ୍ତୁ ପ୍ରଧାନାନାଂ ନାମ ଯତ୍ରାଭିକୀର୍ତ୍ତ୍ୟତେ ।
ଅଭିପ୍ରେତାର୍ଥସିଦ୍ଧ୍ୟର୍ଥଂ ସା ସିଦ୍ଧିରଭିଧୀୟତେ ।।୧୭।।

ଯହିଁରେ ଆପଣାର ଇଷ୍ଟ ବିଷୟକୁ ପୂର୍ଣ୍ଣରୂପରେ କହିବା ପାଇଁ, ଅନେକ ପ୍ରସିଦ୍ଧ ବ୍ୟକ୍ତିଙ୍କର ନାମ ନିଆଯାଇଥାଏ, ତାକୁ 'ସିଦ୍ଧି' ବୋଲି ବୁଝିବା ଉଚିତ ।

୧୩. ବିଶେଷଣ :—

ସିଦ୍ଧାନ୍ ବହୂନ୍ ପ୍ରଧାନାର୍ଥାନୁକ୍ତ୍ୱା ଯତ୍ର ପ୍ରଯୁଜ୍ୟତେ
ବିଶେଷଯୁକ୍ତଂ ବଚନଂ ବିଜ୍ଞେୟଂ ତଦ୍ୱିଶେଷଣମ୍ ।।୧୮ ।।

ଯେତେବେଳେ ପ୍ରସିଦ୍ଧ ଏବଂ ବଡ଼ କଥା କହିବା ପରେ ତା'ର ବିଶେଷତା କହି କୌଣସି କଥା କୁହାଯାଏ, ସେତେବେଳେ ତାକୁ 'ବିଶେଷଣ' ଲକ୍ଷଣ ବୋଲି ବୁଝିବା ଉଚିତ୍ ।

୧୪. ଗୁଣାତିପାତ :—

ଗୁଣାଭିଧାନୈର୍ବିବିଧୈର୍ବିପରୀତାର୍ଥ ଯୋଜିତୈଃ ।
ଗୁଣାତିପାତୋ ମଧୁରୋଽନିଷ୍ଠୁରାର୍ଥୈର୍ଭବେଦ୍ୟଥା ।।୧୯ ।।

ଯେତେବେଳେ କାହାର ଗୁଣ ମଧୁର ପଦାବଳୀରେ ବର୍ଣ୍ଣନା କାଳରେ କଠୋର ଅର୍ଥରେ ବିପରୀତ ଯୋଜନା ଆସିଯାଇଥାଏ, ସେତେବେଳେ ତାକୁ 'ଗୁଣାତିପାତ' ବୋଲି ବୁଝିବା ଉଚିତ ।

୧୫. ଗୁଣାତିଶୟ :—

ବହୂନ ଗୁଣାନ୍ କୀର୍ତ୍ତୟିତ୍ୱା ସାମାନ୍ୟଜନସଂଭବାନ୍ ।
ବିଶେଷଃ କୀର୍ତ୍ତ୍ୟତେ ଯସ୍ତୁ ଜ୍ଞେୟଃ ସୋଽତିଶୟୋ ବୁଧୈଃ ।।୨୦।।

ଯଦି ସାମାନ୍ୟ ମନୁଷ୍ୟମାନଙ୍କ ମଧ୍ୟରେ ଦେଖା ଯାଉଥିବା ଅନେକ ଗୁଣ ବଖାଣିବା ପରେ ମଧ୍ୟ କିଛି ଗୁଣର ବିଶେଷତା ସଂବନ୍ଧରେ କୁହାଯାଏ ତେବେ ତାକୁ 'ଅତିଶୟ' ବୋଲି ବୁଝିବା ଉଚିତ ।

୧୬. ତୁଲ୍ୟତର୍କ :—

ରୂପକୈରୁପମାଭିର୍ବା ତୁଲ୍ୟାର୍ଥାଭିଃ ପ୍ରଯୋଜିତଃ ।
ଅପ୍ରତ୍ୟକ୍ଷାର୍ଥସଂସ୍ପର୍ଶସ୍ତୁଲ୍ୟତର୍କଃ ପ୍ରକୀର୍ତ୍ତିତଃ ।।୨୧।।

କୌଣସି ପରୋକ୍ଷ ଅର୍ଥକୁ ଉପମା ଅଥବା ରୂପକଦ୍ୱାରା ଅର୍ଥଗତ ସମାନତା ରଖି ପ୍ରତ୍ୟକ୍ଷତଃ ଅଭିହିତ କରାଗଲେ ତାକୁ 'ତୁଲ୍ୟତର୍କ' ନାମକ ଲକ୍ଷଣ ବୋଲି ବୁଝିବା ଉଚିତ ।

୧୭. ପଦୋଚ୍ଚୟ :—

ବହୂନାନ୍ତୁ ପ୍ରଯୁକ୍ତାନାଂ ପଦାନାଂ ବହୁଭିଃ ପଦୈଃ ।
ଉଚ୍ଚୟଃ ସଦୃଶାର୍ଥୋଯଃ ସ ବିଜ୍ଞେୟଃ ପଦୋଚ୍ଚୟଃ ।।୨୨।।

ଯେତେବେଳେ ଅନେକ ଶବ୍ଦର ପ୍ରୟୋଗ ସେହିମାନଙ୍କ ଭଳି ଅନ୍ୟ ଶବ୍ଦମାନଙ୍କୁ ମିଶେଇ, ସେହି ଅର୍ଥ ଅଥବା କାର୍ଯ୍ୟକୁ କହିବାପାଇଁ କରାଯାଏ ସେତେବେଳେ ତାକୁ 'ପଦୋଚ୍ଚୟ' ଲକ୍ଷଣ ବୋଲି ବୁଝିବା ଉଚିତ୍ ।

୧୮. ଦିଷ୍ଟ (ଦୃଷ୍ଟି) :—

ଯଥାଦେଶଂ ଯଥାକାଳଂ ଯଥାରୂପଞ୍ଚ ବର୍ଣ୍ଣ୍ୟତେ
ଯତ୍ ପ୍ରତ୍ୟକ୍ଷଂ ପରୋକ୍ଷଂ ବା ଦିଷ୍ଟଂ ତଦ୍ୱର୍ଣ୍ଣତୋଽପି ବା ।।୨୩।।

କୌଣସି ପ୍ରତ୍ୟକ୍ଷ ଅଥବା ଅପ୍ରତ୍ୟକ୍ଷ ବିଷୟରେ ଦେଶ, କାଳ ତଥା ସ୍ୱରୂପ ଅନୁସାରେ ଯଦି ଠିକ୍ ସେହିଭଳି ବର୍ଣ୍ଣନା କରି ଦିଆଯାଏ ତେବେ ତାକୁ 'ଦିଷ୍ଟ' ବୋଲି କହିବା ଉଚିତ ।

୧୯. ଉପଦିଷ୍ଟ :—

ପରିଗୃହ୍ୟ ତୁ ଶାସ୍ତ୍ରାର୍ଥଂ ଯଦ୍ୱାକ୍ୟମଭିଧୀୟତେ ।
ବିଦ୍ୱନ୍ମନୋହରଂ ସ୍ୱନ୍ତମୁପଦିଷ୍ଟଂ ତଦୁଚ୍ୟତେ ।।୨୪।।

ଯଦି କୌଣସି ଇଷ୍ଟ ବିଷୟକୁ ଶାସ୍ତ୍ରର ଆଧାରରେ କୁହାଯାଏ ତଥା ଯେଉଁଥିରେ ବିଦ୍ୱାନମାନେ ସନ୍ତୁଷ୍ଟ ହୁଅନ୍ତି ତାକୁ 'ଉପଦିଷ୍ଟ' ବୋଲି ବୁଝିବା ଉଚିତ୍ ।

୨୦. ବିଗ୍ରହ :–

ପୂର୍ବାଶୟ ସମାନାର୍ଥୈରପ୍ରତ୍ୟକ୍ଷାର୍ଥସାଧନୈଃ ।
ଅନେକାପୋହ ସଂଯୁକ୍ତୋ ବିଗ୍ରହଃ ପରିକୀର୍ତ୍ତିତଃ ।।୨୫।।

ପୂର୍ବ ପ୍ରତିଷ୍ଠିତ ମତକୁ ବିରୋଧ ନକରି ଗୃହୀତ ହୋଇଥିବ । ଅପ୍ରତ୍ୟକ୍ଷ ସିଦ୍ଧାନ୍ତ ଓ ଅନେକ ଉପାଦେୟ ଗୁଣ ସଂବଳିତ ତଥ୍ୟକୁ 'ବିଗ୍ରହ' କୁହାଯାଏ ।

୨୧. ବିପର୍ଯ୍ୟୟ :–

ବିଗ୍ରହସ୍ୟାନ୍ୟଥାଭାବସ୍ତଥାଦୃଷ୍ଟୋପଯୋଗତଃ
ସନ୍ଦେହାତ୍ କଳ୍ପ୍ୟତେ ଯସ୍ମ ସ ବିଜ୍ଞେୟୋ ବିପର୍ଯ୍ୟୟଃ ।।୨୬।।

ସଂଦେହ ହେତୁ ଯଦି କୌଣସି ବିଷୟକୁ ଦେଖି କହି କିମ୍ବା ସେହି ବିଗ୍ରହର ପରିତ୍ୟାଗ ଅଥବା ସ୍ୱରୂପ ପରିବର୍ତ୍ତନ ହୋଇଥାଏ, ତେବେ ତାକୁ 'ବିପର୍ଯ୍ୟୟ' ବୋଲି ମନେ କରିବା ଉଚତ ।

୨୨. ଭ୍ରଂଶ :–

ବାଚ୍ୟମର୍ଥଂପରିତ୍ୟଜ୍ୟ ଦୃଷ୍ଟାଦିଭିରନେକଧା ।
ଅନ୍ୟସ୍ମିନ୍ନେବ ପତନାଦିହ ଭ୍ରଂଶଃ ସ ଇଷ୍ୟତେ ।

ଯେତେବେଳେ ଅହଂକାର, ଭୟ ଅଥବା ଶୀଘ୍ରତା ଆଦି କାରଣରୁ କୌଣସି ବ୍ୟକ୍ତିଦ୍ୱାରା ବାଚ୍ୟାର୍ଥକୁ ଛାଡ଼ି ଅନ୍ୟକିଛି କଥା ପ୍ରକଟିତ ହୋଇଯାଏ ତେବେ ତାକୁ 'ଭ୍ରଂଶ' ବୋଲି ବୁଝିବା ଉଚିତ ।

୨୩. ଅନୁନୟ :–

ଉଭୟୋଃ ପ୍ରୀତିଜନନୋ ବିରୁଦ୍ଧାଭିନିବିଷ୍ଟୟୋଃ ।
ଅର୍ଥସ୍ୟ ସାଧକଶ୍ଚୈବ ବିଜ୍ଞେୟୋଽନୁନୟୋ ବୁଧୈଃ ।।୨୮।।

ଯେଉଁ ଶବ୍ଦାବଳୀ ପ୍ରୟୋଗରେ ଦୁଇଜଣ ପ୍ରତିପକ୍ଷଙ୍କର ପ୍ରୀତି ସଂପାଦନ କରିବା ସହିତ ଆପଣାର ଇଷ୍ଟ ସିଦ୍ଧି ପ୍ରାପ୍ତ ହୋଇଥାଏ ତାକୁ 'ଅନୁନୟ' ଲକ୍ଷଣ ବୋଲି ବୁଝିବା ଉଚିତ ।

୨୪. ମାଳା :–

ଅଭିପ୍ରେତାର୍ଥସିଧ୍ୟର୍ଥେ କୀର୍ତ୍ତ୍ୟନ୍ତେ ଯତ୍ର ସୂରିଭିଃ ।
ପ୍ରୟୋଜନାନ୍ୟନେକାନି ସା ମାଳେତ୍ୟଭିସଂଜ୍ଞିତା ।।୨୯।।

ଯେତେବେଳେ ଆପଣାର ପ୍ରୟୋଜନ-ସିଦ୍ଧି ନିମନ୍ତେ ବିଦ୍ୱାନମାନଙ୍କ ଦ୍ୱାରା ଆବଶ୍ୟକତା ପୂର୍ତ୍ତିର ପରାମର୍ଶ ଦିଆଯାଏ ସେତେବେଳେ ତାକୁ 'ମାଳା' ବୋଲି ବୁଝିବା ଉଚିତ ।

୨୫. ଦାକ୍ଷିଣ୍ୟ :–

ହୃଷ୍ଟୈଃ ପ୍ରସନ୍ନବଦନୈର୍ଯଦ୍ ପରସ୍ୟାନୁବର୍ତ୍ତନମ୍ ।
କ୍ରିୟତେ ବାକ୍ୟଚେଷ୍ଟାଭିସ୍ତଦ୍ଦାକ୍ଷିଣ୍ୟମୁଦାହୃତମ୍ ।।୩୦।।

ସୁଖପୂର୍ବକ ପ୍ରସନ୍ନ ବଦନରେ ମିଠା କଥା ଏବଂ ଅନୁକୂଳକ୍ରିୟା ଦ୍ୱାରା ଜଣକର ଅନ୍ୟଜଣକ ସହିତ ଅନୁକୂଳ ଭାବରେ ଚାଲିବାକୁ 'ଦାକ୍ଷିଣ୍ୟ' ବୋଲି କୁହାଯାଏ ।

୨୬. ଗର୍ହଣ :–

ଯତ୍ର ସଂକୀର୍ତ୍ତୟନ୍ ଦୋଷଂ ଗୁଣମର୍ଥେନ ଦର୍ଶୟେତ୍ ।
ଗୁଣାତିପାତାଦ୍ଦୋଷାଦ୍ୱା ଗର୍ହଣଂ ନାମ ତଦ୍ଭବେତ୍ ।।୩୧ ।।

ଯଦି ଦୋଷ ଦେଖାଇ ତାକୁ ପ୍ରୟୋଜନ ବଶତଃ ଗୁଣ ରୂପରେ ବର୍ଣ୍ଣନା କରାଯାଏ କିମ୍ବା ଗୁଣ କହି ତାକୁ ଦୋଷ ଠାରୁ ନ୍ୟୂନ ବୋଲି ସିଦ୍ଧ କରାଯାଏ ତେବେ ତାକୁ 'ଗର୍ହଣ' ବୋଲି କହିବା ବିଧେୟ ।

୨୭. ଅର୍ଥାପତ୍ତି :–

ଅର୍ଥାନ୍ତରସ୍ୟ କଥନେ ଯତ୍ରାନ୍ୟୋଽର୍ଥଃ ପ୍ରତୀୟତେ ।
ବାକ୍ୟାମାଧୁର୍ଯ୍ୟସମ୍ପନ୍ନା ସାର୍ଥାପତ୍ତିରୁଦାହୃତା ।।୩୨ ।।

ଯେତେବେଳେ କୌଣସି ମଧୁରକଥା କହିଲେ ତା'ଦ୍ୱାରା ତା'ର ଅନ୍ୟାର୍ଥ ମଧ୍ୟ ପ୍ରତୀତ ହୋଇଥାଏ, ସେତେବେଳେ ତାକୁ 'ଅର୍ଥାପତ୍ତି' ବୋଲି କୁହାଯିବା ଉଚିତ୍ ।

୨୮. ପ୍ରସିଦ୍ଧି :–

ବାକ୍ୟୈଃ ସାତିଶୟୈରୁକ୍ତ୍ୟା ବାକ୍ୟାର୍ଥସ୍ୟ ପ୍ରସାଧକୈଃ ।
ଲୋକପ୍ରସିଦ୍ଧୈର୍ବହୁଭିଃ ପ୍ରସିଦ୍ଧିରିତି କୀର୍ତ୍ତିତା ।।୩୩।।

ଯେତେବେଳେ ଅତି ଉତ୍ତମ ଶବ୍ଦ ସଂଯୋଜିତ ବାକ୍ୟଦ୍ୱାରା, ତଥା ଲୋକ ବ୍ୟବହାର ପ୍ରକାଶ କରେ ସେତେବେଳେ ତାକୁ 'ପ୍ରସିଦ୍ଧି' ଲକ୍ଷଣ ବୋଲି କୁହାଯାଇଛି ।

୨୯. ପୃଚ୍ଛା :–

ଯତ୍ରାକାରୋଦ୍ଭବୈର୍ବାକ୍ୟୈରାତ୍ମାନମଥବା ପରମ୍ ।
ପୃଚ୍ଛନ୍ନଭିଦଧାତ୍ୟର୍ଥଂ ସା ପୃଚ୍ଛେତ୍ୟଭିସଂଜ୍ଞିତା ।।୩୪ ।।

ସ୍ୱୟଂକୁ କିମ୍ବା ପରକୁ ସଂବୋଧନ କରି ଯେତେବେଳେ କଳ୍ପିତ କିମ୍ବା ପରୋକ୍ଷ ବ୍ୟକ୍ତି ଦ୍ୱାରା ଆପଣାକୁ ପଗ୍ଚରିବା ଭଳି କିଛି କୁହାଯାଏ ତେବେ ତାକୁ 'ପୃଚ୍ଛା' ବୋଲି ନାମ କରଣ କରାଯାଇଛି ।

୩୦. ସାରୂପ୍ୟ :–

ଦୃଷ୍ଟଶ୍ରୁତାନୁଭୂତାର୍ଥକଥନାଦିଃ ସମୁଦ୍ଭବମ୍ ।
ସାଦୃଶ୍ୟକ୍ଷୋଭଜନନଂ ସାରୂପ୍ୟମିତି ସଂଜ୍ଞିତମ୍ ।।୩୫।।

ଯେତେବେଳେ କୌଣସି ବସ୍ତୁକୁ ଦେଖି, ଶୁଣି କିମ୍ବା ଅନୁଭବ କରି ତା'ର (ଆପାତ) ସମାନତା ହେତୁ ବୁଦ୍ଧି ସନ୍ଦିଗ୍ଧ ହେଉଥାଏ ଯେତେବେଳେ ତାକୁ 'ସାରୂପ୍ୟ' ବୋଲି ଅଭିହିତ କରାଯାଇଛି ।

୩୧. ମନୋରଥ :–

ହୃଦୟାସ୍ଥସ୍ୟ ବାକ୍ୟସ୍ୟ ଗୂଢ଼ାର୍ଥସ୍ୟ ବିଭାବକମ୍ ।
ଅନ୍ୟାପଦେଶୈଃ କଥନଂ ମନୋରଥ ଇତି ସ୍ମୃତଃ ।।୩୬।।

ଯେତେବେଳେ ହୃଦୟରେ ରହିଥିବା ଗୁପ୍ତ ଅଭିଳାଷ ଅନ୍ୟଅବସ୍ଥାର ବର୍ଣ୍ଣନାଦ୍ୱାରା (ଅନ୍ୟାପଦେଶ) ପ୍ରଦର୍ଶିତ ହୋଇଥାଏ ତାକୁ 'ମନୋରଥ' ବୋଲି କୁହାଯାଉଛି ।

୩୨. ଲେଶ :–

ଯଦ୍ୱାକ୍ୟଂ ବାଦକୁଶଳୈରୁପାୟେନାଭିଧୀୟତେ
ସଦୃଶାର୍ଥାଭିନିଷ୍ପତ୍ୟା ସ ଲେଶ ଇତି କୀର୍ତିତଃ ।।୩୭।।

ଯେଉଁ ଶବ୍ଦାର୍ଥ ବାଦକୁଶଳୀଙ୍କ ବାକ୍‌ଚାତୁରୀରେ ସଦୃଶାର୍ଥ ଦ୍ୟୋତନ କରେ ତାହାକୁ 'ଲେଶ' ବୋଲି କୁହାଯାଏ ।

୩୩. କ୍ଷୋଭ :–

ପରଦୋଷୈର୍ବିଚିତ୍ରାର୍ଥୈର୍ଯତ୍ରାତ୍ମା ପରିକୀର୍ତ୍ୟତେ
ଅଦୃଷ୍ଟୋଽନ୍ୟୋପି ବା କଶ୍ଚିତ୍ ସ ତୁ କ୍ଷୋଭ ଇତି ସ୍ମୃତଃ ।।୩୮।।

ଯଦି ଜଣେ ନିର୍ଦୋଷ ନିଜକୁ କିମ୍ବା ଦେଖି ନଥିବା କୌଣସି ବସ୍ତୁକୁ ବିଚିତ୍ର ଅର୍ଥର ଅଭିଧାନଦ୍ୱାରା ଦୋଷଯୁକ୍ତ ବୋଲି ପରିକଳ୍ପିତ ହୁଏ ତେବେ ତାକୁ 'କ୍ଷୋଭ' ବୋଲି କହିବା ଉଚିତ୍ ।

୩୪. ଗୁଣକୀର୍ତ୍ତନ :–

ଲୋକେ ଗୁଣାତିରିକ୍ତାନାଂ ଗୁଣାନାଂ ଯତ୍ର ନାମଭିଃ ।
ଏକୋଽପି ଶବ୍ଦ୍ୟତେ ତତ୍ତୁ ବିଜ୍ଞେୟଂ ଗୁଣକୀର୍ତ୍ତନମ୍ ।।୩୯।।

ଯେତେବେଳେ ସଂସାରରେ ଉପଲବ୍ଧ ହେଉଥିବା ସମସ୍ତ ଗୁଣର ସଂଖ୍ୟା ଠାରୁ ଅଧିକ ଗୋଟିଏ ବ୍ୟକ୍ତି ମଧ୍ୟରେ ରହିଛି ବୋଲି କୁହାଯାଏ, ସେତେବେଳେ ତାକୁ 'ଗୁଣକୀର୍ତ୍ତନ' ବୋଲି ବୁଝିବା ଉଚିତ ।

୩୫. ଅନୁକ୍ତସିଦ୍ଧି :–

ପ୍ରସ୍ତାବେନୈବ ଶେଷୋଽର୍ଥଃ କୃତ୍ସ୍ନୋ ଯତ୍ର ପ୍ରତୀୟତେ
ବଚନେନ ବିନା ଜ୍ଞାତୁ ସିଦ୍ଧିଃ ସା ପରିକୀର୍ତ୍ତିତା ।।୪୦।।

ଯେଉଁଠାରେ ଅଭିହିତ ହୋଇ ନଥିଲେ ହେଁ ପ୍ରସ୍ତାବ ମାତ୍ରକେ କୌଣସି ବିଷୟର ଅନ୍ତିମ ଭାଗର ପ୍ରତୀତି ଆସିଥାଏ ତାକୁ 'ଅନୁକ୍ତସିଦ୍ଧି' ବୋଲି ବୁଝିବା ଉଚିତ ।

୩୬. ପ୍ରିୟୋକ୍ତି :–

ଯତ୍ପ୍ରସନ୍ନେନ ମନସା ପୂଜ୍ୟଂ ପୂଜୟିତୁଂ ବଚଃ
ହର୍ଷପ୍ରକାଶନାର୍ଥନ୍ତୁ ସା ପ୍ରିୟୋକ୍ତିରୁଦାହୃତା ।।୪୧।।

ଯେତେବେଳେ ପ୍ରସନ୍ନଚିତ୍ତ ହୋଇ ପୂଜ୍ୟଜନଙ୍କ ପ୍ରତି ସମ୍ମାନ ଏବଂ ଆପଣାର ଆନନ୍ଦ ପ୍ରକାଶିତ କରିବା ପାଇଁ ଉପଯୁକ୍ତ ଶବ୍ଦର ଉଚ୍ଚାରଣ କରାଯାଏ ସେତେବେଳେ ତାକୁ 'ପ୍ରିୟୋକ୍ତି' ବୋଲି ବୁଝିବା ଉଚିତ ।

ଏତାନି ବା କାବ୍ୟବିଭୂଷଣାନି ଷଟ୍ ତ୍ରିଂଶଦୁଦ୍ଦେଶ୍ୟନିଦର୍ଶନାନି ।
ପ୍ରବନ୍ଧଶୋଭାକରଣାନି ତଜ୍ଜ୍ଞୈଃ ସମ୍ୟକ୍ ପ୍ରୟୋଜ୍ୟାନି ଯଥାରସାନି ।।୪୨।।

ନାଟ୍ୟରଚନାରେ ପ୍ରଯୁକ୍ତ ହେଉଥିବା ଏମାନେ ହିଁ ସେହି ଛତିଶ ଲକ୍ଷଣ ଯେଉଁମାନଙ୍କୁ ନାଟ୍ୟରଚନା କାଳରେ ଦୃଷ୍ଟିରେ ରଖିବା ଉଚିତ । ନାଟ୍ୟରଚନାର ଶୋଭାଦାୟକ ଏହି ଲକ୍ଷଣମାନଙ୍କୁ ଉପଯୁକ୍ତ ରସର ଅନୁକୂଳ କରି ସର୍ବଦା ପ୍ରୟୋଗ କରାଯିବା ବିଧେୟ ।

ଅଲଂକାର ତଥା ତା'ର ଲକ୍ଷଣ :–

ଉପମା ରୂପକଞ୍ଚୈବ ଦୀପକଂ ଯମକଂ ତଥା ।
କାବ୍ୟସ୍ୟୈତେ ହ୍ୟଲଂକାରାଶ୍ଚତ୍ୱାରଃ ପରିକୀର୍ତ୍ତିତାଃ ।।୪୩।।

ନାଟକରେ ପ୍ରାପ୍ତ ହେଉଥିବା ତଥା ପ୍ରୟୋଗ ହେଉଥିବା ଅଳଙ୍କାର ଚାରିଗୋଟି – ଯଥା :– ଉପମା, ରୂପକ, ଦୀପକ, ଓ ଯମକ ।

ଉପମା :–

ଯକ୍ତିଞ୍ଚିତ୍ କାବ୍ୟବନ୍ଧେଷୁ ସାଦୃଶ୍ୟେନୋପମୀୟତେ ।
ଉପମା ନାମ ସା ଜ୍ଞେୟା ଗୁଣାକୃତିସମାଶ୍ରୟା ।।୪୪।।

କାବ୍ୟରଚନାରେ ଯେତେବେଳେ ଦୁଇଟି ପଦାର୍ଥର ଗୁଣ କିମ୍ବା ଆକୃତି ଉପରେ ଆଶ୍ରିତ ହୋଇ ସାଦୃଶ୍ୟଦ୍ୱାରା ତୁଳନା କରାଯାଏ ସେତେବେଳେ ତାହା 'ଉପମା' ନାମରେ ଅଭିହିତ ହୁଏ ।

ଏକସ୍ୟୈକେନ ସା କାର୍ଯ୍ୟା ହ୍ୟନେକେନାଥବା ପୁନଃ ।
ଅନେକସ୍ୟ ତଥୈକେନ ବହୂନାଂ ବହୁଭିସ୍ତଥା ।।୪୫।।

ଏହି ତୁଳନା ଗୋଟିଏର ଗୋଟିଏ ବା ଅନେକ ସହିତ କିମ୍ବା ଅନେକର ଗୋଟିଏ ସହିତ ତଥା ଅନେକର ଅନେକ ସହିତ ମଧ୍ୟ ହୋଇଥାଏ ।

ତୁଲ୍ୟତେ ଶଶିନା ବକ୍ତ୍ରମିତିହ୍ୟେକକୃତା ଭବେତ୍ ।
ଶଶାଙ୍କବପ୍ରତକାଶନ୍ତେ ଜ୍ୟୋତୀଂଷୀତି ଭବେତ୍ତୁ ଯା ।।୪୬।।

ଏକସ୍ୟାନେକବିଷୟା ସୋପମା ପରିକୀର୍ତ୍ତିତା
ଶ୍ୟେନବର୍ହିଣଭାସାନାଂ ତୁଲ୍ୟାକ୍ଷ ଇତି ଯା ଭବେତ୍ ।।୪୭।।

ଏକସ୍ୟ ବହୁଭିଃ ସା ସ୍ୟାଦୁପମା ନାଟକାଶ୍ରୟା ।
ବହୂନାଂ ବହୁଭିର୍ଜ୍ଞେୟା ଘନା ଇବ ଗଜା ଇତି ।।୪୮।।

ଏମାନଙ୍କର ଉଦାହରଣ କ୍ରମଶଃ ଏଭଳି ହେବ – 'ତୁମର ମୁଖ ଚନ୍ଦ୍ରମା ଭଳି' ଅର୍ଥାତ୍ ଜଣକର ଉପମା ଜଣକର ମାଧ୍ୟମରେ ଦିଆଯାଇଛି । 'ନକ୍ଷତ୍ର ମାନେ ଚନ୍ଦ୍ରମା ଭଳି ପ୍ରକାଶିତ' ଅର୍ଥାତ୍ ଅନେକର ଉପମା ଜଣକ ମାଧ୍ୟମରେ ଦିଆଯାଇଛି । 'ବାଜପକ୍ଷୀ, ମୟୂର ତଥା ଗୃଧ୍ର ଭଳି ନେତ୍ର' ଅର୍ଥାତ୍ ଏକର ଅନେକ ସହିତ ଉପମା ଏବଂ 'ହସ୍ତୀମାନେ ମେଘସଦୃଶ' – ଅନେକର ଉପମା ଅନେକ ସହିତ ଦିଆଯାଇଛି ।

ଉପମାର ପାଞ୍ଚୋଟି ଭେଦ :–

ପ୍ରଶଂସା ଚୈବ ନିନ୍ଦା ଚ କଳ୍ପିତା ସଦୃଶୀ ତଥା ।
କିଞ୍ଚିଚ୍ଚ ସଦୃଶୀ ଜ୍ଞେୟା ହ୍ୟୁପମା ପଞ୍ଚଧା ପୁନଃ ।।୪୯।।

ଉପମା ପାଞ୍ଚ ପ୍ରକାର ଯଥା :– ୧. ପ୍ରଶଂସା, ୨. ନିନ୍ଦା, ୩. କଳ୍ପିତା, ୪. ସଦୃଶୀ ୫. କିଞ୍ଚିତ୍ ସଦୃଶୀ ।

୧. ପ୍ରଶଂସା :–

ଦୃଷ୍ଟ୍ୱା ତୁ ତାଂ ବିଶାଳାକ୍ଷୀଂ ତୁତୋଷ ମନୁଜାଧିପଃ ।
ମୁନିଭିଃ ସାଧିତାଂ କୃଚ୍ଛ୍ରାତ୍ ସିଦ୍ଧିଂ ମୂର୍ତ୍ତିମତୀମିବ ।।୫୦।।

ମୁନିଜନଦ୍ୱାରା କଷ୍ଟାର୍ଜିତ ସିଦ୍ଧି ଭଳି ସେହି ବିଶାଳାକ୍ଷୀ ରମଣୀକୁ ଦେଖି ରାଜା ପ୍ରସନ୍ନ ହେଲେ ।

୨. ନିନ୍ଦା :–

ସା ତଂ ସର୍ବଗୁଣୈର୍ହୀନଂ ସସ୍ୱଜେ କର୍କଶଚ୍ଛବିମ୍ ।
ବନେ କଣ୍ଟକିନଂ ବଲ୍ଲୀ ଦାବଦଗ୍ଧମିବ ଦ୍ରୁମମ୍ ।।୫୧ ।।

ଅରଣ୍ୟରେ ଦାବାଗ୍ନି ଦଗ୍ଧ କଣ୍ଟକିତ ବୃକ୍ଷକୁ ଲତା ଆଲିଙ୍ଗନ କଲାଭଳି ସେହି ରମଣୀ ସର୍ବଗୁଣହୀନ କର୍କଶ ରୂପବନ୍ତ ସେହି ପୁରୁଷକୁ ଆଲିଙ୍ଗନ କଲା ।

୩. କଳ୍ପିତା :–

କ୍ଷରନ୍ତୋ ଦାନସଲିଳଂ ଲୀଳାମନ୍ଥରଗାମିନଃ ।
ମତଙ୍ଗଜା ବିରାଜନ୍ତେ ଜଙ୍ଗମା ଇବ ପର୍ବତାଃ ।।୫୨ ।।

ମଦଜଳ ବର୍ଷା କରୁଥିବା ଲୀଳାରେ ମନ୍ଦଗତିଶାଳୀ ଏହି ଗଜରାଜମାନେ ଜଙ୍ଗମ ପର୍ବତ ସଦୃଶ ଦେଖା ଯାଉଛନ୍ତି ।

୪. ସଦୃଶୀ :–

ଯତ୍ତ୍ୱୟାଦ୍ୟ କୃତଂ କର୍ମ ପରଚିତ୍ତାନୁରୋଧିନା
ସଦୃଶଂ ତତ୍ତବୈବ ସ୍ୟାଦତିମାନୁଷକର୍ମଣଃ ।।୫୩।।

ଅନ୍ୟର ଅନୁରୋଧକ୍ରମେ ଆପଣ ଯେଉଁ କାର୍ଯ୍ୟକଲେ ସେଥିରେ ଅତିମାନୁଷକର୍ମା ପୁରୁଷହିଁ ଆପଣଙ୍କର ସମାନ ହେବ ।

୫. କିଞ୍ଚିତ୍ ସଦୃଶୀ :–

ସଂପୂର୍ଣ୍ଣଚନ୍ଦ୍ରବଦନା ନୀଳୋତ୍ପଳଦଳେକ୍ଷଣା ।
ମତ୍ତମାତଙ୍ଗଗମନା ସମ୍ପ୍ରାପ୍ତେୟଂ ସଖୀ ମମ ।।୫୪।।

ଏ ମୋର ସଖୀ, ଯେ ପୂର୍ଣ୍ଣଚନ୍ଦ୍ର ସଦୃଶ ମୁଖଯୁକ୍ତା ନୀଳକମଳ ସଦୃଶ ଯାର ନେତ୍ର, ମଦମତ୍ତ ହସ୍ତୀ ଭଳି ଯାର ଗିତ; ସେ ଆସି ଉପସ୍ଥିତ ହେଲା ।

ଉପମାୟା ବୁଧୈରେତେ ଜ୍ଞେୟାଭେଦାଃ ସମାସତଃ ।
ଯେ ଶେଷା ଲକ୍ଷଣୈର୍ନୋକ୍ତାସ୍ତେ ଗ୍ରାହ୍ୟା ଲୋକକାବ୍ୟତଃ ।।୫୫ ।।

ଉପମା ଅଳଂକାରର ସଂକ୍ଷେପରେ ଏହି ଭେଦ ।ଏହାର ଅନ୍ୟାନ୍ୟ ପ୍ରକାର ପ୍ରସଙ୍ଗରେ ଯାହା ଲକ୍ଷଣ ସହିତ ଏଠାରେ କୁହାଯାଇନାହିଁ ତାକୁ ଲୋକ ପ୍ରଚଳିତ କାବ୍ୟ ମାଧ୍ୟମରେ ବୁଝିବାକୁ ହେବ ।

ଦୀପକ :–

ନାନାଧିକରଣାର୍ଥାନାଂ ଶବ୍ଦାନାଂ ସମ୍ପ୍ରଦୀପକମ୍ ।
ଏକବାକ୍ୟେନ ସଂଯୁକ୍ତଂ ତଦ୍ଦୀପକମିହୋଚ୍ୟତେ ।।୫୬ ।।

ଭିନ୍ନ ଭିନ୍ନ ବିଷୟରେ ଶବ୍ଦମାନଙ୍କର ଗୋଟିଏ ବାକ୍ୟରେ ଦୀପ ଭଳି ସଂଯୋଗ ହେଲେ ତାହା 'ଦୀପକ' ଅଳଙ୍କାର ହୋଇଥାଏ ।

ଯଥା :–

ସରାଂସି ହଂସୈଃ କୁସୁମୈଶ୍ଚ ବୃକ୍ଷାଃ ମତ୍ତୈର୍ଦ୍ୱିରେଫୈଶ୍ଚ ସରୋରୁହାଣି ।
ଗୋଷ୍ଠୀଭିରୁଦ୍ୟାନବନାନି ଚୈବ ତସ୍ମିନ୍ନଶୂନ୍ୟାନି ସଦା କ୍ରିୟନ୍ତେ ।। ୫୭ ।।

ସେଠାରେ ହଂସାସମୂହରେ ସରୋବର, ପୁଷ୍ପରେ ବୃକ୍ଷ, ମତ୍ତ ଭ୍ରମର ପୁଞ୍ଜରେ କମଳ ଏବଂ ଗୋଷ୍ଠୀ ହେତୁ ଉଦ୍ୟାନ ବନାନୀ ସର୍ବଦା ଶୋଭାଯୁକ୍ତ ହୋଇଥାଏ ।

ରୂପକ :–

ସ୍ୱବିକଳ୍ପେନ ରଚିତଂ ତୁଲ୍ୟାବୟବଲକ୍ଷଣମ୍ ।
କିଞ୍ଚିତ୍ସାଦୃଶ୍ୟସମ୍ପନ୍ନଂ ଯଦ୍ ରୂପଂ ରୂପକନ୍ତୁ ତତ୍ ।।୫୮ ।।

ଯାହା ଆପଣା ବିକଳ୍ପରୁ ନିର୍ମିତ ହୋଇ ତୁଲ୍ୟ ଅବୟବ ଏବଂ କିଛି ସାଦୃଶ୍ୟ ଗୁଣ ଯୁକ୍ତ ରୂପ ହୋଇଥାଏ ତାହାକୁ 'ରୂପକ' କୁହାଯାଏ ।

ନାନାଦ୍ରବ୍ୟାନୁରାଗାଢ୍ୟୈର୍ୟଦୌପମ୍ୟଗୁଣାଶ୍ରୟମ୍ ।
ରୂପନିର୍ବର୍ଣ୍ଣନାଯୁକ୍ତଂ ତଦ୍ରୂପକମିତି ସ୍ମୃତମ୍ ।।

ପ୍ରକ୍ଷିପ୍ତ – ଅନେକ ଦ୍ରବ୍ୟ ସଂବନ୍ଧରୁ ଉପମା ଗୁଣର ଆଶ୍ରୟ ନେଇ ଯା'ର ସ୍ୱରୂପ ବିଶେଷଭାବେ ବର୍ଣ୍ଣିତ ହୋଇଥାଏ, ତାକୁ 'ରୂପକ' କୁହାଯାଏ।

ଯଥା :–

ପଦ୍ମାନନାସ୍ତାଃ କୁମୁଦପ୍ରହାସା ବିକାଶିନୀଲୋତ୍ପଳଚାରୁନେତ୍ରାଃ ।
ବାପୀସ୍ତ୍ରୀୟୋ ହଂସକୁଳୈଃ ସ୍ୱନଦ୍ଭି ର୍ବିରେଜୁରନ୍ୟୋନ୍ୟମିହାଲପନ୍ତ୍ୟଃ ।।୫୯ ।।

ସେହି କମଳ ବଦନା, କୁମୁଦହାସିନୀ, ତଥା ବିକଶିତ ନୀଳକମଳ ଚାରୁ ନେତ୍ରବତୀ କୂଜନରତ ହଂସ ଭଳି ସୁନ୍ଦରୀଲଲନାମାନେ ପରସ୍ପର ଆଳାପମଗ୍ନ ହୋଇ ଶୋଭିତ ହେଲେ ।

ଯମକ :–

ଶବ୍ଦାଭ୍ୟାସସ୍ତୁ ଯମକଂ ପାଦାଦିଷୁ ବିକଳ୍ପିତମ୍ ।
ବିଶେଷଦର୍ଶନଞ୍ଚାସ୍ୟ ଗଦତୋ ମେ ନିବୋଧତ ।।୬୦।।

ଶବ୍ଦର ଆବୃତ୍ତିକୁ 'ଯମକ' କୁହାଯାଏ । ଯାହା ପାଦରୁ ପ୍ରାରମ୍ଭ ହୋଇ ଅନେକ ରୂପ ନେଇଥାଏ । ମୁଁ ତା'ର ବିଶେଷ ସ୍ୱରୂପ ସଂବନ୍ଧରେ କହୁଛି, ଆପଣ ଧ୍ୟାନ ପୂର୍ବକ ଶୁଣନ୍ତୁ ।

ଯମକ :– (ଦଶ ପ୍ରକାର)

ପାଦାନ୍ତ ଯମକଞ୍ଚୈବ – କାଞ୍ଚୀଯମକମେବ ଚ ।
ସମୁଦ୍ଗ ଯମକଞ୍ଚୈବ ବିକ୍ରାନ୍ତ ଯମକନ୍ତଥା ।।୬୧ ।।

ଯମକଂ ଚକ୍ରବାଳଞ୍ଚ ସନ୍ଦଷ୍ଟଯମକଂ ତଥା ।
ପାଦାଦି ଯମକଞ୍ଚୈବ ତଥାମ୍ରେଡ଼ିତମେବ ଚ ।।୬୨ ।।

ଚତୁର୍ବ୍ୟବସିତଞ୍ଚୈବ ମାଳାଯମକମେବ ଚ ।
ଏତଦ୍ଦଶବିଧଂ ଜ୍ଞେୟଂ ଯମକଂ ନାଟକାଶ୍ରୟମ୍ ।।୬୩।।

ଦୃଶ୍ୟକାବ୍ୟରେ ଯମକ ଦଶ ପ୍ରକାର । ଯଥା :–

୧. ପାଦାନ୍ତ ଯମକ, ୨. କାଞ୍ଚୀ ଯମକ, ୩. ସମୁଦ୍ଗ ଯମକ, ୪. ବିକ୍ରାନ୍ତ ଯମକ, ୫. ଚକ୍ରବାଳ ଯମକ, ୬. ସଂଦଷ୍ଟ ଯମକ, ୭. ପାଦାଦି ଯମକ, ୮. ଆମ୍ରେଡ଼ିତ ଯମକ, ୯. ଚତୁର୍ବ୍ୟବସିତ ଯମକ, ୧୦. ମାଳା ଯମକ ।

ପାଦାନ୍ତ ଯମକ :–

ଚତୁର୍ଣ୍ଣାଂ ଯତ୍ର ପାଦାନାମନ୍ତେ ସ୍ୟାଦ୍ ସମମକ୍ଷରମ୍ ।
ତଦ୍ଧି ପାଦାନ୍ତ ଯମକଂ ବିଜ୍ଞେୟଂ ନାମତୋ ଯଥା ।।୬୪ ।।

ଯଦି ଗୁରୋଟି ପାଦର ଅନ୍ତିମ ଅକ୍ଷର ସମାନ ହୋଇଥାଏ, ତେବେ ତାହା 'ପାଦାନ୍ତ ଯମକ' ବୋଲି ବୁଝିବା ଉଚିତ ।

ଯଥା :–

ଦିନକ୍ଷୟାତ୍ ସଂହୃତରଶ୍ମିମଣ୍ଡଳଂ ଦିବୀବ ଲଗ୍ନଂ ତପନୀୟମଣ୍ଡଳମ୍
ବିଭାତି ତାମ୍ରଂ ଦିବି ସୂର୍ଯ୍ୟମଣ୍ଡଳଂ ଯଥା ତରୁଣ୍ୟାଃ ସ୍ତନଭାରମଣ୍ଡଳମ୍ ।।୬୫।।

ଦିବାଶେଷରେ ସୂର୍ଯ୍ୟର ରକ୍ତାଭ ମଣ୍ଡଳ ଆପଣାର ରଶ୍ମିମଣ୍ଡଳକୁ ସାଉଁଟି ନେଇ ଆକାଶରେ ସ୍ୱର୍ଣ୍ଣିମ ବୃତ୍ତରେ ଉଦ୍‌ଭାସିତ ହୋଇ ତରୁଣୀସ୍ତନମଣ୍ଡଳ ପରି ପ୍ରତୀତ ହେଉଛି ।

କାଞ୍ଚୀ ଯମକ :–

ପାଦସ୍ୟାଦୌ ତଥାନ୍ତେ ଚ ଯତ୍ର ସ୍ୟାତାଂ ପଦେ ସମେ
ତତ୍ କାଞ୍ଚୀଯମକଂ ନାମ ବିଜ୍ଞେୟଂ ସୂରିଭିର୍ଯଥା ।।୬୬।।

ଯଦି ପାଦର ଆଦି ଏବଂ ଅନ୍ତରେ ସମାନ ପଦ ଥିବ ତେବେ ତାକୁ କାଞ୍ଚୀ ଯମକ ବୋଲି ବୁଝିବାକୁ ହେବ ।

ଯଥା :–

ଯାମଂ ଯାମଂ ଚନ୍ଦ୍ରବତୀନାଂ ଦ୍ରବତୀନାଂ ବ୍ୟକ୍ତାବ୍ୟକ୍ତା ସା ରଜନୀନାଂ ରଜନୀନାମ୍ ।
ଫୁଲ୍ଲେ ଫୁଲ୍ଲେ ସଭ୍ରମରେ ବା ଭ୍ରମରେ ବା ରାମା ରାମା ବିସ୍ମୟତେ ଚ ସ୍ମୟତେ ଚ ।।୬୭।।

ସୁନ୍ଦରୀମାନଙ୍କର ସାନ୍ନିଧ୍ୟରେ ବିତି ଯାଉଥିବା ଜହ୍ନରାତିର ଦୀର୍ଘ ପ୍ରହରରେ ଜ୍ଞାନ କେତେବେଳେ ରହୁଛି, କେତେବେଳେ ଏହାର ଭ୍ରମ ହୋଇଯାଉଛି । ପୁଷ୍ପ ଭ୍ରମର ଯୁକ୍ତ ଅବା ବିହୀନ ହେଉଛନ୍ତି ଏବଂ ଅନିନ୍ଦ୍ୟସୁନ୍ଦରୀମାନେ ସେହି କାରଣରୁ ଦରହସିତ ଓ ବିସ୍ମିତ ହେଉଛନ୍ତି ।

ସମୁଦ୍‌ଗ ଯମକ :–

ଅର୍ଦ୍ଧେନୈକେନ ଯଦ୍‌ବୃତ୍ତଂ ସର୍ବମେବ ସମାପ୍ୟତେ ।
ସମୁଦ୍ଗ ଯମକଂ ତତ୍ତୁ ବିଜ୍ଞେୟଂ ନାମତୋ ଯଥା ।।୬୮।।

ବୃତ୍ତର ଅର୍ଦ୍ଧଭାଗର ଆବୃତ୍ତିଦ୍ୱାରା ସମ୍ପୂର୍ଣ୍ଣ ବୃତ୍ତର ପୂର୍ତ୍ତି 'ସମୁଦ୍‌ଗ ଯମକ' ବୋଲାଇଥାଏ ।

ଯଥା :—

କେତକୀକୁସୁମପାଣ୍ଡୁରଦନ୍ତଃ ଶୋଭତେ ପ୍ରବରକାନନହସ୍ତୀ ।
କେତକୀକୁସୁମପାଣ୍ଡୁରଦନ୍ତଃ ଶୋଭତେ ପ୍ରବର କାନନହସ୍ତୀ ।।୬୯ ।।

ଏହି ବିଶାଳ ବନଗଜର ଦନ୍ତ କେତକୀ ପୁଷ୍ପଭଳି ପାଣ୍ଡୁର ଦେଖାଯାଉଛି । ତଥା ହସ୍ତୀ ରୂପୀ ବିଶାଳ ବନ ଆପଣାର କେତକୀ ପୁଷ୍ପର ପାଣ୍ଡୁର ରଙ୍ଗର ଦନ୍ତ ହେତୁ ଆହୁରି ଅଧିକ ସୁନ୍ଦର ଦେଖାଯାଉଛି ।

ବିକ୍ରାନ୍ତ ଯମକ :—

ଏକୈକଂ ପାଦମୁତ୍‌କ୍ରମ୍ୟ ଦ୍ୱୌ ପାଦୌ ସଦୃଶୌ ଯଦା ।
ବିକ୍ରାନ୍ତ ଯମକଂ ନାମ ବିଜ୍ଞେୟଂ ନାମତୋ ଯଥା ।।୭୦ ।।

ଯଦି ଗୋଟିଏ ପାଦ ଛାଡ଼ି ଆଉ ଏକ ପାଦ ସମାନ ହୋଇଥାଏ (ଦ୍ୱିତୀୟ-ଚତୁର୍ଥ) ତେବେ ତାହା 'ବିକ୍ରାନ୍ତ ଯମକ' ବୋଲି ବୁଝିବାକୁ ହେବ ।

ଯଥା :—

ସ ପୂର୍ବଂ ବାରଣୋ ଭୂତ୍ୱା ଦ୍ୱିଶୃଙ୍ଗ ଇବ ପର୍ବତଃ ।
ଅଭବଦ୍ଦନ୍ତବୈକଲ୍ୟା ଦ୍ୱିଶୃଙ୍ଗ ଇବ ପର୍ବତଃ ।।୭୧ ।।

ଏହି ହାତୀ ପ୍ରଥମେ ତା'ର ଦୁଇଟି ଅଙ୍ଗ (ଦାନ୍ତ ଏବଂ ପୃଷ୍ଠ) ପାଇଁ ଦ୍ୱିଶୃଙ୍ଗ ପର୍ବତ ସହ ତୁଳନୀୟ ହେଉଥିଲା । ବର୍ତ୍ତମାନ ସେହି ଦାନ୍ତ ଦୁଇଟି ଭାଙ୍ଗିଯିବା ଫଳରେ ଶୃଙ୍ଗହୀନ ପର୍ବତ ଭଳି ମନେହେଉଛି ।

ଚକ୍ରବାଳ ଯମକ :—

ପୂର୍ବସ୍ୟାନ୍ତେନ ପାଦସ୍ୟ ପରସ୍ୟାଦିର୍ଯଦା ସମଃ ।
ଚକ୍ରବଚ୍ଚକ୍ରବାଳଂ ତଦ୍ ବିଜ୍ଞେୟଂ ନାମତୋ ଯଥା ।।୭୨ ।।

ଯଦି ପାଦାନ୍ତ ଶବ୍ଦର ଦ୍ୱିତୀୟ ପାଦର ପ୍ରାରମ୍ଭରେ ଆବୃତ୍ତି ହୋଇଥାଏ ତେବେ ତାକୁ 'ଚକ୍ରବାଳ ଯମକ' କୁହାଯିବ ।

ଯଥା :–

ଶୈଳାସ୍ତଥା ଶତ୍ରୁଭିରାହତାହତା ହତାଶ୍ଚ ଭୂୟସ୍ତ୍ୱନୁପଙ୍ଖଗୈଃ ଖଗୈଃ ।
ଖଗୈଶ୍ଚ ସର୍ବୈର୍ଯୁଧିସଂଚିତାଶ୍ଚିତା ଶ୍ଚିତାଧିରୂଢ଼ା ନିହତାସ୍ତଲୈସ୍ତଲୈଃ ।।୭୩।।

ଯେପରି ଏହି ପର୍ବତ ଶତ୍ରୁମାନଙ୍କର ବାଣ ଏବଂ ତାଙ୍କ ପଛରେ ଆସୁଥିବା ଶିକାରୀ ପକ୍ଷୀମାନଙ୍କ ଦ୍ୱାରା ଆହତ ହୋଇ ମରିଗଲେ ସେହିଭଳି ଏହି ଯୁଦ୍ଧଭୂମି ମଧ୍ୟ ସେପରି ପକ୍ଷଯୁକ୍ତ ପକ୍ଷୀମାନଙ୍କ ଭଳି ବାଣଦ୍ୱାରା ଆଚ୍ଛାଦିତ ହୋଇଯାଇଛି ଏବଂ ଚିତା ଉପରେ ଥିବା ଶବମାନେ ଏହି ପକ୍ଷୀମାନଙ୍କର ଚଞ୍ଚୁ ଆଘାତରେ କ୍ଷତବିକ୍ଷତ ହୋଇଯାଇଛନ୍ତି ।

ସନ୍ଦଷ୍ଟ ଯମକ :–

ଆଦୌ ଦ୍ୱେ ଯତ୍ର ପାଦେ ତୁ ଭବେତାମକ୍ଷରେ ସମେ ।
ସନ୍ଦଷ୍ଟଯମକଂ ନାମ ବିଜ୍ଞେୟଂ ନାମତୋ ଯଥା ।।୭୪।।

ଯଦି ପାଦର ଆରମ୍ଭରେ ଦୁଇଟି ସମାନ ଶବ୍ଦର ଆବୃତ୍ତି ହେଉଥାଏ ତେବେ ତାହା 'ସନ୍ଦଷ୍ଟ ଯମକ' ହୋଇଥାଏ ।

ଯଥା :–

ପଶ୍ୟ ପଶ୍ୟ ରମଣସ୍ୟ ମେ ଗୁଣାନ୍ ଯେନ ଯେନ ବଶଗାଂ କରୋତି ମାମ୍ ।
ଯେନ ଯେନ ହି ମମୈତି ଦର୍ଶନଂ ତେନ ତେନ ବଶଗାଂ କରୋତି ମାମ୍ ।।୭୫।।

ଦେଖ ଦେଖ, ମୋର ପ୍ରିୟର ବିଶେଷତ୍ୱ କ'ଣ ? ଯେଉଁଥିପାଇଁ ସେ ମୋତେ ଆକୃଷ୍ଟ କରନ୍ତି । ସେ ଯେତେବେଳେ ବି ମୋର ଦୃଷ୍ଟିକୁ ଆସନ୍ତି ମୋତେ ଆପଣା ପଟକୁ ଟାଣି ନିଅନ୍ତି ।

ପାଦାଦି ଯମକ :–

ଆଦୌ ପାଦେ ତୁ ଯତ୍ର ସ୍ୟାତ୍ ସମାବେଶସମାକ୍ଷରଃ
ପାଦାଦିଯମକଂ ନାମ ବିଜ୍ଞେୟଂ ନାମତୋ ଯଥା ।।୭୬।।

ଯଦି ପ୍ରତ୍ୟେକ ପାଦର ଆରମ୍ଭରେ ଆସୁଥିବା ଶବ୍ଦର ପରବର୍ତ୍ତୀ ପ୍ରତ୍ୟେକ ପାଦରେ ଆବୃତ୍ତି ହେଉଥାଏ ତେବ ତାକୁ 'ପାଦାଦି ଯମକ' କୁହାଯାଏ ।

ଯଥା :–

ବିଷ୍ଣୁଃ ସୃଜତି ଭୂତାନି ବିଷ୍ଣୁଃ ସଂହରତେ ପ୍ରଜାଃ ।
ବିଷ୍ଣୁଃ ପ୍ରସୂତେ ତ୍ରୈଲୋକ୍ୟଂ ବିଷ୍ଣୁର୍ଲୋକାଧିଦୈବତମ୍ ।।୭୭।।

ବିଷ୍ଣୁ ସମସ୍ତ ପ୍ରାଣୀମାନଙ୍କର ରକ୍ଷାକରନ୍ତି, ସେ ହିଁ ସଂହାର କରିଥାନ୍ତି ତଥା ସେ ମଧ୍ୟ ତିନିଲୋକର ନିର୍ମାତା । ଶ୍ରୀ ବିଷ୍ଣୁ ଭଗବାନ ସମସ୍ତ ଲୋକର ସ୍ୱାମୀ ।

ଆମ୍ରେଡ଼ିତ ଯମକ :–

ପାଦସ୍ୟାନ୍ତ୍ୟଂ ପଦଂ ଯତ୍ର ଦ୍ୱିର୍ଦ୍ଧିରେକମିହୋଚ୍ୟତେ ।
ଜ୍ଞେୟମାମ୍ରେଡ଼ିତଂ ନାମ ଯମକଂ ତତ୍ତୁ ସୂରିଭିଃ ।।୭୮।।

ଯଦି ପାଦରେ ଅନ୍ତିମ ପଦ ଦୁଇବାର ଆବୃତ୍ତ ହେବ ତେବେ ତାହା 'ଆମ୍ରେଡ଼ିତ ଯମକ' ବୋଲି ଜାଣିବ ।

ଯଥା :–

ବିଜୃମ୍ଭିତଂ ନିଃଶ୍ୱସିତଂ ମୁହୁର୍ମୁହୁଃ କଥଂ ବିଧେୟ ସ୍ମରଣଂ ପଦେ ପଦେ ।
ଯଥା ଚ ତେ ଧ୍ୟାନମିଦଂ ପୁନଃ ପୁନଃ ଧ୍ରୁବଂ ଗତା ତେ ରଜନୀ ବିନା ବିନା ।।୭୯।।

ଦୀର୍ଘଶ୍ୱାସ ନେଇ ତୁମେ ତା'ର ନାମ ନେବା ମାତ୍ରକେ ମୁଁ ତାକୁ ମନେ ପକେଇଲି ଏବଂ ପୁଣି ତା'ର ଧ୍ୟାନରେ ନିଶ୍ଚଳ ହୋଇ ଉଦାସଭାବରେ ମୋର ସାରାରାତି ବିତିଗଲା ।

ଚତୁର୍ବ୍ୟବସିତ ଯମକ :–

ସର୍ବେ ପାଦାଃ ସମା ଯତ୍ର ଭବନ୍ତି ନିୟତାକ୍ଷରାଃ ।
ଚତୁର୍ବ୍ୟବସିତଂ ନାମ ତଦ୍ୱିଜ୍ଞେୟଂ ବୁଧୈର୍ଯଥା ।।୮୦।।

ଯଦି ଚାରୋଟି ପାଦ ସମାନ ଅକ୍ଷରର ହୋଇଥିବ ତେବେ ତାହା 'ଚତୁର୍ବ୍ୟବସିତ ଯମକ' ହେବ ।

ଯଥା :–

ବାରଣାନାମୟବେମ କାଲୋ ବାରଣାନାମୟମେବ କାଳଃ ।
ବାରଣାନାମୟମେବ କାଲୋ ବାରଣାନାମୟମେବ କାଳଃ ।।୮୧।।

ଏହି ସମୟ ପୁଷ୍ପମାନଙ୍କର (ବାରଣ) ଏହା ସେହି ଋତୁ ଯେତେବେଳେ ହାତୀ (ବାରଣ) ବ୍ୟାଧିରହିତ ହୋଇଥାଏ । ଏହା ଶତ୍ରୁମାନଙ୍କର ଆସିବାର ସମୟ ଏବଂ ତହିଁର ପ୍ରତିକାର କରିବାକୁ ଏହା ବୀରମାନଙ୍କର ଯୁଦ୍ଧ ଭୂମିକୁ ଡେଇଁବାର ସମୟ ମଧ୍ୟ ।

ମାଳା ଯମକ :—

ନାନାରୂପୈଃ ସ୍ୱରୈର୍ଯୁକ୍ତଂ ଯତ୍ରୈକଂ ବ୍ୟଞ୍ଜନଂ ଭବେତ୍ ।
ତନ୍ମାଳାଯମକଂ ନାମ ବିଜ୍ଞେୟଂ କାବ୍ୟକୋବିଦୈଃ ।।୮୨।।

ଯେତେବେଳେ ଅନେକ ବ୍ୟଞ୍ଜନଯୁକ୍ତ ଏକ ସ୍ୱର ବିଭିନ୍ନ ଶବ୍ଦରେ ଆସିଥାଏ ସେତେବେଳେ ତାକୁ 'ମାଳା ଯମକ' କୁହାଯାଏ ।

ଯଥା :—

ହଳୀ ବଳୀ ହଳୀ ମାଳୀ ଖେଳୀ ମାଳୀ ସଳୀ ଜଳୀ ।
ଖଳୋ ବଳୋ ବଳୋ ବାଳୋ ମୁସଳୀ ତ୍ୱାଭିରକ୍ଷତୁ ।।୮୩।।

ବୀର, ମାଳା ବିଭୂଷିତ, ହାତରେ ଶସ୍ୟଗୁଚ୍ଛ ଧାରଣ କରିଥିବା, ଚଳମଳ ପାଦରେ ଗ୍ଲୁଥିବା ଖେଳାଳୀ, ଭାବରେ ଓତପ୍ରୋତ, ଶକ୍ତିଶାଳୀ, ଚଞ୍ଚଳ ନେତ୍ର, ମୁଷଳ ଧାରୀ, ଭଗବାନ ବଳରାମ ତୁମର ରକ୍ଷା କରନ୍ତୁ ।

ଆସୌ ହି ରାମା ରତିବିଗ୍ରହପ୍ରିୟା ରହଃ ପ୍ରଗଲ୍ଭା ରମଣଂ ରହୋଗତମ୍
ରତେନ ରତ୍ରିଂ ରମୟେତ୍ ପରେଣ ବା ନ ଚେଦୁଦେଷ୍ୟତ୍ୟରୁଣଃ ପୁରୋ ରିପୁଃ ।।୮୪।।

ପ୍ରଣୟ ଦ୍ୱନ୍ଦ୍ୱରେ ରୁଚିଶୀଳା ସେହି ସୁନ୍ଦରୀ ରାତ୍ରି କାଳରେ ଅପଣା ପ୍ରିୟତମକୁ ପ୍ରଗାଢ଼ ଆଲିଙ୍ଗନରେ ଲଜ୍ଜା ନକରି ସେତେବେଳେ ପର୍ଯ୍ୟନ୍ତ ଆମୋଦନ କରି ରଖିଥାଏ ଯେ ପର୍ଯ୍ୟନ୍ତ ତା'ର ଶତ୍ରୁ ସୂର୍ଯ୍ୟ ସମ୍ମୁଖବର୍ତ୍ତୀ ପୂର୍ବ ଦିଶାରେ ଉଦିତ ହୋଇଯାଆନ୍ତିନାହିଁ ।

ସ ପୁଷ୍କରାକ୍ଷଃ କ୍ଷତଜୋକ୍ଷିତାକ୍ଷଃ କ୍ଷରତ୍କ୍ଷତେଭ୍ୟଃ କ୍ଷତଜଂ ଦୁରାକ୍ଷ୍ୟମ୍ ।
କ୍ଷତୈର୍ଗବାକ୍ଷୈରିବ ସଂବୃତାଙ୍ଗଃ ସାକ୍ଷାତ୍ ସହସ୍ରାକ୍ଷ ଇବାବଭାତି ।।୮୫।।

ଏହି କମଳନୟନ ବୀର, କ୍ରୋଧ ହେତୁ ଯାହାଙ୍କର ନେତ୍ର ରକ୍ତ-ସ୍ନାତଭଳି ମନେ ହେଉଛି, ତା'ଙ୍କର କ୍ଷତରୁ ରକ୍ତ ବହୁଛି, ଏବଂ ଯାହାଙ୍କର ଶରୀରର କ୍ଷତ ସବୁ ବାତାୟନ ଭଳି ଖୋଲା, ତେଣୁ ସଂପ୍ରତି ସେ ସହସ୍ର ନେତ୍ରଥିବା ଇନ୍ଦ୍ରଙ୍କ ଭଳି ଦେଖାଯାଉଛନ୍ତି ।

ଏଭିରର୍ଥକ୍ରିୟାଯୁକ୍ତୈଃ କାବ୍ୟଂ କୁର୍ଯାତ୍ତୁ ଲକ୍ଷଣୈଃ ।
ଅତଃ ପରଂ ପ୍ରବକ୍ଷ୍ୟାମି କାବ୍ୟଦୋଷାନ୍ ଗୁଣାଁସ୍ତଥା ।।୮୬।।

ନାଟକ ରଚନାରେ ତା'ର ବିଷୟ ତଥା କାର୍ଯ୍ୟ ଆଦିର ବିଗ୍ୱର ପୂର୍ବକ ଏହି ଅଲଂକାରମାନଙ୍କର ଯୋଜନା ହେବା ଉଚିତ । ବର୍ତ୍ତମାନ ମୁଁ କାବ୍ୟରେ ହେଉଥିବା ଦୋଷ ସଂବନ୍ଧରେ କହୁଛି ।

କାବ୍ୟଦୋଷ :–

ଗୂଢ଼ାର୍ଥମର୍ଥାନ୍ତରମର୍ଥହୀନଂ ଭିନ୍ନାର୍ଥମେକାର୍ଥମଭିପ୍ଲୁତାର୍ଥମ୍ ।
ନ୍ୟାୟାଦପେତଂ ବିଷମଂ ବିସନ୍ଧି ଶବ୍ଦଚ୍ୟୁତଂ ବୈ ଦଶ କାବ୍ୟଦୋଷାଃ ।।୮୭।।

କାବ୍ୟଗତ ଦୋଷ ଦଶ ପ୍ରକାର ।ଯଥାଃ –

୧. ଗୂଢ଼ାର୍ଥ, ୨. ଅର୍ଥାନ୍ତର, ୩. ଅର୍ଥହୀନ, ୪. ଭିନ୍ନାର୍ଥ, ୫. ଏକାର୍ଥ, ୬. ଅଭିପ୍ଲୁତାର୍ଥ, ୭. ନ୍ୟାୟାଦପେତ, ୮. ବିଷମ, ୯. ବିସନ୍ଧି ତଥା ୧୦. ଶବ୍ଦଚ୍ୟୁତ

୧. ଗୂଢ଼ାର୍ଥ :–

ପର୍ଯ୍ୟାୟଶବ୍ଦାଭିହିତଂ ଗୂଢ଼ାର୍ଥମିତି ସଂଜ୍ଞିତମ୍ ।

ଯେଉଁଠାରେ ପର୍ଯ୍ୟାୟବାଚକ ଅପ୍ରସିଦ୍ଧ ଶବ୍ଦଦ୍ୱାରା ବିଷୟ ସଂବନ୍ଧରେ କୁହାଯାଏ ତାକୁ 'ଗୂଢ଼ାର୍ଥ' ବୋଲି ବୁଝିବା ଉଚିତ ।

୨. ଅର୍ଥାନ୍ତର :–

ଅବର୍ଣ୍ଣ୍ୟଂ ବର୍ଣ୍ୟତେ ଯତ୍ର ତଦର୍ଥାନ୍ତରମିଷ୍ୟତେ ।।୮୮।।

ଯେଉଁଠାରେ ଅବର୍ଣ୍ଣନୀୟ ବିଷୟର ବର୍ଣ୍ଣନା କରାଯାଏ ତାକୁ 'ଅର୍ଥାନ୍ତର' ଦୋଷ କୁହାଯାଏ ।

୩. ଅର୍ଥହୀନ :–

ଅର୍ଥହୀନଂ ତ୍ୱସଂବଦ୍ଧଂ ସାବଶେଷାର୍ଥମେବଚ ।।

ଯହିଁରେ ଅସମ୍ବନ୍ଧ ଅର୍ଥ ହେବ କିମ୍ବା ଅର୍ଥ ଅସମାପ୍ତ ହୋଇ ରହୁଥିବ ତାକୁ 'ଅର୍ଥହୀନ' ଦୋଷ କୁହାଯିବ ।

୪. ଭିନ୍ନାର୍ଥ :–

ଭିନ୍ନାର୍ଥମଭିବିଜ୍ଞେୟମସଭ୍ୟଂ ଗ୍ରାମ୍ୟମେବ ଚ ।।୮୯।।
ବିବକ୍ଷିତୋଽନ୍ୟ ଏବାର୍ଥୋ ଯତ୍ରାନ୍ୟାର୍ଥେନ ଭିଦ୍ୟତେ ।
ଭିନ୍ନାର୍ଥଂତଦପି ପ୍ରାହୁଃ କାବ୍ୟଂ କାବ୍ୟବିଚକ୍ଷଣାଃ ।।୯୦।।

ଅସଭ୍ୟ ବା ଗ୍ରାମ୍ୟଅର୍ଥର ସୂଚକ ଅର୍ଥକୁ 'ଭିନ୍ନାର୍ଥ' ଦୋଷ ବୋଲି ଜାଣିବ ।

ଅଥବା ଯେଉଁଠାରେ ବିବିକ୍ଷିତ ଅର୍ଥ ସ୍ଥାନରେ ଅବିବକ୍ଷିତ ଅର୍ଥର କଥନ ହୋଇଥିବ ତେବେ ତାକୁ ବିଦ୍ୱାନମାନେ 'ଭିନ୍ନାର୍ଥ' ଦୋଷ ବୋଲି କହନ୍ତି ।

୫. ଏକାର୍ଥ :–

ଅବିଶେଷାଭିଧାନଂ ଯତ୍ତଦେକାର୍ଥମିତି ସ୍ମୃତମ୍ ।

ଯେଉଁଠାରେ ଗୋଟାଏ ଅର୍ଥ ପାଇଁ ଅନେକ ଶବ୍ଦର ପ୍ରୟୋଗ କରାଯାଏ ତାକୁ 'ଏକାର୍ଥ' ଦୋଷ କୁହାଯାଏ ।

୬. ଅଭିପ୍ଲୁତାର୍ଥ :—

ଅଭିପ୍ଲୁତାର୍ଥଂ ବିଜ୍ଞେୟଂ ଯତ୍ ପଦେନ ସମସ୍ୟତେ ।।୯୧।।

ଯେଉଁଠାରେ ପ୍ରତ୍ୟେକ ପାଦରେ ସଂକ୍ଷେପରେ ବାକ୍ୟାର୍ଥ ପୂର୍ଣ୍ଣ ରୂପରେ ସ୍ଥାପିତ ହୋଇଥାଏ ତାକୁ 'ଅଭିପ୍ଲୁତାର୍ଥ' ଦୋଷ ବୋଲି କୁହାଯାଏ । ଅର୍ଥାତ୍ ପ୍ରତ୍ୟେକ ପାଦରେ ଅର୍ଥ ସଂପୂର୍ଣ୍ଣ ହେଉଥିବା ହେତୁ ଏକବାକ୍ୟତା ଆସେନାହିଁ । ଅପର ପାଦ ଭିନ୍ନ ହୋଇଯାଏ ବୋଲି ଦୋଷଯୁକ୍ତ ହୁଏ ।

୭. ନ୍ୟାୟଦପେତ :—

ନ୍ୟାୟାଦପେତଂ ବିଜ୍ଞେୟଂ ପ୍ରମାଣପରିବର୍ଜିତମ୍ ।।୯୨।।

ପ୍ରମାଣରହିତ ବିଷୟର କଥନକୁ 'ନ୍ୟାୟାଦପେତ' ନାମକ କାବ୍ୟଦୋଷ ବୋଲି କୁହାଯାଏ ।

୮. ବିଷମ :—

ବୃତ୍ତଭେଦୋ ଭବେଦ୍ୟତ୍ର ବିଷମଂ ନାମତଦ୍‌ଭବେତ୍ ।।

ଛନ୍ଦୋଭଙ୍ଗ ହେଲେ 'ବିଷମ' ନାମକ କାବ୍ୟଦୋଷ ହୋଇଥାଏ ।

୯. ବିସନ୍ଧି :—

ଅନୁପଶ୍ଲିଷ୍ଟଶବ୍ଦଂ ଯତ୍ ତଦ୍ୱିସନ୍ଧୀତି କୀର୍ତ୍ତିତମ୍ ।

ଯଦି ଶବ୍ଦମାନେ ପାରସ୍ପରିକ ସନ୍ଧିହୀନ ଦଶାରେ ଥାଆନ୍ତି ତେବେ ତାହା ନିୟମ ବର୍ଜିତ ହୋଇଥାଏ ଏବଂ ତାକୁ 'ବିସନ୍ଧି' ନାମକ ଦୋଷ ବୋଲି କୁହାଯାଏ ।

୧୦. ଶବ୍ଦଚ୍ୟୁତ :—

ଶବ୍ଦଚ୍ୟୁତଞ୍ଚ ବିଜ୍ଞେୟମବର୍ଣ୍ଣ ସ୍ୱରଯୋଜନାତ୍ ।।୯୩।।

ଯେଉଁଠାରେ ଗୋଟିଏ ବର୍ଣ୍ଣ କିମ୍ବା ସ୍ୱର ଲୋପ ହୋଇଯାଇଥାଏ ସେଠାରେ 'ଶବ୍ଦଚ୍ୟୁତ' ଦୋଷ ହୁଏ ।

ଏତେ ଦୋଷାହି କାବ୍ୟସ୍ୟ ମୟା ସମ୍ୟକ୍ ପ୍ରକୀର୍ତ୍ତିତାଃ ।
ଗୁଣା ବିପର୍ଯ୍ୟୟାଦେଷାଂ ମାଧୁର୍ଯୌଦାର୍ଯଲକ୍ଷଣାଃ ।।୯୪।।

କାବ୍ୟରେ ଏହି ସବୁ ଦୋଷ ଯାହା ମୁଁ କହିଲି, ଏହା ଦୋଷମାନଙ୍କର ବିପରୀତ ସ୍ୱରୂପରେ ଥିବା, 'ଗୁଣ' ବୋଲାଏ ଯାହା ସେମାନଙ୍କର ଲକ୍ଷଣ ଅନୁସାରେ ମାଧୁର୍ଯ୍ୟ, ଔଦାର୍ଯ୍ୟ ଆଦି ଅର୍ଥ ବହନ କରୁଥାନ୍ତି ।

କାବ୍ୟଗୁଣ :—

ଶ୍ଳେଷଃ ପ୍ରସାଦଃ ସମତା ସମାଧି ମାଧୁର୍ଯ୍ୟମୋଜଃ ପଦସୌକୁମାର୍ଯ୍ୟମ୍
ଅର୍ଥସ୍ୟ ଚ ବ୍ୟକ୍ତିରୁଦାରତା ଚ କାନ୍ତିଶ୍ଚ କାବ୍ୟସ୍ୟ ଗୁଣା ଦଶୈତେ ।।୯୫।।

କାବ୍ୟର ଦଶଗୋଟି ଗୁଣ । ଯଥା :–

୧. ଶ୍ଳେଷ, ୨. ପ୍ରସାଦ, ୩. ସମତା, ୪. ସମାଧି, ୫. ମାଧୁର୍ଯ୍ୟ, ୬. ଓଜ, ୭. ପଦ ସୌକୁମାର୍ଯ୍ୟ (ସୁକୁମାରତା), ୮. ଅର୍ଥବ୍ୟକ୍ତି, ୯. ଉଦାରତା ତଥା ୧୦. କାନ୍ତି ।

୧. ଶ୍ଳେଷ :—

ଇପ୍ସିତେନାର୍ଥଜାତେନ ସମ୍ବନ୍ଧାନାଂ ପରସ୍ପରମ୍ ।
ଶ୍ଳିଷ୍ଟତା ଯା ପଦାନାଂ ସ ଶ୍ଳେଷ ଇତ୍ୟଭିଧୀୟତେ ।୯୬।।

ଇଷ୍ଟ ଅର୍ଥରେ ପରସ୍ପର ସମ୍ବନ୍ଧ ପଦର ଶ୍ଳିଷ୍ଟତା (ମସୃଣ ବନ୍ଧଯୋଗ)କୁ 'ଶ୍ଳେଷ' ଗୁଣ କୁହାଯାଏ ।

(ବିଗ୍ରହଗହନଂ ଯଦ୍ ସ୍ୟାଦ୍ ସ୍ଫୁଟଞ୍ଚୈବ ସ୍ୱଭାବତଃ ।
ସ୍ୱତଃ ସୁପ୍ରତିବଦ୍ଧଞ୍ଚ ଶ୍ଳିଷ୍ଟଂ ତଦ୍ ପରିକୀର୍ତ୍ତିତମ୍ ।।)

ପ୍ରକ୍ଷିପ୍ତ :—

(ଯେଉଁ ରଚନା (ବୃତ୍ତି) ତର୍କଦ୍ୱାରା ବିଗ୍ରହ କରିବାପରେ ଗ୍ରହଣ କରାଯାଏ ଯାହା ସ୍ୱଭାବତଃ ସ୍ଫୁଟ ତଥା ସ୍ୱୟଂ ପାରସ୍ପରିକ ଉତ୍ତମ ରୂପରେ ସଂଗ୍ରଥିତ, ଅର୍ଥବନ୍ତ ହୋଇଥିବେ ତେବେ ତାକୁ ମଧ୍ୟ 'ଶ୍ଳେଷ' ଗୁଣ ବୋଲି କୁହାଯିବ ।)

(ଆଚାର୍ଯ୍ୟ ଅଭିନବ ଗୁପ୍ତଙ୍କର ବିଶ୍ଳେଷଣ ଅନୁସାରେ କବି ଦ୍ୱାରା ଇଷ୍ଟ ଅର୍ଥର ସମ୍ବନ୍ଧ ପଦଦ୍ୱାରା ଯୋଜନା ହୋଇ ଯେତେବେଳେ ପରସ୍ପର ସନ୍ଧାନ ଇଷ୍ଟ ଅର୍ଥକୁ ପ୍ରତିପାଦିତ କରିଥାଏ ସେତେବେଳେ ତାକୁ ଶ୍ଳେଷ ନାମକ ଗୁଣ ବୋଲି ବୁଝିବା ଉଚିତ । ଯେପରି ବାମନଙ୍କ ଦ୍ୱାରା ପ୍ରଦତ୍ତ ଉଦାହରଣର ନିମ୍ନ ପଦ୍ୟରେ ---

ଦୃଷ୍ଟ୍ୱୈକାସନସଂସ୍ଥିତେ ପ୍ରିୟତମେ ପଶ୍ଚାଦୁପେତ୍ୟାଦରାଦ୍
ଏକସ୍ୟା ନୟନେ ନିମୀଲ୍ୟ ବିହିତକ୍ରୀଡ଼ାନୁବନ୍ଧଚ୍ଛଲଃ ।

ଈଷଦ୍‌ବକ୍ରିତକନ୍ଧରଃ ସପୁଲକଃ ପ୍ରେମୋଲ୍ଲସନ୍ମାନସା –
ମନ୍ତର୍ହାସଲସତ୍କପୋଳଫଳକାଂ ଧୂର୍ତ୍ତୋଽପରାଂ ଚୁମ୍ବତି)

(ଅମରୁ ଶତକମ୍)

ଧୂର୍ତ୍ତ ନାୟକ ଗୋଟାଏ ଆସନରେ ତା'ର ଦୁଇଟି ପ୍ରିୟତମାଙ୍କୁ ବସିଥିବା ଦେଖି ଆଦରପୂର୍ବକ ଧୀରେ ଧୀରେ ପଛରୁ ଆସି କ୍ରୀଡ଼ା ଛଳରେ ଜଣକର ଆଖି ଆପଣା ହାତରେ ବୁଜି ବକ୍ରଗ୍ରୀବ (ବେକ ଭାଙ୍ଗି) ହୋଇ ପ୍ରେମ ରୋମାଞ୍ଚିତା ମନ୍ଦସ୍ମିତ ହାସିନୀ ଦ୍ୱିତୀୟ ପ୍ରିୟତମାକୁ ଚୁମ୍ବନ କଲା ।

ଏହି ଉଦାହରଣରେ ଏକା ସାଙ୍ଗରେ ଉଭୟ ନାୟିକାଙ୍କୁ ସନ୍ତୁଷ୍ଟ କରିବା ପ୍ରୟାସ ଏହି ସଂବନ୍ଧିତ ପଦାବଳୀରେ ଉପପାଦିତ ହୋଇଛି ।

୨. ପ୍ରସାଦ :–

ଅପ୍ୟନୁକ୍ତୋ ବୁଧୈର୍ଯତ୍ର ଶବ୍ଦୋଽର୍ଥୋ ବା ପ୍ରତୀୟତେ ।
ସୁଖଶବ୍ଦାର୍ଥସଂଯୋଗାତ୍ ପ୍ରସାଦଃ ସ ତୁ କୀର୍ତ୍ତ୍ୟତେ ।।୯୭।।

ସରଳ ଶବ୍ଦ ତଥା ଅର୍ଥର ପ୍ରୟୋଗଦ୍ୱାରା ବିନା ସ୍ପଷ୍ଟତା ବୋଧକ ବ୍ୟାଖ୍ୟାନରେ ଯେଉଁଠାରେ ସରଳତାରେ ଅର୍ଥାବବୋଧ ହୋଇଥାଏ - ତାକୁ 'ପ୍ରସାଦ' ବୋଲି କୁହାଯାଏ । (ବିନା କ୍ଲିଷ୍ଟ କଳ୍ପନାରେ ଯେତେବେଳେ ଅର୍ଥ ସ୍ୱୟଂ ନିର୍ମଳତା ହେତୁ ପ୍ରତୀତ ହୋଇଥାଏ ସେତେବେଳେ ତାକୁ 'ପ୍ରସାଦ' ଗୁଣ ବୋଲି କୁହାଯାଏ ।

ଯଥା – 'ସବର୍ଣ୍ଣା କନ୍ୟକା ରୂପଯୌବନାରମ୍ଭଶାଳିନୀ'

ରୂପଯୌବନ ପ୍ରାପ୍ତିର ଆରମ୍ଭରେ ସୁଶୋଭିତ ଏହି ସୁଜାତୀୟା କନ୍ୟା ଇଷ୍ଟ ଅଟେ । ଏହି ପଦ୍ୟର ଉଚ୍ଚାରଣ ମାତ୍ରକେ କନ୍ୟାର ବିବାହଯୋଗ୍ୟା ହେବା, ସୁନ୍ଦରୀ, ସୁଜାତୀୟା ଆଦିଅର୍ଥ ସ୍ୱତଃ ବ୍ୟକ୍ତ ହୋଇଯାଉଥିବା କାରଣରୁ ଏହା 'ପ୍ରସାଦ' ।

୩. ସମତା :–

ନାତିଚୂର୍ଣ୍ଣପଦୈର୍ଯୁକ୍ତା ନ ଚ ବ୍ୟର୍ଥାଭିଧାୟିଭିଃ ।
ଦୁର୍ବୋଧନୈଶ୍ଚ ନ କୃତା ସମତ୍ୱାତ୍ ସମତା ମତା ।।୯୮।।

ଯେଉଁ ରଚନାରେ ସମ ପଦ ଥିବ, ସେହି ଶବ୍ଦ ସମାନତାର କାରଣରୁ ତାକୁ 'ସମତା' ଗୁଣ ବୋଲି କୁହାଯିବ ।

(ଅନ୍ୟୋନ୍ୟସଦୃଶା ଯତ୍ର ତଥା ହ୍ୟନ୍ୟୋନ୍ୟଭୂଷଣାଃ ।
ଅଳଙ୍କାରା ଗୁଣାଶ୍ଚୈବ ସମାଃ ସ୍ୟୁଃ ସମତା ମତାଃ ।।)

ପ୍ରକ୍ଷିପ୍ତ :—

ଯେଉଁଠାରେ ଅଳଂକାର ଏବଂ ଗୁଣ ସମଭାବରେ ସ୍ଥିତ ହୋଇ ପାରସ୍ପରିକ ଶୋଭାବର୍ଦ୍ଧକ ହୋଇଥାନ୍ତି – ସେହି ଗୁଣ 'ସମତା' ବୋଲାଏ ।

୪. ସମାଧି :—

ଅଭିଯୁକ୍ତୈର୍ବିଶେଷସ୍ତୁ ଯୋଽର୍ଥସ୍ୟେହୋପଲକ୍ଷ୍ୟତେ
ତେନ ଗ୍ରଥେନ ସଂପନ୍ନଃ ସମାଧିଃ ପରିକୀର୍ତ୍ତିତଃ ।।୯୯।।

ପ୍ରତିଭାଶାଳୀ ବ୍ୟକ୍ତିମାନେ ଯେଉଁ ରଚନାରେ ଥିବା ବିଶେଷ ଅର୍ଥ ଦେଖି ନେଇ ପାରନ୍ତି – ତାକୁ ରଚନାର 'ସମାଧି' ଗୁଣ କୁହାଯାଏ ।

ଉପମାଦ୍ୟୁପଦିଷ୍ଟାନାମର୍ଥାନାଂ ଯତ୍ନତସ୍ତଥା ।
ପ୍ରାପ୍ତାନାଞ୍ଚାପି ସଙ୍କ୍ଷେପାତ୍ ସମାଧିର୍ନିର୍ଣ୍ଣୟୋ ଯତଃ ।।

ପ୍ରକ୍ଷିପ୍ତ :—

ଯେଉଁ ରଚନାରେ ଉପମା ଆଦିରେ ବ୍ୟକ୍ତ ହୋଇଥିବା ତଥା ସଂପ୍ରାପ୍ତ ବିଷୟ ଏବଂ ଅର୍ଥର ସମାସ ଆଦି ଦ୍ୱାରା ଯତ୍ନ ସହକାରେ ସୁସମ୍ବନ୍ଧ ପ୍ରୟୋଗ ହୋଇଥାଏ, ତାହା ରଚନାର 'ସମାଧି' ଗୁଣହୁଏ ।

୫. ମାଧୁର୍ଯ୍ୟ :—

ବହୁଶୋ ଯତ୍କୃତଂ ବାକ୍ୟମୁକ୍ତଂ ବାପି ପୁନଃ ପୁନଃ ।
ନୋଦ୍ୱେଜୟତି ଯସ୍ମାଦ୍ଧି ତନ୍ମାଧୁର୍ଯ୍ୟମିତି ସ୍ମୃତମ୍ ।।୧୦୦।।

ଯେଉଁ ବାକ୍ୟ ବହୁବାର ଶୁଣିବା ଏବଂ କହିବା ପରେ ମଧ୍ୟ ଉଦ୍ବେଗ ଉତ୍ପନ୍ନ କରେ ନାହିଁ, ତାହକୁ 'ମାଧୁର୍ଯ୍ୟ' ଗୁଣ ବୋଲି ଜାଣିବ ।

୬. ଓଜ :—

ସମାସବଦ୍ଭିର୍ବହୁଭିର୍ବିଚିତ୍ରୈଶ୍ଚ ପଦୈର୍ଯୁତମ୍ ।
ସାନୁରାଗୈରୁଦାରୈଶ୍ଚ ତଦୋଜଃ ପରିକୀର୍ତ୍ୟତେ ।।୧୦୧।।

ଯେଉଁ ରଚନା ଅନେକ ସାମାସିକ ତଥା ବିଚିତ୍ର ପଦଯୁକ୍ତ ହୋଇଥାଏ ତଥା ଯା'ର ଅର୍ଥ ଉଦାର ଓ ଧ୍ୱନି ଅନୁରାଗମୟୀ, ତାହା 'ଓଜ' ଗୁଣ ବୋଲି ବୁଝିବାକୁ ହେବ ।

ଅବଗୀତୋଽପିହୀନୋଽପି ସ୍ୟାଦୁଦାତ୍ତାବଭାସକଃ ।
ଯତ୍ର ଶବ୍ଦାର୍ଥସମ୍ପତ୍ତିଃ ତଦୋଜଃ ପରିକୀର୍ତ୍ତିତମ୍ ।।

ପ୍ରକ୍ଷିପ୍ତ :—

ଯେଉଁ ରଚନା ନିନ୍ଦିତ ବା ହୀନ ହୋଇଥିଲେ ମଧ୍ୟ ଉଦାର ଅର୍ଥର ପ୍ରତୀତି କରାଉଥାଏ ସେହି ଶବ୍ଦ ଏବଂ ଅର୍ଥର ସଂପତ୍ତିଶାଳିନୀ ରଚନାକୁ 'ଓଜ' ଗୁଣଯୁକ୍ତ ବୋଲି କୁହାଯାଏ ।

୭. ସୌକୁମାର୍ଯ୍ୟ :—

ସୁଖପ୍ରୟୋଜ୍ୟୈର୍ଯଚ୍ଛବ୍ଦୈର୍ଯୁକ୍ତଂ ସୁଶ୍ଳିଷ୍ଟସନ୍ଧିଭିଃ ।
ସୁକୁମାରାର୍ଥ ସଂଯୁକ୍ତଂ ସୌକୁମାର୍ଯଂ ତଦୁଚ୍ୟତେ ।।୧୦୨।।

ଯାହା ସୁଶ୍ଳିଷ୍ଟ ସରଳତାରେ ଯୁକ୍ତ ସନ୍ଧି ହେତୁ ସରଳତାରେ ବ୍ୟବହୃତ ଶବ୍ଦ ତଥା ସୁକୁମାର ଅର୍ଥ ଯୁକ୍ତ ହୋଇଥାଏ ତାକୁ 'ସୌକୁମାର୍ଯ୍ୟ' ଗୁଣ କୁହାଯାଏ ।

୮. ଅର୍ଥବ୍ୟକ୍ତି :—

ସୁପ୍ରସିଦ୍ଧାଭିଧାନା ତୁ ଲୋକକର୍ମବ୍ୟବସ୍ଥିତା ।
ଯା କ୍ରିୟା କ୍ରିୟତେ କାବ୍ୟେ ସାର୍ଥବ୍ୟକ୍ତିଃ ପ୍ରକୀର୍ତ୍ୟତେ ।।୧୦୩।।

ଯେଉଁ ରଚନାରେ ଅତିଶୟ ଲୋକ ପ୍ରସିଦ୍ଧ ଅର୍ଥର ସୁପ୍ରସିଦ୍ଧି ଶବ୍ଦଦ୍ୱାରା ଅଭିଧାନ ହୋଇଥାଏ ତାହା ରଚନାର 'ଅର୍ଥବ୍ୟକ୍ତି' ନାମକ ଗୁଣ ବୋଲି ଜାଣିବ ।

ଯସ୍ୟାର୍ଥାନୁପ୍ରବେଶେନ ମନସା ପରିକଳ୍ପ୍ୟତେ
ଅନନ୍ତରସ୍ୟପ୍ରୟୋଗଂ ସାର୍ଥବ୍ୟକ୍ତିରୁଦାହୃତା ।।

ପ୍ରକ୍ଷିପ୍ତ :—

ଶବ୍ଦ ପ୍ରୟୋଗର ଅବ୍ୟବହିତ ପରେ ଯାଇ ଅର୍ଥ ତୁରନ୍ତ ହୃଦବୋଧ ହୋଇଥାଏ, ତାକୁ ଅର୍ଥବ୍ୟକ୍ତି ଗୁଣ ବୋଲି ବୁଝିବାକୁ ହେବ ।

୯. ଉଦାତ୍ତ (ଉଦାରତା) :—

ଦିବ୍ୟଭାବପରୀତଂ ଯଚ୍ଛୃଙ୍ଗାରାଦ୍ଭୁତଯୋଜିତମ୍ ।
ଅନେକଭାବସଂଯୁକ୍ତମୁଦାରତ୍ୱଂ ପ୍ରକୀର୍ତ୍ତିତମ୍ ।।୧୦୪।।

ରଚନାରେ ଯେତେବେଳେ ଦିବ୍ୟ ପାତ୍ରଙ୍କର ଶୃଙ୍ଗାର ତଥା ଅଦ୍ଭୁତ-ରସ-ଯୁକ୍ତ ବର୍ଣ୍ଣନା ଥିବ ଏବଂ ବହୁ ଭାବପୂର୍ଣ୍ଣ ହୋଇଥିବ ତାକୁ 'ଉଦାରତା' ଗୁଣବୋଲି ବୁଝିବାକୁ ହେବ ।

ଅନେକାର୍ଥବିଶେଷୈର୍ଯଦ୍ ଯୁକ୍ତୈଃ ସୌଷ୍ଠବସଂଯୁତୈଃ ।
ଉପେତମତିଚିତ୍ରାର୍ଥୈରୁଦାତ୍ତଂ ତଚ୍ଚ କୀର୍ତ୍ୟତେ ।।

ପ୍ରକ୍ଷିପ୍ତ :-

ଅନେକ ବିଶେଷ ଅର୍ଥରେ ଯେଉଁ ରଚନାଗତ ପଦାବଳୀ ନିପୁଣତା ପୂର୍ବକ ବିଚିତ୍ର ଅର୍ଥ ଧାରଣ କରେ ତାକୁ 'ଉଦାତ୍ତ' ଗୁଣ ବୋଲି କୁହାଯାଏ ।

୧୦. କାନ୍ତି :-

ଯନ୍ମନଃ ଶ୍ରୋତ୍ରବିଷୟମାହ୍ଲାଦୟତି ହ୍ୟୁନ୍ଦୁବତ୍ ।
ଲୀଳାଦ୍ୟର୍ଥୋପପନ୍ନାଂ ବା ତାଂ କାନ୍ତିଂ କବୟୋ ବିଦୁଃ ।।୧୦୫।।

ଯେଉଁ ରଚନାରେ ପାତ୍ରର ଶୃଙ୍ଗାର କ୍ରୀଡ଼ାର ବର୍ଣ୍ଣନା ମନ ଓ କର୍ଣ୍ଣକୁ ଆହ୍ଲାଦିତ କରେ ତାକୁ 'କାନ୍ତି' ଗୁଣ ବୋଲି ଜାଣିବ ।

ରସାନୁସାରୀ ଅଳଂକାର ତଥା ଛନ୍ଦର ପ୍ରୟୋଗ-ବିଧାନ :-

ଏବମେତେ ହ୍ୟଂଳଂକାରା ଗୁଣା ଦୋଷାଶ୍ଚ କୀର୍ତିତଃ ।
ପ୍ରୟୋଗମେଷାଞ୍ଚ ପୁନର୍ବକ୍ଷ୍ୟାମି ରସସଂଶ୍ରୟମ୍ ।।୧୦୬।।

କାବ୍ୟ ରଚନାରେ ସ୍ଥିତ ଅଳଂକାର ଦୋଷ ତଥା ଗୁଣର ନିରୂପଣ କରାଗଲା । ବର୍ତ୍ତମାନ ମୁଁ ସେମାନଙ୍କର ରସାଶ୍ରିତ ପ୍ରୟୋଗ ସଂବନ୍ଧରେ କହିବି ।

ଲଘ୍ୱକ୍ଷରପ୍ରାୟକୃତ ମୁପମାରୂପକାଶ୍ରୟମ୍ ।
କାବ୍ୟଂ କାର୍ଯନ୍ତୁ ନାଟ୍ୟଜ୍ଞୈ ର୍ବୀରରୌଦ୍ରାଦ୍ଭୁତାଶ୍ରୟମ୍ ।।୧୦୭।।

ବୀର, ରୌଦ୍ର ତଥା ଅଦ୍ଭୁତ ରସର ବର୍ଣ୍ଣନାରେ କାବ୍ୟ ରଚନା ଲଘୁ ଅକ୍ଷର ଯୁକ୍ତ ହେବା ଏବଂ ତହିଁରେ ଉପମା କିମ୍ବା ରୂପକ ଅଳଂକାରର ପ୍ରୟୋଗ ହେବା ଉଚିତ ।

ଗୁର୍ବକ୍ଷରପ୍ରାୟକୃତଂ ବୀଭତ୍ସେ କରୁଣେ ତଥା ।
କଦାଚିଦ୍ବୀରରୌଦ୍ରଭ୍ୟାଂ ଯଦାଧର୍ଷଣଜଂ ଭବେତ୍ ।।୧୦୮।।

ବିଭତ୍ସ ତଥା କରୁଣ ରସରେ ଗୁରୁ ଅକ୍ଷର ଯୁକ୍ତ ହେବା ଏବଂ ଯେତେବେଳେ ରୌଦ୍ର ତଥା ବୀର ରସରେ କରୁଣ ରସର ବର୍ଣ୍ଣନାହେବ ସେତେବେଳେ ମଧ୍ୟ ଯଥାସମ୍ଭବ ଗୁରୁ ଅକ୍ଷର ଯୁକ୍ତ ରଚନା ହେବା ଉଚିତ ।

ରୂପଦୀପକସଂଯୁକ୍ତମାର୍ଯ୍ୟାବୃତ୍ତ ସମାଶ୍ରୟମ୍ ।
ଶୃଙ୍ଗାରେ ତୁ ରସେ କାର୍ଯେ ମୃଦୁବୃତ୍ତଂ ତଥୈବ ଚ ।।୧୦୯।।

ଶୃଙ୍ଗାର ରସରେ ରୂପକ ତଥା ଦୀପ ଅଳଂକାର ତଥା ଅର୍ଯ୍ୟାବୃତ୍ତ ଓ ପରେ କୋମଳ ବୃତ୍ତମାନଙ୍କର ପ୍ରୟୋଗ କରିବା ଉଚିତ ।

ଉତ୍ତରୋତ୍ତରସଂଯୁକ୍ତଂ ବୀରେ ପାଠ୍ୟନ୍ତୁ ଯଦ୍‌ଭବେତ୍
ଜଗତ୍ୟାତିଜଗତ୍ୟାଂତୁ ସଂକୃତ୍ୟା ଚୈବ ଯୋଜୟେତ୍ ।।୧୧୦।।

ବୀରରସର ରଚନାରେ ସଂଯୁକ୍ତ ବର୍ଣ୍ଣର ଉତ୍ତରୋତ୍ତର ପ୍ରୟୋଗ ହେବା ଉଚିତ ତଥା ସେଥିରେ ଜଗତୀ ଅତିଜଗତୀ ତଥା ସଂସ୍କୃତିଭଳି ବୃତ୍ତର ମଧ୍ୟ ପ୍ରୟୋଗ ହେବା ବିଧେୟ ।

ଯୁଦ୍ଧ ସମ୍ଫେଟୟୋସ୍ତଦ୍ୱଦ୍‌ଭୈରୁତ୍କୃତିଃ ସଂପ୍ରକୀର୍ତ୍ତିତା ।
କରୁଣେ ଶକ୍ୱରୀ ଚୈବ ତଥା ଗ୍ୱତିଧୃତିର୍ଭବେତ୍ ।।୧୧୧।।

ଯୁଦ୍ଧ ତଥା ଉପଦ୍ରବର ବର୍ଣ୍ଣନା କାଳରେ 'ଉତ୍କୃତି' ଛନ୍ଦର ତଥା କରୁଣ ରସରେ 'ଶକ୍ୱରୀ' ତଥା 'ଅତିଧୃତି' ଛନ୍ଦର ଯୋଜନା କରିବା ଉଚିତ ହୋଇଥାଏ ।

ଯଦ୍‌ବୀରେ କୀର୍ତ୍ତିତଂ ଛନ୍ଦସ୍ତଦ୍ରୌଦ୍ରେଽପି ପ୍ରଯୋଜୟେତ୍
ଶେଷାଣାମର୍ଥଯୋଗେନ ଛନ୍ଦଃ କାର୍ଯ୍ୟଂପ୍ରୟୋକ୍ତୃଭିଃ ।।୧୧୨।।

ଯେଉଁ ଛନ୍ଦ ବୀରରସ ନିମନ୍ତେ ଉପଯୁକ୍ତ ତାକୁ ରୌଦ୍ରରସରେ ମଧ୍ୟ ପ୍ରୟୋଗ ନିମନ୍ତେ ଉଚିତ ବୋଲି ମନେ କରିବା କଥା । ଅବଶିଷ୍ଟ ଛନ୍ଦର ଯୋଜନା ଯଥୋଚିତ ହେବା ବିଧେୟ ।

ଅକ୍ଷରମାନଙ୍କରେ ରସାନୁକୂଳ ଯୋଜନାବିଧି :—

ତ୍ରିବିଧଂ ହ୍ୟକ୍ଷରଂ କାର୍ଯ୍ୟଂକବିଭିର୍ନାଟକାଶ୍ରୟମ୍
ହ୍ରସ୍ୱଂ ଦୀର୍ଘଂ ପ୍ଲୁତଞ୍ଚୈବ ରସଭାବବିଭାବକମ୍ ।।୧୧୩।।

ନାଟକ (କାବ୍ୟ) ରଚନାରେ କବିମାନେ ବିଭିନ୍ନ ରସ ତଥା ଭାବର ଅଭିବ୍ୟକ୍ତି ନିମନ୍ତେ ହ୍ରସ୍ୱ, ଦୀର୍ଘ ତଥା ପ୍ଲୁତ ଅକ୍ଷରମାନଙ୍କର ପ୍ରୟୋଗ କରିବେ ।

ଏକମାତ୍ରଂ ଭବେଦ୍ଧ୍ରସ୍ୱଂ ଦ୍ୱିମାତ୍ରଂ ଦୀର୍ଘମୁଚ୍ୟତେ ।
ପ୍ଲୁତଞ୍ଚୈବ ତ୍ରିମାତ୍ରଂ ସ୍ୟାଦ୍ ଅକ୍ଷରଂ ବର୍ଣ୍ଣସଂଶ୍ରୟମ୍ ।।୧୧୪।।

ସ୍ୱରମାନଙ୍କର ଉଚ୍ଚାରଣ ଅନୁସାରେ ଏକମାତ୍ରାର ଅକ୍ଷର ହ୍ରସ୍ୱ ଦୁଇମାତ୍ରାର ଅକ୍ଷର ଦୀର୍ଘ ତଥା ତିନିମାତ୍ରାରଅକ୍ଷରକୁ ପ୍ଲୁତ ବୋଲି କୁହାଯାଏ ।

ପ୍ଲୁତ ବର୍ଣ୍ଣର ପ୍ରୟୋଗବିଧାନ :—

ସ୍ଥିତେ ଗ୍ୱସୃୟିତେ ଚୈବ ତଥା ଚ ପରିଦେବିତେ
ପଠ୍ୟଂ ବ୍ରାହ୍ମଣାନାଞ୍ଚ ପ୍ଲୁତମକ୍ଷରମିଷ୍ୟତେ ।।୧୧୫।।

କୌଣସି କଥାର ସ୍ମରଣ କରିବା, ଅସୂୟା ତଥା ରୋଦନ କ୍ରିୟାରେ ତଥା ବ୍ରାହ୍ମଣମାନଙ୍କର ବେଦପଠନ କାଳରେ 'ପ୍ଳୁତ'ର ଯୋଜନା ହେବା ଉଚିତ ।

ଅକାରପ୍ଳୁତେ କାର୍ଯ୍ୟେ ଉକାର ଶ୍ଚାଭ୍ୟସୂୟିତେ ।
ପରିଦେବିତେ ଚ ହାରକାର ଓଁକାରୋଽଧ୍ୟୟନେ ତଥା ।।୧୧୬।।

ସ୍ମରଣରେ 'ଆ', ଅସୂୟାରେ 'ଉ' ରୋଦନରେ 'ହା' ତଥା ବେଦାଧ୍ୟୟନରେ 'ଓମ୍'ର ପ୍ରୟୋଗ ହେବା ବିଧେୟ ।

ହ୍ରସ୍ୱଦୀର୍ଘପ୍ଳୁତାନୀହ ଯଥାଭାବଂ ଯଥାରସମ୍ ।
କାବ୍ୟବନ୍ଧେଷ୍ୱଶେଷେଷୁ ହ୍ୟକ୍ଷରାଣି ପ୍ରୟୋଜୟେତ୍ ।।୧୧୭।।

ଏହାବ୍ୟତୀତ ସମସ୍ତ କାବ୍ୟ ରଚନାରେ ଭାବ ତଥା ରସର ସ୍ଥିତି ଅନୁସାରେ ହ୍ରସ୍ୱ, ଦୀର୍ଘ ତଥା ପ୍ଳୁତ ଅକ୍ଷରର ପ୍ରୟୋଗ କରିବା ଉଚିତ ।

ଯଚ୍ଛନ୍ଦଃ ପୂର୍ବମେବୋକ୍ତଂ ବିଷମାର୍ଦ୍ଧସମେ ସମମ୍ ।
ଉଦାରମଧୁରୈଃ ଶବ୍ଦୈସ୍ତତ୍ କାର୍ଯ୍ୟନ୍ତୁ ରସାନୁଗମ୍ ।।୧୧୮।।

ପୂର୍ବ ଅଧ୍ୟାୟରେ ଯେଉଁ 'ସମ', 'ଅର୍ଦ୍ଧସମ' ତଥା 'ବିଷମ' ଛନ୍ଦର ପ୍ରସଙ୍ଗରେ କୁହାଯାଇଛି ସେମାନଙ୍କର ଉଦାର ତଥା ମଧୁର ଶବ୍ଦାବଳୀ ଦ୍ୱାରା କାବ୍ୟରେ ଅର୍ଥାନୁସାରୀ ପ୍ରୟୋଗ କରାଯିବା ଉଚିତ ।

ଶବ୍ଦାନୁଦାରମଧୁରାନ୍ ପ୍ରମଦାଭିଧେୟାନ୍ ନାଟ୍ୟାଶ୍ରୟାସୁ କୃତିଷୁ ପ୍ରୟତେତ କର୍ତ୍ତୁମ୍ ।
ତୈର୍ଭୂଷିତା ଭୁବି ବିଭାନ୍ତି ହି କାବ୍ୟବନ୍ଧାଃ ପଦ୍ମାକରା ବିକସିତା ଇବ ରାଜହଂସୈଃ ।।୧୧୯।।

ନାଟ୍ୟକାର ତାଙ୍କର ରଚନାରେ ଏଭଳି ଶବ୍ଦର ପ୍ରୟୋଗ କରିବା ଉଚିତ ଯାହା ଔଦାର୍ଯ୍ୟ ଗୁଣରେ ପୂର୍ଣ୍ଣ, ଅର୍ଥପୂର୍ଣ୍ଣ ଓ ମଧୁର ହେଉ । ଯାହା ସ୍ତ୍ରୀମାନଙ୍କ ଦ୍ୱାରା ଏବଂ ଗାନ କରାଯାଇପାରିବ । ଯଦି ଏଭଳି ବିଶେଷତା ଯୁକ୍ତ କାବ୍ୟ ରଚନା ହେବ ତେବେ ତାହା ରାଜହଂସ ଯୁକ୍ତ କମଳ ସରୋବର ଭଳି ସୁନ୍ଦର ଓ ଶୁଶୋଭିତ ହେବ ।

ଚେକ୍ରୀଡ଼ିତପ୍ରଭୃତିଭିର୍ବିକୃତୈଶ୍ଚ ଶବ୍ଦୈ ର୍ଯୁକ୍ତା ନ ଭାନ୍ତି ଲଳିତା ଭରତପ୍ରୟୋଗାଃ ।
ଯଜ୍ଞକ୍ରିୟେବ ବୃଚୁତର୍ମଧଗୈର୍ଦ୍ୱିଜେନ୍ଦ୍ରୈ – ର୍ବେଶ୍ୟା ଦ୍ୱିଜୈରିବ କମଣ୍ଡଳୁଦଣ୍ଡହସ୍ତୈଃ ।।୧୨୦।।

ଚେକ୍ରୀଡ଼ିତ ଭଳି ରୁକ୍ଷ ଶବ୍ଦର ପ୍ରୟୋଗରେ ନାଟ୍ୟ ରଚନା ସୁନ୍ଦର ହୁଏନାହିଁ । ଯେଭଳି କୃଷ୍ଣାଜୀନ ତଥା ମୃଗ ଚର୍ମ ବହନକାରୀ, ଯଜ୍ଞଘୃତାକ୍ତ କମଣ୍ଡଳୁ ଓ ଅକ୍ଷମାଳାଧାରୀ ବ୍ରହ୍ମଚାରୀମାନଙ୍କର ନର୍ତ୍ତକୀ ବେଶ୍ୟା ସହ ସଙ୍ଗ ହେବା ଅନୁଚିତ ।

ମୃଦୁଲଲିତପାଦର୍ଥଂଗୂଢ଼ଶବ୍ଦାର୍ଥହୀନଂ
ଜନପଦସୁଖଭୋଗ୍ୟଂ ଯୁକ୍ତିମନ୍ନୃତ୍ତଯୋଜ୍ୟମ୍ ।
ବହୁକୃତରସମାର୍ଗଂସଂଧିସନ୍ଧାନଯୁକ୍ତଂ
ଭବତି ଜଗତି ଯୋଗ୍ୟଂ ନାଟକଂ ପ୍ରେକ୍ଷକାଣାମ୍ ।।୧୨୧ ।।

ଇତି ଭାରତୀୟ ନାଟ୍ୟଶାସ୍ତ୍ରେ ବାଗଭିନୟେ କାବ୍ୟାଲକ୍ଷଣୋ ନାମ ଷୋଡ଼ଶୋଽଧ୍ୟାୟଃ ।।

ଯେଉଁ ନାଟ୍ୟରଚନାରେ ମୃଦୁ ତଥା ଲଳିତ ଅର୍ଥମୟ ପଦାବଳୀ ଥିବ, ଗୂଢ଼ ଶବ୍ଦ ତଥା ଅର୍ଥ ନଥିବ, ପ୍ରେକ୍ଷକ ସୁଖପୂର୍ବକ ଦେଖି ଏବଂ ବୁଝି ପାରୁଥିବ ଏବଂ ଆନନ୍ଦ ଲାଭ କରି ପାରୁଥିବ, ଯହିଁରେ ଯୁକ୍ତି ଏବଂ ବିସ୍ତାର ପୂର୍ବକ ନୃତ୍ୟ ଯୋଜନା ହୋଇଥିବ, ରସର ପ୍ରବହମାନ ଗତି ଥିବ, ସନ୍ଧିମାନଙ୍କର ସ୍ପଷ୍ଟ ସ୍ୱରୂପ ପରିଲକ୍ଷିତ ହେଉଥିବ ସେହି ଭଳି ନାଟକ ସଂସାରରେ ପ୍ରେକ୍ଷଣ ଯୋଗ୍ୟ ହୋଇଥାଏ ।

ଭରତମୁନି କୃତ ନାଟ୍ୟଶାସ୍ତ୍ରମ୍‌ର ବାଚିକାଭିନୟ ଲକ୍ଷଣାଂକାର ଗୁଣ ଦୋଷ ନିରୂପଣ ତଥା କାବ୍ୟଲକ୍ଷଣ ନାମକ ଷୋଡଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

◆

ସପ୍ତଦଶ ଅଧ୍ୟାୟ

ଅନୁବନ୍ଧ

ଦୁଇଟି ଭିନ୍ନ ପାଠରେ ଲକ୍ଷଣକ୍ରମରେ ପ୍ରଦତ୍ତ ଏହି ପାଠକୁ ଆଗ୍ରର୍ଯ୍ୟ ଅଭିନବ ଗୁପ୍ତ ଆପଣା ପାରମ୍ପରିକ ପାଠ ଭାବରେ ସ୍ୱୀକାର କରି ମୁଖ୍ୟ ବୋଲି ବିବେଚିତ କରିଛନ୍ତି । ଅଭିନବଗୁପ୍ତ ଅନ୍ୟ ପାଠର ମଧ୍ୟ ବ୍ୟାଖ୍ୟା କଲେ ଏବଂ ତାକୁ ଉଦ୍ଦେଶ୍ୟ କଥନ ପାଇଁ ଭରତମୁନିଙ୍କ ଦ୍ୱାରା ସଂବନ୍ଧିତ ବୋଲି ମତ ପ୍ରକାଶ କଲେ । ଏପରି ଭାବରେ ଉଭୟ ପାଠରେ ବିଭକ୍ତ ଲକ୍ଷଣମାନଙ୍କର ସ୍ୱରୂପକୁ ନେଇ 'ଭୋଜ' ଆଦି ଚଉଷଠି କାବ୍ୟଲକ୍ଷଣ ନିରୂପିତ କରିଛନ୍ତି ଏବଂ 'ପ୍ରଦୀପ' ଟୀକାରେ ଉଭୟ ପାଠର ବ୍ୟାଖ୍ୟା ରହିଛି ।

ବିଭୂଷଣଞ୍ଚାକ୍ଷରସଂହତିଶ୍ଚ ଶୋଭାଭିମାନୋ ଗୁଣକୀର୍ତ୍ତନଞ୍ଚ ।
ପ୍ରୋତ୍ସାହନୋଦାହରଣେ ନିରୁକ୍ତଂ ଗୁଣାନୁବାଦୋଽତିଶୟଃ ସହେତୁଃ ।।୦୧।।

ସାରୂପ୍ୟ-ମିଥ୍ୟାଧ୍ୟବସାୟସିଦ୍ଧି-ପଦୋଚ୍ଚୟାକ୍ରନ୍ଦମନୋରଥାଶ୍ଚ ।
ଆଖ୍ୟାନଯାଚଞ୍ଚପ୍ରତିଷେଧପୃଚ୍ଛାଦୃଷ୍ଟାନ୍ତନିର୍ଭାସନସଂଶୟାଶ୍ଚ ।।୦୨।।

ଆଶୀଃ ପ୍ରିୟୋକ୍ତିଃ କପଟଃ କ୍ଷମା ଚ ପ୍ରାପ୍ତିଃ ପଶ୍ଚାତ୍ତାପଃ ତଥୈବ ।
ଅଥାନୁବୃତ୍ତିର୍ହ୍ୟୁପପତ୍ତିଯୁକ୍ତ୍ୟୌ କାର୍ଯ୍ୟୋଽନୁନୀତିଃ ପରିବେଦନଞ୍ଚ ।।୦୩।।

ଷଟ୍‌ତ୍ରିଂଶଦେତାନି ତୁ ଲକ୍ଷଣାନି ପ୍ରୋକ୍ତାନି ବୈ ଭୂଷଣସମ୍ମିତାନି ।
କାବ୍ୟେଷୁ ଭାବାର୍ଥଗତାନି ତଜ୍ଜ୍ଞୈଃ ସମ୍ୟକ୍‌ପ୍ରୟୋଜ୍ୟାନି ଯଥାରସଂ ତୁ ।।୦୪।।

ଦୃଶ୍ୟ କାବ୍ୟର ଅଙ୍ଗୀଭୂତ ଛତିଶ ଲକ୍ଷଣ । ସେମାନଙ୍କର ନାମ ଯଥା :–

୧. ବିଭୂଷଣ, ୨. ଅକ୍ଷର ସଂଘାତ, ୩. ଶୋଭା, ୪. ଅଭିମାନ, ୫. ଗୁଣ କୀର୍ତ୍ତନ, ୬. ପ୍ରୋତ୍ସାହନ, ୭. ଉଦାହରଣ, ୮. ନିରୁକ୍ତ, ୯. ଗୁଣାନୁବାଦ, ୧୦. ଅତିଶୟ, ୧୧. ହେତୁ, ୧୨. ସାରୂପ୍ୟ, ୧୩. ମିଥ୍ୟାଦ୍ଧ୍ୟବସାୟ ୧୪. ସିଦ୍ଧି, ୧୫. ପଦୋଚ୍ଚୟ, ୧୬. ଆକ୍ରନ୍ଦ, ୧୭. ମନୋରଥ, ୧୮. ଆଖ୍ୟାନ, ୧୯. ଯାଚ୍‌ଞା, ୨୦. ପ୍ରତିଷେଧ, ୨୧. ପୃଚ୍ଛା, ୨୨. ଦୃଷ୍ଟାନ୍ତ, ୨୩. ନିର୍ଭାସନ, ୨୪. ସଂଶୟ, ୨୫. ଆଶୀଃ, ୨୬. ପ୍ରିୟୋକ୍ତି, ୨୭. କପଟ, ୨୮. କ୍ଷମା, ୨୯. ପ୍ରାପ୍ତି, ୩୦. ପଶ୍ଚାତ୍ତାପ, ୩୧. ଅନୁବୃତ୍ତି, ୩୨. ଉପପତ୍ତି, ୩୩. ଯୁକ୍ତି, ୩୪. କାର୍ଯ୍ୟ, ୩୫. ଅନୁନୀତି ବା ଅନୁନୟ ଓ ୩୬. ପରିବେଦନ ।

୧. ବିଭୂଷଣ :–

ଅଳଂକାରୈର୍ଗୁଣୈଶ୍ଚୈବ ବହୁଭିର୍ଯଦଲଙ୍କୃତମ୍
ଭୂଷଣୈରିବ ବିନ୍ୟସ୍ତୈସ୍ତଦ୍‌ଭୂଷଣମିତି ସ୍ମୃତମ୍ ।।୦୫।।

ଯେଉଁ ରଚନା ଅନେକ ଅଳଂକାର ତଥା ଗୁଣରେ ଅଳଂକୃତ ହୋଇ ଆଭୂଷଣ ମଣ୍ଡିତ ବ୍ୟକ୍ତି ସଦୃଶ ସୁଶୋଭିତ ହୋଇଥାଏ; ସେହି ଅର୍ଥଗୁଣସୂଚକ ଲକ୍ଷଣକୁ 'ବିଭୂଷଣ' ବୋଲି ବୁଝିବାକୁ ହେବ ।

୨. ଅକ୍ଷର ସଂଘାତ :—

ଯତ୍ରାଳ୍ପୈରକ୍ଷରୈଃ ଶ୍ଲିଷ୍ଟୈର୍ବିଚିତ୍ରର୍ଥୋପବର୍ଣ୍ଣନମ୍ ।
ତଦପ୍ୟକ୍ଷରସଂଘାତଂ ବିଦ୍ୟାଲ୍ଲକ୍ଷଣସଂଜ୍ଞିତମ୍ ।।୦୬।।

ଯେଉଁ ରଚନାରେ ଅଳ୍ପ ଅକ୍ଷରର ପ୍ରୟୋଗରେ ଶ୍ଳେଷଗତ ବୈଶିଷ୍ଟ୍ୟ ହେତୁ ବିଭିନ୍ନ ଏବଂ ବୈଚିତ୍ର୍ୟ ସଂପନ୍ନ ଅକ୍ଷର ଅଭିବ୍ୟକ୍ତି ହୋଇଥାଏ, ତାକୁ 'ଅକ୍ଷର ସଂଘାତ' ଲକ୍ଷଣ ବୋଲି ବୁଝିବା ଉଚିତ ।

୩. ଶୋଭା :—

ସିଦ୍ଧୈରର୍ଥୈଃ ସମଂ କୃତ୍ୱା ହ୍ୟସିଦ୍ଧୋଽର୍ଥଃପ୍ରସାଧ୍ୟତେ
ଯତ୍ର ଶ୍ଲିଷ୍ଟା ବିଚିତ୍ରାର୍ଥା ସା ଶୋଭେତ୍ୟଭିସଂଜ୍ଞିତା ।।୦୭।।

ଯେଉଁ ରଚନାରେ ଅସିଦ୍ଧ କିମ୍ବା ଅଜ୍ଞାତାର୍ଥର ସିଦ୍ଧ ବା ଜ୍ଞାନ ରୂପରେ ଉଦ୍ଧାର କରି ଶ୍ଳେଷର କାରଣରୁ ନବୀନ ବା ମନୋହର ସ୍ଥିତିରେ ଅର୍ଥାଭିବ୍ୟକ୍ତି ହୋଇଥାଏ ସେହି ଲକ୍ଷଣକୁ 'ଶୋଭା' ବୋଲି ବୁଝିବା ଉଚିତ ।

୪. ଅଭିମାନ :—

ଧାର୍ଯମାଣସ୍ତୁ ବହୁଭିର୍ବଚନୈଃ କାର୍ଯଯୁକ୍ତିଭିଃ ।
ନ ଯଃ ପର୍ଯବତିଷ୍ଠେତ ସୋଽଭିମାନସ୍ତୁ ସଂଜ୍ଞିତଃ ।।୦୮।।

ଯେତେବେଳେ ଜଣେ ଅନେକ କଥା, କାର୍ଯ୍ୟ ତଥା ଯୁକ୍ତି ଦେଇ ବୁଝେଇଲେ ମଧ୍ୟ ବୁଝିପାରେ ନାହିଁ କିମ୍ବା ସନ୍ତୁଷ୍ଟ ହୁଏ ନାହିଁ ସେତେବେଳେ ସେହି ଲକ୍ଷଣକୁ 'ଅଭିମାନ' ବୋଲି କୁହାଯାଏ ।

୫. ଗୁଣକୀର୍ତ୍ତନ :—

କୀର୍ତ୍ୟମାନୈର୍ଗୁଣୈର୍ଯତ୍ର ବିବିଧାର୍ଥସମୁଦ୍ଭବୈଃ ।
ଦୋଷା ନ ପରିକଥ୍ୟନ୍ତେ ତଜ୍ଜ୍ଞେୟଂ ଗୁଣକୀର୍ତନମ୍ ।।୦୯।।

କୌଣସି ବ୍ୟକ୍ତିର ଅନେକ ଗୁଣକୁ ବିବିଧ ଉଦ୍ଦେଶ୍ୟରେ ଉଦ୍ଭୂତ ଅର୍ଥରେ କହିବା ସମୟରେ ଦୋଷର ଉଦ୍‌ଘାଟନ କରାନଯିବାକୁ 'ଗୁଣକୀର୍ତ୍ତନ ବୋଲି ବୁଝିବା ଉଚିତ ।

୬. ପ୍ରୋତ୍ସାହନ : —

ଉତ୍ସାହଜନନୈଃ ସ୍ପଷ୍ଟୈରର୍ଥୈରୌପମ୍ୟସଂଶ୍ରୟୈଃ ।
ପ୍ରସିଦ୍ଧୈରୁପଗୃଢ଼ଞ୍ଚ ଜ୍ଞେୟଂ ପ୍ରୋତ୍ସାହନଂ ବୁଧୈଃ ।।୧୦।।

ଯେଉଁଠାରେ ଔପମ୍ୟର ଆଶ୍ରୟ ବା ଅନ୍ୱେଷଣ କରି ଉତ୍ସାହବର୍ଦ୍ଧକ ଏବଂ ସୁସ୍ପଷ୍ଟ ଅର୍ଥଦ୍ୱାରା ପ୍ରସିଦ୍ଧ ବ୍ୟକ୍ତିତ୍ୱର ବର୍ଣ୍ଣନା କରାଯାଇଥାଏ ସେଭଳି ଲକ୍ଷଣକୁ 'ପ୍ରୋତ୍ସାହନ' ବୋଲି ବୁଝିବା ଉଚିତ ।

୭. ଉଦାହରଣ :—

ଯତ୍ରୈକସ୍ୟାପି ଶବ୍ଦସ୍ୟ ଦର୍ଶନାତ୍ ସୁବହୂନ୍ୟପି ।
ଯାନ୍ତି ସିଦ୍ଧିମନୁକ୍ତାନି ତଦୁଦାହରଣଂ ସ୍ମୃତମ୍ ।।୧୧।।

ଯେତେବେଳେ କୌଣସି ଶବ୍ଦର ଉଚ୍ଚାରଣ ହେବା ମାତ୍ରକେ ତାହା ସହିତ ଅନେକ ଅବ୍ୟକ୍ତ । ଅସଂକେତିତ ଅର୍ଥର ମଧ୍ୟ ସୂଚନା ମିଳିଥାଏ ସେତେବେଳେ ତାକୁ 'ଉଦାହରଣ' ଲକ୍ଷଣ ବୋଲି ବୁଝିବା ଉଚିତ ।

୮. ନିରୁକ୍ତ :—

ନିରୁକ୍ତଂ ଦ୍ୱିବିଧଂ ପ୍ରୋକ୍ତଂ ତଥ୍ୟା ଅତଥ୍ୟମେବ ଚ ।
ସିଦ୍ଧିପୂର୍ବଂ ଭବେତ୍ତଥ୍ୟମତଥ୍ୟଂଅପ୍ରସାଧିତମ ।।୧୨।।

ନିରୁକ୍ତର ଦୁଇଟି ଭେଦ ଯଥା :– (୧) ତଥ୍ୟ ଏବଂ (୨) ଅତଥ୍ୟ। ଯାହା ଅତି ପ୍ରସିଦ୍ଧ ବା ଜ୍ଞାତ ତାହା 'ତଥ୍ୟ' ଏହି ଯାହା ଏହାର ବିପରୀତ ଏବଂ ଅଜ୍ଞାତ ତାକୁ 'ଅତଥ୍ୟ' ନାମକ ନିରୁକ୍ତ ବୋଲି ବୁଝିବା ଉଚିତ ।

୯. ଗୁଣାନୁବାଦ :—

ଗୁଣାନୁବାଦୋ ହୀନାନା ମୁତ୍ତମୈରୁପମାକୃତଃ ।

ଯେତେବେଳେ କୌଣସି ହୀନ ବିଷୟରେ ଉତ୍ତମ ବିଷୟ ସହିତ ତୁଳନା କରାଯାଏ ସେଇ କଥନ ଥିବା ଲକ୍ଷଣକୁ 'ଗୁଣାନୁବାଦ' ବୋଲି ବୁଝିବା ଉଚିତ ।

୧୦. ଅତିଶୟ :—

ଉତ୍ତମାର୍ଥାଦ୍ୱିଶିଷ୍ଟୋ ଯଃ ସ ତ୍ୱପ୍ୟତିଶୟଃ ସ୍ମୃତଃ ।।୧୩।।

ଯେତେବେଳେ କୌଣସି ଉତ୍ତମ ବସ୍ତୁ ସହ ତୁଳନା କରାଗଲେ ବି (ସେହି ଅର୍ଥଠାରୁ ମଧ୍ୟ) ଅଧିକ ବୈଶିଷ୍ଟ୍ୟ ପ୍ରତୀତ ହେବ ସେତେବେଳେ ସେହି ଲକ୍ଷଣକୁ 'ଅତିଶୟ' ବୋଲି ବୁଝିବାକୁ ହେବ ।

୧୧. ହେତୁ :—

ବହୂନାଂ ଭାଷମାଣାନାଂ ତ୍ୱେକସ୍ୟାର୍ଥବିନିର୍ଣ୍ଣୟମ୍ ।
ସିଦ୍ଧୋପମାନବଚନଂ ହେତୁରିତ୍ୟଭିସଂଜ୍ଞିତଃ ।।୧୪।।

ଅନେକ ବ୍ୟକ୍ତିଙ୍କର କଥନ ଶୁଣି ଅସାଧାରଣ ଅର୍ଥର ପ୍ରମାଣ ପରସ୍ପର ବଚନ ଆକାରରେ ସ୍ଥିର କରିବା 'ହେତୁ' ବୋଲାଇଥାଏ ।

୧୨. ସାରୂପ୍ୟ :–

ଉପଦେଶସ୍ତୁ ପରୋକ୍ଷୋ ଯସ୍ମାତ୍ପୃଦ୍ୟତେଽନୁକରଣେନ ।
ଲକ୍ଷଣସମାନକରଣାତ୍ ସାରୂପ୍ୟଂ ତତ୍ତୁ ବିଜ୍ଞେୟମ୍ ।।୧୫।।

କୌଣସି ତଥ୍ୟକୁ ନ ଜାଣି ଯଦି ଅନୁକରଣ ଅନୁସାରେ ଆଧାର ନେଇ ଲକ୍ଷଣର ଆଲୋଚନା ପୂର୍ବକ ବସ୍ତୁର ସପ୍ରମାଣ ସ୍ଥାପନା କରାଯିବ । ତା'ହେଲେ ତାକୁ 'ସାରୂପ୍ୟ' ବୋଲି ବୁଝିବାକୁ ହେବ ।

୧୩. ମିଥ୍ୟାଧ୍ୟବସାୟ :–

ଅଭୂତପୂର୍ବୈର୍ଯତ୍ରାର୍ଥୈସ୍ତତ୍ତୁଲ୍ୟାର୍ଥସ୍ୟ ନିର୍ଣ୍ଣୟଃ ।
ସ ମିଥ୍ୟାଧ୍ୟବସାୟସ୍ତୁ ପ୍ରୋଚ୍ୟତେ କାବ୍ୟଲକ୍ଷଣମ୍ ।।୧୬।।

ଯଦି କୌଣସି ଅତଥ୍ୟଭୂତ କିମ୍ବା ଅନୃତ ଅର୍ଥଦ୍ୱାରା ତାରି ଭଳି ଅସତ୍ ବସ୍ତୁର ବକ୍ତୃତ୍ୱପୂର୍ଣ୍ଣ ପଦାବଳୀରେ ନିର୍ଦ୍ଧାରଣ ବା ବିନିଶ୍ଚୟ କରାଯିବ ତା'ହେଲେ ତାକୁ କାବ୍ୟର 'ମିଥ୍ୟାଧ୍ୟବସାୟ' ନାମକ ଲକ୍ଷଣ ବୋଲି ବୁଝିବାକୁ ହେବ ।

୧୪. ସିଦ୍ଧି :–

ବହୂନାଞ୍ଚ ପ୍ରଧାନାନାଂ ମଧ୍ୟେ ଯନ୍ନାମ କୀର୍ତ୍ତ୍ୟତେ ।
ଏକାର୍ଥସାଧନକୃତଂ ସା ସିଦ୍ଧିରିତି କୀର୍ତ୍ତିତା ।।୧୭।।

ଅନେକ ପ୍ରସିଦ୍ଧ ଅଥବା ପ୍ରମୁଖ ବ୍ୟକ୍ତି କିମ୍ବା ପଦାର୍ଥ ମଧ୍ୟରେ ଯଦି ଏକ ଅପ୍ରସିଦ୍ଧ ନାମର ଅଭିଧାନ ତା'ର ଅସାଧରଣତ୍ୱର ନିଦର୍ଶନ କରିବାକୁ ନିବିଷ୍ଟ କରାଯାଏ ତେବେ ତାକୁ 'ସିଦ୍ଧି' ବୋଲି ବୁଝିବା ଉଚିତ ।

୧୫. ପଦୋଚ୍ଚୟ :–

ଗୁଣୈର୍ବହୁଭିରେକାର୍ଥୈଃ ପଦୈର୍ଯୈଃ ସଂପ୍ରଶସ୍ୟତେ ।
ପଦୋଚ୍ଚୟସ୍ତୁ ତଂ ବିଦ୍ୟାନ୍ନାନାର୍ଥଗ୍ରଥିତାର୍ଥକମ୍ ।।୧୮ ।।

ଗୋଟିଏ ମାତ୍ର ପଦାର୍ଥକୁ ନିଦର୍ଶିତ କରୁଥିବା ଅନେକ ଶବ୍ଦ କିମ୍ବା ବଚନଦ୍ୱାରା ଯଦି କୌଣସି ବସ୍ତୁର ପ୍ରଶଂସା କରାଯାଏ ତେବେ ଇଷ୍ଟ ବସ୍ତୁକୁ ନାନା ଅର୍ଥ ଏବଂ ବଚନରେ ସ୍ୱରୂପ ପ୍ରଦାନକାରୀ ଲକ୍ଷଣକୁ 'ପଦୋଚ୍ଚୟ' କୁହାଯିବ ।

୧୬. ଆକ୍ରନ୍ଦ :—

ଆତ୍ମଭାବମୁପନ୍ୟସ୍ୟ ପରସାଦୃଶ୍ୟଯୁକ୍ତିଭିଃ ।
ତାଦ୍ରାର୍ଥଭାଷଣଂ ଯତ୍ ସ୍ୟାଦାକ୍ରନ୍ଦଃ ସ ତୁ କୀର୍ତ୍ତିତଃ ।।୧୯।।

ଯେତେବେଳ ସାଦୃଶ୍ୟ ବା ସମାନତା ପ୍ରଦର୍ଶିତ କରୁଥିବା ଯୁକ୍ତିମାନଙ୍କ ଦ୍ୱାରା ଆପଣାର ଅଭୀଷ୍ଟ ଅପ୍ରତ୍ୟକ୍ଷ ଅଭିପ୍ରାୟକୁ ପ୍ରମୁଖତଃ ସ୍ପଷ୍ଟ କଥନଦ୍ୱାରା ସ୍ୱାଭାବାବିଷ୍କରଣ କରି କୁହାଯାଏ ଯେତେବେଳେ ତାହା 'ଆକ୍ରନ୍ଦ' ଲକ୍ଷଣ ବୋଲାଇଥାଏ ।

୧୭. ମନୋରଥ :—

ହୃଦୟସ୍ଥସ୍ୟ ଭାବସ୍ୟ ସୁଶ୍ଳିଷ୍ଟାର୍ଥପ୍ରଦର୍ଶନମ୍ ।
ଅନ୍ୟାପଦେଶକଥନୈର୍ମନୋରଥ ଇତି ସ୍ମୃତଃ ।।୨୦।।

ଯେତେବେଳେ କୌଣସି ଗୂଢ଼ ମନୋଗତ ଭାବକୁ ଅନ୍ୟ ବସ୍ତୁର କଥନ ବ୍ୟାଜରେ ପ୍ରକାଶିତ କରାଯାଏ, ସେତେବେଳେ ସେଭଳି ସୁନିଯୋଜିତ ବାକ୍ୟାବଳୀକୁ 'ମନୋରଥ' ବୋଲି ବୁଝିବା ଉଚିତ୍ ।

୧୮. ଆଖ୍ୟାନ :—

ପୃଷ୍ଟୈରପୃଷ୍ଟୈରଥବା ନିର୍ଣ୍ଣୟଃ କ୍ରିୟତେ ତୁ ଯଃ ।
ଆଖ୍ୟାନମିତି ତଜ୍ଜ୍ଞେୟଂ ଲକ୍ଷଣଂ ନାଟକାଶ୍ରୟମ୍ ।।୨୧।।

ଯେତେବେଳେ ପ୍ରଶ୍ନ କରି କିମ୍ବା ନକରି କୌଣସି କଥା ନିଶ୍ଚିତ କରାଯାଏ ଯେତେବେଳେ ତାକୁ 'ଆଖ୍ୟାନ' ବୋଲି ବୁଝିବା ଉଚିତ ।

୧୯. ଯାଚ୍ଞା :—

ଆଦୌ ଯତ୍ କ୍ରୋଧଜନନମନ୍ତେ ହର୍ଷପ୍ରବର୍ଧନମ୍ ।
ଯତ୍ର ପ୍ରିୟଂ ଚ ପୁନର୍ବାକ୍ୟଂ ସା ଯାଚ୍ଞା ପରିକୀର୍ତ୍ତିତା ।।୨୨।।

ଯେଉଁ କଥନକୁ ଅହିତକର ମନେ କରି ଆରମ୍ଭରେ କ୍ରୋଧ, ମାତ୍ର ଶେଷରେ ଆନନ୍ଦ ବର୍ଦ୍ଧନ ହୋଇଥାଏ ଓ ପୁଣି ପ୍ରିୟ ହୋଇଥାଏ, ସେହିଭଳି କଥନ 'ଯାଚ୍ଞା' ବୋଲାଇଥାଏ ।

୨୦. ପ୍ରତିଷେଧ :—

କାର୍ଯ୍ୟେଷୁ ବିପରୀତେଷୁ ଯଦି କିଞ୍ଚିତ୍ପ୍ରବର୍ତ୍ତତେ ।
ନିବାର୍ଯ୍ୟତେ ଚ କାର୍ଯ୍ୟଜ୍ଞୈଃ ପ୍ରତିଷେଧଃ ପ୍ରକୀର୍ତ୍ତିତଃ ।।୨୩।।

ଯଦି କେହି ବିପରୀତ କାର୍ଯରେ ପ୍ରବୃତ୍ତ ହୋଇଥାଏ, କିମ୍ବା କାହାର ନିଷିଦ୍ଧ କାର୍ଯ୍ୟରେ ପ୍ରବୃତ୍ତି ଦେଖି ତାକୁ କାର୍ଯ୍ୟଜ୍ଞ ଅନୁଭବୀ ପୁରୁଷ ସେହି କାର୍ଯ୍ୟରୁ ନିବୃତ୍ତ ହେବାକୁ କହନ୍ତି ତେବେ ସେହି କଥନକୁ 'ପ୍ରତିଷେଧ' କୁହାଯାଏ ।

୨୧. ପୃଚ୍ଛା :–

ଯତ୍ରାକାରୋଦ୍ଭବୈର୍ବାକ୍ୟୈରାତ୍ମାନମଥବା ପରମ୍ ।
ପୃଚ୍ଛନ୍ନିବାଭିଧତ୍ତେଽର୍ଥେ ସା ପୃଚ୍ଛେତ୍ୟଭିସଂଜ୍ଞିତା ।।୨୪।।

ଯଦି କୌଣସି ଗୂଢ଼ ଅଭିପ୍ରାୟକୁ ସାଂକେତିକ କରୁଥିବା ବାକ୍ୟଦ୍ୱାରା ଅନ୍ୟବ୍ୟକ୍ତିକୁ ବା ଆପେ ଆପଣାକୁ ପଚାରି କୌଣସି ତଥ୍ୟ କିମ୍ବା ଅର୍ଥର କଥନ ହୁଏ ତେବେ ତାକୁ 'ପୃଚ୍ଛା' ବୋଲି ବୁଝିବା ଉଚିତ ।

୨୨. ଦୃଷ୍ଟାନ୍ତ :–

ବିଦ୍ୱାନ୍ ପୂର୍ବୋପଲବ୍ଧୌ ଯଦ୍ ସମତ୍ୱମୁପପାଦୟେଦ୍ ।
ନିଦର୍ଶନକୃତସ୍ତଜ୍ଜ୍ଞୈଃ ସ ଦୃଷ୍ଟାନ୍ତ ଇତି ସ୍ମୃତଃ ।।୨୫।।

ଯେତେବେଳେ କୌଣସି ବିଦ୍ୱାନବ୍ୟକ୍ତି କୌଣସି ପଦାର୍ଥର ସମତାକୁ ତା'ର ପୂର୍ବ ଉପଲବ୍ଧ ବସ୍ତୁ ସହିତ ତୁଳନା କରି ସ୍ଥାପିତ କରେ ବା ପ୍ରକାଶିତ କରେ ସେତେବେଳେ ତାକୁ 'ଦୃଷ୍ଟାନ୍ତ' ନାମକ ଲକ୍ଷଣ ବୋଲି ବୁଝିବା ଉଚିତ ।

୨୩. ନିର୍ଭାସନ :–

ଅନେକଯୁକ୍ତିମଦ୍ୱାକ୍ୟମନେକାର୍ଥପ୍ରସାଧକମ୍ ।
ଅନେକବାକ୍ୟସଂଯୁକ୍ତଂ ତନ୍ନିର୍ଭାସନମୁଚ୍ୟତେ ।।୨୬।।

ଯେଉଁ କଥନ ଅନେକ ଯୁକ୍ତିଦ୍ୱାରା ସମନ୍ୱିତ, ଅନେକ ବାକ୍ୟଦ୍ୱାରା ପୂର୍ଣ୍ଣ ଏବଂ ଅନେକ ଉଦ୍ଦେଶ୍ୟ ବା ପ୍ରୟୋଜନର ସାଧକ ହୋଇଥାଏ ତାକୁ 'ନିର୍ଭାସନ' ବୋଲି ବୁଝିବା ଉଚିତ ।

୨୪. ସଂଶୟ :–

ଅପରିଜ୍ଞାତତତ୍ତ୍ୱାର୍ଥଂ ଯତ୍ର ବାକ୍ୟଂ ସମାପ୍ୟତେ ।
ସୋଽନେକତ୍ୱାଦ୍‌ବିଚାରାଣାଂ ସଂଶୟଃ ପରିକୀର୍ତିତଃ ।।୨୭।।

ଯେତେବେଳେ କୌଣସି ବାକ୍ୟର ସମାପ୍ତି କୌଣସି ତଥ୍ୟ କିମ୍ବା ତାତ୍ତ୍ୱିକ ଅର୍ଥ ଜାଣିବା ବିନା ହୋଇଯାଏ ତେବେ ଅନେକ ବିଚାର ପ୍ରଯୁକ୍ତ ସେହି କଥନକୁ 'ସଂଶୟ' ବୋଲି ବୁଝିବା ଉଚିତ ।

୨୫. ଆଶା :–

ଯଥା ଶାସ୍ତ୍ରାର୍ଥସମ୍ପନ୍ନାଂ ମନୋରଥସମୁଦ୍ଭବାମ୍ ।
ଅପ୍ରାର୍ଥନାୟାମନ୍ୟାଂ ବା ବିଦୁସ୍ତାମାଶିଷଂ ବୁଧାଃ ।।୨୮।।

ଯଦି କୌଣସି ନୀତି କିମ୍ବା ଶାସ୍ତ୍ର ଅନୁସାର ମନୋନୁକୂଳ ଭାବନାରେ ଉଦ୍ଭୁତ ପ୍ରାର୍ଥନା ବିନା ଯେଉଁ ଆଶୀର୍ବାଦ ପ୍ରଦାନ କରାଯାଉଥାଏ ତାକୁ ବିଦ୍ୱାନମାନେ 'ଆଶା' ନାମକ ଲକ୍ଷଣ ବୋଲି କହିଥାନ୍ତି ।

୨୬. ପ୍ରିୟବଚନ :–

ଆଦୌ ଯତ୍ କ୍ରୋଧଜନନମନ୍ତେ ହର୍ଷପ୍ରବର୍ଦ୍ଧନମ୍ ।
ତତ୍ ପ୍ରିୟଂ ବଚନଂ ଜ୍ଞେୟମାଶୀର୍ବାଦ ସମନ୍ୱିତମ୍ ।।୨୯।।

ଯାହା ଆରମ୍ଭରେ କ୍ରୋଧ ଏବଂ ପରିଶେଷରେ ହର୍ଷ ଉତ୍ପନ୍ନ କରେ କୌଣସି ଆଶୀର୍ବଚନର ସୂଚନା ଦେଉଥାଏ, ତାକୁ 'ପ୍ରିୟବଚନ' ବା 'ପ୍ରୟୋକ୍ତ' ବୋଲି କୁହାଯାଏ ।

୨୭. କପଟସଂଘାତ :–

ଛଳଯୁକ୍ତ୍ୟା ଦ୍ୱୟୋର୍ୟେଷାମଭିସନ୍ଧାନାଭିଭାବକଂ କପଟମ୍ ।
ଦ୍ୱିତ୍ରିପ୍ରୟୋଗଯୁକ୍ତୌ ବିଜ୍ଞେୟଃ କପଟସଂଘାତଃ ।।୩୦।।

ଯଦି ଏକା ସଙ୍ଗରେ କାହାକୁ ଛଳିବା କିମ୍ବା ଭ୍ରମଜାତ କରିବା ନିମନ୍ତେ ଦୁଇ କିମ୍ବା ତିନିବାର କପଟ ପ୍ରୟୋଗର ଆଶ୍ରୟ ନିଆଯାଇ କୁହାଯାଇଥାଏ ତେବେ ସେଭଳି ଉକ୍ତିକୁ 'କପଟସଂଘାତ' ବୋଲି ବୁଝିବା ଉଚିତ ।

୨୮. କ୍ଷମା :–

ଦୁର୍ଜନୋଦାହୃତୈ ରୂକ୍ଷୈଃ ସଭା ମଧ୍ୟେଽଭିତାଡ଼ିତଃ
ଅକ୍ରୋଧଃ କ୍ରୋଧଜନନୈର୍ବାକ୍ୟୈର୍ଯଃ ସା କ୍ଷମା ଭବେତ୍ ।।୩୧।।

ସଜ୍ଜନ ପରିପୂର୍ଣ୍ଣ ସଭା ମଧ୍ୟରେ କୌଣସି ବ୍ୟକ୍ତି ପ୍ରତି ଦୃଷ୍ଟ ପୁରୁଷମାନେ କ୍ରୋଧ ଉତ୍ପାଦନକାରୀ ରୁକ୍ଷବାକ୍ୟ ପ୍ରୟୋଗ କରି ଉତ୍ତେଜିତ କଲେ ଯଦି ସେ ଶାନ୍ତ ଓ କ୍ରୋଧହୀନ ଦଶାରେ ଥାଆନ୍ତି । ତେବେ ତାଙ୍କର ସେହି ଗୁଣକୁ 'କ୍ଷମା' ବୋଲି କୁହାଯାଏ ।

୨୯. ପ୍ରାପ୍ତି :–

ଦୃଷ୍ଟ୍ୱୈବାବୟବଂ କିଞ୍ଚିଦ୍‌ଭାବୋ ଯତ୍ରାନୁମୀୟତେ ।
ପ୍ରାପ୍ତିଂ ତାମଭିଜାନୀୟାଲ୍ଲକ୍ଷଣଂ ନାଟକାଶ୍ରୟମ୍ ।।୩୨ ।।

ଯେତେବେଳେ କୌଣସି କ୍ରିୟାକୁ ଦେଖି କା'ର ମୌଳଗତ ଭାବକୁ ବୁଝି ନିଆଯାଏ ସେତେବେଳେ ତାକୁ 'ପ୍ରାପ୍ତି' ନାମକ ଲକ୍ଷଣ ବୋଲି ବୁଝିବା ଉଚିତ ।

୩୦. ପଶ୍ଚାତ୍ତାପ :–

ଅକାର୍ଯଂସହସା କୃତ୍ୱାଽକୃତ୍ୱା କାର୍ଯମଥାପି ବା ।
ସନ୍ତାପୋ ମନସୋ ଯସ୍ତୁ ପଶ୍ଚାତ୍ତାପଃ ପ୍ରକୀର୍ତ୍ତିତଃ ।।୩୩ ।।

କୌଣସି ଅବିଗ୍ରହିତ ବା ଅସତ୍ କାର୍ଯ୍ୟକୁ ପୂର୍ଣ୍ଣ କରିବା ପରେ ଯେଉଁ ମାନସିକ ଅନୁତାପ ଆସିଥାଏ ସେହିଭଳି ଦଶାର କଥନକୁ 'ପଶ୍ଚାତ୍ତାପ' ବୋଲି କୁହାଯାଏ ।

୩୧. ଅନୁବୃତ୍ତି :–

ପ୍ରଶ୍ରୟେଣାର୍ଥସଂଯୁକ୍ତଂ ଯତ୍ ପରସ୍ୟାନୁବର୍ତ୍ତନମ୍ ।
ସ୍ନେହାଦ୍ଦାକ୍ଷିଣ୍ୟଯୋଗାଦ୍ୱା ସାନୁବୃତ୍ତିସ୍ତୁ ସଂଜ୍ଞିତା ।।୩୪ ।।

ଯଦି କୌଣସି ବ୍ୟକ୍ତିର କଥନର ସୌଜନ୍ୟବଶତଃ ପ୍ରେମ ଅଥବା ଶିଷ୍ଟତା (ଦାକ୍ଷିଣ୍ୟ) ଦୃଷ୍ଟିରୁ ଅନୁସରଣ ଅଥବା ସମର୍ଥନ କରାଯାଏ ତେବେ ତାକୁ 'ଅନୁବୃତ୍ତି' ବୋଲି କୁହାଯାଏ ।

୩୨. ଉପପତ୍ତି :–

ପ୍ରାପ୍ତାନାଂ ଯତ୍ର ଦୋଷାଣାଂ କ୍ରିୟତେ ଶମନଂ ପୁନଃ ।
ସା ଜ୍ଞେୟା ହ୍ୟୁପପତ୍ତିସ୍ତୁ ଲକ୍ଷଣଂ ନାଟକାଶ୍ରୟମ୍ ।।୩୫ ।।

ଅସତ୍ କିମ୍ବା ଅବାସ୍ତବ ଦୋଷ ଉପସ୍ଥିତ ହେଲେ ତା'ର ଉଚିତ ରୂପରେ ଯେତେବେଳେ ଉପସ୍ଥାପିତ ପୂର୍ବକ ନିରାକରଣ କରାଯାଏ ସେତେବେଳେ ସେଭଳି କଥନକୁ 'ଉପପତ୍ତି' କୁହାଯାଏ, ଯା'ର ପ୍ରୟୋଗ ନାଟକରେ ହୋଇଥାଏ ।

୩୩. ଯୁକ୍ତି :–

ସାଧ୍ୟତେ ଯୋଽର୍ଥସମ୍ବନ୍ଧୋ ମହଦ୍ଭିଃ ସମବାୟବତଃ ।
ପରସ୍ପରାନୁକୂଲ୍ୟେନ ସା ଯୁକ୍ତିଃ ପରିକୀର୍ତ୍ତିତା ।।୩୬ ।।

ଯେଉଁ ବିଗ୍ରହର ସମାନତା ଏବଂ ପରସ୍ପର ଅନୁକୂଳତାର ଆଧାରରେ ଉତ୍କୃଷ୍ଟତା ସହିତ ପ୍ରତିପାଦିତ କିମ୍ବା ସିଦ୍ଧ କରାଯାଇଥାଏ, ସେଭଳି କଥନ ଯୁକ୍ତି ବୋଲାଏ ।

୩୪. କାର୍ଯ୍ୟ :—

ଯତ୍ରାପସାରୟନ୍ ଦୋଷଂ ଗୁଣମର୍ଥେନ ଯୋଜୟେତ୍ ।
ଗୁଣାଭିବାଦଂ ଦୋଷାଦ୍ୱା କାର୍ଯ୍ୟ ତଲ୍ଲକ୍ଷଣଂ ବିଦୁଃ ।।୩୭।।

ଯଦି କୌଣସି ପଦାର୍ଥ କିମ୍ବା ବ୍ୟକ୍ତିର ଗୁଣକୁ ଦୋଷ ଅଥବା ଦୋଷକୁ ଗୁଣରେ ପରିଣତ କରି ପ୍ରତିପାଦିତ କରାଯାଏ ତେବେ ସେଭଳି କଥନ 'କାର୍ଯ୍ୟ' ବୋଲାଏ ।

୩୫. ଅନୁନୀତି :—

ଅପୂର୍ବକ୍ରୋଧଜନିତମପରାଧଂ ପ୍ରମୃଜ୍ୟ ଯତ୍ ।
ସେବାର୍ଥେ ମଧୁରଂ ବାକ୍ୟଂ ସାଽନୁନୀତିଃ ପ୍ରକୀର୍ତ୍ତିତା ।।୩୮ ।।

କ୍ରୋଧବଶତଃ ହୋଇଥିବା କାହାର ଗୋଟିଏ ଅପରାଧକୁ ଭୁଲିଯାଇ ଯେତେବେଳେ ପ୍ରେମରେ ଅଥବା ସେବା ଭାବରେ ପ୍ରେରିତ ହୋଇ ମଧୁର ବଚନ ବୋଲାଯାଏ, ସେଭଳି କଥନକୁ ଅନୁନୀତି (ଅନୁନୟ) କୁହାଯାଏ ।

୩୬. ପରିବେଦନ :—

ଦୋଷୈର୍ଯଦନ୍ୟନାମୋକ୍ତୈଃ ପ୍ରସିଦ୍ଧାର୍ଥୈଃ ପ୍ରଯୋଜିତମ୍
ଅନ୍ୟତ୍ରାର୍ଥେନ ସମ୍ବଦ୍ଧଂ ଜ୍ଞେୟଂ ତତ୍ ପରିବେଦନମ୍ ।।୩୯ ।।

ଅନ୍ୟନାମରେ ଉଚ୍ଚାରିତ ଦୋଷର ପ୍ରସିଦ୍ଧ କଥାଦ୍ୱାରା ପ୍ରଯୁକ୍ତ ବଚନକୁ ବା ଗୁଣମାନଙ୍କର ଆଧାର କରି ଯେତେବେଳେ ଅନ୍ୟତ୍ର ସଂବନ୍ଧିତ କରାଯାଏ କିମ୍ବା ତାକୁ ଅନ୍ୟଥା ପ୍ରତିପାଦିତ ସଂବଦ୍ଧ କରାଯାଏ, ସେହି ମିଥ୍ୟାଦୋଷ ଉପପାଦନରେ ପୂର୍ଣ୍ଣ କଥନକୁ 'ପରିବେଦନ' କୁହାଯାଏ ।

ଭରତମୁନି କୃତ ନାଟ୍ୟଶାସ୍ତ୍ରମ୍‌ର ଅନୁବନ୍ଧ ନାମ ସପ୍ତାଦଶ ଅଧ୍ୟାୟ ସଂପୂର୍ଣ୍ଣ ହେଲା ।

◆

ଅଷ୍ଟାଦଶୋଽଧ୍ୟାୟଃ

(ଭାଷାବିଧାନ)

ପ୍ରାକୃତ-ପାଠ୍ୟ-ଲକ୍ଷଣ :—

ଏବଂ ତୁ ସଂସ୍କୃତଂ ପାଠ୍ୟଂ ମୟା ପ୍ରୋକ୍ତଂ ସମାସତଃ
ପ୍ରାକୃତସ୍ୟ ତୁ ପାଠ୍ୟସ୍ୟ ସଂପ୍ରବକ୍ଷ୍ୟାମି ଲକ୍ଷଣମ୍ ।।୦୧ ।।

ଏପରି ଭାବରେ ମୁଁ ପୂର୍ବ ଅଧ୍ୟାୟରେ ସଂକ୍ଷେପରେ ସଂସ୍କୃତପାଠ୍ୟ ସଂବନ୍ଧରେ କହିଛି । ବର୍ତ୍ତମାନ ପ୍ରାକୃତ-ପାଠ୍ୟର ଲକ୍ଷଣ କହୁଛି ।

ଏତଦେବ ବିପର୍ଯ୍ୟସ୍ତ ସଂସ୍କାରଗୁଣବର୍ଜ୍ଜିତମ୍ ।
ବିଜ୍ଞେୟଂ ପ୍ରାକୃତଂ ପାଠ୍ୟଂ ନାନାବସ୍ଥାନ୍ତରାତ୍ମକମ୍ ।।୦୨ ।।

ଏହି ସଂସ୍କୃତପାଠ୍ୟ ଯେତେବେଳେ ସଂସ୍କାର ଗୁଣହୀନ ହୋଇ ପରିବର୍ତ୍ତିତ ସ୍ୱରୂପବନ୍ତ ହୋଇଯାଏ ତାହା 'ପ୍ରାକୃତପାଠ୍ୟ' ବୋଲାଏ । ବିଭିନ୍ନ ଦଶାହେତୁ ପରିବର୍ତ୍ତିତ ହେଉଥିବା ଏହାର ନିଜସ୍ୱ ବିଶେଷ ସ୍ୱରୂପ ଅଛି ।

ପ୍ରାକୃତ-ପାଠ୍ୟ ତିନି ପ୍ରକାର :—

ତ୍ରିବିଧଂ ତଚ୍ଚ ବିଜ୍ଞେୟଂ ନାଟ୍ୟଯୋଗେ ସମାସତଃ ।
ସମାନଶବ୍ଦଂ ବିଭ୍ରଷ୍ଟଂ ଦେଶୀଗତ ମଥାପି ଚ ।।୦୩ ।।

ନାଟ୍ୟ ପ୍ରଦର୍ଶନ ଅଥବା ରଚନାରେ ହେଉଥିବା ଏହି ପ୍ରାକୃତ ପାଠ ତିନି ପ୍ରକାର ଯଥା :– ୧. ସମାନ ଶବ୍ଦ ବା ତତ୍‌ସମରୁ ହେଉଥିବା, ୨. ବିଭ୍ରଷ୍ଟ ବା ତଦ୍‌ଭବ ଶବ୍ଦରୁ ହେଉଥିବା, ଓ ୩. ଦେଶଜ ଶବ୍ଦର ।

(ପାଠ୍ୟମେକନ୍ତୁ ବିଜ୍ଞେୟଂ ସଂସ୍କୃତଂ ପ୍ରାକୃତଂ ତଥା)

କମଳାମଳରେଣୁତରଙ୍ଗଲୋଳସଲିଳାଦିବାକ୍ୟସମ୍ପନ୍ନମ୍
ପ୍ରାକୃତବନ୍ଧେଷ୍ୱେବଂ ସଂସ୍କୃତମପି ଯୋଗମୁପଯାତି ।।୦୪ ।।

ସଂସ୍କୃତ ଭଳି ପ୍ରାକୃତରେ ମଧ୍ୟ କମଳ, ଅମଳ, ରେଣୁ, ତରଙ୍ଗ, ଲୋଳ, ସଲିଳ, ଆଦି ସମାନ ଶବ୍ଦରୁ ନିର୍ମିତ ବାକ୍ୟର ପ୍ରୟୋଗ କରାହୋଇଥାଏ । ଅର୍ଥାତ୍ ଏହି ସମାନରୂପରେ ପ୍ରୟୋଗ ହେଉଥିବାରୁ ଏମାନେ ତତ୍‌ସମ ଶବ୍ଦ ଯେଉଁମାନଙ୍କର ସମାନ ଭାବରେ ଉଭୟ ଭାଷାରେ ନିୟମିତ ପ୍ରୟୋଗ କରାଯାଇଥାଏ ।

ଯେ ବର୍ଣ୍ଣାଃ ସଂଯୋଗସ୍ୱରବର୍ଣ୍ଣାନ୍ୟତ୍ୱଂନ୍ୟୂନତାଞ୍ଚାପି ।
ଗଚ୍ଛତିପଦନ୍ୟାସ୍ତା ବିଭ୍ରଷ୍ଟାଂସ୍ତାନ୍ ବିଦୁର୍ବିପ୍ରାଃ ।।୦୫।।

ଯେଉଁ ଶବ୍ଦର ବା ବର୍ଣ୍ଣର ପରିବର୍ତ୍ତନ ହେତୁ ପଦ କିମ୍ବା ବାକ୍ୟମାନଙ୍କ ସହିତ ପ୍ରୟୋଗାର୍ଥ ସଂବଦ୍ଧ ହେବା ହେତୁ ଆପଣାର ସମବେତ ସ୍ୱରୂପକୁ ପରିବର୍ତ୍ତିତ କରିନିଅନ୍ତି ସେମାନଙ୍କୁ 'ବିଭ୍ରଷ୍ଟ ବା ଅପଭ୍ରଷ୍ଟ' ଶବ୍ଦ ବୋଲି ବୁଝିବା ଉଚିତ ।

ଯେ ବର୍ଣ୍ଣା ବର୍ଣ୍ଣଗତା ବ୍ୟଞ୍ଜନଯୁକ୍ତାଶ୍ଚ ଯେ ସ୍ୱରାଃ ନିୟତାଃ
ତାନପରସ୍ୱରବୃତ୍ତେ ପ୍ରାକୃତଯୁକ୍ତ୍ୟା ପ୍ରବକ୍ଷ୍ୟାମି ।।

ବର୍ଣ୍ଣ ହେଉ ଅଥବା ବର୍ଣ୍ଣରେ ଆସୁଥିବା ବ୍ୟଞ୍ଜନଯୁକ୍ତ ନିୟତ ସ୍ୱରହେଉ ସେମାନଙ୍କ ଦ୍ୱାରା ହେଉଥିବା ବା ବିଦ୍ୟମାନ ଥିବା ସ୍ୱର କିମ୍ବା ବ୍ୟଞ୍ଜନ ସିତିକୁ ମଧ୍ୟ ପ୍ରାକୃତ ଭାଷାର ନିୟମ ଅନୁସାରେ ନିରୂପଣ କରୁଛି ।

ସ୍ୱର ତଥା ଅସଂଯୁକ୍ତ ବ୍ୟଞ୍ଜନ :—

ଏଓଆରପରାଣିଅ ଅଂଆରପରଂ ଅ ପାଅଏ ଣତ୍ଥି
ବସଆରମଜ୍ଝିମାଇ ଅ କଚବଗ୍ଗତବଗ୍ଗଣିହଣାଇଂ ।।୦୬।।

(ଏଓକାରପରାଣି ଚ ଅଙ୍କାରପରଞ୍ଚ ପ୍ରାକୃତେ ନାସ୍ତି
ବସକାରମଧ୍ୟେ ଚ କଚବର୍ଗତବର୍ଗନିଧନାନି ।।)

ଯେଉଁ ସ୍ୱର 'ଏ' ତଥା 'ଓ' ପରେ ଆସେ ଅର୍ଥାତ୍ 'ଐ' ଏବଂ 'ଔ' ଅନୁସ୍ୱାର ପରେ ଆସେ ଅର୍ଥାତ୍ ବିସର୍ଗ ପ୍ରାକୃତ ଭାଷାରେ, ସେମାନଙ୍କର କୌଣସି ପ୍ରୟୋଗ ନାହିଁ । ଏହି ପ୍ରାକୃତ ଭାଷାରେ ପାଦ (ଅର୍ଥାତ୍ ଗ୍ରରି) ସ୍ୱରମାନଙ୍କର ଅର୍ଥାତ୍ ଋ, ୠ, ଌ, ୡ, ଋ, ତଥା 'ବ' ଓ 'ସ' ମଧ୍ୟରେ ରହୁଥିବା ବର୍ଣ୍ଣର (ବ, ଶ, ଷ) ତଥା କ, ଚ, ତ, ବର୍ଗର ଅନ୍ତିମବର୍ଣ୍ଣ ଅର୍ଥାତ୍ ଙ, ଞ ଏବଂ ନ ର ମଧ୍ୟ ବ୍ୟବହାର ନାହିଁ । ଅର୍ଥାତ୍ ଏହି ଭାଷାରେ ଏହି ବାରଗୋଟି ବର୍ଣ୍ଣ ନାହାନ୍ତି ଅଥବା ଲୁପ୍ତ ହୋଇଯାନ୍ତି ।

ବଚ୍ଚନ୍ତି କଗଚଦଯବା ଲୋଫଂ ଅନ୍ଥଂ ଚ ସେ ବହନ୍ତି ସରା
ଖଘଥଧଭା ଉଣ ହତଂ ଉବେଂଚି ଅତଥଂ ଅମୁଞ୍ଚନ୍ତା ।।୦୭।।

(ପ୍ରାପ୍ନୁବନ୍ତି କଗଚଦଯମା ଲୋଫଂ ଅର୍ଥଞ୍ଚ ତେଷାଂ ବହନ୍ତି ସ୍ୱରାଃ
ଖଘଥଧଭାଃ ପୁନଃ ହତ୍ୱମୁପେୟନ୍ତି ଅର୍ଥଆମୁଞ୍ଚମାନାଃ)

କ, ଖ, ଗ, ତ, ଦ, ଯ ଏବଂ ବ ବର୍ଣ୍ଣ ଲୋପ ହୋଇଯାନ୍ତି । ଶବ୍ଦର ଅବଶିଷ୍ଟ ସ୍ୱରବର୍ଣ୍ଣ ଏମାନଙ୍କର ଅର୍ଥ ବହନ କରିଥାନ୍ତି ଏବଂ ଏମାନଙ୍କର ଅର୍ଦ୍ଧଭାଗ ସ୍ୱରରେ ମିଳିତ

ହୁଏ । ଖ, ଘ, ଥ, ଧ, ଭ, 'ହ' ରେ ପରିଣତ ହୁଅନ୍ତି । ଏହି ପରିବର୍ତ୍ତନର କାରଣରୁ ଅର୍ଥର କୌଣସି ପରିବର୍ତ୍ତନ ହୁଏନାହିଁ ।

ଉପରହୃଉରଆରୋ ହେଟଠାହୃର୍ଦେ ଅ ପାଅଏ ଣତ୍ଥି
ମୋତ୍ତୂଣ ଭଦ୍ଦବୋଦ୍ଦହପଦ୍ଦହ୍ରୁଦଚନ୍ଦ୍ର ଜାଇସ ।୦୮ ।।

(ଉପରିସ୍ଥ - ରକାରଃ ଅଧସ୍ଥଃ ଚ ପ୍ରାକୃତେ ନାସ୍ତି
ମୁକ୍ତ୍ୱା ଭଦ୍ରବୋଦ୍ରହହ୍ରୁଦଚନ୍ଦ୍ରଧାତ୍ରୀଷୁ ।।)

ପ୍ରାକୃତରେ 'ର' (ରେଫ୍ କିମ୍ବା ଅର୍ଦ୍ଧରକାର) ର ଏଭଳି କୌଣସି ପ୍ରୟୋଗ ହୁଏ ନାହିଁ ଯେଉଁଠାରେ ତାହା ବର୍ଣ୍ଣର ଉପରେ କିମ୍ବା ତଳେ ରହେ । ମାତ୍ର କେବଳ ଭଦ୍ର, ବୋଦ୍ରହ, ହ୍ରଦ, ଚନ୍ଦ୍ର ଧାତ୍ରୀ ଆଦି କେତେକ ଶବ୍ଦ ବ୍ୟତୀତ ଏହା ହୋଇଥାଏ ବୋଲି ବୁଝିବାକୁ ହେବ ।

ଖଘଥଧଭାଣହଆରୋ ମୁହମେହକହାବହୁପହୂଏସୁ
କଗତଦଯବାଣ ଣିଚ୍ଚଂ ବାୟନ୍ତି ଠିଓ ସରୋ ହୋଇ ।୦୯ ।।

(ଖଘଥଧଭାନାଂ ହକାରଃ ମୁଖମେଘକଥାବଧୂ ପ୍ରଭୃତେଷୁ
କଗତଦଯବାନାଂ ନିତ୍ୟଂ ଦ୍ୱିତୀୟେ ସ୍ଥିତଃ ସ୍ୱରୋ ଭବତି ।।)

ଖଘଥଧ ଏବଂ ଭ ହ ହୋଇଯାଏ ।ଯଥା - ମୁଖ = ମୁହଁ, ମେଘ = ମେହ, କଥା - କହା, ବଧୂ = ବହୁ, ପ୍ରଭୃତ = ପହୁଅ ତଥା କ ଗ ଦ ଏବଂ ବ ଯାହା ଏହି ବର୍ଣ୍ଣମାନଙ୍କର ପୂର୍ବାକ୍ଷର ସେମାନେ ଏମାନଙ୍କର ଦ୍ୱିତୀୟ ସ୍ୱରଭାବରେ ପ୍ରତିନିଧି ହୋଇ ରହନ୍ତି ।

ଛ ଇତି ଷକାରୋ ନିତ୍ୟଂ ବୋଦ୍ଧବ୍ୟଃ ଷଟ୍‌ପଦାଦିଯୋଗେଷୁ
କିଳଶବ୍ଦାନ୍ତ୍ୟୋ ରେକୋଂ ଭବତି ତଥା ଖୁଭି ଖଳୁ ଶବ୍ଦଃ ।।୧୦।।

ଷଟ୍ପଦ ଆଦି ଶବ୍ଦରେ ଥିବା ଷ ପ୍ରାକୃତ ଭାଷାରେ ଛ ହୋଇଥାଏ । ଯଥା :– ଛତପଦ, କିଳ ଶବ୍ଦର ଅନ୍ତିମ 'ଳ' 'ର' ହୋଇଯାଏ ଏବଂ 'କୁ' ଶବ୍ଦ 'ଖୁ' – ଖ ହୋଇଯାଏ ।

ଡ ଇତି ଚ ଭବତି ଟକାରୋ ଭଟକଟକକୁଟୀତଟାଦ୍ୟୋଷୁ
ସଡ୍ଂଚ ଭବତି ଶଷୟୋଃ ସର୍ବତ୍ର ଯଥା ବିସଂ ସଂକା ।।୧୧ ।।

'ଟ' 'ଡ' ହୋଇଯାଏ, ଭଟ, କୁଟୀ, ତଟ ଆଦି ଶବ୍ଦରେ । ଯେମିତି – ଭଟ = ଭିଡ଼, କୁଟୀ = କୁଡ଼ି, ତଟ = ତଡ଼ ତଥା ସର୍ବତ୍ର 'ଶ' 'ଷ' ସ୍ଥାନରେ 'ସ' ହେବ । ଯଥାଃ– ବିଷ = ବିସ, ଶଙ୍କା = ସଙ୍କା ।

ଅସ୍ପଷ୍ଟଶ୍ଚ ଦକାରୋ ଭବଚ୍ୟନାଦୌ ତକାର ଇତାରାଦ୍ୟଃ ।
ବଡ଼ବାତଡାଗୁଟୁଲ୍ୟୋ ଭବତି ଡକାରୋଽପି ଚ କକାରଃ ।।୧୨।।

'ଇତର' ଆଦି ଶବ୍ଦରେ ସ୍ଥିତ 'ତ' ଯାହା ଶବ୍ଦର ପ୍ରାରମ୍ଭରେ ନ ଥାଏ ତାହା ଅସ୍ପଷ୍ଟ 'ଦ' ଭାବରେ ଉଚ୍ଚାରିତ ହୋଇଥାଏ ତାହା ବଡ଼ବା ଏବଂ ତଡ଼ାପ ଆଦି ଶବ୍ଦରେ 'ଡ' 'ଲ' ହୋଇଯାଏ । ଯଥା :– = ବଡ଼ବା = ବଲବା, ତଡ଼ାପ = ତଲାପ

ବର୍ଦ୍ଧନଗତେ ଚ ଭାବେ ଧକାରବର୍ଣ୍ଣୋଽପି ଚ ଣତ୍ୱମୁପଯାତି ।।୧୩।।

'ଧ' ବର୍ଣ୍ଣ 'ତ' ହୋଇଯାଏ । ସମସ୍ତ ପ୍ରୟୋଗରେ 'ନ' କାର ସ୍ଥାନରେ 'ଣ' କାରର ଉଚ୍ଚାରଣ ହୋଇଥାଏ । ଯେପରି ଆପାନ - ଆବାଣ ।

(ବଙ୍ଗୀୟ ଟୀକାରେ ଏହି ଶ୍ଳୋକ –

ବଧୂମଧୁଶବ୍ଦେତ ତଥା ଧକାରୋବର୍ଣ୍ଣ ହକାରଣ ଯାତି
ସର୍ବତ୍ର ଚ ପ୍ରୟୋଗ ଭବତି ନକାରୋଽପି ଚ ଣକାରଃ ।।

ବଧୂ ମଧୁ ପ୍ରଭୃତି ଶବ୍ଦରେ 'ଧ' 'ହ' ହେବ ଏବହ ସର୍ବତ୍ର 'ନ' 'ଣ' ଭାବରେ ଉଚ୍ଚାରିତ ହେବ)

ଆପନଂ ଆବାଣଂ ଭବତି ପକାରେଣ ବତ୍ୱଯୁକ୍ତେନ
ଅଯଥାତଥାଦିକେଷୁ ତୁ ଉକାରବର୍ଣ୍ଣେ ବ୍ରଜତି ଧତ୍ୱମ୍ ।।୧୪।।

'ପ', 'ବ' ହୋଇଯାଏ, ଯେପରି 'ଆପଣ' 'ଆବାଣ' ଏବଂ ଯଥା ତଥା ଶବ୍ଦ ବ୍ୟତୀତ ଅନ୍ୟ ଶବ୍ଦ ମଧ୍ୟରେ ସ୍ଥିତ 'ଥ' 'ଧ' ହୋଇଯାଏ ।

ପରୁସଂତଃ ଫରୁସଂ ବିଦ୍ୟାତ୍ ପକାରବର୍ଣ୍ଣୋଽପି ଫତ୍ୱମୁପଯାତି
ଯସ୍ତୁ ମୃତଃ ସୋଽପି ମଓ ଯଶ୍ଚହି ମୃଗ ସୋଽପି ତଥୈବ ।।୧୫।।

କୌଣସି କୌଣସି ସ୍ଥାନରେ ସ୍ଥିତ 'ପ' 'ଫ' ହୋଇଯାଏ ଯେପରି 'ପରୁସ' 'ଫରୁସ' ତଥା ମୃଗ ଏବଂ ମୃତ ଶବ୍ଦର ଗୋଟାଏ ମାତ୍ର ରୂପ 'ମଓ' ହୋଇଥାଏ ।

ଓକାରତ୍ୱଂ ଗଚ୍ଛେଦୌକାରଶ୍ଚୌଷଧାଦିଷୁ ନିଯୁକ୍ତଃ
ପ୍ରଚଳାଚିରାଚଳାଦିଷୁ ଭବତି ଚକାରୋଽପି ତୁ ଯକାରଃ ।।୧୬।।

ଔଷଧ ଆଦି ଶବ୍ଦରେ ସ୍ଥିତ 'ଔ' 'ଓ' ହୋଇଯାଏ ଯେପରି ଔଷଧ-ଓସଢ ତଥା ପ୍ରଚୟ ଅଚିର ଏବଂ ଅଚଳ ଶବ୍ଦରେ ସ୍ଥିତ 'ଚ' 'ଯ' ହୋଇଯାଏ, ଯଥା :– ପ୍ରଚୟ = ପ୍ରଯୟ, ଅଚିର = ଅୟିର, ଅଚଳ = ଅୟଳ ।

ଅପରସ୍ୱରନିଷ୍ଠକ୍ଷା ହ୍ୟେ ବଂ ପ୍ରାକୃତସମାଶ୍ରୟା ବର୍ଣ୍ଣାଃ
ସଂଯୁକ୍ତାନାଂ ତୁ ପୁନର୍ବକ୍ଷ୍ୟେ ପରିବୃତ୍ତିସଂଯୋଗମ୍ ।।୧୭।।

ଏପରି ଭାବରେ ମୁଁ ଅସଂଯୁକ୍ତ ବର୍ଣ୍ଣର ପ୍ରାକୃତ ଶବ୍ଦର ବର୍ଣ୍ଣ ପରିବର୍ତ୍ତନ ବିଷୟକ ନିୟମ ସଂବନ୍ଧରେ କହିଲି । ବର୍ତ୍ତମାନ ମୁଁ ସଂଯୁକ୍ତ ବର୍ଣ୍ଣ ବିଷୟକ ପରିବର୍ତ୍ତନର ନିୟମ କହୁଛି ।

ସଂଯୁକ୍ତ ବ୍ୟଞ୍ଜନ :–

ଶ୍ଚତ୍ସପ୍ସଥ୍ୟାଃ ଛ ଇତି ତଥା ଭ୍ୟହ୍ୟଧ୍ୟା ଭବନ୍ତି ତୁ ଝକାରାଃ

ଷ୍ଟଃ ଟ୍ଠଃ,ସ୍ତଃ ତ୍ଥ, ଥ୍ୟ, 'ଛ' କାର ତଥା ଧ୍ୟ, ହ୍ୟ, ଏବଂ ଧ୍ୟ 'ଝ'କାର ହୋଇଯାଏ ।।

ଏହିପରି ଷ୍ଟ, ସ୍ତ, ଷ୍ମ, ମ୍ହ, ଷ୍ଣ ଓ କ୍ଷ ଯଥାକ୍ରମେ ଟ୍ଠ, ତ୍ଥ, ମ୍ହ, ଣ୍ହ ଓ ଖ ହୋଇଥାଏ ।
ଆଶ୍ଚର୍ଯଂ ଅଚ୍ଛରିୟଂ ନିଶ୍ଚୟମିଚ୍ଛନ୍ତି ଣିଚ୍ଛୟଂ ଚ ଯଥା

ବତ୍ସଂ ବଚ୍ଛଂ ଚ ଯଥା ଅପ୍ସରସଂ ତଦ୍ୱଦଚ୍ଛରଥଂ ।
ଉତ୍ସାହୋ ଉଚ୍ଛାହୋ ପଥ୍ୟଂ ପଚ୍ଛଂ ଚ ବିଜ୍ଞେୟଂ ।।୧୮।।

ଏହି ନିୟମ ଅନୁସାରେ ଶବ୍ଦ ଏହି ପ୍ରକାର ହୋଇଥାଏ । ସେମାନେ କ୍ରମଶଃ 'ଆଶ୍ଚର୍ଯ୍ୟ' ଅଚ୍ଛରିୟଂ (ଶ୍ଚ ସ୍ଥାନରେ 'ଚ୍ଛ' । 'ନିଶ୍ଚୟ' ସ୍ଥାନରେ ସେହି ନିୟମ କ୍ରମେ 'ଣିଚ୍ଛୟ' 'ଉତ୍ସାହ' ର 'ଅଚ୍ଛାହ' ('ତ୍ସ' ସ୍ଥାନରେ 'ଚ୍ଛ') ତଥା 'ପଥ୍ୟ' 'ପଚ୍ଛ' ('ଥ୍ୟ' ସ୍ଥାନରେ 'ଚ୍ଛ') ହୋଇଯାଏ ।

ତୁଭ୍ୟଂତୁଜ୍ଝଂ ମହ୍ୟଂ ମଜ୍ଝଂ ବିନ୍ଧ୍ୟଶ୍ଚ ଭବତି ବିଂଝୋତ୍ତି
ଦଷ୍ଟୋ ଦଟ୍ଠୋତି ତଥା ହସ୍ତୋଽପି ଭବତି ହତ୍ଥୋତି ।।୧୯।।

ତଥା 'ତୁଭ୍ୟଂ' 'ତୁଜ୍ଝଂ' (ଭ୍ୟ ସ୍ଥାନରେ ଝ) 'ମହ୍ୟମ୍'ର 'ମଜ୍ଝମ' (ହ୍ୟ ସ୍ଥାନରେ 'ଜ୍ଝ') 'ଦଷ୍ଟ' ର ଦଢ୍ଢ (ଷ୍ଟ ସ୍ଥାନରେ 'ଢ୍ଢ') ଏବଂ ହସ୍ତର ହତ୍ଥ ହେବ (ସ୍ତ ସ୍ଥାନରେ 'ତ୍ଥ')

ଗ୍ରୀଷ୍ମୋ ଗିହ୍ନୋତି ତଥା ଶ୍ଳକ୍ଷ୍ଣଂ ସହ୍ନ ସଦା ତୁ ବିଜ୍ଞେୟମ୍
ଉଷ୍ଣଂ ଉହ୍ନଂ ଯକ୍ଷୋ ଜକ୍ଖୋ ପଲ୍ଲଂକୁ ଭବତି ପର୍ଯଙ୍କୋଂ ।।୨୦।।

ଏହିପରି ଗ୍ରୀଷ୍ମ ଗିହ୍ମ (ଷ୍ମ ସ୍ଥାନରେ ହ୍ମ) ଶ୍ଳକ୍ଷ୍ଣ ସ୍ତାନେର ସହ୍ଣ (କ୍ଷ୍ଣ ସ୍ଥାନରେ ହ୍ଣ) ଉଷ୍ଣ ସ୍ଥାନରେ ଉହ୍ଣ (ଷ୍ଣ ର ହ୍ଣ ଅଥବା କଅଷ୍ଣ ର କହ୍ଣ - ସେହି ନିୟମ) ଯକ୍ଷର ଯକ୍ଖ (କ୍ଷ ସ୍ଥାନରେ ଖ) ତତା ପର୍ଯଙ୍କ ପଲ୍ଲଙ୍କ (ର + ଯ ସ୍ଥାନେର 'ଲ') ।

ବିପରୀତଂ ହମଯୋଗେ ବ୍ରହ୍ମାଦୌ ସ୍ୟାତ୍ ବୃହସ୍ପତୌ ଫତ୍ୱମ୍
ଯଜ୍ଞୋ ଭବତି ଜଣ୍ଣୋ ଭୀଷ୍ମ ଭିହ୍ମୋତି ବିଜ୍ଞେୟଃ ।।୨୧।।

ବ୍ରହ୍ମାଦି ଶବ୍ଦମାନଙ୍କରେ ଯୋଗ ହେଉଥିବା ହ ଏବଂ ମ ବିପରୀତ ସ୍ଥାନକୁ ଆସି ଯଥାନ୍ତି ଯେପରି ବ୍ରହମା = ବ୍ରମ୍ହା । ତଥା ବଅହସ୍ପତି ଶବ୍ଦରେ 'ପ' ଫ ହୋଇଯାଏ ଯେପରି ବୃହଫ୍ଫଇ । ସେପରି 'ଯଜ୍ଞ' 'ଜଣ୍ହ' ତଥା 'ଭୀଷ୍ମ' 'ଭୀମ୍ହ' ହୁଏ ।

ଉପରିଗତୋଧସ୍ତାଦ୍‌ବା ଭବେତ୍‌କାରାଦିକସ୍ତୁ ଯୋ ବର୍ଣ୍ଣଃ ।
ସହି ସଂଯୋଗ-ବିହୀନଃ ଶୁଦ୍ଧଃ କାର୍ଯ୍ୟଃ ପ୍ରୟୋଗେଽସ୍ମିନ ।।୨୨।।

ଯେତେବେଳେ 'କ' କୌଣସି ବର୍ଣ୍ଣ ସହିତ ସଂଯୁକ୍ତ ହୋଇଥାଏ , ଏହି ବର୍ଣ୍ଣତଳେ ଉପରେ ରେଫ୍ ଆଦି ଆଉ କୌଣସି ବର୍ଣ୍ଣଥାଏ ତେବେ ସେମାନଙ୍କ ଉଚ୍ଚାରଣ କାଳରେ ତାହା ସଂଯୋଗ-ରହିତ ହୋଇଥାଏ ଯଥା :- ଶକ୍ର = ସକ୍କ, ଅର୍କ = ଅକ୍କ ଆଦି । ଏଠାରେ 'ର' ସଂଯୁକ୍ତ ବର୍ଣ୍ଣ ହୋଇ ମଧ୍ୟ ଲୋପ ହେଲା ।

ଏବମେତତ୍ତୁ ବିଜ୍ଞେୟଂ ସଂସ୍କୃତଂ ପ୍ରାକୃତଂ ସଂସ୍କୃତଂ ତଥା
ଅତ ଉର୍ଦ୍ଧ ପ୍ରବକ୍ଷ୍ୟାମି ଦେଶଭାଷାବିକଳ୍ପନମ୍ ।।୨୩।।

ଏପରି ଭାବରେ ସଂସ୍କୃତ ତଥା ପ୍ରାକୃତ ଭାଷାର ଉଚ୍ଚାରଣ ଶିକ୍ଷା କରାଯାଉ । ବର୍ତ୍ତମାନ ମୁଁ ଦେଶୀୟ ଭାଷାର ବିଭାଗପୂର୍ବକ ବର୍ଣ୍ଣନା କରୁଛି ।

ଭାଷାମାନଙ୍କର ଗ୍ୱରୋଟି ବିଭାଗ :

ଭାଷା ଚତୁର୍ବିଧା ଜ୍ଞେୟା ଦଶରୂପେ ପ୍ରୟୋଗତଃ
ସଂସ୍କୃତଂ ପ୍ରାକୃତଞ୍ଚୈବ ଯତ୍ର ପାଠ୍ୟଂ ପ୍ରଯୁଜ୍ୟତେ ।।୨୪।।

ନାଟକ ଆଦିରେ ପ୍ରଯୁକ୍ତ ହେଉଥିବା ଭାଷା ଗ୍ୱରିପ୍ରକାର, ଯାହାଦ୍ୱାରା ପାଠ୍ୟପ୍ରୟୋଜନା କରାଯିବା ଉଚିତ । ସେମାନେ ସଂସ୍କୃତ ଅଥବା ପ୍ରାକୃତ ଭାଷାର ହୋଇଥାନ୍ତି ।

ଅତିଭାଷାର୍ଯ୍ୟଭାଷା ଚ ଜାତିଭାଷା ତଥୈବ ଚ
ତଥା ଯୋନ୍ୟନ୍ତରୀ ଚୈବ ଭାଷା ନାଟ୍ୟେ ପ୍ରକୀର୍ତ୍ତିତା ।।୨୫।।

ନାଟକରେ ପ୍ରୟୋଗ ହେଉଥିବା ଭାଷା ଚାରି ପ୍ରକାର - ଯଥାଃ– ୧. ଅତିଭାଷା, ୨. ଆର୍ଯ୍ୟଭାଷା, ୩. ଜାତିଭାଷା, ୪. ଜାତ୍ୟନ୍ତରୀ ଭାଷା (ଯୋନ୍ୟନ୍ତରୀ ଭାଷା) ।

ଅତିଭାଷା ତୁ ଦେବନାମାର୍ଯ୍ୟଭାଷା ତୁ ଭୂଭୁଜାମ୍
ସଂସ୍କାରଗୁଣସସଂଯୁକ୍ତା ସପ୍ତଦ୍ୱୀପପ୍ରତିଷ୍ଠିତା ।।୨୬।।

ଦେବଗଣଙ୍କର ଅତିଭାଷା ଏବଂ ଭୂପାଳମାନଙ୍କର 'ଆର୍ଯ୍ୟଭାଷା' ।ଏହି ଭାଷାମାନଙ୍କରେ ସଂସ୍କାରରୂପ ବିଶେଷଗୁଣ ଥିବା ହେତୁ ସପ୍ତଦ୍ୱୀପରେ ଏହା ପ୍ରଚଳିତ ।

ଜାତିଭାଷା :–

ଦ୍ୱିବିଧା ଜାତିଭାଷା ଚ ପ୍ରୟୋଗେ ସମୁଦାହୃତା
ମ୍ଳେଚ୍ଛଶବ୍ଦୋପଗ୍ରରା ଚ ଭାରତଂ ବର୍ଷମାଶ୍ରିତା ।।୨୭।।

ନାଟକରେ ପ୍ରୟୋଗ ହେଉଥିବା 'ଜାତିଭାଷା' ଦୁଇପ୍ରକାର । ସେଥିରେ ଅନାର୍ଯ୍ୟ ଏବଂ ମ୍ଳେଚ୍ଛମାନଙ୍କ ଦ୍ୱାରା ବ୍ୟବହୃତ ଅନେକ ଶବ୍ଦ ରହିଥାନ୍ତି ଯାହା ଭାରତବର୍ଷରେ କଥିତ ହୋଇଥାଏ ।

ଜାତ୍ୟନ୍ତର-ଭାଷା :–

ଅଥ ଯୋନ୍ୟନ୍ତରୀ ଭାଷା ଗ୍ରାମ୍ୟାରଣ୍ୟପଶୂଦ୍ଭବା
ନାନା-ବିହଙ୍ଗଜା ଚୈବ ନାଟ୍ୟଧର୍ମୀ ପ୍ରତିଷ୍ଠିତା ।।୨୮।।

ଗ୍ରାମ ଓ ଅରଣ୍ୟରେ ରହୁଥିବା ପଶୁପକ୍ଷୀଙ୍କର ଭାଷା ଜାତ୍ୟନ୍ତରୀ । ତାର ନାଟ୍ୟଧର୍ମୀ ବିଧାନ ଅନୁସାରେ ନାଟକ ଆଦିରେ ପ୍ରୟୋଗ କରାଯିବା କଥା ।

ପାଠ୍ୟ ଦୁଇ ପ୍ରକାର :–

ଜାତିଭାଷାଶ୍ରୟଂ ପାଠ୍ୟଂ ଦ୍ୱିବିଧଂ ସମୁଦାହୃତମ୍
ପ୍ରାକୃତଂ ସଂସ୍କୃତଞ୍ଚୈବ ଚାତୁର୍ବର୍ଣ୍ଣ୍ୟସମାଶ୍ରୟମ୍ ।।୨୯।।

ଜାତି ଭାଷାରେ ପାଠ୍ୟ ଦୁଇ ପ୍ରକାର । ଏହା ବ୍ରାହ୍ମଣାପି ବର୍ଣ୍ଣାଶ୍ରିତା । ଗୋଟାଏ ସଂସ୍କୃତ ପାଠ୍ୟ ଏବଂ ଅପରଟି ପ୍ରାକୃତ ପାଠ୍ୟ ।

ସଂସ୍କୃତପାଠ୍ୟର କ୍ଷେତ୍ର :–

ଧୀରୋଦ୍ଧତେ ଧୀରୋଦାତ୍ତେ ତଥୈବ ଚ ସଲଲିତେ
ଧୀରପ୍ରଶାନ୍ତେ ଚ ତଥା ପାଠ୍ୟଂ ଯୋଜ୍ୟଂତୁ ସଂସ୍କୃତମ୍ ।।୩୦।।

ସଂସ୍କୃତ ପାଠ୍ୟର ଯୋଜନା ଧୀରୋଦ୍ଧତ, ଧୀରଲଳିତ, ଧୀରୋଦାତ୍ତ ଓ ଧୀରପ୍ରଶାନ୍ତ ନାୟକ ପାଇଁ ହେବା ବିଧେୟ ।

ପ୍ରାକୃତ ପାଠ୍ୟର କ୍ଷେତ୍ର :–

ଏତେଷାମପି ସର୍ବେଷାଂ ନାୟକାନାଂ ପ୍ରୟୋଗଜମ୍
କାରଣବ୍ୟପଦେଶେନ ପ୍ରାକୃତଂ ସଂପ୍ରୟୋଜୟେତ୍ ।।୩୧।।

ଏହି ସବୁ ନାୟକମାନଙ୍କ ପାଇଁ ପ୍ରାକୃତ ପାଠ୍ୟର ଯୋଜନା ସେଭଳି ଅବସର ଆସିଲେ ଏବଂ ଆବଶ୍ୟକ ମନେ ହେଲେ କରାଇପାରିବ ।

ଐଶ୍ୱର୍ଯ୍ୟେଣ ପ୍ରମତ୍ତାନାଂ ଦାରିଦ୍ର୍ୟେଣ ପ୍ଲୁତାତ୍ମନାମ୍
ଉତ୍ତମସ୍ୟାପି ପଠତଃ ସଂସ୍କୃତଂ ନ ପ୍ରୟୋଜୟେତ୍ ।।୩୨।।

କୌଣସି ଉତ୍ତମ ପାତ୍ର ରାଜ୍ୟ କିମ୍ବା ଐଶ୍ୱର୍ଯ୍ୟ ପ୍ରାପ୍ତି ହେତୁ ମଦମତ୍ତ ହୋଇଗଲେ ଅଥବା ଦାରିଦ୍ର୍ୟ ହେତୁ ଉନ୍ମତ୍ତ ହେଲେ (ତା'ର ଏହି ବିକଳ ଏବଂ ମଦମତ୍ତ ଦଶାରେ) ସଂସ୍କୃତ ଭାଷାର ପ୍ରୟୋଗ ନହେବା ଉଚିତ ଅର୍ଥାତ୍ ସେଭଳି ଦଶାରେ ତାହା ପ୍ରାକୃତ ହେବା ବିଧେୟ ।

(ଯଥା :– 'ଅର୍ଜ୍ଜୁନ' 'ବୃହନ୍ନଳା' ରୂପରେ ଅଜ୍ଞାତବାସରେ ରହିଥିବା ସମୟରେ ତା'ର ଭାଷା ମାଗଧୀ କିମ୍ବା ଶୌରସେନୀ ରଖିବା ଉଚିତ । ନାଟ୍ୟଶାସ୍ତ୍ରର ଏହି ଉଲ୍ଲେଖର ଅନୁକୂଳ ସ୍ଥିତି ଏବଂ ତା'ର ଅନୁସରଣର ଉଦାହରଣ କୌଣସି ସଂସ୍କୃତ ନାଟକରେ ମିଳେନାହିଁ । କେବଳ 'ବିକ୍ରମୋର୍ବଶୀୟମ୍' ନାଟକରେ ଦୈବଯୋଗରୁ ବିରହୀ ରାଜାଙ୍କର ଉନ୍ମାଦ ଅବସ୍ଥାର ବର୍ଣ୍ଣନା ଏବଂ ସେତେବେଳେ ପ୍ରାକୃତାପଭ୍ରଂଶରେ ସଂଭାଷଣ ଅବଶ୍ୟ ଅଛି ଏବଂ ସେଥିରେ ନାଟ୍ୟଶାସ୍ତ୍ରର ଏହି ନିୟମର ଛାୟା ମଧ୍ୟ ସ୍ପଷ୍ଟ ପରିଲିକ୍ଷିତ ।

ବ୍ୟାଜଲିଙ୍ଗପ୍ରବିଷ୍ଟାନାଂ ଶ୍ରମଣାନାଂ ତପସ୍ୱିନାମ୍
ଭିକ୍ଷୁଚକ୍ରଚରାଣାଞ୍ଚ ପ୍ରାକୃତଂ ସଂପ୍ରୟୋଜୟେତ୍ ।।୩୩।।

ସେହିଭଳି ପାତ୍ର ଯେଉଁମାନେ କୌଣସି ଆଳରେ ସାଧୁ ସନ୍ୟାସୀର ବେଶ ଧାରଣ କରିଥାନ୍ତି ଯେଉଁ ପାତ୍ର ଜୈନ ସାଧୁ, ଭିକ୍ଷୁ ତଥା ବାଜୀଗର ସେମାନଙ୍କ ପାଇଁ ପ୍ରାକୃତ ପାଠ୍ୟର ଯୋଜନା ହେବା ଉଚିତ ।

ଆଳରେ ସାଧୁବେଶଧାରଣ କରିବାର ଉଲ୍ଲେଖ 'କର୍ଣ୍ଣଭାରମ୍' ନାଟକରେ ଅଛି । ଇନ୍ଦ୍ର ଯେତେବେଳେ ବ୍ରାହ୍ମଣବେଶ ଧାରଣ କରିଛନ୍ତି ସେତେବେଳେ ତାଙ୍କ ପାଇଁ ପ୍ରାକୃତ ଭାଷା ପ୍ରୟୋଗ ହୋଇଛି । 'ମୁଦ୍ରାରାକ୍ଷସ'ରେ ବିରାଧଗୁପ୍ତର ସାପୁଆକେଳା ହୋଇଥିବା ବେଳେ ତା'ର ପ୍ରାକୃତ ଭାଷାରେ ସଂଭାଷଣ ତଥା 'ପ୍ରତିଜ୍ଞା ଯୌଗନ୍ଧରାୟଣ'ରେ ଯୌଗନ୍ଧରାୟଣର ଅନ୍ୟ ଭିକ୍ଷୁରୂପ ଧାରଣ କାଳରେ ପ୍ରାକୃତ ସଂଭାଷଣରେ ଏହି ନିୟମର ସୁସ୍ପଷ୍ଟ ଉଦାହରଣ ମିଳିଥାଏ ।

ବାଳେ ଗ୍ରହୋପସୃଷ୍ଟେ ଚ ସ୍ତ୍ରୀଣାଂ ସ୍ତ୍ରୀପ୍ରକୃତୌ ତଥା
ନୀଚେ ମତ୍ତେ ସଲିଙ୍ଗେ ଚ ପ୍ରାକୃତଂ ପାଠ୍ୟମିଷ୍ୟତେ ।୩୪ ।।

ସେହିପରି କୌଣସି ବାଳକ, କୌଣସି ଭୂତ ପିଶାଚଗ୍ରସ୍ତ ବ୍ୟକ୍ତି, ସ୍ତ୍ରୀ ପ୍ରକୃତିର ପୁରୁଷ, ସ୍ତ୍ରୀ, ନୀଚ ଜାତିର ପୁରୁଷ ତଥା ବେଶଧାରୀ ପାଖଣ୍ଡ ସାଧୁଙ୍କ ଭଳି ନୀଚପାତ୍ରଙ୍କ ନିମନ୍ତେ ପ୍ରାକୃତ ଭାଷାରେ ସଂଯୋଜନା ହେବା ଉଚିତ ।

ପ୍ରାକୃତ ପାଠ୍ୟ ବିଧିର ଅପବାଦ :—

ପରିବ୍ରାଣ୍ମୁନିଶାକ୍ୟେଷୁ ଚୈକ୍ଷେଷୁ ଶ୍ରୋତ୍ରିୟେଷୁ ଚ
ଶିଷ୍ଟା ଯେ ଚୈବ ଲିଙ୍ଗସ୍ଥାଃ ସଂସ୍କୃତଂ ତେଷୁ ଯୋଜୟେତ୍ ।୩୫ ।।

ମାତ୍ର ଯେଉଁପାତ୍ର ସନ୍ନ୍ୟାସୀ ସାଧୁ, ବୌଦ୍ଧଭିକ୍ଷୁ, ଶ୍ରୋତ୍ରିୟ ତଥା ବେଦପାଠୀ ବ୍ରାହ୍ମଣ ଏବଂ ଅବଶିଷ୍ଟ ଯେଉଁମାନେ ଆପଣାର ପ୍ରତିଷ୍ଠା କିମ୍ବା ସ୍ଥିତିର ଅନୁରୂପ ସାଧୁବେଶ ଧାରଣ କରିଥାନ୍ତି ନାଟ୍ୟ ପ୍ରୟୋଗରେ ସେମାନଙ୍କ ନିମନ୍ତେ ସଂସ୍କୃତ ଭାଷାର ପ୍ରୟୋଗ ହେବା ଉଚିତ ।

ରାଜ୍ଞ୍ୟାଶ୍ଚ ଗଣିକାୟାଶ୍ଚ ଶିଳ୍ପକାର୍ଯ୍ୟାସ୍ତଥୈବ ଚ ।
କଳାବସ୍ଥାନ୍ତରକୃତଂ ଯୋଜ୍ୟଂ ପାଠ୍ୟନ୍ତୁ ସଂସ୍କୃତମ୍ ।୩୬ ।।

ଯଦି ବିଶେଷ ଅବସର କିମ୍ବା ସ୍ଥିତି ଅସେ ତେବେ ମହାରାଣୀ, ବେଶ୍ୟା ତଥା ଶିଳ୍ପକାରିଣୀ (ଦାସୀ) ଆଦି ଚରିତ୍ରମାନଙ୍କ ପାଇଁ ସଂସ୍କୃତ ଭାଷାର ପ୍ରୟୋଗ ହୋଇପାରିବ ।

ରାଣୀ, ମହାରାଣୀ ବା ମୁଖ୍ୟ ନାୟିକା ରୂପରେ ସ୍ତ୍ରୀ ପାତ୍ରଦ୍ୱାରା ସଂସ୍କୃତ ସଂଭାଷଣ ଅନେକ ନାଟକରେ ଅଛି । ଉଦାହରଣ ସ୍ୱରୂପ ମାଳବିକାଗ୍ନିମିତ୍ରରେ ମାଳବିକା, ମୃଚ୍ଛକଟିକରେ ବସନ୍ତସେନା, ମାଳତୀମାଧବରେ ମାଳତୀ ପାଇଁ ସଂଭାଷଣରେ ସଂସ୍କୃତ ଭାଷାର ପ୍ରୟୋଗ ହୋଇଛି ।

ସନ୍ଧିବିଗ୍ରହସମ୍ବନ୍ଧଂ ତଥା ସ୍ତ୍ୱପି ଶୁଭାଶୁଭମ୍
ଗ୍ରହନକ୍ଷତ୍ର ଚରିତଂ ଖଗାନାଂ ରୁତମେବ ଚ ।୩୭ ।।

ସର୍ବମେତତ୍ତୁ ବିଜ୍ଞେୟଂ କାବ୍ୟବନ୍ଧେ ଶୁଭାଶୁଭମ୍
ନୃପପତ୍ନ୍ୟା ସ୍ମୃତଂ ତସ୍ମାତ୍ କାଳେ ପାଠ୍ୟେନ୍ତୁ ସଂସ୍କୃତମ୍ ।।୩୮ ।।

କୌଣସି ସନ୍ଧି ବିଗ୍ରହ ସଂବନ୍ଧରେ ଆଲୋଚନା ସମୟରେ, ଆକାଶରେ କୌଣସି ଉଦିତ ନକ୍ଷତ୍ରର ଶୁଭାଶୁଭ ଫଳ ବିଗ୍ରର କାଳରେ ତଥା କୌଣସି ପକ୍ଷୀର ସ୍ୱର ଶୁଣି ସେଥିରୁ ରାଜାଙ୍କର ଶୁଭ ଅଶୁଭ ଭବିଷ୍ୟତର କଳ୍ପନା କରାହେଉଥିବା ସେତେବେଳେ ମହାରାଣୀଙ୍କର ସଂବାଦ ସଂସ୍କୃତରେ ହେବ ।

କ୍ରୀଡ଼ାର୍ଥଂ ସର୍ବଲୋକସ୍ୟ ପ୍ରୟୋଗେ ଚ ସୁଖାଶ୍ରୟମ୍
କଳାଭ୍ୟାସାଶ୍ରୟଞ୍ଚୈବ ପାଠ୍ୟଂ ବେଶ୍ୟାସୁ ସଂସ୍କୃତମ୍ ।।୩୯ ।।

ବିବିଧ ରୁଚି ସଂପନ୍ନ ଜନସମୁଦାୟର ବିନୋଦନିମନ୍ତେ ତଥା କଳାମାନଙ୍କର ବ୍ୟବହାର ଏବଂ ଜ୍ଞାନର ପ୍ରଦର୍ଶନ ପାଇଁ ବେଶ୍ୟାମାନଙ୍କର ସଂବାଦ ମଧ୍ୟ ସଂସ୍କୃତଭାଷାରେ ସରଳତା ପୂର୍ବକ ନାଟକରେ ବ୍ୟବସ୍ଥା କରାଯାଇପାରିବ ।

କଳୋପଗ୍ରରକ୍ଷାନାର୍ଥଂ କ୍ରୀଡ଼ାର୍ଥଂ ପାର୍ଥିବସ୍ୟ ଚ
ନିର୍ଦ୍ଦିଷ୍ଟଂ ଶିଳ୍ପକାର୍ଯ୍ୟାସୁ ନାଟକେ ସଂସ୍କୃତଂ ବଚଃ ।।୪୦ ।।

ନାଟ୍ୟ ରଚନାରେ ଶିଳ୍ପିକା ଆଦି ସ୍ତ୍ରୀ ପାତ୍ରଙ୍କର ରାଜାଙ୍କର ମନୋରଂଜନ ତଥା କଳାର ବ୍ୟାବହାରିକ ଜ୍ଞାନ ପାଇଁ ପ୍ରସଙ୍ଗୋଚିତ ସଂସ୍କୃତ ଭାଷାର ପ୍ରୟୋଗ ହେବା ଉଚିତ ।

ଆମ୍ନାୟସିଦ୍ଧଂ ସର୍ବାସାଂ ଶୁଭମପ୍ସରସାଂ ବଚଃ
ସଂସର୍ଗାଦ୍ଦେବତାନାଞ୍ଚ ତଦ୍ଧି ଲୋକୋଽନୁବର୍ତ୍ତତେ ।।୪୧ ।।

ଅପ୍ସରାମାନଙ୍କର ସମସ୍ତ ସଂବାଦ ସଂସ୍କୃତ ହେବା ଶାସ୍ତ୍ରାନୁମୋଦିତ ଏବଂ ଏହା ପରମ୍ପରା ମଧ୍ୟ, କାରଣ ସେମାନଙ୍କର ସଂସର୍ଗ ମୁଖ୍ୟତଃ ଦେବତାମାନଙ୍କ ସଙ୍ଗରେ ।ଲୋକ ପରମ୍ପରାରେ ଏହା ପ୍ରଚଳିତ ।

(ସଂଭବତଃ ଭରତଙ୍କ ସମୟରେ ସେଭଳି ରୂପକମାନେ ଥିଲେ ଯହିଁରେ ଅପ୍ସରାମାନଙ୍କର ନାୟିକା ଭାବରେ ଅଥବା ସହାୟକ ଭୂମିକାରେ ଥିବାବେଳେ ସଂବାଦ ପୂର୍ଣ୍ଣତଃ ସଂସ୍କୃତ ଥିଲା । ମାତ୍ର ସଂପ୍ରତି କାଳିଦାସଙ୍କର 'ବିକ୍ରମୋର୍ବଶୀୟମ୍'ରେ ନାୟିକା ଉର୍ବଶୀର ଏବଂ ଅନ୍ୟାନ୍ୟ ଅପ୍ସରାଙ୍କର ସଂବାଦ ମଧ୍ୟ ମୁଖ୍ୟତଃ ପ୍ରାକୃତ ଭାଷା (ଶୌରସେନୀ)ରେ ରହିଛି ।)

ଛନ୍ଦତଃ ପ୍ରାକୃତଂ ପାଠ୍ୟଂ ସ୍ମୃତମପ୍ସରସାଂ ଭୁବି
ମାନୁଷାଣାଞ୍ଚ କର୍ତ୍ତବ୍ୟଂ କାରଣାର୍ଥବ୍ୟପେକ୍ଷୟା ।।୪୨ ।।

ଅପ୍ସରାମାନେ ସ୍ତ୍ରୀ ଜାତି ହୋଇଥିବା କାରଣ ହେତୁ ସେମାନଙ୍କର ପୃଥ୍ୱୀରେ ବିଚରଣ ବିହାରର ଅବସ୍ଥାରେ ସ୍ୱାଭାବିକ ବା ସ୍ୱେଚ୍ଛା ପୂର୍ବକ ପ୍ରାକୃତ ପାଠ୍ୟ ରଖିବା ଉଚିତ ମାତ୍ର ସେମାନେ ଯେତେବେଳେ କୌଣସି ମାନବର ପତ୍ନୀ ରୂପରେ ଥିବେ ସେତେବେଳେ ପାଠ୍ୟ ଅବସରାନୁକୂଳ ସଂସ୍କୃତ ହେବ ।

ନ ବର୍ବରକିରାତାନ୍ଧ୍ରଦ୍ରମିଳାଦ୍ୟାସୁ ଜାତିଷୁ ।
ନାଟ୍ୟପ୍ରୟୋଗେ କର୍ତ୍ତବ୍ୟଂ ପାଠ୍ୟଂ ଭାଷାସମାଶ୍ରୟମ୍ ।।୪୩।।

ମାତ୍ର ବର୍ବର, କିରାତ, ଆନ୍ଧ୍ର ତଥା ଦ୍ରାବିଡ଼ ଜାତିର ପାତ୍ରଙ୍କର ନାଟ୍ୟରଚନାରେ ସେମାନଙ୍କର ନିଜ ଜାତୀୟ ଭାଷା ରଖିବା ଉଚିତ ନୁହେଁ ।

ସର୍ବାସ୍ୱେବ ହି ଶୁଦ୍ଧାସୁ ଜାତିଷୁ ଦ୍ୱିଜସତ୍ତମାଃ
ଶୌରସେନୀଂ ସମାଶ୍ରିତ୍ୟ ଭାଷାଂ କାବ୍ୟେଷୁ ଯୋଜୟେତ ।।୪୪।।

କିନ୍ତୁ ଏହି ଜାତିମାନଙ୍କର କେବଳ ଶୌରସେନୀ ସହିତ ମେଳଥିବା କୌଣସି ଭାଷାର ଅବସର ଆସିଲେ ପ୍ରୟୋଗ କରାଯିବା ଉଚିତ ।

ଅଥବା ଛନ୍ଦତଃ କାର୍ଯ୍ୟା ଦେଶଭାଷା ପ୍ରୟୋକ୍ତୃଭିଃ
ନାନାଦେଶସମୁତ୍ଥଂ ହି କାବ୍ୟଂ ଭବତି ନାଟକେ ।।୪୫।।

ନାଟ୍ୟ ନିର୍ଦ୍ଦେଶକ ନିଜ ଇଚ୍ଛାରେ କୌଣସି ଗୋଟିଏ ଲୋକଭାଷା ରଖିନେବେ, କାରଣ ନାଟ୍ୟ ରଚନା ବିଭିନ୍ନ ପ୍ରଦେଶର ଭାଷାରେ ରଚିତ କାବ୍ୟରଚନାଯୁକ୍ତ ହୋଇପାରିବ ।

ସାତୋଟି ମୁଖ୍ୟ ଭାଷା :—

ମାଗଧ୍ୟବନ୍ତିଜା ପ୍ରାଚ୍ୟା ଶୌରସେନ୍ୟର୍ଧମାଗଧୀ
ବାହ୍ଲୀକା ଦାକ୍ଷିଣାତ୍ୟା ଚ ସପ୍ତ ଭାଷାଃ ପ୍ରକୀର୍ତ୍ତିତାଃ ।।୪୬।।

ସାତୋଟି ମୁଖ୍ୟ (ପ୍ରାକୃତ) ଭାଷା :— ୧. ମାଗଧୀ, ୨. ଅବନ୍ତୀ, ୩. ପ୍ରାଚ୍ୟା, ୪. ସୌରସେନୀ ବା ଶୂରସେନୀ, ୫. ଅର୍ଦ୍ଧମାଗଧୀ, ୬. ବାହ୍ଲୀକା, ୭. ଦକ୍ଷିଣାତ୍ୟା ।

ଶକାରାଭୀର-ଚଣ୍ଡାଳ ଶବରଦ୍ରମିଳାନ୍ଧ୍ରଜାଃ
ହୀନା ବନେଚରାଣାଞ୍ଚ ବିଭାଷା ନାଟକେ ସ୍ମୃତାଃ ।।୪୭।।

ନାଟ୍ୟରଚନାରେ ଏମାନଙ୍କବ୍ୟତୀତ କେତେକ ବିଭାଷା ମଧ୍ୟ ଅଛନ୍ତି । ଯେଉଁମାନଙ୍କର ପ୍ରୟୋଗ ନାଟ୍ୟପାତ୍ରମାନଙ୍କ ପାଇଁ ଆବଶ୍ୟକ ହେଲେ ପ୍ରୟୋଗ କରାଯିବା ଉଚିତ । ସେମାନଙ୍କ ମଧ୍ୟରେ ଶାକାରୀ, ଆଭୀରୀ, ଚଣ୍ଡାଳୀ, ଶାବରୀ, ଦ୍ରାମିଡ଼ୀ, ଆନ୍ଧ୍ରୀ ତଥା ବନଚରୀଙ୍କର ଆପଣା ଆପଣା ଭାଷା ଅଛି ।

ବିଭାଷାର ଲକ୍ଷଣ 'ମୃଚ୍ଛକଟିକ'ର ପ୍ରାଚୀନ ଟୀକାକାର ପୃଥ୍ୱୀଧର 'ବିବିଧାଃ ଭାଷା ହୀନ-ପ୍ରଯୋଜ୍ୟତ୍ୱାତ୍ ବିଭାଷା" ବୋଲି କହିଛନ୍ତି । ଅର୍ଥାତ୍ ନୀଚପାତ୍ରମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଭାଷାମାନଙ୍କ ମଧ୍ୟରେ ଶାକାରୀ, ଚଣ୍ଡାଳୀ ଆଦିର ପ୍ରୟୋଗ ମୃଚ୍ଛକଟିକରେ ମଧ୍ୟ ହୋଇଛି । ସମ୍ଭବତଃ ଭରତମୁନିଙ୍କର କାଳରେ ଏହି ସବୁ ଭାଷା ବ୍ୟବହୃତ ହେଉଥିଲେ କିମ୍ବା ଉଦାହରଣ ସ୍ୱରୂପ ଭରତଙ୍କର ଏହି ଭାଷାମାନଙ୍କ ସଂବନ୍ଧରେ ଜ୍ଞାନ ଥିଲା ।

ମୁଖ୍ୟ ପ୍ରାକୃତ ଭାଷାମାନଙ୍କର ବ୍ୟବହାର :—

ମାଗଧୀ ତୁ ନରେନ୍ଦ୍ରାଣାମନ୍ତଃ ପୁରସମାଶ୍ରୟା
ଚେଟାନାଂ ରାଜପୁତ୍ରାଣାଂ ଶ୍ରେଷ୍ଠିନାଂଚାର୍ଦ୍ଧମାଗଧୀ ।।୪୮ ।।

ରାଜ ଅନ୍ତଃପୁରର ରକ୍ଷକ ତଥା ସେବକମାନଙ୍କର ଭାଷା ମାଗଧୀ ତଥା ରାଜପୁତ୍ର, ଚେଟ ତଥା ଶ୍ରେଷ୍ଠିଜନଙ୍କର ଭାଷା ଅର୍ଦ୍ଧମାଗଧୀ ହେବା ଉଚିତ।'

(ରାଜପୁତ୍ର ଅର୍ଥାତ୍ କ୍ଷତ୍ରିୟ ସେବକ । ଅନ୍ତଃପୁରର ସେବକ ଏବଂ ଜାତିରେ କ୍ଷତ୍ରିୟ ।)

ପ୍ରାଚ୍ୟ ବିଦୂଷକାଦାନାଂ ଧୂର୍ତାନାମପ୍ୟବନ୍ତିଜା
ନାୟିକାନାଂ ସଖୀନାଞ୍ଚ ଶୂରସେନ୍ୟବିରୋଧିନୀ ।।୪୯ ।।

ବିଦୂଷକ ତଥା ସେହିଭଳି ପାତ୍ରଙ୍କର ପ୍ରାଚ୍ୟ ଭାଷା ତଥା ଧୂର୍ତ୍ତ ପାତ୍ରମାନଙ୍କ ନିମନ୍ତେ ଅବନ୍ତୀ ଭାଷା ରହିବା ଉଚିତ । ଯଦି କୌଣସି ଅସୁବିଧା ନଥାଏ ତେବେ ନାୟିକା ତଥା ତା'ର ସଖୀମାନଙ୍କର ଭାଷା ଶୌରସେନୀ ହେବା ଉଚିତ ।

ଯୌଧନାଗରକାଦୀନାଂ ଦାକ୍ଷିଣାତ୍ୟାଥ ଦାବ୍ୟତାମ୍
ବାହ୍ଲୀକଭାଷୋଦୀଚ୍ୟାନାଂ ଖସାନାଞ୍ଚ ସ୍ୱଦେଶଜା ।।୫୦।।

ସୈନିକ, ଜୁଆଡ଼ି, ନଗରର ମୁଖ୍ୟ ଆରକ୍ଷକର ଭାଷା ଦାକ୍ଷିଣାତ୍ୟ ତଥା ଭାରତର ଉତ୍ତର ଭାଗର ନିବାସୀ ଖସମାନଙ୍କର ଆପଣା ଦେଶଭାଷା ବାହ୍ଲୀକୀ ରହିବା ଉଚିତ ।

ବିଭାଷାମାନଙ୍କର ଉପଯୋଗ :—

ଶକାରାଣାଂ ଶକାଦୀନାଂ ତତ୍ସ୍ୱଭାବଶ୍ଚ ଯୋ ଗଣଃ
ଶକାର ଭାଷା ଯୋକ୍ତବ୍ୟା ଚଣ୍ଡାଳୀ ପୁଲ୍କସାଦିଷୁ ।।୫୧ ।।

ଶକାର, ଶକ ତଥା ଶବର ଜାତିର ବା ସେମାନଙ୍କର ଅନୁରୂପ ସ୍ୱଭାବବନ୍ତ ସମୁଦାୟର ଭାଷା 'ଶାକାରୀ' ହେବା ଉଚିତ । ପୁଲ୍କସ ଡମ୍ବ ଆଦି ନୀଚ ଜାତିର ଭାଷା 'ଚଣ୍ଡାଳୀ' ହେବା ଉଚିତ ।

ଅଙ୍ଗାର-କାରକାର୍ଣ-ବ୍ୟାଧ-କାଷ୍ଠପତ୍ରୋପଜୀବିନାମ୍
ଯୋଜ୍ୟା ଶକାରଭାଷା ତୁ କିଞ୍ଚିଦ୍‌ବାନୌକସୀ ତଥା ।।୫୨।।

ଅଙ୍ଗାର ବ୍ୟବସାୟୀ, ବ୍ୟାଧ, କାଠପତ୍ର ଅରଣ୍ୟରୁ ଆଣି ଜୀବିକାର୍ଜନ କରୁଥିବା ଶ୍ରମଜୀବୀ ଭଳି ପାତ୍ର ଏବଂ ବନବାସୀ ଜନ ସମୁଦାୟଙ୍କର ଭାଷା 'ଶାବରୀ' (ଶାକାରୀ) ହେବା ଉଚିତ ।

ଗଜାଶ୍ୱାଜାବିକୋଷ୍ଟ୍ରାଘୋଷସ୍ଥାନନିବାସିନାମ୍
ଆଭୀରୋକ୍ତିଃ ଶାବରୀ ବା ଦ୍ରାବିଡ଼ୀ ବନଗ୍ରହିଷୁ ।।୫୩।।

ସୁରଙ୍ଗାଖନକାଦୀନାଂ ସନ୍ଧିକାରାଶ୍ୱରକ୍ଷତାମ୍
ବ୍ୟସନେ ନାୟକାଦୀନାମାତ୍ମରକ୍ଷାସୁ ମାଗଧୀ ।।୫୪।।

ଯେଉଁଠାରେ ହାତୀ, ଘୋଡ଼ା, ଛେଳି, ମେଣ୍ଢା, ଓଟ, ଗାଈଗୋରୁ ଆଦିଙ୍କୁ ବାନ୍ଧି ରଖାଯାଇଥାଏ; ସେହି ସ୍ଥାନମାନଙ୍କର ନିବାସୀଙ୍କର ଭାଷା ଆଭାରୀ ତଥା ଶାବରୀ ରଖିବା କଥା ତଥା ଦ୍ରାବିଡ଼ ଆଦି ଦେଶର ଲୋକଙ୍କର କିମ୍ବା ବନବାସୀମାନଙ୍କର ଭାଷା ଦ୍ରାବିଡ଼ୀ ହେବା ଉଚିତ ।

ସୁଡ଼ଙ୍ଗ ଆଦି ଖନନକାରୀ କର୍ମଜୀବୀ, ବନ୍ଦୀଶାଳାର ପ୍ରହରୀ, ଘୋଡ଼ା ସାଇସ ବା ଓଟ ଚାଳକ, କୌଣସି ଆପଦଗ୍ରସ୍ତ ନାୟକ ବା ତା'ଭଳି ଅନ୍ୟପାତ୍ର ହୋଇଥିଲେ ଆପଣା ସ୍ୱରୂପର ରକ୍ଷଣାର୍ଥ ସେମାନଙ୍କର ସଂବାଦର ଭାଷା 'ମାଗଧୀ' ହେବା ଉଚିତ ।

ବିଭିନ୍ନ ଦେଶଭାଷାର ବିଭେଦକ ଲକ୍ଷଣ : –

ଗଙ୍ଗାସାଗର ମଧ୍ୟେ ତୁ ଯେ ଦେଶାଃ ସମ୍ପ୍ରକୀର୍ତ୍ତିତାଃ ।
ଏକାରବହୁଳାଂ ଭାଷାଂ ତେଷୁ ତଜ୍ଜ୍ଞଃ ପ୍ରଯୋଜୟେତ୍ ।।୫୫।।

ଭାରତର ଗଙ୍ଗାନଦୀ ଏବଂ ସାଗରର ମଧ୍ୟବର୍ତ୍ତୀ ଅଞ୍ଚଳର ଭାଷା 'ଏକାର' ବହୁଳ ହେବା ଉଚିତ ।

ବିନ୍ଧ୍ୟା ସାଗରମଧ୍ୟେ ତୁ ଯେ ଦେଶାଃ ଶ୍ରୁତିମାଗତାଃ ।
ନକାରବହୁଳଂ ତେଷୁ ଭାଷାଂ ତଜ୍ଜ୍ଞଃ ପ୍ରଯୋଜୟେତ୍ ।।୫୬।।

ବିନ୍ଧ୍ୟାଞ୍ଚଳ ଏବଂ ସାଗର ମଧ୍ୟବର୍ତ୍ତୀ ଅଞ୍ଚଳର ଭାଷା 'ନ' କାର ବହୁଳ ହେବା ଉଚିତ ।

ସୁରାଷ୍ଟ୍ରାବନ୍ତିଦେଶେଷୁ ବେତ୍ରବତ୍ୟୁତ୍ତରେଷୁ ଚ ।
ଯେ ଦେଶାସ୍ତେଷୁ କୁର୍ବୀତ ଚକାରପ୍ରାୟସଂଶ୍ରୟାମ୍ ।।୫୭।।

ବେତ୍ରବତୀ ନଦୀର ଉତ୍ତରବର୍ତ୍ତୀ ପ୍ରଦେଶମାନଙ୍କର ତଥା ସୌରାଷ୍ଟ୍ର ଏବଂ ଅବନ୍ତୀ ଦେଶର ଭାଷା 'ଚ' କାର ବହୁଳା ହେବା ଉଚିତ ।

ହିମବତ୍–ସିନ୍ଧୁସୌବୀରାନ୍‌ଯେ ଜନାଃ ସମୁପ୍ରାଶ୍ରିତାଃ ।
ଉକାର ବହୁଳାଂ ତଜ୍ଜ୍ଞସ୍ତେଷୁ ଭାଷାଂ ପ୍ରଯୋଜୟେତ୍ ।।୫୮ ।।

ଯେଉଁମାନେ ହିମାଚଳ ପର୍ବତ ସିନ୍ଧୁ ତଥା ସୌବୀର ଦେଶର ବା ତା'ର ସମୀପବର୍ତ୍ତୀ ପ୍ରଦେଶର ନିବାସୀ ହୋଇଥିବେ ସେମାନଙ୍କ ପାଇଁ 'ଯ' କାର ବହୁଳ ଭାଷା ହେବା ଉଚିତ ।

ଚର୍ମଣ୍ୱତୀନଦୀପାରେ ଯେ ଚାର୍ବୁଦସମାଶ୍ରୟାଃ ।
ଓକାରବହୁଳାଂ ନିତ୍ୟଂ ତେଷୁ ଭାଷାଂ ପ୍ରଯୋଜୟେତ୍ ।।୬୦ ।।

ଯେଉଁମାନେ ଚର୍ମଣ୍ୱତୀ (ଚମ୍ବଲ ନଦୀର ଅପରପାର୍ଶ୍ୱସ୍ଥ ଆରାବଲୀ ପର୍ବତ ମେବାର ତଥା ମାରବାଡ଼ ଆଦି) ପ୍ରଦେଶର ସମୀପସ୍ଥ ଅଞ୍ଚଳର ଅଧିବାସୀ ସେମାନଙ୍କର ଭାଷା 'ଓ'କାର ବହୁଳ ହେବା ଉଚିତ ।

ଏବଂ ଭାଷାବିଧାନନ୍ତୁ କର୍ତ୍ତବ୍ୟଂ ନାଟକାଶ୍ରୟମ୍
ଅତ୍ର ନୋକ୍ତଂ ମୟା ଯତ୍ତୁ ଲୋକାଦ୍ ଗ୍ରାହ୍ୟଂ ବୁଧୈସ୍ତୁ ତତ୍ ।।୬୧ ।।

ଇତି ଭାରତୀୟେ ନାଟ୍ୟଶାସ୍ତ୍ରେ ଭାଷାବିଧାନଂ ନାମାଷ୍ଟାଦଶୋଽଧ୍ୟାୟଃ ।

ନାଟକରେ ରହିଥିବା ବିଭିନ୍ନ ଭାଷାର ଏହି ସବୁ ନିୟମ । ଏଥିରେ ଯେଉଁ କଥା କୁହାଯାଇନାହିଁ ତାକୁ ଲୋକସ୍ୱର ଭାବରେ ଗ୍ରହଣ କରାଯାଇପାରିବ ।

ଭାରତମୁନି ପ୍ରଣୀତ ନାଟ୍ୟଶାସ୍ତ୍ରର ଭାଷାବିଧାନ ନାମକ ଅଷ୍ଟାଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

◆

ଊନବିଂଶ ଅଧ୍ୟାୟ

(ସଂବୋଧନ ତଥା କାକୁସ୍ୱର – ବ୍ୟଞ୍ଜନ)

ସଂବୋଧନ ଶବ୍ଦାବଳୀ ପ୍ରୟୋଗ ବିଧାନ :–

ଏବଂ ଭାଷାବିଧାନନ୍ତୁ ମୟା ପ୍ରୋକ୍ତଂ ଦ୍ୱିଜୋତ୍ତମାଃ ।
ପୁନର୍ବାକ୍ୟବିଧାନନ୍ତୁ ଲୌକିକଂ ସନ୍ନିବୋଧତ ।।୦୧।।

ଉତ୍ତମୈର୍ମଧ୍ୟମୈର୍ନୀଚୈର୍ଯେ ସମ୍ବାକ୍ଷ୍ୟା ଯଥା ନରାଃ ।
ସମାନୋତ୍କୃଷ୍ଟହୀନାଶ୍ଚ ନାଟକେ ତାନ୍ନିବୋଧତ ।।୦୨।।

ହେ ଶ୍ରେଷ୍ଠ ଦ୍ୱିଜଗଣ, ମୁଁ ନାଟ୍ୟ ରଚନାରେ ପ୍ରଯୁକ୍ତ ହେଉଥିବା ବିବିଧା ଭାଷା ମାନଙ୍କର ନିୟମ ସଂବନ୍ଧରେ କହିଲି । ବର୍ତ୍ତମାନ ମୁଁ ଲୌକିକ ବାକ୍ୟରେ ବ୍ୟବହୃତ ଉତ୍ତମ, ମଧ୍ୟମ ଏବଂ ଅଧମ ପାତ୍ରମାନଙ୍କ ଦ୍ୱାରା ଉତ୍ତମ, ମଧ୍ୟମ ତଥା ଅଧମ ପାତ୍ରଙ୍କ ପ୍ରତି ସମ୍ବୋଧନର ନିୟତ ଶବ୍ଦ ଏବଂ ସେମାନଙ୍କର ପ୍ରୟୋଗ ବିଧାନ ସଂବନ୍ଧରେ କହୁଛି ।

ଦେବତା, ଗୁରୁଜନ ତଥା ବିଦ୍ୱାନମାନଙ୍କ ନିମନ୍ତେ ସଂବୋଧନ :–

ଦେବାନାମପି ଯେ ଦେବା ମହାତ୍ମାନୋ ମହର୍ଷୟଃ ।
ଭଗବନ୍ତି ତେ ବାଚ୍ୟା ଯାସ୍ତେଷାଂ ଯୋଷିତସ୍ତଥା ।।୦୩।।

ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠସ୍ଥାନ ଗ୍ରହଣ କରିଥିବା ଦେବଗଣ ମହାତ୍ମା ମହର୍ଷିମାନଙ୍କୁ ଭଗବନ୍ କହି ଏବଂ ସେମାନଙ୍କର ପତ୍ନୀମାନଙ୍କୁ ମଧ୍ୟ ସେହିଭଳି (ଭଗବତୀ) ସମ୍ବୋଧିତ କରାଯିବା ଉଚିତ୍ ।

ଦେବାଶ୍ଚ ଲିଙ୍ଗିନଶ୍ଚୈବ ନାନାଶ୍ରୁତଧରାଶ୍ଚ ଯେ ।
ଭଗବନ୍ନିତି ତେ ବାଚ୍ୟାଃ ପୁରୁଷୈଃ ସ୍ତ୍ରୀଭିରେବ ଚ ।।୦୪।।

ସେହିପରି ଦେବତା ସନ୍ୟାସୀ ସାଧୁଙ୍କୁ ତଥା ବିବିଧ ଶାସ୍ତ୍ରର ବିଦ୍ୱାନଙ୍କୁ ସ୍ତ୍ରୀ ଓ ପୁରୁଷ ଉଭୟେ 'ଭଗବନ୍' କହି ସଂବୋଧନ କରିବା ଉଚିତ ।

ବ୍ରାହ୍ମଣ, ରାଜା, ଗୁରୁ ତଥା ଶିକ୍ଷକଙ୍କୁ ସଂବୋଧନ :–

ଅର୍ଯେତି ବ୍ରାହ୍ମଣଂ ବ୍ରୂୟାତ୍ ମହାରାଜେତି ପାର୍ଥିବମ୍ ।
ଉପାଧ୍ୟାୟେତି ଗୃଚାର୍ଯଂବୃଦ୍ଧଂ ତାତେତି ଚୈବହି ।।୦୫।।

ସମ୍ବୋଧନରେ ବ୍ରାହ୍ମଣଙ୍କ ନିମନ୍ତେ 'ଆର୍ଯ୍ୟ', ରାଜାଙ୍କ ନିମନ୍ତେ 'ମହାରାଜ' ଶିକ୍ଷକଙ୍କୁ 'ଉପାଧ୍ୟାୟ' ଏବଂ ବୃଦ୍ଧଙ୍କୁ 'ତାତ' ବୋଲି ସମ୍ବୋଧନ କରିବା ଉଚିତ ।

ବ୍ରାହ୍ମଣଙ୍କ ଦ୍ୱାରା ରାଜାଙ୍କ ପ୍ରତି ସମ୍ବୋଧନ :–

ନାମ୍ନା ରାଜେତି ବା ବାଚ୍ୟା ବ୍ରାହ୍ମଣୈସ୍ତୁ ନରାଧିପାଃ
ତତ୍କ୍ଷାମ୍ୟଂ ହି ମହୀପାଳୈର୍ଯସ୍ମାତ୍ ପୂଜ୍ୟା ଦ୍ୱିଜାଃସ୍ମୃତାଃ ।।୦୬।।

ବ୍ରାହ୍ମଣମାନେ ରାଜାଙ୍କୁ ତାଙ୍କର ନାମରେ ବା ରାଜାବୋଲି ସମ୍ବୋଧନ କରିବା ବିଧେୟ । ସେ କ୍ଷେତ୍ରରେ ରାଜାମଧ୍ୟ ବ୍ରାହ୍ମଣଙ୍କୁ ପୂଜ୍ୟ ମନେକରି ସେଭଳି ସଂବୋଧନକୁ କ୍ଷମଣୀୟ ମନେ କରିବା ଉଚିତ ।

ବ୍ରାହ୍ମଣଙ୍କ ମନ୍ତ୍ରୀ ପ୍ରତି ସଂବୋଧନ ଶବ୍ଦ :–

ବ୍ରାହ୍ମଣୈଃ ସଚିବୋ ବାଚ୍ୟୋ ହ୍ୟମାତ୍ୟ ସଚିବେତି ବା
ଶେଷୈରନ୍ୟଜନୈର୍ବାଚ୍ୟୋ ହୀନୈରାର୍ଯେତି ନିତ୍ୟଶଃ ।।୦୭।।

ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ତ୍ରୀଙ୍କୁ 'ଅମାତ୍ୟ' ତଥା 'ସଚିବ' ବୋଲି ସଂବୋଧିତ କରାଯିବା ଉଚିତ ତଥା ଅପର ଅଧମ ବା ନିମ୍ନ ପଦାଧିକାରୀଙ୍କର ତାଙ୍କୁ 'ଆର୍ଯ୍ୟ' ବୋଲି ସଦା ସଂବୋଧନ କରିବା ଉଚିତ ।

ସମବୟସ୍କ ବ୍ୟକ୍ତିଙ୍କ ପ୍ରତି ତଥା ତାଙ୍କଠାରୁ ଛୋଟଙ୍କର ତାଙ୍କପ୍ରତି ସଂବୋଧନଃ–

ସମୈଃ ସଂଭାଷଣଂ କାର୍ଯଂ ଯେନ ନାମ୍ନା ସ ସଜ୍ଞିତଃ
ହୀନୈଃ ସପରିବାରସ୍ତୁ ନାମ୍ନା ସଂଭାଷ୍ୟ ଉତ୍ତମଃ ।।୦୮।।

ସମବୟସ୍କ ବ୍ୟକ୍ତିମାନଙ୍କର ଯାହା ନାମ ସେହି ନାମରେ ସଂବୋଧନ ହେବା ବିଧେୟ । ଉତ୍ତମ ପାତ୍ରମାନଙ୍କୁ ଅଧମ ପାତ୍ରଗଣ ତାଙ୍କର ପରିବାର ନାମରେ ସଂବୋଧିତ କରିବା ଉଚିତ । (ଯଥା = ମିଶ୍ର, ମହାପାତ୍ର, ଦ୍ୱିବେଦୀ, ରଥ ଆଦି)

ସେବକ, ଶିଳ୍ପୀଙ୍କ ପ୍ରତି ସଂବୋଧନ :–

ନିଯୋଗାଧିକୃତାଶ୍ଚୈବ ପୁରୁଷାଃ ଯୋଷିତସ୍ତଥା
କାରୁକା ଶିଳ୍ପିନଶ୍ଚୈବ ସଂଭାଷ୍ୟାସ୍ତେ ତଥୈବ ହି ।।୦୯।।

ଯେଉଁ ପୁରୁଷ କିମ୍ବା ସ୍ତ୍ରୀ ପାତ୍ର ସେବକ ହୋଇଥିବେ ସେମାନଙ୍କୁ ତଥା କଳାକାର ଏବଂ ତାଙ୍କର ପତ୍ନୀଙ୍କୁ ସେମାନଙ୍କର ସିତି ବ୍ୟବସାୟ ବା ପଦ ଅନୁସାରେ ସମ୍ବୋଧିତ କରଯିବା ଉଚିତ ।

ସମବୟସ୍କଙ୍କ ପ୍ରତି ସଂବୋଧନ :–

ମାନ୍ୟୋ ଭାବେତି ବକ୍ତବ୍ୟଃ କିଞ୍ଚିଦୂନସ୍ତୁ ମାର୍ଷିକଃ ।
ସମାନୋଽଥ ବୟସ୍ୟେତି ହଂ ହୋ ହଣ୍ଡେ(ର)ତି ଗ୍ରଧମଃ ।।୧୦।।

ସାମାନ୍ୟ ପୁରୁଷକୁ 'ଭାବ' ତଥା ତା'ଠାରୁ କମ୍ ସ୍ଥିତିବନ୍ତ ପୁରୁଷକୁ 'ମାରିଷ' ବୋଲି ସମ୍ବୋଧନ କରିବା ଉଚିତ । ସମୟବୟସ୍କ ବ୍ୟକ୍ତି ପାରସ୍ପରିକ ସମ୍ବୋଧନ ନିମନ୍ତେ 'ବୟସ୍ୟ' ଏବଂ ଅଧମ ପୁରୁଷକୁ 'ହଂ ହୋ' 'ହଣ୍ଡେ' ବୋଲି ସମ୍ବୋଧିତ କରିବା ବିଧେୟ ।

ସୂତ ର ରଥୀ ପ୍ରତି ସଂବୋଧନ / ତପସ୍ୱୀଙ୍କୁ ସଂବୋଧନ :—

ଆୟୁଷ୍ମନ୍ନିତି ବାଚ୍ୟସ୍ତୁ ରଥୀ ସୂତେନ ସର୍ବଦା
ତପସ୍ୱୀଚ ପ୍ରଶାନ୍ତଚସାଧୋ ଇତି ଚ ଶବ୍ଦ୍ୟତେ ।।୧୧।।

ସୂତ ରଥାରୂଢ଼ ବ୍ୟକ୍ତିଙ୍କୁ 'ଆୟୁଷ୍ମାନ' କହି ସଂବୋଧନ କରିବା ଉଚିତ । ତପସ୍ୱୀ ଏବଂ ପ୍ରଶାନ୍ତ ସ୍ୱଭାବର ପୁରୁଷଙ୍କ ପ୍ରତି ସମ୍ବୋଧନ 'ସାଧୋ' ହେବା ବିଧେୟ ।

ସେବକର ରାଜକୁମାରମାନଙ୍କ ପ୍ରତି/ଅଧମପାତ୍ର ପ୍ରତି ସଂବୋଧନ :—

ସ୍ୱାମୀତି ଯୁବରାଜସ୍ତୁ କୁମାରୋ ଭର୍ତ୍ତୃଦାରକଃ
ସୌମ୍ୟ ଭଦ୍ରମୁଖେତ୍ୟେବଂ ହେ ପୂର୍ବଂଚାଧମଂ ବଦେତ୍ ।।୧୨।।

ସେବକମାନଙ୍କ ଦ୍ୱାରା ରାଜକୁମାରଙ୍କୁ 'ସ୍ୱାମୀ' ଏବଂ ଅନ୍ୟାନ୍ୟ କୁମାରମାନଙ୍କୁ 'ଭର୍ତ୍ତୃଦାରକ' ବୋଲି ସମ୍ବୋଧନ କରାଯିବା ଉଚିତ । ଅଧମ ପାତ୍ରଙ୍କୁ ସୌମ୍ୟପୂର୍ବରୁ ହେ ଲଗେଇ ଅର୍ଥାତ୍ 'ହେ ସୌମ୍ୟ' ବା 'ଭଦ୍ରମୁଖ' ବୋଲି ସଂବୋଧନ କରାଯିବା ଉଚିତ ।

ଏହି ନିୟମ ଅନୁସାରେ ଯୁବରାଜଙ୍କୁ ସ୍ୱାମୀବୋଲି ସମ୍ବୋଧନ ନକରି ବରଂ ନାଟକରେ ରାଜାଙ୍କୁ ସ୍ୱାମୀ ବୋଲି ସଂବୋଧନ କରିବାର ଦୃଷ୍ଟାନ୍ତ ରହିଛି । ଯେମିତି 'ସ୍ୱପ୍ନବାସବଦତ୍ତ'ରେ ଯୌଗନ୍ଧରାୟଣର ଉଦୟନ ପ୍ରତି ସଂବୋଧନ । ସେଭଳି ଯୁବରାଜ ଓ ଅନ୍ୟାନ୍ୟ ରାଜକୁମାରଙ୍କ ନିମନ୍ତେ 'କୁମାର' ଶବ୍ଦର ପ୍ରୟୋଗ ଅଛି । 'ପ୍ରତିମା' ନାଟକରେ ପ୍ରତିହାରୀ ରାମଚନ୍ଦ୍ରଙ୍କୁ 'ଭର୍ତ୍ତୃଦାରକ' ବୋଲି ସଂବୋଧିତ କରିଛି, ସ୍ୱାମୀ ନୁହେଁ । ନାଟକରେ ସୌମ୍ୟ ଶବ୍ଦର ପ୍ରୟୋଗ ଅତି କମ୍ ମାତ୍ର ଭଦ୍ର ତଥା ଭଦ୍ରମୁଖର ପ୍ରୟୋଗ ଯତ୍ର-ତତ୍ର ଅବଶ୍ୟ ମିଳିଥାଏ ଯେଭଳି 'ପ୍ରତିମା' ନାଟକ ଓ 'ଅଭିଜ୍ଞାନଶକୁନ୍ତଳା'ରେ ।

ଯଦ୍ୟସ୍ୟ କର୍ମ ଶିଳ୍ପଂ ବା ବିଦ୍ୟା ବା ଜାତିରେବ ବ ।
ସ ତେନ ନାମ୍ନା ସମ୍ଭାଷ୍ୟୋ ନାଟକାଦୌ ପ୍ରୟୋକ୍ତୃଭିଃ ।।୧୩।।

ନାଟକରେ ଯେଉଁ ବ୍ୟକ୍ତିର ଯାହା କାର୍ଯ୍ୟ, କୌଶଳ, ବିଦ୍ୟା ଜାତିକୁଳ ଓ ସ୍ଥିତି ଥିବ ସେହି ଅନୁରୂପ ତାକୁ ସହି ନାମରେ ସମ୍ବୋଧନ କରାଯିବା ଉଚିତ ।

ବତ୍ସ ପୁତ୍ରକ ତାତେତି ନାମ୍ନା ଗୋତ୍ରେଣ ବା ପୁନଃ
ବାଚ୍ୟଃ ଶିଷ୍ୟଃ ସୁତୋ ବାପି ପିତ୍ରା ବା ଗୁରୁଣାପି ବା ।।୧୪।।

ଆପଣାର ଶିଷ୍ୟ କିମ୍ବା ପୁତ୍ରଙ୍କୁ ପିତା କିମ୍ବା ଗୁରୁଙ୍କ ଦ୍ୱାରା ବତ୍ସ, ପୁତ୍ର, ତାତ ନାମ କିମ୍ବା ତା'ର ଗୋତ୍ର ନାମରେ ସମ୍ବୋଧନ କରାଯିବା ଉଚିତ ।

ସମ୍ବାକ୍ଷ୍ୟା ଶାକ୍ୟନିର୍ଗ୍ରନ୍ଥା ଭଦନ୍ତେତି ପ୍ରଯୋକ୍ତୃଭିଃ
ଆମନ୍ତ୍ରଣୈସ୍ତୁ ପାଷଣ୍ଡାଃ ଶେଷାଃ ସ୍ୱସମୟାଶ୍ରିତୈଃ ।।୧୫।।

ବୌଦ୍ଧ ଏବଂ ଜୈନ ସାଧୁମାନଙ୍କୁ 'ଭଦନ୍ତ' ଏବଂ ପାଶୁପତ ଆଦି ଅନ୍ୟ ସଂପ୍ରଦାୟର ସାଧୁମାନଙ୍କୁ ସେମାନଙ୍କର ନିୟମାନୁସାରେ ସମ୍ବୋଧନ କରିବା ବିଧେୟ ।

ଦେବେତି ନୃପତି ର୍ବାଚ୍ୟୋ ଭୃତ୍ୟୈଃ ପ୍ରକୃତିଭିସ୍ତଥା
ଭଟ୍ଟେତି ସାର୍ବଭୌମସ୍ତୁ ନିତ୍ୟଂ ପରିଜନେନ ତୁ ।।୧୬।।

ରାଜାଙ୍କୁ ତାଙ୍କର ସେବକ ତଥା ପ୍ରଜା 'ଦେବ' ବୋଲି ସମ୍ବୋଧନ କରିବା ଉଚିତ । ମାତ୍ର ଯଦି ସେ ସାର୍ବଭୌମ ରାଜା ହୋଇଥିବେ ତେବେ 'ଭଟ୍ଟ' କିମ୍ବା 'ଭର୍ତ୍ତା' ଶବ୍ଦରେ ସମ୍ବୋଧନ କରିବା ଉଚିତ ।

ରାଜନ୍ନିତୃଷିଭିର୍ବାଚ୍ୟୋ ହ୍ୟପତ୍ୟପ୍ରତ୍ୟୟେନ ବା
ବୟସ୍ୟ ରାଜନ୍ନିତି ବା ଭବେଦ୍‌ବାଚ୍ୟୋ ମହୀପତିଃ ।।୧୭।।

ବିଦୂଷକେଣ ରାଜ୍ଞୀ ଚ ଚେଟୀ ଚ ଭବତୀତ୍ୟପି
ନାମ୍ନା ବୟସ୍ୟେତ୍ୟପି ବା ରାଜ୍ଞା ବାଚ୍ୟୋ ବିଦୂଷକଃ ।।୧୮।।

ଋଷିଗଣ ରାଜାଙ୍କୁ ରାଜନ୍ କିମ୍ବା ତାଙ୍କର କୁଳାଗତ ନାମରେ (ଯେପରି ପୁରୁବଂଶୀ ରାଜାଙ୍କୁ 'ପୌରବ') ସମ୍ବୋଧନ କରିବା ଉଚିତ । ବିଦୂଷକ ରାଜାଙ୍କୁ 'ବୟସ୍ୟ' କିମ୍ବା 'ରାଜନ୍' ବୋଲି ସମ୍ବୋଧନ କରିବା ବିଧେୟ । ଏହି ବିଦୂଷକଙ୍କ ଦ୍ୱାରା ରାଣୀ ତଥା ତାଙ୍କର ଦାସୀମାନେ 'ଭବତୀ' ବୋଲି ସମ୍ବୋଧିତ ହେବେ ଏବଂ ରାଜା ମଧ୍ୟ ବିଦୂଷକଙ୍କୁ 'ବୟସ୍ୟ' ବା ତା'ର ନାମରେ ସମ୍ବୋଧନ କରିବା ଉଚିତ ।

ସର୍ବସ୍ତ୍ରୀଭିଃ ପତିର୍ବାଚ୍ୟଃ ଆର୍ଯ୍ୟପୁତ୍ରେତି ଯୌବନେ
ଅନ୍ୟଦା ପୁନରାର୍ଯ୍ୟେତି ମହାରାଜେତି ଭୂପତିଃ ।।୧୯।।

ସବୁ ସ୍ତ୍ରୀ ଯୌବନକାଳରେ ପତିଙ୍କୁ ଆର୍ଯ୍ୟପୁତ୍ର ବୋଲି ସମ୍ବୋଧନ କରିବା ଉଚିତ । ମାତ୍ର କେତେକ ସ୍ଥିତିରେ ପତିଙ୍କୁ କେବଳ 'ଆର୍ଯ୍ୟ' ବୋଲି ମଧ୍ୟ ସମ୍ବୋଧନ କରାଯାଇପାରେ । ଯଦି ପତି ରାଜା ହୋଇଥିବେ ତେବେ ରାଣୀ ତାଙ୍କୁ ମହାରାଜା ବୋଲି ସମ୍ବୋଧନ କରିବା ଉଚିତ ।

ଆର୍ଯ୍ୟେତି ପୂର୍ବଜୋ ଭ୍ରାତା ବାଚ୍ୟଃ ପୁତ୍ର ଇବାନୁଜଃ
ପୁରୁଷାଭଷଣଂ ହ୍ୟେବଂ କାର୍ଯ୍ୟଂ ନାଟ୍ୟେ ପ୍ରଯୋକ୍ତୃଭିଃ ।।୨୦।।

ବଡ଼ ଭାଇଙ୍କୁ 'ଆର୍ଯ୍ୟ' ଶବ୍ଦରେ ଏବଂ ଛୋଟ ଭାଇକୁ ପୁତ୍ରବତ୍ ଉପଯୁକ୍ତ ଶବ୍ଦରେ ସମ୍ବୋଧନ କରିବା ଉଚିତ । ପୁରୁଷପାତ୍ରଙ୍କର ନାଟକରେ ସମ୍ବୋଧନର ଏହା ହିଁ ବିଧାନ ।

ପୁନଃ ସ୍ତ୍ରୀଣାଂ ପ୍ରବକ୍ଷ୍ୟାମି ଯଥାଭାଷ୍ୟାସ୍ତୁ ନାଟକେ
ତପସ୍ୱିନ୍ୟୋ ଦେବତାଶ୍ଚ ବାଚ୍ୟା ଭଗବତୀତି ଚ ।। ୨୧ ।।

ବର୍ତ୍ତମାନ ମୁଁ ନାଟକରେ ସ୍ତ୍ରୀମାନଙ୍କର ସ୍ତ୍ରୀମାନଙ୍କ ପ୍ରତି ସମ୍ବୋଧନ ଶବ୍ଦ ସଂବନ୍ଧରେ କହିବି । ତପସ୍ୱୀ ସ୍ତ୍ରୀ ତଥା ଦେବୀଙ୍କୁ 'ଭଗବତୀ' ବୋଲି ସଂବୋଧନ କରାଯାଉ ।

ଗୁରୁଭାର୍ଯ୍ୟା ତୁ ବକ୍ତବ୍ୟା ସାନାଯ୍ୟା ଭବତୀତି ଚ ।
ଗ୍ରାମ୍ୟା ଭଦ୍ରେତି ବାଚ୍ୟା ବୈ ବୃଦ୍ଧାମ୍ବେତି ଚ ନାଟକେ ।।୨୨ ।।

ଗୁରୁଜନଙ୍କର ପତ୍ନୀମାନଙ୍କୁ ତଥା ଅନ୍ୟ ସାନାଯ୍ୟା ଜ୍ୟେଷ୍ଠାବସ୍ଥାର ସ୍ତ୍ରୀମାନଙ୍କୁ 'ଭବତୀ' ଏବଂ ଗ୍ରାମୀଣ ସ୍ତ୍ରୀ ମାନଙ୍କୁ 'ଭଦ୍ରେ' (ଭଦ୍ରା) ତଥା ବୃଦ୍ଧାଙ୍କୁ 'ଅମ୍ବ' ବୋଲି ସଂବୋଧନ କରିବା ଉଚିତ ।

ମହାରାଣୀଙ୍କ ପ୍ରତି ସଂବୋଧନ ଶବ୍ଦ :—

ରାଜପତ୍ନ୍ୟସ୍ତୁ ସଂଭାଷ୍ୟାଃ ସର୍ବାଃ ପରିଜନେନ ବୈ ।
ଭଟ୍ଟିନୀ ସ୍ୱାମିନୀ ଦେବୀତ୍ୟେବଂ ବୈ ନାଟକେ ବୁଧୈଃ ।।୨୩ ।।

ନାଟକରେ ରାଜପତ୍ନୀମାନଙ୍କୁ ପରିଗ୍ରହିକାମାନେ 'ଭଟ୍ଟିନୀ', 'ସ୍ୱାମିନୀ', 'ଦେବୀ' ଆଦି କହି ସମ୍ବୋଧନ କରିବା ଉଚିତ ।

ଦେବୀତି ମହିଷୀ ବାଚ୍ୟା ରାଜ୍ଞା ପରିଜନେନ ବା ।
ଭୋଗିନ୍ୟଃ ପରିଶିଷ୍ଟାସ୍ତୁ ସ୍ୱାମିନ୍ୟ ଇତି ବା ପୁନଃ ।।୨୪ ।।

ପାଟରାଣୀଙ୍କୁ ସମସ୍ତ ପରିଜନ ଏବଂ ରାଜା ମଧ୍ୟ 'ଦେବୀ' ବୋଲି ସମ୍ବୋଧନ କରିବା ଉଚିତ । ରାଜାଙ୍କର ଅନ୍ୟାନ୍ୟ ପତ୍ନୀଙ୍କୁ 'ସ୍ୱାମିନୀ' 'ଭଟ୍ଟିନୀ' ଆଦି ସଂବୋଧନ କରାଯିବା ଉଚିତ ।

ରାଜକୁମାରୀମାନଙ୍କ ନିମନ୍ତେ ସମ୍ବୋଧନ :—

କୁମାର୍ଯ୍ୟଶ୍ଚୈବ ବକ୍ତବ୍ୟାଃ ପ୍ରେଷ୍ୟାଭିର୍ଭର୍ତୃଦାରିକାଃ ।
ସ୍ୱସେତି ଭଗିନୀ ବାଚ୍ୟା ବତ୍ସେତି ଚ ଯବୀୟସୀ ।।୨୫ ।।

ଅନୂଢ଼ା ରାଜକୁମାରୀମାନଙ୍କୁ ତାଙ୍କର ସେବିକାମାନେ 'ଭର୍ତ୍ତୃଦାରିକା', ଭଉଣୀକୁ 'ଭଗିନୀ' ତଥା ଛୋଟ ଭଉଣୀକୁ 'ବତ୍ସେ' (ବତ୍ସା) ବୋଲି ସଂବୋଧନ କରାଯିବା ଉଚିତ ।

ବ୍ରାହ୍ମଣୀ ଭିକ୍ଷୁଣୀ ଆଦିଙ୍କ ପ୍ରତି ସଂବୋଧନ/ପତ୍ନୀ ପ୍ରତି ସଂବୋଧନ :—

ବ୍ରାହ୍ମଣ୍ୟାର୍ଯ୍ୟେତି ବକ୍ତବ୍ୟା ଲିଙ୍ଗସ୍ଥା ବ୍ରତିନୀ ଚ ଯା ।
ପତ୍ନୀ ଗୃର୍ଯ୍ୟେତି ସମ୍ଭାଷ୍ୟା ପିତୃନାମ୍ନା ସୁତସ୍ୟ ବା ।।୨୬।।

ବ୍ରାହ୍ମଣୀ, ସାଧ୍ୱୀ କିମ୍ବା ବ୍ରତଧାରିଣୀ ସ୍ତ୍ରୀକୁ 'ଆର୍ଯ୍ୟା' ବୋଲି ସମ୍ବୋଧନ କରିବା ଉଚିତ । ଆପଣାର ଧର୍ମପତ୍ନୀକୁ 'ଆର୍ଯ୍ୟା' କିମ୍ବା ପିତା ଅଥବା ପୁତ୍ରର ନାମରେ ସଂବନ୍ଧିତ କରି ସମ୍ବୋଧନ କରାହେବା ବିଧେୟ ।

ସ୍ତ୍ରୀମାନଙ୍କର ଆପଣାର ସଖୀ/ଦାସୀ ପ୍ରତି ସମ୍ବୋଧନ :—

ସମାନାଭିସ୍ତଥା ସଖ୍ୟଃ ହଳେତି ସ୍ୟାତ୍ ପରସ୍ପରମ୍ ।
ପ୍ରେଷ୍ୟା ହଞ୍ଜେତି ବକ୍ତବ୍ୟା ସ୍ତ୍ରିୟା ଯତ୍ତୁତମା ଭବେତ୍ ।।୨୭।।

ସମବୟସୀ ସଖୀମାନେ ପରସ୍ପରକୁ 'ହଳା' ବୋଲି ଏବଂ ଉତ୍ତମ ସ୍ତ୍ରୀମାନେ ଦାସୀ ବା ସେବିକାକୁ 'ହଞ୍ଜେ' ବୋଲି ସମ୍ବୋଧିତ କରିବା ଉଚିତ ।

ବେଶ୍ୟା ପ୍ରତି ସମ୍ବୋଧନ :—

ଅଜ୍ଜୁକେତି ଚ ବକ୍ତବ୍ୟା ବେଶ୍ୟା ପରିଜନେନ ଚ ।
ଅତ୍ତେତି ଗଣିକାମାତା ବାଚ୍ୟା ପରିଜନେନ ହି ।।୨୮।।

ବେଶ୍ୟାକୁ ତାର ପରିଗ୍ରହକ ସେବକ ଆଦି 'ଅଜ୍ଜୁକା' ବୋଲି ସମ୍ବୋଧନ କରିବା ଉଚିତ ଏବଂ ତାର ବୃଦ୍ଧାବସ୍ଥାରେ ତାକୁ 'ଅତ୍ତା' ବୋଲି ସମ୍ବୋଧନ କରିବା ବିଧେୟ ।

ପ୍ରଣୟାବସ୍ଥାରେ ପତ୍ନୀପ୍ରତି ସମ୍ବୋଧନ :—

ପ୍ରିୟେତି ଭାର୍ଯ୍ୟା ଶୃଙ୍ଗାରେ ବାଚ୍ୟା ରାଜ୍ଞେତରେଣ ବା ।
ପୁରୋଧଃ ସାର୍ଥବାହାନାଂ ଭାର୍ଯ୍ୟାସ୍ତ୍ୱାର୍ଯ୍ୟେତି ସର୍ବଦା ।।୨୯।।

ପ୍ରଣୟାବସ୍ଥାରେ ରାଜା ବା ଅନ୍ୟାନ୍ୟ ସବୁ ପୁରୁଷ ପତ୍ନୀକୁ 'ପ୍ରିୟେ' ବୋଲି ସଂବୋଧିତ କରିବେ ମାତ୍ର ପୁରୋହିତ ତଥା ସାର୍ଥବାହ ପତ୍ନୀକୁ ସର୍ବଦା 'ଆର୍ଯ୍ୟେ' ବୋଲି ସଂବୋଧନ କରିବା ଉଚିତ ।

ନାଟକରେ ପାତ୍ରଙ୍କର ନାମ ଏବଂ ତା'ର ବିଧି :—

ତଲ୍ଲିଙ୍ଗାର୍ଥାନି ନାମାନି କାର୍ଯାଣି କବିଭିଃ ସଦା ।
ଔତ୍ସତ୍ତିକାନି ଯାନି ସ୍ୟୁରପ୍ରଖ୍ୟାତାନି ନାଟକେ ।।୩୦।।

ନାଟ୍ୟକାର ଆପଣାର ନାଟ୍ୟ ରଚନାରେ ପାତ୍ରଙ୍କର ଅପ୍ରଖ୍ୟାତ ତଥାକଳ୍ପିତ ନାମ ରଖିବେ । ଯାହାକି ହୋଇଥିଲେ ସେମାନଙ୍କର ଗୁଣାଦି ସଂଯୁକ୍ତ ହୋଇଥିବ ।

ବ୍ରାହ୍ମଣ ତଥା କ୍ଷତ୍ରିୟ ପାତ୍ରମାନଙ୍କର ନାମ :—

ବ୍ରହ୍ମକ୍ଷତ୍ରସ୍ୟ ନାମାନି ଗୋତ୍ରକର୍ମାନୁରୂପତଃ ।
କାବ୍ୟେ କାର୍ଯ୍ୟାଣି କବିଭିଃ ଶର୍ମବର୍ମକୃତାନି ହି ।।୩୧ ।।

ବ୍ରାହ୍ମଣ ତଥା କ୍ଷତ୍ରିୟ ପାତ୍ରମାନଙ୍କର ନାମ ସେମାନଙ୍କର ଗୋତ୍ର ତଥା କର୍ମ ଅନୁରୂପ ରଖି ଶେଷରେ 'ଶର୍ମନ୍' କିମ୍ବା 'ବର୍ମନ୍' ଶବ୍ଦ ରଖିବା ବିଧେୟ ।

ବୈଶ୍ୟ ଏବଂ ବୀରମାନଙ୍କର ନାମ :—

ଦତ୍ତପ୍ରାୟାଣି ନାମାନି ବଣିଜାଂ ସମ୍ପ୍ରୟୋଜୟେତ୍ ।
ଶୌର୍ଯ୍ୟୋଦାତ୍ତାନି ନାମାନି ତଥା ଶୂରେଷୁ ଯୋଜୟେତ୍ ।।୩୨ ।।

ବୈଶ୍ୟପାତ୍ରଙ୍କର ନାମ ଦତ୍ତ 'ଶବ୍ଦ' ଯୁକ୍ତ ଏବଂ ଶୂରମାନଙ୍କର ନାମ ସେମାନଙ୍କର ଶୌର୍ଯ୍ୟ ଔଦାର୍ଯ୍ୟ ଆଦି ଗୁଣର ସୂଚକ ହେବା ଉଚିତ ।

ରାଣୀ ତଥା ବେଶ୍ୟାମାନଙ୍କର ନାମ :—

ବିଜୟାର୍ଥାନି ନାମାନି ରାଜସ୍ତ୍ରୀଣାଂତୁ ନିତ୍ୟଶଃ ।
ଦତ୍ତା ମିତ୍ରା ଚ ସେନା ଚ ବେଶ୍ୟାନାମାନି ଯୋଜୟେତ୍ ।।୩୩ ।।

ରାଜ-ପତ୍ନୀ ମାନଙ୍କର ନାମ ବିଜୟ ସୂଚକ ଅର୍ଥ ଏବଂ ବେଶ୍ୟାମାନଙ୍କର ନାମ 'ଦତ୍ତା', 'ମିତ୍ରା' ତଥା 'ସେନା' ଶବ୍ଦାନ୍ତ ହେବା ଉଚିତ ।

ଦାସୀ (ପ୍ରେଷ୍ୟା)ର ନାମ/ଚେଟଙ୍କର ନାମ :—

ନାନା କୁସୁମନାମାନଃ ପ୍ରେଷ୍ୟାଃ କାର୍ଯ୍ୟାସ୍ତୁ ନାଟକେ ।
ମଙ୍ଗଳାର୍ଥାନି ନାମାନି ଚେଟାନାମପି ଯୋଜୟେତ୍ ।।୩୪ ।।

ନାଟକରେ ପ୍ରେଷ୍ୟା (ଦାସୀ) ମାନଙ୍କର ନାମ ପୁଷ୍ପକୁ ନେଇ ଏବଂ 'ଚେଟ' (ଗୃକର)ଙ୍କର ନାଁ ମଙ୍ଗଳାର୍ଥ ବୋଧକ ହେବା ଉଚିତ ।

ଉତ୍ତମ ପାତ୍ରମାନଙ୍କର ନାମ :—

ଗମ୍ଭୀରାର୍ଥାନି ନାମାନି ହ୍ୟୁତ୍ତମାନାଂ ପ୍ରଯୋଜୟେତ୍ ।
ଯସ୍ମାନ୍ନାମାନୁସଦୃଶଂ କର୍ମ ତେଷାଂ ଭବିଷ୍ୟତି ।।୩୫ ।।

ଉନବିଂଶ ଅଧ୍ୟାୟ

ଉତ୍ତମ ପାତ୍ରଙ୍କର ନାମ କୌଣସି ଗମ୍ଭୀର ଅର୍ଥସୂଚକ ହେବା ଉଚିତ । କାରଣ ତାଙ୍କର ନାମ ନାଟକରେ ତାଙ୍କର କାର୍ଯ୍ୟ ଅନୁରୂପ ରହିଥାଏ ।

ଅନ୍ୟ ପାତ୍ରମାନଙ୍କର ନାମ :—

ଜାତି ଚେଷ୍ଟାନୁରୂପାଣି ଶେଷାଣାମପି ଯୋଜୟେତ୍ ।
ନାମାନି ପୁରୁଷାଣାଞ୍ଚ ସ୍ତ୍ରୀଣାଞ୍ଚୋକ୍ତାନି ତତ୍ତ୍ୱତଃ ।୩୬ ।।

ଏବଂ ନାମବିଧାନନ୍ତୁ କର୍ତ୍ତବ୍ୟଂ କବିଭିଃ ସଦା ।
ଏବଂ ଭାଷାବିଧାନନ୍ତୁ ଜ୍ଞାତ୍ୱା କର୍ମାଣ୍ୟଶେଷତଃ ।୩୭ ।।

ଏମାନଙ୍କବ୍ୟତୀତ ଅନ୍ୟାନ୍ୟ ପାତ୍ରମାନଙ୍କର ନାମ ସେମାନଙ୍କର ଜନ୍ମ, ଜାତି ତଥା କାର୍ଯ୍ୟ ଅନୁସାରେ ରହିବା ଉଚିତ । ଏପରି ଭାବରେ ମୁଁ ନାଟକରେ ସ୍ତ୍ରୀ ତଥା ପୁରୁଷ ପାତ୍ରମାନଙ୍କର ନାମକରଣର ଔଚିତ୍ୟପୂର୍ଣ୍ଣ ବର୍ଣ୍ଣନା କରିଛି ।ନାଟ୍ୟକାର ଏହି ବିଧାନ ଅନୁସାରେ ହିଁ ପାତ୍ରମାନଙ୍କର ନାମରଖିବା ଉଚିତ ।ଏପରି ଭାବରେ ଭାଷା ବିଧାନ ସଂବନ୍ଧରେ ବିସ୍ତାର ପୂର୍ବକ ଭଲଭାବରେ ଜାଣି ନାଟ୍ୟକାର ଛଅ ଅଳଙ୍କାର ଯୁକ୍ତ ପାଠ୍ୟର ଯୋଜନା କରିବା ଉଚିତ ।

ପାଠ୍ୟର ଗୁଣ ଏବଂ ସ୍ୱରୂପ :—

ପାଠ୍ୟଗୁଣାନିଦାନୀଂ ବକ୍ଷ୍ୟାମଃ । ତଦ୍ୟଥା-ସପ୍ତସ୍ୱରାଃ, ତ୍ରୀଣି ସ୍ଥାନାନି,
ଚତ୍ୱାରୋ ବର୍ଣ୍ଣାଃ, ଦ୍ୱିବିଧା କାକୁଃ, ଷଡ଼ଲଙ୍କାରାଃ, ଷଡ଼ଙ୍ଗାନୀତି ।
ଏଷାମିଦାନୀଂ ଲକ୍ଷଣମଭି ବ୍ୟାଖ୍ୟାସ୍ୟାମଃ । ତତ୍ର ସପ୍ତସ୍ୱରାଃ ନାମ
ଷଡ଼ଜର୍ଷଭଗାନ୍ଧାରମଧ୍ୟମପଞ୍ଚମ-ଧୈବତନିଷାଦାଃ । ତ ଏତେ ରସେଷୂପପାଦ୍ୟାଃ ।

ଯଥା :— (ବିଭିନ୍ନ ରସାନୁକୂଳ ସପ୍ତସ୍ୱର)

ତତଃ ପାଠ୍ୟଂ ପ୍ରଯୁଞ୍ଜୀତ ଷଡ଼ଳଙ୍କାରସଂଯୁତମ୍ ।
ହାସ୍ୟ ଶୃଙ୍ଗାରୟୋଃ କାର୍ଯ୍ୟୌସ୍ୱରୌ ମଧ୍ୟମପଞ୍ଚମୌ ।୩୮ ।।

ଷଡ଼ଜର୍ଷଭୌ ତଥା ଚୈବ ବୀରରୌଦ୍ରାଦ୍ଭୁତେଷ୍ୱଥ ।
ଗାନ୍ଧାରଶ୍ଚ ନିଷାଦଶ୍ଚ କର୍ତ୍ତବ୍ୟୌ କରୁଣେ ରସେ ।୩୯ ।।

ବର୍ତ୍ତମାନ ମୁଁ ପାଠ୍ୟର ଗୁଣ ଏବଂ ସ୍ୱରୂପ ବର୍ଣ୍ଣନା କରୁଛି । ଏଥିରେ ସାତସ୍ୱର, ତିନି ସ୍ଥାନ, ଚାରିବର୍ଣ୍ଣ, ଦୁଇ ପ୍ରକାର କାକୁ, ଛ ଅଳଙ୍କାର ତଥା ପାଞ୍ଚ ଅଙ୍ଗଥାଏ । ମୁଁ କ୍ରମଶଃ ସେମାନଙ୍କର ଲକ୍ଷଣ ସବନ୍ଧରେ କହୁଛି ।

ସାତୋଟି ସ୍ୱର –

ଷଡ୍ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ତଥା ନିଷାଦ । ଏହି ସ୍ୱରମାନଙ୍କୁ ବିଭିନ୍ନ ରସ ଅନୁସାରେ ଉପଯୁକ୍ତ ଏବଂ ଅନୁକୂଳ ସ୍ଥିତିରେ ରଖିବା ଉଚିତ । ହାସ୍ୟ ତଥା ଶୃଙ୍ଗାର ରସରେ ମଧ୍ୟମ ତଥା ପଞ୍ଚମ ସ୍ୱର ବୀର, ରୌଦ୍ର ଏବଂ ଅଦ୍ଭୁତ ରସରେ ଷଡ୍ଜ ଏବଂ ଋଷଭ ସ୍ୱର ରହିବା ଉଚିତ । କରୁଣ ରସରେ ଗାନ୍ଧାର ତଥା ନିଷାଦ ଏବଂ ବୀଭତ୍ସ ଓ ଭୟାନକ ରସରେ ଧୈବତ ରହିବା ଉଚିତ ।

ସ୍ୱରମାନଙ୍କର ସ୍ଥାନ ତଥା ସେମାନଙ୍କର ଉପଯୋଗ :–

ଧୈବତଶ୍ଚୈବ କର୍ତବ୍ୟୋ ବୀଭତ୍ସେ ସଭୟାନକେ ।
ତ୍ରୀଣି ସ୍ଥାନାନି–ଉରଃ କଣ୍ଠ ଶିରଂସାତି ଭବନ୍ତ୍ୟପି ।।୪୦।।

ଶାରୀରୀମଥ ବୀଣାୟାଂ ତ୍ରିଭ୍ୟଃ ସ୍ଥାନେଭ୍ୟ ଏବ ତୁ ।
ଉରସଃ ଶିରସଃ କଣ୍ଠାତ୍ ସ୍ୱରଃ କାକୁଃ ପ୍ରବର୍ତତେ ।।୪୧ ।

ଆଭାଷଣଞ୍ଚ ଦୂରସ୍ଥେ ଶିରସା ସମ୍ପ୍ରୟୋଜୟେତ୍ ।
ନାତିଦୂରେ ଚ କଣ୍ଠେନ ହ୍ୟୁରସା ଚୈବ ପାର୍ଶ୍ୱତଃ ।।୪୨।।

ଉରସୋଦାହୃତଂ ବାକ୍ୟଂ ଶିରସା ଦୀପୟେତ୍ ବୁଧଃ ।
କଣ୍ଠେନ ଶମନଂ କୁର୍ଯ୍ୟାତ୍ ପାଠ୍ୟଯୋଗେଷୁ ସର୍ବଦା ।।୪୩।।

ସ୍ୱରର ତିନୋଟି ସ୍ଥାନ, ଉରସ୍ଥଳ, କଣ୍ଠ ଓ ଶିର । ଯେଉଁଭଳି ମନୁଷ୍ୟ ଅଙ୍ଗଯୁକ୍ତ ଶରୀର ଧାରଣ କରିଛି ସେହି ଭଳି ବୀଣାରେ ମଧ୍ୟ ତିନୋଟି ସ୍ଥାନ ନିୟତ ହୋଇ ରହିଛି । ସେମାନେ ହେଲେ ବକ୍ଷସ୍ଥଳ, କଣ୍ଠ ଓ ମସ୍ତକ ।

ସ୍ୱରର ଉତ୍ପତ୍ତି 'ନାଦ'ରୁ ହୋଇଛି । ଜୀବାତ୍ମା ଯେତେବେଳେ କହିବାର ଇଚ୍ଛାକରେ ସେତେବେଳେ ପ୍ରଥମେ ସେ ମାନସିକ ପ୍ରେରଣା ପାଏ । ମନ ଶରୀର ମଧ୍ୟରେ ଥିବା ଅଗ୍ନିକୁ ପ୍ରେରିତ କରେ, ଅଗ୍ନି ପବନକୁ ଏବଂ ପବନ ନାଭିରୁ ଉଠି କ୍ରମଶଃ ହୃଦୟ କଣ୍ଠ ଏବଂ ଶିର (ଶୀର୍ଷ)ରେ ଗତି ଉତ୍ପନ୍ନ କରି ପରିଶେଷରେ ମୁଖଦ୍ୱାରା ଧ୍ୱନି ରୂପରେ ପ୍ରକଟ ହୋଇଥାଏ । ଏହି ନାଭିସ୍ଥାନରୁ ଉତ୍ପନ୍ନ ଧ୍ୱନିକୁ ସୂକ୍ଷ୍ମ ରୂପରେ 'ନାଦ' ବୋଲି କୁହାଯାଏ । ଏହି ନାଦ ତିନି ପ୍ରକାର । ହୃଦୟରେ ଉତ୍ପନ୍ନ ନାଦକୁ 'ମନ୍ଦ୍ର', କଣ୍ଠରୁ ଉତ୍ପନ୍ନ ନାଦକୁ 'ମଧ୍ୟ', ଶୀର୍ଷରୁ ଉତ୍ପନ୍ନ ନାଦକୁ 'ତାର' ବୋଲି କୁହାଯାଏ । ଏଠାରେ ଏହି ବିଧାନରେ ଶାସ୍ତ୍ରକାରଙ୍କ ଦ୍ୱାରା ସ୍ୱରମାନଙ୍କର ସ୍ଥାନର ନିର୍ଦ୍ଦେଶ କରାଯାଇଛି ।

ଅନେକ ଦୂରରେ ରହିଥିବା ବ୍ୟକ୍ତିକୁ ଡାକିବା ପାଇଁ ଶୀର୍ଷସ୍ୱର ଉଚ୍ଚାରିତ ହେବା ଉଚିତ । ସେ ଅଳ୍ପ ଦୂରରେ ଅଛି ତାକୁ ମଧ୍ୟମ ସ୍ୱରରେ ଏବଂ ପାଖରେ ଥିବା ଲୋକକୁ ଉରସ୍ଥଳରୁ ନିସୃତ ସ୍ୱରରେ ଡାକିବା ଉଚିତ ।

ପାଠ୍ୟ ସ୍ୱରର ପାଠ ସମୟରେ ଯେତେବେଳେ କୌଣସି ବାକ୍ୟକୁ ହୃଦୟ ନିସୃତ ସ୍ୱରରେ ସସ୍ୱର ଆରମ୍ଭ କରା ହୋଇଥାଏ ସେତେବେଳେ ତାକୁ ଶୀର୍ଷକୁ ନେଇ କଣ୍ଠସ୍ଥଳକୁ ଅବତରିତ କରାଇନେବା ଉଚିତ ।

ଚାରି ବର୍ଣ୍ଣ ତଥା ସେମାନଙ୍କର ବ୍ୟବହାର :—

ଉଦାତ୍ତଶ୍ଚାନୁଦାତ୍ତଶ୍ଚ ସ୍ୱରିତଃ କମ୍ପିତସ୍ତଥା ।
ବର୍ଣ୍ଣାଶ୍ଚତ୍ୱାର ଏବ ସ୍ୟୁଃ ପାଠ୍ୟଯୋଗେ ତପୋଧନାଃ ।।୪୪।।

ପାଠ୍ୟପଠନର ଚାରୋଟି ସ୍ୱର (ଉଚ୍ଚାରଣ ସ୍ଥାନ) ଯଥା :— ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ତଥା କମ୍ପିତ ।

ତତ୍ର ହାସ୍ୟଶୃଙ୍ଗାରୟୋଃ ସ୍ୱରିତୋଦାତ୍ତୈଃ, ବୀରରୌଦ୍ରାଦ୍ଭୁତେଷୂଦାତ୍ତକମ୍ପିତୈଃ,
କରୁଣବୀଭତ୍ସଭୟାନକେଷ୍ୱନୁଦାତ୍ତସ୍ୱରିତକମ୍ପିତୈରିତି ।

ହାସ୍ୟ ତଥା ଶୃଙ୍ଗାର ରସରେ ସ୍ୱରିତ ଏବଂ ଉଦାତ୍ତ ସ୍ୱର, ବୀର, ରୌଦ୍ର ତଥା ଅଦ୍ଭୁତ ରସରେ ଉଦାତ୍ତ ତଥା କମ୍ପିତ ସ୍ୱର, କରୁଣ ବାତ୍ସଲ୍ୟ ଏବଂ ଭୟାନକ ରସରେ ଅନୁଦାତ୍ତ, ସ୍ୱରିତ ଏବଂ କମ୍ପିତ ସ୍ୱର ରହିବା ଉଚିତ ।

କାକୁ ଦୁଇ ପ୍ରକାର :—

ଦ୍ୱିବିଧାଃ କାକୁ — ସାକାଙ୍କ୍ଷା ନିରାକାଙ୍କ୍ଷା ଚେତି ।
ବାକ୍ୟସ୍ୟ ସାକଙ୍କ୍ଷନିରାକାଙ୍କ୍ଷତ୍ୱାତ୍ ।

କାକୁ ଦୁଇ ପ୍ରକାର, ଗୋଟିଏ ସାକାଙ୍କ୍ଷା ଅନ୍ୟଟି ନିରାକାଙ୍କ୍ଷା । କାରଣ ବାକ୍ୟର ଆଶୟ ଏହି ଦୁଇ କଥା ସହିତ ସଂବନ୍ଧ ବା ଏହା ଉପରେ ନିର୍ଭର କରିଥାଏ ।

ଅନିୟୁକ୍ତାର୍ଥକଂ ବାକ୍ୟଂ ସାକାଙ୍କ୍ଷମିତି ସଂଜ୍ଞିତମ୍ ।
ନିୟୁକ୍ତାର୍ଥନ୍ତୁ ଯଦ୍‌ବାକ୍ୟଂ ନିରାକାଙ୍କ୍ଷଂ ତଦୁଚ୍ୟତେ ।।୪୫।।

ସେହି ବାକ୍ୟ, ଯେଉଁଥିରେ ତା'ର ଅର୍ଥ ପୂର୍ଣ୍ଣ ରୂପରେ ପ୍ରକାଶିତ ହୋଇ ନଥାଏ ତାହା ସାକାଙ୍କ୍ଷା ତଥା ଯହିଁରେ ଅର୍ଥ ପୂର୍ଣ୍ଣ ରୂପରେ ପ୍ରକାଶିତ ହୋଇଥାଏ ତାହା ନିରାକାଙ୍କ୍ଷ ବୋଲାଇଥାଏ ।

ତତ୍ର ସାକାଙ୍କ୍ଷଂ ନାମ - ତାରାଦିମନ୍ଦ୍ରାନ୍ତମନିୟୁକ୍ତାର୍ଥମନିର୍ଯାତିତବର୍ଣ୍ଣାଲଙ୍କାରଂ
କଣ୍ଠୋରଃସ୍ଥଳସ୍ଥାନଗତମ୍ । ନିରାକାଙ୍କ୍ଷଂ ନାମ ନିୟୁକ୍ତାର୍ଥଂ
ନିର୍ଯାତିତବର୍ଣ୍ଣାଲଂକାରଂ ଶିରଃସ୍ଥାନଗତଂ ମନ୍ଦ୍ରାଦିତାରାନ୍ତମତି ।

ଯଦି କୌଣସି ବାକ୍ୟର ଉଚ୍ଚାରଣ ସମୟରେ ତା'ର ଅର୍ଥ ପୂର୍ଣ୍ଣ ରୂପରେ ପ୍ରକାଶିତ ହେଉ ନଥିବ ଏବଂ ଯେଉଁଥିରେ କଣ୍ଠ ଏବଂ ବକ୍ଷସ୍ଥଳରୁ ସ୍ୱର ଉତ୍ପନ୍ନ ହେଉଥିବ, ଯାହା ତା'ର ସ୍ୱରରେ ଆରମ୍ଭ ହୋଇ ମନ୍ଦ୍ର ସ୍ୱରରେ ସମାପ୍ତ ହେଉଥିବ ତଥା ବର୍ଣ୍ଣ ଏବଂ ଅଳଂକାରମାନଙ୍କର ପୂର୍ଣ୍ଣତା ଯେଉଁଥିରେ ନଥିବ ତାକୁ 'ସାକାଂକ୍ଷା' କାକୁ କୁହାଯିବ ।

ଯେଉଁ ବାକ୍ୟର ଉଚ୍ଚାରଣ କାଳରେ ତା'ର ଅର୍ଥ ପୂର୍ଣ୍ଣ ରୂପରେ ପ୍ରକାଶିତ ହୋଇ ଯାଉଥାଏ ତଥା ଯହିଁରେ ତା'ର (ମୂର୍ଦ୍ଧନ୍ୟ) ସ୍ୱରରୁ ଆରମ୍ଭ ହୋଇ ମନ୍ଦ୍ର ସ୍ୱରରେ ସମାପ୍ତ ହେଉଥାଏ ଏବଂ ଯହିଁରେ ବର୍ଣ୍ଣ ଏବଂ ଅଳଂକାର ପୂର୍ଣ୍ଣ ରୂପରେ ବିଦ୍ୟମାନ ହୋଇଥିବେ ତାକୁ 'ନିରାକାଂକ୍ଷ' କୁହାଯାଏ ଏହି ବାକ୍ୟମାନଙ୍କର ଆଶ୍ରୟ ନେଉଥିବା ହେତୁ 'କାକୁ' ମଧ୍ୟ ଦୁଇପ୍ରକାର ହୋଇଥାଏ ।

ଛଅ ଅଳଙ୍କାର :—

ଅଥ ଷଡ଼ଲଙ୍କାରା ନାମ :—

ଉଚ୍ଚୋ ଦୀପ୍ତଶ୍ଚ ମନ୍ଦ୍ରଶ୍ଚ ନୀଚୋ ଦ୍ରୁତବିଲମ୍ବିତୌ
ପାଠ୍ୟସ୍ୟୈତେ ହ୍ୟଳଙ୍କାରା ଲକ୍ଷଣଞ୍ଚ ନିବୋଧତ ।।୪୬।।

ପାଠ୍ୟରେ ଥିବା ସ୍ୱରର ଛଅ ଗୋଟି ଅଳଂକାର । ଯଥାଃ– ୧. ଉଚ୍ଚ, ୨. ଦୀପ୍ତ, ୩. ମନ୍ଦ୍ର, ୪. ନୀଚ, ୫. ଦ୍ରୁତ ତଥା ୬. ବିଳମ୍ବିତ ।

ଅଳଂକାରମାନଙ୍କର ବିନିଯୋଗ :—

ଉଚ୍ଚୋ ନାମ - ଶିରଃସ୍ଥାନଗତସ୍ତାରସ୍ୱରଃ, ସ ଚ ଦୂରସ୍ଥ
ଭାଷଣବିସ୍ମୟୋତ୍ତରୋତ୍ତରସଞ୍ଜଳ୍ପଦୂରାହ୍ୱାନତ୍ରାସନାବାଧାଦ୍ୟେଷୁ ।

ଯାହା ମୂର୍ଦ୍ଧସ୍ଥାନରୁ ଉତ୍ପନ୍ନ (ମୂର୍ଦ୍ଧନ୍ୟ) ତାହା ଉଚ୍ଚସ୍ୱର, ଯାହା କିଞ୍ଚିତ ଉଚ୍ଚୈସ୍ୱରରେ ବୋଲାଯାଏ । ଏହା 'ତାର' ସ୍ୱର । ଏହାର ଉପଯୋଗ ଦୂରସ୍ଥ ବ୍ୟକ୍ତି ସହିତ ସମ୍ଭାଷଣ କାଳରେ ହୋଇଥାଏ । ବିସ୍ମୟ, ପରସ୍ପର ଉତ୍ତର ପ୍ରତ୍ୟୁତ୍ତର, ଦୂରସ୍ଥ ବ୍ୟକ୍ତିକୁ ଡାକିବା, ତ୍ରାସ ତଥା ବାଧା ଆଦି ସମୟରେ ଏହାର ପ୍ରୟୋଗ ହୋଇଥାଏ ।

ଦୀପ୍ତୋ ନାମ - ଶିରଃସ୍ଥାନଗତସ୍ତାରତରଃ, ସ ଚ୍ୟକ୍ଷେପକଳହ
ବିବାଦାମର୍ଷୋତ୍କୃଷ୍ଟାଧର୍ଷଣକ୍ରୋଧଶୌର୍ଯ୍ୟଦର୍ପତୀକ୍ଷ୍ଣରୁକ୍ଷାଭିଧାନନିର୍ଭର୍ତ୍ସନକ୍ରନ୍ଦିତାଦିଷୁ ।

ଯାହା ମୂର୍ଦ୍ଧସ୍ଥାନରୁ ଉତ୍ପନ୍ନ ହୋଇଥାଏ ତାହା ଦୀପ୍ତ ସ୍ୱର ଏବଂ ତାର ସ୍ୱର ଅର୍ଥାତ୍ କିଞ୍ଚିତ ଉଚ୍ଚ ସ୍ୱର, ଯାର ସଂଯୋଜନ ଆକ୍ଷେପ, ଯୁଦ୍ଧ, କଳହ, ବିବାଦ, ଅମର୍ଷ, ବଳପୂର୍ବକ ଟାଣିବା, (କ୍ରୋଧ - ଅସହନ ଭାବ), ଅତି ଅଭିଶାପ ଦେବା (ଆକ୍ରୁଷ୍ଟ) (ଆଧର୍ଷଣ=ଦଣ୍ଡାଦେଶ ଦେବା) କ୍ରୋଧ, ଶୌର୍ଯ୍ୟ, ଅହଂକାର (ଦର୍ପ) ତୀବ୍ର ବା ରୁକ୍ଷ ଉତ୍ତର ଦେବା, ଭର୍ତ୍ସନା କରିବା, କାନ୍ଦିବା ଆଦି ପ୍ରସଙ୍ଗ ସମୟରେ ହୋଇଥାଏ ।

ମନ୍ଦ୍ରୋ ନାମ - ଉରଃସ୍ଥାନଗତୋ ନିର୍ବେଦଗ୍ଲାନିଚିନ୍ତୌତ୍ସୁକ୍ୟ ଦୈନ୍ୟ
ବ୍ୟାଧି କ୍ରୀଡ଼ାଗାଢ଼ଶସ୍ତ୍ରକ୍ଷତମୂର୍ଚ୍ଛାମଦଗୁହ୍ୟାର୍ଥବଚନାଦିଷୁ ।

ମନ୍ଦ୍ରସ୍ୱର ବକ୍ଷସ୍ଥଳରୁ ଉତ୍ପନ୍ନ ହୋଇଥାଏ । ତା'ର ଯୋଜନା ନିର୍ବେଦ, ଗ୍ଲାନି, ଶଙ୍କା, ଔତ୍ସୁକ୍ୟ, ଦୈନ୍ୟ, (ଆବେଗ) ବ୍ୟାଧି, କ୍ରୀଡ଼ା ଗଭୀର ଶସ୍ତ୍ରାଘାତ, ମୂର୍ଚ୍ଛା, ମଦ ମତ୍ତତା ଗୂଢ଼ାର୍ଥକ ଶବ୍ଦ କହିବା ସମୟରେ ହୋଇଥାଏ ।

ନୀଚୈ ନାମ – ଉରଃସ୍ଥାନସ୍ଥୋ ମନ୍ଦ୍ରତରଃ, ସ ଚ ସ୍ୱଭାବାଭାଷଣ
ବ୍ୟାଧିତପଃ ପଥିଶ୍ରାନ୍ତ-ତ୍ରସ୍ତ-ପତିତମୂର୍ଚ୍ଛିତାଦିଷୁ ।

ନୀଚସ୍ୱର ବକ୍ଷସ୍ଥଳରୁ ଉତ୍ପନ୍ନ ହେଉଥିବା ଏବଂ ଅତ୍ୟନ୍ତ ମନ୍ଦ (ମନ୍ଦ୍ରତର) ସ୍ୱର ଅଟେ । ତା'ର ଯୋଜନା ସ୍ୱାଭାବିକ ସଂଭାଷଣ, ବ୍ୟାଧି, ପଥଶ୍ରାନ୍ତି, ଭୀତି ତଥା କୌଣସି ବ୍ୟକ୍ତିର ପତନ, ମୂର୍ଚ୍ଛା ହେବାର ସ୍ଥିତିରେ ହୋଇଥାଏ ।

ଦ୍ରୁତୋ ନାମ କଣ୍ଠଗତଃ । ସ ଚ ତ୍ୱରିତ
ଲଲ୍ଲନମନ୍ମଭୟଶୀତଜ୍ୱର ତ୍ରାସାୟସ୍ତାତ୍ୟୟିକକାର୍ଯ୍ୟାବେଦନାଦିଷୁ ।

ଦ୍ରୁତ ସ୍ୱର କଣ୍ଠସ୍ଥାନରୁ ଶୀଘ୍ରତାପୂର୍ବକ ଉଚ୍ଚାରିତ ହୋଇଥାଏ ତଥା କିଞ୍ଚିତ ମନ୍ଦ ସ୍ୱରୂପର । ଏହାର ପ୍ରୟୋଗ ପ୍ରଣୟ (ଶୃଙ୍ଗାର) ବିତର୍କ, ବିଗ୍ରହ, ଅମର୍ଷ, ଅସୂୟା, ଏଣୁତେଣୁ କହିବା (ଅବ୍ୟକ୍ତାର୍ଥ-ପ୍ରବାଦ) ଲଜ୍ଜା, ଚିନ୍ତା, ତର୍ଜନ, ଆଶ୍ଚର୍ଯ୍ୟ, ଦୋଷ କଥନ ବା ନିନ୍ଦା, ଦୀର୍ଘ, ଅସ୍ୱସ୍ଥତା ତଥା ପୀଡ଼ା ଆଦିରେ କରାହେବା ବିଧେୟ ।

ଅତ୍ରାନୁବଂଶ୍ୟାଃ ଶ୍ଳୋକାଃ ଭବନ୍ତି :–

ଉତ୍ତରୋତ୍ତରସଂଜଳ୍ପପରୁଷାକ୍ଷେପଣେଷୁ ଚ
ତୀକ୍ଷ୍ଣରୂକ୍ଷାଭିନୟନେ ଆବେଗେ କ୍ରନ୍ଦିତେ ତଥା ।।୪୭।।

ପରୋକ୍ଷସ୍ୟ ସମାହ୍ୱାନେ ତର୍ଜନେ ତ୍ରାସନେ ତଥା
ଦୂରସ୍ଥାଭାଷଣେ ଚୈବ ତଥା ନିର୍ଭର୍ତ୍ସନେଷୁ ଚ ।।୪୮ ।।

ଭାବେଷ୍ୱେତେଷୁ ନିତ୍ୟଂ ହି ନାନାରସସମାଶ୍ରୟା
ଉଚ୍ଚା ଦୀପ୍ତା ଦ୍ରୁତା ଚୈବ କାକୁଃ କାର୍ଯ୍ୟା ପ୍ରୟୋକ୍ତୃଭିଃ ।।୪୯ ।।

ବ୍ୟାଧିତେ ଚ ଜ୍ୱରାର୍ତ୍ତେ ଚ ଭୟାର୍ତ୍ତେ ଶୀତବିପ୍ଲୁତେ
ନିୟମସ୍ଥେ ବିତର୍କେ ଚ ଗାଢ଼ଶସ୍ତ୍ରକ୍ଷତେଷୁ ଚ ।।୫୦।।

ଗୁହ୍ୟାର୍ଥବଚନେ ଚୈବ ଚିନ୍ତାୟାଂ ତପସି ସ୍ଥିତେ
ମନ୍ଦ୍ରାନୀଚୈ ଚ କର୍ତ୍ତବ୍ୟା କାକୁର୍ନାଟ୍ୟପ୍ରୟୋକ୍ତୃଭିଃ ।।୫୧ ।।

ଲଙ୍ଘେ ଚ ମନ୍ଥେଚୈବ ଭୟାର୍ତ୍ତେ ଶୀତବିପ୍ଲୁତେ
ମନ୍ଦ୍ରଦ୍ରୁତା ଚ କର୍ତବ୍ୟା କାକୁର୍ନାଟ୍ୟପ୍ରଯୋକ୍ତୃଭିଃ ।।୫୨।।

ଦୃଷ୍ଟନଷ୍ଟାନୁସରଣେ ଇଷ୍ଟାନିଷ୍ଟଶ୍ରୁତେ ତଥା
ଇଷ୍ଟାର୍ଥଖ୍ୟାପନେ ଚୈବ ଚିନ୍ତାଧ୍ୟାନେ ତଥୈବ ଚ ।।୫୩।।

ଉନ୍ମାଦେଽସୂୟିତେ ଚୈବ ଉପାଲମ୍ଭେ ତଥୈବ ହି
ଅବ୍ୟକ୍ତାର୍ଥପ୍ରବାଦେ ଚ କଥାଯୋଗେ ତଥୈବ ଚ ।।୫୪।।

ଉଭରୋଷରସଂଲଙ୍ଘେ କାର୍ଯେଽତିଶୟସଂଯୁତେ
ବିକୃତେ ବ୍ୟାଧିତେ କ୍ରୋଧେ ଦୁଃଖେ ଶୋକେ ତଥୈବ ଚ ।।୫୫।।

ବିସ୍ମୟାମର୍ଷଯୋଶ୍ଚୈବ ପ୍ରହର୍ଷେ ପରିଦେବିତେ
ବିଳମ୍ବିତା ଚ ଦୀପ୍ତା ଚ କାକୁର୍ମନ୍ଦ୍ରା ଚ ବୈ ଭବେତ୍ ।।୫୬।।

ଲଘ୍ୱକ୍ଷରପ୍ରାୟକୃତେ ଗୁର୍ବକ୍ଷରକୃତେ ତଥା
ଉଚ୍ଚା ଦୀପ୍ତା ଚ କର୍ତ୍ତବ୍ୟା କାକୁସ୍ତତ୍ର ପ୍ରଯୋକ୍ତୃଭିଃ ।।୫୭।।

ଯାନି ସୌମ୍ୟାର୍ଥଯୁକ୍ତାନି ସୁଖଭାବକୃତାନି ଚ
ମନ୍ଦ୍ରା ବିଳମ୍ବିତା ଚୈବ ତତ୍ର କାକୁର୍ବିଧୀୟତେ ।।୫୮।।

ଯାନି ସ୍ୟୁସ୍ତୀକ୍ଷ୍ଣରୂକ୍ଷାଣି ଦୀପ୍ତା ଶ୍ରେଷ୍ଠା ଚ ତେଷ୍ୱପି
ଏବଂ ନାନା ଶ୍ରୟୋପେତଂ ପାଠ୍ୟଂ ଯୋଜ୍ୟଂ ପଯୋକ୍ତୃଭି ।।୫୯।।

ଅନୁବଂଶୀୟ ଶ୍ଳୋକ :—

ବିଭିନ୍ନ ରସ ଏବଂ ଭାବକୁ ଉପଯୁକ୍ତ (ଯୋଗ୍ୟ) କରିବା ନିମନ୍ତେ ସ୍ୱରକୁ ଉଚ୍ଚ, ଦୀପ୍ତ ତଥା ଦ୍ରୁତ ରଖିବା ଉଚିତ । ଯେତେବେଳେ ନିରନ୍ତର ପ୍ରଶ୍ନୋତ୍ତର ଚାଲିଥିବ, କଠୋର ବଚନରେ ଆରୋପ-ପ୍ରତ୍ୟାରୋପ ହେଉଥିବ ତୀବ୍ର ଓ ରୁକ୍ଷ କଥା ହେଉଥିବ, ଆବେଗ, ବିଳାପ, ଅପ୍ରତ୍ୟକ୍ଷ ବ୍ୟକ୍ତିକୁ ଯୁଦ୍ଧନିମନ୍ତେ ଅହ୍ୱାନ, କାହାକୁ ଭୟଭୀତ କରିବା ବା କଷ୍ଟଦେବା, ଦୂରସ୍ଥ ବ୍ୟକ୍ତିକୁ ଡାକିବା, କାହାକୁ ଭର୍ତ୍ସନା କରିବା କାଳରେ ପ୍ରଯୁକ୍ତ ହେବ ।

ଅସ୍ୱସ୍ଥ ଅବସ୍ଥା, ଜ୍ୱର, ଭୋକ ଶୋକ, ତୁଚ୍ଛ ବ୍ୟକ୍ତିକୁ ଦେଖିବା, ନିୟମନ, ବିତର୍କ, ଶସ୍ତ୍ରଘାତ ହେତୁ ଗଭୀର କ୍ଷତ, ଗୋପ୍ୟ ଶବ୍ଦ ବହନ କରିବା ବେଳେ, କୌଣସି ଉଗ୍ର କଥା କହିବା ଅବସରରେ – ଏହିଭଳି ଅବସରମାନଙ୍କରେ ମନ୍ଦ୍ର ଏବଂ ନୀଚ କାକୁ ସ୍ୱର ରହିବା ଉଚିତ ।

ଉନବିଂଶ ଅଧ୍ୟାୟ

ଯେତେବେଳେ ସ୍ତ୍ରୀମାନଙ୍କର ଦ୍ୱାରା ବାଳକଙ୍କୁ ଭୁଲେଇବା, ପ୍ରଣୟ ପ୍ରସ୍ତାବକୁ ଅସ୍ୱୀକାର କରିବା ଭୟ ତଥା ଶୀତଦ୍ୱାରା କଷ୍ଟପାଇବାର ଦଶା ପ୍ରଦର୍ଶିତ ହେଉଥିବ ସେତେବେଳେ ମନ୍ଦ୍ର ଏବଂ ଦ୍ରୁତ କାକୁ ସ୍ୱର ରଖିବା ବିଧେୟ ।

ଯେତେବେଳେ କୌଣସି ହଜିଥିବା ବସ୍ତୁ ଦେଖାଯିବ ଏବଂ ଟା'ର ଅନୁସରଣ କରା ହେଉଥିବ, କୌଣସି ଅବାଞ୍ଛିତ ବ୍ୟକ୍ତିକୁ ଦେଖିବା ଅଥବା କଥା ଶୁଣିବା, କୌଣସି ଇଷ୍ଟ ବସ୍ତୁ ସଂବନ୍ଧରେ କହିବା କିମ୍ବା ପ୍ରକଟିତ କରିବା, ଚିନ୍ତାଗ୍ରସ୍ତ ହେବା, ଉନ୍ମାଦ, ଅସୂୟା, ଉପାଲମ୍ଭ ଭଳି ଗୁପ୍ତ କାର୍ଯ୍ୟ କରିବା, କୌଣସି କାହାଣୀ କହିବା, ଉତ୍ତରୋତ୍ତର ଭାଷଣ ଦେବା, ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ହେବା, କୌଣସି ଶରୀର ଅଥବା ଅବୟବ କ୍ଷତବିକ୍ଷତ ହେବା କିମ୍ବା ଶରୀରର କୌଣସି ଭାଗରେ ବ୍ୟାଧି ଉତ୍ପନ୍ନ ହେବା, ଦୁଃଖ ଏବଂ ଶୋକର ଦଶା ଉତ୍ପନ୍ନ ହେବା ତତଥା ବିସ୍ମୟ କ୍ରୋଧ, ହର୍ଷ, ରୋଦନାଦି କାଳରେ ବିଳମ୍ବିତ, ଦିପ୍ତ ତଥା ମନ୍ଦ୍ର କାକୁସ୍ୱର ରଖିବା ଉଚିତ ।

ଯେତେବେଳେ ପାଠ୍ୟର ଶବ୍ଦାବଳୀ କୌଣସି ହର୍ଷପ୍ରଦ କଥା ଅଥବା ସୁଖକର ବୃତ୍ତାନ୍ତ ପ୍ରକାଶ କରୁଥିବ ସେତେବେହଳ ମନ୍ଦ୍ର ଏବଂ ବିଳମ୍ବିତ କାକୁ ସ୍ୱରର ସଂଯୋଜନା ହେବା ଉଚିତ ।

ଯେତେବେଳେ ଉଚ୍ଚାରିତ ଶବ୍ଦମାନଙ୍କ ଦ୍ୱାରା କିଛି ରୁକ୍ଷତା ପ୍ରକାଶିତ ହେଉଥିବ ସେତେବେଳେ ଦୀପ୍ତ ତଥା ଉଚ୍ଚ କାକୁ ସ୍ୱରର ସଂଯୋଜନା ହେବା ଉଚିତ ।

ଯେତେବେଳେ ଉଚ୍ଚାରିତ ଶବ୍ଦମାନଙ୍କ ଦ୍ୱାରା କିଛି ରୁକ୍ଷତା ପ୍ରକାଶିତ ହେଉଥିବ ସେତେବେଳେ ଦୀପ୍ତ ତଥା ଉଚ୍ଚ କାକୁ ସ୍ୱରର ସଂଯୋଜନା ହେବା ଉଚିତ ।

ବିଭିନ୍ନ ରସରେ ନିୟତ କାକୁ ସ୍ୱର :—

ହାସ୍ୟ ଶୃଙ୍ଗାର କରୁଣେଷ୍ୱିଷ୍ଟା କାକୁର୍ବିଲମ୍ବିତା
ବୀରରୌଦ୍ରାଦ୍ଭୁତେଷ୍ୱତ୍ୱଗ୍ର ଦୀପ୍ତା ଚାପି ପ୍ରଶସ୍ୟତେ ।।୬୦।।

ଭୟାନକେ ସବୀଭତ୍ସେଦ୍ରୁତା ନୀଗ୍ସ ଚ କୀର୍ତ୍ତିତା
ଏବଂ ଭାବରସୋପେତା କାକୁଃ କାର୍ଯ୍ୟା ପ୍ରଯୋକ୍ତୃଭିଃ ।।୬୧।।

ହାସ୍ୟ, ଶୃଙ୍ଗାର ତଥା କରୁଣରସରେ ବିଳମ୍ବିତ କାକୁ ସ୍ୱର, ବୀର ରୌଦ୍ର ତଥା ଅଦ୍ଭୁତ ରସରେ ଦୀପ୍ତ କାକୁ ସ୍ୱର ପ୍ରଶସ୍ତ ହୋଇଥାଏ ।

ଭୟାନକ ଏବଂ ନୀଚ କାକୁ ସ୍ୱର ଉତ୍ତମ ହୋଇଥାଏ । ଏହିପରି ଭାବରେ ଭାବ ତଥା ରସର ଅନୁକୂଳ କାକୁ ସ୍ୱର ଉଚିତ କ୍ଷେତ୍ରରେ ସଂଯୋଜିତ ହେବା ବିଧେୟ ।

ଉଚ୍ଚାରଣର ଛଅଟି ଅଙ୍ଗ :–

ଅର୍ଥାଙ୍ଗାନି ଷଟ୍ – ବିଚ୍ଛେଦୋଽର୍ପଣଂ ବିସର୍ଗୋଽନୁବନ୍ଧୋ
ଦୀପନଂ ପ୍ରଶମନମିତି । ତତ୍ର ବିଚ୍ଛେଦୋ ନାମ ବିରାମକୃତଃ ।
ଅର୍ପଣଂ ନାମ ଲୀଳାୟମାନ ମଧୁରବଲ୍‌ଗୁନା ସ୍ୱରେଣ
ପୂରୟତେବ ରଙ୍ଗଂ ଯଦ୍ ପଠ୍ୟତେ ତଦର୍ପଣମ୍ ।
ବିସର୍ଗୋନାମ ବାକ୍ୟନ୍ୟାସଃ । ଅନୁବନ୍ଧୋ ନାମ ପଦାନ୍ତରେଷ୍ୱପି
ବିଚ୍ଛେଦଃ ଅନୁଚ୍ଛ୍ୱସନଂ ବା । ଦୀପନଂ ନାମ ତ୍ରିସ୍ଥାନଶୋଭି
ବର୍ଦ୍ଧମାନସ୍ୱରଶ୍ଚେତି । ପ୍ରଶମନଂ ନାମ ତାରଗତାନାଂ ସ୍ୱରାଣାଂ
ପ୍ରଶାମ୍ୟତାମବୈସ୍ୱର୍ଯ୍ୟେଣାବତାରଣମିତି ।।୬୧କ।।

ଉଚ୍ଚାରଣରୁ ଛଅଟି ଅଙ୍ଗ ହେଲା ଯଥା :– ୧. ବିଚ୍ଛେଦ, ୨. ଅର୍ପଣ, ୩. ବିସର୍ଗ, ୪. ଅନୁବନ୍ଧ, ୫. ଦୀପନ ତଥା ୬. ପ୍ରଶମନ ।

ଏଥିରୁ ବିରାମ କାରଣରୁ ହେଉଥିବା ଅଙ୍ଗକୁ 'ବିଚ୍ଛେଦ' କୁହାଯାଏ ।

ଲୀଳା ଏବଂ ସୁକୁମାରିତା ପୂର୍ଣ୍ଣ ସ୍ୱରରେ ପ୍ରେକ୍ଷାଗୃହରେ ଯେଉଁ ଶବ୍ଦବଳୀର ପାଠ କରାଯାଏ ତାକୁ ଅର୍ପଣ କୁହାଯାଏ । ବାକ୍ୟର ପୂର୍ଣ୍ଣ କରିବାକୁ ବିସର୍ଗ କୁହାଯାଏ । ଦୁଇ ବା ଅଧିକ ଶବ୍ଦମାନଙ୍କ ମଧ୍ୟରେ ବିଚ୍ଛେଦ ନ କରିବା ବା ସେମାନଙ୍କର ଉଚ୍ଚାରଣ ସମୟରେ ଶ୍ୱାସରୁଦ୍ଧ ନ ହେବାକୁ ଅନୁବନ୍ଧ କୁହାଯାଏ । ଯେଉଁ ସ୍ୱର ତିନୋଟି ସ୍ଥାନରୁ (ଉରଃ, କଣ୍ଠ, ମସ୍ତକ) ଉଚ୍ଚାରିତ ହୋଇ କ୍ରମଶଃ ବଢ଼ିଯାଏ ତାକୁ 'ଦୀପନ' କୁହାଯାଏ । ଉଚ୍ଚକୁ ଉଠିଥିବା ସ୍ୱରକୁ ଧୀରେ ଧୀରେ ଖସେଇ ଆଣି 'ବୈସ୍ୱର୍ଯ୍ୟ'ରେ ପହଞ୍ଚିବାକୁ ପ୍ରଶମନ କୁହାଯାଏ ।

ଏଷାଞ୍ଚ ରସଗତଃ ପ୍ରୟୋଗଃ – ତତ
ହାସ୍ୟାଶୃଙ୍ଗାରୟୋରାକାଙ୍କ୍ଷାୟୋମର୍ପଣବିଚ୍ଛେଦଦୀପନପ୍ରଶମନଯୁକ୍ତଂ
ପାଠ୍ୟମ୍ କାର୍ଯ୍ୟମ୍ । ଦୀପନପ୍ରଶମନଯୁତଂ କରୁଣେ ।
ବିଚ୍ଛେଦପ୍ରଶମନଦୀପନାନୁବନ୍ଧବହୁଳଂ ବୀରରୌଦ୍ରାଦ୍ଭୁତେଷୁ,
ବିସର୍ଗବିଚ୍ଛେଦଯୁକ୍ତଂ ବୀଭତ୍ସଭୟାନକୟୋରିତି ।

ବର୍ତ୍ତମାନ ମୁଁ ବିଭିନ୍ନ ରସରେ ହେଉଥିବା ପ୍ରୟୋଗ ସଂବନ୍ଧରେ କହୁଛି । ହାସ୍ୟ ଏବଂ ଶୃଙ୍ଗାର ରସରେ ପାଠ୍ୟକୁ ଅର୍ପଣ, ବିଚ୍ଛେଦ, ଦୀପନ ଏବଂ ପ୍ରଶମନ ନାମକ ଅଙ୍ଗଯୁକ୍ତ କରିବା ଉଚିତ । କରୁଣ ରସରେ ଦୀପନ ଓ ପ୍ରଶମନ ଯୁକ୍ତ ହେବା ବିଧେୟ । ବୀର, ରୌଦ୍ର ତଥା ଅଦ୍ଭୁତ ରସମାନଙ୍କରେ ବିଚ୍ଛେଦ, ପ୍ରଶମନ, ଅର୍ପଣ, ଦୀପନ ତଥା ଅନୁବନ୍ଧ ଯୁକ୍ତ ପାଠ୍ୟ ରହିବା ବିଧେୟ । ବୀଭତ୍ସ ଏବଂ ଭୟାନକ ରସରେ ବିସର୍ଗ, ବିଚ୍ଛେଦ ଯୁକ୍ତ ପାଠ୍ୟ ରହିବା ଉଚିତ ।

ସର୍ବେଷାମପ୍ୟେଷାଂ ମନ୍ଦ୍ରମଧ୍ୟତାରକୃତଃ ପ୍ରୟୋଗସ୍ତ୍ରିସ୍ଥାନଗତଃ । ତତ୍ର ଦୂରସ୍ଥାଭାଷଣେ ତାରଂ ଶିରସା, ନାତିଦୂରଂ ମଧ୍ୟଂ କଣ୍ଠେନ, ପାର୍ଶ୍ୱତୋମନ୍ଦ୍ର ମୁରସା ପ୍ରଯୋଜୟେତ୍ ପାଠ୍ୟମିତି । ମନ୍ଦ୍ରାତ୍ତାରାଂ ନ ଗଚ୍ଛେତ୍ ତାରାଦ୍ୱା ମନ୍ଦ୍ରମିତି ।

ଏହି ସବୁ ଅଙ୍ଗମାନଙ୍କର, ତିନୋଟି ସ୍ଥାନରୁ ଉତ୍ପତ୍ତି ହୋଇଥିବା ମନ୍ଦ୍ର, ମଧ୍ୟ ଏବଂ ତା'ର ସ୍ୱରର ମାଧ୍ୟମରେ ପ୍ରୟୋଗ ହୁଏ । କୌଣସି ଦୂରସ୍ଥ ପାତ୍ରକୁ ଡାକିବା ପାଇଁ ତାର ସ୍ୱରର, ଯାହା ମୂର୍ଦ୍ଧା ସ୍ଥାନରେ ଉତ୍ପନ୍ନ ହୁଏ, ଯେଉଁ ପାତ୍ର ଅଧିକ ଦୂରରେ ନାହିଁ ତାକୁ ଡାକିବା ପାଇଁ କଣ୍ଠସ୍ଥାନରୁ ଉତ୍ପନ୍ନ ହେଉଥିବା ମଧ୍ୟମ ସ୍ୱରର ପ୍ରୟୋଗ ହେବା ଉଚିତ । ତଥା କୌଣସି ସମୀପସ୍ଥିତ ପାତ୍ର ସହିତ ବାର୍ତ୍ତାଳାପ କରିବା ପାଇଁ ବକ୍ଷସ୍ଥଳରୁ ଉତ୍ପନ୍ନ ହେଉଥିବା ମନ୍ଦ୍ରସ୍ୱରରୁ ତାର ସ୍ୱରକୁ ବା ତାର ସ୍ୱରରୁ ମନ୍ଦ୍ର ସ୍ୱରକୁ ଏକା ଏକା ପହଞ୍ଚିବା ଉଚିତ ନୁହେଁ ।

ଏଷାଞ୍ଚ ଦ୍ରୁତମଧ୍ୟବିଳମ୍ବିତାସ୍ତ୍ରୟୋ ଲୟା ରସେଷୂପପାଦ୍ୟାଃ ।
ତତ୍ର ହାସ୍ୟଶୃଙ୍ଗାରୟୋର୍ମଧ୍ୟଲୟଃ, କରୁଣେ ବିଳମ୍ବିତେ,
ବୀରରୌଦ୍ରା – ଦ୍ଭୁତବୀଭତ୍ସଭୟାନକେଷୁ ଦ୍ରୁତ ଇତି ।

ଏହି ସ୍ୱରମାନଙ୍କର ତିନି ପ୍ରକାର ଲୟ ମଧ୍ୟ ବିଭିନ୍ନ ରସରେ ଉପଯୋଗ ହୋଇଥାଏ । ହାସ୍ୟ ତଥା ଶୃଙ୍ଗାରରସରେ ମଧ୍ୟଲୟ କରୁଣରେ ବିଳମ୍ବିତ ତଥା ବୀର, ରୌଦ୍ର, ଅଦ୍ଭୁତ, ବୀଭତ୍ସ ଏବଂ ଭୟାନକ ରସରେ ଦ୍ରୁତଲୟର ପ୍ରୟୋଗ କରିବା ଉଚିତ ।

ବିରାମ ଓ ତା'ର ଲକ୍ଷଣ :–

ଅଥ ବିରାମଃ – ଅର୍ଥସମାପ୍ତୌ, କାର୍ଯବଶାନ୍ନ ଛନ୍ଦୋବଶାତ୍ । କସ୍ମାତ୍ ? ଦୃଶ୍ୟନ୍ତେ ହ୍ୟେକଦ୍ୱିତ୍ରିଚତୁରକ୍ଷରା ବିରାମାଃ ।

ଯଥା –

କିଂ, ଗଚ୍ଛ, ମା ବିଶ, ସୁଦୁର୍ଜ୍ଜନ, ବାରିତୋଽସି କାର୍ଯଂ, ତ୍ୱୟା ନ, ମମ ସର୍ବଜନୋପଭୁକ୍ତମ୍ ।
ସୃଗ୍ଧସ୍ୟ ଗ୍ୱଜ୍ଜୁରଗତେ ଚ ତଥୈପସ୍ତ୍ରେ ସ୍ୱଳ୍ପାକ୍ଷରାଣି ହି ପଦାନି ଭବନ୍ତି କାବ୍ୟେ ।୬୨ ।।

ଏହାପରେ ବିରାମ ପ୍ରସଙ୍ଗରେ କହିବି, ଯାର ପାଠ୍ୟରେ ପ୍ରୟୋଗ ହୋଇଥାଏ । ଏହା ବାକ୍ୟର ସମାପ୍ତି ଅର୍ଥାତ୍ ଅର୍ଥର ସମାପ୍ତିରେ କିମ୍ବା ପରିସ୍ଥିତି ଉପରେ ନିର୍ଭର କରେ । କେବଳ ଛନ୍ଦର ଲକ୍ଷଣ ପାଇଁ ବିରାମ ରହେନାହିଁ । କାରଣ ବ୍ୟବହାରରେ ଦେଖାଯାଇଛି ଯେ ଗୋଟିଏ, ଦୁଇଟି, ତିନୋଟି ବା ଚାରୋଟି ଅକ୍ଷର ପରେ ମଧ୍ୟ ବିରାମ ଆସେ । ଯେଭଳି –

ରେ, ଦୁଷ୍ଟ, କଣ, ପଳା, ଆଗକୁ ବଢ଼ନା, ତୋତେ ବାରଣ କରାଯାଉଛି । ଆରେ ଦୁର୍ବଳ ପୁରୁଷ ତୁ ସମସ୍ତଙ୍କ ଦ୍ୱାରା ଉପହାସିତ ହେଉଛୁ । ମୋର ତୋ ଠାରେ କୌଣସି କାର୍ଯ୍ୟ ନାହିଁ ।

ଏପରି ଭାବରେ ଅଳ୍ପ ଅକ୍ଷର ଥିଲେ ମଧ୍ୟ କାବ୍ୟରେ ସୂତ୍ର ତଥା ଅଂକୁର ଅଭିନୟଯୁକ୍ତ ହୋଇ ଏବଂ 'ବିରାମ'ର ସଂବଦ୍ଧତା ଫଳରେ ସେ ସମୟରେ ସ୍ୱତଃ ସେଥିରେ ଗୁଣଶାଳିତା ଆସିଥାଏ ।

ଏବଂ ବିରାମେ ପ୍ରଯତ୍ନୋଽନୁଷ୍ଠେୟଃ । କସ୍ମାତ୍ ? ବିରାମୋ ହ୍ୟର୍ଥାନୁଦର୍ଶକଃ

ଅତଏବ 'ବିରାମ'ର ପ୍ରୟୋଗରେ ଯତ୍ନବାନ ହେବା ଉଚିତ । କାରଣ ବିରାମ ଅର୍ଥର ସ୍ପଷ୍ଟତା ପାଇଁ ପରମ ସହାୟକ ।

ଅତ୍ରଶ୍ଳୋକଃ :—

ବିରାମେଷୁ ପ୍ରଯତ୍ନୋ ହି ନିତ୍ୟଂ କାର୍ଯ୍ୟଃ ପ୍ରୟୋକ୍ତୃଭିଃ
କସ୍ମାଦଭିନୟୋ ହ୍ୟସ୍ମିନ୍ନର୍ଥାପେକ୍ଷୋ ଯତଃ ସ୍ମୃତଃ ।୬୩ ।।

ବାଚିକ ଅଭିନୟରେ 'ବିରାମ' ଉପରେ ନାଟ୍ୟ ନିର୍ଦ୍ଦେଶକ ସର୍ବଦା ଧ୍ୟାନ ଦେବା ଉଚିତ କାରଣ ଅଭିନୟ ଉଚ୍ଚାରିତ ଶବ୍ଦମାନଙ୍କର ଅର୍ଥ ଉପରେ ନିର୍ଭର କରିଥାଏ । ଅଳଙ୍କାର ତଥା ବିରାମରେ ହସ୍ତ ସଞ୍ଚାଳନ – ବିଧି ।

ଯତ୍ର ବ୍ୟାଗ୍ରାବୁଭୌ ହସ୍ତୌ ତତ୍ର ଦୃଷ୍ଟି ସମନ୍ୱିତଃ
ବାଚିକାଭିନୟଃ କାର୍ଯୋ ବିରାମୈରର୍ଥଦର୍ଶକଃ ।୬୪ ।।

(ନୃତ୍ୟ ସମୟରେ) ଦୃଷ୍ଟି ସେଠାରେ ରହିବ ଯେଉଁଠାରେ ହସ୍ତ ମୁଦ୍ରାମାନଙ୍କର ପ୍ରଦର୍ଶନ କରୁଛି । ସେଭଳି ସ୍ଥିତିରେ ଅର୍ଥ ସ୍ପଷ୍ଟ କରିବାକୁ ବିରାମ ସହିତ ବାଚିକାଭିନୟ ଅବଶ୍ୟ ରଖିବା ଉଚିତ ।

ପ୍ରାୟୋ ବୀରେ ଚ ରୌଦ୍ରେ ଚ କରୌ ପ୍ରହରଣାକୁଳୌ
ବୀଭତ୍ସେ କୁତ୍ସିତତ୍ୱାଚ୍ଚ ଭବତଃ କୁଞ୍ଚିତୌ କରୌ ।୬୫ ।।

ହାସ୍ୟେ ଚୈକଦେଶମାତ୍ରେଣ କରୁଣେ ଚ ପ୍ରଲମ୍ବିତୌ
ଅଦ୍ଭୁତେ ବିସ୍ମୟାତ୍ ସ୍ତବ୍ଧୌ ଭୟାଚ୍ଚୈବ ଭୟାନକେ ।୬୬ ।।

ଏପରି ଭାବରେ ରୌଦ୍ର ଏବଂ ବୀର ରସରେ ହାତ ଶସ୍ତ୍ର ପ୍ରହାର ପାଇଁ ବ୍ୟସ୍ତ ରହିଥାନ୍ତି । ବୀଭତ୍ସ ରସରେ କୁତ୍ସିତ ବସ୍ତୁର ଅବଲୋକନ ଆଦି କାରଣରୁ ହାତ ସଂକୁଚିତ ହୋଇରହେ । ହାସ୍ୟରସରେ କୌଣସି ବ୍ୟକ୍ତି କିମ୍ବା ବସ୍ତୁ ଦିଗକୁ ବଢ଼ି ରହିଥାଏ ଏବଂ ଅଦ୍ଭୁତ ରସରେ ଆଶ୍ଚର୍ଯ୍ୟ ହେତୁ ହାତ ସ୍ତବ୍ଧ ଅର୍ଥାତ୍ କ୍ରିୟାହୀନ ହୋଇଯାଏ ।

ଏବମାଦିଷୁ ଗ୍ରନ୍ଥେଷୁ ପ୍ରବିଗ୍ରରୋଽଥ ହସ୍ତୟୋଃ
ଅଳଂକାରବିରାମାଭ୍ୟାଂ ସାଧ୍ୟତେ ହ୍ୟର୍ଥନିଶ୍ଚୟଃ ।।୬୭।।

ଏଭଳି ଅନ୍ୟ ଅବସରରେ ମଧ୍ୟ ଅଳଂକାର ଏବଂ ବିରାମଦ୍ୱାରା ହିଁ ପ୍ରଦର୍ଶିତ ଅର୍ଥ ସ୍ପଷ୍ଟ ହୋଇଥାଏ ।

ଯେ ବିରାମାଃ ସ୍ମୃତା ବୃତ୍ତେ ତେଷ୍ୱଳଙ୍କାର ଇଷ୍ୟତେ
ସମାପ୍ତେଽର୍ଥେ ପଦେ ବାପି ତଥା ପ୍ରାଣବଶେନ ବା ।।୬୮।।

ପଦବର୍ଣ୍ଣସମାସେ ଚ ଦ୍ରୁତେ ବହ୍ୱର୍ଥସଙ୍କଟେ
କାର୍ଯ୍ୟୋ ବିରାମଃ ପାଦାନ୍ତେ ତଥା ପ୍ରାଣବଶେନ ବା ।।୬୯।।

ଶେଷମର୍ଥବଶେନୈବ ବିରାମଂ ସଂପ୍ରୟୋଜୟେତ୍

ପାଦ୍ୟରେ ଯେଉଁ ବିରାମ ଥାଏ ତହିଁରେ ଅଳଙ୍କାରର ମଧ୍ୟ ନିହତିତାର୍ଥ ରହିଥାଏ । ଶବ୍ଦର ଅର୍ଥ ସମାପ୍ତିରେ ବା ନିଃଶ୍ୱାସ ନେବା କାରଣରୁ, ଯାହା ବି ହେଉ ସେଠାରେ ବିରାମ ଅବଶ୍ୟ ଦେବା ଉଚିତ । ସେହିଭଳି ଯେଉଁଠାରେ ଅକ୍ଷର ଏବଂ ଶବ୍ଦ ଦୀର୍ଘ ସମାସାବଳୀରେ ସମାବିଷ୍ଟ ହୋଇଥିବେ ବା ସେମାନଙ୍କର ଉଚ୍ଚାରଣ ଶୀଘ୍ରଗତିରେ କରା ଯାଉଥିବ ବା ସେଥିରୁ ଅନେକାର୍ଥ ପ୍ରକାଶିତ ହେଉଥିବେ ତେବେ ଏହି ସବୁ ସ୍ଥିତିରେ ପାଦର ସମାପ୍ତି ଅବା ନିଃଶ୍ୱାସ ନେବା ପାଇଁ ଯେଉଁଠାରେ ବି ରହିବା ଆବଶ୍ୟକ ସେଠାରେ ବିରାମ ରହିବା ଉଚିତ । ଏମାନଙ୍କବ୍ୟତୀତ ଅନ୍ୟସ୍ଥାନରେ ଅର୍ଥ ଅନୁସାରେ ବିରାମର ଯୋଜନା କରାଯିବା ଉଚିତ ।

ଅତ୍ର ଚ ଭାବଗତାନି ରସଗତାନି ଚ କୃଷ୍ୟାକ୍ଷରାଣି ବୋଦ୍ଧବ୍ୟାନି । ତଦ୍ୟଥା –

ଏହି ପ୍ରସଙ୍ଗରେ ଭାବ ତଥା ରସରେ ହେଉଥିବା କୃଷ୍ୟାକ୍ଷର ମାନଙ୍କୁ ମଧ୍ୟ ଜାଣିବା ଉଚିତ ।

କୃଷ୍ୟାକ୍ଷର ଏବଂ ସେମାନଙ୍କର ବ୍ୟବହାର :–

ଆକାରୈକାରସଂଯୁକ୍ତମେକାରୌକାରସଂଯୁତମ୍
ବ୍ୟଞ୍ଜନଂ ଯଦ୍ଭବେଦତ୍ର କୃଷ୍ୟଂ ତଦ୍ଧି ବିଧୀୟତେ ।।୭୦।।

ଯେଉଁ ବ୍ୟଞ୍ଜନ ଆକାର ଯୁକ୍ତ କିମ୍ବା ଏ ଐ ଔ ପରି ଦୀର୍ଘାକ୍ଷର ପରି ସେମାନଙ୍କୁ କୃଷ୍ୟାକ୍ଷର ବୋଲି ବୁଝିବା ଉଚିତ୍ ।

ବିଷାଦେ ଚ ବିତର୍କେ ଚ ପ୍ରଶ୍ନେଽଥାମର୍ଷ ଏବ ଚ
କାକ୍କ କାଳପ୍ରମାଣେନ ପାଠ୍ୟଂ କାର୍ଯ୍ୟେ ପ୍ରୟୋକ୍ତୃଭି ।।୭୧।।

ବିଷାଦ, ବିତର୍କ, ପ୍ରଶ୍ନ ଏବଂ କ୍ରୋଧରୁ ଅବସ୍ଥାରେ ସମ୍ବାଦରେ ଏଭଳି ବର୍ଣ୍ଣ ଆସିଲେ ସେଠାରେ ଏକକାଳର ବିରାମ ପ୍ରମାଣାନୁସାରେ ରଖାଯିବା ଉଚିତ ।

ଶେଷାଣାମର୍ଥଯୋଗେନ ବିରାମେ ବିରମେଦିହ
ଏକଦ୍ୱିତ୍ରିଚତୁଃପଞ୍ଚ-ଷଟ୍‌କଳଞ୍ଚ ବିଳମ୍ବିତମ୍ ।।୭୨।।

ଏମାନଙ୍କବ୍ୟତୀତ ବାକି ଅକ୍ଷର ଥିଲେ ସେମାନଙ୍କର ଅର୍ଥ ଅନୁସାରେ ଯେଉଁ ବିରାମ ରଖାଯିବ ତାହା ଏକ, ଦୁଇ, ତିନି, ଚାରି ପାଞ୍ଚ କିମ୍ବା କଳା ସମୟର ହେବା ଉଚିତ ।

ବିଳମ୍ବିତେ ବିରାମେ ହି ସଦା ଗୁର୍ବକ୍ଷରଂ ଭବେତ୍
ଷଣ୍ଣାଂ କଳାନାଂ ପରତୋ ବିଳମ୍ବୋ ନ ବିଧୀୟତେ ।।୭୩।।

ଯାହା ସବୁଠାରୁ ଅଧିକ ସମୟର ବିରାମ ସେଠାରେ ଗୁରୁ ଅକ୍ଷର ରହିବା ଉଚିତ । କିନ୍ତୁ ଛଅ କଳାରୁ ଅଧିକ ବିରାମ ହେବା ଉଚିତ ନୁହେଁ ।

ଅଥବା କାରଣୋପେତଂ ପ୍ରୟୋଗଂ କାର୍ଯମେବ ଚ
ସମୀକ୍ଷ୍ୟ ବୃତ୍ତେ କର୍ତବ୍ୟୋ ବିରାମୋ ରସଭାବତଃ ।।୭୪।।

ବା କୌଣସି କାର୍ଯ୍ୟ କିମ୍ବା ଅନ୍ୟ ଆବଶ୍ୟକତା ହେଲେ ଆହୁରି ଅଧିକ ସମୟର 'ବିରାମ' ରହି ପାରିବ ମାତ୍ର ତାହା ରସ ଏବଂ ଭାବର ସ୍ଥିତିକୁ ଦେଖି ରଖିବା ଉଚିତ ।

ଯେ ବିରାମାଃ ସ୍ମୃତାଃ ପାଠ୍ୟେ ବୃତ୍ତପାଦସମୁଦ୍ଭବାଃ
ଉତ୍‌କ୍ରମ୍ୟାପି କ୍ରମଂ ତଜ୍ଜ୍ଞୈଃ କାର୍ଯାସ୍ତେଽର୍ଥବଶାନୁଗାଃ ।।୭୫।।

କାବ୍ୟ ରଚନାରେ 'ପାଦ'ର ବିଭାଜନରେ ହିଁ ବିରାମର ସୃଷ୍ଟି ହୋଇଥାଏ । ମାତ୍ର ରଙ୍ଗମଞ୍ଚ ଉପରେ ଅନେକ ଅର୍ଥ ପ୍ରକାଶିତ କରିବା ନିମନ୍ତେ ଚତୁର ଜନ ନିର୍ଦ୍ଦିଷ୍ଟ କ୍ରମରେ ପରିବର୍ତ୍ତନ କରି କ୍ରମ ରଖି ପାରିବେ ।

ନାପଶବ୍ଦଂ ପଠେଦ୍‌ଦ୍ଧୋ ଭିନ୍ନବୃତ୍ତଂ ତଥୈବ ହି
ବିଶ୍ରମେନ୍ନାବିରାମେଷୁ ଦୈନ୍ୟେ କାକୁଂ ନ ଦୀପୟେତ୍ ।।୭୬।।

କୌଣସି ହେଲେ ପାତ୍ର ଅଶୁଦ୍ଧ ଶବ୍ଦ ଏବଂ ଲକ୍ଷଣହୀନ ଛନ୍ଦପାଠ କରିବେ ନାହିଁ । ନିର୍ଦ୍ଦିଷ୍ଟ ବିରାମ ସ୍ଥଳ ବ୍ୟତୀତ ଅନ୍ୟ ସ୍ଥାନମାନଙ୍କରେ ଅଧିକ ସମୟପାଇଁ ରହିବେ ନାହିଁ ଏବଂ ଦୈନ୍ୟପୂର୍ଣ୍ଣ ଅବସ୍ଥାରେ ସଂବାଦ କହିବା ସମୟରେ କାକୁକୁ ଦୀପ୍ତ କରିବା ଉଚିତ ନୁହେଁ ।

ବର୍ଜିତଂ କାବ୍ୟଦୋଷୈସ୍ତୁ ଲକ୍ଷଣାଢ୍ୟଂ ଗୁଣାନ୍ୱିତମ୍
ସ୍ୱରାଲଙ୍କାରସଂଯୁକ୍ତଂ ପଠେତ୍ ପାଠ୍ୟଂ ଯଥାବିଧି ।।୭୭।।

ଯେଉଁ କାବ୍ୟରଚନାର ମଞ୍ଚ ଉପରେ ଅଭିନେତା ଦ୍ୱାରା ପାଠ ହେବ ତାହା କାବ୍ୟ ଦୋଷଯୁକ୍ତ ହେବା ଉଚିତ ନୁହେଁ । ତାହା ଲକ୍ଷଣ ତଥା ଗୁଣମାନଙ୍କ ଦ୍ୱାରା ଏବଂ ସ୍ୱର ତଥା ଅଳଂକାର ଯୁକ୍ତ ହୋଇଥିବା ଉଚିତ ।

ଅଳଙ୍କାରା ବିରାମାଶ୍ଚ ଯେ ପାଠ୍ୟେ ସଂସ୍କୃତେ ମତାଃ
ତ ଏବ ସର୍ବେ କର୍ତବ୍ୟାଃ ସ୍ତ୍ରୀଣାଂ ପାଠ୍ୟେ ତ୍ୱସଂସ୍କୃତେ ।।୭୮ ।।

ସଂସ୍କୃତ ପାଠ୍ୟ ନିମନ୍ତେ ଯେଉଁ ଅଳଂକାର ତଥା ବିରାମ ସଂବନ୍ଧରେ ମୁଁ କହିଛି ତାହା ସ୍ତ୍ରୀ ପାତ୍ରମାନଙ୍କ ଦ୍ୱାରା କୁହାହେବା ପ୍ରାକୃତ ପାଠ୍ୟରେ ମଧ୍ୟ ଅନୁସୃତ ହେବା ଉଚିତ ।

ଏବମେତତ୍ସ୍ୱରକୃତଂ କଳାକାଳଲୟାନ୍ୱିତମ୍
ଦଶରୂପବିଧାନେ ତୁ ପାଠ୍ୟଂ ଯୋଜ୍ୟଂ ପ୍ରଯୋକ୍ତୃଭିଃ ।।୭୯ ।।

ନାଟ୍ୟ ପ୍ରଯୋକ୍ତା ବା ନିର୍ଦ୍ଦେଶକ ଦଶ ରୂପକକୁ ମଞ୍ଚ ଉପରେ ପ୍ରଦର୍ଶିତ କରିବା ସମୟରେ ଏହି ପାଠ୍ୟ ସଂବାଦକୁ ଉଚିତ ପ୍ରକାରେ ସ୍ୱର କଳା ତାଳ ଏବଂ ଲୟ ଯୁକ୍ତ ରଖି ବିଗ୍ୱର ପୂର୍ବକ ପ୍ରସ୍ତୁତ କରିବା ବିଧେୟ ।

ଉକ୍ତଂ କାକୁବିଧାନନ୍ତୁ ଯଥାବଦନୁପୂର୍ବଶଃ
ଅତ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଦଶରୂପବିକଳ୍ପନମ୍ ।।୮୦।।

ଇତି ଭାରତୀୟେ ନାଟ୍ୟଶାସ୍ତ୍ରେ ବାଗଭିନୟେ କାକୁସ୍ୱରବ୍ୟଞ୍ଜନୋ ନାମ ଏକୋନବିଂଶୋଽଧ୍ୟାୟଃ ।

ଏହିପରି ଭାବରେ ମୁଁ ଯଥୋଚିତ ଭାବରେ କ୍ରମଶଃ କାକୁସ୍ୱରାଦି ବିଷୟରେ ଆପଣଙ୍କୁ କହିଲି । ତା'ପରେ ମୁଁ ଦଶରୂପକ ସ୍ୱରୂପ ପ୍ରସଙ୍ଗରେ କହିବି ।

ଭରତମୁନିପ୍ରଣୀତ ନାଟ୍ୟଶାସ୍ତ୍ରରେ କାକୁସ୍ୱର-ବ୍ୟଞ୍ଜନ ସମ୍ବୋଧନ ଆଦି ନିରୂପଣ ନାମକ ଊନବିଂଶ ଅଧ୍ୟାୟ ସଂପୂର୍ଣ୍ଣ ହେଲା ।

ସମାପ୍ତଶ୍ଚାୟଂ ଦ୍ୱିତୀୟୋ ଭାଗଃ

◆

ଶ୍ରୀ ଶ୍ରୀନିବାସ ଉଦ୍‌ଗାତା

ଜନ୍ମ- ୬.ଜାନୁଆରୀ , ୧୯୩୫ ।। କବି କୁଟୀର ,ବଲାଙ୍ଗୀର
କବି,କଥାକାର,ଔପନ୍ୟାସିକ,ନାଟ୍ୟକାର,ପ୍ରାବନ୍ଧିକ,ସମ୍ପାଦକ,
ଅନୁବାଦକ,ଚିତ୍ରଶିଳ୍ପୀ,ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ,ନୃତ୍ୟ-
ନାଟ୍ୟ-କଳା ମର୍ମଜ୍ଞ ଶ୍ରୀ ଉଦ୍‌ଗାତାଙ୍କର ଏ ଯାବତ୍ ଆପାତତଃ
ଦେଢ଼ଶହ ଗ୍ରନ୍ଥ ପ୍ରକାଶିତ ହୋଇ ସାରିଛି ଏବଂ ସେ କେନ୍ଦ୍ର
ସାହିତ୍ୟ ଏକାଡେମୀ (ଅନୁବାଦ),ଉତ୍ତରପ୍ରଦେଶ ହିନ୍ଦୀ ସାହିତ୍ୟ
ସଂସ୍ଥାନ , ଲକ୍ଷ୍ନୌ ପକ୍ଷରୁ ସୌହାର୍ଦ୍ଦ ସମ୍ମାନ ,ଅଖିଳ ଭାରତୀୟ
ଦିଗମ୍ବର ଜୈନ ମହାସଭା ପକ୍ଷରୁ ଆଚାର୍ଯ୍ୟ ବିଦ୍ୟାସାଗର
ସମ୍ମାନ ଓ ପୁରସ୍କାର , କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ କର୍ତ୍ତୃକ
ମହାମହିମ ରାଷ୍ଟ୍ରପତିଙ୍କଦ୍ୱାରା ପୁରସ୍କୃତ, ବିଶ୍ୱ ହିନ୍ଦୀ ସମ୍ମେଳନ
ପକ୍ଷରୁ ସହସ୍ରାବ୍ଦୀ ସାରସ୍ୱତ ସମ୍ମାନ,କବିତାଲାଗି 'ଝଂକାର'
ପୁରସ୍କାର,ମର୍ଯ୍ୟାଦାବନ୍ତ ଶାରଳା ସମ୍ମାନ ଏବଂ ଶାରଳା
ପୁରସ୍କାର ସମେତ ପ୍ରାୟ ଅର୍ଦ୍ଧଶତାଧିକ ପୁରସ୍କାର-ସମ୍ମାନାଲଙ୍କୃତ
ହୋଇଛନ୍ତି । ସେ ବହୁ ଜାତୀୟ, ପ୍ରାନ୍ତୀୟ ସମାରୋହ ଓ
ସମ୍ମାନରେ ଭାଗ ନେଇଛନ୍ତି , ଅଧ୍ୟକ୍ଷତା କରିଛନ୍ତି ।

ଶ୍ରୀ ଉଦ୍‌ଗାତା , ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ
ଉପସଭାପତି/ସଭାପତି , ସଂପ୍ରତି 'ଆତ୍ମପ୍ରକାଶନୀ' ସାରସ୍ୱତ
ସଂସ୍ଥାର ସ୍ଥାୟୀ ସଭାପତି, ଭାରତୀୟ ଭାଷା ସମ୍ମେଳନର
ନ୍ୟାସୀ ସଦସ୍ୟ , ନବଲିପି ପ୍ରକାଶଧାରା ନ୍ୟାସମଣ୍ଡଳର ଅଧ୍ୟକ୍ଷ
ଓ ଜାତୀୟ ସ୍ତରରେ ଅନେକ ଅନୁଷ୍ଠାନର ଉପଦେଷ୍ଟା ସଦସ୍ୟ
ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିନେଟ ସଭ୍ୟ......

ISBN - 81 - 7586 - 084 - 7